ଧରିତ୍ରୀ
DHARITRI

ଧରିତ୍ରୀ 52 Years

ଭୁବନେଶ୍ୱର, ବୁଧବାର, ଫେବୃଆରୀ ୪/୨୦୨୬ (୧୪ ପୃଷ୍ଠା) | Bhubaneswar, Wednesday, February 4/2026 | Page 14 | ₹ 7.00 | SAMBALPUR

୫୨ଶ ଭାଗ ୭୨ ସଂଖ୍ୟା | www.orissakhabar.com/www.dharitri.com | Printed at Sambalpur, Bhubaneswar, Rayagada & Angul | VOLUME 52 ISSUE 72 | ମୂଲ୍ୟ ₹୭/-



# ଲୋକଙ୍କ ଡାଟା ସହ ଖେଳ ନାହିଁ


## ପ୍ରିଭେସି ପଲିସି ନେଇ ମେଟା ଓ ହ୍ୱାଟ୍ସଆପ୍‌କୁ ସୁପ୍ରିମକୋର୍ଟଙ୍କ ଭର୍ତ୍ସନା

**ମେଟା ପ୍ଲାଟଫର୍ମ୍ସ ଓ ହ୍ୱାଟ୍ସଆପ୍ ଏଲ୍‌ସିସି ଲୋକଙ୍କ ଡାଟା ସହ ଖେଳିପାରିବେ ନାହିଁ ବୋଲି ସୁପ୍ରିମକୋର୍ଟ ମଙ୍ଗଳବାର ଭର୍ତ୍ସନା କରିଛନ୍ତି। ମେଟା କମ୍ପାନୀର ପ୍ରିଭେସି ପଲିସି ବିରୋଧରେ ସର୍ବୋଚ୍ଚ ଅଦାଲତ କଡ଼ା ଟିପ୍ପଣୀ ଦେଇ କହିଛନ୍ତି, ସେମାନଙ୍କୁ ଭାରତୀୟମାନଙ୍କ ବ୍ୟକ୍ତିଗତ ତଥ୍ୟର ଦୁରୁପଯୋଗ କରିବାକୁ ଦିଆଯିବ ନାହିଁ। ହ୍ୱାଟ୍ସଆପ୍‌ର ଡାଟା ଶେୟାରିଂ ପଲିସି 'ଶୋଷଣକାରୀ' ଓ ଅନେକ ୟୁଜରଙ୍କ ପାଇଁ ଅବୁଝା। ତେଣୁ ଏହି ମେସେଜିଂ ଆପ୍ ଏପରି ପଲିସି ଆଣିବା କଥା, ଯାହାକୁ ଦେଶର ଅନେକ ନିୟୁତ ଗରିବ ଓ ଅଶିକ୍ଷିତ ଲୋକ ବୁଝିପାରିବେ ବୋଲି ଭାରତର ପ୍ରଧାନ ବିଚାରପତି (ସିଜେଆଇ) ସୂର୍ଯ୍ୟକାନ୍ତଙ୍କ ଖଣ୍ଡପୀଠ ତାଗିଦ କରିଛନ୍ତି। କମ୍ପାନୀ ଏଥିରେ ବିଫଳ ହେଲେ ଭାରତ ଛାଡ଼ି ଚାଲିଯିବା ଉଚିତ କହି ଅଦାଲତ ଅସନ୍ତୋଷ ବ୍ୟକ୍ତ କରିଛନ୍ତି।**

ନୂଆଦିଲ୍ଲୀ,୩।୨(ପି.ଟି./ଲାଇଭ୍ ଲ)

ହ୍ୱାଟ୍ସଆପ୍‌ର ପ୍ରିଭେସି ପଲିସିକୁ ନେଇ କମ୍ପିଟିଶନ କମିଶନ ଅଫ୍ ଇଣ୍ଡିଆ (ସିସିଆଇ) ୨୦୨୧ ନଭେମ୍ବର ୮ରେ ଏହା ଉପରେ ୨୧୩.୧୪ କୋଟି ଟଙ୍କା ଜରିମାନା କରିଥିଲେ। ହ୍ୱାଟ୍ସଆପ୍ ଏହାକୁ ନ୍ୟାଶନାଲ କମ୍ପାନୀ ଲ' ଅପିଲେଟ୍ ଟ୍ରିବ୍ୟୁନାଲ(ଏନ୍‌ସିଏଲ୍‌ଏଟି)ରେ ଚ୍ୟାଲେଞ୍ଜ କରିଥିଲା। ଟ୍ରିବ୍ୟୁନାଲ ସିସିଆଇଙ୍କ ଜରିମାନା ଆଦେଶକୁ ବଳବତ୍ତର ରଖିବା ପରେ ହ୍ୱାଟ୍ସଆପ୍ ସୁପ୍ରିମକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲା। ସିଜେଆଇ ସୂର୍ଯ୍ୟକାନ୍ତଙ୍କ ଅଧ୍ୟକ୍ଷତାରେ ଜଷ୍ଟିସ୍ ଜୟମାଲା ବାଗ୍‌ଚୀ ଓ ଭିପୁଲ ପାଞ୍ଚୋଲିଙ୍କୁ ନେଇ ଗଠିତ ଖଣ୍ଡପୀଠ ମଙ୍ଗଳବାର ଏହି ପ୍ରସଙ୍ଗରେ ଶୁଣାଣି କରିଛନ୍ତି। ଶୁଣାଣିବେଳେ ସିଜେଆଇ କହିଛନ୍ତି, ଆମେରିକୀୟ କମ୍ପାନୀ, ତୁମେ ପ୍ରିଭେସି ସହ ଖେଳିପାରିବ ନାହିଁ। ତୁମକୁ ଆମ ଡାଟାର ଗୋଟିଏ ବି ସଂଖ୍ୟା ଶେୟାର କରିବାକୁ ଅନୁମତି ଦିଆଯିବ ନାହିଁ। ଏହାକୁ ଭାରତୀୟଙ୍କୁ ଶୋଷଣ ☞ପୃଷ୍ଠା-୨


# ଟାରିଫ୍‌କୁ ନେଇ କଂଗ୍ରେସ-ଭାଜପା ମୁହାଁମୁହିଁ

**ନୂଆଦିଲ୍ଲୀ,୩।୨**

## ଚାପରେ ପ୍ରଧାନମନ୍ତ୍ରୀ ଦେଶକୁ ବିକିଦେଇଛନ୍ତି: ରାହୁଲ


ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀ ସଂସଦ ବାହାରେ ଟାରିଫ୍‌କୁ ନେଇ ପ୍ରତିକ୍ରିୟା ଦେଉଛନ୍ତି।

ଆମେରିକା ଭାରତ ଉପରୁ ଟାରିଫ୍ ହ୍ରାସ କରିବା ପ୍ରସଙ୍ଗକୁ ନେଇ କଂଗ୍ରେସ ଏବଂ ଭାଜପା ମୁହାଁମୁହିଁ ହୋଇଛନ୍ତି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଚାପରେ ଦେଶକୁ ବିକି ଦେଇଛନ୍ତି ବୋଲି ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀ ଅଭିଯୋଗ କରିବା ସହିତ ଟାରିଫ୍ ସହିତ ଆଦାନୀ ଏବଂ ଏପ୍‌ଷ୍ଟିନ୍ ଫାଇଲ୍ ପ୍ରସଙ୍ଗକୁ ଯୋଡ଼ିଛନ୍ତି। ମଙ୍ଗଳବାର ସଂସଦ ବାହାରେ ଗଣମାଧ୍ୟମ ପ୍ରତିନିଧିମାନଙ୍କୁ ନିଜର ପ୍ରତିକ୍ରିୟା ଦେଇ ରାହୁଲ କହିଛନ୍ତି , ବର୍ତ୍ତମାନ ଆମେରିକୀୟ ଅଦାଲତରେ ଶିଳ୍ପପତି ଗୌତମ ଆଦାନୀଙ୍କ ମାମଲା ବିଚାରାଧୀନ ରହିଛି। କିନ୍ତୁ ସେମାନେ ଆଦାନୀଙ୍କୁ ଟାର୍ଗେଟ ନ କରି ପ୍ରଧାନମନ୍ତ୍ରୀ ମୋଦି ଏବଂ ଭାଜପାକୁ ଟାର୍ଗେଟ କରୁଛନ୍ତି। କାରଣ ଆଦାନୀଙ୍କ ଆର୍ଥିକ ସାମ୍ରାଜ୍ୟ ମୋଦି ଏବଂ ଭାଜପା ଉପରେ ନିର୍ଭର କରୁଛି। ଏହାଛଡ଼ା ମୋଦିଙ୍କୁ ନେଇ ଏପ୍‌ଷ୍ଟିନ୍ ଫାଇଲରେ ଆହୁରି ଅନେକ ତଥ୍ୟ ଆସି ନାହିଁ। ଏହି ଦୁଇଟି ବିଷୟକୁ ନେଇ ମୋଦି ଚାପଗ୍ରସ୍ତ ହୋଇଥିବାରୁ ଭାରତ-ଆମେରିକା ବାଣିଜ୍ୟିକ ଚୁକ୍ତିରେ ସାଲିସ୍ କରିଛନ୍ତି ଯଦ୍ୱାରା ଟାରିଫ୍‌କୁ ନେଇ ବୁଝାମଣା ହୋଇଛି। ଉଭୟ ଦେଶ ମଧ୍ୟରେ ବାଣିଜ୍ୟିକ ଚୁକ୍ତି ବୁଝାମଣା ପାଇଁ ମାସ ମାସ ବିତିଯାଇଥିଲା ବେଳେ ଅଚାନକ ଟାରିଫ୍ ହ୍ରାସ ଘୋଷଣା କେମିତି ହେଲା ବୋଲି ସେ ପ୍ରଶ୍ନ ଉଠାଇଛନ୍ତି। କିନ୍ତୁ ମୋଦି ସାଲିସ୍ କରି ଦେଶକୁ ବିକି ଦେଇଛନ୍ତି ବୋଲି ରାହୁଲ କହିଛନ୍ତି।


ପୀୟୂଷ ଗୋଏଲ

### ବାଣିଜ୍ୟ ଚୁକ୍ତି ଐତିହାସିକ : ପୀୟୂଷ ଗୋଏଲ

ଭାରତ-ଆମେରିକା ଟାରିଫ୍ ବୁଝାମଣାକୁ ନେଇ କଂଗ୍ରେସ ଉଠାଇଥିବା ଅଭିଯୋଗ ଉପରେ କେନ୍ଦ୍ର ବାଣିଜ୍ୟ ମନ୍ତ୍ରୀ ପୀୟୂଷ ଗୋଏଲ ଉତ୍ତର ରଖିବା ସହିତ ଏହାକୁ ଐତିହାସିକ ବୋଲି କହିଛନ୍ତି। ମଙ୍ଗଳବାର ଏକ ସାମ୍ବାଦିକ ସମ୍ମିଳନୀରେ ପୀୟୂଷ କହିଛନ୍ତି, କୌଣସି ସାଲିସ୍ ନୁହେଁ,ଆମେରିକା ସହ ସମ୍ମାନର ସହିତ ଟାରିଫ୍ ବୁଝାମଣା ହୋଇଛି। ଏଥିରେ କୌଣସିସ୍ତରରେ ଜାତୀୟ ସ୍ୱାର୍ଥକୁ ଅଣଦେଖା କରାଯାଇ ନାହିଁ। ବରଂ ଏହି ବୁଝାମଣା ଦ୍ୱାରା ଅନ୍ତର୍ଜାତୀୟ ସ୍ତରରେ ଭାରତର ଅର୍ଥନୀତି ଆହୁରି ସୁଦୃଢ଼ ହେବା ସହିତ ଦେଶର ବର୍ଦ୍ଧିତ ଅର୍ଥନୈତିକ ଧାରା ଆହୁରି ସଶକ୍ତ ହେବ। ଚାଷୀଙ୍କଠାରୁ ଆରମ୍ଭ କରି ମତ୍ସ୍ୟଜୀବୀ, ମହିଳା ଉଦ୍ୟୋଗୀ, ଯୁବପିଢ଼ି ଏବଂ ଏମ୍‌ଏସ୍‌ଏମ୍‌ଇ କ୍ଷେତ୍ର ପାଇଁ ଅଧିକ ସୁଯୋଗ ମିଳିବ ବୋଲି ସେ କହିଛନ୍ତି। ଏହାପୂର୍ବରୁ ସେ ବିରୋଧୀଙ୍କୁ ଟାର୍ଗେଟ କରି କହିଥିଲେ, ରାହୁଲ ଗାନ୍ଧୀ ଜଣେ ନକାରାତ୍ମକ ମାନସିକତାର ମଣିଷ। ଡିଏମ୍‌କେ ହେଉ କି ଟିଏମ୍‌ସି, ଯେଉଁ ଦଳ ରାହୁଲଙ୍କ ସହ ହାତ ମିଳାଇଛନ୍ତି, ସେମାନେ ମଧ୍ୟ ସବୁକିଛିକୁ ନକାରାତ୍ମକ ଢଙ୍ଗରେ ଦେଖୁଛନ୍ତି। ଟାରିଫ୍ ବୁଝାମଣା ଦ୍ୱାରା ଭାରତରେ ଯେଉଁସବୁ କ୍ଷେତ୍ରରେ ଅପୂର୍ବ ସୁଯୋଗ ସୃଷ୍ଟି ହେବ ତାହାକୁ ସେମାନେ ଗ୍ରହଣ କରିବାକୁ ପ୍ରସ୍ତୁତ ନାହାନ୍ତି।

# ଲୋକ ସଭାରେ ବିରୋଧୀଙ୍କ ହଙ୍ଗାମା: ୮ ସାଂସଦ ନିଲମ୍ବିତ

**ନୂଆଦିଲ୍ଲୀ,୩।୨**

ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀ ସୋମବାର ଲୋକ ସଭାରେ ଉଠାଇଥିବା ପ୍ରସଙ୍ଗକୁ ନେଇ ବିରୋଧୀ ସଦସ୍ୟମାନେ ମଙ୍ଗଳବାର ପୁଣି ହଙ୍ଗାମା କରିଛନ୍ତି। ହଙ୍ଗାମା ଯୋଗୁ ଗୃହକୁ ବାରମ୍ବାର ମୁଲତବୀ ରଖାଯାଇଥିଲା ବେଳେ ବିଶୃଙ୍ଖଳିତ ଆଚରଣ ପାଇଁ କଂଗ୍ରେସର ୭ ସାଂସଦଙ୍କ ସମେତ ୮ ସଦସ୍ୟଙ୍କୁ ଗୃହରୁ ନିଲମ୍ବନ କରାଯାଇଛି। ୨୦୨୦ ଡୋକଲାମ୍ ଏବଂ ଗଲୱାନ୍ ସଂଘର୍ଷ ସମ୍ପର୍କରେ ପୂର୍ବତନ ସେନାମୁଖ୍ୟ ଏମ୍. ଏମ୍. ନରଓ୍ୱଣେଙ୍କ ଦ୍ୱାରା ଲିଖିତ ପୁସ୍ତକର ଅଂଶକୁ ନେଇ ରାହୁଲ ଗାନ୍ଧୀ ସୋମବାର ସରକାରଙ୍କୁ ଘେରିଥିଲେ। ମଙ୍ଗଳବାର ଗୃହକାର୍ଯ୍ୟ ଆରମ୍ଭ ହେବା ପରେ ରାଷ୍ଟ୍ରପତିଙ୍କ ଅଭିଭାଷଣକୁ ନେଇ ଧନ୍ୟବାଦ ପ୍ରସ୍ତାବ ଉପରେ ଆଲୋଚନା ଚାଲିଥିଲାବେଳେ ରାହୁଲ ପୁଣି ଉକ୍ତ ପ୍ରସଙ୍ଗ ଉଠାଇଥିଲେ। କିନ୍ତୁ ସୋମବାର ଏହି ପ୍ରସଙ୍ଗରେ ଗୃହ ଅଧ୍ୟକ୍ଷ ରୁଲିଂ ଦେଇ ସାରିଥିବାରୁ ଏହା ଉପରେ ଆଉ ଆଲୋଚନା କରିବା ଆବଶ୍ୟକ ନାହିଁ ବୋଲି ଅଧ୍ୟକ୍ଷ କହିଥିଲେ। ଏହାପରେ ରାହୁଲ ଯୁକ୍ତି ରଖି କହିଥିଲେ, ସେ ଯାହା କହିବାକୁ ଚାହୁଁଛନ୍ତି ତାହା ରାଷ୍ଟ୍ରପତିଙ୍କ ଅଭିଭାଷଣ ସହ ଜଡ଼ିତ ରହିଛି। ରାଷ୍ଟ୍ରପତି ତାଙ୍କ ଅଭିଭାଷଣରେ ଜାତୀୟ ସୁରକ୍ଷା କଥା ରହିଥିଲାବେଳେ ସେ ମଧ୍ୟ ସେହି ବିଷୟରେ କହିବାକୁ ଚାହୁଁଛନ୍ତି। କିନ୍ତୁ ଗୃହରେ ଜଣେ ବିରୋଧୀ ଦଳର ନେତାଙ୍କୁ ଜାଣିଶୁଣି କହିବାକୁ ଦିଆଯାଉ ନାହିଁ ବୋଲି ରାହୁଲ କହିବା ପରେ ବିରୋଧୀ ସଦସ୍ୟମାନେ ହଙ୍ଗାମା କରିବା ସହିତ ଟେବୁଲ ଉପରେ ଚଢ଼ି କାଗଜ ଚିରିଥିଲେ। ବିଶୃଙ୍ଖଳିତ ଆଚରଣ ପାଇଁ ୮ ସଦସ୍ୟଙ୍କୁ ନିଲମ୍ବନ କରାଗଲା ବୋଲି ଗୃହରେ ଅଧ୍ୟକ୍ଷତା କରୁଥିବା କ୍ରିଷ୍ଣପ୍ରସାଦ ତେନେତି ଘୋଷଣା କରିଥିଲେ। ନିଲମ୍ବିତ ସାଂସଦ ହେଲେ କଂଗ୍ରେସର ଅମରିନ୍ଦର ସିଂ ରାଜା,ହିବି ଏଡେନ୍, ଡିନ୍ କୋରିଆକୋଜ୍,ଗୁରୁଜିତ୍ ସିଂ ଅଜଲା,ସି. କିରନ୍ କୁମାର ରେଡ୍ଡୀ, ମନିକାମ୍ ଟାଗୋର୍ ଏବଂ ପ୍ରଶାନ୍ତ ପାଦୋଲେ ଏବଂ ସିପିଆଇ(ଏମ୍)ର ଏସ୍. ଭେଙ୍କଟେଶନ୍ । ଅଧିବେଶନ ଶେଷ ପର୍ଯ୍ୟନ୍ତ ସେମାନଙ୍କୁ ନିଲମ୍ବନ କରାଯାଇଛି।

# ଖେମ୍‌ଚାନ୍ଦ ସିଂ ହେବେ ମଣିପୁର ମୁଖ୍ୟମନ୍ତ୍ରୀ

**ନୂଆଦିଲ୍ଲୀ,୩।୨**



ୟୁମ୍‌ନାମ ଖେମ୍‌ଚାନ୍ଦ ସିଂ ମଣିପୁରର ପରବର୍ତ୍ତୀ ମୁଖ୍ୟମନ୍ତ୍ରୀ ହେବାକୁ ଯାଉଛନ୍ତି। ମଙ୍ଗଳବାର ଭାଜପା ବିଧାୟକ ଦଳ ବୈଠକ ବସି ଖେମ୍‌ଚାନ୍ଦଙ୍କୁ ଦଳର ନେତା ନିର୍ବାଚନ କରାଯିବା ପରେ ଏନ୍‌ଡିଏ ବିଧାୟକ ଦଳ ବୈଠକରେ ମଧ୍ୟ ସେ ନେତା ନିର୍ବାଚିତ ହୋଇଛନ୍ତି। ଫଳରେ ମଣିପୁରରେ ପାଖାପାଖି ଗୋଟିଏ ବର୍ଷର ରାଷ୍ଟ୍ରପତି ଶାସନ ପରେ ସରକାର ଗଠନ ହେବାକୁ ଯାଉଛି। କୁକି ନେତ୍ରୀ ନେମ୍‌ଚା କିପ୍‌ଗେନ୍ ନୂଆ ମଣିପୁର ସରକାରରେ ଉପମୁଖ୍ୟମନ୍ତ୍ରୀ ହୋଇପାରନ୍ତି ବୋଲି ସୂତ୍ରରୁ ଜଣାପଡ଼ିଛି। ଗତବର୍ଷ ଫେବୃଆରୀରେ ବିଧାନସଭାରେ ଅନାସ୍ଥା ପ୍ରସ୍ତାବର ସମ୍ମୁଖୀନ ହେବା ପୂର୍ବରୁ ତତ୍କାଳୀନ ମୁଖ୍ୟମନ୍ତ୍ରୀ ବୀରେନ୍ ସିଂ ଇସ୍ତଫା ଦେଇଥିଲେ। ଫେବୃଆରୀ ୧୩ରେ ରାଜ୍ୟରେ ରାଷ୍ଟ୍ରପତି ଶାସନ ଲାଗୁ ହୋଇଥିଲା ଓ ବିଧାନସଭାକୁ ସ୍ଥଗିତ ରଖାଯାଇଥିଲା। ଗତ ଅଗଷ୍ଟ ୧୩ରେ ରାଷ୍ଟ୍ରପତି ଶାସନ ସମୟସୀମା ବଢ଼ାଯାଇଥିବାବେଳେ ଫେବୃଆରୀ ୧୩ରେ ଏହା ଶେଷ ହେବାକୁ ଯାଉଛି।

# ୟୁକ୍ରେନ୍ ଉପରେ ୭୦ ମିଶାଇଲ, ୪୫୦ ଡ୍ରୋନ୍ ମାଡ଼କଲା ରୁଷିଆ

**ମସ୍କୋ,୩।୨**

ୟୁକ୍ରେନ୍‌ର ଶକ୍ତି ଭିତ୍ତିଭୂମିକୁ ଟାର୍ଗେଟକରି ରୁଷିଆ ସୋମବାର ବିଳମ୍ବିତ ରାତିରେ ଜୋର୍‌ଦାର ଆକ୍ରମଣ କରିଛି। ମସ୍କୋ ୭୦ରୁ ଊର୍ଦ୍ଧ୍ୱ ମିଶାଇଲ୍ ଏବଂ ୪୫୦ ଡ୍ରୋନ୍‌ରେ ଆକ୍ରମଣ କରିଥିବା ୟୁକ୍ରେନ୍ ରାଷ୍ଟ୍ରପତି ଭୋଲୋଡିମିର ଜେଲେନ୍‌ସ୍କି କହିଛନ୍ତି। କିଭ୍‌ରେ ତାପମାତ୍ରା ବିୟୁକ୍ତ ୨୦ ଡିଗ୍ରୀ ସେଲ୍‌ସିୟସ୍ ଥିବାବେଳେ ରୁଷିଆ ଆକ୍ରମଣରେ ବିଶେଷ କ୍ଷୟକ୍ଷତି ହୋଇନାହିଁ। ତେବେ ଦ୍ୱିତୀୟ ବିଶ୍ୱଯୁଦ୍ଧ ଉପରେ ସୋଭିଏଟ୍ ଅମଳର ସ୍ମାରକୀ ଏବଂ ମଦରଲ୍ୟାଣ୍ଡ କୀର୍ତ୍ତିରାଜି ଆକ୍ରମଣରେ କ୍ଷତିଗ୍ରସ୍ତ ହୋଇଥିବା ୟୁକ୍ରେନ୍ ସଂସ୍କୃତି ମନ୍ତ୍ରୀ କହିଛନ୍ତି। ଆକ୍ରମଣ ପରେ ବିଭିନ୍ନ ଅଞ୍ଚଳରେ ଉଦ୍ଧାର କାର୍ଯ୍ୟ ଜାରି ରହିଛି। ରୁଷିଆ ଜାଣିଶୁଣି ଶକ୍ତି ଭିତ୍ତିଭୂମି ଉପରେ ଆକ୍ରମଣ କରୁଥିବା ଜେଲେନ୍‌ସ୍କି କହିଛନ୍ତି। ସୁମି, ଖର୍‌କିଭ୍ ଅଞ୍ଚଳ, କିଭ୍ ଅଞ୍ଚଳ ଏବଂ ରାଜଧାନୀ ସମେତ ନିପ୍ରୋ, ଓଡେସା ଏବଂ ଭିନ୍ୟାସିଆ ଅଞ୍ଚଳରେ ଆକ୍ରମଣ ହୋଇଥିଲା।

# ମଳାଶୟରୁ ବାହାରିଲା ପ୍ରଥମ ବିଶ୍ୱଯୁଦ୍ଧ ସମୟର ଜୀବନ୍ତ ବିସ୍ଫୋରକ

**ପ୍ୟାରିସ୍,୩।୨**



ଦକ୍ଷିଣ ଫ୍ରାନ୍ସର ଟୋଲୁଜ୍ ସହରରେ ଜଣେ ୨୪ ବର୍ଷୀୟ ଯୁବକଙ୍କ ମଳାଶୟରୁ ଡାକ୍ତରମାନେ ଏକ ଜୀବନ୍ତ ବିସ୍ଫୋରକ (ଆର୍ଟିଲାରି ସେଲ୍) କାଢ଼ିବା ଘଟଣା ବିଭିନ୍ନ ମହଲରେ ବିସ୍ମୟ ସୃଷ୍ଟି କରିଛି। ଫ୍ରାନ୍ସର ଡେଲି ମେଲ୍ ରିପୋର୍ଟ ଅନୁସାରେ ଏହି ସହରର ଜଣେ ଯୁବକ ପେଟରେ ଯନ୍ତ୍ରଣା ଭୋଗିବା ଯୋଗୁ ନିକଟସ୍ଥ ହସ୍ପିଟାଲକୁ ଯାଇଥିଲେ। ଡାକ୍ତରମାନେ ଯୁବକଙ୍କ ଶରୀର ପରୀକ୍ଷାନିରୀକ୍ଷା କରିବା ପରେ ତାଙ୍କ ମଳାଶୟରେ କିଛି ବଡ଼ ବସ୍ତୁ ରହିଥିବା ଜାଣିବାକୁ ପାଇଥିଲେ। ପରେ ସେମାନେ ତାହାକୁ ବାହାର କରିବାକୁ ଅସ୍ତ୍ରୋପଚାର କରିଥିଲା ବେଳେ ଯୁବକଙ୍କ ମଳାଶୟରୁ ୮ ଇଞ୍ଚର ଏକ ଜୀବନ୍ତ ରାସାୟନିକ ବିସ୍ଫୋରକ ମିଳିଥିଲା। ଏହାକୁ ଦେଖି ସାରା ହସ୍ପିଟାଲରେ ଭୟର ବାତାବରଣ ଖେଳି ଯାଇଥିଲା। ତୁରନ୍ତ ହସ୍ପିଟାଲ କର୍ତ୍ତୃପକ୍ଷ ବୋମା ନିଷ୍କ୍ରିୟକାରୀ ଟିମ୍ ଡକାଇବା ସହିତ ହସ୍ପିଟାଲକୁ ଖାଲି କରିଦେଇଥିଲେ। କାରଣ ଏହି ବିସ୍ଫୋରକ ଜୀବନ୍ତ ଏବଂ ଏହାର ବିସ୍ଫୋରଣ କ୍ଷମତା ଏତେ ଅଧିକ ଥିଲା ଯେ, ଏହା ଉକ୍ତ ହସ୍ପିଟାଲ ସମେତ ସ୍ଥାନୀୟ ଅଞ୍ଚଳକୁ କ୍ଷତିଗ୍ରସ୍ତ କରିଦେଇଥାଆନ୍ତା। ବଡ଼ କଥା ହେଲା, ବିସ୍ଫୋରକଟି ପ୍ରଥମ ବିଶ୍ୱଯୁଦ୍ଧ ସମୟର। ତେବେ ଯୁବକ ଜଣକ ଏହାକୁ କେମିତି ପାଇଲେ ଏବଂ ତାଙ୍କ ମଳାଶୟକୁ ଏହା କେମିତି ଗଲା ସେ ସମ୍ପର୍କରେ ପୋଲିସ ଅନୁସନ୍ଧାନ ଆରମ୍ଭ କରିଛି।



DHARITRI
ଧରିତ୍ରୀ 52 Years

ଭୁବନେଶ୍ୱର, ବୁଧବାର, ଫେବୃଆରୀ ୪/୨୦୨୬ | Bhubaneswar, Wednesday, February 4/2026 | ପୃଷ୍ଠା-୧



## ନମ୍ବର ୧ ରହିଲେ ସାବାଲେଙ୍କା

ସଦ୍ୟ ପ୍ରକାଶିତ ମହିଳା ସିଙ୍ଗଲ୍ସ ଟେନିସ ର୍ୟାଙ୍କିଙ୍ଗ ତାଲିକାରେ ନମ୍ବର ୧ ସ୍ଥାନ ବଜାୟ ରଖିଛନ୍ତି ବେଲାରୁଷର ଆରିନା ସାବାଲେଙ୍କା।

୧୨ ୦୨

## 'କଲ୍କି'ସିକ୍ୱେଲରେ ସାଇ ପଲ୍ଲବୀ

ବହୁଚର୍ଚ୍ଚିତ ସାଇନ୍ସ-ଫିକ୍ସନ ଚଳଚ୍ଚିତ୍ର 'କଲ୍କି ୨୮୯୮ ଏଡି'ର ସିକ୍ୱେଲର ମୁଖ୍ୟ ନାୟିକା ଭୂମିକାରେ ଦକ୍ଷିଣ ଭାରତୀୟ ଅଭିନେତ୍ରୀ ସାଇ ପଲ୍ଲବୀ ଅଭିନୟ କରିବେ ଚର୍ଚ୍ଚା ଚାଲିଛି।



# ଆହୁରି ୫ଦିନ କୁହୁଡ଼ି

**ଭୁବନେଶ୍ୱର,୩।୨(ବନ୍ଦନା ସେଠୀ)**

ରାଜ୍ୟରେ ଶୀତ ପ୍ରକୋପ ସାମାନ୍ୟ ହ୍ରାସ ପାଇଥିଲେ ହେଁ କୁହୁଡ଼ିର ମାତ୍ରା ଅଧିକ ରହୁଛି। ପ୍ରବଳ କୁହୁଡ଼ି କାରଣରୁ ସକାଳୁ ରାସ୍ତାଘାଟ ଠିକ୍ ଭାବେ ଦେଖାଯାଉନାହିଁ। ଗାଡ଼ି ମୋଟର ଯାତାୟାତ ମଧ୍ୟ ବାଧାପ୍ରାପ୍ତ ହେଉଛି। ତେବେ ଏଭଳି ସ୍ଥିତି ଆହୁରି ୫ଦିନ ପର୍ଯ୍ୟନ୍ତ ଲାଗିରହିବ ବୋଲି ଆଞ୍ଚଳିକ ପାଣିପାଗ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି। ବୁଧବାର ମୟୂରଭଞ୍ଜ, କେନ୍ଦୁଝର, ବାଲେଶ୍ୱର, ଯାଜପୁର, ଭଦ୍ରକ, କେନ୍ଦ୍ରାପଡ଼ା, ଜଗତ୍‌ସିଂହପୁର, ପୁରୀ, କଟକ, ଖୋର୍ଦ୍ଧା ଏବଂ ସୁନ୍ଦରଗଡ଼ ଜିଲାରେ ହାଲୁକାରୁ ମଧ୍ୟମ ଧରଣର କୁହୁଡ଼ି ଦେଖାଦେବ। ସେହିପରି ଆସନ୍ତା ୪ଦିନ ପର୍ଯ୍ୟନ୍ତ ରାଜ୍ୟରେ ସର୍ବନିମ୍ନ ରାତି ତାପମାତ୍ରାରେ ସେଭଳି କିଛି ବଡ଼ ପରିବର୍ତ୍ତନ ହେବ ନାହିଁ। ମାତ୍ର ଏହାପରେ ସର୍ବନିମ୍ନ ତାପମାତ୍ରା ୨ରୁ ୩ ଡିଗ୍ରୀ ହ୍ରାସ ପାଇବ। ଗତ ୨୪ଘଣ୍ଟା ମଧ୍ୟରେ ଜି.ଉଦୟଗିରିରେ ସର୍ବନିମ୍ନ ତାପମାତ୍ରା ୮.୨ ଡିଗ୍ରୀ ରେକର୍ଡ ହୋଇଥିବାବେଳେ ସମ୍ବଲପୁରରେ ସର୍ବାଧିକ ୩୧.୭ ଡିଗ୍ରୀ ରହିଥିଲା।

**ଆଜିର ସମ୍ପାଦକୀୟ**

**ତଥ୍ୟ ଅସୁରକ୍ଷିତ**



ଜମ୍ମୁ-କଶ୍ମୀରର ଅନନ୍ତନାଗ ଜିଲା ଅନ୍ତର୍ଗତ ପହଲଗାମ୍‌ରେ ତୁଷାରପାତ ଯୋଗୁ ମଙ୍ଗଳବାର ପାର୍କିଂରେ ଥିବା ଗାଡ଼ିଗୁଡ଼ିକ ବରଫାବୃତ୍ତ ହୋଇଯାଇଛି।

# ୯ମ ଶ୍ରେଣୀ ଛାତ୍ରୀଙ୍କୁ ଗଣବଳାତ୍କାର କଲେ ସହପାଠୀ

**ବଲାଙ୍ଗୀର/କଣ୍ଟାବାଞ୍ଜି, ୩।୨(ବୀରେନ୍ଦ୍ର କୁମାର ଝାଙ୍କର/ଗୁରୁଦୟାଲ ହଂସ)**

- ■ ଗଣବଳାତ୍କାରର ଭିଡିଓ ଉତ୍ତୋଳନ କରି ଭାଇରାଲ କଲେ
- ■ ପୀଡ଼ିତା ପରିବାର ପକ୍ଷରୁ ଅଭିଯୋଗ ପରେ ୬ ଅଟକ
- ■ ସମ୍ବେଦନଶୀଳ ଘଟଣାର ଯାଞ୍ଚ କରାଯାଉଛି: ଏସ୍‌ପି

ଜଣେ ୯ମ ଶ୍ରେଣୀର ଛାତ୍ରୀ (୧୫ବର୍ଷ)ଙ୍କୁ ତାଙ୍କର ୪ ଜଣ ସହପାଠୀ, ଜଣେ ନାବାଳକ ଏବଂ ଅନ୍ୟ ଜଣେ ସାବାଳକ ସ୍କୁଲର ଏକ ନିର୍ମାଣାଧୀନ ଘରେ ଗଣବଳାତ୍କାର କରି ସାମାଜିକ ଗଣମାଧ୍ୟମରେ ଏହାର ଭିଡିଓ ଭାଇରାଲ କରିଛନ୍ତି। ଏଭଳି ଏକ ସାଂଘାତିକ ଏବଂ ଚିନ୍ତା ଉଦ୍ରେକକାରୀ ଘଟଣା ବଲାଙ୍ଗୀର ଜିଲା ତୁରେକେଲା ଅଞ୍ଚଳରେ ଦେଢ଼ମାସ ତଳେ ଘଟିଥିବାବେଳେ ଘଟଣାର ଭିଡିଓ ସାମାଜିକ ଗଣମାଧ୍ୟମରେ ଭାଇରାଲ ହେବା ପରେ ଏହା ଲୋକଲୋଚନକୁ ଆସିଛି। ଘଟଣା ଜଣାପଡ଼ିବା ପରେ ବଲାଙ୍ଗୀର ଏସ୍‌ପି ଅଭିଲାଷ ଜିଙ୍କ ନିର୍ଦ୍ଦେଶରେ ସମସ୍ତ ୬ ଜଣ ଅଭିଯୁକ୍ତଙ୍କୁ ଅଟକ ରଖି ପଚରାଉଚରା କରାଯାଉଛି। ଘଟଣାଟି ଅତ୍ୟନ୍ତ ସମ୍ବେଦନଶୀଳ ହୋଇଥିବାରୁ ବଲାଙ୍ଗୀର ଏସ୍‌ପି ଅଭିଲାଷ, ଜିଲାପାଳ ଗୌରବ ଶିବାଜୀ ଇସ୍‌ଲୱାର, ଜିଲା ଶିଶୁ ସୁରକ୍ଷା ୟୁନିଟ୍ ଅଧିକାରୀ, ଲିଗାଲ ପ୍ରୋବେଶନର ଅଫିସର, ସାମାଜିକ କର୍ମୀ ଏବଂ ଜିଲା ଶିଶୁ କଲ୍ୟାଣ ସମିତି ସଦସ୍ୟାଙ୍କ ସହ ଆଲୋଚନା କରି ବିହିତ ପଦକ୍ଷେପ ନେବାକୁ ନିର୍ଦ୍ଦେଶ ଦେଇଛନ୍ତି।

ମିଳିଥିବା ସୂଚନା ଅନୁଯାୟୀ, ଗତ ଡିସେମ୍ବର ୨୫ ତାରିଖ ସନ୍ଧ୍ୟାରେ ତୁରେକେଲା ଥାନା ଅନ୍ତର୍ଗତ ଏକ ଗାଁର ୯ମ ଶ୍ରେଣୀ ସ୍କୁଲ ଛାତ୍ରୀଙ୍କୁ ତାଙ୍କର ସହପାଠୀ ଓ ଅନ୍ୟ ୨ ଜଣ ଛାତ୍ର ଗଣବଳାତ୍କାର କରିବା ସହ ଏହାର ଦୃଶ୍ୟକୁ ମୋବାଇଲ ☞ପୃଷ୍ଠା-୨

# ଏନ୍‌ଏଲ୍‌ସିଆଇଏଲ୍ ତଲାବିରାରେ ସିବିଆଇ ଚଢ଼ାଉ

**ସମ୍ବଲପୁର,୩।୨(ପ୍ରମୋଦ ବହିଦାର)**

### ଖଣି ଖନନ ଓ କୋଇଲା ଉତ୍ତୋଳନରେ ଦୁର୍ନୀତି ନେଇ ଛାନ୍‌ଭିନ୍

### ୧୯ ଜଣଙ୍କୁ ପଚରାଉଚରା

ଦିଲ୍ଲୀରୁ କେନ୍ଦ୍ରୀୟ ତଦନ୍ତକାରୀ ସଂସ୍ଥା(ସିବିଆଇ)ର ଏକ ଟିମ୍ ମଙ୍ଗଳବାର ସମ୍ବଲପୁର ଜିଲା ଖିଣ୍ଡା ପଞ୍ଚାୟତସ୍ଥିତ ନେଭେଲି ଲିଗ୍ନାଇଟ୍ କର୍ପୋରେଶନ୍ ଇଣ୍ଡିଆ ଲିମିଟେଡ୍(ଏନ୍‌ଏଲ୍‌ସିଆଇଏଲ୍) ତଲାବିରା କୋଇଲା ଖଣି କାର୍ଯ୍ୟାଳୟରେ ଚଢ଼ାଉ କରିଛି। ଚଢ଼ାଉକାରୀ ଦଳରେ ଦିଲ୍ଲୀ ଓ ଭୁବନେଶ୍ୱର ସିବିଆଇର ଜଣେ ଲେଖାଏ ଅଧିକାରୀଙ୍କ ସହିତ ସମ୍ବଲପୁର ଓ ଝାରସୁଗୁଡ଼ା ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ଼ର ଆଞ୍ଚଳିକ ଅଧିକାରୀ ସାମିଲ ହୋଇଥିଲେ। କୋଇଲା ଖନନ ଏବଂ ଉତ୍ତୋଳନ ପ୍ରକ୍ରିୟାରେ ହୋଇଥିବା ଦୁର୍ନୀତି ଓ ଅନିୟମିତତା ତଥା ଅଞ୍ଚଳରେ ପ୍ରଦୂଷଣଜନିତ ସମସ୍ୟା ନେଇ ହୋଇଥିବା ଅଭିଯୋଗର ତଦନ୍ତ ପାଇଁ ଏହି ଚଢ଼ାଉ ହୋଇଛି। ବିଶେଷକରି ତଲାବିରା-୧ କୋଇଲା ଖଣିରୁ ଅନୁମୋଦିତ ପରିମାଣଠାରୁ ବହୁ ଅଧିକ କୋଇଲା ଉତ୍ତୋଳନ କରାଯାଇଥିବା ନେଇ ସିବିଆଇ ବର୍ତ୍ତମାନ ଛାନ୍‌ଭିନ୍ କରୁଛି। ଏହାକୁ ନେଇ ଚଢ଼ାଉକାରୀ ସିବିଆଇ ଅଧିକାରୀମାନେ କୌଣସି ସୂଚନା ଦେଇ ନାହାନ୍ତି। ମାତ୍ର ଏହି ମାମଲାରେ ସିବିଆଇ ପକ୍ଷରୁ ତନାଘନା ଜାରି ରହିଥିବା ବେଳେ ଖିଣ୍ଡା ପଞ୍ଚାୟତ କାର୍ଯ୍ୟାଳୟରେ ସ୍ଥାନୀୟ ଅଞ୍ଚଳର ୧୯ ଜଣଙ୍କୁ କମ୍ପାନୀର ବେଆଇନ ଖନନ ଓ ଉତ୍ତୋଳନ ସହିତ ପ୍ରଦୂଷଣ ସମ୍ପର୍କରେ ସିବିଆଇ ଅଧିକାରୀମାନେ ପଚରାଉଚରା କରିଥିଲେ। ତେବେ ୧୯ ଜଣଙ୍କୁ ସମନ ହୋଇଥିଲେ ମଧ୍ୟ ୧୪ ଜଣ ଉପସ୍ଥିତ ଥିଲେ ବୋଲି ସୂଚନା ମିଳିଛି। ଏନ୍‌ଏଲ୍‌ସିଆଇଏଲ ତଲାବିରା ଖଣି ☞ପୃଷ୍ଠା-୨

# ମାଟିର ଗରିମା ବଢ଼ାଇଛି ନାରୀ ନେତୃତ୍ୱ

### ଫକୀରମୋହନ ବିଶ୍ୱବିଦ୍ୟାଳୟର ଦ୍ୱାଦଶ ସମାବର୍ତ୍ତନ ଉତ୍ସବରେ ରାଷ୍ଟ୍ରପତି

**ବାଲେଶ୍ୱର/ରେମୁଣା,୩।୨ (ବାଞ୍ଛାନିଧି ଦେ/ରବୀନ୍ଦ୍ର ମହାକୁଡ଼)**

ସାହିତ୍ୟ ଓ ସଂଗ୍ରାମ ପାଇଁ ବାଲେଶ୍ୱର ଓ ଭଦ୍ରକ ମାଟି ସୁପ୍ରସିଦ୍ଧ। ଅନେକ ବରପୁତ୍ରଙ୍କୁ ଜନ୍ମଦେଇ ଏ ମାଟି ଭାରତମାତାର ମୁଖ ଉଜ୍ଜ୍ୱଳ କରିଛି। ଏ ମାଟି କେବଳ ରତ୍ନଗର୍ଭା ନୁହେଁ, ବରଂ ଏ ମାଟିର ମା'ମାନେ ମଧ୍ୟ ରତ୍ନଗର୍ଭା। ଆଦି ଟିକାକାର ଜଗଦ୍‌ଗୁରୁ ଶ୍ରୀଧର ସ୍ୱାମୀ, ଭକ୍ତକବି ଦୀନବନ୍ଧୁ ଦାସଙ୍କ ଠାରୁ ବ୍ୟାସକବି ଫକୀରମୋହନ ସେନାପତି, କବିବର ରାଧାନାଥ ରାୟ, ଉତ୍କଳକେଶରୀ ହରେକୃଷ୍ଣ ମହତାବ, କାନ୍ତକବି ଲକ୍ଷ୍ମୀକାନ୍ତ ମହାପାତ୍ର ଓ ଜାତୀୟ କବି ବାଞ୍ଛାନିଧି ମହାନ୍ତିଙ୍କ ପର୍ଯ୍ୟନ୍ତ ଅନେକ କବି ଓ କର୍ଣ୍ଣଧାର ଭାରତର ଉତ୍ତରପିଢ଼ି ପାଇଁ ଆଦର୍ଶ ପ୍ରତିଷ୍ଠା କରିଛନ୍ତି। ସ୍ୱାଧୀନତା ସଂଗ୍ରାମରେ ବାଲେଶ୍ୱର ଓ ଭଦ୍ରକର ମହିଳାମାନଙ୍କ ଅଂଶଗ୍ରହଣ ଗୁରୁତ୍ୱପୂର୍ଣ୍ଣ ଥିଲା। ସରୋଜିନୀ ନାଇଡୁ, ଜାହ୍ନବୀ ଦେବୀ, କୋକିଳା ଦେବୀ, ସୁଭଦ୍ରା ମହତାବ ଓ ଗୋଦାବରୀ ଦେବୀ ସଂଗ୍ରାମର ଅଗ୍ରଭାଗରେ ରହି ନାରୀ ନେତୃତ୍ୱର ଗରିମା ବଢ଼ାଇଛନ୍ତି। ଏମାଟି ଲବଣ ସତ୍ୟାଗ୍ରହ ଓ ଭାରତଛାଡ଼ ଆନ୍ଦୋଳନ ତୀବ୍ରତା ତଥା ଦେଶୀୟ ରାଜ୍ୟ ମିଶ୍ରଣର ଜୀବନ୍ତ ସାକ୍ଷୀ ବୋଲି ମଙ୍ଗଳବାର ବାଲେଶ୍ୱର ଫକୀରମୋହନ ବିଶ୍ୱବିଦ୍ୟାଳୟର ଦ୍ୱାଦଶ ସମାବର୍ତ୍ତନ ଉତ୍ସବରେ ଯୋଗଦେଇ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ କହିଛନ୍ତି। ଏହି ସମାବର୍ତ୍ତନ ଉତ୍ସବରେ କୁଳପତି ପ୍ରଫେସର ସନ୍ତୋଷ କୁମାର ତ୍ରିପାଠୀ ପ୍ରାରମ୍ଭିକ ସୂଚନା ଓ ବିଶ୍ୱବିଦ୍ୟାଳୟର ବିବରଣୀ ଉପସ୍ଥାପନ କରିଥିଲେ। ରାଷ୍ଟ୍ରପତି ଫକୀରମୋହନ ସେନାପତିଙ୍କ ସାହିତ୍ୟିକ ଅବଦାନ ☞ପୃଷ୍ଠା-୨




ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ

## ନାଭିଗୟାରେ ପିଣ୍ଡଦାନ କଲେ ରାଷ୍ଟ୍ରପତି

**ଯାଜପୁର,୩।୨(ହର୍ଷବର୍ଦ୍ଧନ ବେହେରା)**

ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ମଙ୍ଗଳବାର ପ୍ରଥମେ ପୂର୍ବାହ୍ନ ସାଢ଼େ ୯ଟାରେ ବାୟୁସେନାର ସ୍ୱତନ୍ତ୍ର ବିମାନ ଯୋଗେ ଯାଜପୁର ଆସିଥିଲେ। ହେଲିପ୍ୟାଡ୍‌ରୁ ତାଙ୍କୁ ସ୍ୱତନ୍ତ୍ର ସୁରକ୍ଷା ବଳୟ ମଧ୍ୟରେ ଅଧିଷ୍ଠାତ୍ରୀ ଦେବୀ ମା' ବିରଜା ମନ୍ଦିରକୁ ନିଆଯାଇଥିଲା। ବିରଜା ମନ୍ଦିରରେ ପ୍ରଥମେ ରାଷ୍ଟ୍ରପତି ମୁର୍ମୁ ନାଭିଗୟାରେ ପିତୃପୁରୁଷଙ୍କୁ ପିଣ୍ଡଦାନ କରିଥିଲେ। ମନ୍ଦିରର ସେବାୟତ ସତ୍ୟରଞ୍ଜନ ପାଣି, ଅବିନାଶ ପାଣି ଓ କଲ୍ୟାଣ ପାଣି ପିଣ୍ଡଦାନ କାର୍ଯ୍ୟ ସମ୍ପାଦନ କରିଥିଲେ। ସେବାୟତ ବିଜୟ ପାଣି, ଦୁର୍ଗାମାଧବ ପାଣି ଓ ସତ୍ୟବ୍ରତ ପାଣି ପୂଜା କାର୍ଯ୍ୟ କରିଥିବାବେଳେ ଦେବୀ ପ୍ରସାଦ ପାଣି ରାଷ୍ଟ୍ରପତିଙ୍କୁ ମନ୍ଦିର ବେଢ଼ା ପରିକ୍ରମା କରାଇଥିଲେ। ଏହି ଅବସରରେ ମୁକ୍ତିମଣ୍ଡପ ସେବାୟତ ପରିଷଦ ପକ୍ଷରୁ ରାଷ୍ଟ୍ରପତିଙ୍କୁ ମାନପତ୍ର ପ୍ରଦାନ କରାଯାଇଥିଲା। ରାଷ୍ଟ୍ରପତି ମୁର୍ମୁ ସେବାୟତମାନଙ୍କୁ ରାଷ୍ଟ୍ରପତି ଭବନ ବୁଲି ଆସିବାକୁ ନିମନ୍ତ୍ରଣ କରିଥିଲେ। ପିଣ୍ଡଦାନ ସରିବା ପରେ ରାଷ୍ଟ୍ରପତି ମା' ବିରଜାଙ୍କୁ ଦର୍ଶନ କରିଥିଲେ ଏବଂ ଏହା ପରେ ବେଢ଼ା ପରିକ୍ରମା କରି ଗଙ୍ଗେଶ୍ୱର, ମୁକ୍ତେଶ୍ୱର, ସଂହାର ଭୈରବ, ୧୦୮ ଶିବ ଲିଙ୍ଗ ପାର୍ଶ୍ୱ ଦେବଦେବୀ ଦର୍ଶନ କରିଥିଲେ। ଏହାପରେ ମୁକ୍ତି ମଣ୍ଡପ ସଭାରେ ଆଶୀର୍ବାଦ ଗ୍ରହଣ କରିଥିଲେ। ରାଷ୍ଟ୍ରପତିଙ୍କ ମନ୍ଦିର ପରିଦର୍ଶନ ସମୟରେ ଚତୁର୍ଦ୍ଦିଗ ବେଦ ମନ୍ତ୍ର ଉଚ୍ଚାରଣ ଓ ହୁଳହୁଳି ନାଦରେ ଗୁଞ୍ଜରିତ ହେଉଥିଲା। ଜିଲା ପ୍ରଶାସନ ପକ୍ଷରୁ ରାଷ୍ଟ୍ରପତିଙ୍କୁ ବୌଦ୍ଧ ମୂର୍ତ୍ତି ଏବଂ ଟସର ଶାଢ଼ି ଉପହାର ସ୍ୱରୂପ ପ୍ରଦାନ କରାଯାଇଥିଲା। ରାଷ୍ଟ୍ରପତିଙ୍କ ଏହା ପ୍ରଥମ ଯାଜପୁର ଗସ୍ତ ଥିଲା। ☞ପୃଷ୍ଠା-୨

# ଝିଅ ବୋଝ ନୁହନ୍ତି, ଆଶୀର୍ବାଦ: ମୁଖ୍ୟମନ୍ତ୍ରୀ




ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଓ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ନବଦମ୍ପତିଙ୍କୁ ସହାୟତା ପ୍ରଦାନ ଚେକ୍ ପ୍ରଦାନ କରୁଛନ୍ତି।

### ମୁଖ୍ୟମନ୍ତ୍ରୀ କନ୍ୟା ବିବାହ ଯୋଜନା ଶୁଭାରମ୍ଭ

- ■ ଯୋଗ୍ୟ କନ୍ୟାଙ୍କ ବିବାହକୁ ସରକାର ଦେବେ ୬୦ ହଜାର ଟଙ୍କା
- ■ ତାରାତାରିଣୀ ପୀଠରେ ୨୦୧ ବରକନ୍ୟାଙ୍କ ବିବାହ

**ପୁରୁଷୋତ୍ତମପୁର,୩।୨(ସବିତା ମିଶ୍ର)**

ଝିଅମାନେ ପିତାମାତାଙ୍କ ପାଇଁ ବୋଝ ନୁହନ୍ତି, ସେମାନେ ଭଗବାନ୍‌ଙ୍କ ଆଶୀର୍ବାଦ। ଆମେ ଏପରି ଓଡ଼ିଶା ଗଢ଼ିବା, ଯେଉଁଠି କୌଣସି ଝିଅ ଆର୍ଥିକ ଅନଟନ କିମ୍ବା ସାମାଜିକ ଚାପ ହେତୁ ବୟସ ନ ହେଉଣୁ ବିବାହ କରିବାକୁ ବାଧ୍ୟ ହେବେ ନାହିଁ। ଯୋଗ୍ୟା କନ୍ୟାଙ୍କ ବିବାହ ପାଇଁ ସରକାର ସହାୟତା ପ୍ରଦାନ କରିବେ ବୋଲି ଗଞ୍ଜାମ ଜିଲାର ଆରାଧ୍ୟା ମା' ତାରାତାରିଣୀଙ୍କ ପୀଠରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ମଙ୍ଗଳବାର ମୁଖ୍ୟମନ୍ତ୍ରୀ କନ୍ୟା ବିବାହ ଯୋଜନାର ଶୁଭାରମ୍ଭ କରିବା ଅବସରରେ କହିଛନ୍ତି। ସେଠାରେ ଏକା ସଙ୍ଗେ ୨୦୧ ବରକନ୍ୟାଙ୍କ ସାମୂହିକ ବିବାହ ସମ୍ପନ୍ନ ହୋଇଛି। ମୁଖ୍ୟମନ୍ତ୍ରୀ କନ୍ୟାଦାନ କରିବା ସହ ନବଦମ୍ପତିଙ୍କୁ ଆଶୀର୍ବାଦ କରି ଯୋଜନା ସମ୍ପର୍କରେ କହିଛନ୍ତି।

ମୁଖ୍ୟମନ୍ତ୍ରୀ କନ୍ୟା ବିବାହ ଯୋଜନାରେ ସାମିଲହେବା ପାଇଁ କନ୍ୟାଙ୍କ ବୟସ ୧୮ରୁ ୩୫ ବର୍ଷ ଏବଂ ବରଙ୍କ ବୟସ ୨୧ରୁ ୩୫ ବର୍ଷ ମଧ୍ୟରେ ହୋଇଥିବା ଆବଶ୍ୟକ। ସେମାନେ ଓଡ଼ିଶାର ସ୍ଥାୟୀ ବାସିନ୍ଦା ହୋଇଥିବେ। ଯୋଗ୍ୟ କନ୍ୟାଙ୍କୁ ସରକାରଙ୍କ ପକ୍ଷରୁ ୬୦ ହଜାର ଟଙ୍କାର ସହାୟତା ପ୍ରଦାନ କରାଯାଉଛି। ☞ପୃଷ୍ଠା-୨

SIKSHA 'O' ANUSANDHAN
SAAT-2026
Empowering students for a brighter future
B.TECH PROGRAMMES IN ELECTRONICS DESIGN
■ Electrical and Electronics Engineering
■ Electronics and Communication Engineering
APPROVAL & RECOGNITIONS
■ Approved by UGC and AICTE
■ Re-accredited by NAAC with A++ Grade
■ Granted with Category-1 Graded Autonomy by UGC
■ NBA Accredited Programmes
NIRF INDIA RANKINGS 2025
■ 15th Best in University Category
■ 22nd Best in Engineering Category
INTERNATIONAL RANKINGS 2026
■ Ranked in QS World Rankings 2026
■ Ranked in Times World Rankings 2026
To apply for admission through SAAT, Please visit: www.soa.ac.in

# ଆଜି କ'ଣ କେଉଁଠି

**ଭୁବନେଶ୍ୱର**
- ଉତ୍କଳ ଗୌରବ ମଧୁସୂଦନ ଦାଶଙ୍କ ରାଜ୍ୟସ୍ତରୀୟ ଶ୍ରାଦ୍ଧବାର୍ଷିକ ଉପଲକ୍ଷେ ମାଲ୍ୟାର୍ପଣ/ମଧୁବାବୁ ସମ୍ପର୍କୀୟ ଆଲୋଚନାଚକ୍ର, ସ୍ଥାନ: ରାଜଭବନ ଛକ/ଲୋକସମ୍ପର୍କ ଭବନ, ସମ୍ମିଳନୀ ଭବନ, ସମୟ: ସକାଳ ୮ଟା ୩୦/ସନ୍ଧ୍ୟା ୫ଟା।
- ଉତ୍କଳ ସମ୍ମିଳନୀ ପକ୍ଷରୁ ମଧୁସୂଦନ ଦାଶଙ୍କ ଶ୍ରାଦ୍ଧ ଦିବସ ପାଳନ, ସ୍ଥାନ: ରାଜଭବନ ଛକ, ସମୟ: ସକାଳ ୯ଟା।
- ବିଶ୍ୱ କର୍କଟ ଦିବସ ପାଳନ, ସ୍ଥାନ: ସେଣ୍ଟ୍ରାଲ ସର୍କିଟ ହାଉସ, ସମୟ: ସନ୍ଧ୍ୟା ୬ଟା ୩୦।
- ଉତ୍କଳ ଗୌରବ ମଧୁସୂଦନ ଦାଶଙ୍କ ଶ୍ରାଦ୍ଧବାର୍ଷିକରେ ମାଲ୍ୟାର୍ପଣ, ସ୍ଥାନ: ବିଧାନସଭା ପରିସର, ସମୟ: ପୂର୍ବାହ୍ନ ୧୦ଟା।
- ବିଶ୍ୱ କର୍କଟ ଦିବସ ପାଳନ ଉପଲକ୍ଷେ ସଚେତନତା କାର୍ଯ୍ୟକ୍ରମ, ସ୍ଥାନ: ମହାତ୍ମା ଗାନ୍ଧୀ ମାର୍ଗ, ସମୟ: ପୂର୍ବାହ୍ନ ୧୧ଟା।

**କଟକ**
- ପ୍ରଜ୍ଞା ପୁରୁଷୋତ୍ତମ ଦେବ ମହାବିଦ୍ୟାଳୟର ବାର୍ଷିକ ଉତ୍ସବ, ସ୍ଥାନ: ମହାବିଦ୍ୟାଳୟ ପରିସର, ତିର୍ତ୍ତୋଲ, ସମୟ: ପୂର୍ବାହ୍ନ ୧୧ଟା।

**ବାଲେଶ୍ୱର**
- କର୍କଟ ପ୍ରତିରୋଧକ ସଚେତନତା ଶୋଭାଯାତ୍ରା, ସ୍ଥାନ:ଥାନାଛକ, ଭୋଗରାଇ, ସମୟ: ସକାଳ ୮ଟା ୩୦।
- ପିତୃମାତୃ ସମ୍ମିଳନୀ ଓ ୨୨ତମ ବାର୍ଷିକ ଉତ୍ସବ, ସ୍ଥାନ:ବିବେକାନନ୍ଦ ଶିକ୍ଷାକେନ୍ଦ୍ର, ଖଇରା, ସମୟ:ସକାଳ ୯ଟା।
- ସିମୁଳିଆ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ, ସ୍ଥାନ: ମାର୍କୋଣା, ସମୟ:ପୂର୍ବାହ୍ନ ୧୦ଟା।
- ଜିଲ୍ଲାସ୍ତରୀୟ ଆଶା, ଜିକେଏସ୍, ଜେଏଏସ୍ ସମ୍ମିଳନୀ, ସ୍ଥାନ: ଆୟୁଷ୍ମାନ୍ ଭବନ, ବାଲେଶ୍ୱର, ସମୟ: ପୂର୍ବାହ୍ନ ୧୦ଟା ୩୦।
- ହନୁମାନ ମନ୍ଦିର ବାର୍ଷିକ ଉତ୍ସବର ଉଦ୍‌ଯାପନୀ, ସ୍ଥାନ:ମିରିଗିଖୁଣ୍ଟି, ଭୁସୁଆ, ସମୟ:ମଧ୍ୟାହ୍ନ ୧୨ଟା।
- ଉତ୍କଳ ଗୌରବ ମଧୁସୂଦନ ଦାସଙ୍କ ମହାପରାୟଣ ଦିବସ, ସ୍ଥାନ: ଷ୍ଟେସନ ବ୍ଲକ ବାଲେଶ୍ୱର, ସମୟ: ସନ୍ଧ୍ୟା ୬ଟା।

**ମୟୂରଭଞ୍ଜ**
- ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କ ରାଇରଙ୍ଗପୁର ଗସ୍ତ, ସ୍ଥାନ: ରାଇରଙ୍ଗପୁର, ସମୟ: ପୂର୍ବାହ୍ନ ୧୧ଟା।
- ମୋରଡ଼ା ବ୍ଲକ ସାମ୍ବାଦିକ ସଂଘର ବୈଠକ, ସ୍ଥାନ: ତିତ୍ରା, ସାମ୍ବାଦିକ ଭବନ, ମୋରଡ଼ା, ସମୟ:ପୂର୍ବାହ୍ନ ୧୧ଟା।

**ବ୍ରହ୍ମପୁର**
- ବିଶ୍ୱ କର୍କଟ ଦିବସରେ ପ୍ରଭାତଫେରି, ସ୍ଥାନ: ଖଲ୍ଲିକୋଟ କଲେଜ ପଡ଼ିଆ, ସମୟ: ସକାଳ ୬ଟା ୩୦।
- ଉତ୍କଳ ଗୌରବ ମଧୁସୂଦନ ଦାସଙ୍କର ତିରୋଧାନ ଦିବସ, ସ୍ଥାନ: ଗାନ୍ଧୀନଗର ଛକ, ସମୟ: ସକାଳ ୮ଟା।
- ଭାରତୀୟ ବିକାଶ ପରିଷଦ ପକ୍ଷରୁ ଅଭିଯୋଗ ଦାଖଲ, ସ୍ଥାନ: ଗୋସାଇଁନୁଆଗାଁ ଥାନା, ସମୟ: ପୂର୍ବାହ୍ନ ୧୧ଟା।

**ଢେଙ୍କାନାଳ**
- ପିଏମଶ୍ରୀ ବ୍ରଜନାଥ ବଡ଼ଜେନା ହାଇସ୍କୁଲର ବାର୍ଷିକ ଉତ୍ସବ, ସ୍ଥାନ: ବ୍ରଜନାଥ ବଡ଼ଜେନା ହାଇସ୍କୁଲ ପରିସର, ସମୟ: ସକାଳ ୯ଟା।

**ଜଗତ୍‌ସିଂହପୁର**
- ପାରାଦୀପ ବନ୍ଦରର ନୂତନ ଡେପିଟିଏଲ ବର୍ଥରେ ପ୍ରଥମ କରି ଜାହାଜ ଲାଗିବ, ସ୍ଥାନ: ବନ୍ଦର ପୋତାଶ୍ରୟ, ପାରାଦୀପ, ସମୟ: ସକାଳ ୯ଟା।
- କେନ୍ଦ୍ର ସରକାରଙ୍କ କୃଷି ବିରୋଧୀ ମନୋଭାବ ବିରୋଧରେ ବିକ୍ଷୋଭ, ସ୍ଥାନ: ବ୍ଲକ କାର୍ଯ୍ୟାଳୟ ସମ୍ମୁଖ, ଏରସମା, ସମୟ: ପୂର୍ବାହ୍ନ ୧୧ଟା।

- ଅନ୍ତର୍ଜାତୀୟ ନାଟ୍ୟ ମହୋତ୍ସବ ଭାରତ ରଙ୍ଗ ମହୋତ୍ସବ ତୃତୀୟ ସନ୍ଧ୍ୟାରେ ଉର୍ଦ୍ଧ୍ୱ ନାଟକ ଚାକ୍ ପରିବେଷଣ, ସ୍ଥାନ: ଜୟଦେବ ଭବନ, ବଡ଼ପଡିଆ, ପାରାଦୀପ, ସମୟ: ସନ୍ଧ୍ୟା ୬ଟା।

**କେନ୍ଦ୍ରାପଡ଼ା**
- ସ୍ୱାମୀ ମୁକୁନ୍ଦାନନ୍ଦଜୀଙ୍କ ପ୍ରବଚନ କାର୍ଯ୍ୟକ୍ରମ, ସ୍ଥାନ: ସଂସ୍କୃତି ଭବନ, ଉଦୟ ନଗର, ଡେରାବିଶ, ସମୟ: ଅପରାହ୍ନ ୫ଟା।
- ଡେରାବିଶ ଯୁବ ମହୋତ୍ସବ, ସ୍ଥାନ: ମିନି ଷ୍ଟାଡିୟମ, କୁରୁଜଙ୍ଗା, ଡେରାବିଶ, ସମୟ: ସନ୍ଧ୍ୟା ୬ଟା।

**ଯାଜପୁର**
- ଭୀମଭୋଇ ଭିନ୍ନକ୍ଷମ ଶିବିର, ସ୍ଥାନ: ବରୀ ଓ ବଡ଼ଚଣା ବ୍ଲକ କାର୍ଯ୍ୟାଳୟ ପରିସର, ସମୟ: ପୂର୍ବାହ୍ନ ୧୦ଟା।
- ଯାଜପୁର ଜିଲା ବିଦ୍ୟୁତ ଉପଭୋକ୍ତା କମିଟି ପକ୍ଷରୁ ଗଣ ସମ୍ମିଳନୀ, ସ୍ଥାନ : ଯାଜପୁର ରୋଡ ହୋଟେଲ ରୟାଲ କଳିଙ୍ଗ, ସମୟ: ପୂର୍ବାହ୍ନ ୧୦ଟା।
- ବ୍ୟାସ ସରୋବର ମେଳାର ୭ମ ଦିବସରେ ମେଲୋଡି କାର୍ଯ୍ୟକ୍ରମ, ସ୍ଥାନ: ବ୍ୟାସ ସରୋବର ପୀଠ ପରିସର, ସମୟ: ସନ୍ଧ୍ୟା ୭ଟା।

**ନୟାଗଡ଼**
- ଦ୍ୱାଦଶ ବାର୍ଷିକ ନବାହ୍ନ ପାରାୟଣ ମାନସ ପ୍ରବଚନ ଓ ଜ୍ଞାନଯଜ୍ଞର ୨ୟ ଦିବସରେ ସୂର୍ଯ୍ୟପୂଜା ସହ ପ୍ରବଚନରେ ଶ୍ରୀରାମ ନାମ ମହାତ୍ମ୍ୟ ସତୀମୋହ ଓ ଶିବ ପାର୍ବତୀ ବିବାହ, ସ୍ଥାନ:ଖଣ୍ଡପଡା ବ୍ଲକ ମର୍ଦ୍ଦରାଜପୁର ଶ୍ରୀ ଶ୍ରୀ ମୁଣ୍ଡିଆ ହନୁମାନ ପୀଠ ମୁକ୍ତିକ୍ଷେତ୍ର, ପ୍ରାତଃ ୬ଟାରୁ ରାତି ୯ଟା।
- ଭୈମୀ ଏକାଦଶୀ ମେଳାର ସପ୍ତମ ଦିବସ, ସ୍ଥାନ: କଣ୍ଟିଲୋ ନୀଳମାଧବ ପୀଠ, ସମୟ: ସକାଳ ୭ଟା।
- ଜାମାଲାଗି ବେଶର ତ୍ରୟୋଦଶ ଦିବସ, ସ୍ଥାନ: କଣ୍ଟିଲୋ ନୀଳମାଧବ ମନ୍ଦିର, ସମୟ:ସକାଳ ୭ଟା।

**ରାୟଗଡ଼ା**
- ନୂତନ ବ୍ଲକ ଅଧ୍ୟକ୍ଷଙ୍କ ଦାୟିତ୍ୱ ଗ୍ରହଣ, ସ୍ଥାନ: ବ୍ଲକ କାର୍ଯ୍ୟାଳୟ, ଗୁଡାରି, ସମୟ: ପୂର୍ବାହ୍ନ ୧୦ଟା।
- ପିଏମଶ୍ରୀ ଏସ୍‌ଏସ୍‌ଡି ହାଇସ୍କୁଲ ବାର୍ଷିକୋତ୍ସବ, ସ୍ଥାନ: ଡାଙ୍ଗସୋରଡା ସ୍କୁଲ ପରିସର, ଚନ୍ଦ୍ରପୁର, ସମୟ: ଅପରାହ୍ନ ୩ଟା ୩୦।

**ନବରଙ୍ଗପୁର**
- ମାଣ୍ଡିଆ ମଣ୍ଡି ଶୁଭାରମ୍ଭ କାର୍ଯ୍ୟକ୍ରମ, ସ୍ଥାନ: ତେନ୍ତୁଲିଖୁଣ୍ଟି ବ୍ଲକ ଗୌଡ଼ଗୁଡ଼ାସ୍ଥିତ ଅଗ୍ରଗାମୀ ପରିସର, ସମୟ: ପୂର୍ବାହ୍ନ ୧୦ଟା ୩୦।
- ସମ୍ପୂର୍ଣ୍ଣତା ଅଭିଯାନ ଉଦ୍‌ଘାଟନ ଉତ୍ସବ, ସ୍ଥାନ: ଡାବୁଗାଁ ବ୍ଲକ କାର୍ଯ୍ୟାଳୟ ପରିସର, ସମୟ: ପୂର୍ବାହ୍ନ ୧୧ଟା।

**କୋରାପୁଟ**
- ଉତ୍କଳ ଗୌରବ ମଧୁସୂଧନ ଦାସଙ୍କ ଶ୍ରାଦ୍ଧ ଦିବସ, ସ୍ଥାନ: ଗୋପବନ୍ଧୁ ପାର୍କ, କୋରାପୁଟ, ସମୟ: ସକାଳ ୯ଟା ୩୦।
- ସମ୍ପୂର୍ଣ୍ଣତା ଅଭିଯାନ, ସ୍ଥାନ: ପଞ୍ଚାୟତ ସମିତି ପରିସର, ଲମତାପୁଟ, ସମୟ: ପୂର୍ବାହ୍ନ ୧୦ଟା।
- ସେନସସ ନେଇ କର୍ମଚାରୀଙ୍କୁ ତାଲିମ କାର୍ଯ୍ୟକ୍ରମ, ସ୍ଥାନ: ସଦ୍‌ଭାବନା ସଭାଗୃହ, କୋରାପୁଟ, ସମୟ: ପୂର୍ବାହ୍ନ ୧୦ଟା ୩୦।
- ପିଏମ୍‌ଶ୍ରୀ ହାଇସ୍କୁଲର ବାର୍ଷିକ ଉତ୍ସବ, ସ୍ଥାନ: ପିଏମ୍‌ଶ୍ରୀ ହାଇସ୍କୁଲ, ପଟ୍ଟାଙ୍ଗି, ସମୟ: ପୂର୍ବାହ୍ନ ୧୧ଟା।
- ବ୍ଲକ୍ କଂଗ୍ରେସର ସମ୍ବର୍ଦ୍ଧନା ସଭା, ସ୍ଥାନ: କଂଗ୍ରେସ ଭବନ, କୁନ୍ଦୁରା, ସମୟ: ମଧ୍ୟାହ୍ନ ୧୨ଟା।
- ବାର୍ଷିକ କ୍ରୀଡା ଉତ୍ସବ, ସ୍ଥାନ: ଚିକାମ୍ବ ସରକାରୀ ଉଚ୍ଚ ବିଦ୍ୟାଳୟ, ଦଶମନ୍ତପୁର, ସମୟ: ଅପରାହ୍ନ ୧ଟା।
- ୬୯ତମ ବାର୍ଷିକ ଉତ୍ସବ, ସ୍ଥାନ: ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ ପରିସର, କୋଟପାଡ଼, ସମୟ: ଅପରାହ୍ନ ୩ଟା।

**ସମ୍ବଲପୁର**
- ଅଙ୍ଗନୱାଡି ଓ ଆଶା କର୍ମୀଙ୍କ ବିଭିନ୍ନ ସମସ୍ୟା ନେଇ ଆଲୋଚନା, ସ୍ଥାନ: ସାମ୍ବାଦିକ ଭବନ, ସମୟ: ପୂର୍ବାହ୍ନ ୧୦ଟା।
- ପ୍ରଧାନମନ୍ତ୍ରୀ ଜନୌଷଧି କେନ୍ଦ୍ରର ଶୁଭାରମ୍ଭ, ସ୍ଥାନ : ଫାଟକ, ସମୟ : ମଧ୍ୟାହ୍ନ ୧୨ଟା।
- ପରମାଣପୁର ଧନୁଯାତ୍ରା କମିଟି ପକ୍ଷରୁ ସାଂସ୍କୃତିକ କାର୍ଯ୍ୟକ୍ରମ, ସ୍ଥାନ: ପରମାଣପୁର ଗ୍ରାମ, ସମୟ: ସନ୍ଧ୍ୟା ୭ଟା।

**ବଲାଙ୍ଗୀର**
- ଅଭ୍ୟୁଦୟ: ବିକାଶ, ସମୃଦ୍ଧି ଓ ନୂତନ ଆରମ୍ଭର ଉତ୍ସବ,ସ୍ଥାନ: କେ.ଭି.ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ/କେ.ଭି.ଡିଗ୍ରୀ କଲେଜ, କଣ୍ଟାବାଞ୍ଜି ବ୍ଲକ, ସମୟ: ପୂର୍ବାହ୍ନ୧୦ଟାରୁ ଅପରାହ୍ନ ୫ଟା।

**ରାଉରକେଲା**
- ଆନ୍ତଃ ଶ୍ରେଣୀୟ ଚିତ୍ରାଙ୍କନ ପ୍ରତିଯୋଗିତା, ସ୍ଥାନ: ସେକ୍ଟର-୧୪ ଡିପିଏସ୍, ସମୟ: ପୂର୍ବାହ୍ନ ୧୦ଟା।
- ଆଦିବାସୀଙ୍କ ଧାର୍ମିକ ଶୋଭାଯାତ୍ରା, ସ୍ଥାନ: ଏଡ଼ିଏମ୍ ଅଫିସ୍, ସମୟ: ପୂର୍ବାହ୍ନ ୧୧ଟା।
- ଭାଗବତ କଥା ପ୍ରବଚନ ଶୁଭାରମ୍ଭ କାର୍ଯ୍ୟକ୍ରମ, ସ୍ଥାନ: ସେକ୍ଟର-୧୯ ଆଖଣ୍ଡଳମଣି ମନ୍ଦିର, ସମୟ: ଅପରାହ୍ନ ୪ଟା।

**ସୁନ୍ଦରଗଡ଼**
- ସୁନ୍ଦରଗଡ଼ ସରକାରୀ ସ୍ୱୟଂଶାସିତ ମହାବିଦ୍ୟାଳୟର ୬୮ତମ ବାର୍ଷିକ ଉତ୍ସବ,ସ୍ଥାନ:ମହାବିଦ୍ୟାଳୟ ପରିସର,ସମୟ: ସକାଳ ୯ଟା।
- ଗ୍ରାମ୍ୟ ଜଳ ଅର୍ପଣ ଦିବସ କାର୍ଯ୍ୟକ୍ରମ,ସ୍ଥାନ: ଜଲଙ୍ଗବିରା ଗ୍ରାମର ପାଣି ଟାଙ୍କି ନିକଟସ୍ଥ ପଡିଆ, ଜଲଙ୍ଗବିରା ଗ୍ରାମପଞ୍ଚାୟତ,କୁଆଁରମୁଣ୍ଡା ବ୍ଲକ,ସମୟ: ସକାଳ ୧୦ଟା।
- ସୁନ୍ଦରଗଡ ଘରୋଇ ବସ ମାଲିକ ସଂଘ ପକ୍ଷରୁ ମାଗଣା ସ୍ୱାସ୍ଥ୍ୟ ପରୀକ୍ଷା ଶିବିର, ସ୍ଥାନ: ଲୁହୁରାଢିପା ନୂଆ ବସଷ୍ଟାଣ୍ଡ ସ୍ଥିତ ଘରୋଇ ବସ ମାଲିକ ସଂଘ କାର୍ଯ୍ୟାଳୟ,ସମୟ: ସକାଳ୯ଟାରୁ୨ଟା।

**ବରଗଡ଼**
- ଧନୁଯାତ୍ରା ନନ୍ଦରାଜାଙ୍କ ପରଲୋକରେ ଶ୍ରଦ୍ଧାଞ୍ଜଳି ସଭା, ସ୍ଥାନ: କୀର୍ତ୍ତନ ମଣ୍ଡପ, ଅମ୍ବାପାଲି, ବରଗଡ଼, ସମୟ:ସନ୍ଧ୍ୟା ୬ଟା।

**କଳାହାଣ୍ଡି**
- ଜନଗଣନା ଉପରେ ସମୀକ୍ଷା ବୈଠକ, ସ୍ଥାନ: ଭବାନୀପାଟଣାସ୍ଥିତ ଜିଲାପାଳଙ୍କ ସମ୍ମିଳନୀ କକ୍ଷ, ସମୟ: ପୂର୍ବାହ୍ନ ୧୦ଟା।
- ମୁଖ୍ୟମନ୍ତ୍ରୀ କପ ଭଲିବଲ ପାଇଁ ବାଳିକା ଚୟନ ଶିବିର, ସ୍ଥାନ: ଭବାନୀପାଟଣା ଲାଲ ବାହାଦୁର ଶାସ୍ତ୍ରୀ ଷ୍ଟାଡିୟମ, ସମୟ: ପୂର୍ବାହ୍ନ ୧୦ଟା।

**ବୌଦ୍ଧ**
- ବାବା କପ୍ ରାଜ୍ୟସ୍ତରୀୟ ଫୁଟ୍‌ବଲ ଟୁର୍ନାମେଣ୍ଟର ତୃତୀୟ ଦିବସ, ସ୍ଥାନ: ଉଚ୍ଚ ବିଦ୍ୟାଳୟ ଖେଳ ପଡ଼ିଆ, ସମୟ: ଅପରାହ୍ନ ୩ଟା।

**ଦେବଗଡ଼**
- ଜିଲାସ୍ତରୀୟ ନିଯୁକ୍ତି ମେଳା, ସ୍ଥାନ: ଦେବଗଡ଼ ବିଜୁ ପଟ୍ଟନାୟକ ଅଡିଟୋରିୟମ, ସମୟ: ସକାଳ ୯ଟା ୩୦।
- ବାବା କୁଦ୍ରେଶ୍ୱର ମନ୍ଦିରର ପ୍ରତିଷ୍ଠା ଉତ୍ସବ, ସ୍ଥାନ: ରିଆମାଳ ବ୍ଲକ୍ କଣ୍ଟାବାହାଳ ଗ୍ରାମ, ସମୟ: ପୂର୍ବାହ୍ନ ୧୦ଟା।

- ବିଜେଡି ପକ୍ଷରୁ ସରକାରଙ୍କ ଚାଷୀମାରଣ ନୀତି, ବିପର୍ଯ୍ୟସ୍ତ ଆଇନଶୃଙ୍ଖଳା ଓ ପ୍ରତିଶ୍ରୁତି ଖିଲାପ ବିରୋଧରେ ବିକ୍ଷୋଭ ପଦଯାତ୍ରା, ସ୍ଥାନ: ଗୋପାଳଜୀ ମନ୍ଦିରଠାରୁ ଉପଜିଲାପାଳଙ୍କ କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୦ଟା ୩୦।
- ମା' କନକଦୁର୍ଗାଙ୍କ ସନ୍ଧ୍ୟାଆଳତି, ସ୍ଥାନ: ମଠସାହିସ୍ଥିତ ମା' କନକଦୁର୍ଗା ମନ୍ଦିର, ସମୟ: ସନ୍ଧ୍ୟା ୬ଟା ୩୦।

**ସୁବର୍ଣ୍ଣପୁର**
- ଅଷ୍ଟ ପ୍ରହର ନାମଯଜ୍ଞ, ସ୍ଥାନ: କେନ୍ଦୁପାଲି, ବହଳପଦର ପଞ୍ଚାୟତ, ବୀରମହାରାଜପୁର, ସମୟ: ସକାଳ ୭ଟା।
- ଭଙ୍ଗାମୁଣ୍ଡା ଦୁର୍ଗା ମାଧବ ମନ୍ଦିର ପ୍ରତିଷ୍ଠା ଉତ୍ସବ ୫୬ ପ୍ରହର ନାମଯଜ୍ଞ ଆରମ୍ଭ, ସ୍ଥାନ: ମନ୍ଦିର ପରିସର, ସମୟ: ସକାଳ ୮ଟା।
- ମା' ମାହେଶ୍ୱରୀ କ୍ରିକେଟ କପ୍‌ର ଦ୍ୱିତୀୟ ଦିବସ, ସ୍ଥାନ: ନୂଆଗଡ, ବୀରମହାରାଜପୁର, ସମୟ: ପୂର୍ବାହ୍ନ ୧୧ଟା।
- ବନବିହାର କାର୍ଯ୍ୟକ୍ରମ, ସ୍ଥାନ: ଅମରପାଲି ହାଇସ୍କୁଲ, ବୀରମହାରାଜପୁର, ସମୟ: ପୂର୍ବାହ୍ନ ୧୧ଟା।
- ସୁଭଦ୍ରା ଶକ୍ତି ମେଳାର ଚତୁର୍ଥ ସନ୍ଧ୍ୟା ଅବସରରେ ସାଂସ୍କୃତିକ କାର୍ଯ୍ୟକ୍ରମ, ସ୍ଥାନ: ସୁବର୍ଣ୍ଣପୁର ସହର ସ୍ଥିତ ରାମେଶ୍ୱର ଷ୍ଟାଡିୟମ ପରିସର, ସମୟ: ସନ୍ଧ୍ୟା ୫ଟା ୩୦।
- ଉଲୁଣ୍ଡା ବ୍ଲକ ଭଙ୍ଗାମୁଣ୍ଡା ଧନୁଯାତ୍ରା ଶୁଭାରମ୍ଭ, ସ୍ଥାନ: ମନ୍ଦିର ସମ୍ମୁଖସ୍ଥ ଦରବାର, ସମୟ: ସନ୍ଧ୍ୟା ୮ଟା।

**ନୂଆପଡ଼ା**
- ଖଡିଆଳ ମହୋତ୍ସବ ୨୦୨୬ ଉଦ୍‌ଘାଟନ, ସ୍ଥାନ: ରାଜା ଆର୍ତ୍ତତ୍ରାଣ ଉଚ୍ଚ ବିଦ୍ୟାଳୟ ପଡିଆ, ସମୟ: ସନ୍ଧ୍ୟା ୭ଟା।
- ଖଡିଆଳ ମହୋତ୍ସବ ପାଇଁ ମଶାଲ ଯାତ୍ରା, ସ୍ଥାନ: ଯୋଗୀମଠଠାରୁ ଠାକୁରାଣୀ ମନ୍ଦିର ଦେଇ ମହୋତ୍ସବ ପଡିଆ, ସମୟ: ଅପରାହ୍ନ ୩ଟା।
- ଜିଲାସ୍ତରୀୟ ପିଏମ୍‌ଶ୍ରୀ ଉତ୍ସବ ଉଦ୍‌ଘାଟନ, ସ୍ଥାନ: ନ୍ୟାଶନାଲ ଉଚ୍ଚ ବିଦ୍ୟାଳୟ ନୂଆପଡ଼ା, ସମୟ: ପୂର୍ବାହ୍ନ ୧୦ଟା ୩୦।
- ଷୋହଳପ୍ରହର ଅଖଣ୍ଡ ନାମଯଜ୍ଞ ଉପଲକ୍ଷେ କଳସ ଶୋଭାଯାତ୍ରା, ସ୍ଥାନ: କୋମନା ବ୍ଲକ ତରବୋଡ ବସ୍ତିପଡା, ସମୟ: ଅପରାହ୍ନ ୩ଟା ୪୬।
- ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରର ୩୬ତମ ବାର୍ଷିକ ଉତ୍ସବ, ସ୍ଥାନ: ଶିଶୁ ଭାରତୀ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ନୂଆପଡ଼ା, ସମୟ: ଅପରାହ୍ନ ୫ଟା।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** — ଚତୁଃଗ୍ରହ କର୍ମସ୍ଥାନରେ କାର୍ଯ୍ୟସିଦ୍ଧି, ଅର୍ଥ ଓ ସମ୍ମାନ ଲାଭ କରାଇବେ। କିନ୍ତୁ ନିକିତି ତଉଲ ପରି ପାରିବାରିକ ଜୀବନର ପଲା ନିମ୍ନାଭିମୁଖୀ ହେତୁ ମନାନ୍ତର ଓ ଭୁଲ୍ ବୁଝାମଣାରୁ ଅଶାନ୍ତ ସ୍ଥିତି ମଧ୍ୟ ଉପୁଜିପାରେ। କିନ୍ତୁ ଅଶ୍ୱିନୀ ନକ୍ଷତ୍ର ସକାଶେ ଲୋକ ସମ୍ପର୍କ, ସଭାସମିତି, ଆଲୋଚନାଚକ୍ର, ସାହିତ୍ୟସଭା ପ୍ରୀତିପ୍ରଦ ରହିବ।

**ବୃଷ** — ସ୍ୱାସ୍ଥ୍ୟରେ ଉନ୍ନତି ପରିଲକ୍ଷିତ ହେବାରୁ ସାମୟିକ ଆନନ୍ଦ ଅନୁଭବ କରିବେ । ଆନୁଷ୍ଠାନିକ କାର୍ଯ୍ୟ କିମ୍ବା ସାଂସ୍କୃତିକ କାର୍ଯ୍ୟ ପାଇଁ ବିଶେଷ ଅସୁବିଧା ହେବ ନାହିଁ। ଆଜିର ପ୍ରତ୍ୟୁଷ ଯାତ୍ରା, ଧର୍ମକାର୍ଯ୍ୟ, ଭ୍ରାତୃ ସମ୍ପର୍କ କ୍ଷେତ୍ରରେ ସଫଳତା ପାଇପାରିବେ। ପଡ଼ୋଶୀଙ୍କ ସହ ସାଧାରଣ କଥାରେ ଉତ୍ତେଜିତ ହୋଇ ଭୁଲ୍ କରିପାରନ୍ତି।

**ମିଥୁନ** — ଅର୍ଥନୈତିକ ଦୃଷ୍ଟିକୋଣରୁ ଦିନଟି ବହୁତ ଭଲରେ ଅତିବାହିତ ହେବାର ସମ୍ଭାବନା ରହିଛି। ବନ୍ଧୁଙ୍କ ସହାୟତାରେ ପାରିବାରିକ ସମସ୍ୟାକୁ ସହଜରେ ସମାଧାନ କରିବାରେ ସଫଳ ହେବେ। କର୍ମକ୍ଷେତ୍ରରେ କାର୍ଯ୍ୟକୁ ଏକାଗ୍ରତା ସହ ତୁଲାଇ ପ୍ରଶଂସିତ ହୋଇପାରନ୍ତି। ପୂର୍ବ ଶତ୍ରୁତାକୁ ନେଇ ବନ୍ଧୁଙ୍କ ସହ ସମ୍ପର୍କ ହାନି ଘଟିପାରେ।

**କର୍କଟ** — ପ୍ରତ୍ୟେକ କ୍ଷେତ୍ରରେ କାର୍ଯ୍ୟଦକ୍ଷତା ଓ ସାଂଗଠନିକ ପ୍ରବୃତ୍ତିର ପ୍ରଶଂସା ମିଳିବ। କିନ୍ତୁ ସପ୍ତମସ୍ଥ ଗ୍ରହ ବିବାଦରେ ପରାଜୟ ଓ ମାଲିମକଦ୍ଦମାରେ ବିଫଳତା ପ୍ରଦାନ କରିପାରେ। ଆର୍ଥିକ ଅନଟନ ହେତୁ ଆଶା ପୂରଣ ହୋଇପାରିବ ନାହିଁ। ନିଜର ଫାଇଦା ହାସଲ ପାଇଁ ବନ୍ଧୁମାନେ ଫନ୍ଦିଫିକର କରିବା ଲାଗି ଯୋଜନା କରିପାରନ୍ତି।

**ସିଂହ** — ସମସ୍ୟା ଆସିଲେ ମଧ ଷଷ୍ଠଭାବସ୍ଥ ରବି ପ୍ରତ୍ୟେକ ପ୍ରତିକୂଳ ପରିସ୍ଥିତିର ସାମ୍ନା କରିବେ। ଭଲ ସମ୍ପର୍କ ନ ଥିବା କାରଣରୁ ଆତ୍ମୀୟମାନେ ସମସ୍ୟା ସୃଷ୍ଟି କରିପାରନ୍ତି। ସାହିତ୍ୟ, ବୈଷୟିକ କ୍ଷେତ୍ରରୁ ବୁଦ୍ଧିଜୀବୀଙ୍କ ଦ୍ୱାରା ପ୍ରଶଂସିତ ହେବେ। ଧାର୍ମିକ କାର୍ଯ୍ୟ, ବ୍ୟବସାୟିକ ସ୍ଥିତି ଓ ବନ୍ଧୁଙ୍କ ସହ ଆଲୋଚନା ଫଳପ୍ରଦ ହେବାର ଆଶା ରହିଛି।

**କନ୍ୟା** — କର୍ମସ୍ଥ ବୃହସ୍ପତିଙ୍କ ଶୁଭଦୃଷ୍ଟି ହେତୁ ପାରିବାରିକ ସମର୍ଥନ, ବାହାର ଲୋକଙ୍କ ସାହାଯ୍ୟ ଆପଣଙ୍କ ପଛରେ ରହିବ। ପରିବହନ, ଜମିଜମା ସମ୍ବନ୍ଧୀୟ ସମସ୍ୟା ଆସିପାରେ। ଘର କାମ ସାଙ୍ଗକୁ ଅଫିସ୍ କାମର ଜଞ୍ଜାଳ ବଳିଯିବ। ନିର୍ମାଣ, ଶିଳ୍ପ ଓ ପରିବହନ କ୍ଷେତ୍ରରେ ଆଶା ଅନୁରୂପ ଫଳ ପାଇପାରନ୍ତି।

**ତୁଳା** — କୌଣସି ଆନୁଷ୍ଠାନିକ କାମ, ସ୍ଥଗିତ ଧାର୍ମିକକାର୍ଯ୍ୟ ପାଇଁ ନିୟୋଜିତ ରହିବେ। ବିଜାତୀୟ ବ୍ୟକ୍ତିଙ୍କ ସହ ମିତ୍ରତା ପ୍ରତି ପାରିବାରିକ ସମର୍ଥନ ରହିବ। ପ୍ରତ୍ୟୁଷ ଯାତ୍ରାରେ ସଫଳତା ମିଳିବ କିନ୍ତୁ ଦୀର୍ଘ ସମୟ ଅପେକ୍ଷା କରିବାକୁ ପଡ଼ିବ। ଶିଳ୍ପ, ବାଣିଜ୍ୟ, ପରିବହନ, କଳା, ସାହିତ୍ୟ ଓ ରାଜନୀତି କ୍ଷେତ୍ରରେ ପ୍ରଶଂସିତ ହେବେ।

**ବିଛା** — ଭାଗ୍ୟାଧିପତି କର୍ମଭାବସ୍ଥ ଯୋଗୁ କର୍ମକ୍ଷେତ୍ରରେ ମନ ବୁଝିଲା ଭଳି କଥା କହି ବନ୍ଧୁଙ୍କୁ ଆପଣେଇ ନେବେ। ମନୋରଞ୍ଜନ, ଯାତ୍ରା, ଯାନ୍ତ୍ରିକ ଜିନିଷ କ୍ରୟ, ଦୂରଯାତ୍ରା ପାଇଁ ଦିନଟି ଅନୁକୂଳ। ଚନ୍ଦ୍ର ସହ କେତୁଜନିତ ପାରିବାରିକ କ୍ଷେତ୍ରରେ ଟେନ୍‌ସନ ବଢ଼ିବ। ନିଜର ଭଳି ବ୍ୟବହାର ଦେଖାଉଥିବା ବ୍ୟକ୍ତିମାନେ ପଛରେ ଅପପ୍ରଚାର ଚଳାଇପାରନ୍ତି।

**ଧନୁ** — ସମ୍ପର୍କୀୟଙ୍କ ସହାନୁଭୂତି ଆପଣଙ୍କୁ ନୂତନ ଗୃହ, ଯାନ କ୍ରୟ ଓ କାର୍ଯ୍ୟସିଦ୍ଧି ସକାଶେ ସାହାଯ୍ୟ କରିବ। ବିବାଦୀୟ ଘଟଣା ସକାଶେ ଯେଉଁ ଆଶଙ୍କା କରୁଛନ୍ତି ସେମିତି କିଛି ହେବ ନାହିଁ। ବନ୍ଧୁଙ୍କ ସହ ସାକ୍ଷାତ୍‌କାର ସାଙ୍ଗକୁ ଦେବ ଦର୍ଶନ ଏବଂ ଭ୍ରମଣ ସୁଯୋଗ ପାଇବେ। ପରୀକ୍ଷା, ସାହିତ୍ୟ, ସଙ୍ଗୀତ ଓ ପ୍ରତିଯୋଗିତାରେ ସଫଳତା ହାସଲ କରିବେ।

**ମକର** — ବନ୍ଧୁଙ୍କ ଭୁଲ୍ ବୁଝାମଣା ସାଙ୍ଗକୁ ମିଥ୍ୟା ଅଭିଯୋଗ ବ୍ୟଥିତ କରିବ। ଫଳତଃ ମାନସିକ ସ୍ଥିରତା ହରାଇବା ସଙ୍ଗକୁ ସ୍ୱାସ୍ଥ୍ୟ ସମସ୍ୟାରେ ମଧ୍ୟ ପୀଡ଼ିତ ହୋଇପାରନ୍ତି। ଆବଶ୍ୟକତା ପୂରଣ ସକାଶେ ଧାର କରଜ କରି କାମ ତୁଲାଇ ନେବେ। ଯାତ୍ରା, ନିର୍ମାଣ, ଆନୁଷ୍ଠାନିକ କାର୍ଯ୍ୟ ଏବଂ କଚେରି ମାମଲା କ୍ଷେତ୍ରରେ ଆଶାନୁରୂପ ଫଳ ପାଇବେ।

**କୁମ୍ଭ** — ସ୍ୱାସ୍ଥ୍ୟରେ ଉନ୍ନତି ସଙ୍ଗକୁ ବନ୍ଧୁବର୍ଗଙ୍କ ସହାନୁଭୂତି ଲକ୍ଷ୍ୟ ହାସଲରେ ସହାୟକ ହେବ। ତରବରିଆ ପଦକ୍ଷେପ ନେଲେ ଅସୁବିଧାରେ ପଡ଼ିବେ। ଯାତ୍ରାରେ ଜିନିଷ ପତ୍ର ପ୍ରତି ସତର୍କ ରହନ୍ତୁ, ଅନ୍ୟଥା ମନସ୍ତାପ କରିବା ବ୍ୟତୀତ କିଛି ଲାଭ ହେବନି। ଶିଳ୍ପ,ନୂତନ ଉଦ୍ୟୋଗ, ପରିବହନ, ବାଣିଜ୍ୟ, କାରଖାନା ଦିଗରୁ ଉପକୃତ ହୋଇପାରନ୍ତି।

**ମୀନ** — ପ୍ରତ୍ୟେକ ଦିଗରୁ ଗ୍ରହସମ୍ପର୍କର ଅନୁକୂଳତା ଜୀବନଚର୍ଯ୍ୟା ପାଇଁ ଲାଭଦାୟକ ରହିବ। ସ୍ଥଗିତ କାମରେ, ସ୍ୱାସ୍ଥ୍ୟ ସମସ୍ୟାରେ, ବାଣିଜ୍ୟରେ ସମସ୍ୟା ସମାଧାନ ହେବ। କିନ୍ତୁ କର୍ମକ୍ଷେତ୍ରରେ ସହକର୍ମୀଙ୍କ ସହ ବାକ୍ ଅସଂଯମତା ଯୋଗୁ ସୁସମ୍ପର୍କ ବ୍ୟାହତ ହେବ। ପୁରୁଣା ସମ୍ପର୍କକୁ ଯୋଡିବାରେ ବନ୍ଧୁଙ୍କ ଅବଦାନ ଅବିସ୍ମରଣୀୟ ରହିବ।

ଆଜି ଫେବୃୟାରୀ ୪ ତାରିଖ। ବିଶ୍ୱ କର୍କଟ ଦିବସ, ଉତ୍କଳ ଗୌରବ ମଧୁସୂଦନଙ୍କ ତିରୋଧାନ ଦିବସ। ଫାଲ୍‌ଗୁନ କୃଷ୍ଣ ତୃତୀୟା ବୁଧବାର। ରାଶିନକ୍ଷତ୍ର-ପୂର୍ବାଫାଲ୍‌ଗୁନୀ/ସିଂହ, ତୃତୀୟାର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ। ସକାଳ ଘ.୦୬।୨୪ମି. ଗତେ ଘ.୦୭।୫୪ମି. ମଧ୍ୟେ, ଘ.୧୦।୩୬ମି. ଗତେ ଘ.୧୧।୩୮ମି. ମଧ୍ୟେ ଶୁଦ୍ଧ ଶୁଭ ବେଳା। ଦିବା ଘ.୧୨।୦୦ମି. ଗତେ ଘ.୦୧।୨୪ମି. ମଧ୍ୟେ ରାହୁ କାଳ।

# 'କଳ୍କି' ସିକ୍ୱେଲରେ
# ସାଇ ପଲ୍ଲବୀ



**ହାଇଦ୍ରାବାଦ:** ନାଗ ଅଶ୍ୱିନଙ୍କ ନିର୍ଦ୍ଦେଶିତ ସାଇନ୍ସ-ଫିକ୍ସନ ଚଳଚ୍ଚିତ୍ର 'କଳ୍କି ୨୮୯୮ ଏଡି'ର ସିକ୍ୱେଲକୁ ନେଇ ଚର୍ଚ୍ଚା ଜୋର ଧରିଛି। ଫିଲ୍ମର ମୁଖ୍ୟ ନାୟିକା 'ସୁମତି' ଭୂମିକାରେ ଅଭିନୟ କରୁଥିବା ବଲିଉଡ ଅଭିନେତ୍ରୀ ଦୀପିକା ପାଦୁକୋନ ଏହି ପ୍ରୋଜେକ୍ଟରୁ ଓହରି ଯାଇଥିବା ବେଳେ ତାଙ୍କ ସ୍ଥାନରେ ଦକ୍ଷିଣ ଭାରତୀୟ ଅଭିନେତ୍ରୀ ସାଇ ପଲ୍ଲବୀଙ୍କୁ ନେବା ପାଇଁ ପ୍ରସ୍ତୁତି ଚାଲିଥିବା ଜଣାପଡ଼ିଛି। ଚଳଚ୍ଚିତ୍ର ପ୍ରଯୋଜନା ସଂସ୍ଥାର ଜଣେ ପ୍ରତିନିଧି ସ୍ପଷ୍ଟ କରିଛନ୍ତି ଯେ, ସାଇ ପଲ୍ଲବୀଙ୍କ ନାମ ଏପର୍ଯ୍ୟନ୍ତ ଚୂଡ଼ାନ୍ତ ହୋଇନାହିଁ। ଦୀପିକାଙ୍କ ବିଦାୟ ପରେ ନିର୍ମାତାମାନେ 'ସୁମତି' ଚରିତ୍ର ପାଇଁ ସାଇ ପଲ୍ଲବୀଙ୍କ ନାମ ଉପରେ ବିଚାର କରୁଛନ୍ତି। ସେ ଏହି ଭୂମିକା ପାଇଁ ଉପଯୁକ୍ତ ବୋଲି ସେମାନେ ଭାବୁଛନ୍ତି। ଦୀପିକା ପ୍ରାୟ ୨୦ ଦିନର ଶୁଟିଂ ଶେଷ କରିସାରିଥିଲେ। କିନ୍ତୁ ପାରିଶ୍ରମିକ ବୃଦ୍ଧିକୁ ନେଇ ନିର୍ମାତାଙ୍କ ସହ ବୁଝାମଣା ନ ହେବାରୁ ସେ ଏହି ଚଳଚ୍ଚିତ୍ରରୁ ଓହରି ଯାଇଛନ୍ତି।

# ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)


**ଅକାର ଉକାର ମକାର ତିନି,**
**ଓଁକାର ଅକ୍ଷୟ ବେଦର ଧ୍ୱନି।**

ଅକାର, ଉକାର ଓ ମକାର ଯଥାକ୍ରମେ ସୂର୍ଯ୍ୟବୀଜ, ଚନ୍ଦ୍ରବୀଜ ଓ ଅଗ୍ନିବୀଜ ଭାବେ ପରିଗଣିତ। ଏହାର ମୂଳ ତିନୋଟି ଅକ୍ଷର 'ଅ', 'ଉ' ଓ 'ମ'ର ସଂଯୋଗରେ 'ଓଁ'ର ଉତ୍ପତ୍ତି ହୋଇଥାଏ। ଏହାକୁ ପ୍ରଥମେ ଉଚ୍ଚାରଣ କରି ମନ୍ତ୍ରପାଠ କଲେ ମନ୍ତ୍ର ସିଦ୍ଧ ହୁଏ ବୋଲି ଏଠାରେ ଉଲ୍ଲେଖ କରାଯାଇଛି।

**ଅଳପ ଜାଣେ, ବହୁ ବଖାଣେ**
**ମରିବା ବଞ୍ଚିବା ଦୁଇ ନ ଜାଣେ।**

ସାଧାରଣତଃ ଜ୍ୟୋତିଷ ଓ ନାହାକ ଭଳି ବ୍ୟକ୍ତି ଲୋକର ହାତ ବା ଜାତକ ଦେଖି ତାଙ୍କ ଆଗତ ଭବିଷ୍ୟତ କଥା କହିଥାନ୍ତି। ଏଭଳି ବ୍ୟକ୍ତି ଯେତିକି ଜାଣିଥାନ୍ତି ତା'ଠାରୁ କାହିଁ କେତେ ଅଧିକ କଥା ଲୋକଙ୍କୁ ଶୁଣାଇଥାନ୍ତି। ତେବେ ସେମାନେ ଲୋକର ଜନ୍ମ ଓ ମୃତ୍ୟୁ ଭଳି ଏହି ଦୁଇଟି କଥାକୁ କେବେ ସଠିକ ବା ନିର୍ଭୁଲ ଭାବେ ଆକଳନ କରିପାରନ୍ତି ନାହିଁ ବୋଲି ଏଠାରେ ପ୍ରକାଶ କରାଯାଇଛି।

ନିର୍ବାଚିତ ଢଗଢମାଳି, ପ୍ରବାଦ, ପ୍ରବଚନ ଓ ଅନ୍ୟାନ୍ୟ – ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ




ମଙ୍ଗଳବାର ଅପରାହ୍ନ ୫ଟାରେ ମହାକାଶରୁ ଉତ୍ତୋଳିତ ପାଣିପାଗର ଚିତ୍ର।

## ପ୍ରଥମ ପୃଷ୍ଠାରୁ...

### ଲୋକଙ୍କ ଡାଟା...

କରିବା ଉଦ୍ଦେଶ୍ୟରେ ବ୍ୟବହାର କରିବାକୁ ଦିଆଯିବ ନାହିଁ। ଅନ୍ୟପକ୍ଷେ ବିଜ୍ଞାପନ ଉଦ୍ଦେଶ୍ୟରେ ୟୁଜର ଡାଟା ଶେୟାରିଂ ପ୍ରସଙ୍ଗରେ ଟ୍ରିବ୍ୟୁନାଲ କମ୍ପାନୀ ଦ୍ୱାରା କ୍ଷମତାର ଦୁରୁପଯୋଗ ହେଉ ନ ଥିବା କହି ମେଟାକୁ ଅନୁମତି ଦେଇଥିବାରୁ ସିସିଆଇ ମଧ୍ୟ ଏହା ବିରୋଧରେ ସୁପ୍ରିମକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ସରକାରଙ୍କ ପକ୍ଷରୁ ପ୍ରତିନିଧିତ୍ୱ କରୁଥିବା ସଲିସିଟର ଜେନେରାଲ ତୁଷାର ମେହେଟ୍ଟା ବ୍ୟବସାୟିକ ଉଦ୍ଦେଶ୍ୟରେ କମ୍ପାନୀର ଶୋଷଣକାରୀ ନୀତିକୁ ସମାଲୋଚନା କରିଥିଲେ। ସିଜେଆଇ କହିଥିଲେ, ତୁମେ ଯଦି ଭାରତୀୟ ସମ୍ବିଧାନକୁ ମାନି ଚଳିପାରିବ ନାହିଁ ତେବେ ଦେଶ ଛାଡ଼ି ଚାଲିଯାଅ। ଆମେ ନାଗରିକଙ୍କ ପ୍ରିଭେସିରେ ସାଲିସ ହେବାକୁ ଅନୁମତି ଦେଇପାରିବୁ ନାହିଁ।

### ମାଟିର ଗରିମା...

ଓ କନ୍ୟା ଶିକ୍ଷା ପ୍ରଚାରରେ ତାଙ୍କର ଅଗ୍ରଣୀ ଭୂମିକାକୁ ସ୍ମରଣ କରିଥିଲେ। ସେ ଫକୀରମୋହନଙ୍କ ଅମରକୃତି 'ରେବତୀ'ର ଗୁରୁତ୍ୱକୁ ଉଲ୍ଲେଖ କରି, ରେବତୀ କିପରି ଅନେକ ଅସୁବିଧା ସତ୍ତ୍ୱେ ଶିକ୍ଷା ପାଇଁ ସଂଘର୍ଷ କରିଥିଲେ ତାହା ବର୍ଣ୍ଣନା କରିଥିଲେ। ଫକୀର ମୋହନ ବିଶ୍ୱବିଦ୍ୟାଳୟର ଶିକ୍ଷା, ଗବେଷଣା, ସାମାଜିକ ସେବା ଓ ସମୁଦାୟ ସଂଲଗ୍ନତାରେ ଉଲ୍ଲେଖନୀୟ କାର୍ଯ୍ୟ ପାଇଁ ସେ ପ୍ରଶଂସା କରିଥିଲେ। ଛାତ୍ରୀଛାତ୍ରମାନଙ୍କୁ ନୀତି, ସତ୍ୟ ନିଷ୍ଠତା ଓ ସାମାଜିକ ଦାୟିତ୍ୱବୋଧ ଅତୁଟ ରଖିବାକୁ ଆହ୍ୱାନ କରିଥିଲେ। କୁଳାଧିପତି ତଥା ରାଜ୍ୟପାଳ ହରିବାବୁ କମ୍ଭମ୍‌ପାଟି ଯୋଗଦେଇ ପ୍ରଧାନମନ୍ତ୍ରୀ ଓ ମୁଖ୍ୟମନ୍ତ୍ରୀଙ୍କ ଶିକ୍ଷା ସମ୍ବନ୍ଧୀୟ ଉଲ୍ଲେଖନୀୟ ଭବିଷ୍ୟମୂଳକ ଯୋଜନା ଓ ଭିଜନ ସମ୍ପର୍କରେ କହିଥିଲେ। ଶିକ୍ଷା ସମାଜ ଉନ୍ନତିର ଶକ୍ତିଶାଳୀ ଉପକରଣ। ଛାତ୍ରୀଛାତ୍ରମାନଙ୍କୁ ଆଜୀବନ ଶିକ୍ଷାର୍ଥୀ ହୋଇ ରହିବା ଆବଶ୍ୟକ ବୋଲି ବକ୍ତବ୍ୟରେ କହିଥିଲେ। ଉଚ୍ଚଶିକ୍ଷା ଓ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ରାଜ୍ୟରେ ଉଚ୍ଚଶିକ୍ଷାକୁ ସୁଦୃଢ଼ କରିବା ପାଇଁ ନୂତନ ପଦକ୍ଷେପ ଓ ନୀତି ସଂଶୋଧନ ବିଷୟରେ ଆଲୋକପାତ କରିଥିଲେ। ସମାରୋହରେ ଏମ୍‌ପି ପ୍ରତାପ ଚନ୍ଦ୍ର ଷଡଙ୍ଗୀ ମଞ୍ଚାସୀନ ଥିଲେ। ଏହି ଅବସରରେ ୧,୮୩୧ ଜଣ ସ୍ନାତକ ଓ ସ୍ନାତକୋତ୍ତର ଶ୍ରେଷ୍ଠ ଛାତ୍ରୀଛାତ୍ରଙ୍କୁ ଡିଗ୍ରୀ ଓ ପଦକ ପ୍ରଦାନ କରାଯାଇଥିଲା। ୧୦୧ଜଣଙ୍କୁ ସ୍ୱର୍ଣ୍ଣପଦକ ପ୍ରଦାନ କରାଯାଇଥିବା ବେଳେ ୮୯ ଜଣ ପି.ଏଚ୍‌ଡି. ଡିଗ୍ରୀଧାରୀଙ୍କୁ ସମ୍ମାନିତ କରାଯାଇଥିଲା। କ୍ରୀଡ଼ା କ୍ଷେତ୍ରରେ ଉତ୍କୃଷ୍ଟତା ପାଇଁ ଅନୁରାଧା ବିଶ୍ୱାଳ, ସାହିତ୍ୟ କ୍ଷେତ୍ରରେ ଅବଦାନ ପାଇଁ ଶାନ୍ତନୁ କୁମାର ଆଚାର୍ଯ୍ୟ, ଶାସ୍ତ୍ରୀୟ ଓଡ଼ିଶୀ ସଙ୍ଗୀତ କ୍ଷେତ୍ରରେ ଅବଦାନ ପାଇଁ ଗୁରୁ ଗୋପାଳ ଚନ୍ଦ୍ର ପଣ୍ଡାଙ୍କୁ ସମ୍ମାନସୂଚକ ଡକ୍ଟରେଟ୍ ଉପାଧି ପ୍ରଦାନ କରାଯାଇଥିଲା।

### ନାଭିଗୟାରେ ପିଣ୍ଡଦାନ...

ଯାଜପୁରବାସୀ ଏହି ଐତିହାସିକ ମୁହୂର୍ତ୍ତର ସାକ୍ଷୀ ହୋଇଥିଲେ। ଯାଜପୁରର ପ୍ରଶାସନିକ ଭବନ ପଡ଼ିଆ ହେଲିପ୍ୟାଡ୍‌ରେ ରାଷ୍ଟ୍ରପତି ଅବତରଣ କରିଥିଲେ। ସେଠାରେ ରାଜ୍ୟପାଳ ହରିବାବୁ କମ୍ଭମପାଟି, ମୁଖ୍ୟମନ୍ତ୍ରୀଙ୍କ ପ୍ରତିନିଧି ଭାବେ ପଞ୍ଚାୟତିରାଜ ମନ୍ତ୍ରୀ ରବି ନାରାୟଣ ନାଏକ, ସମବାୟ ମନ୍ତ୍ରୀ ପ୍ରଦୀପ ବଳ ସାମନ୍ତ, ଯାଜପୁର ଏମ୍‌ପି ରବୀନ୍ଦ୍ର ନାରାୟଣ ବେହେରା, କୋରେଇ ବିଧାୟକ ଆକାଶ ଦାସନାୟକ, ଧର୍ମଶାଳା ବିଧାୟକ ହିମାଂଶୁ ଶେଖର ସାହୁ, ବଡ଼ଚଣା ବିଧାୟକ ଅମର ନାୟକ, ଜିଲା ପରିଷଦ ସଭାପତି ନଳିନୀପ୍ରଭା ଜେନା, ପୋଲିସ ଡିଆଇଜି ଚରଣ ସିଂ ମୀନା, ପୋଲିସ ଅତିରିକ୍ତ ମହାନିର୍ଦ୍ଦେଶକ (ରେଳବାଇ ଓ ଉପକୂଳ ସୁରକ୍ଷା) ଅରୁଣ ବୋଥ୍ରା, କେନ୍ଦ୍ରାଞ୍ଚଳ ରାଜସ୍ୱ ଆୟୁକ୍ତ ଗୁହା ପୁନମ ତାପସ କୁମାର, ଜିଲାପାଳ ଅମ୍ବର କୁମାର କର, ଯାଜପୁର ଆରକ୍ଷୀ ଅଧୀକ୍ଷକ ଯଶ ପ୍ରତାପ ଶ୍ରୀମାଲ ପ୍ରମୁଖ ଉପସ୍ଥିତ ରହି ରାଷ୍ଟ୍ରପତିଙ୍କୁ ସ୍ୱାଗତ କରିଥିଲେ। ପୂର୍ବାହ୍ନ ୧୧ ଟା ୪୦ ମିନିଟରେ ବିମାନ ଯୋଗେ ରାଷ୍ଟ୍ରପତି ବାଲେଶ୍ୱର ଅଭିମୁଖେ ଯାତ୍ରା କରିଥିଲେ।

### ୯ମ ଶ୍ରେଣୀ ଛାତ୍ରୀଙ୍କୁ...

ଭିଡିଓରେ ରେକର୍ଡିଂକରି ନେଇଥିଲେ। ମଙ୍ଗଳବାର ଉକ୍ତ ଗଣବଳାତ୍କାର ଘଟଣାର ଭିଡିଓ ସାମାଜିକ ଗଣମାଧ୍ୟମରେ ଭାଇରାଲ ହେବାପରେ ପୀଡ଼ିତାଙ୍କ ଜଣେ ସମ୍ପର୍କୀୟ ବଲାଙ୍ଗୀର ଏସ୍‌ପିଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ଏହାପରେ ଏସ୍‌ପି ଘଟଣାର ତଦନ୍ତ ପାଇଁ ନିର୍ଦ୍ଦେଶ ଦେଇଥିଲେ। ତୁରେକେଲା ପୋଲିସ ଟିମ୍ ତଦନ୍ତ ଆରମ୍ଭ କରିବା ସହ ବିଭିନ୍ନ ସ୍ଥାନରେ ଚଢାଉ କରି ଅଭିଯୁକ୍ତମାନଙ୍କୁ ଅଟକ ରଖିଛି। ଏହି ଘଟଣାରେ ସମ୍ପୃକ୍ତ ଜଣେ ୨୨ ବର୍ଷୀୟ ଯୁବକ ଯାହାଙ୍କୁ ଘଟଣାର ମାଷ୍ଟର ମାଇଣ୍ଡ କୁହାଯାଉଛି ତାଙ୍କୁ ମଧ୍ୟ ପୋଲିସ ଅଟକ ରଖି ପଚରାଉଚରା କରୁଛି। ଇତିମଧ୍ୟରେ ପୀଡ଼ିତାଙ୍କ ବାପା ଥାନାରେ ଲିଖିତ ଅଭିଯୋଗ କରିଥିବା ଜଣାପଡ଼ିଛି। ମଙ୍ଗଳବାର ସନ୍ଧ୍ୟାରେ ଜିଲା ଶିଶୁ ସୁରକ୍ଷା ଅଧିକାରୀ ବିକ୍ରମ ପଣ୍ଡା, ସାମାଜିକ କର୍ମୀ ଅରୁଣ ଖୁଆସ, ସିଡବ୍ଲୁସି ଇନ୍‌ଚାର୍ଜ ଅଧ୍ୟକ୍ଷା ଲୀନା ବାବୁ, ସଦସ୍ୟା ଏସ୍. ଲତାଶ୍ରୀ ଏସ୍‌ପି କାର୍ଯ୍ୟାଳୟକୁ ଯାଇ ଏସ୍‌ପି ଅଭିଲାଷଙ୍କ ସହ ଦୀର୍ଘ ସମୟ ଧରି ଆଲୋଚନା କରିଥିଲେ। ରାତିରେ ପୀଡ଼ିତା ନାବାଳିକା ଛାତ୍ରୀଙ୍କୁ ପ୍ରଥମେ ତୁରେକେଲାରୁ ବଲାଙ୍ଗୀର ଭୀମ ଭୋଇ ମେଡିକାଲ କଲେଜ ହସ୍ପିଟାଲକୁ ଅଣାଯାଇ ସିଡବ୍ଲୁସିରେ ପ୍ରଡ୍ୟୁସ୍ କରାଯିବ ବୋଲି ଇନ୍‌ଚାର୍ଜ ଅଧ୍ୟକ୍ଷା ଲୀନା କହିଛନ୍ତି। ଜିଲା ଶିଶୁ ସୁରକ୍ଷା ଅଧିକାରୀ ପଣ୍ଡା କହିଛନ୍ତି, ପୀଡ଼ିତା ଛାତ୍ରୀଙ୍କୁ ସୁରକ୍ଷା ଦେବା ସହ ଅନ୍ୟାନ୍ୟ ପଦକ୍ଷେପ ନିଆଯିବ। ବଲାଙ୍ଗୀର ଏସ୍‌ପି ଅଭିଲାଷଙ୍କୁ ପଚରାଯିବାରେ ଭିଡିଓ ଭାଇରାଲ ପରେ ଘଟଣା ଜଣାପଡ଼ିଛି। ଗତ ଡିସେମ୍ବର ୨୫ ତାରିଖରେ ଏଭଳି ଘଟଣା ଘଟିଥିବା ପରିବାର ଲୋକେ କହିଛନ୍ତି। ପୀଡ଼ିତା ଛାତ୍ରୀ ଓ ତାଙ୍କ ପରିବାରକୁ ସବୁ ପ୍ରକାର ସହଯୋଗ ଦିଆଯିବ। ଅଭିଯୁକ୍ତମାନଙ୍କୁ ଅଟକ ରଖାଯାଇଛି। ବୁଧବାର ଘଟଣା ସମ୍ପର୍କରେ ସବିଶେଷ ତଥ୍ୟ ଦିଆଯିବ ବୋଲି ସେ କହିଛନ୍ତି।

### ଝିଅ ବୋଝ ନୁହନ୍ତି...

ସେଥିରୁ ୪୫ ହଜାର ସିଧାସଳଖ କନ୍ୟାଙ୍କ ବ୍ୟାଙ୍କ ଆକାଉଣ୍ଟକୁ ଏବଂ ୧୫ ହଜାର ଟଙ୍କା ବିବାହ କାର୍ଯ୍ୟ ସମ୍ପାଦନ ପାଇଁ ଖର୍ଚ୍ଚ କରାଯାଉଛି। ଏହି ଯୋଜନା ମୁଖ୍ୟତଃ ଆର୍ଥିକ ଦୁର୍ବଳ ଶ୍ରେଣୀର ପରିବାର ଉପରେ ପଡୁଥିବା ବିବାହର ଆର୍ଥିକ ଭାର ଲାଘବ କରିବା, ମହିଳାଙ୍କ ସମ୍ମାନ, ସାମାଜିକ ସୁରକ୍ଷା, ବିଧବା ପୁନର୍ବିବାହକୁ ଉତ୍ସାହିତ କରିବା, ଯୌତୁକ ପ୍ରଥା ବନ୍ଦ କରିବାକୁ ସହାୟକ ହେବ। ୨୦୨୫-୨୬ରୁ ୨୦୨୯-୩୦ ପର୍ଯ୍ୟନ୍ତ ରାଜ୍ୟର ସମସ୍ତ ଜିଲାରେ ଏହି ଯୋଜନା କାର୍ଯ୍ୟକାରୀ କରାଯିବ। ଏଥିପାଇଁ ବଜେଟରେ ୫୯ କୋଟିରୁ ଅଧିକ ଟଙ୍କାର ବ୍ୟବସ୍ଥା କରାଯାଇଛି। ସୁଭଦ୍ରା ଯୋଜନା ଓ ମୁଖ୍ୟମନ୍ତ୍ରୀ କନ୍ୟା ବିବାହ ଯୋଜନା ରାଜ୍ୟର ମହିଳାମାନଙ୍କୁ ସମସ୍ତ ଦିଗରୁ ସୁରକ୍ଷା ଓ ଆତ୍ମସମ୍ମାନ ପ୍ରଦାନ କରିବାରେ ନିଶ୍ଚିତ ରୂପରେ ସହାୟକ ହେବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। କାର୍ଯ୍ୟକ୍ରମରେ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା, ବାଣିଜ୍ୟ, ପରିବହନ ମନ୍ତ୍ରୀ ବିଭୂତି ଭୂଷଣ ଜେନା, ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ବିକାଶ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ, ଆସିକା ଏମ୍‌ପି ଅନିତା ପ୍ରିୟଦର୍ଶିନୀ, ବିଧାୟକ ପ୍ରତାପ ଚନ୍ଦ୍ର ନାୟକ, ପୂର୍ଣ୍ଣଚନ୍ଦ୍ର ସେଠୀ, କୃଷ୍ଣଚନ୍ଦ୍ର ନାୟକ, ସିଦ୍ଧାନ୍ତ ମହାପାତ୍ର, ସରୋଜ ପାଢ଼ୀ, କେ.ଅନିଲ, ନୀଳମଣି ବିଷୋୟୀ, ମନୋରଞ୍ଜନ ଦ୍ୟାନ ସାମନ୍ତରା, ମହିଳା ଓ ଶିଶୁ ବିକାଶ ବିଭାଗର ପ୍ରମୁଖ ଶାସନ ସଚିବ ଶୁଭା ଶର୍ମା, ମହିଳା ଶିଶୁ ବିକାଶ ନିର୍ଦ୍ଦେଶିକା ମନୀଷା ବାନାର୍ଜୀ, ଗଞ୍ଜାମ ଜିଲାପାଳ ଭି. କୀର୍ତ୍ତିଭାସନ, ଗଞ୍ଜାମ ଏସ୍‌ପି ଶୁଭେନ୍ଦୁ ପାତ୍ର, ଛତ୍ରପୁର ଉପ ଜିଲାପାଳ ଶୁଭାଶିଷ ବରାଳ, ପୁରୁଷୋତ୍ତମପୁର ତହସିଲଦାର ବିନୋଦ କୁମାର ବେହେରା, ବିଡିଓ ଶରତ କୁମାର ପାତ୍ର ପ୍ରମୁଖ ଉପସ୍ଥିତ ଥିଲେ।

### ଏନ୍‌ଏଲ୍‌ସିଆଇଏଲ୍ ତଲାବିରାରେ...



ଖିଣ୍ଡା ପଞ୍ଚାୟତର ଏନ୍‌ଏଲ୍‌ସି ତଲାବିରା କାର୍ଯ୍ୟାଳୟରେ ଚଢ଼ାଉ ପାଇଁ ଆସିଥିବା ସିବିଆଇର ଦୁଇ ଅଧିକାରୀ।

ସମ୍ପ୍ରସାରଣକୁ ନେଇ ୨୦୧୦ ମସିହାରେ ହୋଇଥିବା ଜନଶୁଣାଣିରେ ଲୋକଙ୍କ ପକ୍ଷରୁ ବିରୋଧ କରାଯାଇଥିଲା। ପୂର୍ବରୁ ଏହି କୋଇଲା ଖଣିକୁ ନେଇ ଏକ ମାମଲା ରୁଜୁ ହୋଇଥିଲେ ମଧ୍ୟ କୌଣସି କାରଣବଶତଃ ତାହା ବନ୍ଦ ହୋଇଯାଇଥିଲା। ପରବର୍ତ୍ତୀ କାଳରେ ୨୦୧୪ ମସିହାରେ ସ୍ଥାନୀୟ ଲୋକମାନେ ପୁଣିଥରେ ଖଣିକୁ ନେଇ ଅଭିଯୋଗ କରିଥିଲେ। ସେହି ସମୟରେ ସିବିଆଇ ପକ୍ଷରୁ କୋଇଲା ଖଣିରେ ଚଢ଼ାଉ ହୋଇଥିଲା। ତେବେ ବର୍ତ୍ତମାନ ଓଡ଼ିଶାର ବିଭିନ୍ନ ଖଣି ଅଞ୍ଚଳରେ ହେଉଥିବା ବେଆଇନ କାର୍ଯ୍ୟକଳାପକୁ ଦୃଷ୍ଟିରେ ରଖି ସିବିଆଇ ପୁଣିଥରେ ଏହି ଫାଇଲ୍ ଖୋଲିଛି। ସମ୍ବଲପୁର ଏବଂ ସୁନ୍ଦରଗଡ଼ ଜିଲାର କୋଇଲା ଖଣିଗୁଡ଼ିକରେ ହେଉଥିବା ଅନିୟମିତତା ଉପରେ କେନ୍ଦ୍ରୀୟ ସଂସ୍ଥା ନଜର ରଖିଥିବା ବେଳେ ଆଗାମୀ ଦିନରେ ଏହି ତଦନ୍ତ ଆହୁରି ବ୍ୟାପକ ହେବାର ସମ୍ଭାବନା ରହିଛି।

# ଆଦାନୀ ଗ୍ରୁପ୍ ବିରୋଧରେ ପୋର୍ଟ କର୍ମଚାରୀଙ୍କ ଆନ୍ଦୋଳନ

**ଛତ୍ରପୁର, ୩।୨(ଦିଲୀପ ସାମଲ)**

ଗଞ୍ଜାମ ଜିଲା ଛତ୍ରପୁର ଉପକଣ୍ଠ ଗୋପାଳପୁର ବନ୍ଦରର ଉନ୍ନତି ଦାୟିତ୍ୱ ନେଇଥିବା ଆଦାନି ଗ୍ରୁପ୍ ଏହାର ପରିଚାଳନା ଦାୟିତ୍ୱ ସ୍ୱୀକୃତିପ୍ରାପ୍ତ ଭେଣ୍ଡର ଓ କଣ୍ଟ୍ରାକ୍ଟରଙ୍କୁ ଦେଇଛି। ଏମାନଙ୍କ ଅଧୀନରେ ଦୀର୍ଘଦିନ ଧରି କାମ କରୁଥିବା ଅପରେଟର, ଡ୍ରାଇଭର ଓ ଅନ୍ୟ ଶ୍ରମିକମାନେ ସେମାନଙ୍କ ଉଚିତ୍ ପ୍ରାପ୍ୟ ନ ପାଇ ମଙ୍ଗଳବାର ବିଭିନ୍ନ ଦାବି ନେଇ ଆନ୍ଦୋଳନକୁ ଓହ୍ଲାଇଛନ୍ତି। ସେମାନେ ଦାବିପୂରଣ ନେଇ ଗୋପାଳପୁର ବନ୍ଦର ଫାଟକ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରି ଧାରଣାରେ ବସିଥିଲେ। ଗଞ୍ଜାମ ଅପରେଟର ଆଣ୍ଡ ଡ୍ରାଇଭର ମଜଦୁର ସଂଘ ମାଧ୍ୟମରେ ଆନ୍ଦୋଳନ ଆରମ୍ଭ କରିଥିବା ଏହି ବର୍ଗର କର୍ମଚାରୀ ସେମାନଙ୍କ ନ୍ୟାଯ୍ୟ ଦାବି ପୂରଣ ହେଉ ନ ଥିବା ଅଭିଯୋଗ କରିଛନ୍ତି।



ଗୋପାଳପୁର ବନ୍ଦର ଫାଟକ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରୁଥିବା କର୍ମଚାରୀ।

ସରକାରୀ ନିୟମ ଅନୁସାରେ ପ୍ରତ୍ୟେକ ଶ୍ରମିକଙ୍କୁ ସେମାନଙ୍କ ହକ୍ ମିଳିବାରେ ଏଠାରେ ବ୍ୟତିକ୍ରମ ହେଉଥିବା ଦେଖିବାକୁ ମିଳିଛି। ଶ୍ରମ ଆଇନ ଉଲ୍ଲଂଘନ ବନ୍ଦ କରିବା, ସମାନ କାମକୁ ସମାନ ଦରମା, ଶ୍ରମିକଙ୍କୁ ପାନୀୟଜଳ, ସ୍ୱାସ୍ଥ୍ୟସେବା ଓ ଅନ୍ୟାନ୍ୟ ସବୁ ସୁବିଧା ଯୋଗାଇବା, ଇପିଏଫ୍ ଓ ଇନ୍‌କ୍ରିମେଣ୍ଟ ନିୟମିତ ଭାବେ

### ସମାନ କାମକୁ ସମାନ ଦରମା ଦାବି

ପ୍ରଦାନ କରିବା ଆଦି ଦାବି ସଂଘ ପକ୍ଷରୁ ରଖାଯାଇଛି। ଦାବି ପୂରଣ ନ ହେଲା ପର୍ଯ୍ୟନ୍ତ ଏପରି ଆନ୍ଦୋଳନ ଚାଲୁ ରହିବ ବୋଲି ସଂଘ କହିଛି। ଗଞ୍ଜାମ ଅପରେଟର ଆଣ୍ଡ ଡ୍ରାଇଭର ମଜଦୁର ସଂଘ ସଭାପତି ଏସ୍. କ୍ରିଷ୍ଣା ରେଡ୍ଡୀ, ଉପସଭାପତି ଏସ୍. ପ୍ରଭାକର ରେଡ୍ଡୀ, ସାଧାରଣ ସମ୍ପାଦକ କାହ୍ନୁ ଚରଣ ନାହାକ, ସହ ସମ୍ପାଦକ ପି.ଭେଙ୍କଟ ରେଡ୍ଡୀ, କୋଷାଧ୍ୟକ୍ଷ ହେମନ୍ତ ବେହେରା, ଆଇନ ପରାମର୍ଶଦାତା ଜ୍ୟୋତିରଞ୍ଜନ ମିଶ୍ରଙ୍କ ସହ ସଂଘର ଶତାଧିକ ସଭ୍ୟ ଆନ୍ଦୋଳନରେ ସାମିଲ ହୋଇଛନ୍ତି।

# ରାଜ୍ୟକୁ ବିଏସ୍‌ଏନ୍‌ଏଲ୍ ବକେୟା ମାଗିଲା କେନ୍ଦ୍ର | ବାକି ଟଙ୍କା ତୁରନ୍ତ ଫେରାଅ

**ଭୁବନେଶ୍ୱର,୩।୨ (ରବିନାରାୟଣ ଜେନା)**

ରାଜ୍ୟର ବିଭିନ୍ନ ସରକାରୀ କାର୍ଯ୍ୟାଳୟ ଉପରେ ବକେୟା ଥିବା ଭାରତ ସଞ୍ଚାର ନିଗମ ଲିମିଟେଡ(ବିଏସ୍‌ଏନ୍‌ଏଲ୍)ର ପ୍ରାୟ ୨୮.୫୪ କୋଟି ଟଙ୍କା ତୁରନ୍ତ ପଇଠ କରିବାକୁ କେନ୍ଦ୍ର ସରକାରଙ୍କ ପକ୍ଷରୁ ରାଜ୍ୟକୁ କୁହାଯାଇଛି। ଏ ସଂକ୍ରାନ୍ତରେ କେନ୍ଦ୍ର ଯୋଗାଯୋଗ ମନ୍ତ୍ରୀ ଜ୍ୟୋତିରାଦିତ୍ୟ ଏମ୍. ସିନ୍ଧିଆ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ପତ୍ର ଲେଖି ଅବଗତ କରାଇଛନ୍ତି। କେନ୍ଦ୍ରମନ୍ତ୍ରୀଙ୍କ ପତ୍ରକୁ ନେଇ ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟ ପକ୍ଷରୁ ତତ୍ପରତା ପ୍ରକାଶ ପାଇଛି। ସଂପୃକ୍ତ ବୈଦ୍ୟୁତିକ ଓ ସୂଚନା ପ୍ରଯୁକ୍ତି ବିଭାଗ ପ୍ରମୁଖ ସଚିବ ତୁରନ୍ତ ଏଥିପ୍ରତି ଦୃଷ୍ଟିଦେବାକୁ ସରକାରଙ୍କ ପକ୍ଷରୁ କୁହାଯାଇଛି। ସୂଚନାଯୋଗ୍ୟ, ଯୋଗାଯୋଗ ମନ୍ତ୍ରାଳୟ ପକ୍ଷରୁ ଏନେଇ ପୂର୍ବରୁ ଦୁଇଥର ପତ୍ର ଲେଖି ଅନୁରୋଧ କରାଯାଇଥିଲା। ବିଏସ୍‌ଏନ୍‌ଏଲ ଅଧ୍ୟକ୍ଷ ଏ. ରବର୍ଟ ଜେ ରବି ୨୦୨୪ ଅକ୍ଟୋବର ୧୦ରେ ପ୍ରଥମେ ପତ୍ର ଲେଖି ଅବଗତ କରାଇଥିବାବେଳେ ବିଭାଗୀୟ ସଚିବ ଡ. ନିରଜ ମିତ୍ତଲ ୨୦୨୫ ମେ'୧୪ରେ ମୁଖ୍ୟ ଶାସନ ସଚିବଙ୍କୁ ପତ୍ର ଲେଖିଥିଲେ। ଏହାପରେ କେନ୍ଦ୍ରମନ୍ତ୍ରୀ ସିନ୍ଧିଆ ୨୦୨୫ ସେପ୍ଟେମ୍ବର ପହିଲା ଓ ନଭେମ୍ବର ୨୫ରେ ମୁଖ୍ୟ ଶାସନ ସଚିବଙ୍କୁ ପତ୍ର ଲେଖି ବକେୟା ଅର୍ଥ ମାଗିଥିଲେ। ହେଲେ ଅଦ୍ୟାବଧି ସମ୍ପୂର୍ଣ୍ଣ ବକେୟା ବିଏସ୍‌ଏନ୍‌ଏଲ୍ ପାଇନାହିଁ। ଏହାକୁ ନେଇ କେନ୍ଦ୍ରମନ୍ତ୍ରୀ ପ୍ରଦାନ କରିଥିବା ପତ୍ରରେ ପୂର୍ବପତ୍ର ସଂଖ୍ୟା ଦର୍ଶାଇ ମୁଖ୍ୟମନ୍ତ୍ରୀଙ୍କୁ ଅନୁରୋଧ କରିଛନ୍ତି ଯେ, ରାଜ୍ୟ ସରକାରଙ୍କ ବିଭିନ୍ନ ବିଭାଗରେ ବିଏସ୍‌ଏନ୍‌ଏଲ୍ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ ନିର୍ବାହରେ ସହାୟକ ହେଉଛି। ଏହାସହିତ ପଦାତିକ ବାହିନୀ ଏବଂ ବ୍ୟାଙ୍କିଙ୍ଗ୍ ସେବା କ୍ଷେତ୍ରରେ ବିଶ୍ୱାସଯୋଗ୍ୟ ସେବା ଯୋଗାଇଆସୁଛି। ବିଏସ୍‌ଏନ୍‌ଏଲ୍ ଆର୍ଥିକ ଚାପରେ ରହିଥିବାରୁ ଏଥିରୁ ମୁକୁଳିବା ପାଇଁ କେନ୍ଦ୍ର ସରକାରଙ୍କ ପକ୍ଷରୁ ୨୦୧୯, ୨୦୨୨ ଏବଂ ୨୦୨୩ରେ ଆର୍ଥିକ ସହାୟତା ପ୍ରଦାନ କରାଯାଇଛି। ଏହାସତ୍ତ୍ୱେ ବିଏସ୍‌ଏନ୍‌ଏଲ୍ ଆଗକୁ ବଢ଼ିପାରୁନାହିଁ। ଏକ୍ଷେତ୍ରରେ ରାଜ୍ୟର ସହାୟତା ନିହାତି ଆବଶ୍ୟକ। ବିଏସ୍‌ଏନ୍‌ଏଲ୍‌ର ପରିସ୍ଥିତିକୁ ଦୃଷ୍ଟିରେ ରଖି ସଂପୃକ୍ତ ବିଭାଗକୁ ବକେୟା ଅର୍ଥ ଦେବା ଦିଗରେ ଏକ ନିର୍ଦ୍ଦେଶନାମା ଜାରି କରିବାକୁ କେନ୍ଦ୍ରମନ୍ତ୍ରୀ ପତ୍ରରେ ଅନୁରୋଧ କରିଛନ୍ତି।




# କ୍ଷତିଗ୍ରସ୍ତଙ୍କ ଭିତରେ ଫାଟ ସୃଷ୍ଟି ପାଇଁ ଚକ୍ରାନ୍ତ ଅଭିଯୋଗ

## ନାଲ୍‌କୋ ବ୍ରାଉନଫିଲ୍‌ଡ ସମ୍ପ୍ରସାରଣ ପ୍ରସଙ୍ଗ

- **ଉଚିତ କ୍ଷତିପୂରଣ, ସ୍ଥାୟୀ ଚାକିରି ନେଇ ଲିଖିତ ପ୍ରତିଶ୍ରୁତି ନ ମିଳିଲେ ଆନ୍ଦୋଳନ**
- **ଜିଲାପାଳଙ୍କୁ ଅଭିଯୋଗପତ୍ର ପ୍ରଦାନ କଲେ କେତେଜଣ କ୍ଷତିଗ୍ରସ୍ତ**


**ଅନୁଗୋଳ,୩।୨ (ମାନସ ବିଶ୍ୱାଳ)**

ଅନୁଗୋଳ ସହର ଉପକଣ୍ଠରେ ଅବସ୍ଥିତ ନବରତ୍ନ କମ୍ପାନୀ ନାଲ୍‌କୋ ନିଜର ଉତ୍ପାଦନ କ୍ଷମତା ବୃଦ୍ଧି ପାଇଁ ସ୍ମେଲଟର କାରଖାନା ସମ୍ପ୍ରସାରଣ ନିମନ୍ତେ ଜମି ଅଧିଗ୍ରହଣ ପ୍ରକ୍ରିୟା ଆରମ୍ଭ କରିଛି। ହେଲେ ପୂର୍ବରୁ କମ୍ପାନୀ ସ୍ଥାପନ ବେଳେ ଜମି ହରାଇଥିବା ଲୋକଙ୍କ ମଧ୍ୟରୁ ଅନେକଙ୍କୁ ଏଯାଏ ନାଲ୍‌କୋ ଚାକିରି ଦେଇ ନ ଥିବା ଅଭିଯୋଗ କରି ମଙ୍ଗଳବାର କାଙ୍ଗୁଲା, ଗୋପୀନାଥପୁର ଓ କୁଲାଡ଼ ମୌଜାର ଜମି ହରାଉଥିବା କେତେଜଣ କ୍ଷତିଗ୍ରସ୍ତ ପରିବାର ଜିଲାପାଳ ଅବଦଲ ମୁହମ୍ମଦ ଅଖତାରଙ୍କ ଦ୍ୱାରସ୍ଥ ହୋଇଛନ୍ତି। ବ୍ରାଉନଫିଲ୍ଡ ସମ୍ପ୍ରସାରଣ ପାଇଁ ଜମିହରାଙ୍କୁ ଉଚିତ ମୂଲ୍ୟ ଓ ସ୍ଥାୟୀ ଚାକିରି ନେଇ ଲିଖିତ ପ୍ରତିଶ୍ରୁତି ନ ମିଳିଲେ ନାଲ୍‌କୋକୁ କୌଣସି କାର୍ଯ୍ୟ କରାଇ ଦିଆଯିବ ନାହିଁ ବୋଲି ସମ୍ପୃକ୍ତ ଅଭିଯୋଗକାରୀମାନେ ଚେତାବନୀ ଦେଇଛନ୍ତି। ଏଥିସହ ପ୍ରଶାସନ ବାରମ୍ବାର ନିଜ କଥା ବଦଳାଉଥିବାବେଳେ ନାଲ୍‌କୋ ସହ ମିଶି ଜମିହରାଙ୍କ ଭିତରେ ଫାଟ ସୃଷ୍ଟି ପାଇଁ ଉଦ୍ୟମ କରୁଥିବା ଅଭିଯୋଗ କରିଛନ୍ତି।



ଅନୁଗୋଳ ଜିଲାପାଳଙ୍କୁ ଅଭିଯୋଗପତ୍ର ପ୍ରଦାନ କରିବାକୁ ଆସିଥିବା କେତେଜଣ କ୍ଷତିଗ୍ରସ୍ତ।

କ୍ଷତିଗ୍ରସ୍ତ ପ୍ରତାପ ନାଥ, ସୁରଥ ବେହେରା, ରାଜେଶ ତ୍ରିପାଠୀ, ସନ୍ତୋଷ ଖୁଣ୍ଟିଆ, ଶ୍ରୀପତି ଭୋଇ ପ୍ରମୁଖ ଅଭିଯୋଗ କରିଛନ୍ତି, ନାଲ୍‌କୋ ସ୍ମେଲଟର କାରଖାନା ସମ୍ପ୍ରସାରଣ କରିବା ପାଇଁ ହେବାକୁ ଥିବା ଜମି ଅଧିଗ୍ରହଣ ନିମନ୍ତେ ପ୍ରଶାସନ ପକ୍ଷରୁ ସର୍ଭେ କାର୍ଯ୍ୟ ଶେଷ କରାଯାଇଛି। ଗତ ଜାନୁଆରୀ ୨୮ ତାରିଖରେ ପରିବେଶ ମଞ୍ଜୁରୀ ଜନଶୁଣାଣି ହେବାର ଥିଲା। ପରେ ତାହାକୁ ଫେବୃଆରୀ ୧୮କୁ ଘୁଞ୍ଚାଇ ଦିଆଯାଇଛି। ତେବେ ନାଲ୍‌କୋ ପାଇଁ ଜମି ହରାଉଥିବା ଲୋକମାନେ ଉଚିତ ମୂଲ୍ୟ ସହ ସ୍ଥାୟୀ ନିଯୁକ୍ତି ନିମନ୍ତେ ଦାବି କରିଆସୁଛନ୍ତି। ସ୍ଥାୟୀ ଚାକିରିର ସ୍ୱପ୍ନ ଦେଖାଇ ନାଲ୍‌କୋ ଓ ଭୂ-ଅର୍ଜନ କାର୍ଯ୍ୟାଳୟ ସର୍ଭେ ସମ୍ପୂର୍ଣ୍ଣ କରାଇଥିଲା। ଏହି ସମୟରେ ଲୋକେ ନିଜର ଜମି ଦେବାକୁ ଆଦୌ ସହମତି ପ୍ରକାଶ କରି ନ ଥିଲେ। ପ୍ରଶାସନ ଓ ନାଲ୍‌କୋ ଅଧିକାରୀଙ୍କ ଉପସ୍ଥିତିରେ ପ୍ରତି କ୍ଷତିଗ୍ରସ୍ତ ପରିବାରକୁ ସ୍ଥାୟୀ ନିଯୁକ୍ତି ଦେବା ନେଇ ଏକ ବୈଠକରେ ଆଲୋଚନା ହୋଇଥିଲା। ସର୍ଭେ ପରବର୍ତ୍ତୀ ସମୟରେ ସ୍ଥାୟୀ ନିଯୁକ୍ତି ନେଇ ଲିଖିତ ପ୍ରତିଶ୍ରୁତି ଦିଆଯିବ ବୋଲି କୁହାଯାଇଥିଲା। କିନ୍ତୁ ବର୍ତ୍ତମାନ ପ୍ରଶାସନ ନିଜ ମତ ବଦଳାଉଛି। ସର୍ଭେ ପରବର୍ତ୍ତୀ ସମୟରେ କୌଣସି ତଥ୍ୟ ଗ୍ରାମବାସୀଙ୍କୁ ଦିଆଯାଉ ନାହିଁ। ଇତିମଧ୍ୟରେ ନାଲ୍‌କୋ ଭୂ-ଅର୍ଜନ କାର୍ଯ୍ୟାଳୟ ପକ୍ଷରୁ ଶିକ୍ଷାଗତ ଯୋଗ୍ୟତା ସର୍ଭେ ସମ୍ପୂର୍ଣ୍ଣ ହୋଇଛି। ସର୍ବନିମ୍ନ ଶିକ୍ଷାଗତ ଯୋଗ୍ୟତା ଦଶମ ପାସ କରିଥିବା ସମସ୍ତ ୧୮ ବର୍ଷରୁ ଊର୍ଦ୍ଧ୍ୱ ପ୍ରାୟ ୬୩୫ ପ୍ରାର୍ଥୀ ଆବଶ୍ୟକ ପ୍ରମାଣପତ୍ର ପ୍ରଦାନ କରିଛନ୍ତି। ସେଥିମଧ୍ୟରୁ ପ୍ରାୟ ଟେକ୍ନିକାଲ ପ୍ରାର୍ଥୀ ଭାବେ ବି-ଟେକ୍‌ରେ ୭୦ ଜଣ, ଡିପ୍ଲୋମାରେ ୪୭ ଓ ଆଇଟିଆଇରେ ୭୬ ଜଣଙ୍କୁ ମିଶାଇ ମୋଟ ୧୯୩ ଜଣ ଟେକ୍ନିକାଲ ଥିବାବେଳେ ଅନ୍ୟ ସମସ୍ତେ ହେଉଛନ୍ତି ନନ୍‌ଟେକ୍ନିକାଲ। ହେଲେ ବର୍ତ୍ତମାନ ପ୍ରଶାସନ କହୁଛି କେବଳ କ୍ଷତିଗ୍ରସ୍ତ ଟେକ୍ନିକାଲ ପ୍ରାର୍ଥୀଙ୍କୁ ନାଲ୍‌କୋ ପକ୍ଷରୁ ଚାକିରି ଦିଆଯିବ। ନନ୍‌ଟେକ୍ନିକାଲ ପ୍ରାର୍ଥୀମାନଙ୍କୁ କୌଣସି ଚାକିରି ଦିଆଯିବ ନାହିଁ। ପ୍ରଶାସନ ନାଲ୍‌କୋର ହାତବାରିସୀ ହୋଇ କାର୍ଯ୍ୟ କରୁଥିବା ବେଳେ କ୍ଷତିଗ୍ରସ୍ତ ଜନସାଧାରଣଙ୍କ କଥା ଶୁଣୁ ନାହିଁ। ପ୍ରତିଦିନ ପ୍ରଶାସନ ମତ ବଦଳାଇ ଜମିହରାଙ୍କ ମଧ୍ୟରେ ଫାଟ ସୃଷ୍ଟି କରିବାକୁ ନାଲ୍‌କୋ ସହ ମିଶି ଚକ୍ରାନ୍ତ ଚଳାଇଥିବା ଅଭିଯୋଗକାରଙ୍କ ସମେତ ୩ ମୌଜାର ଲୋକେ ଅଭିଯୋଗ ଆଣିଛନ୍ତି।




# ଶିଶୁବାଟିକା ପିଲାଙ୍କୁ ପୋଷାକ ପାଇଁ ମିଳିବ ଟଙ୍କା

**ଭୁବନେଶ୍ୱର,୩।୨(ସୁଚିସ୍ମିତା ସାହୁ)**

ରାଜ୍ୟର ସମସ୍ତ ସରକାରୀ ଓ ସରକାରୀ ଅନୁଦାନପ୍ରାପ୍ତ ବିଦ୍ୟାଳୟରେ ପଢୁଥିବା ଶିଶୁବାଟିକା ଛାତ୍ରୀଛାତ୍ରଙ୍କୁ ୨୦୨୫-୨୬ ଶିକ୍ଷାବର୍ଷ ପାଇଁ ମାଗଣା ବିଦ୍ୟାଳୟ ପୋଷାକ ଯୋଗାଇ ଦିଆଯିବ। ପ୍ରତ୍ୟେକ ଛାତ୍ରୀଛାତ୍ରଙ୍କୁ ପୋଷାକ ପାଇଁ ୧,୦୦୦ ଟଙ୍କା ପ୍ରଦାନ କରାଯିବ। ଏନେଇ ବିଭାଗ ପକ୍ଷରୁ ସମସ୍ତ ଜିଲା କାର୍ଯ୍ୟାଳୟକୁ ଅର୍ଥ ଦିଆଯାଇଛି। ଆସନ୍ତା ୧୫ ତାରିଖ ସୁଦ୍ଧା ସମସ୍ତ ଶିଶୁବାଟିକା ପିଲାଙ୍କୁ ପୋଷାକ ବଣ୍ଟନ କରିବାକୁ ନିର୍ଦ୍ଦେଶ ରହିଛି। ଏହାକୁ ପ୍ରାଥମିକତା ଦେଇ ସମସ୍ତ ଡିଇଓ-କମ୍-ଡିସିପିଏସ୍‌ମାନେ ନିଜେ ନିରୀକ୍ଷଣ କରିବାକୁ ଓଡ଼ିଶା ବିଦ୍ୟାଳୟ ଶିକ୍ଷା କାର୍ଯ୍ୟକ୍ରମ ପ୍ରାଧିକରଣର ଅତିରିକ୍ତ ନିର୍ଦ୍ଦେଶିକା ସଙ୍ଗୀତା ବେହେରା ମଙ୍ଗଳବାର ସମସ୍ତ ଡିଇଓ-କମ୍-ଡିସିପିଏସ୍‌ଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।

ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗର ମାର୍ଗଦର୍ଶିକା ଅନୁଯାୟୀ, ଶିଶୁବାଟିକା ଛାତ୍ରୀଛାତ୍ରଙ୍କୁ ବଣ୍ଟନ କରାଯିବାକୁ ଥିବା ୟୁନିଫର୍ମ 'ମାନଦଣ୍ଡ' ଶ୍ରେଣୀ-୧ ଛାତ୍ରଙ୍କ ପାଇଁ ପ୍ରଯୁଜ୍ୟ ନିୟମାବଳୀ ସହିତ କଡ଼ାକଡ଼ି ପାଳନ କରାଯିବ। ସେମାନଙ୍କ ପୋଷାକର ରଙ୍ଗ, ଗୁଣମାନ, ଲୋଗୋ ସବୁ ପ୍ରଥମଶ୍ରେଣୀ ପିଲାଙ୍କ ପୋଷାକ ଭଳି ରହିବ। ପ୍ରଥମରୁ ଅଷ୍ଟମଶ୍ରେଣୀ ପିଲାଙ୍କ ପୋଷାକ ବଣ୍ଟନ ବେଳେ ଯେପରି ପ୍ରଯୁଜ୍ୟ ଆର୍ଥିକ, କ୍ରୟ ଭଳି ମାନଦଣ୍ଡକୁ କଡ଼ାକଡ଼ି ପାଳନ କରାଯାଉଥିଲା, ସେହିପରି ଶିଶୁବାଟିକା ପୋଷାକ ବଣ୍ଟନ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ଜିଲାପାଳ-କମ୍-ଚେୟାରମ୍ୟାନଙ୍କ ଅଧ୍ୟକ୍ଷତାରେ ଜିଲାସ୍ତରୀୟ କମିଟି ଦ୍ୱାରା ଅନୁମୋଦିତ ଏସ୍‌ଏଜି/ଏସ୍‌ଏମ୍‌ସି ମାଧ୍ୟମରେ ପୋଷାକ ବଣ୍ଟନ କରାଯିବ। ଚଳିତ ଶିକ୍ଷାବର୍ଷରେ ଏନେଇ କୌଣସି ନୂତନ ଟେଣ୍ଡରର ଆବଶ୍ୟକତା ନାହିଁ।



ଅନ୍ୟମାନେ ତୁମ ସମ୍ବନ୍ଧେ କ'ଣ କହୁଛନ୍ତି, କରୁଛନ୍ତି ଓ ଭାବୁଛନ୍ତି- ସେକଥାକୁ ନେଇ ଯଦି ତୁମେ ଆଘାତ ପାଉଥାଅ ବା ବ୍ୟଥିତ ହେଉଥାଅ- ତା'ହେଲେ ତୁମେ ଜଣେ ଦୁର୍ବଳ ମଣିଷ ଏବଂ ତୁମେ କେବେ ଏକାନ୍ତ ଭାବେ ଭଗବାନଙ୍କ ପ୍ରଭାବର ଅଧୀନ ହୋଇ ବଞ୍ଚୁ ନାହଁ।-ଶ୍ରୀମା

-ସବେ-ବରାତ (ପୂର୍ବ ରାତ୍ରି), ମଧୁସୂଦନ ଦାସଙ୍କ ତିରୋଧାନ ଦିବସ



# ତଥ୍ୟ ଅସୁରକ୍ଷିତ

ନାଗରିକଙ୍କ ବ୍ୟକ୍ତିଗତ ତଥ୍ୟକୁ ବାରମ୍ବାର ଅପବ୍ୟବହାର କରାଯାଉଥିବାରୁ ବିଭିନ୍ନ ସମୟରେ ଭିନ୍ନ ଭିନ୍ନ ଅଭିଯୋଗ ହୋଇଆସୁଛି। ବିଶେଷକରି ସାମାଜିକ ଗଣମାଧ୍ୟମର ପ୍ରାବଲ୍ୟତା ବଢ଼ିଥିବାରୁ ତଥ୍ୟକୁ ନେଇ ସର୍ବଦା ଆଲୋଚନା ହେଉଛି। ନାଗରିକର ପ୍ରିଭେସି ବା ଅନ୍ତରଙ୍ଗ ତଥ୍ୟ ଆଦାନପ୍ରଦାନରେ ସୁରକ୍ଷା ରହିବା ଜରୁରୀ। ମେସେଜିଂ ଆପ୍ ହ୍ୱାଟ୍ସଆପ୍ ଓ ତାହାର ମୂଳ କମ୍ପାନୀ ମେଟା, ଯାହା ଅଧୀନରେ ଫେସ୍‌ବୁକ୍ ଓ ଇନ୍‌ଷ୍ଟାଗ୍ରାମ୍ ଅଛି, ତାହା ବ୍ୟବହାରକାରୀଙ୍କ ତଥ୍ୟରୁ ଲାଭ ପାଇଁ ଡାଟା ଶେୟାର କରିଦେଉଥିବାରୁ ସୁପ୍ରିମକୋର୍ଟ ୩ ଫେବୃଆରୀରେ ଏହାକୁ ନେଇ କଡ଼ା ଆଭିମୁଖ୍ୟ ପ୍ରଦର୍ଶନ କରିଛନ୍ତି। ସର୍ବୋଚ୍ଚ ଅଦାଲତ ନାଗରିକଙ୍କ ବ୍ୟକ୍ତିଗତ ତଥ୍ୟକୁ ଅପବ୍ୟବହାର କରିବାକୁ ଅନୁମତି ଦେବେ ନାହିଁ ବୋଲି କହିଛନ୍ତି। ନ୍ୟାଶନାଲ କମ୍ପାନୀ ଲ' ଆପିଲେଟ ଟ୍ରିବ୍ୟୁନାଲ(ଏନ୍‌ସିଏଲ୍‌ଏଟି)ଙ୍କ ରାୟକୁ ଚ୍ୟାଲେଞ୍ଜ କରି ହ୍ୱାଟ୍ସଆପ୍ ଓ ମେଟା ସର୍ବୋଚ୍ଚ ଅଦାଲତରେ ଦାଏର କରିଥିବା ଆବେଦନ ଉପରେ ଶୁଣାଣି କରି କୋର୍ଟ ଏହି ଟିପ୍ପଣୀ ଦେଇଛନ୍ତି। ସୂଚନାଯୋଗ୍ୟ, ହ୍ୱାଟ୍ସଆପ୍‌ର ୨୦୨୧ ଗୋପନୀୟତା ନୀତିକୁ ନେଇ କମ୍ପିଟିଶନ କମିଶନ ଅଫ୍ ଇଣ୍ଡିଆ(ସିସିଆଇ) ହ୍ୱାଟ୍ସଆପ୍ ଉପରେ ୨୧୩.୧୪ କୋଟି ଟଙ୍କାର ଜରିମାନା ଲଗାଇଥିଲେ। ପରେ ଏନ୍‌ସିଏଲ୍‌ଏଟି ୪ ନଭେମ୍ବର ୨୦୨୫ରେ ଉକ୍ତ ଆଦେଶକୁ ବଳବତ୍ତର ରଖିଥିଲେ। ଏହା ପରେ ମେଟା ସୁପ୍ରିମକୋର୍ଟ ଯିବା ସହ ଉପରୋକ୍ତ ଅର୍ଥ ମଧ୍ୟ ଦାଖଲ କରିଥିବା କୋର୍ଟରେ ଦର୍ଶାଇଛି। ହେଲେ ସର୍ବୋଚ୍ଚ ଅଦାଲତ କହିଛନ୍ତି, କେବଳ ଅର୍ଥ ପଇଠ କରିଦେଲେ ହେବ ନାହିଁ, ବରଂ ନାଗରିକଙ୍କ ଅଧିକାର ସୁରକ୍ଷିତ ଓ ସୁନିଶ୍ଚିତ ରହିବା ଦରକାର।

ତଥ୍ୟ ସୁରକ୍ଷା ଉପରେ ଶୀର୍ଷ ଅଦାଲତଙ୍କ ଟିପ୍ପଣୀ ନିଶ୍ଚିତ ଭାବେ ଚିନ୍ତା ଉଦ୍ରେକକାରୀ। କାରଣ ଆଜିର ଡିଜିଟାଲ ଯୁଗରେ ତଥ୍ୟ ସବୁଠାରୁ ମୂଲ୍ୟବାନ ପଦାର୍ଥ ହୋଇଗଲାଣି। ଏଭଳି କମ୍ପାନୀଗୁଡ଼ିକ ବିଭିନ୍ନ ସମୟରେ ଲାଭ ପାଇଁ ଲୋକଙ୍କ ତଥ୍ୟ ବିକ୍ରି କରିଦେଉଛନ୍ତି। ତେଣୁ ପ୍ରିଭେସି ସୁରକ୍ଷା ନେଇ ସ୍ୱତନ୍ତ୍ର ନିୟନ୍ତ୍ରଣ ଅଣାଯିବା ଉପରେ ବାରମ୍ବାର ଆଲୋଚନା ହେଉଥିଲେ ମଧ୍ୟ ତାହାର ସୁଫଳ ମିଳିପାରୁ ନାହିଁ। ଅନ୍ୟପଟେ ଭାରତ ସରକାରଙ୍କ ପାଖରେ ମଧ୍ୟ ନାଗରିକଙ୍କ ତଥ୍ୟ ସୁରକ୍ଷିତ ରହିପାରୁନାହିଁ। ଉଦାହରଣ ସ୍ୱରୂପ, ବିଭିନ୍ନ ସମୟରେ ସରକାରୀ ୱେବ୍‌ସାଇଟ୍ ଏବଂ ଡିଜିଟାଲ ପ୍ଲାଟଫର୍ମରୁ ତଥ୍ୟ ଚୋରି କଥା ଶୁଣିବାକୁ ମିଳିଛି। ସରକାର ବାରମ୍ବାର ଜୋର ଦେବା ଯୋଗୁ ପ୍ରାୟ ସବୁ ନାଗରିକ ନିଜ ଆଧାର ସହ ବ୍ୟାଙ୍କ, ପାନ୍‌କାର୍ଡ ଏବଂ ଅନ୍ୟସବୁ ସମ୍ବେଦନଶୀଳ ତଥ୍ୟ ଯୋଡ଼ି ସାରିଲେଣି। ବିଡ଼ମ୍ବନାର ବିଷୟ ହେଲା, ଆଧାର ତଥ୍ୟ ଲିକ୍ ହେବା ଘଟଣା ନୂଆ ନୁହେଁ। ଥରକୁ ଥର ଆଧାର ତଥ୍ୟ ଲିକ୍ ହେଉଛି ଓ ଲୋକଙ୍କ ପ୍ରିଭେସି ଉପରେ ଆଞ୍ଚ୍ ଆସୁଛି। ଏହା ଉପରେ ମଧ୍ୟ ସୁପ୍ରିମକୋର୍ଟ ନିଜଆଡ୍ରୁ ଟିପ୍ପଣୀ ଦେବା ଦରକାର। ନିକଟରେ ଭାରତ ସରକାର ପ୍ରତି ମୋବାଇଲରେ 'ସଞ୍ଚାର ସାଥୀ' ନାମକ ଏକ ଆପ୍ ବିକ୍ରି ପୂର୍ବରୁ ଇନ୍‌ଷ୍ଟଲ କରିବାକୁ ମୋବାଇଲ ଉତ୍ପାଦନକାରୀ କମ୍ପାନୀଗୁଡ଼ିକୁ ନିର୍ଦ୍ଦେଶ ଦେଇଥିଲେ। ଆପଲ୍ ସମେତ ଅଧିକାଂଶ କମ୍ପାନୀ ସରକାରଙ୍କ ଏଭଳି ନିର୍ଦ୍ଦେଶ ବ୍ୟବହାରକାରୀଙ୍କ ବ୍ୟକ୍ତିଗତ ତଥ୍ୟକୁ ବିପଦରେ ପକାଇବ ବୋଲି ଦର୍ଶାଇ ବିରୋଧ କରିଥିଲେ। ଏହି ବିରୋଧ ଯୋଗୁ କଥାଟି ଲୋକଲୋଚନକୁ ଆସିଲା ଓ ସାଧାରଣ ନାଗରିକଙ୍କ ଘୋର ସମାଲୋଚନା ଏବଂ ଚାପ ପଡ଼ିବା ପରେ ସରକାର ପଛଘୁଞ୍ଚା ଦେଇଥିଲେ। ଏଭଳି ସ୍ଥଳେ ଅନ୍ତର୍ଜାତୀୟ କମ୍ପାନୀ ଉପରେ କଟକଣା ଲଗାଇବା ସହଜ ହେଉ ନାହିଁ। ଅଷ୍ଟ୍ରେଲିଆ ସମେତ କେତେକ ୟୁରୋପୀୟ ଦେଶରେ ପିଲାମାନଙ୍କୁ ସୋସିଆଲ ମିଡିଆରୁ ବାରଣ କରିବା ଲାଗି ପଦକ୍ଷେପ ନିଆଯାଉଛି। ସେଥିପାଇଁ ଭାରତରେ ଅନୁରୂପ ବ୍ୟବସ୍ଥା କରାଯିବା ଉପରେ ଅନେକେ ଗୁରୁତ୍ୱ ଦେଉଛନ୍ତି। ହେଲେ ସାମାଜିକ ଗଣମାଧ୍ୟମର ପରିସର ଏତେ ବ୍ୟାପକ ହୋଇଛି ଯେ, ତାହାକୁ ଅତି ସହଜରେ ନିୟନ୍ତ୍ରଣ କରାଯାଇପାରୁ ନାହିଁ। ଦିନ ଥିଲା ସୋସିଆଲ ମିଡିଆ ବ୍ୟବହାର କରି ରାଜନୈତିକ ଦଳଗୁଡ଼ିକ ଅନେକ ଫାଇଦା ପାଉଥିଲେ। ଏବେ ଏହାର ପରିସର ବୃଦ୍ଧି ପାଉଥିବାରୁ ପ୍ରଶଂସା ସହ ସମାଲୋଚନା ମଧ୍ୟ ଘୋର ହେଉଛି। ସେଥିପାଇଁ ସାମାଜିକ ଗଣମାଧ୍ୟମ ଉପରେ ଅଙ୍କୁଶ ଲଗାଇବା ଯେକୌଣସି ସରକାର ପାଇଁ କ୍ରମାଗତ କଷ୍ଟକର ହୋଇପଡ଼ିଲାଣି। ଚାଇନା ଭଳି ଭାରତର ନିଜସ୍ୱ ସୋସିଆଲ ମିଡିଆ ପ୍ଲାଟଫର୍ମ ନ ଥିବାରୁ ଆମେରିକାର ଫେସ୍‌ବୁକ୍, ଇନ୍‌ଷ୍ଟାଗ୍ରାମ୍, ହ୍ୱାଟ୍ସଆପ୍, 'X' ଏବଂ ରୁଷିଆର ଟେଲିଗ୍ରାମ୍ ଉପରେ ନିର୍ଭର କରିବାକୁ ପଡ଼ୁଛି।

ଏବେ ଏଆଇ(କୃତ୍ରିମ ବୁଦ୍ଧିମତ୍ତା) ଯୁଗରେ କେବଳ ବ୍ୟବହାରକାରୀଙ୍କ ଅନ୍ତରଙ୍ଗ ତଥ୍ୟ ନୁହେଁ, କପିରାଇଟ୍ ଓ ପରିଚୟ ଚୋରି କଥା ମଧ୍ୟ ଆଲୋଚନାକୁ ଆସିଲାଣି। କୋର୍ଟ କିମ୍ବା ସରକାରଙ୍କୁ ଆଗକୁ ଏ ସବୁ ଉପରେ ନିୟନ୍ତ୍ରଣ କରିବା ଆହୁରି କଷ୍ଟକର ହୋଇପଡ଼ିବ।

ଏବେ ଏଆଇ(କୃତ୍ରିମ ବୁଦ୍ଧିମତ୍ତା) ଯୁଗରେ କେବଳ ବ୍ୟବହାରକାରୀଙ୍କ ଅନ୍ତରଙ୍ଗ ତଥ୍ୟ ନୁହେଁ, କପିରାଇଟ୍ ଓ ପରିଚୟ ଚୋରି କଥା ମଧ୍ୟ ଆଲୋଚନାକୁ ଆସିଲାଣି। କୋର୍ଟ କିମ୍ବା ସରକାରଙ୍କୁ ଆଗକୁ ଏ ସବୁ ଉପରେ ନିୟନ୍ତ୍ରଣ କରିବା ଆହୁରି କଷ୍ଟକର ହୋଇପଡ଼ିବ।

# ମଣିଷର ବିସର୍ଜନ



ସହଦେବ ସାହୁ

ତୁମେ ଭାବୁଛ ତୁମେ ଗୋଟିଏ ସ୍ୱଚ୍ଛ ପରିଷ୍କୃତ ବହୁ ଉଚ୍ଚ ସ୍ତରର ସୃଷ୍ଟି। ଭୁଲିଯାଅନି ମଣିଷ ଗୋଟିଏ ଛାଞ୍ଚ ଯହିଁରେ ଅନ୍ୟତ୍ର ବର୍ଜ୍ୟ ହୋଇଥିବା ବସ୍ତୁ (ମଇଳା) ବା ପୁନର୍ବାର ବ୍ୟବହାର ହେଉଥିବା (ରିସାଇକ୍ଲଡ୍) ଏଲିମେଣ୍ଟ(ମୌଳିକ ପଦାର୍ଥ) ଭର୍ତ୍ତି ହୋଇଛି। ଦୁନିଆର ସବୁ ଜିନିଷ ଏଇମିତି ହେଲେ ବି ମଣିଷ କଥା ନିଆରା, କାରଣ ମଣିଷ ହିଁ ମଇଳାକୁ କଣ୍ଟ୍ରୋଲ କରିପାରିବ।

ନଖଗୁଡ଼ିକୁ ଚାହିଁ କେଡ଼େ ସୁନ୍ଦର ବୋଲି କହୁଥିଲା ବେଳେ ଭାବିଛ କି ଏହାର ଅଧାଅଧି ଅଙ୍ଗାର, ଯାହା ରୋଷେଇଘର ଧୂଆଁରୁ ବା ଗାଡ଼ିର ଧୂଆଁନଳୀରୁ ବାହାରୁଥିବା ପ୍ରତି ଆଠ ଅଙ୍ଗାର ଅଣୁରୁ ଗୋଟିଏ ଲେଖାଏ ଆସିଛି! ତା' ସାଙ୍ଗରେ ଅଛି ଦୁଇଟି ଲେଖାଏ ଅମ୍ଳଜାନ ଅଣୁ! ଜୀବାଶ୍ମ (ଫସିଲ୍)ରୁ ବାହାରୁଥିବା ଅଙ୍ଗାରକାମ୍ଳ ଅଣୁରୁ ଯାହା କିଛି ସମୁଦ୍ର ବା ବାୟୁମଣ୍ଡଳ ଶୋଷିନେଇନାହିଁ ତାହା ଗଛଲତାମାନେ ଶୋଷିନିଅନ୍ତି, ଶର୍କରା ଓ ମଣ୍ଡ ତିଆରିରେ ଲଗାଇଦିଅନ୍ତି, ଯହିଁରୁ ମଣିଷ ରୁଟି, ପାଉରୁଟି, ମିଠେଇ ଆଦି କରିଥାଏ ବା ପରିବାପତ୍ର ଭାବେ ବ୍ୟଞ୍ଜନ କରିଥାଏ। ବହୁତ ଅଙ୍ଗାର ଅଣୁରୁ କିଛି କିଛି ପ୍ରାଣୀଙ୍କର ତନ୍ତୁ ହୁଏ ତ ଆଉ କିଛି ମାଂସ ଓ ଦୁଧ ଜାତୀୟ ଉପାଦାନ ତିଆରି କରେ। ଆଗ୍ନେୟଗିରି ଉଦ୍‌ଗିରଣ, ବନାଗ୍ନିର ପ୍ରଶସ୍ତି ଓ ପ୍ରାଣୀମାନଙ୍କ ଶ୍ୱାସକ୍ରିୟା ଦ୍ୱାରା ବାୟୁମଣ୍ଡଳରେ ଅଙ୍ଗାରକାମ୍ଳ ଭର୍ତ୍ତି ହୁଏ। ଆଜିକାଲି ବାୟୁମଣ୍ଡଳରେ ଥିବା ଅଙ୍ଗାରକାମ୍ଳ ପରିମାଣର ଏକ ଚତୁର୍ଥାଂଶ କେବଳ ଖଣିଜ ତୈଳ ଜାଳେଣିରୁ ଆସୁଛି। ସମୁଦ୍ରଗର୍ଭରୁ ଉତ୍ତୋଳନ ବେଳେ ବି ଅଙ୍ଗାରକାମ୍ଳ ବାୟୁମଣ୍ଡଳକୁ ଆସିଥାଏ। କିଛି କିଛି ସମୁଦ୍ର ଜଳରେ ଦ୍ରବୀଭୂତ ହୋଇଯାଏ ତ ତାହା ପ୍ରାକୃତିକ ଉପାୟରେ ଦ୍ରବୀଭୂତ ହୋଇଥିବା ଅଙ୍ଗାରକାମ୍ଳକୁ ତଡ଼ିଦିଏ। ତୁମ ଦେହର ସବୁ ଅଙ୍ଗାର ଜୈବିକ ଖାଦ୍ୟରୁ ଆସିଥାଏ, ଭୋଜ୍ୟ ପ୍ରାଣୀ ଯେଉଁ ଉଦ୍ଭିଜ୍ଜ ପଦାର୍ଥ ଉପରେ ନିର୍ଭର କରନ୍ତି ସେସବୁ ବାୟୁମଣ୍ଡଳରୁ ଅଙ୍ଗାର ନେଇ ସୂର୍ଯ୍ୟରଶ୍ମିରେ ରାନ୍ଧି ତିଆରି କରିଥାନ୍ତି। ସେଠୁ ଗଛଲତାମାନେ ଅମ୍ଳଜାନକୁ ଛାଡ଼ିଦେଇ କେବଳ ଅଙ୍ଗାରକୁ ଶୋଷିନିଅନ୍ତି, ତହିଁରୁ ଶର୍କରା, ମଣ୍ଡ ଆଦି ତିଆରି କରନ୍ତି, ଯହିଁରୁ ଆମେ ରୁଟି, ବ୍ରେଡ୍, ଭାତ, ତରକାରି ଆଉ ମିଠା ପିଠା ଆଦି ତିଆରି କରୁ। ଆମେ ଆମିଷ ବୋଲି ଖାଉଥିବା ପ୍ରାଣୀମାନଙ୍କ (ଆମର ବି) ମାଂସ ଚମ ଆଦି ଅଙ୍ଗାରରେ ତିଆରି। ନିରାମିଷରେ ଗଣା କ୍ଷୀର ବି। ଏବେ ବାୟୁମଣ୍ଡଳରେ ଅଙ୍ଗାରକାମ୍ଳ ବାଷ୍ପର ପରିମାଣ ପ୍ରତି ଲକ୍ଷେ ଭାଗରେ ୪୨ରୁ ୪୩ ଭାଗ (ପିପିଏମ୍ ୪୨୦ରୁ ୪୩୦)। ବାୟୁମଣ୍ଡଳର ଅଙ୍ଗାରକାମ୍ଳ ମୁଖ୍ୟତଃ ଆଗ୍ନେୟଗିରି ଉଦ୍‌ଗିରଣରୁ, ବନାଗ୍ନିରୁ ଓ ପ୍ରାଣିଜଗତର ଶ୍ୱାସକ୍ରିୟାରୁ ଆସେ। ଆମେ ଖାଉଥିବା ଜୈବିକ ପଦାର୍ଥରୁ ଆମ ଦେହର ସବୁ ଅଙ୍ଗାର ତିଆରି। ସବୁର ମୂଳ ବାୟୁ ନିର୍ଗମନ ବା ଏମିସନ୍।

ତୁମ ମୁକ୍ତା ଭଳି ଚିକ୍ ଚିକ୍ ମାରୁଥିବା ଦାନ୍ତ ତ ତେଜସ୍କ୍ରିୟ ଫୋପଡ଼ା ଜିନିଷରୁ ତିଆରି ହୋଇଛି। ୧୯୫୦ରୁ ୧୯୭୦ ଭିତରେ ବାୟୁମଣ୍ଡଳରେ ତାପଜ ପରମାଣବିକ ଅସ୍ତ୍ରର ପରୀକ୍ଷା ଏତେ ବେଶି ହେଲା ଯେ ବହୁ ପରିମାଣରେ ଅଙ୍ଗାର-୧୪ ବାୟୁମଣ୍ଡଳରେ ପଶିଲା, ପ୍ରାୟ ସବୁ ପ୍ରକାର ପରିବେଶକୁ ମାଡିଗଲା, ମଣିଷର ପରିବେଶକୁ ବି। ଏ ଗୁଡ଼ିକ ଅସ୍ଥିର ତେଜସ୍କ୍ରିୟ ଅଙ୍ଗାର (ରେଡିଓ କାର୍ବନ) ଅଣୁ: ଆମ କୋଷଗୁଡ଼ିକରେ ପ୍ରତି ସେକେଣ୍ଡରେ ହଜାର ହଜାର ସଂଖ୍ୟାରେ ରେଡିଓ କାର୍ବନ ପରମାଣୁ ପିଟିହେଉଛି। ଉଦ୍ଭିଦ ଓ ଅଣୁଜୀବମାନେ ଯେଉଁ ଆବର୍ଜନା ଛାଡ଼ନ୍ତି, ତାହା ବହୁ ପରିମାଣରେ ପ୍ରତିକ୍ରିୟାଶୀଳ (ରିଆକ୍ଟିଭ୍) ଅମ୍ଳଜାନ। ଗଛଲତା, ଗୁଳ୍ମ, ଶିଉଳି(ଆଲ୍‌ଜି) ଆଉ ନୀଳ-ସବୁଜ ବାକ୍ଟେରିଆ ଭାଶ୍ଳେଷଣ (ଫଟୋସିନ୍ଥେସିସ୍) ପ୍ରକ୍ରିୟାରେ ଜଳକଣିକାରୁ ଅମ୍ଳଜାନ କାଢ଼ିଦିଅନ୍ତି; ରହିଯାଉଥିବା ଗ୍ୟାସ୍‌ରୁ ଅଧିକ ଅଂଶ ସେମାନେ ନିଜ କାମରେ ଲଗାନ୍ତି। ସୁଖର କଥା ଲିକ୍ କରିଥିବା (ଗଳି ପଡ଼ିଥିବା) ଅମ୍ଳଜାନ ମଣିଷକୁ ବଞ୍ଚାଇ ରଖିଛି। ଆମ ଶ୍ୱାସରେ ଯାଉଥିବା ପବନର ମାତ୍ର ୨୦% ଅମ୍ଳଜାନ। ଆମ ଦେହର କୋଷଗୁଡ଼ିକ ଅମ୍ଳଜାନ ବ୍ୟବହାରକରି ଖାଦ୍ୟକଣିକାରେ ଥିବା ରାସାୟନିକ ବନ୍ଧନକୁ ଛିନ୍ନକରି ଅମ୍ଳଜାନ ଇଲେକ୍ଟ୍ରନ୍ ବାହାରକରନ୍ତି ଯାହା ଉଦ୍‌ଜାନ ଆୟନ୍ ସହ ମିଶି ଜଳକଣିକା ତିଆରିକରେ – ଏ ଜଳ ମଣିଷ ଦେହର ବର୍ଜ୍ୟବସ୍ତୁ: ଦେହର ଯେତେ ତରଳ ପଦାର୍ଥ ଅଛି ତାହାର ୧୦%। ସାଧାରଣ ମଣିଷ ଦେହରେ ୩.୬ କିଲୋରୁ ୪ କିଲୋ ଜଳ ଥାଏ। ଶ୍ୱାସକ୍ରିୟା ଓ ପାଚନକ୍ରିୟାରୁ ମେଟାବୋଲିକ୍ ଜଳ ଆସିଥାଏ। ଆଖିଲୁହର ୧୦% ଟୋପା ବି ମେଟାବୋଲିକ୍ ଜଳ।



ଆମ କେଶ କେଡ଼େ କୁଞ୍ଚୁକୁଞ୍ଚିଆ! ତା' ଯବକ୍ଷାରଜାନର କାମ। ବାୟୁରେ ଯବକ୍ଷାରଜାନ ତ ନିଷ୍କ୍ରିୟ, ତେବେ କେଶର କେରାଟିନ୍ କିପରି ତିଆରି କଲା, ତାକୁ ବଢ଼େଇଲା? ଶିମ୍ବ, ମଟର ତଥା ଡାଲିଜାତୀୟ ଫସଲରେ ବୁଦାମୂଳ ଗଣ୍ଠିରେ ଥିବା ଏକ ପ୍ରକାର ବାକ୍ଟେରିଆ ଯବକ୍ଷାରଜାନକୁ ସକ୍ରିୟକରେ, ସେମାନେ ବାୟୁର ଯବକ୍ଷାରଜାନକୁ ହଜମକରି ମଳ ଭାବେ ଆମୋନିଆ (ଆମ ଖତ) ଛାଡ଼ନ୍ତି। ବିଜୁଳି ମାରିଲେ ବା କାର୍ ଏଗ୍‌ଝଷ୍ଟ ନଳୀରୁ ବାୟୁ ବାହାରିଲେ ତାତିରେ ଯବକ୍ଷାରଜାନ ଅମ୍ଳ (ନାଇଟ୍ରିକ୍ ଅକ୍ସାଇଡ୍) ତିଆରି ହୁଏ, ବୃଷ୍ଟିଜଳରେ ମିଳେଇଯାଇ ଭୂଇଁରେ ସାର ରୂପରେ ପଡ଼େ। ସାର କାରଖାନାରେ ଯବକ୍ଷାରଜାନ ବାଷ୍ପରୁ ୟୁରିଆ, ଆମୋନିଅମ୍ ନାଇଟ୍ରେଟ୍ ଆଦି ତିଆରିକଲା ପରେ ସକ୍ରିୟ ଯବକ୍ଷାରଜାନ ମିଳିଲା।

ଆମ ରକ୍ତରେ ଯେଉଁ ଲୌହ ଅଣୁ ଅଛି ତାହା ଏକ ଧ୍ୱଂସପ୍ରାପ୍ତ ତାରକାରୁ ଆସିଛି। ଭୟଙ୍କର ବିସ୍ଫୋରଣ ସହ ଜଳିଯାଉଥିବା ତାରକା ତା'ପରେ କ୍ଷୁଦ୍ର କ୍ଷୁଦ୍ର ଏଲିମେଣ୍ଟକୁ ମିଶାଇ ବଡ଼ ବଡ଼ ଏଲିମେଣ୍ଟ ତିଆରିକରେ। ତାରକାର ବୟସ ବଢ଼ିବା ସଙ୍ଗେ ସଙ୍ଗେ ବୃହତ୍ତର ଏଲିମେଣ୍ଟ ତିଆରି ହୁଏ, ଯଥା ସିଲିକନ୍, ସଲ୍‌ଫର ଆଉ କାଲ୍‌ସିଅମ୍। ଶେଷରେ ଲୌହ। ଲୁହା ଅଣୁ ତିଆରିର ମିଶ୍ରଣ-ପ୍ରକ୍ରିୟାରେ ଯେତିକି ଶକ୍ତି ବ୍ୟୟ ହୁଏ ଲୌହ ଅଣୁ ସେତିକି ଶକ୍ତି ହିଁ ତିଆରି କରେ – ଅର୍ଥାତ୍ ତାରକାଟି ଦୁର୍ବଳ ହୋଇଯାଏ। ତାରକାଟି ବହୁ ବଡ଼ ହୋଇଥିଲେ ନିଜ କେନ୍ଦ୍ର ଉପରେ ଲଦିହୋଇଯାଏ, ଭୁଶୁଡ଼ି ପଡ଼େ – ଏକ ସୁପରନୋଭା ବିସ୍ଫୋରଣ ହୁଏ, ସୁପରସୋନିକ୍ ଗତିରେ ଲୌହ ଅଣୁଗୁଡିକ ବିଚ୍ଛୁରିହୋଇଯାଏ, ଯାହା ନୂଆ ସୌରମଣ୍ଡଳ (ସୋଲାର ସିଷ୍ଟମ) ତିଆରିକରେ। ତୁମ କଡ଼େଇରେ, ତୁମ ତାଉଆରେ, ତୁମ ଚାବିକାଠିରେ ଆଉ ତୁମ ରକ୍ତରେ ଯେଉଁ ଲୁହା ଅଛି ସେସବୁ ଏହି ମହାକାଶୀୟ ସ୍ଫୋଟକର ଟିକି ଟିକି ଟୁକୁରା। ସେହି ସ୍ଫୋଟକ ବି ଅଙ୍ଗାର, ଯବକ୍ଷାରଜାନ, ଅମ୍ଳଜାନ ଆଦି ଜୀବନର ବିଭିନ୍ନ ଉପାଦାନ ତିଆରିକରେ, ଯାହା ସୂର୍ଯ୍ୟ, ପୃଥିବୀ ଓ ପରିଶେଷରେ ତୁମକୁ ତିଆରିକରେ।

ଏବେ ତୁମର ସୌଖୀନ ଜୀବନ ତୁମକୁ ଧ୍ୱଂସକରିପାରେ। କାମ ଗୋଟିଏ ଦିଗରେ ଭଲ ଫଳ ଦେଖାଉଥିଲେ ବି ଅନ୍ୟ କୌଣସି ଅଜଣା ଦିଗରେ ଖରାପ ହୋଇପାରେ– ଏହାକୁ ଅନିଚ୍ଛାକୃତ ପରିଣାମ କୁହାଯାଏ। ରଙ୍ଗ, ନମନୀୟତା, ଟାଣପଣିଆ ଆଉ ସୂର୍ଯ୍ୟାଲୋକରେ ନଷ୍ଟ ନ ହେବାର ଗୁଣ ମଣିଷକୁ ପ୍ଲାଷ୍ଟିକ୍‌ପ୍ରିୟ କରିଦେଇଛି। ପ୍ଲାଷ୍ଟିକ୍ ପ୍ରାୟ ୧୬୦୦୦ କେମିକାଲରେ ତିଆରି – ତହିଁରୁ ୪୨୦୦ କେମିକାଲ କର୍କଟ, ହୃଦ୍‌ରୋଗ, ହର୍‌ମୋନ୍ କ୍ଷରଣରେ ବ୍ୟତିକ୍ରମ ଆଣେ। କାଚ ଆଉ ଆଲୁମିନିୟମ ଯେପରି ନୂଆ ନୂଆ ରୂପରେ ବ୍ୟବହାର ହୋଇପାରେ, ପ୍ଲାଷ୍ଟିକ୍ ସେପରି ହୋଇପାରେନାହିଁ, ପ୍ଲାଷ୍ଟିକ୍ ହୋଇରହେ। ପ୍ଲାଷ୍ଟିକ୍‌ର ପରିମାଣ ବଢ଼ିଚାଲେ – ଦୁଇ ତିନି ଥର ବ୍ୟବହାର ପରେ କନା ପରି ହୋଇଯାଏ, ଶେଷରେ ପୋଡ଼ାଯାଏ ବା ଖାଲରେ ପୋତାଯାଏ, ହେଲେ ବି ପ୍ଲାଷ୍ଟିକ୍ ନଷ୍ଟ ହୁଏ ନାହିଁ, ବରଂ ପରିବେଶରେ ମିଶେ। ପ୍ଲାଷ୍ଟିକ୍ ଜିନିଷରୁ ଟିକି ଟିକି ଝଡୁଥିବା ପ୍ଲାଷ୍ଟିକ୍, ମାଇକ୍ରୋପ୍ଲାଷ୍ଟିକ୍ ଅଦୃଶ୍ୟ କଣିକା ରୂପେ ମଣିଷର ସବୁ ଅଙ୍ଗରେ ପଶିଲାଣି, କେବଳ ଫୁସ୍‌ଫୁସ୍, ରକ୍ତ, ମସ୍ତିଷ୍କ ନୁହେଁ, ପୁରୁଷର ଶୁକ୍ର ଓ ନାରୀର ଅଣ୍ଡକୋଷରେ ପଶିଲାଣି, ମାଆର ସ୍ତନ-କ୍ଷୀରରେ ବି। ଦ୍ୱାରକାରେ ଯଦୁବଂଶକୁ ଧ୍ୱଂସ କରିଥିବା ମୂଷଳ ଭଳି ଏ ପ୍ଲାଷ୍ଟିକ୍ ନୁହେଁ ତ! ଆମେ ଯେଉଁ ଲୋକଙ୍କୁ ନିର୍ବାଚିତ କରିଛୁ ସେହିମାନଙ୍କ ହାତରେ ଅଛି ଏ ମୂଷଳକୁ ନଷ୍ଟ କରିବାର କ୍ଷମତା, ସେମାନେ ହିଁ ଆଇନ ପ୍ରଣୟନକରି ପ୍ଲାଷ୍ଟିକ୍ ତିଆରି ବନ୍ଦ କରିପାରିବେ, ମହଜୁଦ ଥିବା ପ୍ଲାଷ୍ଟିକ୍‌କୁ ଗଭୀର ଗର୍ତ୍ତରେ ପୋତିଦେବାର ବନ୍ଦୋବସ୍ତ କରିପାରିବେ। ନ ହେଲେ ମଣିଷ ବଂଶ ବିକଳାଙ୍ଗ ହୋଇ ଏକ ନୂତନ ପ୍ରଜାତି ହୋଇଯିବନି ତ!

sahadevas@yahoo.com

# ଚାଷଜମିରେ ନଡ଼ାପୋଡ଼ି



ଡି. ଶୁଭମ୍

ସମୟ ଥିଲା ନଡ଼ା ବିଭିନ୍ନ କାର୍ଯ୍ୟରେ ବ୍ୟବହାର ହେଉଥିଲା। ସମୟକ୍ରମେ ଏହା ଅଦରକାରୀ ହୋଇଗଲା ଏବଂ ଲୋକେ ନଡ଼ାପୋଡ଼ିବା ଆରମ୍ଭକଲେ। ପ୍ରଦୂଷଣର ମାୟାଜାଲରେ ନଡ଼ାପୋଡ଼ି ଏକ ପ୍ରମୁଖ ଅଙ୍ଗ। ଖାଦ୍ୟ ଓ କୃଷିସଂସ୍ଥାର ରିପୋର୍ଟ ଅନୁସାରେ ସାରା ବିଶ୍ୱରେ ବାର୍ଷିକ ୪୫୦ ମିଲିୟନ ଟନ୍‌ର ଫସଲ ଅବଶେଷ ପୋଡ଼ାଯାଉଛି, ଯାହାର ୪୦-୫୦ ପ୍ରତିଶତ କେବଳ ଧାନ ଫସଲ; ଯାହାକି ୧.୨ ମିଲିୟନ ଟନ ମିଥେନ ଗ୍ୟାସ ନିର୍ଗତକରି ବାୟୁମଣ୍ଡଳରେ ମିଶାଉଛି।

ସବୁଜ ବିପ୍ଳବର ପରେ ପରେ ଯେବେ ଯନ୍ତ୍ର ସଭ୍ୟତା ଆମ ଅର୍ଥନୀତିରେ ମୁଣ୍ଡଟେକିଲା ସେବେ ଖାଦ୍ୟ ଖାଇବାର ଆବଶ୍ୟକତା ସେତିକି ବଢ଼ିଚାଲିଲା। ୨୦୫୦ ସୁଦ୍ଧା ସାରା ବିଶ୍ୱରେ ୯ ବିଲିୟନ ଲୋକଙ୍କୁ ଖାଦ୍ୟ ଯୋଗାଇବା ପାଇଁ ପାଖପାଖି ୭୦ ପ୍ରତିଶତରୁ ଅଧିକ ଉତ୍ପାଦନ କରିବାର ଆବଶ୍ୟକତା ରହିଛି। ଓଡ଼ିଶାରେ ଧାନଚାଷ ମୋଟ ଖରିଫ କ୍ଷେତ୍ରର ପ୍ରାୟ ୬୦ ପ୍ରତିଶତ। ୨୦୧୯ -୨୦ ରେ ଧାନର ମୋଟ କ୍ଷେତ୍ର ୩୯.୪ ଲକ୍ଷ ହେକ୍ଟର ଥିବାବେଳେ ୨୦୨୩-୨୪ରେ ଏହା ୪୦.୯ ଲକ୍ଷ ହେକ୍ଟରରେ ପହଞ୍ଚିଛି। ଆମ ରାଜ୍ୟର ପ୍ରମୁଖ ଫସଲ ଭାବରେ ଧାନ ଯେତିକି ଆଦୃତ ହୋଇଛି, ଧାନ ଅମଳ ପରେ ନଡ଼ା ସେତିକି ପରିମାଣରେ ଆଦୃତି ଲାଭ କରିପାରୁନାହିଁ। ଭାରତରେ ପଞ୍ଜାବ, ହରିୟାଣା, ଉତ୍ତରପ୍ରଦେଶ, ଓଡ଼ିଶା ତଥା ପୂର୍ବଭାରତର ଅନେକ ରାଜ୍ୟରେ ଏମିତି ନଡ଼ାପୋଡ଼ି ଅଧିକ ଦେଖାଯାଏ। ବର୍ତ୍ତମାନ ସମୟରେ ଚାଷକରିବା ଯେତିକି କଷ୍ଟ ଚାଷ ପରେ ବିକିଲାବେଳକୁ ଦି ଗୁଣା କଷ୍ଟ। ବୋଝ ଉପରେ ନଳିତାବିଡ଼ା। ଚାଷ ବେଳେ ସାର, କୀଟନାଶକ ଆଉ ଫସଲ ଅମଳ ପରେ ଅଧିକ ମଜୁରି, ପରବର୍ତ୍ତୀ ଫସଲ ପାଇଁ ସମୟ କମ୍ ତଥା ସଚେତନତା ଅଭାବରୁ ଚାଷୀମାନେ ବିକଳ୍ପ ସ୍ୱରୂପ ନଡ଼ାପୋଡ଼ିକୁ ଗ୍ରହଣ କରିଥାନ୍ତି। କିନ୍ତୁ ଏହା ପ୍ରଭାବରେ ଭାରତର ବାର୍ଷିକ ବାୟୁ ପ୍ରଦୂଷଣର ମାତ୍ରା ୧୫-୨୦ ପ୍ରତିଶତ ବଢ଼ିଥାଏ। ମାଟିର ଉପରଭାଗରେ ଉପକାରୀ ଅଣୁଜୀବମାନେ ରହି ମାଟିକୁ ହାଲୁକା କରନ୍ତି, ମାନ ବଢ଼ାନ୍ତି। କିନ୍ତୁ ନଡ଼ାପୋଡ଼ି ପ୍ରଭାବରେ ଯେଉଁ ଉତ୍ତପ୍ତ ତାପମାତ୍ରା ସୃଷ୍ଟିହୁଏ, ତାହା ଏହି ଅଣୁଜୀବଙ୍କ ବିନାଶର କାରଣ ସାଜେ। ଏହାର ପ୍ରଭାବରେ ଅଙ୍ଗାରକାମ୍ଳ, ମିଥେନ୍, ନାଇଟ୍ରସ୍ ଅକ୍ସାଇଡ୍ ପ୍ରଭୃତି ଗ୍ୟାସ ନିର୍ଗତହୁଏ ଯାହାକି ସବୁଜଗୃହ ଗ୍ୟାସ ଭାବେ ପରିଚିତ। ଏହା ପୃଥିବୀ ପୃଷ୍ଠର ତାପମାତ୍ରା ବୃଦ୍ଧିକରେ। ଏବେ ଋତୁଚକ୍ରରେ ଜଳବାୟୁ ପରିବର୍ତ୍ତନର ସଙ୍କଟ ଅନୁଭବ କରୁଛେ। ଜୈବ ବିବିଧତା ଆଜି ବିପର୍ଯ୍ୟସ୍ତ। ଏହି ନଡ଼ାପୋଡ଼ି ମାଟିର ପୋଷକତତ୍ତ୍ୱ ସନ୍ତୁଳନକୁ ବିଗାଡ଼ିଦିଏ। ଫଳସ୍ୱରୂପ ନାଇଟ୍ରୋଜେନ୍ ୮୦-୮୫ ପ୍ରତିଶତ, ଫସ୍‌ଫରସ୍ ୨୫-୩୦ ପ୍ରତିଶତ, ପୋଟାସିୟମ ୨୦-୨୫ ପ୍ରତିଶତ ତଥା ସଲ୍‌ଫର ୫୦ ପ୍ରତିଶତ ପାଖାପାଖି ନଷ୍ଟହୁଏ। ମାଟିର ଜୈବିକ ଅଙ୍ଗାରକର ମାତ୍ରା ମଧ୍ୟ ହ୍ରାସହୁଏ। ଏହା ପ୍ରଭାବରେ ନିର୍ଗତ ହେଉଥିବା ମିଥେନ ଓ ନାଇଟ୍ରସ୍ ଅକ୍ସାଇଡ୍ ଅଙ୍ଗାରକାମ୍ଳଠାରୁ ୨୫-୨୫୦ ଗୁଣ ଅଧିକ କ୍ଷତିକାରକ। ଜୈବିକଚାଷ ଓ ଜୈବିକ ପ୍ରମାଣନ ଦିଗରେ ଏ ନଡ଼ା ପୋଡ଼ିକୁ କୌଣସି ପ୍ରକାରରେ ଅନୁମତି ଦିଆଯାଏ ନାହିଁ।



ମାଟିର ସ୍ୱାସ୍ଥ୍ୟର ଅବନତିଠାରୁ ଆରମ୍ଭକରି ମଣିଷର ସ୍ୱାସ୍ଥ୍ୟ ଉପରେ ଏହାର କୁପ୍ରଭାବ ମଧ୍ୟ ପଡ଼ିଥାଏ। ସମ୍ପ୍ରତି ଆପଣମାନେ ଦେଖୁଥିବେ ଗଣମାଧ୍ୟମରେ ପ୍ରତିଦିନ ବାୟୁ ଗୁଣବତ୍ତାର ମାତ୍ରା ଉପରେ ଅନେକ ଖବର ପରିବେଷଣ ହେଉଛି। କେବଳ ଦିଲ୍ଲୀ ନୁହେଁ, ଆମ ରାଜ୍ୟର ଭୁବନେଶ୍ୱର, ତାଳଚେର, ଅନୁଗୋଳ ପରି ଅଞ୍ଚଳରେ ମଧ୍ୟ ବାୟୁର ଗୁଣବତ୍ତା ଖରାପ ହେବାରେ ଲାଗିଲାଣି। ଏହି ପ୍ରଦୂଷଣର ପ୍ରଭାବରେ ସହରାଞ୍ଚଳରେ ଘନ କୁହୁଡ଼ି ଅନୁଭୂତ ହେଉଛି ଯାହା ମଧ୍ୟରେ କ୍ଷତିକାରକ ଗ୍ୟାସ୍ ମଧ୍ୟ ରହିଥାଏ। ଯେହେତୁ ଅଧିକ ମାତ୍ରାରେ ନଡ଼ାପୋଡ଼ି ହେଉଛି, ମାଟିର ସ୍ୱାସ୍ଥ୍ୟ ଉପରେ କୁପ୍ରଭାବ ପଡୁଛି, ମାଟି ଅଧିକ ଖାଦ୍ୟ ଆବଶ୍ୟକ କରୁଛି। ଏଥିପାଇଁ ଫସଲ ଉତ୍ପାଦନ ସମୟରେ ଅଧିକ ସାରର ପ୍ରୟୋଗ ହେଉଛି। ଚାଷୀମାନେ ଏବେ ଧାନକଟା ମେଶିନ ପାଇଁ ଘଣ୍ଟାକୁ ୨୫୦୦ ରୁ ୨୬୦୦ ଟଙ୍କା ଦେଉଛନ୍ତି। ମେଶିନରେ ଧାନ କଟା କମ୍ ସମୟ ଲାଗୁଛି, କିନ୍ତୁ ନଡ଼ା ଅଧିକ ରହୁଛି। ସମୟ କମ୍ ଲାଗିବା ପାଇଁ ଏହାକୁ ଅନେକ ଚାଷୀ ଆପଣାଉଛନ୍ତି। ଫଳସ୍ୱରୂପ ନଡ଼ା ଅବ୍ୟବହୃତ ହୋଇ ପଡ଼ିରହୁଛି। ଆଉ ଏହି ମେଶିନ ପ୍ରଭାବରେ ସେହି ନଡ଼ାଗୁଡ଼ିକରୁ ଆସୁଥିବା ଡିଜେଲ ବାସ୍ନା ପାଇଁ ଗୋରୁ ମଧ୍ୟ ଖାଇବାକୁ ପସନ୍ଦ କରୁନାହାନ୍ତି।

ଏହାର ବିକଳ୍ପ ସ୍ୱରୂପ ପ୍ରଥମରେ ଚାଷୀମାନେ ଏ ଦିଗରେ ସଚେତନ ହେବା ଆବଶ୍ୟକ। ଜମିରେ ରହୁଥିବା ନଡ଼ାକୁ ଆଚ୍ଛାଦନ ଭାବରେ ବ୍ୟବହାର କରିବା ଓ ରୋଟାଭୋଟର ମାଧ୍ୟମରେ ତାହାକୁ ମାଟିରେ ମିଶାଇ ଦେଇପାରିବେ। ଯାହା ମାଟିର ଜଳୀୟ ଅଂଶ ବଢ଼ାଇବା ସହ ଜୈବିକ ଅଙ୍ଗାରକ ନିୟନ୍ତ୍ରଣରେ ସାହାଯ୍ୟ କରିବ। ଦ୍ୱିତୀୟରେ ହାପିସିଡର ବ୍ୟବହାର ଦିଗରେ ଯତ୍ନବାନ୍ ହେବା ସହ ଶୂନ୍ୟକର୍ଷଣ ବା ଜିରୋଟିଲେଜ ଉପରେ ଚାଷୀମାନେ ଗୁରୁତ୍ୱ ଦେଇପାରିବେ। ଏକକ ଫସଲ ଉପରେ ଗୁରୁତ୍ୱ ନ ଦେଇ ଆମେ ଫସଲ ବିବିଧିକରଣକୁ ପ୍ରାଧାନ୍ୟ ଦେବା। ଅତ୍ୟଧିକ ଧାନ ପଛରେ ପାଗଳ ନ ହେଇ ଅନ୍ୟ ତୈଳବୀଜ ଓ ଡାଲିଜାତୀୟ ଫସଲ ଉପରେ ମଧ୍ୟ ଧ୍ୟାନ ଦେଇପାରିବା। ତୃତୀୟରେ ନଡ଼ାକୁ ଛତୁଭିତ୍ତିକ ଉଦ୍ୟୋଗରେ ବ୍ୟବହାର କରିପାରିବେ। ଚତୁର୍ଥରେ ଏ ନଡ଼ାଗୁଡ଼ିକୁ କମ୍ପୋଷ୍ଟ ତଥା ଅନ୍ୟ ଜୈବିକ ଖତ ତିଆରିରେ ବ୍ୟବହାର କରାଯାଇପାରିବ। ଚାଷୀମାନେ ନିଜେ ପ୍ୟାକେଜିଂକରି ଏହାକୁ ବିପଣନ କରିପାରିବେ। ପଞ୍ଚମରେ ଗୋରୁଙ୍କ ଖାଦ୍ୟ ଭାବରେ ଏହାକୁ ଆମେ ବ୍ୟବହାର କରିପାରିବା ସହ ବାୟୋଗ୍ୟାସ୍‌ରେ ମଧ୍ୟ ଏହାକୁ ଭାଗୀଦାରି କରିପାରିବା। ଷଷ୍ଠରେ କୃଷକ ଉତ୍ପାଦକ ସଂଗଠନଗୁଡ଼ିକ ଏ ଦିଗରେ କର୍ମଶାଳା ଆୟୋଜନକରି ନଡ଼ାପୋଡ଼ିର କୁପ୍ରଭାବ ଉପରେ ଚାଷୀମାନଙ୍କୁ ଭିଡିଓଭିତ୍ତିକ ତଥ୍ୟ ଉପସ୍ଥାପନ କରିପାରିବେ।

ଜୈବ ନିରୀକ୍ଷକ, ଓଡ଼ିଶା ରାଜ୍ୟ ଜୈବ ପ୍ରମାଣନ ସଂସ୍ଥା, ଭୁବନେଶ୍ୱର
ମୋ: ୯୪୩୮୪୬୭୦୭୯

## ଏଇ ଭାରତରେ

ଅରୁଣାଚଳ ପ୍ରଦେଶ ପାକ୍କେ ବ୍ୟାଘ୍ର ସଂରକ୍ଷଣ ଜଙ୍ଗଲରେ ରହୁଥିବା ବିଭିନ୍ନ ରଙ୍ଗ ତଥା ପ୍ରଜାତିର ହର୍ନବିଲ ପକ୍ଷୀର ବ୍ୟାପକ ଶିକାର ହେତୁ ଏମାନଙ୍କ ସଂଖ୍ୟା ହ୍ରାସ ପାଇ ବିଲୁପ୍ତିର ଦ୍ୱାରଦେଶରେ ପହଞ୍ଚିଗଲା। ବିଶେଷକରି ମାଂସ ଓ ଅଣ୍ଟ ପାଇଁ ସ୍ଥାନୀୟ ଅଞ୍ଚଳର ନାଇଶି ସମ୍ପ୍ରଦାୟର ଆଦିବାସୀ ଏହି ଜାତୀୟ ପକ୍ଷୀଙ୍କୁ ଶିକାର କରିଥାନ୍ତି। ତେବେ ଏହି ପକ୍ଷୀଙ୍କ ଜୀବନ ରକ୍ଷା ଲାଗି ଘୋରା ଆଭେ ସୋସାଇଟି ଏନ୍‌ଜିଓ, ନେଚର କଞ୍ଜରଭେଶନ ଫାଉଣ୍ଡେଶନ ତଥା ଅରୁଣାଚଳପ୍ରଦେଶ ଜଙ୍ଗଲ ବିଭାଗ ପ୍ରଥମେ ହର୍ନବିଲଙ୍କ ଜୀବନ ରକ୍ଷା ପାଇଁ ପଦକ୍ଷେପ ନେଇଥିଲେ। ପରେ ଏମାନଙ୍କ ସହ ପାକ୍କେ ପଗା ହର୍ନବିଲ ଫେଷ୍ଟିଭାଲ କମିଟି ସାମିଲ ହୋଇଛନ୍ତି। ଏହା ସହ ସ୍ଥାନୀୟ ଆଦିବାସୀମାନେ ପକ୍ଷୀ ବାସସ୍ଥଳୀ ସଂରକ୍ଷକ ଭାବେ କାମ କରୁଛନ୍ତି। ଏମାନେ ହର୍ନବିଲ ଶିକାର ସମ୍ପୂର୍ଣ୍ଣ ବନ୍ଦ କରିବା ସହ ସେମାନଙ୍କ ଛୁଆକୁ ବସାରୁ ଉଦ୍ଧାର କରି ଯତ୍ନ ନେଉଛନ୍ତି। ଏବେ ସୁଦ୍ଧା ୨୩୮ଟି ହର୍ନବିଲ ଛୁଆକୁ ବଡ଼ କରି ଜଙ୍ଗଲରେ ଛାଡ଼ି ସାରିଲେଣି। କେବଳ ଏତିକି ନୁହେଁ ଏହି ପକ୍ଷୀଙ୍କ ସୁରକ୍ଷିତ ବାସସ୍ଥଳୀ ସକାଶେ ବନ ବିଭାଗ ଓ ଆଦିବାସୀମାନେ ଗଛ ଲଗାଉଛନ୍ତି।

## ୫୦ ବର୍ଷ ତଳର ଧରିତ୍ରୀ

### ୪ ଫେବୃଆରୀ ୧୯୭୬

- ଭାରତ ସରକାର ୯୧ କୋଟି ଟଙ୍କା ଖର୍ଚ୍ଚରେ ସ୍ଥାପନ ହେବାକୁ ଯାଉଥିବା ମାଲାଞ୍ଜଖଣ୍ଡ ତମ୍ବା ପରିକଳ୍ପନାକୁ ମଞ୍ଜୁରୀ ଦେଇଛନ୍ତି।
- ଦୁର୍ନୀତି ଅଭିଯୋଗରେ ଦଣ୍ଡିତ ବ୍ୟକ୍ତିମାନେ ୬ ବର୍ଷ ପାଇଁ ନିର୍ବାଚନରେ ଅଂଶଗ୍ରହଣ କରିପାରିବେ ନାହିଁ ବୋଲି ରାଷ୍ଟ୍ରପତି ଏକ ଅର୍ଡିନାନ୍ସ ଜାରି କରିଛନ୍ତି।

## ସୁ-ଡୋ-କୁ

sudoku
Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| 8 | | 6 | 1 | | | 5 | | 3 |
| 2 | | | | | 5 | | 7 | |
| 9 | | 3 | | 7 | | | 1 | |
| 5 | | 7 | | | 1 | 3 | | |
| 3 | | | | | 9 | | 6 | 4 |
| | 9 | 2 | | | 8 | 7 | 5 | |
| | | | | | 7 | | 4 | |
| | | 9 | 5 | 8 | | 6 | 3 | 7 |
| | | 5 | 6 | | 3 | 1 | | 8 |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 4 | 7 | 1 | 9 | 2 | 8 | 6 | 5 | 3 |
| 9 | 6 | 8 | 5 | 3 | 1 | 2 | 4 | 7 |
| 3 | 5 | 2 | 6 | 4 | 7 | 8 | 1 | 9 |
| 5 | 1 | 4 | 7 | 8 | 6 | 3 | 9 | 2 |
| 8 | 2 | 9 | 4 | 5 | 3 | 1 | 7 | 6 |
| 7 | 3 | 6 | 1 | 9 | 2 | 4 | 8 | 5 |
| 2 | 8 | 5 | 3 | 7 | 4 | 9 | 6 | 1 |
| 1 | 4 | 7 | 2 | 6 | 9 | 5 | 3 | 8 |
| 6 | 9 | 3 | 8 | 1 | 5 | 7 | 2 | 4 |

ଗତକାଲିର ଉତ୍ତର

## ପାଠକ ଶ୍ରେଷ୍ଠ ବିଚାରକ

### ବୁଲା କୁକୁରଙ୍କୁ ପୋଷ୍ୟ ଗ୍ରହଣ

ମହାଶୟ,

ଏବେ ଲୋକମାନେ ରାସ୍ତାଘାଟରେ ବୁଲା କୁକୁରଙ୍କୁ ଖାଦ୍ୟ ଦେଉଛନ୍ତି। ସେମାନେ ଏବଂ ଅନ୍ୟମାନେ ସ୍ୱେଚ୍ଛାକୃତ ଭାବେ ବୁଲା କୁକୁରମାନଙ୍କୁ ପୋଷ୍ୟ ଗ୍ରହଣ କରିବାକୁ ଅଦାଲତଙ୍କ ପ୍ରସ୍ତାବ ସ୍ୱାଗତଯୋଗ୍ୟ ହେଲେ ମଧ୍ୟ ଏଥିରେ ଦାୟିତ୍ୱ ରହିଛି। ଦ୍ୱିତୀୟତଃ ବୁଲା କୁକୁରଙ୍କୁ ଯେଉଁମାନେ ପୋଷ୍ୟ କରନ୍ତି ସେମାନେ ଛୁଆ କୁକୁର ପ୍ରତି ଆଗ୍ରହ ରଖି ତାକୁ ପୋଷନ୍ତି। ତେବେ ବନ୍ଧ୍ୟାକରଣ ବ୍ୟବସ୍ଥା ହେଲେ ଆଉ କୁକୁର ବଂଶ ରହିବ ତ? ଗୋଶାଳା ଭଳି ପଞ୍ଜୀକୃତ ବୁଲା କୁକୁର ଆଶ୍ରୟସ୍ଥଳ ପାଇଁ ଆର୍ଥିକ ପ୍ରୋତ୍ସାହନ ଅଛି ବୋଲି କୁହାଗଲା ବେଳେ ଗୋଟିକିଆ ବୁଲାକୁକୁର ରଖିବା ଲୋକଙ୍କୁ ଅର୍ଥ ମିଳିବ କି? ତୃତୀୟତଃ ରୋବୋଟିକ୍ କୁକୁର ଆଧୁନିକ ଜ୍ଞାନକୌଶଳ ଉପଯୋଗୀ ହେବା ବେଳେ ବୁଲା କୁକୁର ପାଳି ତା'ର ମଳମୂତ୍ରରେ ଘାଣ୍ଟିହେବାକୁ କେତେ ଜଣ ବା ପସନ୍ଦ କରିବେ। ଉପଦେଶ ଓ ପ୍ରସ୍ତାବ ଉପସ୍ଥାପନ ସହଜ, କିନ୍ତୁ ତା'ର ପରିପାଳନ ଭାରି କଷ୍ଟ।

-ଡି. ପି. ତ୍ରିପାଠୀ, ଶ୍ରୀନିବାସ, ପୁରୀ

## ଚିରନ୍ତନୀ

ଚିରନ୍ତନ କୁହୁ ଆଜି
ଜାଗେ ମମ ପ୍ରାଣେ
ମୂକର ଫିଟଇ ମୁଖ
ନବ ନବ ଗାନେ।
-(ଚିରନ୍ତନ କୁହୁ)

-କାଳିନ୍ଦୀ ଚରଣ ପାଣିଗ୍ରାହୀ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail: edit.dharitri@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

# ହାଇୱେ ଡକାୟତି ଯୋଜନା ପଣ୍ଡ, ୪ ଗିରଫ



ଗିରଫ ହୋଇଥିବା ୪ ଅଭିଯୁକ୍ତ।



ପୋଲିସ ଜବତ କରିଥିବା ସାମଗ୍ରୀ।

- ଡକାୟତଙ୍କଠାରୁ ମାଉଜର, କଟୁରି, ଲୁହାରଡ୍ ଜବତ
- ଫେରାର ମାରିଲେ ଡିକେ ଗ୍ୟାଙ୍ଗର ମୁଖ୍ୟ

**ବଲାଙ୍ଗୀର,୩।୨(ବୀରେନ୍ଦ୍ର କୁମାର ଝାଙ୍କର)**

ବଲାଙ୍ଗୀର ଟାଉନ ଥାନା ପୋଲିସ ଟିମ୍ ମଙ୍ଗଳବାର ପାଟ୍ରୋଲିଂ କରିବା ବେଳେ ହାଇୱେ ଏବଂ ଆଖପାଖରେ ଡକାୟତି ଯୋଜନା କରୁଥିବା ୪ ଜଣ ଡକାୟତଙ୍କୁ ଗିରଫ କରିଛି । ସେମାନଙ୍କଠାରୁ ଏକ ୟୁଏସ୍ଏ ତିଆରି ମାଉଜର, ଜୀବନ୍ତ କେଟ୍ରିଜ୍, ଏକ କଟୁରି, ଦୁଇଟି ଲୁହାରଡ, ୪ଟି ମୋବାଇଲ ଫୋନ ଏବଂ ୧୮୫୩୦ ଟଙ୍କା ଜବତ କରାଯାଇଛି। ଗିରଫ ୪ ଅଭିଯୁକ୍ତ ହେଲେ ବଲାଙ୍ଗୀର ବରପାଲିପଡାର ସୁମନ୍ତ ଓରଫ ମୋଟୁ ବରାଡ (୨୩), ସିଲୁ ପଧାନ (୨୬), ବିଭୂତିପଡାର କରୁଣା ଓରଫ ଆଶିଷ ସ୍ୱାଇଁ (୨୪) ଏବଂ ପୁଇଁନ୍ତଲା ଥାନା କୁଲଥିପାଲି ଗାଁର କୁଶଳେଶ୍ୱର ବାଗ (୨୫)। ଗିରଫ ଅଭିଯୁକ୍ତମାନେ ବଲାଙ୍ଗୀର ଡିକେ ଗ୍ୟାଙ୍ଗର ସଦସ୍ୟ। ଏହି ଗ୍ୟାଙ୍ଗର ମୁଖ୍ୟ ଦୀପକ କୁମ୍ଭାର (ଡିକେ)ଙ୍କ ସହ ଅନ୍ୟ ଜଣେ ଯୁବକ ଫେରାର ହୋଇଯାଇଥିଲେ। ବଲାଙ୍ଗୀର ସଦର ଏସଡିପିଓ ସରୋଜ ଉପାଧ୍ୟାୟ ଏବଂ ଟାଉନ ଥାନା ଆଇଆଇସି ଅବନୀ ସାହୁ ମଙ୍ଗଳବାର ସନ୍ଧ୍ୟାରେ ସ୍ଥାନୀୟ ଟାଉନ ଥାନାରେ ଖବରଦାତା ସମ୍ମିଳନୀ ଡାକି ଡକାୟତି ଯୋଜନା ସମ୍ପର୍କରେ ସବିଶେଷ ସୂଚନା ଦେଇଥିଲେ।

ସୂଚନା ଅନୁଯାୟୀ, ଅପରାହ୍ଣ ସାଢ଼େ ୩ଟା ସମୟରେ ଟାଉନ ଥାନା ଏସଆଇ ଡି. ଶତପଥୀ ଏବଂ ଏଏସ୍ଆଇ ବୈକୁଣ୍ଠନାଥ ଦେହୁରୀ ବଲାଙ୍ଗୀର ସହର ସାଲେପାଲି ଏବଂ ଆଖପାଖ ଅଞ୍ଚଳରେ ପାଟ୍ରୋଲିଂ କରୁଥିବା ବେଳେ ଇଣ୍ଡଷ୍ଟ୍ରିଆଲ ଇଷ୍ଟେଟ ପଛପଟେ ୬-୭ ଜଣ ଯୁବକ ଡକାୟତି ପାଇଁ ଯୋଜନା କରୁଥିବା ନିର୍ଭରଯୋଗ୍ୟ ସୂତ୍ରରୁ ଖବର ପାଇଥିଲେ। ପୋଲିସ ଟିମ୍ ଉକ୍ତ ସ୍ଥାନରେ ଅତର୍କିତ ଚଢ଼ାଉ କରି ୪ ଜଣ ଅଭିଯୁକ୍ତଙ୍କୁ ଗିରଫ କରିବାରେ ସଫଳ ହୋଇଥିଲେ। ଘଟଣାସ୍ଥଳରୁ ଦୁଇଜଣ ଅଭିଯୁକ୍ତ ଫେରାର ମାରିବାରେ ସଫଳ ହୋଇଥିଲେ। ପୋଲିସ ଉକ୍ତ ୪ ଜଣଙ୍କୁ କାବୁ କରି ଟାଉନ ଥାନାକୁ ଆଣିବା ପରେ ଜେରା କରାଯିବାରୁ ସେମାନେ ବଲାଙ୍ଗୀର-ଭବାନୀପାଟଣା ୨୬ ନମ୍ବର ଜାତୀୟ ରାଜପଥ ଏବଂ ଆଖପାଖ ଅଞ୍ଚଳରେ ବଡଧରଣର ଡକାୟତି ଯୋଜନା କରୁଥିବା ସ୍ୱୀକାର କରିଥିଲେ। ବଲାଙ୍ଗୀର ମାଲଗୋଦାମପଡାର ମୂଳ ନିବାସୀ ତଥା ବିଭୂତିପଡାରେ ବର୍ତ୍ତମାନ ରହୁଥିବା ଡି. କୁମ୍ଭାର ଡିକେ ଗ୍ୟାଙ୍ଗ କରି ଏକାଧିକ ହାଇୱେ ଏବଂ ଅନ୍ୟାନ୍ୟ ସ୍ଥାନରେ ଡକାୟତି କରୁଥିବା ଗିରଫ ଅଭିଯୁକ୍ତମାନେ କହିଥିବା ଏସ୍ଡିପିଓ ଉପାଧ୍ୟାୟ ସୂଚନା ଦେଇଛନ୍ତି। ବିଭିନ୍ନ ରାସ୍ତାରେ ଯାତ୍ରୀମାନଙ୍କୁ ଅଟକାଇ ସେମାନଙ୍କୁ ମାରଣାସ୍ତ୍ର ଦେଖାଇ ଏବଂ ଆକ୍ରମଣ କରି ଲୁଟରେ ଏମାନେ ସମ୍ପୃକ୍ତ ଥିବା ସେ କହିଥିଲେ। ଗିରଫ ଅଭିଯୁକ୍ତମାନଙ୍କ ନାଁରେ ଏକାଧିକ ଥାନାରେ ଏକାଧିକ ମାମଲା ରହିଥିବା ସୂଚନା ଦେଇଥିଲେ। ଗିରଫ ଅଭିଯୁକ୍ତ ସିଲୁ ପ୍ରଧାନଙ୍କ ଠାରୁ ମାଉଜର, ଗୁଳି ଜବତ କରାଯାଇଛି। ଡିକେ ଗ୍ୟାଙ୍ଗର ମୁଖ୍ୟ ଫେରାର ହୋଇଯାଇଥିବାରୁ ତାଙ୍କୁ ଏବଂ ତାଙ୍କ ଅନ୍ୟ ସହଯୋଗୀଙ୍କୁ ଶୀଘ୍ର ଗିରଫ କରାଯିବ ବୋଲି ଏସଡିପିଓ ଉପାଧ୍ୟାୟ ସୂଚନା ଦେଇଛନ୍ତି। ପୋଲିସର ସମୟୋଚିତ ପଦକ୍ଷେପ ପାଇଁ ବଡଧରଣର ଅଘଟଣ ଟଳିଲା ବୋଲି କୁହାଯାଉଛି।

# କଣ୍ଟାବାଞ୍ଜି ତହସିଲର ରାଜସ୍ୱ ମେଳା




ରାଜସ୍ୱ ମେଳାରେ ଯୋଗ ଦେଇଥିବା ଅତିଥି।

**କଣ୍ଟାବାଞ୍ଜି,୩।୨(ଗୁରୁଦୟାଲ ହଂସ)**

ବଲାଙ୍ଗୀର ଜିଲା କଣ୍ଟାବାଞ୍ଜି ତହସିଲ କାର୍ଯ୍ୟାଳୟ ଦ୍ୱାରା ସୋମବାର ଦିନ ସ୍ଥାନୀୟ ପିଡବ୍ଲୁଡି ଡାକବଙ୍ଗଳାରେ ରାଜସ୍ୱ ମେଳା ଅନୁଷ୍ଠିତ ହୋଇଯାଇଛି। ଏହି ମେଳାରେ କଣ୍ଟାବାଞ୍ଜି ତହସିଲ ଅଧୀନ କଣ୍ଟାବାଞ୍ଜି ଏନଏସି ଓ ତୁରେକେଲା ବ୍ଲକର ୧୯ ଗୋଟି ପଞ୍ଚାୟତର ଯୋଗ୍ୟ ହିତାଧିକାରୀମାନଙ୍କୁ ଜମି ପଟ୍ଟା ଓ ଭତ୍ତା ବଣ୍ଟନ କରାଯାଇଛି। ଏଥିରେ ମୁଖ୍ୟଅତିଥି ଭାବେ ସ୍ଥାନୀୟ କଣ୍ଟାବାଞ୍ଜି ବିଧାୟକ ଲକ୍ଷ୍ମଣ ବାଗ ଯୋଗ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ଉପଜିଲାପାଳ ଟିଟିଲାଗଡ ପଦ୍ମନାଭ ସାମନ୍ତରାୟ, ତୁରେକେଲା ବିଡିଓ ପୂର୍ଣ୍ଣାନନ୍ଦ ପୁଟେଲ, ଗୋଷ୍ଠୀ ଶିକ୍ଷା ଅଧିକାରୀ ଗୌତମ ପୁଟେଲ, ଅତିରିକ୍ତ ତହସିଲଦାର ସୌମ୍ୟରଞ୍ଜନ ରାଉତ ମଞ୍ଚାସୀନ ଥିଲେ। ତହସିଲଦାର ବିଶ୍ୱନାଥ ଖାଲକୋଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ମେଳାରେ କଣ୍ଟାବାଞ୍ଜି ଏନଏସି ଓ ତୁରେକେଲା ବ୍ଲକର ୧୯ ଗୋଟି ପଞ୍ଚାୟତର ଯୋଗ୍ୟ ହିତାଧିକାରୀଙ୍କ ମଧ୍ୟରେ ୨୦ଟି ସରକାରୀ ସ୍କୁଲ ଓ କଲେଜ, ୨୪୨ଜଣ ବାସହୀନ, ଧାମନଡଙ୍ଗା ସମବାୟ ସମିତି ଲିଃ, ୨୦୦ଜଣ ବସୁନ୍ଧରା ହିତାଧିକାରୀଙ୍କୁ ଜମି ପଟ୍ଟା ବଣ୍ଟନ କରାଯାଇଥିଲା। ୨୫୩ଜଣ ନୂତନ ଯୋଗ୍ୟ ବିଭିନ୍ନ ହିତାଧିକାରୀଙ୍କୁ ଭତ୍ତା ବଣ୍ଟନ କରାଯାଇଥିଲା । ଏହି ଅବସରରେ ମୁଖ୍ୟଅତିଥି ବିଧାୟକ ବାଗ କହିଥିଲେ, ବର୍ତ୍ତମାନର ସରକାର ଦେଇଥିବା ସମସ୍ତ ପ୍ରତିଶ୍ରୁତି ପାଳନ କରିବାରେ ଲାଗିଛି। ଆଗାମୀ ଦିନରେ ବିକଶିତ ଭାରତ ବିକଶିତ ଓଡ଼ିଶାର ସ୍ୱପ୍ନ ସାକାର ହେବାକୁ ଯାଉଛି। ଏହି ସରକାର ଘରେ ଘରେ ସରକାରୀ କର୍ମଚାରୀଙ୍କୁ ପହଞ୍ଚାଇ ସମସ୍ତ ସୁବିଧା ଯୋଗାଇବ ବୋଲି କହିଥିଲେ। ନିର୍ବାଚନମଣ୍ଡଳୀର ତୁରେକେଲା, ବଙ୍ଗୋମୁଣ୍ଡା, ମୁରିବାହାଲ ଓ କଣ୍ଟାବାଞ୍ଜି ଏନଏସିର ଯୋଗ୍ୟ ହିତଧିକାରୀ ଯେପରି ସରକାରଙ୍କ ସମସ୍ତ ସୁବିଧା ସୁଯୋଗ ସହଜରେ ପାଇପାରିବେ ସେଥିପାଇଁ ଚେଷ୍ଟିତ ବୋଲି ବିଧାୟକ ବାଗ କହିଥିଲେ। ଏହି କାର୍ଯ୍ୟକ୍ରମକୁ ତହସିଲ ଅଫିସର ସୁପରଭାଇଜର ଦୁର୍ଗାଚରଣ ବାଗ ପରିଚାଳନା କରିଥିବା ବେଳେ ମହଖଣ୍ଡ, ତୁରେକେଲା, ହିଆଁଲ, ଘୁନେଶ, ମହୁଲପାଟି ଓ କଣ୍ଟାବାଞ୍ଜି ଆରଆଇ, ଏଆରଆଇ ଏବଂ ସମସ୍ତ କର୍ମଚାରୀ ସହଯୋଗ କରିଥିଲେ।

# ହତ୍ୟାକାରୀଙ୍କୁ ଗିରଫ ନ କଲେ ଥାନା ଘେରାଉ ଚେତାବନୀ

- ଯୁବକଙ୍କ ଝୁଲନ୍ତା ମୃତଦେହ ଜବତ ଘଟଣା
- ପୋଲିସ ଗଡ଼ାଇ ଚାଲିଛି ସମୟ

**ପାଟଣାଗଡ଼,୩।୨(ସଚ୍ଚିଦାନନ୍ଦ ମହାକୁର)**

ବଲାଙ୍ଗୀର ଜିଲା ପାଟଣାଗଡ଼ ଥାନା ଗଙ୍ଗାସାଗର ଓ ଗଇଲପିଟା ଗାଁ ରାସ୍ତା କଡ଼ଠାରୁ ଅନତି ଦୂର ଏକ ଗଛରୁ ଗତ ୧ ତାରିଖ ଦିନ ଗଙ୍ଗାସାଗର କଲଗିପାଲିର ଜାଗର ଧରୁଆଙ୍କ ଏକମାତ୍ର ପୁଅ ରାହୁଲ ଧରୁଆଙ୍କ ଝୁଲନ୍ତା ମୃତଦେହ ପୋଲିସ ପରିବାରବର୍ଗଙ୍କ ଉପସ୍ଥିତିରେ ଜବତ କରିଥିଲା। ଏନେଇ ମୃତ ରାହୁଲଙ୍କ ବାପା ସେଦିନ ଗାଁର ୪ ଜଣ ଯୁବକ ମିଶି ତାଙ୍କ ପୁଅକୁ ହତ୍ୟା ପରେ ଗଛରେ ଝୁଲାଇ ଦେଇଥିବାର ଥାନାରେ ଅଭିଯୋଗ କରିଥିଲେ। ତେବେ ଘଟଣା ଘଟିବାର ତିନି ଦିନ ପରେ ମଧ୍ୟ ପୋଲିସ ୪ ଜଣଙ୍କୁ ଅଟକ ରଖି ତଦନ୍ତ ନାଁରେ ଦିନ ଗଡ଼ାଇବାରେ ଲାଗିଛି। ଅପରପକ୍ଷରେ ତାଙ୍କ ବୟାନ ବଦଳାଇବା ପାଇଁ ବିଭିନ୍ନ ପ୍ରକାର ଚାପ ପକାଯାଉଥିବା ଜାଗର ଗଣମାଧ୍ୟମକୁ ସୂଚନା ଦେଇଛନ୍ତି। ଏହି ପରିପ୍ରେକ୍ଷୀରେ ମଙ୍ଗଳବାର ଜିଲା ଆଦିବାସୀ କଲ୍ୟାଣ ସଂଘ ଜିଲା ସଭାପତି ସତ୍ୟନାରାୟଣ ଭୋଇ, ସମ୍ପାଦକ ପୁରୋଷୋତ୍ତମ ଧରୁଆ ଓ ପାଟଣାଗଡ଼ ବ୍ଲକ ସଭାପତି ଅଷ୍ଟରତ୍ନ ବରିହାଙ୍କ ହସ୍ତକ୍ଷେପ ପରେ ଘଟଣା ନୂଆ ମୋଡ଼ ନେଇଛି। ମଙ୍ଗଳବାର ପୁଣି ମୃତକଙ୍କ ବାପା ଜାଗର ତାଙ୍କ ପୁଅକୁ ଯୋଜନାବଦ୍ଧ ଭାବରେ ହତ୍ୟା କରାଯାଇଥିବା ନେଇ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ଏହାପରେ ପୋଲିସ ଜିଲା ଆଦିବାସୀ କଲ୍ୟାଣ ସଂଘର ଉପସ୍ଥିତିରେ ଏତଲାକୁ ଗ୍ରହଣ କରିବା ସହ ଘଟଣାସ୍ଥଳକୁ ପୋଲିସର ଏକ ସ୍ୱତନ୍ତ୍ର ଟିମ୍ ଏଏସଆଇ ଅଜିତ୍ ସେଠଙ୍କ ନେତୃତ୍ୱରେ ଘଟଣାସ୍ଥଳକୁ ଯାଇଥିବା ଜଣାପଡିଛି। ତେବେ ଏହି ଘଟଣାରେ ସଂପୃକ୍ତ ଅଭିଯୁକ୍ତମାନଙ୍କୁ ପୋଲିସ ଆସନ୍ତା ୨୪ ଘଣ୍ଟା ମଧ୍ୟରେ ଗିରଫ କରି କୋର୍ଟ ଚାଲାଣ ନ କରେ ପ୍ରତିବାଦରେ ଥାନା ଘେରାଉ କରାଯିବ ବୋଲି ସଂଘର ଜିଲା ସଭାପତି ଭୋଇ,ସଂପାଦକ ଓ ବ୍ଲକ ସଭାପତି ବରିହା ପ୍ରମୁଖ ଚେତାବନୀ ଦେଇଛନ୍ତି।

## ସମାବର୍ତ୍ତନ ଉତ୍ସବ

**ଲୋଇସିଂହା,୩।୨(ସୁଶାନ୍ତ ବାରିକ)**

ଲୋଇସିଂହା ଶିଶୁ ବିଦ୍ୟାମନ୍ଦିର ଶିକ୍ଷାବର୍ଷ ୨୦୨୫-୨୬ ଦଶମ ଶ୍ରେଣୀ ଛାତ୍ରୀଛାତ୍ରଙ୍କ ସମାବର୍ତ୍ତନ ଉତ୍ସବ ଅନୁଷ୍ଠିତ ହୋଇଛି। ବିଦ୍ୟାଳୟ ପରିଚାଳନା ସମିତି ଉପ ସଭାପତି ମୁକୁନ୍ଦ ନାରାୟଣ ସିଂଦେଓ ଅଧ୍ୟକ୍ଷତା କରିଥିଲେ। ସମ୍ପାଦକ ପ୍ରଶାନ୍ତ କୁମାର ବେହେରା ଛାତ୍ରୀଛାତ୍ରଙ୍କୁ ମାଟ୍ରିକ ପରୀକ୍ଷା ନିମନ୍ତେ ପ୍ରସ୍ତୁତି ହେବାସହ ଭବିଷ୍ୟତରେ ଉତ୍ତମ ନାଗରିକ ହେବା ନେଇ ଆର୍ଶୀବଚନ ଦେଇଥିଲେ। ପ୍ରଧାନ ଆଚାର୍ଯ୍ୟ ଶିବ ବାରିକ ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ।

# ଫୁଲୁକିମୁଣ୍ଡା ପଞ୍ଚାୟତ ଉଚ୍ଚ ବିଦ୍ୟାଳୟର ପୁରାତନ ଛାତ୍ର ସମାବେଶ

**ଖପ୍ରାଖୋଲ,୩।୨(ଅଭୟ ତ୍ରିପାଠୀ)**

ଖପ୍ରାଖୋଲ ବ୍ଲକ ଫୁଲୁକିମୁଣ୍ଡା ପଞ୍ଚାୟତ ଉଚ୍ଚ ବିଦ୍ୟାଳୟଠାରେ ପଞ୍ଚସଖା ଶିକ୍ଷା ସେତୁ ସଙ୍ଗଠନର ପୁରାତନ ଛାତ୍ର ସମାବେଶ ପ୍ରଧାନ ଶିକ୍ଷକ ଗୋପାଳ ଚନ୍ଦ୍ର ବେହେରାଙ୍କ ଅଧ୍ୟକ୍ଷତାରେ ମଙ୍ଗଳବାର ଅନୁଷ୍ଠିତ ହୋଇଥିଲା। ସମାବେଶରେ ମୁଖ୍ୟଅତିଥି ଭାବେ ଖପ୍ରାଖୋଲ ବିଡିଓ ବିବେକାନନ୍ଦ ଷଡଙ୍ଗୀ, ସମ୍ମାନିତ ଅତିଥି ଭାବେ ଉପ ମୁଖ୍ୟମନ୍ତ୍ରୀଙ୍କ ବ୍ଲକ ପ୍ରତିନିଧି ପଦ୍ମ କୁମାର ସିଂ ବରିହା, ସ୍କୁଲ ପରିଚାଳନା କମିଟିର ସଭାପତି ନନ୍ଦଲାଲ ମାଝୀ, ପରିଚାଳନା କମିଟିର ସଭ୍ୟ ପ୍ରେମ କିଶୋର ପୃଷ୍ଟି ଓ ପୁରାତନ ଛାତ୍ର ସଭାପତି ମୁରଲୀଧର ମେହେର ଯୋଗ ଦେଇଥିଲେ। ଏହି ଅବସରରେ ବିଦ୍ୟାଳୟର ୩୦ ଜଣ ପୁରାତନ ଛାତ୍ରଙ୍କୁ ଅତିଥିମାନେ ସମ୍ବର୍ଦ୍ଧିତ କରିଥିଲେ। ପୁରାତନ ଛାତ୍ରମାନେ ବିଦ୍ୟାଳୟକୁ ଖେଳସାମଗ୍ରୀ, ପୁସ୍ତକ, ରୋଷେଇ ଉପକରଣ, ପରିମଳ ସାମଗ୍ରୀ ଇତ୍ୟାଦି ପ୍ରଦାନ କରିଥିଲେ। ବିଦ୍ୟାଳୟକୁ ଅଧିକ ସରସ ସୁନ୍ଦର କରିବା ପୁରାତନ ଛାତ୍ରମାନଙ୍କର ମୁଖ୍ୟ ଭୂମିକା ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ। ଏହି ଅବସରରେ ବିଦ୍ୟାଳୟ ପରିଚାଳନା କମିଟିର ସଭ୍ୟ ଯୁବରାଜ ବନଛୋର, ସହଦେବ କୁମାର ପତି, ଅତସି ସାହୁ, ନିଲିମା କୁମାରୀ ମିଶ୍ର, ଭୁବନେଶ୍ୱର ପୃଷ୍ଟି, ଗଗନ କୁମାର ସାହୁ, ଲିଙ୍ଗରାଜ ମାଝୀ, ଜଗବନ୍ଧୁ ବେହେରା, ଦୀନବନ୍ଧୁ ଚାରବେମାଲ ଶିକ୍ଷୟିତ୍ରୀ ଶିକ୍ଷକ , ଛାତ୍ରୀ ଛାତ୍ର ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମକୁ ଶିକ୍ଷକ ଅମର ସିଂ ମାଝୀ ପରିଚାଳନା କରିଥିବା ବେଳେ ଶିକ୍ଷକ ଗୋପୀକୃଷ୍ଣ ଦଲାଇ ଧନ୍ୟବାଦ ଅର୍ପଣ କରିଥିଲେ।




ସମାବେଶରେ ଜଣେ ପୁରାତନ ଛାତ୍ରଙ୍କୁ ସମ୍ବର୍ଦ୍ଧିତ କରାଯାଉଛି ।

# ପୌର ପ୍ରଶାସନର ଜନ ଶୁଣାଣି କାର୍ଯ୍ୟକ୍ରମ

- ୱାର୍ଡ ନମ୍ବର ୨ରୁ ଆରମ୍ଭ

**ଟିଟିଲାଗଡ଼,୩।୨(ଶରତ ମିଶ୍ର)**

ବିଭିନ୍ନ ୱାର୍ଡକୁ ଯାଇ ଲୋକଙ୍କ ଅସୁବିଧା ବୁଝିବା ସହ ସମାଧାନ କରିବା ପାଇଁ ଗୃହ ଓ ନଗର ଉନ୍ନୟନ ବିଭାଗ ପକ୍ଷରୁ ଏକ ନୂତନ ପଦକ୍ଷେପ ଗ୍ରହଣ କରାଯାଇଛି। ଯାହାକି ୱାର୍ଡରେ ପୌର ପ୍ରଶାସନ ଜନଶୁଣାଣି କାର୍ଯ୍ୟକ୍ରମ। ମଙ୍ଗଳବାର ପ୍ରଥମ ଥର ଟିଟିଲାଗଡର ୱାର୍ଡ ନମ୍ବର ଦୁଇରୁ ଏହି କାର୍ଯ୍ୟକ୍ରମ ଆରମ୍ଭ କରାଯାଇଛି। ଏହି ଅବସରରେ ପୌର ପରିଷଦ ଅଧ୍ୟକ୍ଷା ମମତା ଦେବୀ ଜୈନ, ପୌର ନିର୍ବାହୀ ଅଧିକାରୀ ଚନ୍ଦନ ଶତପଥୀଙ୍କ ସମେତ ବିଭିନ୍ନ ସରକାରୀ ଯୋଜନାର ଅଧିକାରୀମାନେ ଉପସ୍ଥିତ ଥିଲେ। ଆସିଥିବା ପଡ଼ାବାସୀ ନିଜ ନିଜର ଅଭିଯୋଗ ଜଣାଇଥିଲେ। ଏହି କାର୍ଯ୍ୟକ୍ରମକୁ ଗୋଷ୍ଠୀ ସଂଗଠିକା ଶୁଭଶ୍ରୀ ସାହୁ ପରିଚାଳନା କରିଥିଲେ। ପ୍ରତି ମଙ୍ଗଳବାର ବିଭିନ୍ନ ୱାର୍ଡରେ ଏହି ଜନ ଶୁଣାଣି କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ ବୋଲି ସୂଚନା ମିଳିଛି।

# ବସୁଛି ବୈଠକ, ଫଳପ୍ରଦ ହେଉନାହିଁ

- ଅଟଳ ବସଷ୍ଟାଣ୍ଡ ଶୃଙ୍ଖଳିତ ପରିଚାଳନା ପାଇଁ ସମୀକ୍ଷା ବୈଠକ

**ଲୋଇସିଂହା,୩।୨(ସୁଶାନ୍ତ ବାରିକ)**

ବଲାଙ୍ଗୀର ଜିଲା ଲୋଇସିଂହା ବ୍ଲକ ସଭାଗୃହରେ ଲୋଇସିଂହା ଅଟଳ ବସଷ୍ଟାଣ୍ଡର ଶୃଙ୍ଖଳିତ ପରିଚାଳନା ପାଇଁ ଏକ ସମୀକ୍ଷା ବୈଠକ ବିଡିଓ ଅକ୍ଷୟପାଣି ଉଦ୍ଗଙ୍କ ଅଧ୍ୟକ୍ଷତାରେ ସୋମବାର ଅନୁଷ୍ଠିତ ହୋଇଯାଇଛି। ଉକ୍ତ ବୈଠକରେ ବ୍ଲକ ଅଧ୍ୟକ୍ଷ ଯତୀନ୍ଦ୍ର ପଟେଲ, ସ୍ଥାନୀୟ ସରପଞ୍ଚ ନବକିଶୋର ନାଏକ, ତହସିଲଦାର, ବଲାଙ୍ଗୀର ଆଞ୍ଚଳିକ ପରିବହନ ଅଧିକାରୀ, ଥାନା ଅଧିକାରୀ, ମିଶନ ଶକ୍ତି ବିପିସି, ବିଏଲଏଫ, ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀଙ୍କ ସମେତ ସ୍ଥାନୀୟ ଅଞ୍ଚଳର ବିଶିଷ୍ଟ ବ୍ୟକ୍ତି ବୈଠକରେ ଯୋଗ ଦେଇଥିଲେ। ୨୦୨୪ ସାଧାରଣ ନିର୍ବାଚନ ପୂର୍ବରୁ ଉକ୍ତ ବସଷ୍ଟାଣ୍ଡ କାର୍ଯ୍ୟକ୍ଷମ ହୋଇଛି। କିନ୍ତୁ ବ୍ଲକରେ ଚାଲିଥିବା ମାତ୍ର ୩ରୁ ୪ଟି ମୁଖ୍ୟମନ୍ତ୍ରୀ ବସ୍ ଛାଡି ଦେଲେ ଆଉ କୌଣସି ସରକାରୀ କିମ୍ବା ବେସରକାରୀ ବସ୍ ଉକ୍ତ ବସଷ୍ଟାଣ୍ଡକୁ ପ୍ରବେଶ କରୁନାହିଁ । ବଲାଙ୍ଗୀର-ବରଗଡ ୨୬ ନଂ ଜାତୀୟ ରାଜପଥରେ ସିଧାସଳଖ ସରକାରୀ ଓ ବେସରକାରୀ ବସଗୁଡିକ ଗନ୍ତବ୍ୟ ଅଭିମୁଖେ ଚାଲି ଯାଉଛି। ଉକ୍ତ ବସଷ୍ଟାଣ୍ଡକୁ ବସ୍‌ଗୁଡିକ ପଶୁ ନ ଥିବାରୁ ସରକାର ରାଜସ୍ୱ ହରାଉଛନ୍ତି। ଅପରପକ୍ଷେ ବସଷ୍ଟାଣ୍ଡ କ୍ୟାମ୍ପସରେ ଦୋକାନ ଗୃହଗୁଡିକ ନିର୍ମାଣ ହୋଇ ବ୍ଲକ ପ୍ରଶାସନ ପକ୍ଷରୁ ତାହା ଭଡ଼ା ସୂତ୍ରରେ ଦିଆଯାଇଛି। ହେଲେ ଯାତ୍ରୀ ଅଭାବରୁ ଦୋକାନ ଭଡା ନେଇଥିବା ବ୍ୟକ୍ତି ବ୍ୟବସାୟିକ ପ୍ରତିଷ୍ଠାନ ଖୋଲି ନ ପାରି ମାସକୁ ମାସ ଭଡା ଟଙ୍କା ଗଣି କ୍ଷତି ସହୁଛନ୍ତି। ଅପରପକ୍ଷରେ ଅଟଳ ବସଷ୍ଟାଣ୍ଡ ସ୍ଥାନୀୟ କଲେଜ ଛାତ୍ରୀଛାତ୍ରଙ୍କ ପାଇଁ ଏକରକମ ଖୋଲା ପାର୍କ ସାଜିଛି। ଏସବୁ ଅବ୍ୟବସ୍ଥା ନେଇ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇବା ସହିତ ନିକଟରେ ଥାନା ପରିସରରେ ଅନୁଷ୍ଠିତ ଆମ ପୋଲିସ ସମିତି ବୈଠକରେ ମଧ୍ୟ ଏନେଇ ଆଲୋଚନା କରାଯାଇଥିଲା। ସୋମବାର ଅନୁଷ୍ଠିତ ଏହି ବୈଠକରେ ରାଜପଥ ପାର୍ଶ୍ୱରୁ ୧ ଶହ ମିଟର ଦୂରରେ ସଂକୀର୍ଣ୍ଣ ରାସ୍ତାରେ ଉକ୍ତ ବସଷ୍ଟାଣ୍ଡ ଥିବାରୁ ରାଜପଥରେ ଚଳାଚଳ କରୁଥିବା ବସଗୁଡିକ ବସଷ୍ଟାଣ୍ଡକୁ ନେବାକୁ ବସ କର୍ମଚାରୀ ନାରାଜ ହେଉଛନ୍ତି ବୋଲି ଉପସ୍ଥିତ ବିଶିଷ୍ଟ ବ୍ୟକ୍ତି ବିଶେଷ ମତବ୍ୟକ୍ତ କରିଥିଲେ। ଏହାକୁ ନେଇ ବୈଠକରେ ଚିନ୍ତା ପ୍ରକଟ କରାଯାଇଥିଲା। ବସଷ୍ଟାଣ୍ଡ ରାସ୍ତାରେ ଥିବା ଟ୍ରାନ୍ସଫର୍ମରକୁ ଅନ୍ୟତ୍ର ସ୍ଥାନାନ୍ତର ପାଇଁ ବିଦ୍ୟୁତ୍ ବିଭାଗକୁ ଜଣାଇବା ସହିତ ବସଷ୍ଟାଣ୍ଡ ରାସ୍ତା ପ୍ରଶସ୍ତି କରଣ ପାଇଁ ଜିଲାପାଳଙ୍କ ଦୃଷ୍ଟି ଆକର୍ଷଣ କରିବାକୁ ମତପ୍ରକାଶ ପାଇଥିଲା। ଏହାଛଡା ଲୋଇସିଂହାରୁ ଝାରମୁଣ୍ଡା ଆଦର୍ଶ ବିଦ୍ୟାଳୟର ଦୂରତା ୧୫ କିମି ହୋଇଥିବାରୁ ଅନେକ ଗରିବ ପରିବାରର ଛାତ୍ରୀଛାତ୍ରମାନେ ମୋଟା ଅଙ୍କର ଫି ଦେଇ ଘରୋଇ ଗାଡିରେ ସ୍କୁଲ ଯାଇ ଖର୍ଚ୍ଚାନ୍ତ ହେଉଛନ୍ତି। ଛାତ୍ରୀଛାତ୍ରମାନେ ସୁବିଧାରେ ଆଦର୍ଶ ସ୍କୁଲକୁ ପାଠ ପଢ଼ିଯିବା ଏବଂ ଛୁଟି ସମୟରେ ଫେରିବା ପାଇଁ ମୁଖ୍ୟମନ୍ତ୍ରୀ ବସ୍ ଚଳାଚଳ ପାଇଁ ଉକ୍ତ ବୈଠକରେ ପ୍ରସ୍ତାବ ଆଗତ କରାଯାଇଛି। ବିଗତ ୨ ବର୍ଷ ହେବ ଉକ୍ତ ବସଷ୍ଟାଣ୍ଡ ଶୃଙ୍ଖଳିତ ଭାବେ କାର୍ଯ୍ୟକ୍ଷମ ପାଇଁ ବାରମ୍ବାର ବୈଠକ ବସୁଥିଲେ ସୁଦ୍ଧା ଫଳପ୍ରଦ ହୋଇପାରୁନାହିଁ। ଏହାକୁ ନେଇ ବୈଠକରେ ଲୋଇସିଂହା ଅଞ୍ଚଳର ଉପସ୍ଥିତ ବିଶିଷ୍ଟ ବ୍ୟକ୍ତିଗଣ ଅସନ୍ତୋଷ ବ୍ୟକ୍ତ କରିଥିଲେ।

CAREER APPOINTMENT
ON EVERY WEDNESDAY & SATURDAY
B/W : ₹. 350 per sq.cm
Colour : ₹. 400 per sq.cm
PAY FOR 1, GET 1 FREE
For Bookings
Call : 0674-2580385
Email : advt@dharitri.com

ST. XAVIERS PUBLIC SCHOOL
Mundeilo, Parjang, Dhenkanal, Odisha
A Day Boarding & Residential School
Walk-in-Interview for Following Staffs
01. Retired Principal/High School Head Teacher - 01 No.
02. Retired Lecturer/High School Teacher - (PCM & CBZ) 01 No. each
03. Retired Lecturer/High School Teacher - (English) 01 No.
Age limit should not exceed 65 years
Phone: 8260211012, 7477211012

ଆବଶ୍ୟକ
ପେଟ୍ରୋଲ ପମ୍ପରେ ସୁପରଭାଇଜର, Office Assistant, ତେଲ ପକାଇବା Staff ଏବଂ ତେଲ ଟ୍ୟାଙ୍କର ପାଇଁ ହେଲପର ଆବଶ୍ୟକ, ସ୍ଥାନ- ଭୁବନେଶ୍ୱର
9438569494, 9437415530

ଆବଶ୍ୟକ
ଭୁବନେଶ୍ୱରର ଏକ ସ୍ନାକ୍ସ ବିତରକ ପାଇଁ ଯୁବ Sales & Marketing କର୍ମଚାରୀ ଆବଶ୍ୟକ ।
ଦରମା ଟ.12,000+ ଇନସେଣ୍ଟିଭ୍ ।
ନିଜସ୍ୱ ବାଇକ୍ ଆବଶ୍ୟକ ।
ଫୋନ୍: 9886365677

URBAN YATRA - TOUR COMPANY
BHUBANESWAR, ODISHA
Positions Open:
- SUPERVISOR
- COOK
- OFFICE BOY
Experience required: 2 years & above
9938012124 | 9439534567
www.urbanyatra.com

APPOINTMENT
CCIE SCHOOL
Behind RTO-1 Office, Bhubaneswar-22
Required : TGT (All Subjects) & P.E.T
Qualification : Graduate with B.Ed
Interested candidates may send their C.V. to: ccieprincipal@gmail.com or submit application form in school office within 15 days.
CONTACT: 9861463006, 0674-2541372

TKIL Industries Pvt. Ltd., Pune
(formerly known as thyssenkrupp Industries India Pvt. Ltd.)
is hiring for Service-O&M Business for Jharsuguda and sites across India
TKIL Industries
WALK-IN-INTERVIEW
POSITIONS:
ENGINEERs to HODs
Operation, Mechanical, Electrical, Instrumentation, Planning
Qualification:
Diploma 8 - 20+ years experience
Bachelor of engineering 5 -20 years experience
Experience:
- Role: Contractual/Permanent
- Mechanical, Instrumentation & Electrical Maintenance of Aluminum Smelter
- Operations & Maintenance of CFBC-based Power Plants
- Mechanical Maintenance of Steel Plant RMHS
Job Location: Jharsuguda, Odisha, Bharuch, Gujarat & Bina, Madhya Pradesh, Near Mumbai and Pan India
Interview Dates: 8 & 9 February 2026 | Timing:09:00am to 06:00pm
Interview Venue: Mehfil Marriage Palace Motijhran Road near Gousiya Masjid, Motijharan, Sambalpur, Odisha, 768001
Please remember to carry all necessary documents, including your resume, academic certificates, and last 3 months salary slips along with any relevant work experience letters.
To Apply: Share your updated CV on: careers.tkil@tkil.com
Scan QR Code to fill the application form
Website: www.tkil.com

15001/2/2526
ଓଡ଼ିଶା ସରକାର



ଉତ୍କଳଗୌରବ ମଧୁସୂଦନ ଦାସଙ୍କ
ରାଜ୍ୟସ୍ତରୀୟ ଶ୍ରାଦ୍ଧ ଦିବସ
୪ ଫେବୃଆରୀ, ୨୦୨୬
ସକାଳ ଘ. ୮ .୩୦ମିନିଟ୍ ସମୟରେ ରାଜଭବନ ଛକ, ଭୁବନେଶ୍ୱରସ୍ଥିତ ଉତ୍କଳଗୌରବ ମଧୁସୂଦନ ଦାସଙ୍କ ପ୍ରତିମୂର୍ତ୍ତିରେ ବିଶିଷ୍ଟ ବ୍ୟକ୍ତିମାନଙ୍କ ଦ୍ୱାରା ମାଲ୍ୟାର୍ପଣ ।
ସନ୍ଧ୍ୟା ୫ ଘଟିକା ସ୍ଥାନ– ସମ୍ମିଳନୀ କକ୍ଷ, ଲୋକସମ୍ପର୍କ ଭବନ
ଆଲୋଚନା ଚକ୍ର : "ଓଡ଼ିଆ ଅସ୍ମିତା ଓ ମଧୁବାବୁ"
ମୁଖ୍ୟ ବକ୍ତା :- ଶ୍ରୀଯୁକ୍ତ ଗୁରୁକଲ୍ୟାଣ ମହାପାତ୍ର
ମୁଖ୍ୟ ସମ୍ପାଦକ, ଦୈନିକ ସମ୍ବାଦପତ୍ର 'ସମୟ'
ଅତିଥି ବକ୍ତା :- ଶ୍ରୀଯୁକ୍ତ ପ୍ରହଲ୍ଲାଦ କୁମାର ସିଂହ
ବିଶିଷ୍ଟ ଗାନ୍ଧିବାଦୀ ଚିନ୍ତକ ଓ ସ୍ତମ୍ଭକାର
ସମ୍ମାନନୀୟ ବକ୍ତା :- ଡଃ ଭାରତୀ ପାଳ
ଅଧୀକ୍ଷକ, ଓଡ଼ିଶା ରାଜ୍ୟ ସଂଗ୍ରହାଳୟ
ଉପରୋକ୍ତ କାର୍ଯ୍ୟକ୍ରମରେ ଯୋଗଦେଇ ଉତ୍କଳଗୌରବ ମଧୁସୂଦନଙ୍କ ପ୍ରତି ଶ୍ରଦ୍ଧାଞ୍ଜଳି ଅର୍ପଣ କରିବାକୁ ବିନମ୍ର ଅନୁରୋଧ ।
ସୂଚନା ଓ ଲୋକସମ୍ପର୍କ ବିଭାଗ
ଓଡ଼ିଶା ସରକାର
OIPR-15001/15001/2/25-26/0002



ବିଦ୍ୟାଳୟ ଗେଟ୍‌ରେ ତାଲା ପଡ଼ିଥିବାରୁ ଛାତ୍ରୀଛାତ୍ର ଏବଂ ଶିକ୍ଷକ ବିଦ୍ୟାଳୟ ବାହାରେ ଠିଆ ହୋଇଛନ୍ତି।

# ଶିକ୍ଷକ ବଦଳି ବାତିଲ ଦାବିରେ ବିଦ୍ୟାଳୟରେ ତାଲା

ଖୁଣ୍ଟିଗୋରା ୩।୨ (ମକରନ୍ଦ ସାହୁ)

ଶିକ୍ଷକ ବଦଳି ବାତିଲ ଦାବିରେ ବୌଦ୍ଧ ଜିଲା କଣ୍ଟାମାଳ ବ୍ଲକ ଖମନମୁଣ୍ଡା ପଞ୍ଚାୟତ ଅନ୍ତର୍ଗତ ଗୁଣ୍ଡୁଚିତରା ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ମଙ୍ଗଳବାର ଗ୍ରାମବାସୀ ତାଲା ପକାଇ ବିକ୍ଷୋଭ କରିଛନ୍ତି। ଉକ୍ତ ବିଦ୍ୟାଳୟରେ ଶିଶୁବାଟିକା ବିଭାଗଠାରୁ ଅଷ୍ଟମ ପର୍ଯ୍ୟନ୍ତ ୫ ଜଣ ଶିକ୍ଷକ ରହିଛନ୍ତି। ସେମାନଙ୍କ ମଧ୍ୟରୁ ତେଜରାଜ କହଁରଙ୍କୁ ଦେଢ଼େଣମାଳ ବିଦ୍ୟାଳୟକୁ ଡେପୁଟେଶନରେ ବଦଳି କରାଯାଇଛି। ବଦଳି ବାତିଲ ଦାବିକରି ଗ୍ରାମବାସୀ ଓ ଅଭିଭାବକ ବିଦ୍ୟାଳୟ ମୁଖ୍ୟ ଗେଟ୍‌ରେ ତାଲା ପକାଇ ଦେଇଥିଲେ। ଫଳରେ ଛାତ୍ରୀଛାତ୍ର ଏବଂ ଶିକ୍ଷକ ବିଦ୍ୟାଳୟ ବାହାରେ ରହିଥିବା ଦେଖିବାକୁ ମିଳିଥିଲା। ବିଦ୍ୟାଳୟକୁ ଶିକ୍ଷକ ତେଜରାଜ କହଁରଙ୍କୁ ଫେରାଇ ନ ଆଣିବା ପର୍ଯ୍ୟନ୍ତ ଏହି ପ୍ରତିବାଦ ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ଜାରି ରହିବ ବୋଲି ବିଦ୍ୟାଳୟ ପରିଚାଳନା କମିଟି ସଭାପତି ମନୋଜ ସାହୁ, ୱାର୍ଡ଼ସଭ୍ୟା ମିଥିଲା ପୁଟା, ଅଭିଭାବକ ଟେକଧର ସାହୁ, ବରିଷ୍ଠ ନାଗରିକ ଚନ୍ଦ୍ର ଭୋଇ ଏବଂ ଗ୍ରାମବାସୀ ଦାବି କରିଛନ୍ତି। ସମାଧାନ ପାଇଁ ଶିକ୍ଷା ବିଭାଗ ପକ୍ଷରୁ କୌଣସି ଅଧିକାରୀ ବିଦ୍ୟାଳୟକୁ ଆସି ନ ଥିବା ଜଣାପଡ଼ିଛି। ଏ ନେଇ ବିଭାଗୀୟ ଅଧିକାରୀଙ୍କ ପ୍ରତିକ୍ରିୟା ମିଳିପାରିନାହିଁ।

# ଅବସର ଗ୍ରହଣପରେ ଜନ୍ମମାଟିରେ ଯବାନଙ୍କୁ ସମ୍ବର୍ଦ୍ଧନା

ବରଗଡ଼,୩।୨ (ପ୍ରେମାନନ୍ଦ ଖମାରୀ)



ଜନ୍ମମାଟିରେ ଯବାନଙ୍କୁ ସମ୍ବର୍ଦ୍ଧନା ଜ୍ଞାପନ କରାଯାଉଛି।

ଭାରତୀୟ ସେନାରେ ଦୀର୍ଘ ୨୨ ବର୍ଷର ନିଷ୍ଠାପର ସେବା ପରେ ଅବସର ଗ୍ରହଣକରି ନିଜ ଜନ୍ମମାଟି ବରଗଡ଼ ବ୍ଲକ ଅନ୍ତର୍ଗତ କଟାପାଲି ଗ୍ରାମକୁ ଫେରିଥିବା ସୁମିତ ବରାଇଙ୍କୁ ମଙ୍ଗଳବାର ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଛି। ସେ ବରଗଡ଼ରେ ପହଞ୍ଚିବା ପରେ ସ୍ଥାନୀୟ ଜନସାଧାରଣ ଓ ବିଭିନ୍ନ ସଙ୍ଗଠନ ପକ୍ଷରୁ ତାଙ୍କୁ ଭବ୍ୟ ସ୍ୱାଗତ ସମ୍ବର୍ଦ୍ଧନା ଦିଆଯାଇଥିଲା। ସୁମିତ ବରଗଡ଼ ସହରରେ ପହଞ୍ଚିବା ପରେ ପ୍ରଥମେ ସହରର ଆରାଧ୍ୟା ଦେବୀ କାଳୀ ମନ୍ଦିରରେ ପୂଜାର୍ଚ୍ଚନା କରିଥିଲେ। ଏହାପରେ ଏକ ବିଶାଳ ଶୋଭାଯାତ୍ରାରେ ତାଙ୍କୁ ସହର ପରିକ୍ରମା କରାଯାଇଥିଲା। ଏହି ଅବସରରେ ବାପୁଜୀ ସ୍ୱତନ୍ତ୍ର ବିଦ୍ୟାଳୟ ପରିସରରେ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ଆୟୋଜନ କରାଯାଇ ତାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସେଠାରୁ ସେ ନିଜ ଗ୍ରାମ କଟାପାଲିକୁ ଯିବା ସମୟରେ ରାସ୍ତାରେ ଶତାଧିକ ଲୋକ ତାଙ୍କୁ ଦେଶାତ୍ମବୋଧକ ସ୍ଲୋଗାନ ଦେଇ ସ୍ୱାଗତ କରିଥିଲେ। ପରିବାରବର୍ଗ ଓ ଗ୍ରାମବାସୀଙ୍କ ମଧ୍ୟରେ ଅଭୂତପୂର୍ବ ଉତ୍ସାହ ଦେଖାଦେଇଥିଲା। ୨୨ ବର୍ଷର ଦେଶସେବା ପରେ ସୁମିତଙ୍କ ପ୍ରତ୍ୟାବର୍ତ୍ତନ ଗ୍ରାମ ପାଇଁ ଗର୍ବର ବିଷୟ ବୋଲି ବୁଦ୍ଧିଜୀବୀମାନେ ମତ ଦେଇଛନ୍ତି। ସୂଚନାଯୋଗ୍ୟ, ସୁମିତ ୨୦୦୪ରେ ଆର୍ମି ମେଡିକାଲ କୋର୍‌ରେ ଯୋଗଦେଇଥିଲେ। ସେ ନିଜର କାର୍ଯ୍ୟକାଳ ମଧ୍ୟରେ ଲେହ-ଲଦାଖ, ଅରୁଣାଚଳ ପ୍ରଦେଶ, ରାଜସ୍ଥାନ ଓ ପଞ୍ଜାବ ଭଳି ସୀମାନ୍ତ ଅଞ୍ଚଳରେ କାର୍ଯ୍ୟ କରିଛନ୍ତି। ସେନାର ଆପାତ୍‌କାଳୀନ ବିଭାଗ ତାଙ୍କର ଉଲ୍ଲେଖନୀୟ ସେବା ପାଇଁ ତାଙ୍କୁ ୯ ବର୍ଷ ଓ ୨୦ ବର୍ଷର ଲଙ୍ଗ୍ ସର୍ଭିସ୍ ମେଡାଲ, ସୈନ୍ୟ ସେବା ମେଡାଲ (ମରୁସ୍ଥଳ ଓ ବେଙ୍ଗଲ-ଆସାମ) ଏବଂ ୱେଷ୍ଟର୍ନ କମାଣ୍ଡ ସୁରକ୍ଷା ପଦକ ଭଳି ଅନେକ ସମ୍ମାନରେ ଭୂଷିତ କରାଯାଇଛି।

# ବରଗଡ଼କୁ ହରାଇ ଝାରସୁଗୁଡ଼ା ବିଜୟୀ



ଅତିଥିଙ୍କ ଗହଣରେ ବିଜୟୀ ଦଳ।

ପଦ୍ମପୁର,୩।୨ (ପ୍ରଦୀପ୍ତ ଦାଶ)

ପଦ୍ମପୁର ଅନ୍ତର୍ଗତ ଲଖମରାଠାରେ ଜିଲା ଦାଶ ସ୍ମାରକୀ ଦିନିକିଆ ମହିଳା ଫୁଟବଲ ଅନୁଷ୍ଠିତ ହୋଇଯାଇଛି। ଏହି ମ୍ୟାଚ୍‌ରେ ବରଗଡ଼, ଟିଟିଲାଗଡ଼, ସମ୍ବଲପୁର, ଝାରସୁଗୁଡ଼ା ଦଳ ଅଂଶ ଗ୍ରହଣ କରିଥିଲେ। ଫାଇନାଲ ମ୍ୟାଚ ବରଗଡ଼ ଓ ଝାରସୁଗୁଡା ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଏଥିରେ ଝାରସୁଗୁଡା ଦଳ ୨-୦ଗୋଲରେ ବିଜୟୀ ହୋଇଥିଲା। ଏହି ଟୁର୍ନାମେଣ୍ଟର ରେଫରି ଭାବେ ସନ୍ତୋଷ ପଧାନ, ମଧୁସୂଦନ ନାଏକ, ମଣ୍ଟୁ ବାଗ, ଦୀପକ ରାଜହଂସ, ଶଙ୍କର ବଣିଆ ଖେଳ ପରିଚାଳନା କରିଥିଲେ। ଅଙ୍କିତା ସାହାଣୀ, ବନମାଳିଆ ରାଉତିଆ ବିବରଣୀ ପ୍ରଦାନ କରିଥିଲେ। ଉଦ୍‌ଯାପନୀ ଅତିଥି ଭାବେ କଳାକାର ରେଶମା ଦୋରା, ସମାଜସେବୀ ମଧୁସୂଦନ ଦାଶ, ସୋନାଲି ପାଢୀଙ୍କ ସମେତ ଗଣମାଧ୍ୟମର ପ୍ରତିନିଧି ଯୋଗ ଦେଇ ବିଜେତା ଓ ଉପ ବିଜେତା ଦଳକୁ ଟ୍ରଫି ପ୍ରଦାନ କରିଥିଲେ। ମ୍ୟାଚ ପ୍ରାରମ୍ଭରେ ପୂର୍ବତନ ଖେଳାଳି, କଳାକାର ଓ ଗଣମାଧ୍ୟମ ପ୍ରତିନିଧିମାନଙ୍କୁ ଉପଢୌକନ ଦେଇ ଆୟୋଜକ ଦିଲିପ ଦାଶ ସମ୍ମାନିତ କରିଥିଲେ। ଶେଷରେ ଆୟୋଜକ ମୁଖ୍ୟ ଦିଲିପ ଦାଶ ଧନ୍ୟବାଦ ଅର୍ପଣ କରିଥିଲେ।

## ଫୁଟବଲ ଟୁର୍ନାମେଣ୍ଟ, ସେମିଫାଇନାଲରେ ଭଞ୍ଜନଗର

ବୌଦ୍ଧ,୩।୨ (ଅଜିତ କୁମାର ବାରିକ) : ହରଭଙ୍ଗା ବ୍ଲକର ସରସରା ଗ୍ରାମ ହାଇସ୍କୁଲ ପଡ଼ିଆରେ ବାବା ବୈଦ୍ୟନାଥ ଯୁବକ ସଂଘ ପକ୍ଷରୁ ବାବା କପ ରାଜ୍ୟସ୍ତରୀୟ ଫୁଟବଲ ଟୁର୍ନାମେଣ୍ଟର ମଙ୍ଗଳବାର ଥିଲା ଦ୍ୱିତୀୟ ଦିନ। ଦ୍ୱିତୀୟ ଦିନ ଖେଳ ଭଞ୍ଜନଗର ଓ ସମ୍ବଲପୁର ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଏଥିରେ ଭଞ୍ଜନଗର ଦଳ ୩-୦ ଗୋଲରେ ବିଜୟୀ ହୋଇ ସେମିଫାଇନାଲରେ ପ୍ରବେଶ କରିଛି। ମ୍ୟାଚକୁ ରେଫରି ଜିତୁ ପାତ୍ର, ସୁଜିତ ରାଜହଂସ, ସଲିଲ ବେହେରା ଓ ଚତୁର୍ଥ ରେଫରି ଭାବରେ ପ୍ରବୀଣ ବେହେରା ପରିଚାଳନା କରିଥିଲେ। ଅମରେଶ ପ୍ରଧାନ ମ୍ୟାଚ କମିଶନର ଦାୟିତ୍ୱ ତୁଲାଇଥିଲେ। ଅତିଥି ଭାବରେ ଅବସରପ୍ରାପ୍ତ ଶିକ୍ଷକ କିରଟି ପ୍ରଧାନ, ସୂର୍ଯ୍ୟ ପାଣିଗ୍ରାହୀ, ସରପଞ୍ଚ ପ୍ରଦୀପ ବେହେରା, ସରପଞ୍ଚ ଗଣେଶ ବେହେରା ଯୋଗଦେଇଥିଲେ।

# ବିଦ୍ୟାପୀଠର ୨୫ ବର୍ଷ ପୂର୍ତ୍ତିରେ ବସୁ ଜୟନ୍ତୀ



ଅତିଥିଙ୍କ ଗହଣରେ ଛାତ୍ରୀଛାତ୍ର।

ପଦ୍ମପୁର,୩।୨ (ପ୍ରଦୀପ୍ତ ଦାଶ)

ନବପ୍ରଭାତ ବୈଦିକ ବିଦ୍ୟାପୀଠର ୨୫ ବର୍ଷ ପୂର୍ତ୍ତି ଅବସରରେ ବସୁ ଜୟନ୍ତୀ ଗତ ମାସ ୩୦ତାରିଖରୁ ଚଳିତ ମାସ ୧ ତାରିଖ ପର୍ଯ୍ୟନ୍ତ ତିନି ଦିନ ଧରି 'ବସୁ ଜୟନ୍ତୀ' ପାଳିତ ହୋଇଯାଇଛି। ଏହି ସମାରୋହରେ ଦେଶ ବିଦେଶରୁ ବହୁ ସାଧୁ ସନ୍ଥ, ବିଦୂଷୀ ଯୋଗଦାନ ଦେଇ ଉତ୍ସବକୁ ସାଫଲ୍ୟ ମଣ୍ଡିତ କରିଥିଲେ। ସ୍ୱାମୀ ଚିଦାନନ୍ଦ ସରସ୍ୱତୀଙ୍କ ବ୍ରହ୍ମତ୍ୱରେ ୨୫୧ କୁଣ୍ଡୀୟ ଅଥର୍ବ ବେଦ ପାରାୟଣ ମହାଯଜ୍ଞ ଦୁଇ ଦିନ ଧରି ଅନୁଷ୍ଠିତ ହୋଇଥିଲା। ଉତ୍ସବର ଅନ୍ତିମ ଦିନ ଗତ ରବିବାର ପ୍ରଭାତ ଆଶ୍ରମର କୁଳାଧିପତି ସ୍ୱାମୀ ବିବେକାନନ୍ଦ ସରସ୍ୱତୀଙ୍କ ଆଶୀର୍ବଚନ ପ୍ରାପ୍ତ ହୋଇଥିଲା। ଏହି ଉତ୍ସବରେ ଆପେକ୍ସ ବିଶ୍ୱବିଦ୍ୟାଳୟର ଭାଇସ୍ ଚାନସେଲର ଡ. ସୋମଦେବ ଶତାଂଶୁଙ୍କ ଦିଗଦର୍ଶନର ସୌଭାଗ୍ୟ ପ୍ରାପ୍ତ ହୋଇଥିଲା। ମୁଖ୍ୟ ଅତିଥି ଭାବରେ ସ୍ୱାସ୍ଥ୍ୟମନ୍ତ୍ରୀ ଡ. ମୁକେଶ ମହାଲିଙ୍ଗ ଯୋଗଦାନ ଦେଇ ବିଶ୍ୱବିଦ୍ୟାଳୟ ନିର୍ମାଣ ପାଇଁ ଆଶ୍ୱାସନା ଦେଇଥିଲେ। ଉତ୍ସବରେ କୋଡିଏ ହଜାର ଲୋକଙ୍କର ସମାଗମ ହୋଇଥିଲା। ଏହି ସମାରୋହର ସମ୍ମାନପର୍ବରେ ୨୫ ବର୍ଷ ଧରି ଶିକ୍ଷାଦାନ କରିଥିବା ଆଚାର୍ଯ୍ୟ ଏବଂ ଆଚାର୍ଯ୍ୟାମାନଙ୍କୁ ସମ୍ମାନିତ କରାଯାଇଥିଲା ଏବଂ ସର୍ବଭାରତୀୟ ଆଲୋଚନା ଚକ୍ର (ପ୍ରତିଦ୍ୱନ୍ଦ୍ୱିତା)ରେ ଉତ୍ତୀର୍ଣ୍ଣ ହୋଇଥିବା ୧୨ ଜଣ ବିଦ୍ୟାର୍ଥୀଙ୍କୁ ପୁରସ୍କୃତ କରାଯାଇଥିଲା। ଆଶ୍ରମର ବ୍ରହ୍ମଚାରୀ, ବ୍ରହ୍ମଚାରିଣୀଙ୍କ ବଳ ପ୍ରଦର୍ଶନ କାର୍ଯ୍ୟକ୍ରମ ଉତ୍ସବରେ ଉର୍ଜା ଆଣିଦେଇଥିଲା। ପରିଶେଷରେ ନବପ୍ରଭାତ ବୈଦିକ ବିଦ୍ୟାପୀଠର ଅଧକ୍ଷ ଆଚାର୍ଯ୍ୟ ଭଗବାନଦେବ ଏବଂ ପ୍ରଧାନ ଆଚାର୍ଯ୍ୟ ବୃହସ୍ପତି ଶାସ୍ତ୍ରୀଙ୍କ ଧନ୍ୟବାଦ ଅର୍ପଣ ପୂର୍ବକ ସମାରୋହର ପରିସମାପ୍ତି ହୋଇଥିଲା।


CAREER APPOINTMENT
ON EVERY WEDNESDAY & SATURDAY
B/W : ₹. 350 per sq.cm
Colour : ₹. 400 per sq.cm
PAY FOR 1, GET 1 FREE
For Bookings
Call : 0674-2580385
Email : advt@dharitri.com

ST. XAVIERS PUBLIC SCHOOL
Mundeilo, Parjang, Dhenkanal, Odisha
A Day Boarding & Residential School
Walk-in-Interview for Following Staffs
01. Retired Principal/High School Head Teacher - 01 No.
02. Retired Lecturer/High School Teacher - (PCM & CBZ) 01 No. each
03. Retired Lecturer/High School Teacher - (English) 01 No.
Age limit should not exceed 65 years
Phone: 8260211012, 7477211012

ଆବଶ୍ୟକ
ପେଟ୍ରୋଲ ପମ୍ପରେ ସୁପରଭାଇଜର, Office Assistant, ତେଲ ପକାଇବା Staff ଏବଂ ତେଲ ଟ୍ୟାଙ୍କର ପାଇଁ ହେଲପର ଆବଶ୍ୟକ, ସ୍ଥାନ- ଭୁବନେଶ୍ୱର
9438569494, 9437415530

ଆବଶ୍ୟକ
ଭୁବନେଶ୍ୱରର ଏକ ସ୍ନାକ୍ସ ବିତରକ ପାଇଁ ଯୁବ Sales & Marketing କର୍ମଚାରୀ ଆବଶ୍ୟକ। ଦରମା ଟ.12,000+ ଇନସେଣ୍ଟିଭ୍। ନିଜସ୍ୱ ବାଇକ୍ ଆବଶ୍ୟକ।
ଫୋନ୍: 9886365677

URBAN YATRA - TOUR COMPANY
BHUBANESWAR, ODISHA
Positions Open:
• SUPERVISOR
• COOK
• OFFICE BOY
Experience required: 2 years & above
9938012124 | 9439534567
www.urbanyatra.com

APPOINTMENT
CCIE SCHOOL
Behind RTO-1 Office, Bhubaneswar-22
Required : TGT (All Subjects) & P.E.T
Qualification : Graduate with B.Ed
Interested candidates may send their C.V. to: ccieprincipal@gmail.com or submit application form in school office within 15 days.
CONTACT: 9861463006, 0674-2541372

TKIL Industries Pvt. Ltd., Pune
(formerly known as thyssenkrupp Industries India Pvt. Ltd.)
is hiring for Service-O&M Business for Jharsuguda and sites across India
WALK-IN-INTERVIEW
TKIL Industries
POSITIONS:
ENGINEERs to HODs
Operation, Mechanical, Electrical, Instrumentation, Planning
Qualification:
Diploma 8 - 20+ years experience
Bachelor of engineering 5 -20 years experience
Experience:
• Role: Contractual/Permanent
• Mechanical, Instrumentation & Electrical Maintenance of Aluminum Smelter
• Operations & Maintenance of CFBC-based Power Plants
• Mechanical Maintenance of Steel Plant RMHS
Job Location: Jharsuguda, Odisha, Bharuch, Gujarat & Bina, Madhya Pradesh, Near Mumbai and Pan India
Interview Dates: 8 & 9 February 2026 | Timing:09:00am to 06:00pm
Interview Venue: Mehfil Marriage Palace Motijhran Road near Gousiya Masjid, Motijharan, Sambalpur, Odisha, 768001
Please remember to carry all necessary documents, including your resume, academic certificates, and last 3 months salary slips along with any relevant work experience letters.
To Apply: Share your updated CV on: careers.tkil@tkil.com
Scan QR Code to fill the application form
Website: www.tkil.com


# ଖବରଦାତା ସଂଘର ସାଧାରଣ ସଭା



ବୈଠକରେ ଉପସ୍ଥିତ ଖବରଦାତା।

ପାଇକମାଳ,୩।୨ (ବଡ଼ ଶତପଥୀ)

ପଦ୍ମପୁର ଉପଖଣ୍ଡ ଖବରଦାତା ସଂଘର ସାଧାରଣ ସଭା ନୃସିଂହନାଥ ବିନ୍ଧ୍ୟବାସିନୀ ଯାତ୍ରିନିବାସରେ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ପାଇକମାଳ ଖବରଦାତାମାନଙ୍କ ଆୟୋଜନକ୍ରମେ ସଭାପତି ବଡ଼ ଶତପଥୀଙ୍କ ସଭାପତିତ୍ୱରେ ସାଧାରଣ ସଭା ଅନୁଷ୍ଠିତ ହୋଇଥିଲା। ମୁଖ୍ୟ ଅତିଥି ଭାବେ ପଦ୍ମପୁର ବିଧାୟକ ବର୍ଷା ସିଂ ବରିହା ଯୋଗଦାନ କରି ନୃସିଂହନାଥ ପ୍ରଭୁଙ୍କ ଫଟୋଚିତ୍ରରେ ପୂଜାର୍ଚ୍ଚନାପୂର୍ବକ ପ୍ରଦୀପ ଜାଳି ଉଦ୍‌ଘାଟନ କରିଥିଲେ। ସମ୍ମାନିତ ଅତିଥି ଭାବେ ପାଇକମାଳ ବିଡିଓ ପ୍ରଫୁଲ୍ଲ କୁମାର ଓଦ୍ଦ, ନୃସିଂହନାଥ ମନ୍ଦିର କାର୍ଯ୍ୟନିର୍ବାହୀ ଅଧିକାରୀ ପୁରୁଷୋତ୍ତମ ପ୍ରଧାନ, ଗୌତମ ସିଂ, ବିଜୟ କୁମାର ସ୍ୱାଇଁ, ହୃଦାନନ୍ଦ ବାରିକ ଯୋଗଦେଇଥିଲେ ଓ ତାଙ୍କୁ ଉପଢୌକନ ସହ ପୁଷ୍ପଗୁଚ୍ଛ ଦେଇ ସମ୍ମାନିତ କରାଯାଇଥିଲା। ଅତିଥିମାନେ ସାମ୍ବାଦିକ ସଂଘର ସମସ୍ତ ପ୍ରକାର ସହଯୋଗ ପାଇଁ ପ୍ରତିଶ୍ରୁତି ପ୍ରଦାନ କରିଥିଲେ। ଅଶ୍ୱିନୀ ପାତ୍ର ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ସତ୍ୟଜିତ୍ ପ୍ରଧାନ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ପରେ ଅତିଥିବୃନ୍ଦ ଓ ସାମ୍ବାଦିକମାନେ ଦିବଂଗତ ସାମ୍ବାଦିକ ରମେଶ ବାରିକଙ୍କ ଆତ୍ମାର ସଦ୍‌ଗତି ନିମନ୍ତେ ଶ୍ରଦ୍ଧାଞ୍ଜଳି ପୂର୍ବକ ଦୁଇ ମିନିଟ୍ ନୀରବ ପ୍ରାର୍ଥନା କରିଥିଲେ। ମୁଖ୍ୟ ଅତିଥି ବରିହା ଉପଖଣ୍ଡର ଉପସ୍ଥିତ ସମସ୍ତ ଖବରଦାତାଙ୍କୁ ଉପଢୌକନ ଦେଇ ସମ୍ମାନିତ କରିଥିଲେ। ପ୍ରଥମ ପର୍ଯ୍ୟାୟରେ ସାମ୍ବାଦିକ ଭବନ ନିର୍ମାଣ, କର୍ମକର୍ତ୍ତା ଚୟନ ଓ ସଙ୍ଗଠନର ସୁଦୃଢ଼ୀକରଣ ସମ୍ପର୍କରେ ଆଲୋଚନା ହୋଇଥିଲା। ଦ୍ୱିତୀୟ ପର୍ଯ୍ୟାୟରେ ଦୁଇବର୍ଷ ପାଇଁ କର୍ମକର୍ତ୍ତା ଚୟନ ପ୍ରକ୍ରିୟା କରାଯାଇଥିଲା। ସର୍ବସମ୍ମତିକ୍ରମେ ସଭାପତି ଭାବେ ବଡ଼ ଶତପଥୀ, ଉପସଭାପତି ସତ୍ୟଜିତ ପ୍ରଧାନ, ସମ୍ପାଦକ ଅଶ୍ୱିନୀ ପାତ୍ର, ସହସମ୍ପାଦକ ଗୌରାଙ୍ଗ ଚରଣ ଦାସ, ମାନସ ରଞ୍ଜନ ନାୟକ, କୋଷାଧ୍ୟକ୍ଷ ସୁରଥ କୁମାର ସାହୁ ମନୋନୀତ ହୋଇଥିଲେ। ଉପଦେଷ୍ଟା ଭାବେ ବରିଷ୍ଠ ସାମ୍ବାଦିକ ଲାଲବିହାରୀ ମିଶ୍ର, ବିଷ୍ଣୁପ୍ରସାଦ ବାଜପେୟୀ, କ୍ଷମାନିଧି ନାୟକ, ରଞ୍ଜନ ଦେବତା ପ୍ରମୁଖଙ୍କୁ ରଖାଯାଇଥିବା ବେଳେ କାର୍ଯ୍ୟକାରୀ କମିଟି ସଦସ୍ୟ ଭାବରେ ରତ୍ନମଣି ଶତପଥୀ, ପ୍ରଦୀପ୍ତ ଦାଶ, ନୀଳକଣ୍ଠ ଦିପ, ଆଦର୍ଶ ନାଥ, ଧୀରେନ୍ଦ୍ର ମହାନ୍ତି, ନିରୋଜ ପାଣି, ଜହନ କୁମ୍ଭାର, ଦେବେନ୍ଦ୍ର ସାହୁ, ମନୋଜ ଭୋଇ ମନୋନୀତ ହୋଇଛନ୍ତି। ନୂତନ କର୍ମକର୍ତ୍ତାଙ୍କୁ ସଂଘର ସଦସ୍ୟମାନେ ସ୍ୱାଗତ କରିଥିଲେ। ଏଥିସହ ୧୧ଜଣିଆ ନିର୍ମାଣ କମିଟି ଗଠନ କରାଯାଇଥିଲା। ରଞ୍ଜନ କୁମାର ଦେବତା ଧନ୍ୟବାଦ ଅର୍ପଣ କରିଥିଲେ। ସମସ୍ତ ସଦସ୍ୟ ପ୍ରଭୁ ନୃସିଂହ ଠାକୁରଙ୍କ ଦର୍ଶନକରି ଅଞ୍ଚଳବାସୀଙ୍କ ମଙ୍ଗଳ କାମନା କରିଥିଲେ।

# ଅଁଳାପାଲିରେ ବୁଣାକାର ସଚେତନତା ଶିବିର

ବାଉଁଶୁଣୀ,୩।୨ (ଦେବାଶିଷ ନେପାକ)

ବୌଦ୍ଧ ବ୍ଲକ ଅନ୍ତର୍ଗତ ଅଁଳାପାଲି ଗ୍ରାମରେ ବୁଣାକାରମାନଙ୍କୁ ନେଇ ମଙ୍ଗଳବାର ଏକ ସଚେତନତା ଶିବିର ତନ୍ତୁବାୟ ସମିତିର ପରିଚାଳନା ପରିଷଦର ନିର୍ଦ୍ଦେଶକ ତଥା ବରିଷ୍ଠ ବୁଣାକାର ଗିରିଶ ମେହେରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ବୟନ ଓ ହସ୍ତଶିଳ୍ପ ବିଭାଗ ଓଡ଼ିଶା ସରକାରଙ୍କ ପ୍ରାୟୋଜକରେ ବୟନ ଶିଳ୍ପ ନିର୍ଦ୍ଦେଶାଳୟ ଭୁବନେଶ୍ୱର ତଥା ସହକାରୀ ବୟନ ଶିଳ୍ପ ନିର୍ଦ୍ଦେଶକ ବୌଦ୍ଧ ମାଧ୍ୟମରେ ଏବଂ ଶ୍ରୀ ଶ୍ରୀ ଚନ୍ଦ୍ରଚୂଡ଼ ତନ୍ତୁବାୟ ସହଯୋଗ ସମିତିଲିଃ, କଣ୍ଟା ବୌଦ୍ଧ ଆୟୋଜକରେ ଅନୁଷ୍ଠିତ ଶିବିରକୁ ସହକାରୀ ବୟନ ଶିଳ୍ପ ନିର୍ଦ୍ଦେଶକ ସୁଶାନ୍ତ ନାୟକ ମୁଖ୍ୟଅତିଥି ଭାବେ ଯୋଗଦେଇ ଶିବିରକୁ ଉଦ୍‌ଘାଟନ କରିଥିଲେ। ବୁଣାକାରଙ୍କ ସାମାଜିକ ଓ ଅର୍ଥନୈତିକ ଅଭିବୃଦ୍ଧି ଦିଗରେ ସରକାରଙ୍କ ବିଭିନ୍ନ ଯୋଜନାରେ ମିଳୁଥିବା ସହଯୋଗ ଉପରେ କହିଥିଲେ। ସମ୍ମାନିତ ଅତିଥି ଭାବେ ସମବାୟ ସମିତିର ଉପ ସହାୟକ ନିବନ୍ଧକ ରଘୁନାଥ ପୁଝାରୀ, ବୟନ ତତ୍ତ୍ୱାବଧାରକ ଦେବେନ୍ଦ୍ର ଭୋଇ, ବୟନ ନିରୀକ୍ଷକ ହରିହର ଦାସ, ଜିଲୁ ସାହୁ, ବୈଷୟିକ ସହାୟକ ଶ୍ରୀରାମ ଯାନୀ, ମିତ୍ରଭାନୁ ଭୋଇ, ଅଭିମନ୍ୟୁ ଦାସ, ଅଶୋକ ମେହେର, ସୌମ୍ୟ ରଞ୍ଜନ ସାହୁ ପ୍ରମୁଖ ମଞ୍ଚାସୀନ ଥିଲେ। ଆୟୋଜକ ଅନୁଷ୍ଠାନର ସମ୍ପାଦକ ରମେଶ ପ୍ରସାଦ ମେହେର ଅତିଥି ପରିଚୟ ପ୍ରଦାନ କରିବା ସହ ସଭା କାର୍ଯ୍ୟ ପରିଚାଳନା କରିଥିଲେ। ବରିଷ୍ଠ ବୁଣାକାର ଦଶରଥ ମେହେର, ଦୈତାରୀ ମେହେର, ଗୋବିନ୍ଦ ମେହେର ଓ ଦାମୋଦର ମେହେରଙ୍କୁ ମୁଖ୍ୟ ଅତିଥି ସମ୍ବର୍ଦ୍ଧିତ କରିଥିଲେ। ଧନଞ୍ଜୟ ମେହେର ଧନ୍ୟବାଦ ଅର୍ପଣ କରିଥିଲେ।


15001/2/2526
ଓଡ଼ିଶା ସରକାର



ଉତ୍କଳଗୌରବ ମଧୁସୂଦନ ଦାସଙ୍କ
ରାଜ୍ୟସ୍ତରୀୟ ଶ୍ରାଦ୍ଧ ଦିବସ
୪ ଫେବୃଆରୀ, ୨୦୨୬
ସକାଳ ଘ. ୮ .୩୦ମିନିଟ୍ ସମୟରେ ରାଜଭବନ ଛକ, ଭୁବନେଶ୍ୱରସ୍ଥିତ ଉତ୍କଳଗୌରବ ମଧୁସୂଦନ ଦାସଙ୍କ ପ୍ରତିମୂର୍ତ୍ତିରେ ବିଶିଷ୍ଟ ବ୍ୟକ୍ତିମାନଙ୍କ ଦ୍ୱାରା ମାଲ୍ୟାର୍ପଣ।
ସନ୍ଧ୍ୟା ୫ ଘଟିକା ସ୍ଥାନ- ସମ୍ମିଳନୀ କକ୍ଷ, ଲୋକସମ୍ପର୍କ ଭବନ
ଆଲୋଚନା ଚକ୍ର : "ଓଡ଼ିଆ ଅସ୍ମିତା ଓ ମଧୁବାବୁ"
ମୁଖ୍ୟ ବକ୍ତା :- ଶ୍ରୀଯୁକ୍ତ ଗୁରୁକଲ୍ୟାଣ ମହାପାତ୍ର
ମୁଖ୍ୟ ସମ୍ପାଦକ, ଦୈନିକ ସମ୍ବାଦପତ୍ର 'ସମୟ'
ଅତିଥି ବକ୍ତା :- ଶ୍ରୀଯୁକ୍ତ ପ୍ରହଲ୍ଲାଦ କୁମାର ସିଂହ
ବିଶିଷ୍ଟ ଗାନ୍ଧିବାଦୀ ଚିନ୍ତକ ଓ ସ୍ତମ୍ଭକାର
ସମ୍ମାନନୀୟ ବକ୍ତା :- ଡଃ ଭାରତୀ ପାଲ
ଅଧୀକ୍ଷକ, ଓଡ଼ିଶା ରାଜ୍ୟ ସଂଗ୍ରହାଳୟ
ଉପରୋକ୍ତ କାର୍ଯ୍ୟକ୍ରମରେ ଯୋଗଦେଇ ଉତ୍କଳଗୌରବ ମଧୁସୂଦନଙ୍କ ପ୍ରତି ଶ୍ରଦ୍ଧାଞ୍ଜଳି ଅର୍ପଣ କରିବାକୁ ବିନମ୍ର ଅନୁରୋଧ।
ସୂଚନା ଓ ଲୋକସମ୍ପର୍କ ବିଭାଗ
ଓଡ଼ିଶା ସରକାର
OIPR-15001/15001/2/25-26/0002

# ପୁସ୍ତକ ଜ୍ଞାନର ଭଣ୍ଡାର, ମଣିଷର ବନ୍ଧୁ



ମୁଖ୍ୟ ଅତିଥି ଫିତାକାଟି ପୁସ୍ତକ ମହୋତ୍ସବକୁ ଉଦ୍‌ଘାଟନ କରୁଛନ୍ତି।



ମହୋତ୍ସବରେ ଲାଗିଥିବା ପୁସ୍ତକ ଷ୍ଟଲ।

**ରାଉରକେଲା,୩।୨ (ବିପ୍ଳବ ରଞ୍ଜନ ଦାଶ)** ଭଞ୍ଜ ସାଂସ୍କୃତିକ ନ୍ୟାସ ଏବଂ ଆର୍‌ଏସ୍‌ପି ପକ୍ଷରୁ ସେକ୍ଟର-୫ସ୍ଥିତ ଭଞ୍ଜ ଭବନ ପ୍ରାଙ୍ଗଣରେ ମଙ୍ଗଳବାର ସନ୍ଧ୍ୟା ୭ଟାରେ ରାଉରକେଲା ପୁସ୍ତକ ମହୋତ୍ସବ-୨୦୨୬ ଉଦ୍‌ଘାଟିତ ହୋଇଯାଇଛି। ଆର୍‌ଏସ୍‌ପିର ଭାରପ୍ରାପ୍ତ ନିର୍ଦ୍ଦେଶକ ଆଲୋକ ବର୍ମା ମୁଖ୍ୟ ଅତିଥି ଭାବେ ଯୋଗଦେଇ ଫିତାକାଟି ମହୋତ୍ସବକୁ ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ବର୍ମା କହିଥିଲେ, ପୁସ୍ତକ ହେଉଛି ଜ୍ଞାନର ଭଣ୍ଡାର ଏବଂ ମଣିଷର ବନ୍ଧୁ। ଏଭଳି ମହୋତ୍ସବ ସହରବାସୀଙ୍କୁ ମନଲାଖି ପୁସ୍ତକ ପଢିବାର ସୁଯୋଗ ଦେବ। ଏହି ମେଳା ସାହିତ୍ୟିକ, ପ୍ରକାଶକ ଓ ପାଠକମାନଙ୍କ ମଧ୍ୟରେ ସମନ୍ୱୟ ରକ୍ଷା କରିବ ବୋଲି ବର୍ମା କହିଥିଲେ। ଏହାପରେ ବର୍ମା ଅନ୍ୟ ଅତିଥିଙ୍କ ସହ ପୁସ୍ତକ ଷ୍ଟଲ ପରିଦର୍ଶନ କରିଥିଲେ।

## ରାଉରକେଲା ପୁସ୍ତକ ମହୋତ୍ସବ ଉଦ୍‌ଘାଟିତ

ଦୀପିକା ମହିଳା ସଂହତିର ଅଧ୍ୟକ୍ଷା ନମ୍ରତା ବର୍ମା, ଆର୍‌ଏସ୍‌ପି ମାନବ ସମ୍ବଳ ବିଭାଗ ନିର୍ବାହୀ ନିର୍ଦ୍ଦେଶକ ତଥା ଭଞ୍ଜ ସାଂସ୍କୃତିକ ନ୍ୟାସର ଅଧ୍ୟକ୍ଷ ତରୁଣ ମିଶ୍ର, ଏମ୍‌ଡି ସିଏମ୍‌ଏଲ୍‌ଓ ବିଭାଗର ନିର୍ବାହୀ ନିର୍ଦ୍ଦେଶକ ବି. କେ. ଗିରି, କାର୍ଯ୍ୟ ବିଭାଗ ନିର୍ବାହୀ ନିର୍ଦ୍ଦେଶକ ବିଶ୍ୱରଞ୍ଜନ ପଲାଇ, ସାମଗ୍ରୀ ପରିଚାଳନା ବିଭାଗ ନିର୍ବାହୀ ନିର୍ଦ୍ଦେଶକ ଅନୀଲ କୁମାର, ଖଣି ବିଭାଗ ନିର୍ବାହୀ ନିର୍ଦ୍ଦେଶକ ଏମ୍, ପି ସିଂହ, ପ୍ରକଳ୍ପ ବିଭାଗର ନିର୍ବାହୀ ନିର୍ଦ୍ଦେଶକ ସୂଦୀପ ପାଲ ଚୌଧୁରୀ, ବିତ୍ତ ଓ ଲେଖା ବିଭାଗର ସିଜିଏମ୍ ରାଜେଶ ଦାସଗୁପ୍ତା, ଚିକିତ୍ସା ଓ ସ୍ୱାସ୍ଥ୍ୟସେବା ବିଭାଗର ସିଏମ୍‌ଓ ଇନ୍‌ଚାର୍ଜ ଡା. ଜୟନ୍ତ କୁମାର ଆଚାର୍ଯ୍ୟ, ଦୀପିକା ମହିଳା ସଂହତିର ଉପାଧ୍ୟକ୍ଷା ପ୍ରଭାତୀ ମିଶ୍ର ଓ ସ୍ମିତା ଗିରି, ରୀତାରାଣୀ, ବନ୍ଦନା ସିଂହ, ନବନୀତା ପାଲ ଚୌଧୁରୀ ପ୍ରମୁଖ ସମ୍ମାନୀତ ଅତିଥି ଭାବେ ଉପସ୍ଥିତ ଥିଲେ। ମହୋତ୍ସବରେ ୧୧୪ଟି ଷ୍ଟଲ ଲାଗିଥିବା ବେଳେ ଭୁବନେଶ୍ୱର ଓ କଟକର ପ୍ରତିଷ୍ଠିତ ପ୍ରକାଶନ ସଂସ୍ଥା ସହ ଦିଲ୍ଲୀ, ମୁମ୍ବାଇ, କୋଲକାତା, ରାୟପୁର, ପୁଣେ ଭଳି ଦେଶର ବିଭିନ୍ନ ସହରର ପ୍ରକାଶକମାନେ ଭାଗ ନେଇଛନ୍ତି। ଏଥିସହ ଓଡିଶା ତଥା ବାହାର ରାଜ୍ୟର ପ୍ରସିଦ୍ଧ ଖାଦ୍ୟ ବ୍ୟଞ୍ଜନ ଷ୍ଟଲ ପୁସ୍ତକ ପ୍ରେମୀମାନଙ୍କୁ ଆନନ୍ଦ ଦେଉଛି। ଭଞ୍ଜ କଳାକେନ୍ଦ୍ରର ସାଧାରଣ ସମ୍ପାଦକ ତଥା ଭଞ୍ଜ ସାଂସ୍କୃତିକ ନ୍ୟାସର ଟ୍ରଷ୍ଟି ରାଧାକୃଷ୍ଣ ମହାପାତ୍ର କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଆର୍‌ଏସ୍‌ପି ଲୋକସମ୍ପର୍କ ବିଭାଗର ଉପ ପ୍ରବନ୍ଧକ ଶଶାଙ୍କ ଶେଖର ପଟ୍ଟନାୟକ କାର୍ଯ୍ୟକ୍ରମ ସଂଯୋଜନା କରିଥିବାବେଳେ ମହାପ୍ରବନ୍ଧକ ତଥା ସଞ୍ଚାର ମୁଖ୍ୟ ଅର୍ଚ୍ଚନା ଶତପଥୀ ସହଯୋଗ କରିଥିଲେ।

# କିଷାନ ଜାତି ସମାଜର ଗଙ୍ଗାସ୍ନାନ




ବ୍ରାହ୍ମଣୀନଦୀ କୂଳରେ ଗଙ୍ଗାସ୍ନାନ ପାଳନ କରାଯାଉଛି।

**ରାଉରକେଲା, ୩।୨ (ସଙ୍ଗୀତା ଜେନା)**

ନାଗ୍ରା କିଷାନ ସମାଜ କମିଟି ପକ୍ଷରୁ ରବିବାର ପୂର୍ବାହ୍ନ ୧୧ଟାରେ ବ୍ରାହ୍ମଣୀ ନଦୀତଟ ହାଡପକା ଘାଟରେ ଗଙ୍ଗାସ୍ନାନ ଯାତ୍ରା ଅନୁଷ୍ଠିତ ହୋଇଯାଇଛି। କମିଟିର ସାଂସ୍କୃତିକ ସମ୍ପାଦକ ନବୀନ ପାତ୍ର କିଷାନଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଆୟୋଜିତ କାର୍ଯ୍ୟକ୍ରମରେ ଗଙ୍ଗାଘାଟ ପୂଜକ ବାହାଦୁର କିଷାନଙ୍କୁ ଛେଣ୍ଡସ୍ଥିତ ବାସଭବନରୁ ପାଛୋଟି ଅଣାଯାଇଥିଲା। ପ୍ରଥମେ ସୂର୍ଯ୍ୟଙ୍କୁ ଧର୍ମପୂଜା କରାଯାଇଥିଲା। ରାଜ୍ୟ ଓ ବାହାର ରାଜ୍ୟରୁ ଅଣାଯାଇଥିବା ଅସ୍ଥିକୁ ନଦୀରେ ବିସର୍ଜନ କରି ଗଙ୍ଗାସ୍ନାନ କରାଯାଇଥିଲା। ଏହି ଅବସରରେ ନଦୀକୂଳରେ ପାରମ୍ପରିକ ନୃତ୍ୟ ପରିବେଷଣ ହୋଇଥିଲା। ବୁଧୁ କିଷାନ, ରାଜ୍ୟ କମିଟି ସଂଯୋଜକ ରାମଚନ୍ଦ୍ର ମାଝୀ, ସମ୍ପାଦକ ନକୁଳ କିଷାନ, ବଇଲ କିଷାନ, ସପନା ମିଞ୍ଜ, କୃଷ୍ଣଚନ୍ଦ୍ର କିଷାନ, ବଣେଇ ଉପଖଣ୍ଡ ସଭାପତି ବାବାଜୀ କିଷାନ, ଚନ୍ଦ୍ରମଣି ମଞ୍ଜ ପ୍ରମୁଖ ଉପସ୍ଥିତ ଥିଲେ। ଚନ୍ଦ୍ରମଣି କିଷାନ ସଭା ପରିଚାଳନା କରିଥିଲେ। କ୍ରିଷ୍ଟା ଲାକ୍ରା ଧନ୍ୟବାଦ ଅର୍ପଣ କରିଥିଲେ।

# ଟାଇବ୍ରେକରରେ କେ. ଟି ବ୍ରଦର ଚାମ୍ପିୟନ

## ସମ୍ବର୍ଦ୍ଧନ ରୁରାଲ ଫୁଟବଲ୍ ଟୁର୍ନାମେଣ୍ଟ ଉଦ୍‌ଯାପିତ

**ରାଉରକେଲା/ବନ୍ଧମୁଣ୍ଡା,୩।୨ (ସଙ୍ଗୀତା ଜେନା/ସୁବ୍ରତ ଡେ)**



ଆର୍‌ଏସ୍‌ପି ଅଧିକାରୀ ବିଜେତାଙ୍କୁ ପୁରସ୍କୃତ କରୁଛନ୍ତି।

ବିଶ୍ରା ବ୍ଲକ ଜରେଇକେଲା ପଞ୍ଚାୟତ ଅନ୍ତର୍ଗତ କୋପସିଂହା ଗ୍ରାମ ଖେଳପଡ଼ିଆରେ ରାଉରକେଲା ଇସ୍ପାତ କାରଖାନାର ସିଏସ୍ଆର୍ ସହଯୋଗ ଏବଂ ସ୍ଥାନୀୟ ଏସ୍‌ଏଚ୍‌ଜି ଦ୍ୱାରା ଆୟୋଜିତ ୫ ଦିବସୀୟ ସମ୍ବର୍ଦ୍ଧନ ରୁରାଲ୍ ଫୁଟବଲ୍ ଟୁର୍ନାମେଣ୍ଟ ମଙ୍ଗଳବାର ଅପରାହ୍ନ ୪ଟାରେ ଉଦ୍‌ଯାପିତ ହୋଇଛି। ଏଥିରେ ମୋଟ ୩୨ଟି ଦଳ ଅଂଶଗ୍ରହଣ କରିଥିଲେ। ଫାଇନାଲ୍ ମ୍ୟାଚ୍ ସାରୁବାହାଲର କେ. ଟି ବ୍ରଦର ଓ ବନ୍ଧମୁଣ୍ଡାର ଆର୍. ଏସ୍ କଲୋନୀ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଏଥିରେ ଟାଇବ୍ରେକରରେ କେ. ଟି ବ୍ରଦର ଦଳ ଚାମ୍ପିୟନ ହୋଇଥିଲା। ପୁରସ୍କାର ବିତରଣୀ କାର୍ଯ୍ୟକ୍ରମରେ ମାଇନିଂ ବିଭାଗ ଇଡ଼ି ବିପିନ କୁମାର ଗିରି ମୁଖ୍ୟ ଅତିଥି, ଆର୍‌ଏସ୍‌ପି ଟାଉନ୍ ସର୍ଭିସେସ୍ ଏବଂ ସିଏସ୍ଆର୍ ସିଜିଏମ୍ ଟି. ଜି. କାନେକର, ଜରେଇକେଲା ସରପଞ୍ଚ ସୁରେଶ ଓରାମ, ସମିତି ସଦସ୍ୟ ସୋମନାଥ ରାହା ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଗ୍ରାମୀଣ ସ୍ତରରେ ଏପରି ଟୁର୍ନାମେଣ୍ଟ ଆୟୋଜନ ଯୁବପିଢ଼ିଙ୍କ ମଧ୍ୟରେ ଲୁକ୍କାୟିତ ପ୍ରତିଭାକୁ ଉଜାଗର କରୁଛି। ଭବିଷ୍ୟତରେ ଏପରି କାର୍ଯ୍ୟକ୍ରମକୁ ଅଧିକ ପ୍ରୋତ୍ସାହନ ଦେବା ପାଇଁ ମୁଖ୍ୟ ଅତିଥି ଗିରି କହିଥିଲେ। ସେହିପରି ଆର୍‌ଏସ୍‌ପିର ସିଏସ୍ଆର କାର୍ଯ୍ୟପ୍ରଣାଳୀର ପାର୍ଶ୍ୱାଞ୍ଚଳ ବିକାଶରେ ପ୍ରମୁଖ ଭୂମିକା ଥିବା ସମ୍ମାନିତ ଅତିଥି କାନେକର କହିଥିଲେ। ଏହି ଅବସରରେ ବିଜେତା ଓ ଉପବିଜେତା ଦଳକୁ ଅତିଥିମାନେ ଟ୍ରଫି ସହ ପୁରସ୍କାର ପ୍ରଦାନ କରିଥିଲେ। କୋପସିଂହାର ଖୁସ୍‌ବୁ କୁମାରୀ, ବୀଣାପାଣି, ମୀନୁ ଏସ୍‌ଏଚ୍‌ଜିର ସୁମିତ ପାଶୱାନ, ରୋହିତ ପାଶୱାନ, ଝୁବା ତିର୍କୀ, ସନ୍ଦୀପ ଏକ୍କା, ବସନ୍ତ ମହତୋ, ସୁଶାନ୍ତ ମହତୋ, ସୁଦନ ମହତୋ, ସୁମେଶ ଖୋଣା, ଅନୀସ କାଣ୍ଡୁଲିନା, ସନିକା ତିର୍କୀ, ମୁକେଶ କଚ୍ଛପ, ଶିବା ତିର୍କୀ, ହରି ଓରାମ, କର୍ମୀ ଓରାମ, ସଞ୍ଜୟ କଚ୍ଛପ, ମହାବୀର ମହତୋ ପ୍ରମୁଖ ସହଯୋଗ କରିଥିଲେ। ସୂଚନାଯୋଗ୍ୟ, ବିଶ୍ରା, କୁଆଁରମୁଣ୍ଡା, ନୂଆଗାଁ ଆଦି ବ୍ଲକରେ ଏହି ଟୁର୍ନାମେଣ୍ଟ ଆୟୋଜନ ହେଉଛି। ସମସ୍ତ ବ୍ଲକର ବିଜେତାମାନଙ୍କୁ ନେଇ ଫାଇନାଲ୍ ଖେଳ ଆୟୋଜନ ହେବ। ସେଥିରେ ବିଜେତା, ଉପବିଜେତା ଓ ସାନ୍ତ୍ୱନାମୂଳକ ଦଳକୁ ଆର୍ଥିକ ପୁରସ୍କାର ପ୍ରଦାନ କରାଯିବ।

# ଆର୍‌ଏସ୍‌ପି ମହିଳା ଦଳ ଚାମ୍ପିୟନ, ପୁରୁଷଙ୍କୁ କାଂସ୍ୟ ପଦକ

**ରାଉରକେଲା,୩।୨ (ବିପ୍ଳବ ରଞ୍ଜନ ଦାଶ)**

ଗତ ଜାନୁଆରୀ ୨୮ରୁ ୩୧ ତାରିଖ ପର୍ଯ୍ୟନ୍ତ ଦୁର୍ଗାପୁର ଇସ୍ପାତ କାରଖାନା ଆୟୋଜିତ ସେଲ୍ ବ୍ୟାଡମିଣ୍ଟନ୍ ଚାମ୍ପିୟନଶିପ୍ ୨୦୨୫-୨୬ରେ ରାଉରକେଲା ଇସ୍ପାତ କାରଖାନା (ଆର୍‌ଏସ୍‌ପି)ର ଉଭୟ ପୁରୁଷ ମହିଳା ଦଳ ଉତ୍କୃଷ୍ଟ ପ୍ରଦର୍ଶନ କରିଛନ୍ତି। ଏହି ଚାମ୍ପିୟନଶିପ୍‌ରେ ଆର୍‌ଏସ୍‌ପି ମହିଳା ବ୍ୟାଡମିଣ୍ଟନ୍ ଦଳ ଚାମ୍ପିୟନ ଟାଇଟଲ ହାସଲ କରିଥିବାବେଳେ ପୁରୁଷ ଦଳ କାଂସ୍ୟ ପଦକ ହାସଲ କରିଛନ୍ତି। ମହିଳା ଦଳରେ ପିଡ଼ି ବିଭାଗର ଜିଏମ୍ ସୁଶ୍ରୀ ଶାନ୍ତି କୁମାରୀ, ନୂତନ ପ୍ଲେଟ ମିଲ୍ ବିଭାଗର ମ୍ୟାନେଜର ସୁଶ୍ରୀ ନିବେଦିତା ବେହେରା, ହଟ୍ ଷ୍ଟ୍ରିପ୍ ମିଲ୍-୨ର ସିନିୟର ମ୍ୟାନେଜର ସୁଶ୍ରୀ ରୀତା ମୁର୍ମୁ ଏବଂ ପିପି ଆଣ୍ଡ୍ ସି ବିଭାଗର ଏମ୍‌ଟି-ଟି ସୁଶ୍ରୀ କେ. ଶ୍ରାବଣୀ ସାମିଲ ହୋଇଥିଲେ। ଫାଇନାଲରେ ଆର୍‌ଏସ୍‌ପି ମହିଳା ଦଳ ବୋକାରୋ ମହିଳା ଦଳକୁ ପରାସ୍ତ କରି ଚାମ୍ପିୟନ ହୋଇଥିଲା। ସେହିପରି ପୁରୁଷ ଦଳରେ ନୂତନ ପ୍ଲେଟ ମିଲ୍ ବିଭାଗର



ଆର୍‌ଏସ୍‌ପି ମହିଳା ଓ ପୁରୁଷ ଦଳ।

## ସେଲ୍ ବ୍ୟାଡମିଣ୍ଟନ୍ ଚାମ୍ପିୟନଶିପ୍

ଏଜିଏମ୍ ଆର୍. ନବୀନ, ସିଓଏଣ୍ଡସିସି ବିଭାଗର ଏଜିଏମ୍ ପିଏନ୍‌ଏମ୍‌ୱାଇ ସ୍ୱାମୀ, ଟିଏଣ୍ଡଆର୍‌ଏମ୍ ବିଭାଗର ଇଞ୍ଜିନିୟରିଂ ଆସୋସିଏଟ୍ ମହମ୍ମଦ ଏମ୍. ରସିଦ ଏବଂ ବିଏଫ୍ ବିଭାଗର ଜୁନିୟର ଇଞ୍ଜିନିୟରିଂ ଆସୋସିଏଟ୍ ଟି. କେ. ସ୍ୱାଇଁ ପ୍ରମୁଖ ସାମିଲ ଥିଲେ। ଏହି ଦଳ ଭିଲାଇ ଷ୍ଟିଲ୍ ପ୍ଲାଣ୍ଟକୁ ପରାସ୍ତ କରି କାଂସ୍ୟ ପଦକ ହାସଲ କରିଥିଲା। ସୂଚନାଯୋଗ୍ୟ, ଇଡି (କାର୍ଯ୍ୟ) ସଚିବାଳୟର ସେକ୍ସନ ଅଫିସର ରାଜୀବ ନାୟକ ଦଳର ମ୍ୟାନେଜର ଥିଲାବେଳେ ନୂତନ ପ୍ଲେଟ୍ ମିଲ୍ ବିଭାଗର ସିନିୟର ମ୍ୟାନେଜର ଆଶୁତୋଷ ଦଳାଇ ପ୍ରଶିକ୍ଷକ ଥିଲେ। ସେଲ୍‌ର ସମସ୍ତ ୟୁନିଟ୍ ଚାମ୍ପିୟନଶିପ୍‌ରେ ଅଂଶଗ୍ରହଣ କରିଥିଲେ।

CAREER APPOINTMENT
ON EVERY WEDNESDAY & SATURDAY
B/W : ₹. 350 per sq.cm
Colour : ₹. 400 per sq.cm
PAY FOR 1, GET 1 FREE
For Bookings
Call : 0674-2580385
Email : advt@dharitri.com

ST. XAVIERS PUBLIC SCHOOL
Mundeilo, Parjang, Dhenkanal, Odisha
A Day Boarding & Residential School
Walk-in-Interview for Following Staffs
01. Retired Principal/High School Head Teacher - 01 No.
02. Retired Lecturer/High School Teacher - (PCM & CBZ) 01 No. each
03. Retired Lecturer/High School Teacher - (English) 01 No.
Age limit should not exceed 65 years
Phone: 8260211012, 7477211012

ଆବଶ୍ୟକ
ପେଟ୍ରୋଲ ପମ୍ପରେ ସୁପରଭାଇଜର, Office Assistant, ତେଲ ପକାଇବା Staff ଏବଂ ତେଲ ଟ୍ୟାଙ୍କର ପାଇଁ ହେଲପର ଆବଶ୍ୟକ, ସ୍ଥାନ- ଭୁବନେଶ୍ୱର
9438569494, 9437415530

ଆବଶ୍ୟକ
ଭୁବନେଶ୍ୱରର ଏକ ସ୍ନାକ୍ସ ବିତରକ ପାଇଁ ଯୁବ Sales & Marketing କର୍ମଚାରୀ ଆବଶ୍ୟକ।
ଦରମା ଟ.12,000+ ଇନସେଣ୍ଟିଭ୍।
ନିଜସ୍ୱ ବାଇକ୍ ଆବଶ୍ୟକ।
ଫୋନ୍: 9886365677

URBAN YATRA - TOUR COMPANY
BHUBANESWAR, ODISHA
Positions Open:
• SUPERVISOR
• COOK
• OFFICE BOY
Experience required: 2 years & above
9938012124 | 9439534567
www.urbanyatra.com

APPOINTMENT
CCIE SCHOOL
Behind RTO-1 Office, Bhubaneswar-22
Required : TGT (All Subjects) & P.E.T
Qualification : Graduate with B.Ed
Interested candidates may send their C.V. to:
ccieprincipal@gmail.com or submit
application form in school office within 15 days.
CONTACT: 9861463006, 0674-2541372

TKIL Industries Pvt. Ltd., Pune
(formerly known as thyssenkrupp Industries India Pvt. Ltd.)
is hiring for Service-O&M Business for
Jharsuguda and sites across India
TKIL Industries
WALK-IN-INTERVIEW
POSITIONS:
ENGINEERs to HODs
Operation, Mechanical, Electrical, Instrumentation, Planning
Qualification:
Diploma 8 - 20+ years experience
Bachelor of engineering 5 -20 years experience
Experience:
• Role: Contractual/Permanent
• Mechanical, Instrumentation & Electrical Maintenance of Aluminum Smelter
• Operations & Maintenance of CFBC-based Power Plants
• Mechanical Maintenance of Steel Plant RMHS
Job Location: Jharsuguda, Odisha, Bharuch, Gujarat & Bina, Madhya Pradesh, Near Mumbai and Pan India
Interview Dates: 8 & 9 February 2026 | Timing:09:00am to 06:00pm
Interview Venue: Mehfil Marriage Palace, Motijhran Road near Gousiya Masjid, Motijharan, Sambalpur, Odisha, 768001
Please remember to carry all necessary documents, including your resume, academic certificates, and last 3 months salary slips along with any relevant work experience letters.
To Apply: Share your updated CV on: careers.tkil@tkil.com
Scan QR Code to fill the application form
Website: www.tkil.com

# କ୍ଲିନ୍ ଆଣ୍ଡ ଗ୍ରୀନ୍ ପକ୍ଷରୁ ବନ୍ଧୁମିଳନ

**ରାଉରକେଲା,୩।୨ (ବିପ୍ଳବ ରଞ୍ଜନ ଦାଶ):** ସାମାଜିକ ଅନୁଷ୍ଠାନ କ୍ଲିନ୍ ଆଣ୍ଡ ଗ୍ରୀନ୍ ପକ୍ଷରୁ ଷଷ୍ଠ ବନ୍ଧୁମିଳନ କାର୍ଯ୍ୟକ୍ରମ ସେକ୍ଟର-୬ ସ୍ଥିତ ଇସ୍ପାତ ସରୋବରରେ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଅନୁଷ୍ଠାନର ସଭାପତି ଡାକ୍ତର ଦେବେନ୍ଦ୍ର କୁମାର ସେଠୀ ସଭାପତିତ୍ୱ କରିଥିଲେ। ସାଧାରଣ ସମ୍ପାଦକ ପ୍ରଦୀପ କୁମାର ଦାସଙ୍କ ଆବାହକତ୍ୱ ଓ ସଙ୍ଗଠନ ସମ୍ପାଦକ ହିମାଂଶୁ ମହାପାତ୍ରଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଅନୁଷ୍ଠାନର ସମସ୍ତ ସଦସ୍ୟା ସଦସ୍ୟ ଯୋଗଦେଇ ପରସ୍ପର ମଧ୍ୟରେ ଭାବର ଆଦାନ ପ୍ରଦାନ କରିଥିଲେ। ଏହି ଅବସରରେ ସମସ୍ତଙ୍କ ମଧ୍ୟରେ ଐକ୍ୟବଦ୍ଧତା, ସୌହାର୍ଦ୍ଦ୍ୟପୂର୍ଣ୍ଣ ବାତାବରଣ ବଜାୟ ରଖିବା ସହ ସହରକୁ ସବୁଜ, ସ୍ୱଚ୍ଛ, ପରିବେଶ ସୁରକ୍ଷା ଉପରେ ଗୁରୁତ୍ୱାରୋପ କରାଯାଇଥିଲା। ମନୋଜ ନାୟକ, ଅଶୋକ ପଟେଲ, ପ୍ରଦୀପ୍ତ ଭୋଇ, ଦୈତାରୀ ସାହୁ, ଏସ୍. ଆର୍ ଦତ୍ତଙ୍କ ସମେତ ବହୁ ସଦସ୍ୟ ସହଯୋଗ କରିଥିଲେ।

## ସ୍ୱଚ୍ଛତା, ପରିବେଶ ସୁରକ୍ଷାକୁ ଗୁରୁତ୍ୱାରୋପ

# ବିଦ୍ୟାଳୟସ୍ତରୀୟ ଚିତ୍ରାଙ୍କନ ପ୍ରତିଯୋଗିତା

**ରାଉରକେଲା,୩।୨ (ବିପ୍ଳବ ରଞ୍ଜନ ଦାଶ)**

କଲଚରାଲ ଏକାଡ଼େମୀ ପରିଚାଳିତ ସ୍କୁଲ ଅଫ୍ ଫାଇନ୍ ଆର୍ଟସ୍ ପକ୍ଷରୁ ୫୩ତମ ଶିଳ୍ପୀଗୁରୁ ବିମ୍ବାଧର ବର୍ମା ବିଦ୍ୟାଳୟସ୍ତରୀୟ ଚିତ୍ରାଙ୍କନ ପ୍ରତିଯୋଗିତା ଦୁଇଦିନ ଧରି ଏକାଡେମୀ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଏହି ପ୍ରତିଯୋଗିତା ପାଇଁ ଛାତ୍ରୀଛାତ୍ରମାନଙ୍କୁ ୪ଟି ଗ୍ରୁପ୍‌ରେ ବିଭକ୍ତ କରାଯାଇଥିଲା। ନର୍ସରୀରୁ କ୍ଲାସ୍ ୧ମ ପର୍ଯ୍ୟନ୍ତ ଗ୍ରୁପ-ଏ, କ୍ଲାସ୍ ୨ୟରୁ ୪ର୍ଥ ପର୍ଯ୍ୟନ୍ତ ଗ୍ରୁପ୍-ବି, କ୍ଲାସ୍ ୫ମରୁ ୭ମ ପର୍ଯ୍ୟନ୍ତ ଗ୍ରୁପ୍-ସି ଏବଂ ୮ମରୁ ୧୦ମ ପର୍ଯ୍ୟନ୍ତ ଗ୍ରୁପ୍-ଡି। ଏହି ଚିତ୍ରାଙ୍କନ ପ୍ରତିଯୋଗିତାରେ ୧୫୦ରୁ ଊର୍ଦ୍ଧ୍ୱ ଛାତ୍ରୀଛାତ୍ର ଭାଗ ନେଇଥିଲେ। ଏହି ପ୍ରତିଯୋଗିତାର କୃତୀମାନଙ୍କୁ ସ୍କୁଲ ଅଫ୍ ଫାଇନ୍ ଆର୍ଟସର ବାର୍ଷିକ ସମାବର୍ତ୍ତନ ଉତ୍ସବରେ ପୁରସ୍କାର ପ୍ରଦାନ କରାଯିବ। ଏକାଡ଼େମୀର ସାଧାରଣ ସମ୍ପାଦକ କାଶୀନାଥ ପାତ୍ର, ସ୍କୁଲ ଅଫ୍ ଫାଇନ୍ ଆର୍ଟସର ସମ୍ପାଦକ ଅକ୍ଷୟ ସାମଲ, ବିଦ୍ୟାଳୟର ଅଧ୍ୟକ୍ଷ ଗୋକୁଳାନନ୍ଦ ଦାଶ, ବିଦ୍ୟାଳୟର ଶିକ୍ଷୟିତ୍ରୀ ରୀନୁ ପ୍ରଧାନ, ଶିକ୍ଷକ ସୀମାଞ୍ଚଳ ପଣ୍ଡା, ଡ. ନଗେନ ଦାସ, ବିଜୟ ରାୟ, ଡ. କୃପାସିନ୍ଧୁ ନାୟକ, ସୁଜିତ କୁମାର ନାୟକ, କିଶୋର ବେହେରା, ଅକ୍ଷୟ ପଣ୍ଡା, ସୁକାନ୍ତ ମହାପାତ୍ର, କେଦାର ଗିରି, ପର୍ଶୁରାମ ଦାସ ପ୍ରମୁଖ ସହଯୋଗ କରିଥିଲେ।

# ପଶ୍ଚିମାଞ୍ଚଳ ପିଠା ପ୍ରତିଯୋଗିତା

**ରାଉରକେଲା,୩।୨ (ଦିନେଶ ମିଶ୍ର):** କଳାହାଣ୍ଡି ଆସୋସିଏଶନ ପକ୍ଷରୁ ପିଠା ପ୍ରତିଯୋଗିତା ଛେଣ୍ଡସ୍ଥିତ ମଧୁସୂଦନ ପାଠାଗାରରେ ସୋମବାର ଅନୁଷ୍ଠିତ ହୋଇଯାଇଛି। ଏହି ପ୍ରତିଯୋଗିତାରେ ବିଭିନ୍ନ ଅନୁଷ୍ଠାନର ୧୨ ଜଣ ପ୍ରତିଯୋଗୀ ଅଂଶଗ୍ରହଣ କରି ପୀଠା ପରିବେଷଣ କରିଥିଲେ। ୩ ଜଣିଆ ବିଚାରକ ମଣ୍ଡଳୀ ମୂଲ୍ୟାଙ୍କନ କରି ପ୍ରଥମ, ଦ୍ୱିତୀୟ ଓ ତୃତୀୟ ସ୍ଥାନ ଚୟନ କରିଥିଲେ। ଏହି ପ୍ରତିଯୋଗିତାରେ କଳ୍ପନା ମହାନ୍ତି, ଶଶୀକଳା ହୋତା, ବବିତା ମହାଲିକ, ସନ୍ଧ୍ୟା ପଣ୍ଡା, ତେଜସ୍ୱିନୀ ବାବୁ, ଜଲି ସାହୁ, ଉଷା ବିଭାର, ରେଖା କୁମ୍ଭାର, ଅହଲ୍ୟା ସାହୁ ପ୍ରମୁଖ ଅଂଶଗ୍ରହଣ କରିଥିଲେ। ସଭାପତି ବୈଦ୍ୟନାଥ ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ।

# ଏଥର ବାଜିବନି ଡିଜେ

**ରାଉରକେଲା, ୩।୨ (ସଙ୍ଗୀତା ଜେନା)**

ଆସନ୍ତା ମାର୍ଚ୍ଚ ୨୭ତାରିଖରେ ରାମନବମୀ ଉତ୍ସବ ପାଳନ କରାଯିବ। ଏ ନେଇ ରାଉରକେଲା ପୋଲିସ ଜିଲା ପକ୍ଷରୁ ପ୍ରସ୍ତୁତି ଆରମ୍ଭ ହୋଇଛି। ଏହି ପରିପ୍ରେକ୍ଷୀରେ ମଙ୍ଗଳବାର ଅପରାହ୍ନ ୧ଟାରେ ପୋଲିସ ଜିଲା ମୁଖ୍ୟାଳୟରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଥିଲା। ରାଉରକେଲା ଏସ୍‌ପି ନିତେଶ ୱାଧୱାନୀଙ୍କ ନେତୃତ୍ୱରେ ଅତିରିକ୍ତ ଏସ୍‌ପି ରାଜକିଶୋର ମିଶ୍ର ଉପସ୍ଥିତ ଥିଲେ। ଇଣ୍ଟିଗ୍ରେଶନ୍ ଫୋରମ୍‌ର ସତ୍ୟାନନ୍ଦ ମହାନ୍ତି, ଗିରିଜା ଶଙ୍କର ଦ୍ୱିବେଦୀ, ଦେବବ୍ରତ ବିହାରୀ, ବାଦଲ ଶ୍ରୀଚନ୍ଦନ, ରିଙ୍କୁ ସାମଲ, ଜଗଦେବ ସିଂହଙ୍କ ସମେତ ରାଉରକେଲାର ୬୦ରୁ ଊର୍ଦ୍ଧ୍ୱ ରାମନବମୀ ଆଖଡ଼ା କମିଟି ସଭାପତି, ସମ୍ପାଦକ ଉପସ୍ଥିତ ଥିଲେ। ଏହି ଅବସରରେ ଏସ୍‌ପି ୱାଧୱାନୀ କହିଲେ, ଶାନ୍ତିଶୃଙ୍ଖଳାର ସହ ରାମନବମୀ ଆଖଡା ଦ୍ୱାରା ପୂଜା କରାଯିବ। ରାମନବମୀ ଶୋଭାଯାତ୍ରା ପାଇଁ ଆଖଡ଼ାଗୁଡ଼ିକ ପୂର୍ବରୁ ନିଜ ନାମ ପୋଲିସ ନିକଟରେ ପ୍ରଦାନ କରିବେ। ଶୋଭାଯାତ୍ରାରେ ଡିଜେ ବ୍ୟବହାର କରାଯିବ ନାହିଁ। ବିଭିନ୍ନ ଥାନାରୁ ଆଖଡ଼ାଗୁଡ଼ିକ ଅନୁମତି ନେବେ ଆଦି ବିଷୟରେ ଆଲୋଚନା କରାଯାଇଥିଲା। ସୂଚନାଯୋଗ୍ୟ, କଳୁଙ୍ଗାରେ ଗୋଟିଏ, ରାଉରକେଲାରେ ୬୦ରୁ ଊର୍ଦ୍ଧ୍ୱ ଆଖଡ଼ା ହୋଇଥାଏ। ପୂର୍ବବର୍ଷ ଶୋଭାଯାତ୍ରାରେ ୧୭ଟି ଆଖଡ଼ା ଅଂଶଗ୍ରହଣ କରିଥିଲେ।

## ରାମନବମୀ ପ୍ରସ୍ତୁତି ବୈଠକ

15001/2/2526
ଓଡ଼ିଶା ସରକାର

ଉତ୍କଳଗୌରବ ମଧୁସୂଦନ ଦାସଙ୍କ
ରାଜ୍ୟସ୍ତରୀୟ ଶ୍ରାଦ୍ଧ ଦିବସ
୪ ଫେବୃଆରୀ, ୨୦୨୬
ସକାଳ ଘ. ୮ .୩୦ମିନିଟ୍ ସମୟରେ ରାଜଭବନ ଛକ, ଭୁବନେଶ୍ୱରସ୍ଥିତ ଉତ୍କଳଗୌରବ ମଧୁସୂଦନ ଦାସଙ୍କ ପ୍ରତିମୂର୍ତ୍ତିରେ ବିଶିଷ୍ଟ ବ୍ୟକ୍ତିମାନଙ୍କ ଦ୍ୱାରା ମାଲ୍ୟାର୍ପଣ।
ସନ୍ଧ୍ୟା ୫ ଘଟିକା — ସ୍ଥାନ– ସମ୍ମିଳନୀ କକ୍ଷ, ଲୋକସମ୍ପର୍କ ଭବନ
ଆଲୋଚନା ଚକ୍ର : "ଓଡ଼ିଆ ଅସ୍ମିତା ଓ ମଧୁବାବୁ"
ମୁଖ୍ୟ ବକ୍ତା :- ଶ୍ରୀଯୁକ୍ତ ଗୁରୁକଲ୍ୟାଣ ମହାପାତ୍ର, ମୁଖ୍ୟ ସମ୍ପାଦକ, ଦୈନିକ ସମ୍ବାଦପତ୍ର 'ସମୟ'
ଅତିଥି ବକ୍ତା :- ଶ୍ରୀଯୁକ୍ତ ପ୍ରହ୍ଲାଦ କୁମାର ସିଂହ, ବିଶିଷ୍ଟ ଗାନ୍ଧିବାଦୀ ଚିନ୍ତକ ଓ ସ୍ତମ୍ଭକାର
ସମ୍ମାନନୀୟ ବକ୍ତା :- ଡଃ ଭାରତୀ ପାଲ, ଅଧୀକ୍ଷକ, ଓଡ଼ିଶା ରାଜ୍ୟ ସଂଗ୍ରହାଳୟ
ଉପରୋକ୍ତ କାର୍ଯ୍ୟକ୍ରମରେ ଯୋଗଦେଇ ଉତ୍କଳଗୌରବ ମଧୁସୂଦନଙ୍କ ପ୍ରତି ଶ୍ରଦ୍ଧାଞ୍ଜଳି ଅର୍ପଣ କରିବାକୁ ବିନମ୍ର ଅନୁରୋଧ।
ସୂଚନା ଓ ଲୋକସମ୍ପର୍କ ବିଭାଗ
ଓଡ଼ିଶା ସରକାର
OIPR-15001/15001/2/25-26/0002

# ନାରୀମାନେ ସ୍ୱାଭାବିକ ଭାବେ ଅଧିକ ବୁଦ୍ଧିମତୀ

**ସମ୍ବଲପୁର ମହିଳା ମହାବିଦ୍ୟାଳୟରେ ବକ୍ତୃତାମାଳା**

ସମ୍ବଲପୁର,୩।୨(ବି.ଶଙ୍କର)

ସମ୍ବଲପୁର ସରକାରୀ ମହିଳା ମହାବିଦ୍ୟାଳୟ ଏବଂ ଆମ କଲେଜ ଆମ ଗୌରବ ମିଳିତ ଆନୁକୂଲ୍ୟରେ ବକ୍ତୃତାମାଳା କାର୍ଯ୍ୟକ୍ରମ ସୋମବାର ଅନୁଷ୍ଠିତ ହୋଇଯାଇଛି। ପୁନାସ୍ଥିତ ପ୍ରତିରକ୍ଷା ଅନୁସନ୍ଧାନ ଓ ବିକାଶ ସଙ୍ଗଠନର ବରିଷ୍ଠ ବୈଜ୍ଞାନିକ ବିଦ୍ୟାବତୀ ନାୟକ ବକ୍ତାଭାବେ ଯୋଗଦେଇ ଜଣେ ନାରୀଭାବେ ନିଜ ସଂଘର୍ଷମୟ ଜୀବନ କାହାଣୀ ଛାତ୍ରୀଙ୍କ ଆଗରେ ଉପସ୍ଥାପିତ କରିଥିଲେ। କର୍ନାଟକର ଏକ ଅଖ୍ୟାତ ପଲ୍ଲୀର ରକ୍ଷଣଶୀଳ ପରିବାରରେ ସେ ଜନ୍ମଗ୍ରହଣ କରିଥିଲେ। ନିଜର ଲକ୍ଷ୍ୟ ପାପ୍ତି ପାଇଁ ତାଙ୍କୁ କଠିନ ସଂଘର୍ଷ ଏବଂ ପରିଶ୍ରମ କରିବାକୁ ପଡ଼ିଥିଲା। ବୁଦ୍ଧିମତା ଓ ପରୀକ୍ଷାର ନମ୍ବର ଅପେକ୍ଷା ସମୟର ସଦୁପଯୋଗ, ଆତ୍ମବିଶ୍ୱାସ ଓ ଯୋଜନାବଦ୍ଧ କାର୍ଯ୍ୟପ୍ରଣାଳୀ ତାଙ୍କୁ ଲକ୍ଷ୍ୟସ୍ଥଳରେ ପହଞ୍ଚାଇବାରେ ସହାୟତା କରିଛି। ତେଣୁ ଛାତ୍ରୀମାନେ ମଧ୍ୟ କଠିନ ପରିଶ୍ରମ କରନ୍ତୁ ବୋଲି ଆହ୍ୱାନ ଦେଇଥିଲେ। ସେ କହିଥିଲେ, ନାରୀମାନେ ସ୍ୱାଭାବିକ ଭାବରେ ଅଧିକ ବୁଦ୍ଧିମତୀ, ଶକ୍ତିଶାଳୀ ଓ ସ୍ନେହମୟୀ। ଏହି ସ୍ୱାତନ୍ତ୍ର୍ୟ ନାରୀକୁ ଗୃହିଣୀ ଭାବରେ କାର୍ଯ୍ୟ କରି ମଧ୍ୟ କର୍ମକ୍ଷେତ୍ରରେ ସଫଳତା ପ୍ରଦାନ କରିଥାଏ ବୋଲି ବୈଜ୍ଞାନିକ ନାୟକ କହିଥିଲେ। ଶେଷରେ ଛାତ୍ରୀମାନଙ୍କ ଭିନ୍ନ ଭିନ୍ନ ପ୍ରଶ୍ନର ଉତ୍ତର ପ୍ରଦାନ କରିଥିଲେ। ଆମ କଲେଜ ଆମ ଗୌରବ ସଂଯୋଜକ ତଥା ମହାବିଦ୍ୟାଳୟ ପ୍ରାଶାସନିକ ଅଧିକାରୀ ପ୍ରଫେସର ଯୋଗେଶ ଚନ୍ଦ୍ର ଭୋଇ ସ୍ୱାଗତ ସମ୍ଭାଷଣ ପ୍ରଦାନ କରିଥିଲେ। ବାଣିଜ୍ୟ ବିଭାଗ ମୁଖ୍ୟ ପ୍ରଫେସର ସୁଶାନ୍ତ କୁମାର ପଣ୍ଡା ଅତିଥିଙ୍କ ପରିଚୟ ପ୍ରଦାନ ଏବଂ ଅନ୍ତରୀଣ ଗୁଣବତ୍ତା ଆଶ୍ୱାସନା ପ୍ରକୋଷ୍ଠର ନିର୍ଦ୍ଦେଶକ ପ୍ରଫେସର ରବୀନ୍ଦ୍ର କୁମାର ପାଣିଗ୍ରାହୀ ଧନ୍ୟବାଦ ଅର୍ପଣ ଦେଇଥିଲେ। ଅଧ୍ୟାପକ ଅଖିଳ ବିଶ୍ୱାଳ କାର୍ଯ୍ୟକ୍ରମର ସଂଯୋଜନା କରିଥିଲେ।



ଆୟୋଜିତ ବକ୍ତୃତାମାଳା କାର୍ଯ୍ୟକ୍ରମରେ ଅତିଥି ଓ ବକ୍ତା।

# ୧୫ରେ ହୀରାକୁଦ ହାଫ୍ ମାରାଥନ

- ଭାଗନେବେ ୧୦ ହଜାର ପ୍ରତିଯୋଗୀ
- ହୀରାକୁଦରେ ପର୍ଯ୍ୟଟନ ବିକାଶ ଲକ୍ଷ୍ୟ

ସମ୍ବଲପୁର,୩।୨(ଭବାନୀ ଶଙ୍କର ଭୋଇ)

ପଶ୍ଚିମ ଓଡିଶାରେ ପର୍ଯ୍ୟଟନ ଏବଂ ସ୍ୱାସ୍ଥ୍ୟ ସଚେତନତାକୁ ବୃଦ୍ଧି କରିବା ପାଇଁ ଏମ୍‌ସିଏଲ ପକ୍ଷରୁ ଆସନ୍ତା ୧୫ ତାରିଖରେ ହୀରାକୁଦ ଅନ୍ତର୍ଜାତୀୟ ହାଫ ମାରାଥନ ଆୟୋଜନ କରାଯିବ। ବୁଢାରଜାସ୍ଥିତ ଗ୍ରାଣ୍ଡ ଶିବା ସମ୍ମିଳନୀ କକ୍ଷରେ ଆୟୋଜିତ ଖବରଦାତା ସମ୍ମିଳନୀରେ ଏନେଇ ସୂଚନା ପ୍ରଦାନ କରାଯାଇଛି। ଏସିଆର ସର୍ବବୃହତ ମାଟି ବନ୍ଧ ହୀରାକୁଦ ଅଞ୍ଚଳରେ ଏମ୍‌ସିଏଲ ପକ୍ଷରୁ ଏହି ମିନି ମାରାଥନର ଆୟୋଜନ କରାଯାଉଛି। ଗତବର୍ଷ ଏହିପରି କାର୍ଯ୍ୟକ୍ରମ ଭୁବନେଶ୍ୱରରେ ଆୟୋଜିତ ହୋଇଥିଲା। ହୀରାକୁଦର ପ୍ରାକୃତିକ ସୌନ୍ଦର୍ଯ୍ୟକୁ ବିଶ୍ୱ ଦରବାରରେ ପହଞ୍ଚାଇବା ପାଇଁ ଚଳିତବର୍ଷ ଏହି ସ୍ଥାନକୁ ଚୟନ କରାଯାଇଥିବା ଏମ୍‌ସିଏଲର ସିଏମ୍‌ଡି ଉଦୟ ଅନନ୍ତ କାଉଲେ କହିଛନ୍ତି। ଏହି ମାରାଥନରେ ୨୧.୦୯୭୫ କିମି ହାଫ ମାରାଥନ, ୧୦କିମି ଚ୍ୟାଲେଞ୍ଜ ଏବଂ ସାଧାରଣ ଜନତାଙ୍କ ପାଇଁ ୫ କିମିର ପ୍ରତିଯୋଗିତା ଅନୁଷ୍ଠିତ ହେବ। ଏହାସହ ୧.୫ କିମି ଫନ ରନର ଆୟୋଜନ ମଧ୍ୟ କରାଯାଇଛି। ବିଶ୍ୱର ବିଭିନ୍ନ ସ୍ଥାନର ଧାବକଙ୍କ ସହ ପ୍ରାୟ ୧୦ ହଜାର ଧାବକ ଏହି ମାରାଥନରେ ସାମିଲ ହେବା ଦ୍ୱାରା ହୀରାକୁଦରେ ପର୍ଯ୍ୟଟନର ବିକାଶ ନେଇ ସୁଯୋଗ ସୃଷ୍ଟି ହେବା ବୋଲି କୁହାଯାଇଛି। ହୀରାକୁଦ ଅନ୍ତର୍ଜାତୀୟ ହାଫ ମାରାଥନ ପାଇଁ ଅନଲାଇନ ପଞ୍ଜୀକରଣ ଆରମ୍ଭ ହୋଇଛି। ଆଗ୍ରହୀ ବ୍ୟକ୍ତିମାନେ ଫେବୃଆରୀ ୧୦ତାରିଖ ସୁଦ୍ଧା ନିଜ ନାମ ପଞ୍ଜୀକରଣ କରିପାରିବେ। ତିନୋଟି ବର୍ଗରେ ଆୟୋଜିତ ମିନି ମାରାଥନରେ ୫୫ଲକ୍ଷ ଟଙ୍କାର ପୁରସ୍କାର ପ୍ରଦାନ କରାଯିବ। ଖବରଦାତା ସମ୍ମିଳନୀରେ ଏମ୍‌ସିଏଲ ସିଏମ୍‌ଡି କାଉଲେ, ମାନବ ସମ୍ବଳ ନିର୍ଦ୍ଦେଶକ କେଶବ ରାଓ, ବୈଷୟିକ ପରିଚାଳନା ନିର୍ଦ୍ଦେଶକ ଏସ.କେ.ଝା, ଲୋକ ସମ୍ପର୍କ ମହାପ୍ରବନ୍ଧକ ବିଶ୍ୱବାସ ବେହୁରିଆ, କଲ୍ୟାଣ ମହାପ୍ରବନ୍ଧକ ଏସ.କେ.ବେହେରା, ମହାପ୍ରବନ୍ଧକ ସିଭିଲ ଜ୍ୟୋତିର୍ମୟ ସିହ୍ନା, ହାଫ ମାରାଥନର ନିର୍ଦ୍ଦେଶକ ଅଭିଷେକ ମିଶ୍ର ଓ କେତେକ ଆନ୍ତର୍ଜାତିକ ମାରାଥନ ଧାବକ ଉପସ୍ଥିତ ଥିଲେ।



ଖବରଦାତା ସମ୍ମିଳନୀରେ ଏମ୍‌ସିଏଲ କର୍ମକର୍ତ୍ତାଙ୍କ ସହ ଆନ୍ତର୍ଜାତିକ ମାରାଥନ ଧାବକମାନେ।

## ପାଲୋଖମନରେ ମାଣ୍ଡିଆ ମଣ୍ଡିର ଶୁଭାରମ୍ଭ

ଜମନକିରା,୩।୨(ରବୀନ୍ଦ୍ର ପ୍ରସାଦ ଦାନୀ)

ଜମନକିରା ବ୍ଲକ ବଡ଼ମାଳ ପଞ୍ଚାୟତ ପାଲୋଖମନଠାରେ ସମନ୍ୱିତ ବିକାଶ ପ୍ରତିଷ୍ଠାନ ପକ୍ଷରୁ ମାଣ୍ଡିଆ ବିକ୍ରୟ ପାଇଁ ମଙ୍ଗଳବାର ଶୁଭାରମ୍ଭ ହୋଇଛି। ମୁଖ୍ୟଅତିଥିଭାବେ ବିଡ଼ିଓ ରବୀନ୍ଦ୍ର କୁମାର ସେଠୀ ଯୋଗଦେଇ ମାଣ୍ଡିଆ ବିକ୍ରିର ଉଦ୍‌ଘାଟନ କରିଥିଲେ। ସମ୍ମାନୀତ ଅତିଥି ଭାବେ ଗୋଷ୍ଠୀ କୃଷି ଅଧିକାରୀ କାଦମ୍ବିନୀ ଶତପଥୀ ମାଣ୍ଡିଆର ଉପକାରିତା ଉପରେ କହିଥିଲେ। କାର୍ଯ୍ୟକ୍ରମକୁ ଡିମିରିମୁଣ୍ଡା ପଞ୍ଚାୟତରେ ଥିବା ସଗଡେଶ୍ୱର ଆଗ୍ରୋ ପ୍ରଡ୍ୟୁସର କମ୍ପାନୀ ପକ୍ଷରୁ ଆୟୋଜନ କରାଯାଇଥିଲା। କାର୍ଯ୍ୟକ୍ରମକୁ ସଗଡେଶ୍ୱର ସଂସ୍ଥା ମୁଖ୍ୟ ନିର୍ବାହୀ ଅଧିକାରୀ ଗୋପବନ୍ଧୁ ସାହୁ ପରିଚାଳନା କରିଥିଲେ। ସଂଯୋଜକ ରାହୁଲ ରୋସନ ଧନ୍ୟବାଦ ଅର୍ପଣ କରିଥିଲେ।

# ୱାଇଏସ୍‌ସିସି ବଲାଙ୍ଗୀର ସେମିଫାଇନାଲରେ

**ଅଲ୍ ଓଡ଼ିଶା ଶହୀଦ ଶୁକଦେବ ସ୍ମାରକୀ କ୍ରିକେଟ**

**ରାହୁଲ ସାହୁ, ଋଷି ମେହେରଙ୍କ ବିସ୍ଫୋରକ ଶତକ**

ସମ୍ବଲପୁର,୩।୨(ଭବାନୀ ଶଙ୍କର ଭୋଇ)

ସମ୍ବଲପୁର ଜିଲା ରେଢାଖୋଲ ବ୍ଲକ ଜେ. ରେଙ୍ଗାଲି ରଜାଚୌରି ଖେଳ ପଡ଼ିଆରେ ଚାଲିଥିବା ୨୪ତମ ଶହୀଦ ଶୁକଦେବ ସ୍ମାରକୀ କ୍ରିକେଟ ଟୁର୍ନାମେଣ୍ଟର ମଙ୍ଗଳବାର କ୍ୱାର୍ଟର ଫାଇନାଲ ମ୍ୟାଚ ଅନୁଷ୍ଠିତ ହୋଇଥିଲା। ଏହି ମ୍ୟାଚରେ ଜେ.ରେଙ୍ଗାଲିର ମାରୁତି କ୍ରିକେଟ କ୍ଲବକୁ ହରାଇ ୱାଇଏସ୍‌ସିସି ବଲାଙ୍ଗୀର ସେମି ଫାଇନାଲରେ ପ୍ରବେଶ କରିଛି। ବଲାଙ୍ଗୀର ଟସ୍ ଜିଣି ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୩୦ ଓଭରରେ ୩ ଉଇକେଟ ହରାଇ ୩୪୪ ରନ କରିଥିଲା। ଦଳର ରାହୁଲ ସାହୁ ୮୩ ବଲରୁ ୧୬୦ ରନ, ଋଷି ମେହେର ୬୪ ବଲରୁ ୧୦୬ ରନ ଏବଂ ଧର୍ମେନ୍ଦ୍ର ମିଶ୍ର ୩୯ ରନ କରିଥିଲେ। ରେଙ୍ଗାଲିର ପ୍ରିନ୍ସ ମେହେର, ଗୁଲୁ ସାହୁ ଓ ବବଲୁ ମିର୍ଦ୍ଧା ପ୍ରତ୍ୟେକ ଗୋଟିଏ ଲେଖାଏ ଉଇକେଟ ନେଇଥିଲେ। ଜବାବରେ ଜେ. ରେଙ୍ଗାଲି ୧୯.୨ ଓଭରରେ ସମସ୍ତ ଉଇକେଟ ହରାଇ ୧୩୧ ରନ କରି ପରାସ୍ତ ହୋଇଥିଲା । ଦଳର ଜୟ ବନଛୋର ୩୮ ଓ ପ୍ରିନ୍ସ ମେହେର ୩୫ ରନ କରିଥିଲେ। ବିପକ୍ଷ ବଲାଙ୍ଗୀରର ଧର୍ମେନ୍ଦ୍ର ମିଶ୍ର, ବିଶ୍ୱରଞ୍ଜନ ସିଂ, ରାକେଶ ସାହୁ, ଋଷି ମେହେର ପ୍ରତ୍ୟେକ ୨ଟି ଲେଖାଏ ଓ ରାହୁଲ ସାହୁ ଗୋଟିଏ ଉଇକେଟ ନେଇଥିଲେ। ଫଳରେ ବଲାଙ୍ଗୀର ବିଜୟୀ ହୋଇ ତୃତୀୟ ଦଳ ଭାବେ ସେମି ଫାଇନାଲରେ ପ୍ରବେଶ କରିଛି। ପୀତାମ୍ବର ସାହୁଙ୍କ ସଂଯୋଜନାରେ ଅନୁଷ୍ଠିତ ପୁରସ୍କାର ବିତରଣ ଉତ୍ସବରେ ଧନୁପାଲି, ସମ୍ବଲପୁର ଏଚ୍‌ଡିଏଫସିର ଶାଖା ପରିଚାଳକ ରଞ୍ଜନ ସାହୁ ଓ ମାର୍କେଟିଙ୍ଗ ମୁଖ୍ୟ ପ୍ଲାବନ ବାବୁ ଅତିଥିଭାବେ ଯୋଗଦେଇ ବଲାଙ୍ଗୀରର ରାହୁଲ ସାହୁଙ୍କୁ ପ୍ଲେଆର ଅଫ ଦି ମ୍ୟାଚଭାବେ ପୁରସ୍କୃତ କରିଥିଲେ। ମ୍ୟାଚରେ ଓସିଏ ମାନ୍ୟତାପ୍ରାପ୍ତ ରାଜା ରଣା ଓ ରତନ ସେଠୀ ଅମ୍ପେୟାର, କିରଣ ଭୋଇ ସ୍କୋରିଂ ଏବଂ ରାକେଶ ସେଠୀ ଓ ତରୁଣ ନାଏକ ଧାରାବିବରଣୀ ପ୍ରଦାନ କରିଥିଲେ। ବୁଧବାର ମ୍ୟାଚ ଟି ଜିମଖାନା ରାଉରକେଲା ଓ ପ୍ରୋଗ୍ରେସିଭ ଝାରସୁଗୁଡ଼ା ମଧ୍ୟରେ ହେବ ବୋଲି ଆୟୋଜକ ବିଜୟ ଜେନା ସୂଚନା ଦେଇଛନ୍ତି।



ବଲାଙ୍ଗୀରର ରାହୁଲ ସାହୁଙ୍କୁ ମ୍ୟାନ ଅଫ ଦି ମ୍ୟାଚ ଭାବେ ପୁରସ୍କୃତ କରାଯାଉଛି।

# ମାର୍ଚ୍ଚ ୨୮ରେ ସମ୍ବଲପୁରରେ ଗ୍ରାଣ୍ଡ ଓଡ଼ିଶା ସୌନ୍ଦର୍ଯ୍ୟ ପ୍ରତିଯୋଗିତା

ସମ୍ବଲପୁର,୩।୨(ପ୍ରମୋଦ ବହିଦାର)

ସମ୍ବଲପୁରରେ ଆସନ୍ତା ମାର୍ଚ୍ଚ ୨୮ ଓ ୨୯ ତାରିଖରେ ଗ୍ରାଣ୍ଡ ଓଡ଼ିଶା-୨୦୨୬ ସୌନ୍ଦର୍ଯ୍ୟ ପ୍ରତିଯୋଗିତାର ଦୁଇ ଦିନିଆ ଗ୍ରାଣ୍ଡ ଫିନାଲେ ଅନୁଷ୍ଠିତ ହେବ। ସ୍ଥାନୀୟ ସାଂସ୍କୃତିକ ସମାଜ ଭବନ ଓ ତପସ୍ୱିନୀ ପ୍ରେକ୍ଷାଳୟରେ ଅନୁଷ୍ଠିତ ହେବାକୁ ଥିବା ଏହି ଗ୍ରାଣ୍ଡ ଫିନାଲେରେ ଓଡ଼ିଶାର ପ୍ରତ୍ୟେକ ଜିଲାରୁ ମୋଟ ୬୦ ଜଣ ଫାଇନାଲିଷ୍ଟ ଯୋଗଦେବେ ବୋଲି ଗ୍ରାଣ୍ଡ ଓଡ଼ିଶା ପ୍ରତିଷ୍ଠାତା ଏବଂ ସିଇଓ ଦେବସ୍ମିତା ସାହୁ ସୂଚନା ଦେଇଛନ୍ତି। ସ୍ଥାନୀୟ ସାମ୍ବାଦିକ ଭବନରେ ସୋମବାର ପୂର୍ବାହ୍ନରେ ଅୟୋଜିତ ଏକ ଖବରଦାତା ସମ୍ମିଳନୀରେ ଗ୍ରାଣ୍ଡ ଓଡ଼ିଶା ଆୟୋଜନର ରୂପରେଖ ସମ୍ପର୍କରେ ସୂଚନା ଦେଇ ସେ କହିଛନ୍ତି, ଏଥିରେ ଭାଗ ନେବାକୁ ଥିବା ସମସ୍ତ ଫାଇନାଲିଷ୍ଟ ପୂର୍ବରୁ ଗତ ଜାନୁଆରୀ ୧୧ ଓ ୧୮ ରେ ଯଥାକ୍ରମେ ବରଗଡ଼ ଓ ସମ୍ବଲପୁରରେ ଅନୁଷ୍ଠିତ ଅଡିସନ୍‌ରେ ଫିନାଲେକୁ ଉତ୍ତୀର୍ଣ୍ଣ ହୋଇଛନ୍ତି। ସେ ସୂଚନା ଦେଇ କହିଛନ୍ତି, ଗ୍ରାଣ୍ଡ ଫିନାଲେ ୮ଟି ବର୍ଗରେ ଅନୁଷ୍ଠିତ ହେବ। ସେଥିମଧ୍ୟରେ ଟ୍ରାନ୍ସଜେଣ୍ଡରଙ୍କ ପାଇଁ ଏକ ସ୍ୱତନ୍ତ୍ର ବର୍ଗ ରହିଛି। ମାର୍ଚ୍ଚ ୨୮ ରେ ଓଡ଼ିଶା ସାଂସ୍କୃତକ ସମାଜ ଭବନରେ ପ୍ରଥମ ପର୍ଯ୍ୟାୟ ଓ ୨୯ରେ ତପସ୍ୱିନୀ ପ୍ରେକ୍ଷାଳୟରେ ଅନ୍ତିମ ପର୍ଯ୍ୟାୟ ଗ୍ରାଣ୍ଡ ଫିନାଲେ ଅନୁଷ୍ଠିତ ହେବ। ସେ କହିଛନ୍ତି, ଗ୍ରାଣ୍ଡ ଓଡ଼ିଶା-୨୦୨୬ରେ ଭାଗ ନେଇ ମିସ୍ ଗ୍ରାଣ୍ଡ ଓଡ଼ିଶା, ମିସେସ୍ ଗ୍ରାଣ୍ଡ ଓଡ଼ିଶା ବିଜେତାମନେ ଆଗାମୀ ମିସ୍ ପି ଆଣ୍ଡ ଆଇ ଇଣ୍ଡିଆ-୨୦୨୬ ଜାତୀୟ ସ୍ତରୀୟ ସୌନ୍ଦର୍ଯ୍ୟ ପ୍ରତିଯୋଗିତାରେ ଓଡ଼ିଶାକୁ ପ୍ରତିନିଧିତ୍ୱ କରିବେ। ତେବେ ପାଣ୍ଡି ଇଣ୍ଡିଆର ପ୍ରତିଷ୍ଠାତା ମାଲିକ ଇସାନିଙ୍କ ନେତୃତ୍ୱରେ ବିଜେତାଙ୍କ ଏକ ପ୍ରତିନିଧି ଗ୍ରାଣ୍ଡ ଫିନାଲେରେ ବିଚାରକ ଭାବେ ଦାୟିତ୍ୱ ନିର୍ବାହ କରିବେ ବୋଲି ସେ ସୂଚନା ଦେଇଛନ୍ତି। ଖବରଦାତା ସମ୍ମିଳନୀରେ ଆୟୋଜକ କମିଟିର ଅନ୍ୟତମ ସଦସ୍ୟ ସମିତ କର ଉପସ୍ଥିତ ଥିଲେ।


ଖବରଦାତା ସମ୍ମିଳନୀରେ ଗ୍ରାଣ୍ଡ ଓଡ଼ିଶା-୨୦୨୬ର ଆୟୋଜକଙ୍କ ସହ ପ୍ରତିଯୋଗୀ।

# ଗୁରୁପୂଜନ, ସ୍ମରଣିକା ଉନ୍ମୋଚନ

**ସାଲଡ଼ ସରକାରୀ ଉଚ୍ଚ ବିଦ୍ୟାଳୟର ଶତବାର୍ଷିକୀ ସମାରୋହ**



ଉଦ୍‌ଯାପନୀ ଉତ୍ସବରେ ଅତିଥିମାନେ ସ୍ମରଣିକା ଉନ୍ମୋଚନ କରୁଛନ୍ତି।

ସମ୍ବଲପୁର,୩।୨(ପ୍ରମୋଦ ବହିଦାର)

ସମ୍ବଲପୁର ଜିଲା ରେଙ୍ଗାଲି ବ୍ଲକ ସାଲଡ଼ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଦୁଇଦିନିଆ ଶତବାର୍ଷିକୀ ଜୟନ୍ତୀ ସମାରୋହ ଉଦ୍‌ଯାପିତ ହୋଇଯାଇଛି। ଉଦ୍‌ଯାପନୀ ଉତ୍ସବରେ ପଞ୍ଚାୟତିରାଜ ଓ ପାନୀୟ ଜଳ ମନ୍ତ୍ରୀ ରବି ନାରାୟଣ ନାଏକ ମୁଖ୍ୟଅତିଥିଭାବେ ଯୋଗଦେଇ ଶତବାର୍ଷିକୀ ବିଦ୍ୟାଳୟର ଉନ୍ନତିକରଣ ପାଇଁ ୧୫ଲକ୍ଷ ଟଙ୍କାର ସହାୟତା ରାଶି ପ୍ରଦାନ ପାଇଁ ଘୋଷଣା କରିଥିଲେ। ସମ୍ମାନିତ ଅତିଥିଭାବେ ରେଙ୍ଗାଲିର ପୂର୍ବତନ ବିଧାୟକ ନାଉରୀ ନାଏକ, ସମ୍ବଲପୁର ଭାଜପା ଜିଲା ସଭାପତି ରାମଚନ୍ଦ୍ର ମେହେର ଯୋଗଦେଇଥିଲେ। ଏହି ଅବସରରେ ଅତିଥିମାନେ ବିଦ୍ୟାଳୟର ଶତବାର୍ଷିକୀ ସ୍ମରଣିକା ଉନ୍ମୋଚନ କରିଥିଲେ। ଏହାସହ ସାଲଡ଼ ଗ୍ରାମର ବରିଷ୍ଠ ନାଗରିକ ମୁକ୍ତାରି ସାହୁ, ହୀରାକୁଦ ବିସ୍ଥାପନ ପରେ ୧୯୫୮ ମସିହାରେ ପ୍ରତିଷ୍ଠିତ ସାଲଡ଼ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପ୍ରଥମଶିକ୍ଷକ ବିହାରୀଲାଲ ପାଣ୍ଡେ, ବୀର ଯବାନ ରାମଚନ୍ଦ୍ର ବିଶ୍ୱାଳ ଓ ରାଜ କିଶୋର ବିଶ୍ୱାଳ, ଡା ରାଜାରାମ ଷଡ଼ଙ୍ଗୀ, କବି ତଥା ଶିକ୍ଷକ ମନୋଜ କୁମାର ନାୟକଙ୍କୁ ମାନପତ୍ର ଓ ସ୍ମୃତି ଫଳକ ପ୍ରଦାନ କରି ଅତିଥିମାନେ ସମ୍ବର୍ଦ୍ଧିତ କରିଥିଲେ।

ଜିଲା ଶିକ୍ଷାଧିକାରୀ ଲକ୍ଷ୍ମଣ ଭୋଇ ମୁଖ୍ୟଅତିଥିଭାବେ ଯୋଗଦେଇ ଉତ୍ସବକୁ ଉଦ୍‌ଘାଟନ କରିଥଲେ। ସନ୍ଧ୍ୟାରେ ଅନୁଷ୍ଠିତ ସଭାରେ ମୁଖ୍ୟ ଅତିଥିଭାବେ ରେଙ୍ଗାଲି ବ୍ଲକ ଅଧକ୍ଷ ସତ୍ୟନାରାୟଣ ଅଗ୍ରୱାଲ, ସମ୍ମାନିତ ଅତିଥିଭାବେ ରେଙ୍ଗାଲିର ପୂର୍ବତନ ବିଧାୟକ ଦୁର୍ଯ୍ୟୋଧନ ଗର୍ଡିଆ, ସମାଜସେବୀ ବିଶାଳ ଦାସ ଯୋଗଦେଇଥିଲେ। ମୁଖ୍ୟବକ୍ତାଭାବେ ଡ. ଶ୍ୟାମ ସୁନ୍ଦର ଧର ଯୋଗଦେଇ ସାଲଡ଼ ଗ୍ରାମ ତଥା ରେଙ୍ଗାଲି ମାଟିର ଗୌରବମୟ ଇତିହାସ ଉପରେ ଆଲୋକପାତ କରିଥିଲେ। ମୁଖ୍ୟବକ୍ତା ଭାବେ ଡ. ଗୌରୀଦାସ ପଧାନ, ରେଙ୍ଗାଲି ବ୍ଲକ ଶିକ୍ଷାଧିକାରୀ ସପ୍ତର୍ଷି ମହାପାତ୍ର, ଅତିରିକ୍ତ ଶିକ୍ଷାଧିକାରୀ ମହେନ୍ଦ୍ର ବାଗ ଉପସ୍ଥିତ ଥିଲେ। ଶେଷରେ ସମ୍ପାଦକ ସୁବାସ ସିଂ ଧନ୍ୟବାଦ ଅର୍ପଣ କରିଥିଲେ। ଉଭୟ ଅଧିବେଶନରେ ପୁରାତନ ଛାତ୍ର ସଂଘ ସଭାପତି ବିଶ୍ୱକେଶନ ବିଶ୍ୱାଳ ସଭାପତିତ୍ୱ କରିଥିଲେ। ଏହି ଅବସରରେ ଗୁରୁପୂଜନ ସହ ଏକ ଆଲୋଚନା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ପ୍ରାଥମିକ ଶିକ୍ଷା ଓ ନୂତନ ଶିକ୍ଷା ନୀତି ଶୀର୍ଷକ ଆଲୋଚନାରେ ଆଲୋଚକଭାବେ ରେଙ୍ଗାଲି ଓଡିଶା ଆଦର୍ଶ ବିଦ୍ୟାଳୟ ଅଧକ୍ଷ ରମଣୀକାନ୍ତ ସାହୁ, ପୂର୍ବତନ ପ୍ରଧାନଶିକ୍ଷକ ରାଜେନ୍ଦ୍ର କୁମାର ପଣ୍ଡା, ପୀତବାସ ତଣ୍ଡକାର ଓ ଡା. ରାଜାରାମ ଷଡ଼ଙ୍ଗୀ ଯୋଗଦେଇଥିଲେ।

CAREER APPOINTMENT
ON EVERY WEDNESDAY & SATURDAY
B/W : ₹. 350 per sq.cm
Colour : ₹. 400 per sq.cm
PAY FOR 1, GET 1 FREE
For Bookings
Call : 0674-2580385
Email : advt@dharitri.com

ST. XAVIERS PUBLIC SCHOOL
Mundeilo, Parjang, Dhenkanal, Odisha
A Day Boarding & Residential School
Walk-in-Interview for Following Staffs
01. Retired Principal/High School Head Teacher - 01 No.
02. Retired Lecturer/High School Teacher - (PCM & CBZ) 01 No. each
03. Retired Lecturer/High School Teacher - (English) 01 No.
Age limit should not exceed 65 years
Phone: 8260211012, 7477211012

ଆବଶ୍ୟକ
ପେଟ୍ରୋଲ ପମ୍ପରେ ସୁପରଭାଇଜର, Office Assistant, ତେଲ ପକାଇବା Staff ଏବଂ ତେଲ ଟ୍ୟାଙ୍କର ପାଇଁ ହେଲପର ଆବଶ୍ୟକ, ସ୍ଥାନ- ଭୁବନେଶ୍ୱର
9438569494, 9437415530

ଆବଶ୍ୟକ
ଭୁବନେଶ୍ୱରର ଏକ ସ୍ନାକ୍ସ ବିତରକ ପାଇଁ ଯୁବ Sales & Marketing କର୍ମଚାରୀ ଆବଶ୍ୟକ ।
ଦରମା ଟ.12,000+ ଇନସେଣ୍ଟିଭ୍ ।
ନିଜସ୍ୱ ବାଇକ୍ ଆବଶ୍ୟକ ।
ଫୋନ୍: 9886365677

URBAN YATRA - TOUR COMPANY
BHUBANESWAR, ODISHA
Positions Open:
- SUPERVISOR
- COOK
- OFFICE BOY
Experience required: 2 years & above
9938012124 | 9439534567
www.urbanyatra.com

APPOINTMENT
CCIE SCHOOL
Behind RTO-1 Office, Bhubaneswar-22
Required : TGT (All Subjects) & P.E.T
Qualification : Graduate with B.Ed
Interested candidates may send their C.V. to: ccieprincipal@gmail.com or submit application form in school office within 15 days.
CONTACT: 9861463006, 0674-2541372

TKIL Industries Pvt. Ltd., Pune
(formerly known as thyssenkrupp Industries India Pvt. Ltd.)
is hiring for Service-O&M Business for Jharsuguda and sites across India
TKIL Industries
WALK-IN-INTERVIEW
POSITIONS:
ENGINEERs to HODs
Operation, Mechanical, Electrical, Instrumentation, Planning
Qualification:
Diploma 8 - 20+ years experience
Bachelor of engineering 5 -20 years experience
Experience:
- Role: Contractual/Permanent
- Mechanical, Instrumentation & Electrical Maintenance of Aluminum Smelter
- Operations & Maintenance of CFBC-based Power Plants
- Mechanical Maintenance of Steel Plant RMHS
Job Location: Jharsuguda, Odisha, Bharuch, Gujarat & Bina, Madhya Pradesh, Near Mumbai and Pan India
Interview Dates: 8 & 9 February 2026 | Timing:09:00am to 06:00pm
Interview Venue: Mehfil Marriage Palace, Motijhran Road near Gousiya Masjid, Motijharan, Sambalpur, Odisha, 768001
Please remember to carry all necessary documents, including your resume, academic certificates, and last 3 months salary slips along with any relevant work experience letters.
To Apply: Share your updated CV on: careers.tkil@tkil.com
Scan QR Code to fill the application form
Website: www.tkil.com

15001/2/2526
ଓଡ଼ିଶା ସରକାର



ଉତ୍କଳଗୌରବ ମଧୁସୂଦନ ଦାସଙ୍କ
ରାଜ୍ୟସ୍ତରୀୟ ଶ୍ରାଦ୍ଧ ଦିବସ
୪ ଫେବୃଆରୀ, ୨୦୨୬
ସକାଳ ଘ. ୮ .୩୦ମିନିଟ୍ ସମୟରେ ରାଜଭବନ ଛକ, ଭୁବନେଶ୍ୱରସ୍ଥିତ ଉତ୍କଳଗୌରବ ମଧୁସୂଦନ ଦାସଙ୍କ ପ୍ରତିମୂର୍ତ୍ତିରେ ବିଶିଷ୍ଟ ବ୍ୟକ୍ତିମାନଙ୍କ ଦ୍ୱାରା ମାଲ୍ୟାର୍ପଣ ।
ସନ୍ଧ୍ୟା ୫ ଘଟିକା ସ୍ଥାନ- ସମ୍ମିଳନୀ କକ୍ଷ, ଲୋକସମ୍ପର୍କ ଭବନ
ଆଲୋଚନା ଚକ୍ର : "ଓଡ଼ିଆ ଅସ୍ମିତା ଓ ମଧୁବାବୁ"
ମୁଖ୍ୟ ବକ୍ତା :- ଶ୍ରୀଯୁକ୍ତ ଗୁରୁକଲ୍ୟାଣ ମହାପାତ୍ର
ମୁଖ୍ୟ ସମ୍ପାଦକ, ଦୈନିକ ସମ୍ବାଦପତ୍ର 'ସମୟ'
ଅତିଥି ବକ୍ତା :- ଶ୍ରୀଯୁକ୍ତ ପ୍ରହଲ୍ଲାଦ କୁମାର ସିଂହ
ବିଶିଷ୍ଟ ଗାନ୍ଧିବାଦୀ ଚିନ୍ତକ ଓ ସ୍ତମ୍ଭକାର
ସମ୍ମାନନୀୟ ବକ୍ତା :- ଡଃ ଭାରତୀ ପାଲ
ଅଧୀକ୍ଷକ, ଓଡ଼ିଶା ରାଜ୍ୟ ସଂଗ୍ରହାଳୟ
ଉପରୋକ୍ତ କାର୍ଯ୍ୟକ୍ରମରେ ଯୋଗଦେଇ ଉତ୍କଳଗୌରବ ମଧୁସୂଦନଙ୍କ ପ୍ରତି ଶ୍ରଦ୍ଧାଞ୍ଜଳି ଅର୍ପଣ କରିବାକୁ ବିନମ୍ର ଅନୁରୋଧ ।
ସୂଚନା ଓ ଲୋକସମ୍ପର୍କ ବିଭାଗ
ଓଡ଼ିଶା ସରକାର
OIPR-15001/15001/2/25-26/0002

**ଡାକ୍ତରଖାନା ଅବ୍ୟବସ୍ଥା ନେଇ ଗଣ ବିକ୍ଷୋଭ**

କଣ୍ଟାବାଞ୍ଜି,(ଗୁରୁଦୟାଲ ହଂସ): କଣ୍ଟାବାଞ୍ଜି ସରକାରୀ ଡାକ୍ତରଖାନାର ଅବ୍ୟବସ୍ଥା ନେଇ ବିଜେଡି କର୍ମକର୍ତ୍ତାଙ୍କ ଗ୍ରାମ ମଙ୍ଗଳବାର ଦିନ ଡାକ୍ତରଖାନା ପରିସରରେ ବିକ୍ଷୋଭ କରାଯାଇଛି। ବଲାଙ୍ଗୀର ଜିଲ୍ଲା ପରିଷଦର ପୂର୍ବତନ ଅଧ୍ୟକ୍ଷା ନିରୁପମା ମାଝିଙ୍କ ନେତୃତ୍ୱରେ ଏହି ବିକ୍ଷୋଭ କରାଯାଇଛି। ବିକ୍ଷୋଭରେ ବିଜେଡି ନେତା ତଥା ଚାଇଲସୁଖା ସମିତି ସଭ୍ୟ ଗିରିରାଜ ସିଂ ମାଝି, ଦେବରାଜ ଯାଦବ, ସେଖ ଅମଜଦ, ଦେବାର ବାରିକ,ବିଷ୍ଣୁ କୁଣ୍ଡ, ନାରୀ ନେତ୍ରୀ ପ୍ରିଙ୍କି ଶର୍ମା ପ୍ରମୁଖ ସାମିଲ ଥିଲେ।

# ୯ ଶ୍ରେଣୀ ପାଇଁ ଅଛନ୍ତି ୩ ଶିକ୍ଷୟିତ୍ରୀ




**ମୁଡାଗାଁ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ**

ନୂଆପଡ଼ା,୩।୨ (ମକାରୁ ବେମାଲ)

ନୂଆପଡ଼ା ଜିଲ୍ଲା ଖଡ଼ିଆଳ/ଏନ୍‌ଏସି ୱାର୍ଡ ନଂ-୨ ମୁଡାଗାଁ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଶିକ୍ଷକ ସମସ୍ୟା ଲାଗିରହିଛି। ସୂଚନା ଅନୁଯାୟୀ ବିଦ୍ୟାଳୟରେ ପ୍ରଥମରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ରହିଥିବା ବେଳେ ଶିଶୁ ବାଟିକାକୁ ମିଶାଇ ୯ଟି ଶ୍ରେଣୀ ଓ ୫ଟି କୋଠରି ରହିଛି। ୧୨୪ ଛାତ୍ରଛାତ୍ରୀଙ୍କ ପାଇଁ ରହିଛନ୍ତି ମାତ୍ର ୩ ଜଣ ଶିକ୍ଷୟିତ୍ରୀ। ଜଣେ ଶିକ୍ଷୟିତ୍ରୀ ଅଫିସ, ସରକାରଙ୍କ ବିଭିନ୍ନ ଯୋଜନାର କାର୍ଯ୍ୟ ସମ୍ଭାଳିବା ସହ ସଭାସମିତିକୁ ଯାଉଛନ୍ତି। ଜଣେ ଶିକ୍ଷୟିତ୍ରୀ ମଧ୍ୟାହ୍ନ ଭୋଜନ ତଦାରଖ ଓ ଅନ୍ୟ ଜଣେ ୯ ଶ୍ରେଣୀର ପିଲାଙ୍କୁ ସମ୍ଭାଳୁଛନ୍ତି । ପୁଣି ଗୋଟିଏ କୋଠରିରେ ୩ ଶ୍ରେଣୀର ପିଲା ବସୁଥିବାରୁ କିଭଳି ଶିକ୍ଷାଦାନ ହେଉଥିବ ତାହା ସହଜେ ଅନୁମେୟ। କେବଳ ଶିକ୍ଷୟିତ୍ରୀମାନେ ବିଦ୍ୟାଳୟ ଆସି ପିଲାଙ୍କୁ ୧୦ଟାରୁ ୪ଟା ପର୍ଯ୍ୟନ୍ତ ଜଗି ରହିବା ସାର ହେଉଛି ବୋଲି କେତେକ ଅଭିଭାବକ ମତ ଦିଅନ୍ତି। ଏହି ସମସ୍ୟା ନେଇ ଗ୍ରାମବାସୀ ଓ ବିଦ୍ୟାଳୟ ପରିଚାଳନା କମିଟି କର୍ମକର୍ତ୍ତା ଅନେକ ଥର ବିଭାଗ ନିକଟରେ ଅଭିଯୋଗ କରିଥିଲେ ହେଁ କୌଣସି ସୁଫଳ ମିଳିନାହିଁ। ଶେଷରେ ଅଭିଯୋଗ ଶୁଣାଣି ଶିବିରରେ ଗ୍ରାମବାସୀ ଜିଲାପାଳଙ୍କୁ ସାକ୍ଷାତ କରି ଆବଶ୍ୟକ ଶିକ୍ଷକ ପାଇଁ ଅନୁରୋଧ କରିଥିଲେ। ମଧ୍ୟ ଜିଲାପାଳ ଛାତ୍ରଛାତ୍ରୀ ଅନୁପାତରେ ଶିକ୍ଷକ ଠିକ୍ ଅଛନ୍ତି ବୋଲି କହି କଥାକୁ ଏଡ଼ାଇ ଦେଇଥିବା ସେମାନେ କହିଛନ୍ତି। ଏ ସଂକ୍ରାନ୍ତରେ ସଦର ଗୋଷ୍ଠୀ ଶିକ୍ଷା ଅଧିକାରୀ ଗୀତାରାଣୀ ଯୋଶୀଙ୍କୁ ପଚାରିବାରୁ ଆମେ ନିରୁପାୟ। ସଦର ବ୍ଲକର ଅନେକ ବିଦ୍ୟାଳୟରେ ସମାନ ଅବସ୍ଥା ରହିଛି। ପ୍ରାୟ ୮୪ ଜଣ ଶିକ୍ଷକ ଅଭାବ ରହିଛି । ସେ ବିଦ୍ୟାଳୟ ସମ୍ପର୍କରେ ମୁଁ ଅବଗତ ରହିଛି, ବହୁ ଶୀଘ୍ର ସେଠାକୁ ଜଣେ ଶିକ୍ଷକ ଦେବାକୁ ଆମେ ଜିଲାପାଳଙ୍କୁ ପ୍ରସ୍ତାବ ଦେବୁ ବୋଲି କହିଥିଲେ । ଅନ୍ୟପକ୍ଷରେ ବିଦ୍ୟାଳୟରେ ଆଉ ୩ ଜଣ ଶିକ୍ଷକ ନିଯୁକ୍ତ କରାଯାଉ ବୋଲି ଗ୍ରାମବାସୀ ଦାବି କରିଛନ୍ତି। ଦାବି ପୂରଣ ନ ହେଲେ ଆନ୍ଦୋଳନ କରିବାକୁ ଓମ୍‌ପ୍ରକାଶ ସେଠୀ, ତୁଳସୀ ରାମ କେଉଟ, ଦେଓ କୁମାରୀ ସାହୁ, ସୁବାସ ଲାଲ ସାହୁ ପ୍ରମୁଖ ଗ୍ରାମବାସୀ ଚେତାବନୀ ଦେଇଛନ୍ତି।

# ଅଭିଯୁକ୍ତଙ୍କୁ ୨ବର୍ଷ ଜେଲଦଣ୍ଡ

**ମହିଳାଙ୍କୁ ଅସଦାଚରଣ, ସ୍ୱାମୀଙ୍କୁ ମାଡ଼ ମାମଲା**

ସମ୍ବଲପୁର,୩।୨ (ପ୍ରମୋଦ ବହିଦାର)

ଜଣେ ମହିଳାଙ୍କୁ ଅସଦାଚରଣ ଓ ତାଙ୍କ ସ୍ୱାମୀଙ୍କୁ ମାଡ଼ ମାରିବା ମାମଲାର ବିଚାର କରି ମଙ୍ଗଳବାର ସମ୍ବଲପୁର ବିଚାର ବିଭାଗୀୟ ମାଜିଷ୍ଟ୍ରେଟ(ପ୍ରଥମ ଶ୍ରେଣୀ) ସ୍ୱପ୍ନରେଖା ପତି ଅଭିଯୁକ୍ତ ବାହାମ ଗ୍ରାମର ଭୁବନ ସୁନା(୬୧)ଙ୍କୁ ଦଣ୍ଡିତ କରିଛନ୍ତି। ଦଫା ୩୫୪ରେ ଦୁଇବର୍ଷ ସରଳ କାରାଦଣ୍ଡ ଓ ୫ ହଜାର ଟଙ୍କା ଜରିମାନାଦେଶ କରିଛନ୍ତି। ଜରିମାନା ଅର୍ଥ ଅନାଦାୟ ଅଭିଯୁକ୍ତଙ୍କୁ ଅଧିକ ୧ମାସ କାରାଦଣ୍ଡ ଭୋଗିବାକୁ ପଡିବ ବୋଲି ଉଲ୍ଲେଖ କରାଯାଇଛି। ସେହିପରି ଦଫା ୫୦୬ରେ ଅଭିଯୁକ୍ତଙ୍କୁ ୨ମାସ କାରାଦଣ୍ଡ ସହିତ ଅତିରିକ୍ତ ଦୁଇଦିନ କାରାଦଣ୍ଡ, ଦଫା ୩୨୩ରେ ଅଭିଯୁକ୍ତଙ୍କୁ କେବଳ ୧ ହଜାର ଟଙ୍କା ଜରିମାନାରେ ଦଣ୍ଡିତ କରିଛନ୍ତି। ତେବେ ଅଭିଯୁକ୍ତଙ୍କୁ ଏକ ସଙ୍ଗେ ସମାନ୍ତରାଳ ଭାବେ ସମସ୍ତ କାରାଦଣ୍ଡ ଭୋଗିବାକୁ ବିଚାରପତି ତାଙ୍କ ରାୟରେ ନିର୍ଦ୍ଦେଶ ଦେଇଛନ୍ତି। ମିଳିଥିବା ସୂଚନା ଅନୁସାରେ ସଦର ଥାନା ଅନ୍ତର୍ଗତ ବାହାମ ଗ୍ରାମରେ ୨୦୧୭ ମେ ୩ ପ୍ରାତଃ ୬ଟାରେ ଜଣେ ମହିଳା ପାଣି ନେବାକୁ ଗ୍ରାମର ନଳକୂଅକୁ ଆସିଥିଲେ। ସେଠାରେ ତାଙ୍କୁ ଏକାକୀ ଦେଖି ଅଭିଯୁକ୍ତ ଭୁବନ ଅଶ୍ଳୀଳ ଇଙ୍ଗିତ କରିବା ସହ ଅସଦାଚରଣ କରିଥିଲେ। ପରେ ମହିଳା ତାଙ୍କ ସ୍ୱାମୀଙ୍କ ସହ ଅଭିଯୁକ୍ତଙ୍କ ଘରକୁ ଯାଇ ପ୍ରତିବାଦ କରିଥିଲେ। ଏଥିରେ ଉତ୍ତ୍ୟକ୍ତ ହୋଇ ଅଭିଯୁକ୍ତ ମହିଳାଙ୍କ ସ୍ୱାମୀଙ୍କୁ ଲାଠିରେ ମାଡ଼ ମାରିବା ସହିତ ଜୀବନରେ ମାରି ଦେବାକୁ ଧମକ ଦେଇଥିଲେ। ପୀଡ଼ିତା ସ୍ୱାମୀଙ୍କ ଏତଲାକ୍ରମେ ସଦର ଥାନାରେ ଏକ ଦଫା ୩୪୧, ୩୫୪, ୩୨୩, ୨୯୪ ଓ ୫୦୬ରେ ଏକ ମାମଲା ରୁଜୁ କରି ପୋଲିସ ଅଭିଯୁକ୍ତଙ୍କୁ ଗିରଫ କରିଥିଲା। ଏହାର ଶୁଣାଣି ୨୦୨୬ ଜାନୁଆରୀ ୨୪ରେ ଶେଷ ହୋଇ ରାୟକୁ ସଂରକ୍ଷିତ ରଖାଯାଇଥିବା ବେଳେ ମଙ୍ଗଳବାର ଏହାର ରାୟ ପ୍ରକାଶ ପାଇଛି।

# କ୍ରିକେଟ୍: ଫାଇନାଲରେ ଜୟବାହାଲ

ବୋଡ଼େନ,୩।୨ (ଟିକେଶ୍ୱର ନାଗ)

ନୂଆପଡ଼ା ଜିଲା ବୋଡ଼େନ ବ୍ଲକ ରୋକାଲ ଗ୍ରାମରେ ୩୭ ତମ ମା’ ଅନକାନୁଡେନ କ୍ରିକେଟ ଟୁର୍ନାମେଣ୍ଟର ଦ୍ୱିତୀୟ ସେମିଫାଇନାଲ ମ୍ୟାଚ୍ ବିରିଘାଟ ଓ ଜୟବାହାଲ ମଧ୍ୟରେ ହୋଇଥିଲା। ଜୟବାହାଲ ଟସ୍ ଜିତି ପ୍ରଥମେ ବ୍ୟାଟିଂ କରି ୧୫ ଓଭରରେ ୧୫୪ ରନ କରିଥିଲା। ଜବାବରେ ବିରିଘାଟ ଦଳ ସମସ୍ତ ଉଇକେଟ ହରାଇ ୧୨୮ ରନ କରିବାକୁ ସକ୍ଷମ ହୋଇଥିଲା। ଫଳରେ ଜୟବାହାଲ ଦଳ ବିଜୟୀ ହୋଇ ଫାଇନାଲରେ ପ୍ରବେଶ କରିଛି। ମୁଖ୍ୟ ଅତିଥି ଭାବେ ଜିଲା ପରିଷଦ ଅଧକ୍ଷା ଡଲି ମାଝୀ ଯୋଗଦେଇଥିଲେ। ଫେବୃଆରୀ ୫ରେ ଜୟବାହାଲ ଓ ଗମ୍ଭାରିଗୁଡ଼ା ମଧ୍ୟରେ ଫାଇନାଲ ଖେଳ ଅନୁଷ୍ଠିତ ହେବ। କମିଟି ସଭାପତି ସୁଧାଂଶୁ ଅଗସ୍ତି, ସମ୍ପାଦକ ଈଶ୍ୱର ମାଝୀ ଓ ସଦସ୍ୟମାନେ ସହଯୋଗ କରିଥିଲେ।

# ବନ୍ଧିଆ ଜୋରରେ ନୂଆ ପୋଲ ନିର୍ମାଣ ପାଇଁ ଦାବି

ଲାଠୋର,୩।୨ (ଭୁବନେଶ୍ୱର ବାରିକ)

ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକ ଲାଠୋର ବନ୍ଧିଆ ଜୋର ପୋଲ ପୁରୁଣା ହୋଇଥିବା ହେତୁ ସେଠାରେ ନୂଆ ପୋଲ ନିର୍ମାଣ ପାଇଁ ଦାବି ହୋଇ ଆସୁଛି। ହେଲେ ପ୍ରଶାସନ ଏଥିପ୍ରତି ଦୃଷ୍ଟି ଦେଉନାହିଁ। ଫଳରେ ପୋଲ ଦେଇ ଯିବା ଆସିବା କରୁଥିବା ଲୋକେ ଛୋଟ ବଡ଼ ଦୁର୍ଘଟଣାର ଶିକାର ହୋଇ ମୃତ୍ୟୁମୁଖରେ ପଡୁଥିବା ଦେଖାଯାଉଛି।

ପ୍ରକାଶ ଯେ, ଲାଠୋର ରାଧାକୃଷ୍ଣ ମନ୍ଦିର ନିକଟ ମୁଖ୍ୟରାସ୍ତା ଦେଇ ଏକ ନାଳ ବହି ଯାଇଛି। ସେହି ନାଳକୁ ଲୋକ ବନ୍ଧିଆ ଜୋର ନାମରେ ଜାଣିଥାନ୍ତି। ଉକ୍ତ ନାଳରେ ପ୍ରଶାସନ ଦୀର୍ଘ ବର୍ଷ ହେବ ଏକ ପୋଲ ନିର୍ମାଣ କରି ଲୋକଙ୍କ ଯାତାୟତ ପାଇଁ ସୁବିଧା କରିଛି। ମଝିରେ ମଝିରେ କେବଳ ପୋଲର ମରାମତି କରାଯାଉଛି। ପୋଲର ଉତ୍ତର ଦିଗ ରାସ୍ତା ଖପ୍ରାଖୋଲକୁ ସଂଯୋଗ କରୁଥିବା ବେଳେ ଦକ୍ଷିଣକୁ ଥିବା ରାସ୍ତା କଣ୍ଟାବାଞ୍ଜି କୁ ସଂଯୋଗ କରୁଛି। ତେବେ ପୋଲ ଦୁଇ ପାର୍ଶ୍ୱ ରାସ୍ତାର ଉନ୍ନତୀକରଣ ହେଉଥିବା ବେଳେ ନୂଆ ପୋଲ ନିର୍ମାଣ କରାଯାଉ ନାହିଁ। ଫଳରେ ରାସ୍ତା ଉଚ୍ଚା ହୋଇଥିବା ବେଳେ ପୋଲ ତଳକୁ ରହିବା ଯୋଗୁ ଯାତାୟତ ସମୟରେ ପୋଲ କେତେ ଚଉଡ଼ା ଅଛି ଜଣା ପଡୁନାହିଁ। ପ୍ରତ୍ୟହ ଏହି ପୋଲ ଦେଇ ସଂଖ୍ୟାଧିକ ଗାଡ଼ି ମୋଟର ଯିବା ଆସିବା କରୁଛି। କିନ୍ତୁ ଉପରୋକ୍ତ ଅସୁବିଧା ସାଙ୍ଗକୁ ପୋଲର ବାଡ଼ା ବଡ ନ ଥିବା ଯୋଗୁ ଅନେକ ସମୟରେ ଦୁର୍ଘଟଣା ଘଟୁଛି। ବର୍ତ୍ତମାନ ଖରା ଦିନ ଆସୁଛି, ପୋଲରେ ପାଣି ରହିବ ନାହିଁ। ଲୋକଙ୍କ ଦାବି ଅନୁସାରେ ପ୍ରଶାସନ ସେଠାରେ ଏକ ନୂଆ ପୋଲ ନିର୍ମାଣ କରିବା ନିହାତି ଆବଶ୍ୟକ ବୋଲି ବିଭିନ୍ନ ମହଲରେ ମତ ପ୍ରକାଶ ପାଉଛି।



ବନ୍ଧିଆ ଜୋର।

**ଦୁର୍ଘଟଣାର ଶିକାର ହେଉଛନ୍ତି ଲୋକେ**

# ଗୁହାଳ ଘର ପାଉଣା ପାଇଁ ବାଧକ ସରକାରୀ ଅବହେଳା

କୁଚିଣ୍ଡା,୩।୨ (ବିରଞ୍ଚି ଦର୍ଜୀ)

ସମ୍ବଲପୁର ଜିଲା କୁଚିଣ୍ଡା ବ୍ଲକ ବକ୍ସମା ପଞ୍ଚାୟତରେ ଗାଈ ଓ ଛେଳି ଗୁହାଳ କରିଥିବା ହିତାଧିକାରୀମାନେ ଦୀର୍ଘ ଦିନ ହେବ ପାଉଣା ପାଇ ନାହାନ୍ତି। ଜିଓ ଟ୍ୟାଗ ନକରି ପଞ୍ଚାୟତ ନିର୍ବାହୀ ଅଧିକାରୀ ଗୁହାଳ ନିର୍ମାଣ ପାଇଁ ବାଧ କରି ପ୍ରାପ୍ୟ ଦେଉ ନ ଥିବାରୁ ହିତାଧିକାରୀମାନେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଫଳରେ ଧାର କରଜ କରି ଗୁହାଳ ନିର୍ମାଣ କାମ ସାରିଥିବା ବଚନ ପିଙ୍ଗ, ସଞ୍ଜିତ କିଷାନ, ଫୁଲଗୁଲି ବୁଢ଼ା, ବିରଞ୍ଚି ମେହେର, ଶିବ ବୁଡା ଓ କିଶୋର ଦେହୁରୀ ଏବେ ଚିନ୍ତାରେ ପଡିଛନ୍ତି। ପୁନଶ୍ଚ ଏହି ଯୋଜନାର ତାଲିକାରେ ଥିବା ଅନ୍ୟ ହିତାଧିକାରୀ ଏହି କାରଣରୁ ଗୁହାଳ ନିର୍ମାଣ ପାଇଁ ଇଚ୍ଛା ପ୍ରକାଶ କରୁନାହାନ୍ତି। ଏ ସମ୍ପର୍କରେ ବକ୍ସମା ପଞ୍ଚାୟତ ପିଇଓ ବର୍ଷାରାଣୀ ବିଶ୍ୱାଳଙ୍କୁ ପଚାରିବାରେ ଏହି ଯୋଜନାର ଏପର୍ଯ୍ୟନ୍ତ ଅର୍ଥ ଆସି ନାହିଁ। ବ୍ଲକ କର୍ତ୍ତୃପକ୍ଷଙ୍କ ଚାପ ଯୋଗୁ ଗୁହାଳ ଘର ନିର୍ମାଣ କରାଇଥିବା କହିଛନ୍ତି। ବିଡିଓ ଜୟନ୍ତ ସାହୁଙ୍କୁ ଯୋଗାଯୋଗ କରିବାରେ ଏମ୍‌ଜିଏନ୍‌ଆରଇଜିଏସ୍ ଟଙ୍କା ଆସିଲେ ସେମାନଙ୍କର ପ୍ରାପ୍ୟ ପଇଠ କରାଯିବ ବୋଲି କହିଛନ୍ତି।

# ଗଞ୍ଜେଇ ସହ କାର ଜବତ, ଜଣେ ଗିରଫ



ଜବତ ଗଞ୍ଜେଇ ଓ କାର ସହିତ ଗିରଫ ଅଭିଯୁକ୍ତ।

ସମ୍ବଲପୁର,୩।୨ (ପ୍ରମୋଦ ବହିଦାର)

**ବୌଦ୍ଧରୁ ବାହାର ରାଜ୍ୟକୁ ଚାଲାଣ ହେଉଥିଲା**

ସମ୍ବଲପୁର ଜିଲା ରେଢ଼ାଖୋଲ ଅବକାରୀ ବିଭାଗ ପକ୍ଷରୁ ମଙ୍ଗଳବାର ଚଢ଼ାଉ କରାଯାଇ ଚୋରା ଚାଲାଣ ହେଉଥିବା ୨୨ କେଜି ଗଞ୍ଜେଇ ଜବତ କରିଛି। ଏଥିରେ ସମ୍ପୃକ୍ତ ଅଭିଯୁକ୍ତଙ୍କୁ ଗିରଫ କରାଯାଇଛି। ଗିରଫ ଅଭିଯୁକ୍ତ ବୌଦ୍ଧର ରାଜେଶ ମନ୍ତ୍ରୀ। ତାଙ୍କ ନିକଟରୁ ଗଞ୍ଜେଇ ସହିତ ଏକ କାରକୁ ଜବତ କରିଛି ଅବକାରୀ ବିବାଗ। ବୌଦ୍ଧ-କନ୍ଧମାଳ ଅଞ୍ଚଳରୁ ରେଢ଼ାଖୋଲ ଦେଇ ବାହାର ରାଜ୍ୟକୁ ଗଞ୍ଜେଇ ଚାଲାଣ ହେଉଥିବା ନେଇ ଅବକାରୀ ଇନ୍ସପେକ୍ଟର ଦୁର୍ବାଦଳ ବିଶ୍ୱାଳଙ୍କୁ ବିଶ୍ୱସ୍ତ ସୂତ୍ରରୁ ସୂଚନା ମିଳିଥିଲା। ଇନ୍ସପେକ୍ଟର ବିଶ୍ୱାଳଙ୍କ ନେତୃତ୍ୱର ଅବକାରୀ ଟିମ୍ ରାଞ୍ଚି-ବିଜୟୱାଡ଼ା ଜାତୀୟ ରାଜପଥର ପୁରୁଣାଗଡ଼ ଛକ ନିକଟରେ ଛକି ରହିଥିଲା। ଏହି ସମୟରେ ବୌଦ୍ଧ ପଟୁ ଦ୍ରୁତଗତିରେ ଅସୁଥିବା ଏକ କାର(ନଂ.ଓଡି-୦୨-ବିଇ-୬୩୧୦)କୁ ଅବକାରୀ କର୍ମଚାରୀମାନେ ଅଟକାଇ ଯାଞ୍ଚ କରିଥିଲେ। ଯାଞ୍ଚବେଳେ କାରରୁ ଏକ ଧଳା ଜରିବସ୍ତାରେ ରଖାଯାଇଥିବା ଗଞ୍ଜେଇ ଜବତ କରାଯାଇଥିଲା।

# ଟ୍ରକ୍ ଧକ୍କାରେ ଜଣେ ମୃତ, ରାସ୍ତାରୋକୋ

କେସିଙ୍ଗା,୩।୨ (ତୁମେଶ୍ୱର ସାହୁ)

କଳାହାଣ୍ଡି ଜିଲା କେସିଙ୍ଗା ବ୍ଲକ୍ ଅଞ୍ଚଳରେ ମଙ୍ଗଳବାର ଏକ ଟ୍ରକ୍ ଧକ୍କାରେ ଜଣଙ୍କର ମୃତ୍ୟୁ ଘଟିଛି। ସେ ହେଲେ ଉକ୍ଲେଲା ପଞ୍ଚାୟତ ମାଟିଆ ଗ୍ରାମର ପୁଷ୍ପା ବାଗ (୪୫)। ଦୁର୍ଘଟଣା ପରେ କ୍ଷତିପୂରଣ ଦାବିକରି ଲୋକେ ରାସ୍ତାରୋକୋ କରିଥିଲେ। ସୂଚନା ଅନୁସାରେ ଜମି କିଣାବିକା କାମ ପାଇଁ ପୂର୍ବାହ୍ନରେ ପୁଷ୍ପା ସମେତ ଅନ୍ୟ କେତେଜଣ କେସିଙ୍ଗା ତହସିଲ କାର୍ଯ୍ୟାଳୟକୁ ଯାଇଥିଲେ। ହେଲେ ସ୍ଲଟ୍ ବୁକିଂ ହୋଇ ନ ପାରିବାରୁ ଜମି ରେଜିଷ୍ଟ୍ରେଶନ ହୋଇପାରି ନ ଥିଲା। ଫଳରେ ପୁଷ୍ପା ଓ ଅନ୍ୟ ୨ଜଣ ଏକ ସ୍କୁଟିରେ ଘରକୁ ଫେରୁଥିଲେ। ହେଲେ ୨୬ନଂ. ଜାତୀୟ ରାଜପଥର ତିନିକୋଣିଆ ଛକରେ କେସିଙ୍ଗା ପଟୁ ଭବାନୀପାଟଣା ଯାଉଥିବା ଏକ ଟ୍ରକ୍ ପଛପଟୁ ଧକ୍କାଦେଇଥିଲା। ଫଳରେ ଘଟଣାସ୍ଥଳରେ ପୁଷ୍ପାଙ୍କ ମୃତ୍ୟୁ ଘଟିଥିଲା। ସ୍କୁଟିରେ ଥିବା ସେବତୀ ଓ ଅନ୍ୟଜଣେ ଗୁରୁତର ହୋଇ କେସିଙ୍ଗା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଚିକିତ୍ସିତ ହେଉଛନ୍ତି। ଖବର ପାଇ ପରିବାର ଲୋକେ କ୍ଷତିପୂରଣ ଦାବିରେ ମୃତଦେହ ରଖି ରାଜପଥ ଅବରୋଧ କରିଥିଲେ। ଏଥିଯୋଗୁ ରାସ୍ତାର ଉଭୟ ପାର୍ଶ୍ୱରେ ଯାନବାହନ ଅଟକି ରହିଥିଲା। ଏହି ଖବର ପାଇ କେସିଙ୍ଗା ପୋଲିସ ଓ ତହସିଲଦାର ପ୍ରଶାନ୍ତି ପ୍ରଧାନ ପ୍ରମୁଖ ପହଞ୍ଚି ଆନ୍ଦୋଳନକାରୀଙ୍କୁ ବୁଝାଶୁଝା କରିଥିଲେ। ହେଲେ ସେମାନେ ଜିଦ୍‌ରେ ଅଟଳ ରହିଥିଲେ। ଏ ସଂକ୍ରାନ୍ତରେ ତହସିଲଦାର ପ୍ରଧାନଙ୍କୁ ପଚାରିବାରୁ ରେଡ୍‌କ୍ରସ୍ ପାଣ୍ଠିରୁ ମୃତକଙ୍କ ପରିବାରକୁ ସହାୟତା ଦିଆଯିବ ବୋଲି ପ୍ରକାଶ କରିଥିଲେ।



ମୃତଦେହ ରଖି ରାସ୍ତା ଅବରୋଧ କରାଯାଇଛି।

# ଝାରସୁଗୁଡ଼ାକୁ ହରାଇଲା ରାଉରକେଲା




ଅତିଥିଙ୍କସହ ବିଜୟୀ ଦଳର ଖେଳାଳିମାନେ।

କୁଚିଣ୍ଡା,୩।୨ (ବିରଞ୍ଚି ଦର୍ଜୀ)

**କୁଚିଣ୍ଡା ଭିଜନ କପ କ୍ରିକେଟ ଟୁର୍ନାମେଣ୍ଟ**

ସମ୍ବଲପୁର ଜିଲା କୁଚିଣ୍ଡା ମୁକୁନ୍ଦି ଷ୍ଟାଡିୟମଠାରେ କୁଚିଣ୍ଡା ଭିଜନ କପ କ୍ରିକେଟ ଟୁର୍ନାମେଣ୍ଟ ମଙ୍ଗଳବାର ଦ୍ୱିତୀୟ ଦିବସର ଖେଳ ରାଉରକେଲା ୟୁଥ କ୍ରିକେଟ ଆସୋସିଏଶନ ଓ ଝାରସୁଗୁଡ଼ା ଫ୍ରଣ୍ଟଫୁଟ କ୍ରିକେଟ ଏକଡେମୀ ମଧ୍ୟରେ ହୋଇଥିଲା। ଝାରସୁଗୁଡ଼ା ଦଳ ଟସ୍ ଜିତି ବୋଲିଂ ନିଷ୍ପତ୍ତି ନେଇଥିଲ। ରାଉରକେଲା ଦଳ ବ୍ୟାଟିଂ କରି ନିର୍ଦ୍ଧାରିତ ୨୫ ଓଭରରେ ୬ ଉଇକେଟ ବିନିମୟରେ ୨୧୫ ରନ କରିଥିଲେ। ଦଳର ବିଷ୍ଣୁ କମଲ ବେହୁରୀ ୬୯, ସୁମିତ ଶର୍ମା ୬୦, କୌସ୍ତିକ ମହାନ୍ତି ୪୪ ରନ କରିଥିଲେ। ଝାରସୁଗୁଡାର ଅମନ ମିଶ୍ର ୪ଟି ଉଇକେଟ ହାସଲ କରିଥିଲେ। ୨୧୬ ରନର ଟାର୍ଗେଟ ଲକ୍ଷ୍ୟରେ ଝାରସୁଗୁଡ଼ା ଦଳ ୨୦.୪ ଓଭରରେ ମାତ୍ର ୮୭ ରନରେ ଅଲ୍‌ଆଉଟ ହୋଇଯାଇଥିଲା। ଫଳରେ ରାଉରକେଲା ୟୁଥ କ୍ରିକେଟ ଆସୋସିଏଶନ ୧୨୮ ରନରେ ବିଜୟ ଲାଭ କରିଥିଲା। ଖେଳକୁ ଓସିଏ ଅମ୍ପାୟାର ମହମ୍ମଦ ଇସାକ ଓ ସଞ୍ଜୟ ନାୟକ ପରିଚାଳନା କରିଥିଲେ।

ପୂର୍ବତନ ବିଧାୟକ କିଶୋର ଚନ୍ଦ୍ର ନାଏକ, ଦୁର୍ଗା ମନ୍ଦିର ଟ୍ରଷ୍ଟ ସଭାପତି ଆଇନଜୀବୀ ପ୍ରମୋଦ ଛୁରିଆ, ଏକାଡେମୀ କମ୍ପ୍ୟୁଟର ଏଜୁକେଶନ ପରିଚାଳକ ରାଜେଶ ଶର୍ମା ଅତିଥିଭାବେ ଯୋଗଦେଇ ଖେଳର ଶୁଭାରମ୍ଭ କରିଥିଲେ। ମ୍ୟାଚ ସମାପନ ପରେ ବାମରା ବନ୍ୟପ୍ରାଣୀ ରେଞ୍ଜର ରେଞ୍ଜର ଦୀପକ ମହାନନ୍ଦ ଏବଂ ଶ୍ରୀକ୍ରିଷ୍ଣା ହୋଣ୍ଡା ଶୋରୁମ ପରିଚାଳକ ବିନୟ ଅଗ୍ରୱାଲ ଯୋଗଦେଇ ରାଉରକେଲା ଦଳର ଅମନ ମିଶ୍ରଙ୍କୁ ମ୍ୟାନ ଅଫ ଦି ମ୍ୟାଚ ଟ୍ରଫି ପ୍ରଦାନ କରିଥିଲେ। କୁଚିଣ୍ଡା ଭିଜନ କପ କ୍ରିକେଟ ଟୁର୍ନାମେଣ୍ଟ ସଭାପତି ନଳିନୀକାନ୍ତ ମହାନ୍ତି, ଉପସଭାପତି ଅମିତ ମିଶ୍ର, ସାଧାରଣ ସମ୍ପାଦକ ଉଦିତ ରଞ୍ଜନ ଦଶଭାୟା, କୋଷାଧକ୍ଷ ପିଙ୍କୁ ପାଣି, ମହେଶ ରାୟ, ହିମାଂଶୁ ପଟ୍ଟନାୟକ, ଭକ୍ତ ଜେନା, ଦିବ୍ୟପ୍ରକାଶ ମହାପାତ୍ର, ଯତୀନ ପଟେଲ, ରାଧେଶ୍ୟାମ କଉଡ଼ି ଟୁର୍ନାମେଣ୍ଟ ପରିଚାଳନା କରିଥିଲେ।

**GOVERNMENT OF ODISHA** No.O-2156
**OFFICE OF THE SUPERINTENDING ENGINEER, RURAL WORKS DIVISION, JAJPUR**
Letter No.682/ Date 02.02.2026
**1st Corrigendum** to Bid Identification No. Tender Online **17 JJPT** of 2025-26 invited this office **Letter No.310, Dtd.15.01.2026.**
**The change as detailed below are hereby made in the above N.I.T.**
**1. Corrigendum to Change Date & Time.**

| Procurement Officer | Bid Identification No. | Availability of Tender On-line for bidding | | | | Last date & time of seeking tender clarification | | Date & Time of opening of Technical Bid | |
|---|---|---|---|---|---|---|---|---|---|
| | | From | | To | | | | | |
| 1 | 2 | 3 | 4 | 5 | 6 | 7 | 8 | 9 | 10 |
| | | As earlier | Modified | As earlier | Modified | As earlier | Modified | As earlier | Modified |
| Superintending Engineer, Rural Works Division, Jajpur | Tender Online 17 JJPT of 2025-26 | 27.01.2026 at 10.00 AM | 03.02.2026 at 10.00 AM | 06.02.2026 upto 05.00 PM | 09.02.2026 upto 05.00 PM | 05.02.2026 upto 5.00 PM | 07.02.2026 upto 5.00 PM | 07.02.2026 at 11.30 AM | 10.02.2026 at 11.30 AM |

**Note:- If situation arises the transparent lottery will be held on 12.02.2026, At 11.30 AM.**
OIPR- **Sd./- Superintending Engineer, R.W.Division, Jajpur**

**GOVERNMENT OF ODISHA**
**OFFICE OF THE EXECUTIVE ENGINEER**
**RURAL WORKS DIVISION-II, SUNDARGARH**
E-Mail : rw_rourkela@yahoo.co.in
**No.25001/16/2526** **TENDER CALL NOTICE**
**BID IDENTIFICATION NO. ONLINE-EERKL-28 of 2025-26**
1. Name of the work : Road Work, 2. Total No. of work : 01 (One) No., 3. Estimated Cost : Rs.63.38 Lakhs, 4. Class of Contractor : 'B' Class, 5. Period of Completion : 01 (One) Calendar month, 6. Type of Tender : Double Cover, 7. Other details :

| Procurement Officer | Bid Identification No. | Availability of Tender on-line for bidding | |
|---|---|---|---|
| | | From | To |
| 1 | 2 | 3 | 4 |
| **Executive Engineer, Rural Works Division-II, Sundargarh** | **Online - EERKL-28 of 2025-26** | **02.02.2026 from 10.00 AM** | **10.02.2026 upto 4.00 PM** |

Further details can be seen from the website : www.tendersorissa.gov.in.
**Sd./- Executive Engineer**
**RW Division-II, Sundargarh**
**OIPR-25001/25193/1/25-26/0016**

**GOVERNMENT OF ODISHA** **No.25001/16/2526**
**OFFICE OF THE CHIEF CONSTRUCTION ENGINEER**
**RURAL WORKS CIRCLE, ANGUL**
E-Mail : sencrwangul@yahoo.co.in, Ph. : 06764-236404
**SHORT TENDER CALL NOTICE FOR AMP ROAD WORKS IN ODISHA**
**Bid Identification No. AMP Road Online AGL-34/2025-26**
**No. 457//** **Dt. 30.1.2026//**
1. Name of the work : AMP Road works, 2. Total No. of work : 02 Nos., 3. Estimated cost : Rs.126.36 to Rs.149.98 Lakhs (Approx.), 4. Class of Contractor : As per annexure, 5. Period of completion : As per annexure, 6. Other details :

| Procurement Officer | Bid Identification No. | Availability of Tender on-line for bidding | | Last Date & Time of seeking tender clarification | Date & Time of opening of Tender | |
|---|---|---|---|---|---|---|
| | | From | To | | Technical Bid | Financial Bid |
| 1 | 2 | 3 | 4 | 5 | 6 | 7 |
| Chief Construction Engineer, Rural Works Circle, Angul | AMP Road Online - AGL-35/25-26 | 04.02.2026 at 10.00 A.M. | 10.02.2026 up to 5.00 P.M. | 09.02.2026 up to 1.00 P.M. | 10.02.2026 at 5.30 P.M | Will be intimated separately |

For detailed Notice inviting Tenders, Please visit to the website www.tendersorissa.gov.in
**Sd./- Chief Construction Engineer,**
**Rural Works Circle, Angul**
**OIPR-25001/25180/1/25-26/0016**

**ଓଡ଼ିଶା ରାଜ୍ୟ ଗୃହ ନିର୍ମାଣ ସଂସ୍ଥା**
ସଚିବାଳୟ ମାର୍ଗ, ଭୁବନେଶ୍ୱର-୭୫୧୦୦୧,
ଫୋନ୍- (୦୬୭୪) ୨୩୯୩୫୨୪
ଇପିବିଏକ୍ସ: (୦୬୭୪) ୨୩୯୧୫୪୨, ୨୩୯୦୧୪୧
ଫାକ୍ସ:(୦୬୭୪) ୨୩୯୩୯୫୨, ୱେବ୍‌ସାଇଟ୍ www.oshb.org
ପତ୍ରସଂଖ୍ୟା ୨୦ **ବିଜ୍ଞାପନ** ତା.୧୫.୦୧.୨୬

**No.CAD**:ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି କି ଘର ନଂ.ଏଏମ୍-୪୨-(AM-42), ବାସନ୍ତୀ ହାଉସିଂ ସ୍କିମ୍, ଫେଜ୍-୧, ରାଉରକେଲା ଗୃହ ନିର୍ମାଣ ପ୍ରକଳ୍ପରେ (୧) ଶ୍ରୀ ବିମଳ କୁମାର ଦାସ, ପିତା-ସ୍ୱ ବ୍ରଜ ବଲ୍ଲଭ ଦାସ, (୨) ଶ୍ରୀମତୀ ମାନସୀ ମହାନ୍ତି, ସ୍ୱାମୀ-ଶ୍ରୀ ପଞ୍ଚାନନ ମହାନ୍ତି, (୩) ଶ୍ରୀ ବିନୟ କୁମାର ଦାସ, ପିତା-ସ୍ୱ ବ୍ରଜ ବଲ୍ଲଭ ଦାସ, ସା-କେଏ-୩୯, ଶକ୍ତିନଗର, ପୋ-ଜଗଦା, ଥାନା-ରାଉରକେଲା-୧୪, ଜିଲ୍ଲା-ସୁନ୍ଦରଗଡ଼ଙ୍କୁ ଆବଣ୍ଟନ କରାଯାଇଥିଲା । ବର୍ତ୍ତମାନ ଆବଣ୍ଟନଗ୍ରହୀତା (୧) ଶ୍ରୀ ବିମଳ କୁମାର ଦାସ, (୨) ଶ୍ରୀମତୀ ମାନସୀ ମହାନ୍ତି, (୩) ଶ୍ରୀ ବିନୟ କୁମାର ଦାସ ଉକ୍ତ ଗୃହଟିକୁ ତୃତୀୟ ପକ୍ଷ ଅନ୍ତରୀଣ ଆଧାରରେ ଶ୍ରୀ ଅଜୟ କୁମାର ଅଗରୱାଲ, ପିତା-କହ୍ନେୟାଲାଲ ଅଗରୱାଲ, ସା/ପୋ- କନିନା ଖାସ୍, ଜିଲ୍ଲା- ମହେନ୍ଦ୍ରଗଡ଼ (ହରିୟାଣା)ଙ୍କ ନାମରେ ମାଲିକାନା ପରିବର୍ତ୍ତନ କରିବା ପାଇଁ ଏହି କର୍ତ୍ତୃପକ୍ଷଙ୍କୁ ଅନୁରୋଧ କରିଅଛନ୍ତି ।
ଉକ୍ତ ପ୍ରକଳ୍ପ ଗୃହର ମାଲିକାନା ପରିବର୍ତ୍ତନ ସମ୍ବନ୍ଧରେ ଯଦି କାହାର କିଛି ଦାବି/ଆପତ୍ତି ଥାଏ, ତାହେଲେ ଏହି ନୋଟିସ୍ ପ୍ରକାଶନର ପନ୍ଦର ଦିନ ମଧ୍ୟରେ ଉପଯୁକ୍ତ ପ୍ରମାଣ ସହ ନିମ୍ନ ସ୍ୱାକ୍ଷରକାରୀଙ୍କୁ ଲିଖିତ ଭାବେ ଜଣାଇବେ । ତତ୍‌ପରେ ଏ ସମ୍ବନ୍ଧରେ କୌଣସି ଆପତ୍ତି ଅଭିଯୋଗ ଶୁଣାଯିବ ନାହିଁ ଏବଂ ଗୃହଟିର ମାଲିକାନା ପରିବର୍ତ୍ତନ ଆଇନ ଅନୁଯାୟୀ କରାଯାଇପାରେ ।
ସ୍ୱା./- ପ୍ରଶାସନିକ ଅଧିକାରୀ
OIPR- ଓଡ଼ିଶା ରାଜ୍ୟ ଗୃହ ନିର୍ମାଣ ସଂସ୍ଥା


**GOVERNMENT OF ODISHA**
**OFFICE OF THE SUPERINTENDING ENGINEER**
**RURAL WATER SUPPLY & SANITATION, BHUBANESWAR**
E-Mail: eebbsrrwss@gmail.com
**REQUEST FOR PROPOSAL (RFP)**
**BID No.05/2025-26**
No.25001/16/2526:Superintending Engineer, RWS&S Division, Bhubaneswar on behalf of the Governor of Odisha invites Request For Proposal (RFP) in sealed covers for Engagement of **2 Nos. of Attendant, 6 Nos. of Sweeper, 1 No. Gardener & 6 Nos. of Security Guard** through manpower service provider on outsourcing basis under the jurisdiction of RWS&S Division, Bhubaneswar from registered and established private manpower service provider under EPF & ESI Act.

| | | |
|---|---|---|
| 1 | Nature of Assignment | **Request for proposal (RFP) For Hiring of Agency for Engagement of 2 Nos. of Attendant, 6 Nos. of Sweeper, 1 No. Gardener & 6 Nos. of Security Guard through manpower service provider on outsourcing basis under the jurisdiction of RWS&S Division, Bhubaneswar.** |
| 2 | No. of Item | 01 (One) |
| 3 | Period of Contract | 12 (Twelve) Months |
| 4 | Availability of RFP | **04.02.2026 to 11.02.2026 upto 03.00 PM** |
| 5 | Last date & time for submission of RFP | 11.02.2026 upto 03.00 PM |
| 6 | Last date & time for seeking clarification | 09.02.2026 upto 5.00 PM |
| 7 | Bid Security (E.M.D.) | Rs.30,000.00 |
| 8 | Cost of Bid Document | Rs.6,000.00 |
| 9 | Mode of submission of RFP | Online through e-procurement portal only in website www.tendersorissa.gov.in |
| 10 | Date & Time of opening of RFP | Dt.12.02.2026 at 11.30 A.M. in Office of the Superintending Engineer, RWS&S Division, Bhubaneswar |

Further details can be seen from the website https://www.tendersorissa.gov.in.
**Superintending Engineer,**
**OIPR-25001/25011/1/25-26/0016** **RWS&S Division, Bhubaneswar**

## ସଂକ୍ଷେପରେ

### ଆଜିଠାରୁ ଖଡ଼ିଆଳ ମହୋତ୍ସବ



**ଖଡ଼ିଆଳ,୩।୨ (ସୁଜିତ କୁମାର ପ୍ରଧାନ):** କଳା, ସଂସ୍କୃତି, ଐତିହ୍ୟ ଉଜ୍ଜୀବିତ ରଖିବା ଉଦ୍ଦେଶ୍ୟରେ ବୁଧବାରଠାରୁ ଆରମ୍ଭ ହେବ ଖଡ଼ିଆଳ ମହୋତ୍ସବ। ଖଡ଼ିଆଳ ସହରର ରାଜା ଏଟି ହାଇସ୍କୁଲ ପଡିଆରେ ୫ଦିନ ଧରି ମହୋତ୍ସବ ଅନୁଷ୍ଠିତ ହେବ। ଏଥିରେ ସ୍ଥାନୀୟ କଳାକାରଙ୍କ ସମେତ ରାଜ୍ୟ ଓ ରାଜ୍ୟ ବାହାରର ଲୋକକଳା ଦଳ ଅଂଶଗ୍ରହଣ କରିବେ। ୮ତାରିଖରେ ଷ୍ଟାର ନାଇଟରେ ବଲିଉଡ ଗାୟିକା ପଦ୍ମଶ୍ରୀ କୈଳାଶ ଖେର, ୬ରେ ଓଲିଉଡ ଗାୟିକା ଇରା ମହାନ୍ତି ସେମାନଙ୍କ କଳା ପରିବେଷଣ କରିବେ। ମହୋତ୍ସବ ପାଇଁ ସବୁପ୍ରକାର ସୁବିଧା ସାଙ୍ଗକୁ ବିଭିନ୍ନ ବିଭାଗ ଉପରେ ଗୁରୁତ୍ୱ ଦିଆଯାଇଥିବା ମହୋତ୍ସବ କମିଟି ସଭାପତି ତଥା ଖଡ଼ିଆଳ ବିଧାୟକ ଅଧିରାଜ ମୋହନ ପାଣିଗ୍ରାହୀ ଓ ସମ୍ପାଦକ ପୃଥ୍ୱିରାଜ ମହାନ୍ତି ସୂଚନା ଦେଇଛନ୍ତି।

### ସାମାଜିକ ଦାୟିତ୍ୱବୋଧ: ଛାତ୍ରୀଙ୍କୁ ସାଇକେଲ ବଣ୍ଟନ

**ଥୁଆମୂଳ ରାମପୁର,୩।୨ (ଦୁର୍ଗା କୀର୍ତ୍ତି):** କଳାହାଣ୍ଡି ଜିଲା ଥୁଆମୂଳ ରାମପୁରସ୍ଥିତ ଭାରତୀୟ ଷ୍ଟେଟ ବ୍ୟାଙ୍କ ଶାଖା ପକ୍ଷରୁ କର୍ପୋରେଟ ସାମାଜିକ ଦାୟିତ୍ୱବୋଧ(ସିଏସ୍ଆର୍) କାର୍ଯ୍ୟକ୍ରମ ଅଧୀନରେ ବ୍ଲକ୍‌ର ବିଭିନ୍ନ ବିଦ୍ୟାଳୟର ଛାତ୍ରୀମାନଙ୍କୁ ସାଇକେଲ ବଣ୍ଟନ କରାଯାଇଛି। ସୋମବାର ବ୍ୟାଙ୍କ ପରିସରରେ ଆୟୋଜିତ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ବ୍ଲକ୍‌ର ୫ ହାଇସ୍କୁଲର ୧୦ ଛାତ୍ରୀଙ୍କୁ ସାଇକେଲ ପ୍ରଦାନ କରାଯାଇଛି। କାର୍ଯ୍ୟକ୍ରମରେ ବିଡିଓ ଧ୍ରୁବଚରଣ ମୁଦୁଲି ମୁଖ୍ୟ ଅତିଥି ଭାବେ ଯୋଗଦେଇ ଶିକ୍ଷା କ୍ଷେତ୍ରରେ ଦୂରତା ଯେପରି ବାଧକ ନ ସାଜିବ, ସେଥିପାଇଁ ବ୍ୟାଙ୍କର ଏହି ପ୍ରୟାସ ପ୍ରଶଂସନୀୟ ବୋଲି ମତବ୍ୟକ୍ତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ମିଶନ ଶକ୍ତି ବିପିସି ପ୍ରତାପ ନାଏକ, ସ୍ଥାନୀୟ ଏସ୍‌ବିଆଇ ଶାଖା ପରିଚାଳକ ଜୟକୃଷ୍ଣ ମେହେର, କ୍ଷେତ୍ର ଅଧିକାରୀ ଶମ୍ଭୁନାଥ ସ୍ୱାଇଁ ପ୍ରମୁଖ ଉପସ୍ଥିତ ଥିଲେ।

### ପବ୍ଲିକ ସ୍କୁଲର ବାର୍ଷିକ ଉତ୍ସବ

**ଖଡ଼ିଆଳ,୩।୨ (ସୁଜିତ କୁମାର ପ୍ରଧାନ):** ନୂଆପଡ଼ା ଜିଲା ଖଡ଼ିଆଳ ଓମ୍ ସାଇ ପବ୍ଲିକ ସ୍କୁଲର ୧୪ ତମ ବାର୍ଷିକ ଉତ୍ସବ 'ଉଡାନ' ସ୍କୁଲ ନିର୍ଦ୍ଦେଶକ ଅନୀଲ ମେହେରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ପୂର୍ବତନ ଅଧକ୍ଷ ଡ. ଫଣିନ୍ଦ୍ରମ ସିଂଦେଓ ମୁଖ୍ୟ ଅତିଥି, ମେଜର ଡ. ରାମଚନ୍ଦ୍ର ମିଶ୍ର ମୁଖ୍ୟବକ୍ତା ଓ ସାମାଜିକ କର୍ମୀ ବିନୋଦ ବିହାରୀ ପାଢ଼ୀ, ସ୍କୁଲ ଅଧକ୍ଷ ସେବଲନ ସେନାପତି, ଟ୍ରଷ୍ଟ ସଭାପତି ପୁଷ୍ପାଞ୍ଜଳି ମେହେର, ସଦସ୍ୟ ଜେମା ମେହେର ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ମଞ୍ଚ ପରିଚାଳନା କରିଥିଲେ ମନୀଷା ମୁଣ୍ଡ ଓ ଗାୟତ୍ରୀ ବାରିକ। ସ୍କୁଲ ଉପାଧକ୍ଷ କ୍ଷୀରୋଦ ବିଶି ଧନ୍ୟବାଦ ଅର୍ପଣ କରିଥିଲେ। ବିଭିନ୍ନ ପ୍ରତିଯୋଗିତାରେ କୃତୀ ଛାତ୍ରଛାତ୍ରୀଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ। ପରେ ଛାତ୍ରୀଛାତ୍ରଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ରିତା ଟେଣ୍ଡକାରୀ, ପଦ୍ମିନୀ ବେହେରା, ସସ୍ମିତା ଦଣ୍ଡସେନା, ଖଇରଭା ବଘେଲ, ଶ୍ରୀକାନ୍ତ ରଣା ସମେତ ସମସ୍ତ ଶିକ୍ଷକ, ଶିକ୍ଷୟିତ୍ରୀ ଓ କର୍ମଚାରୀ ସହଯୋଗ କରିଥିଲେ।

# ମଣ୍ଡିରେ ହନ୍ତସନ୍ତ ଚାଷୀ, ଉତ୍ସବରେ ମାତିଛନ୍ତି ନେତା

**ଭବାନୀପାଟଣା, ୩।୨ (ଉତ୍ତମ କୁମାର ଦାଶ)**



ଜିଲାପାଳଙ୍କ ଅଫିସ ଆଗରେ ଅନୁଷ୍ଠିତ ସମାବେଶରେ ଦଳୀୟ ନେତୃବୃନ୍ଦ।

- ବିକ୍ଷୋଭ ସମାବେଶରେ ଗର୍ଜିଲା ବିଜେଡି
- ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ଜିଲାପାଳଙ୍କୁ ଦାବିପତ୍ର

ରାଜ୍ୟରେ ଚାଷୀ ସମସ୍ୟା ଓ ବିପର୍ଯ୍ୟସ୍ତ ଆଇନଶୃଙ୍ଖଳା ସ୍ଥିତିକୁ ନେଇ ରାଜ୍ୟବ୍ୟାପୀ ଆନ୍ଦୋଳନ ନିଷ୍ପତ୍ତି ନେଇଛି ବିଜେଡି। ଏହି ପରିପ୍ରେକ୍ଷୀରେ ମଙ୍ଗଳବାର କଳାହାଣ୍ଡି ଜିଲା ବିଜେଡି ସଭାପତି ତଥା ଲାଞ୍ଜିଗଡ଼ ବିଧାୟକ ପ୍ରଦୀପ କୁମାର ଦିଶାରୀଙ୍କ ନେତୃତ୍ୱରେ ଭବାନୀପାଟଣାସ୍ଥିତ ଜିଲାପାଳଙ୍କ କାର୍ଯ୍ୟାଳୟ ନିକଟରେ ଦଳ ପକ୍ଷରୁ ବିକ୍ଷୋଭ ସମାବେଶ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଦଳୀୟ ନେତା ଓ ଚାଷୀ ଯୋଗଦେଇ ଭାଜପା ସରକାର ବିରୋଧରେ ବର୍ଷିଛନ୍ତି। ଧାନ ଉତ୍ପାଦନ ପରେ କିଣା ପ୍ରକ୍ରିୟା ଠିକ୍ ଭାବେ ହୋଇପାରୁନାହିଁ। ଏବେବି ହଜାର ହଜାର କୁଇଣ୍ଟାଲ ଧାନ ମଣ୍ଡିରେ ପଡ଼ିରହିଛି। ଭାଜପା ସରକାର କେବଳ ପ୍ରଚାର ସର୍ବସ୍ୱ। ଚାଷୀଙ୍କୁ ଧାନ କୁଇଣ୍ଟାଲ ପିଛା ୩୧୦୦ ଟଙ୍କା ଓ ପରେ ୬୯ ଟଙ୍କା ମିଶାଇ ଦେବାକୁ ଘୋଷଣାକରି ଏବେ ପଛଘୁଞ୍ଚା ଦେଉଛନ୍ତି ବୋଲି ବିଜେଡି ନେତା କହିଛନ୍ତି। ଶୀତ କାକରରେ ପଡିରହି ଚାଷୀମାନେ ହନ୍ତସନ୍ତ ହେଉଥିବାବେଳେ ରାଜ୍ୟ ସରକାରଙ୍କ ମନ୍ତ୍ରୀମାନେ ମେଳା, ଉତ୍ସବରେ ମାତିଛନ୍ତି। ରାଜ୍ୟର ଚାଷୀ, ମହିଳା, ସାଧାରଣ ଲୋକଙ୍କ ଅଧିକାର ପାଇଁ ବିଜୁ ଜନତା ଦଳ ସବୁବେଳେ ରହିଥିଲା, ଆଗକୁ ରହିବ ବୋଲି ଜିଲା ସଭାପତି ଦିଶାରୀ କହିଛନ୍ତି। ରାଜ୍ୟରେ ମହିଳାଙ୍କ ଉପରେ ଅତ୍ୟାଚାର ବୃଦ୍ଧି, ସାମ୍ପ୍ରଦାୟିକ ଭେଦଭାବ ଓ ଆଇନଶୃଙ୍ଖଳା ବିଗିଡ଼ିଯାଇଥିବା ଅଭିଯୋଗ ଆଣିଛି ବିଜେଡି। ଏହାକୁ ନେଇ ଜିଲାପାଳଙ୍କ କାର୍ଯ୍ୟାଳୟ ଘେରାଉ କରାଯାଇଥିଲା। ସେଠାରେ ଅନୁଷ୍ଠିତ ପ୍ରତିବାଦ ସଭାରେ ନେତୃବୃନ୍ଦ ଯୋଗଦେଇ ରାଜ୍ୟ ସରକାରଙ୍କ ବିରୋଧରେ ବିଷୋଦ୍‌ଗାର କରିଥିଲେ। ଅପରାହ୍ନରେ ବିଜେଡି ନେତା ଓ କର୍ମୀ ଜିଲାପାଳଙ୍କ କାର୍ଯ୍ୟାଳୟକୁ ଦାବିପତ୍ର ଦେବାକୁ ଯାଇଥିବାବେଳେ ସେମାନଙ୍କୁ ପୋଲିସ ଅଟକାଇଥିଲା। ତେବେ ଜିଲାପାଳ ଆସିବାରେ ବିଳମ୍ବ ହେବାରୁ ତାଙ୍କ ପ୍ରତିନିଧି ଭାବେ ଭବାନୀପାଟଣା ଉପଜିଲାପାଳ ପ୍ରଭାତ ପରିଡ଼ାଙ୍କୁ ଆଲୋଚନା ପାଇଁ ପଠାଇଥିଲେ। କିନ୍ତୁ ନେତୃବୃନ୍ଦ ଜିଲାପାଳ ନିଜେ ଆସି ଦାବିପତ୍ର ଗ୍ରହଣ କରିବାକୁ ଜିଦ୍ ଧରିଥିଲେ। ଦୀର୍ଘସମୟ ଧରି ଜିଲାପାଳ ନ ଆସିବାରୁ ଶତାଧିକ ନେତା ଓ କର୍ମୀ କାର୍ଯ୍ୟାଳୟ ଭିତରକୁ ଧସେଇ ପଶିଥିଲେ। ପରେ ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ଜିଲାପାଳ ସଚିନ ପାୱାର ପ୍ରକାଶଙ୍କୁ ଦାବିପତ୍ର ପ୍ରଦାନ କରିଥିଲେ। ବିଜେଡି ଜିଲା ସଭାପତି ତଥା ଲାଞ୍ଜିଗଡ଼ ବିଧାୟକ ଦିଶାରୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବିକ୍ଷୋଭ ସମାବେଶରେ ଜୁନାଗଡ଼ ବିଧାୟକ ଦିବ୍ୟଶଙ୍କର ମିଶ୍ର, ନର୍ଲା ବିଧାୟିକା ମନୋରମା ମହାନ୍ତି, ପୂର୍ବତନ ବିଧାୟକ ପୁଷ୍ପେନ୍ଦ୍ର ସିଂଦେଓ, ଗୋବର୍ଦ୍ଧନ ଦାଶ, ମହୌଷଧି ବାଗ, ପୂର୍ବତନ ସଦର ବିଧାୟକ ଦୁଷ୍ମନ୍ତ ନାଏକ, ଜିଲା ପରିଷଦ ଉପାଧକ୍ଷା ସୁଧୀରା ମେହେର, ସମବାୟ ବ୍ୟାଙ୍କ ସଭାପତି ଗିରୀଶ ଚନ୍ଦ୍ର ବେହେରା, ନଗରପାଳ ବିଷ୍ଣୁ ପ୍ରଧାନ, ମହିଳା ସଭାନେତ୍ରୀ ଲଳିତା ନାଏକ, କଲ୍ୟାଣୀ ନାଏକ, ଯୁବ ବିଜେଡି ସଭାପତି ଆଦିତ୍ୟ ନନ୍ଦ, ରାଜ୍ୟ ଯୁବ ଉପସଭାପତି ମଣ୍ଟୁ ନାଏକ, ରାଜ୍ୟ ଯୁବ ଉପସଭାପତି ମନୀନ୍ଦ୍ର ମହାନ୍ତି, ପୂର୍ବତନ ନଗରପାଳ ସଂଯୁକ୍ତା ବେହେରା ପ୍ରମୁଖ ଉପସ୍ଥିତ ଥିଲେ। ଛାତ୍ରନେତା ଅବିନାଶ ଠାକୁର ସ୍ୱାଗତ ଅଭିଭାଷଣ ଦେଇଥିବାବେଳେ ବରିଷ୍ଠ ନେତା ଭବାନୀ ଶଙ୍କର ମିଶ୍ର ସଭା ପରିଚାଳନା କରିଥିଲେ।

# ହାତୀ ମୃତ୍ୟୁ ଘଟଣାରେ ଆଉ ୪ ଗିରଫ

**ବାଲିଗୁଡ଼ା,୩।୩(ସଞ୍ଜୟ କୁମାର ପାଣିଗ୍ରାହୀ):** କନ୍ଧମାଳ ଜିଲା ବାଲିଗୁଡ଼ା ବନଖଣ୍ଡ ଅଧିନସ୍ଥ ବେଲଘର ବନାଞ୍ଚଳ ମୁଣ୍ଡୁଟି ଜଙ୍ଗଲରେ ହାତୀ ମୃତ୍ୟୁ ଘଟଣାରେ ମଙ୍ଗଳବାର ଆଉ ୪ ଜଣ ଶିକାରୀ ଗିରଫ ହୋଇଛନ୍ତି। ସେମାନେ ହେଲେ ସିକସନ ପାତ୍ର, ଥବିର ପାତ୍ର, ଅଲେଖ ନିଆଲ୍ ଓ ଦୁଷ୍ମନ୍ତ ପୋଡ଼ୋ। ଝିରିପାଣି ଓ କେସିଙ୍ଗା ଅଞ୍ଚଳର ଏହି ଶିକାରୀମାନଙ୍କୁ ବନ ବିଭାଗ ଘରୁ ଉଠାଇ ଆଣି ଗିରଫ କରିଛି। ସେମାନଙ୍କ ନିକଟରୁ ୩ଟି ଦେଶୀ ବନ୍ଧୁକ, ବର୍ଚ୍ଛା, ଧନୁ, ତୀର, ତାର ସମେତ ହରିଣ ଛାଲ, ଶମ୍ବର ସିଙ୍ଗ, ଦାନ୍ତ, ନଖ, ଚମଡ଼ା ଜବତ କରାଯାଇଛି। ଏଥିସହ ହାତୀ ମୃତଦେହ ବେଲଘର ଅଞ୍ଚଳରୁ ଆଣି କେସିଙ୍ଗା ନିକଟସ୍ଥ ତହଁସିର ଡ୍ୟାମ୍‌ରେ ପୋତିବା ପାଇଁ ବ୍ୟବହାର କରାଯାଇଥିବା ୨ଟି ୪୦୭ ଗାଡ଼ିକୁ ମଧ୍ୟ ଜବତ କରାଯାଇଛି। ଏ ନେଇ ନଂ. ୭୨/୨୬ ପ୍ରକାରେ ମକଦ୍ଦମା ରୁଜୁ ହୋଇଛି। ସୂଚନାଯୋଗ୍ୟ, ହାତୀ ମୃତ୍ୟୁ ଘଟଣାରେ ପ୍ରଥମେ ବେଲଘର ଡେପୁଟି ରେଞ୍ଜର ବିନୟ କୁମାର ବିଶିଙ୍କୁ ନିଲମ୍ବନ କରାଯିବା ପରେ ତାଙ୍କ ଡ୍ରାଇଭର ହୃଷିକେଶ ପଣ୍ଡାଙ୍କୁ ଗିରଫ କରି କୋର୍ଟ ଚାଲାଣ କରାଯାଇଥିଲା। ପରେ ତଦନ୍ତରେ ଅବହେଳା ଯୋଗୁ ଏସିଏଫ୍ ସୂର୍ଯ୍ୟକାନ୍ତ ବେହେରାଙ୍କୁ ନିଲମ୍ବନ କରିବା ସହ ଘଟଣାରେ ସଂପୃକ୍ତ ଜେସିବି ଡ୍ରାଇଭର ପ୍ରଶାନ୍ତ ସାହୁ ଓ ଝିରିପାଣି ଗ୍ରାମର ଶିକାରୀ ଜୟମଙ୍ଗଳ ପାତ୍ରଙ୍କୁ ବନ ବିଭାଗ ଗିରଫ କରିଥିଲା।

**୨ ଗାଡ଼ି ସହ ବିଭିନ୍ନ ମାରଣାସ୍ତ୍ର ଜବତ**

# ଜୁନାଗଡ଼ ମହୋତ୍ସବ ଉଦ୍‌ଘାଟିତ



କଳାହାଣ୍ଡି ମହାରାଜ ଓ ମହାରାଣୀ ଉତ୍ସବ ଉଦ୍‌ଘାଟନ କରୁଛନ୍ତି।

**ଜୁନାଗଡ଼,୩।୨ (ସୁନୀଲ କୁମାର ସିଂହ)**

କଳାହାଣ୍ଡି ଜିଲା ଜୁନାଗଡ଼ ହାଇସ୍କୁଲ ଖେଳପଡିଆଠାରେ ମଙ୍ଗଳବାର ଜୁନାଗଡ଼ ମହୋତ୍ସବ ୨୦୨୬ ଉଦ୍‌ଘାଟିତ ହୋଇଯାଇଛି। କଳାହାଣ୍ଡି ମହାରାଜା ଅନନ୍ତ ପ୍ରସାଦ ଦେଓ ଓ ମହାରାଣୀ ରିତୁଜା ଦେବୀ ଏହାକୁ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ପୂର୍ବାହ୍ନରେ ସ୍ଥାନୀୟ ମା' ଲଙ୍କେଶ୍ୱରୀ ମନ୍ଦିରରେ ପୂଜାର୍ଚ୍ଚନା ପରେ ସାପ୍ତାହିକ ବଜାରଠାରୁ ଏକ ମଶାଲ ଶୋଭାଯାତ୍ରା ଅନୁଷ୍ଠିତ ହୋଇଥିଲା। ସନ୍ଧ୍ୟାରେ ଅନୁଷ୍ଠିତ ସାଂସ୍କୃତିକ ସଭାରେ ମୁଖ୍ୟଅତିଥି ଭାବେ ମା' ମାଣିକେଶ୍ୱରୀ ବିଶ୍ୱବିଦ୍ୟାଳୟର ଭାରପ୍ରାପ୍ତ କୁଳପତି ଡ଼. ନିବେଦିତା ନାଥ, ମୁଖ୍ୟବକ୍ତା ଥୁଆମୂଳ ରାମପୁର ମା' ମାଣିକେଶ୍ୱରୀ ମହାବିଦ୍ୟାଳୟ ଅଧକ୍ଷ ସତ୍ୟ ନାରାୟଣ ମୁଣ୍ଡଛିନା, ସମ୍ମାନିତ ଅତିଥି ଜାରିଙ୍ଗ ନବମ ଆଇଆର୍‌ବି ବାଟାଲିଅନର ମହେନ୍ଦ୍ର ଭୋଇ, ଜୁନାଗଡ଼ ଏନ୍ଏସି ଅଧକ୍ଷା ହିମାଦ୍ରୀ ନାଏକ, ବ୍ଲକ ଅଧକ୍ଷା ସବିତା ମେହେର, ପୂର୍ବତନ ଜିଲା ପରିଷଦ ଉପାଧକ୍ଷ ଭବସିନ୍ଧୁ ମଙ୍ଗରାଜ ପ୍ରମୁଖ ଯୋଗଦେଇଥିଲେ। ବରିଷ୍ଠ ଖବରଦାତା ସନ୍ତୋଷ କୁମାର ସିଂହଦେଓ ଧନ୍ୟବାଦ ଅର୍ପଣ କରିଥିଲେ। ପରେ ବିଭିନ୍ନ ପ୍ରକାର ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏହାକୁ ବିନୟ ସାହୁ ଓ ଅନ୍ୟମାନେ ପରିଚାଳନା କରିଥିଲେ। ଆସନ୍ତା ୫ରେ ଉଦ୍‌ଯାପନୀ ସମାରୋହ ଅନୁଷ୍ଠିତ ହେବ।




ପାଟଯାତ୍ରାରେ ଯୋଗ ଦେଇଥିବା ଅତିଥି।

# ଟେମରା ପାତ୍ର, ମାଝୀ ପରିବାରର ପାଟଯାତ୍ରା

**କୋକସରା,୩।୨ (ଦୁଷ୍ମନ୍ତ କୁମାର ପାଟଯୋଷୀ)**

ଦୀର୍ଘ ୩୩ ବର୍ଷ ପରେ କୋକସରା ବ୍ଲକ ଟେମରା ଗ୍ରାମର ପାତ୍ର ଓ ମାଝୀ ପରିବାରର ପାଟଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଟେମରା ହଂସପଡାଠାରେ ଚାଲିଥିବା ଯାତ୍ରା ବୁଧବାର ଉଦ୍‌ଯାପିତ ହେବ। ସୋମବାର ଦେବୀଙ୍କୁ ଆମନ୍ତ୍ରଣ, ଅଧିବାସ ପୂଜା ହୋଇଥିବା ବେଳେ ମଙ୍ଗଳବାର କୁଳ ଦେବଦେବୀଙ୍କ ପୂଜାର୍ଚ୍ଚନା, ବନ୍ଧୁ ମିଳନ ଅନୁଷ୍ଠିତ ହୋଇଥିଲା। ଏଥିରେ ୪୩୨ ପରିବାର ସହିତ ବନ୍ଧୁବାନ୍ଧବ ସାମିଲ ହୋଇଥିଲେ। ପାଟ ଯାତ୍ରାର ମୁଖ୍ୟ ଦେବତା ଭୈରବ ଦେବ, ଦେବୀ ମାଳଛମା, ବସ୍ତୁରେନ ଓ ବୁଢ଼ାରଜା ଦେବଙ୍କ ପୂଜାର୍ଚ୍ଚନା କରାଯାଇଥିଲା। ମୁଖ୍ୟ ପୂଜକ ଚିତ୍ରସେନ ମାଝୀ, ଲମ୍ବୋଧର, ସୁଦାମ ମାଝୀ, ସିରା ସୁରେଶ ମାଝୀ ପ୍ରମୁଖ ପୂଜାକାର୍ଯ୍ୟ ସମ୍ପାଦନ କରିଥିଲେ। ଦ୍ୱିତୀୟ ଦିବସରେ କମିଟି ସଭାପତି ସୁଧୀର କୁମାର ପାତ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବନ୍ଧୁ ମିଳନ ସଭାରେ ମୁଖ୍ୟ ଅତିଥି ଭାବେ କଳାହାଣ୍ଡି ମହାରାଜା ଅନନ୍ତ ପ୍ରତାପ ଦେଓ, ମହାରାଣୀ ରୀତୁଜା କୁମାରୀ ଦେବୀ ଯୋଗ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ଧର୍ମଗଡ଼ ବିଧାୟକ ସୁଧୀର ରଞ୍ଜନ ପାଟଯୋଷୀ, କୈଳାସ ମାଝି, ନୀଳକଣ୍ଠ ମାଝି, ପଦ୍ମଲୋଚନ ଦଳପତି, ଘନଶ୍ୟାମ ନାଏକ, କ୍ଷୀରୋଦ ପୂଝାରୀ, ନବରଙ୍ଗପୁର ଜିଲା ଭତରା ସମାଜ ସଭାପତି ଜଗନ୍ନାଥ ମାଝି, ଅଶୋକ ଦାଶ ପ୍ରମୁଖ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମକୁ ତୋଫାନ ମାଝୀ ସମ୍ପାଦନ କରିଥିବା ବେଳେ ମଧୁବନ ପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ। ପାଟଯାତ୍ରା କମିଟି ସମ୍ପାଦକ ଲୋକନାଥ ପାତ୍ର, ସରପଞ୍ଚ କ୍ଷିତୀରାମ ପାତ୍ର, ଭଦ୍ରେଶ୍ୱର ପାତ୍ର, କମିଟି ସଦସ୍ୟ ଦୁଷ୍ମନ୍ତ କୁମାର ପାତ୍ର, କୁମୁଦ ଚନ୍ଦ୍ର ପାତ୍ର ପ୍ରମୁଖ ସହଯୋଗ କରିଥିଲେ।

## ଶିକ୍ଷକ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଉଦ୍‌ଘାଟିତ

**ଖଡ଼ିଆଳ,୩।୨ (ସୁଜିତ କୁମାର ପ୍ରଧାନ):** ନୂଆପଡ଼ା ଜିଲା ଖଡ଼ିଆଳ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ ସଭାଗୃହରେ ଖଡ଼ିଆଳ ବିଇଓ କାହ୍ନୁଚରଣ ନାଏକଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଓଡ଼ିଶା ପାଠ୍ୟକ୍ରମ ରୂପରେଖ ୨୦୨୫ ଓ ଜାତୀୟ ଶିକ୍ଷାନୀତି ୨୦୨୦ ଆଧାରିତ ନୂତନ ବିକଶିତ ପାଠ୍ୟ ପୁସ୍ତକ ଶିକ୍ଷଣ ପ୍ରଶିକ୍ଷଣ ତୃତୀୟ ପର୍ଯ୍ୟାୟ ଶିବିର ଉଦ୍‌ଘାଟିତ ହୋଇଯାଇଛି। ସିଆର୍‌ସିସି ଅରୁଣ କୁମାର ନାଗ ଓ ସିଲୁ ମହାନନ୍ଦ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଖଡ଼ିଆଳ ଏବିଇଓ ଜୟଦେବ ପଣ୍ଡା ମୁଖ୍ୟ ଅତିଥି, ଖବରଦାତା ପରମେଶ୍ୱର ବାରିକ ବିଶିଷ୍ଟ ଅତିଥି ଓ ବାପିନା ସାହୁ, ସିଆର୍‌ସିସି ବିଶ୍ୱାମିତ୍ର ବନ୍‌ଛୋର ସମ୍ମାନିତ ଅତିଥି ଭାବେ ଯୋଗଦେଇ ନୂତନ ପାଠ୍ୟକ୍ରମ ଉପରେ ଶିକ୍ଷକ ଶିକ୍ଷୟିତ୍ରୀଙ୍କୁ ଦିଗ୍‌ଦର୍ଶନ ଦେଇଥିଲେ। ଲକ୍ଷ୍ମୀନାରାୟଣ ସାହୁ, ମନୋରମା ରଥ, ପ୍ରଫୁଲ୍ଲ କୁମାର ବେହେରା ଓ ପ୍ରଦୀପ କୁମାର ରାଉତରାୟ ତାଲିମ ପ୍ରଦାନ କରୁଛନ୍ତି। ଆସନ୍ତା ୭ତାରିଖରେ ଶିବିର ଉଦ୍‌ଯାପିତ ହେବ।

# ମା' ଛାଞ୍ଚେଣ ରୂପେନଙ୍କ ଝାମୁଯାତ୍ରା ସମ୍ପନ୍ନ



କଣ୍ଟା ଦୋଳିରେ ଝୁଲୁଛନ୍ତି ଦେବୀଙ୍କ କାଳିସୀ।

**ଲାଞ୍ଜିଗଡ଼,୩।୨ (ରମେଶ ଚନ୍ଦ୍ର ନାୟକ)**

କଳାହାଣ୍ଡି ଜିଲା ଲାଞ୍ଜିଗଡ଼ ବ୍ଲକ ମସ୍କାପଦରଠାରେ ଗ୍ରାମର ଅଧିଷ୍ଠାତ୍ରୀ ଦେବୀ ମା' ଛାଞ୍ଚେଣ ରୂପେନଙ୍କ ଝାମୁଯାତ୍ରା ସମ୍ପନ୍ନ ହୋଇଯାଇଛି। ପରମ୍ପରା ଅନୁଯାୟୀ, ପୂଜକମାନେ ମାଘ ସପ୍ତମୀରେ ୭ଟି ନୂଆ ଚାଙ୍ଗୁଡ଼ିରେ ନଦୀରୁ ବାଲି ଆଣି ବିଭିନ୍ନ ପ୍ରକାର ଶସ୍ୟ ବିହନ ପକାଇବା ସହ ଝାମେରା କଣ୍ଟାରେ ଦୋଳି ତିଆରି କରିଥିଲେ। ଗଜା ହୋଇଥିବା ବିହନ ଓ କଣ୍ଟା ଦୋଳିକୁ ନବମୀ ପର୍ଯ୍ୟନ୍ତ ମନ୍ଦିରରେ ପୂଜାର୍ଚ୍ଚନା କରାଯାଇଥିଲା। ଏହି ଦିନ ମା' ଛାଞ୍ଚେନ ରୂପେଣ କଞ୍ଚା ମାଠିଆରେ ବସି ଭକ୍ତଙ୍କୁ ଦର୍ଶନ ଦେଇଥିଲେ। ସେହିଦିନ ଗ୍ରାମର ଜଣେ ବ୍ୟକ୍ତିଙ୍କ ଦେହରେ ଦେବୀ ଆବିର୍ଭାବ ହୋଇଥିଲେ। ଏହାପରେ ଦେବୀଙ୍କ କାଳିସୀ ମୁଖ୍ୟ ପୀଠସ୍ଥଳୀ ଛାଞ୍ଚେଣ ରୂପେନ ପାହାଡ଼କୁ ଯିବା ସହ ସେଠାରୁ ଶୋଭାଯାତ୍ରାରେ ଗ୍ରାମରେ ଥିବା ବାଲିଘରକୁ ଫେରିଥିଲେ। ପ୍ରଥମେ ଗାଁର ଗୌନ୍ତିଆ ମାଲି ମାଝୀ ଘରକୁ ଯାଇ ପାଦ ପୂଜା ପରେ ସେଠାରୁ ଝାମୁଯାତ୍ରା ପଡିଆକୁ ଫେରିଥିଲେ। ଫେରିବା ପରେ କଣ୍ଟା ଦୋଳିରେ ବସି ଭକ୍ତମାନଙ୍କ ବିଭିନ୍ନ ପ୍ରଶ୍ନର ଉତ୍ତର ଦେଇଥିଲେ। ଏହାପରେ ନିଆଁରେ ଦେବୀଙ୍କ କାଳିସୀ ଚାଲି ଶକ୍ତିର ପରିଚୟ ଦେଇଥିଲେ। ଛାଞ୍ଚେଣ ରୂପେନଙ୍କ ମୁଖ୍ୟ ପୂଜକ ଖୁଞ୍ଜା ଲୋହରା, ସୁଶାନ୍ତ ଲୋହରା ଓ ବାହୁକ ହରିଶଙ୍କର ପ୍ରଧାନୀ ସମେତ ମସ୍କାପଦର ଛାଞ୍ଚେନ ରୂପେନ ଯୁବକ ସଂଘ ସଭାପତି ଧାନ ମାଝୀ, ଉପ ସଭାପତି ଶୁଶାନ୍ତ ନାଏକ, ସମ୍ପାଦକ ରାଜେନ୍ଦ୍ର ନାଏକ, ସହ ସମ୍ପାଦକ ଜଗନ୍ନାଥ ପ୍ରଧାନୀ, ପୂଜା କମିଟି ସଭାପତି ନବୀନ ମାଝୀ ପ୍ରମୁଖ ବିଭିନ୍ନ ଦାୟିତ୍ୱ ତୁଲାଇଥିଲେ।

# ଜାତୀୟ ଜନଗଣନା ପାଇଁ ସମୀକ୍ଷା ଓ ତାଲିମ

**ନୂଆପଡ଼ା,୩।୨ (ମକାରୁ ବେମାଲ)**




ଜନଗଣନା ଉପରେ ସମୀକ୍ଷା ଓ ତାଲିମ ପ୍ରଦାନ କରାଯାଉଛି।

ନୂଆପଡ଼ା ଜିଲାରେ ଜାତୀୟ ଜନଗଣନା-୨୦୨୭ର ସଫଳ ରୂପାୟନ ପାଇଁ ଜନଗଣନା ନିର୍ଦ୍ଦେଶାଳୟ ଓଡିଶା ଓ ଜିଲା ପ୍ରଶାସନର ମିଳିତ ଉଦ୍ୟମରେ ମଙ୍ଗଳବାର ଜିଲାପାଳଙ୍କ ସମ୍ମିଳନୀ କକ୍ଷରେ ଏକ ସମୀକ୍ଷା ଓ ତାଲିମ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଜିଲାପାଳ ମଧୁସୂଦନ ଦାଶଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ଜନଗଣନା ନିର୍ଦ୍ଦେଶାଳୟ ଓଡିଶା ଯୁଗ୍ମ ନିର୍ଦ୍ଦେଶକ ଡ. ଅଭୟ ନାରାୟଣ ନାୟକ ସମ୍ପୃକ୍ତ ଅଧିକାରୀମାନଙ୍କୁ ତାଲିମ ପ୍ରଦାନ କରିଥିଲେ। ଏହା ଦୁଇଟି ପର୍ଯ୍ୟାୟରେ ସମ୍ପନ୍ନ ହେବ। ପ୍ରଥମ ପର୍ଯ୍ୟାୟରେ ଗୃହ ତାଲିକା ଓ ଗୃହ ଗଣନା ୨୦୨୬ ଏପ୍ରିଲ ୧୬ରୁ ମେ ୧୫ ପର୍ଯ୍ୟନ୍ତ ହେବ। ଏହା ପୂର୍ବରୁ ଏପ୍ରିଲ ୧ରୁ ୧୫ ମଧ୍ୟରେ ଜନସାଧାରଣଙ୍କ ପାଇଁ ସ୍ୱ-ଗଣନା ସୁବିଧା ଉପଲବ୍ଧ ରହିବ, ଯାହା ମାଧ୍ୟମରେ ନାଗରିକ ନିଜେ ତଥ୍ୟ ଅନ୍‌ଲାଇନ ଜରିଆରେ ପ୍ରଦାନ କରିପାରିବେ। ଦ୍ୱିତୀୟ ପର୍ଯ୍ୟାୟରେ ଜନସଂଖ୍ୟା ଗଣନା ୨୦୨୭ ଫେବୃଆରୀ ୯ରୁ ୨୮ ପର୍ଯ୍ୟନ୍ତ ହେବ। ଜନଗଣନା ପ୍ରଥମଥର ପାଇଁ ସମ୍ପୂର୍ଣ୍ଣ ଡିଜିଟାଲ ପ୍ରଣାଳୀରେ କରାଯିବ ଓ ମୋବାଇଲ ଆପ ମାଧ୍ୟମରେ ଗଣନାକାରୀ ଘର ଘର ଯାଇ ତଥ୍ୟ ସଂଗ୍ରହ କରିବେ। ଜିଲା ଭାରପ୍ରାପ୍ତ ପରିସଂଖ୍ୟାନ ଅଧିକାରୀ ସୁଧାଂଶୁ ପାଠକ ତାଲିମ ପ୍ରଦାନରେ ସହଯୋଗ କରିଥିଲେ। ଏହି କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲାପାଳ ସୁବାସ ଚନ୍ଦ୍ର ରଇତ, ଉପଜିଲାପାଳ ସୁର୍ମି ସୋରେନ, ସମସ୍ତ ତହସିଲଦାର, ୩ ଏନ୍ଏସି ନିର୍ବାହୀ ଅଧିକାରୀ, ଡେପୁଟି କଲେକ୍ଟର ବିଜୟ କୁମାର ଛତ୍ରିଆ, ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ବିଦ୍ୟାପତି ପଣ୍ଡା ଉପସ୍ଥିତ ଥିଲେ। ଏହି ଅବସରରେ ଗଣନାକାରୀ ଓ ସୁପରଭାଇଜରଙ୍କୁ ଜନସାଧାରଣ ଠିକ ଓ ସଂପୂର୍ଣ୍ଣ ତଥ୍ୟ ପ୍ରଦାନ କରିବାକୁ ଜିଲଶପାଳ ଅନୁରୋଧ କରିଥିଲେ।

# ଜିଲା ସାମ୍ବାଦିକ ସଂଘର ସାଧାରଣ ବୈଠକ

**ନୂଆପଡ଼ା,୩।୨ (ମକାରୁ ବେମାଲ)**




ବୈଠକରେ ଉପସ୍ଥିତ ଖବରଦାତା।

ନୂଆପଡ଼ା ଜିଲା ଖରିଆର ରୋଡ୍ ଯୋଙ୍କ ନଦୀ ନିକଟ ଶାନ୍ତି ଉଦ୍ୟାନଠାରେ ମଙ୍ଗଳବାର ଜିଲା ସାମ୍ବାଦିକ ସଂଘର ସାଧାରଣ ବୈଠକ ଅନୁଷ୍ଠିତ ହୋଇଯାଇଛି। ସଂଘ ସଭାପତି ସୁରେଶ ଆଚାରୀଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସଭାରେ ସମ୍ପାଦକ ଦେବାନନ୍ଦ ତାଣ୍ଡି ସଂଘର ପୂର୍ବ କାର୍ଯ୍ୟକଳାପ ଓ ଆଗାମୀ ଦିନରେ କ'ଣ ସବୁ କାର୍ଯ୍ୟକ୍ରମ ହେବ ସେ ଉପରେ ପ୍ରସ୍ତାବ ଉପସ୍ଥାପନ କରିଥିଲେ। ବିଶେଷ କରି ଆଗାମୀ ଏପ୍ରିଲ ମାସରେ ରାଜ୍ୟସ୍ତରୀୟ ସଭା ଅନୁଷ୍ଠିତ ହେବାର ସ୍ଥିରୀକୃତ ହୋଇଥିବା ବେଳେ ଜୁନରୁ ଜୁଲାଇ ଭିତରେ ନୂତନ କାର୍ଯ୍ୟକାରୀଣି କମିଟି ଗଠନ ପାଇଁ ଆଲୋଚନା ହୋଇଥିଲା। ଏହାସହ ଜିଲା ମୁଖ୍ୟାଳୟରେ ସଂଘର ନୂତନ କୋଠା ନିର୍ମାଣ ପାଇଁ ଆଲୋଚନା ହୋଇଥିଲା। ପ୍ରତି ୩ମାସରେ ସାମାଜିକ ସଚେତନତା କାର୍ଯ୍ୟ ସ୍ୱାସ୍ଥ୍ୟ ଶିବିର, ରକ୍ତଦାନ ଶିବିର ଆୟୋଜନ କରିବା ପାଇଁ ନିଷ୍ପତ୍ତି ନିଆଯାଇଛି। ଏହି ଅବସରରେ ରାଜ୍ୟ କାର୍ଯ୍ୟକାରୀଣି ସଦସ୍ୟ ଓ କେନ୍ଦ୍ର ସଦସ୍ୟ ଦୀପକ ମିଶ୍ରଙ୍କ ସହ ମନୋଜ କୁମାର ସଗରିଆ ସାମ୍ବାଦିକ ସୁରକ୍ଷା ଉପରେ ପ୍ରଶାସନକୁ ଅବଗତ କରିବା ପାଇଁ ମତ ରଖିଥିଲେ। ବୈଠକରେ ସିନାପାଲି, ଖଡ଼ିଆଳ, ବୋଡ଼େନ ଓ ନୂଆପଡା ବ୍ଲକରୁ ପ୍ରାୟ ୫୦ରୁ ଉର୍ଦ୍ଧ୍ୱ ଖବରଦାତା ଯୋଗଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଲୋକନାଥ ମହାପାତ୍ର, ସୁରେନ୍ଦ୍ର ତିୱାରୀ, ଅମିତ ପୁରୋହିତ, ସତୀଶ ଯୋଶୀ, ହେରମ୍ବ ମେହେର, ରାଜ କିରଣ ସିଂ ଦେଓ, ମୋହନଲାଲ ଦୀପ, ସାମ୍ବ ସରାଫ ପ୍ରମୁଖ ଉପସ୍ଥିତ ଥିଲେ।

# ଜଳକଷ୍ଟ ଭୋଗିବା ଆଶଙ୍କାରେ ୭ ପଡ଼ାବାସୀ

**ଥୁଆମୂଳ ରାମପୁର, ୩।୨ (ଦୁର୍ଗା କୀର୍ତ୍ତି)**

**ପ୍ରକଳ୍ପ କାର୍ଯ୍ୟ ଅଧାପନ୍ତରିଆ**



ଓଭରହେଡ୍ ଟାଙ୍କି କାମ ଅଧାପନ୍ତରିଆ।

ରାଜ୍ୟ ସରକାରଙ୍କ 'ହର ଘର ଜଳ' ସ୍ଲୋଗାନ ଏବେ ଦୁର୍ଗମ ଅଞ୍ଚଳରେ ପ୍ରହସନ ପାଲଟିଛି। କଳାହାଣ୍ଡି ଜିଲ୍ଲା ଥୁଆମୂଳ ରାମପୁର ବ୍ଲକ ତଳଆମପଦର ପଞ୍ଚାୟତ ସ୍ଥିତ ଚୂଳବାଡ଼ି ଗ୍ରାମରେ କୋଟି କୋଟି ଟଙ୍କାର ଖଣି ସମ୍ପଦ ଥାଇ ମଧ୍ୟ ସ୍ଥାନୀୟ ଲୋକେ ମୁନ୍ଦାଏ ବିଶୁଦ୍ଧ ପାନୀୟ ଜଳ ପାଇଁ ହନ୍ତସନ୍ତ ହେଉଛନ୍ତି। ଥୁଆମୂଳ ରାମପୁର ବ୍ଲକ ତଳଆମପଦର ପଞ୍ଚାୟତ ଚୂଳବାଡ଼ି ଗ୍ରାମରେ 'ବସୁଧା' ଯୋଜନାରେ ନିର୍ମାଣ ହେଉଥିବା ପାନୀୟ ଜଳ ପ୍ରକଳ୍ପ ଅସମ୍ପୂର୍ଣ୍ଣ ହୋଇ ପଡ଼ିରହିଛି। ଗ୍ରାମ୍ୟ ଜଳ ଯୋଗାଣ ଓ ପରିମଳ ବିଭାଗ ଅଧୀନରେ ଥିବା ଏହି ପ୍ରକଳ୍ପର କାର୍ଯ୍ୟ ଶେଷ କରିବା ପାଇଁ ୧୬।୦୪।୨୦୨୪ରିଖ ଧାର୍ଯ୍ୟ କରାଯାଇଥିଲା। ଅବଧି ଶେଷ ପରେ ମଧ୍ୟ କାମ ଅଧାପନ୍ତରିଆ ରହିଛି। ଫଳରେ ଗ୍ରୀଷ୍ମ ଋତୁ ପାଖେଇ ଆସୁଥିବାରୁ ଚୂଳବାଡ଼ି, ସ୍କୁଲ ପଡ଼ା, ବସ୍ତି ପଡ଼ା, ସିମ୍ଲିକୋନ ପଡ଼ା, ଟାଣ୍ଡକାମୁଇ ପଡ଼ା, ଉପର ପଡ଼ା ଓ ଗେଦେଲ ଗୁଡ଼ା ପଡ଼ାର ଜନସାଧାରଣ ଜଳକଷ୍ଟ ଆଶଙ୍କା କରିଛନ୍ତି। ଏ ନେଇ ସ୍ଥାନୀୟ ସରପଞ୍ଚ ପ୍ରକାଶ ମାଝୀ ବିଭାଗୀୟ ଅଧିକାରୀ ଓ ବ୍ଲକ ପ୍ରଶାସନକୁ ବାରମ୍ବାର ଅବଗତ କରାଇଥିଲେ ମଧ୍ୟ କେହି ଶୁଣୁ ନ ଥିବା ଅଭିଯୋଗ କରିଛନ୍ତି। ପ୍ରକଳ୍ପ ବିଳମ୍ବ ସମ୍ପର୍କରେ ବିଭାଗୀୟ ଯନ୍ତ୍ରୀ ମନ୍ମଥ ମୁର୍ମୁଙ୍କୁ ପଚାରିବାରୁ ଆମେ ବିଭିନ୍ନ ସମୟରେ ସମୀକ୍ଷା ବୈଠକରେ ଠିକା ସଂସ୍ଥାକୁ ତାଗିଦ କରୁଛୁ। ଜିଲାପାଳ ମଧ୍ୟ କାର୍ଯ୍ୟ ଶୀଘ୍ର ସାରିବାକୁ ନିର୍ଦ୍ଦେଶ ଦେଇଛନ୍ତି। କିନ୍ତୁ କିଛିମାସ ତଳେ ପାଣ୍ଠି ନ ଥିବାରୁ ଠିକା ସଂସ୍ଥାକୁ ପେମେଣ୍ଟ ହୋଇପାରି ନ ଥିଲା। ଫଳରେ କାର୍ଯ୍ୟ ମନ୍ଥର ହୋଇଥିଲା। ଆମେ ଯତ୍ନବାନ ଅଛୁ ଏବଂ ଆସନ୍ତା ଏପ୍ରିଲ ସୁଦ୍ଧା କାମ ସମ୍ପୂର୍ଣ୍ଣ କରିବାକୁ ଚେଷ୍ଟା କରୁଛୁ ବୋଲି ସେ କହିଥିଲେ। ଅଧାପନ୍ତରିଆ ପ୍ରକଳ୍ପକୁ ତୁରନ୍ତ ଶେଷ କରି ଘରେ ଘରେ ପାଇପ ସଂଯୋଗ ଦେବାକୁ ଅଞ୍ଚଳବାସୀ ଦାବି କରିଛନ୍ତି।

# ଜିଲାପାଳଙ୍କ ରାଜନୈତିକ ବକ୍ତବ୍ୟକୁ ବିଜେଡିର ନିନ୍ଦା

**ସୋନପୁର,୩।୨(ମୃତ୍ୟୁଞ୍ଜୟ ଶତପଥୀ)**

ସୁବର୍ଣ୍ଣପୁର ସହରରେ ଆୟୋଜିତ ସୁଭଦ୍ରା ଶକ୍ତି ମେଳାରେ ଜିଲାପାଳ ଡ. ନୃପରାଜ ସାହୁଙ୍କ ରାଜନୈତିକ ଭାଷଣକୁ ନେଇ ଏବେ ରାଜ୍ୟ ବ୍ୟାପି ଚର୍ଚ୍ଚା। ଗତ ୧ ତାରିଖରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଉପସ୍ଥିତିରେ ଜିଲାପାଳ ସ୍ୱାଗତ ଭାଷଣ ପ୍ରଦାନ କରିବାକୁ ଯାଇ ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ତାଙ୍କ ନାମ ନନେଇ କଟାକ୍ଷ କରିଥିଲେ। ସାମାଜିକ ଗଣମାଧ୍ୟମରେ ଜିଲାପାଳଙ୍କ ଏହି ବକ୍ତବ୍ୟ ବେଶ ଭାଇରାଲ ହେଉଛି। ଜିଲାପାଳଙ୍କ ବକ୍ତବ୍ୟକୁ ନେଇ ଆକ୍ଷେପ ଓ ପ୍ରତି ଆକ୍ଷେପ ଲାଗିରହିଛି। ବିଜୁ ଜନତା ଦଳ ପକ୍ଷରୁ ଜିଲାପାଳଙ୍କ ବକ୍ତବ୍ୟକୁ ଦୃଢ ନିନ୍ଦା କରାଯାଇଛି।

ବକ୍ତବ୍ୟରେ ଜିଲାପାଳ ଡ. ସାହୁ କହିଥିଲେ, ସମୟ ଥିଲା। ଯେତେବେଳେ ଏ ସଂସ୍କୃତିରେ ବି ଶାସକ ଥିଲେ। ଯେତେବେଳେ ସେ ଟଚ୍ ମି ନଟ୍, ସ୍ପିକ୍ ମି ନଟ୍ ଓ ସି ମି ନଟ୍‌ରେ



ବିଜେଡି ନେତୃବୃନ୍ଦ ଖବରଦାତା ସମ୍ମିଳନୀରେ ପ୍ରତିକ୍ରିୟା ରଖୁଛନ୍ତି।

ବିଶ୍ୱାସ କରୁଥିଲେ। ଅର୍ଥାତ ମୋତେ ଦେଖିପାରିବ ନାହିଁ, ମୋତେ କଥା ହୋଇପାରିବ ନାହିଁ ଓ ମୋତେ ଛୁଇଁ ପାରିବନାହିଁ। ଆଜି ସେହି ପରମ୍ପରାକୁ, ସେଇ ସଂସ୍କୃତିକୁ ସମୂଳେ ଉତ୍ପାଟନ କରିବାରେ ସକ୍ଷମ ହୋଇଛନ୍ତି ବର୍ତ୍ତମାନର ସରକାର ବୋଲି କହି ଜିଲାପାଳ ରାଜ୍ୟ ସରକାର ଓ ମୁଖ୍ୟମନ୍ତ୍ରୀ ମାଝୀଙ୍କୁ ପ୍ରଶଂସାରେ ପୋତି ପକାଇଥିଲେ।

ମୁଖ୍ୟମନ୍ତ୍ରୀଙ୍କ ଉପସ୍ଥିତିରେ ପୂର୍ବତନ ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟଶୈଳୀକୁ କଟାକ୍ଷ କରିବା ନେଇ ସାଧାରଣରେ ନାନା ପ୍ରଶ୍ନ ଉଠୁଛି। ସୁବର୍ଣ୍ଣପୁର ଜିଲା ବିଜୁ ଜନତା ଦଳ ମଙ୍ଗଳବାର ପ୍ରତିକ୍ରିୟା ପ୍ରକାଶ କରିଛି। ମଙ୍ଗଳବାର ସୁବର୍ଣ୍ଣପୁରଠାରେ ଆୟୋଜିତ ଖବରଦାତା ସମ୍ମିଳନୀରେ ବିଜେଡି ଜିଲା ସଭାପତି ସରୋଜ କୁମାର କର୍ଣ୍ଣ କହିଥିଲେ, ଜିଲାପାଳ ଡ. ସାହୁ ପୂର୍ବତନ ମୁଖ୍ୟମନ୍ତ୍ରୀଙ୍କ ଅଧିନରେ ଦୀର୍ଘ ୨୪ ବର୍ଷ ଚାକିରି କରିଛନ୍ତି। ସେତେବେଳେ ସେ ବିରୋଧ କରି ନଥିଲେ। ଏବେ ଶାସକ ଦଳକୁ ଖୁସି କରିବା ପାଇଁ ଏଭଳି ମନ୍ତବ୍ୟ ଦେଇଛନ୍ତି। ଯାହା ଜଣେ ବରିଷ୍ଠ ଅଧିକାରୀଙ୍କ ନିକଟରୁ ଆଦୌ ଗ୍ରହଣୀୟ ନୁହେଁ। ଜିଲା ପରିଷଦ ଅଧ୍ୟକ୍ଷା ସୁପାର ଠେଲା କହିଥିଲେ, ଜିଲାପାଳ ଜିଲାର ବିକାଶକୁ ପ୍ରାଥମିକତା

### ମୁଖ୍ୟମନ୍ତ୍ରୀଙ୍କ ଉପସ୍ଥିତିରେ ପୂର୍ବତନ ମୁଖ୍ୟମନ୍ତ୍ରୀଙ୍କୁ କଟାକ୍ଷ

ଦେବା ବଦଳରେ ରାଜନୈତିକ ବୟାନ ଦେବା ନିନ୍ଦନୀୟ। ସେ ଏଥିରୁ କ୍ଷାନ୍ତ ରୁହନ୍ତୁ, ନଚେତ ଆନ୍ଦୋଳନ ହେବ ବୋଲି ଚେତାବନୀ ଦେଇଥିଲେ। ଏହି ସମ୍ମିଳନୀରେ ଜିଲା ପରିଷଦ ଉପାଧ୍ୟକ୍ଷ ଝସକେତନ ବଘାର, ବିନିକା ଏନ୍‌ଏସି ଅଧ୍ୟକ୍ଷ ସୁବାସ ଭୁଏ, ଜିଲା ପରିଷଦ ସଦସ୍ୟ ମଧୁସୂଦନ ଓତା, ବିଜେଡି ଜିଲା ଉପସଭାପତି କଇରୁ ସ୍ୱାଇଁ, ଯୁବ ବିଜେଡି ଜିଲା ସଭାପତି ଅଶୋକ କୁମାର ନନ୍ଦ ଓ ଟାଉନ ବିଜେଡି ସଭାପତି ଜନ୍ମେଜୟ ପାତ୍ର ଉପସ୍ଥିତ ଥିଲେ। ତେବେ ବକ୍ତବ୍ୟରେ କୌଣସି ରାଜନୈତିକ ଆକ୍ଷେପ ନ ଥିଲା, ମୁଖ୍ୟମନ୍ତ୍ରୀଙ୍କୁ ସ୍ୱାଗତ କରିବାକୁ ଯାଇ ତୁଳନାତ୍ମକ ଚିତ୍ର ଦେଇଥିଲି। ଏହାକୁ ଭିନ୍ନ ଅର୍ଥରେ ନ ନେବାକୁ ଜିଲାପାଳ ଡ. ସାହୁ ଅନୁରୋଧ କରିଛନ୍ତି।

## ଡୁଙ୍ଗୁରିପାଲି ଏଫ୍‌ସିଆଇ ପରିଦର୍ଶନ କଲେ ଜିଲାପାଳ, ଏସ୍‌ପି


ଅନୁଷ୍ଠିତ ବୈଠକରେ ଜିଲାପାଳ ଡ଼.ନୃପରାଜ ସାହୁ ଓ ଅନ୍ୟମାନେ।

**ଡୁଙ୍ଗୁରିପାଲି, ୩।୨(ଦୀନବନ୍ଧୁ ସୁନା)**

ସୁବର୍ଣ୍ଣପୁର ଜିଲା ଡୁଙ୍ଗୁରିପାଲିସ୍ଥିତ ଭାରତୀୟ ଖାଦ୍ୟ ନିଗମକୁ ମଙ୍ଗଳବାର ଜିଲାପାଳ ଡ଼ ନୃପରାଜ ସାହୁ, ଏସ୍‌ପି ନାରାୟଣ ନାଏକ ପରିଦର୍ଶନ କରିଥିଲେ। ଖାଦ୍ୟ ନିଗମ ଭିତରେ ଥିବା ଚାଉଳ ଗୋଦାମ ସବୁ ବୁଲି ଦେଖିଥିଲେ। ସେଠାରେ କ'ଣ ସବୁ ସମସ୍ୟା ରହି ବୋଲି ନିଗମ ମ୍ୟାନେଜର ସୁବୋଧ କୁମାର ନିରାଲାଙ୍କୁ ପଚାରିଥିଲେ। ପରେ ଖାଦ୍ୟ ନିଗମ ପରିସରରେ ଏକ ବୈଠକ ହୋଇଥିଲା। ଖାଦ୍ୟ ନିଗମ ମ୍ୟାନେଜର ସୁବୋଧ କୁମାର ନିରାଲା ଏଥିରେ ଅଧ୍ୟକ୍ଷତା କରିଥିଲେ। ଏଥିରେ ଜିଲାପାଳ ସାହୁ, ଏସ୍‌ପି ନାରାୟଣ ନାଏକ ଯୋଗ ଦେଇଥିଲେ। ବୈଠକକୁ ଜିଲା ମୁଖ୍ୟ ଯୋଗାଣ ଅଧିକାରୀ ନିରଦ ରଞ୍ଜନ ଦାସ ପରିଚାଳନା କରିଥିଲେ। ଏଥିରେ ଖାଦ୍ୟ ନିଗମ ଅଧିନରେ ଥିବ ବିଭିନ୍ନ ରାଇସ ମିଲର ମାଲିକମାନେ ଉପସ୍ଥିତ ରହି ନିଜ ସମସ୍ୟା ଜିଲାପାଳଙ୍କୁ ଜଣାଇଥିଲେ। ମ୍ୟାନେଜର ସୁବୋଧ କୁମାର ନିରାଲା ଖାଦ୍ୟ ନିଗମ ଭିତରେ ଥିବା ବିଭିନ୍ନ ସମସ୍ୟା ସମ୍ପର୍କରେ ଜିଲାପାଳଙ୍କୁ ଅବଗତ କରିଥିଲେ। ଥାନା ଅଧିକାରୀ ରୋଜାଲିନ ପଟେଲ, ବ୍ଲକ ଯୋଗାଣ ନିରୀକ୍ଷକ ସୂର୍ଯ୍ୟକାନ୍ତ ପରିଡା, ଟ୍ରକ ମାଲିକ ସଂଘର ରଥ କୁମ୍ଭାର, ମୃତ୍ୟୁଞ୍ଜୟ ମିଶ୍ର, ବିଭୂତି ଭୂଷଣ ରାୟ, ବୁନୁ ସ୍ୱାଇଁ, ବୁଲୁ ପଣ୍ଡା, ସୁମନ ଦଣ୍ଡସେନା, ମନୋଜ କୁମାର ରାୟ, ଦେବେନ୍ଦ୍ର ନାଏକ, ମିଲର୍ସ ବଜରଙ୍ଗ ଅଗ୍ରୱାଲ, ସୀତାରାମ ମେହେର, ମନୋଜ କୁମାର ପଧାନ ଓ ନିଗମର ଅଧିକାରୀ ମାନେ ପ୍ରମୁଖ ଉପସ୍ଥିତ ଥିଲେ।

## ସଂକ୍ଷେପରେ

### ବୃଦ୍ଧଙ୍କ ଝୁଲନ୍ତା ମୃତଦେହ ଜବତ

**ଘଣ୍ଟାପଡ଼ା,୩।୨(ପ୍ରଭାତ କୁମାର ସାହୁ)**

ବୌଦ୍ଧ ଜିଲା ଘଣ୍ଟାପଡ଼ା ଥାନା ଖୁଣ୍ଟିଗୋରା ପଞ୍ଚାୟତର ବଡ଼କଲରାକୋଠା ଗ୍ରାମ ନିକଟସ୍ଥ ଖେଳପଡ଼ିଆ ପାଖରେ ଥିବା ଏକ ଗଛରୁ ଜଣେ ବୃଦ୍ଧଙ୍କ ଝୁଲନ୍ତା ମୃତଦେହକୁ ପୋଲିସ ଜବତ କରିଛି। ମୃତକ ହେଲେ ବିଭୀଷଣ କାଲସେ(୭୦)। ମୃତଦେହ ବ୍ୟବଚ୍ଛେଦ ପାଇଁ ମନମୁଣ୍ଡା ସ୍ୱାସ୍ଥ୍ୟକେନ୍ଦ୍ରକୁ ସନ୍ଧ୍ୟାରେ ପଠାଯାଇଛି। ରିପୋର୍ଟ ଆସିବା ପରେ ପ୍ରକୃତ ଘଟଣା ଜଣାପଡିବ ବୋଲି ତଦନ୍ତକାରୀ ଅଧିକାରୀ ଏଏସ୍‌ଆଇ ଗୋବିନ୍ଦ ମଲିକ ସୂଚନା ଦେଇଛନ୍ତି। ସୂଚନା ଅନୁସାରେ, ସୋମବାର ସନ୍ଧ୍ୟାରେ ଗ୍ରାମର କିଛି ଲୋକ ଝୁଲନ୍ତା ମୃତଦେହ ଦେଖି ଘଣ୍ଟାପଡ଼ା ପୋଲିସକୁ ଖବର ଦେଇଥିଲେ। ପୋଲିସ ଘଟଣାସ୍ଥଳରେ ପହଞ୍ଚି ରାତି ହୋଇଥିବାରୁ ଅଧିକ ତଦନ୍ତ କରି ନ ପାରି ମଙ୍ଗଳବାର ତଦନ୍ତ ଆରମ୍ଭ କରିଥିଲା।

### ଗଞ୍ଜେଇ ସହ ୨ ବାଇକ୍ ଜବତ, ଅଭିଯୁକ୍ତ ଗିରଫ

**ଘଣ୍ଟାପଡ଼ା,୩।୨(ପ୍ରଭାତ କୁମାର ସାହୁ)**

ବୌଦ୍ଧ ଜିଲା କଣ୍ଟାମାଳ ଥାନା ପକ୍ଷରୁ ଲମ୍ବସରୀ ପଞ୍ଚାୟତ ଅନ୍ତର୍ଗତ ସାନଝାରମୁଣ୍ଡା ଗ୍ରାମ ନିକଟ ଜଙ୍ଗଲରେ ଚଢ଼ାଉ କରି ୮୬ କେଜି ଗଞ୍ଜେଇ ସହ ୨ ବାଇକ୍ ଜବତ କରାଯାଇଛି। ଏହି ଘଟଣାରେ ପୋଲିସ ଜଣଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତ ହେଲେ ଗୁହିରାପାଲି ଗ୍ରାମର ଗଜେନ୍ଦ୍ର କର୍ମୀ(୩୨)। ତାଙ୍କୁ ମଙ୍ଗଳବାର କୋର୍ଟଚାଲାଣ କରାଯାଇଥିବା କଣ୍ଟାମାଳ ଥାନାଧିକାରୀ ବାସୁଦେବ ଭୋଇ ସୂଚନା ଦେଇଛନ୍ତି। ସୂଚନା ଅନୁସାରେ, ଲମ୍ବସରୀ ପଞ୍ଚାୟତର ସାନଝାରମୁଣ୍ଡା ଗ୍ରାମ ଜଙ୍ଗଲରେ ବାଇକ୍‌ରେ ଗଞ୍ଜେଇ ଚାଲାଣ ହେଉଥିବା ବେଳେ ଥାନାଧିକାରୀ ଭୋଇଙ୍କ ନେତୃତ୍ୱରେ ଏକ ଟିମ୍ ଚଢ଼ାଉ କରିଥିଲା।

## ସୁନ୍ଦରଗଡ଼କୁ ହରାଇ ଝାରସୁଗୁଡ଼ା ଚାମ୍ପିୟନ



ଅତିଥିଙ୍କ ସହ ଚାମ୍ପିୟନ ଦଳର ଖେଳାଳିମାନେ।

**ତରଭା, ୩।୨(ମାନଭଞ୍ଜନ ମିଶ୍ର)**

### ରାଜ୍ୟସ୍ତରୀୟ ଗୋପବନ୍ଧୁ ସ୍ମାରକୀ ମହିଳା ଫୁଟବଲ

ସୁବର୍ଣ୍ଣପୁର ଜିଲା ତରଭା ହାଇସ୍କୁଲ ଖେଳ ପଡ଼ିଆରେ ଚାଲିଥିବା ରାଜ୍ୟସ୍ତରୀୟ ପଞ୍ଚମ ଗୋପବନ୍ଧୁ ମେମୋରିଆଲ ମହିଳା ଫୁଟବଲ ଟୁର୍ଣ୍ଣାମେଣ୍ଟ ସୋମବାର ଉଦ୍‌ଯାପିତ ହୋଇଯାଇଛି। ପ୍ରଥମ ମ୍ୟାଚ ଝାରସୁଗୁଡା ମହିଳା ଫୁଟବଲ ଦଳ ଓ ଛତିଶଗଡ ମହିଳା ଫୁଟବଲ ଦଳ ମଧ୍ୟରେ ହୋଇଥିଲା। ଝାରସୁଗୁଡା ଏଞ୍ଜେଲ ଏକାଡେମୀ ଦଳ ୫–୧ ଗୋଲରେ ଛତିଶଗଡ ଏଫସିକୁ ପରାସ୍ତ କରି ଫାଇନାଲରେ ପ୍ରବେଶ କରିଥିଲା। ଦ୍ୱିତୀୟ ମ୍ୟାଚ ସୁନ୍ଦରଗଡ଼ ଜେଏମ ଏସଏଫସି ଓ ସମ୍ବଲପୁର ଏୟୁଏସ କ୍ଲବ ମଧ୍ୟରେ ହୋଇଥିଲା। ସୁନ୍ଦରଗଡ଼ ଦଳ ୧–୦ ଗୋଲରେ ସମ୍ବଲପୁରକୁ ପରାସ୍ତ କରି ଫାଇନାଲରେ ପ୍ରବେଶ କରିଥିଲେ। ଫାଇନାଲ ମ୍ୟାଚ ଝାରସୁଗୁଡା ଏଞ୍ଜେଲ ଏକାଡେମୀ ଓ ସୁନ୍ଦରଗଡ଼ ଜେଏମ୍‌ଏସଏଫସି ମଧ୍ୟରେ ହୋଇଥିଲା। ୧–୧ ଗୋଲରେ ଖେଳ ଅମୀମାଂସିତ ରହିବାରୁ ପେନାଲଟି ସୁଟ୍‌ଆଉଟରେ ଝାରସୁଗୁଡା ଦଳ ୫–୪ ଗୋଲରେ ସୁନ୍ଦରଗଡ଼ ଦଳକୁ ପରାସ୍ତ କରି ଚାମ୍ପିୟନ ହୋଇଥିଲା। ଜନାର୍ଦ୍ଦନ ଥନାପତିଙ୍କ ଅଧ୍ୟକ୍ଷତାରେ ତରଭା ଏନଏସି ଅଧ୍ୟାକ୍ଷା ବନ୍ଦିତା ନାଏକ ମୁଖ୍ୟ ଅତିଥି, କାର୍ଯ୍ୟନିର୍ବାହୀ ଅଧିକାରୀ ଲକ୍ଷ୍ମୀକାନ୍ତ ମଲ୍ଲିକ,, ସଂଶିତ ସାହୁ, ଅବିତ ସାହୁ, ୱାର୍ଡସଭ୍ୟା ସୁଜାତା ରଥ, ଯମୁନା ସେଠ, ନଳିନୀ ନାଏକ, ନମିତା ମହାନ୍ତି ସମ୍ମାନିତ ଅତିଥଭାବେ ମଞ୍ଚାସୀନ ଥିଲେ। ଦ୍ୱିତୀୟ ମ୍ୟାଚରେ ମୁଖ୍ୟ ଅତିଥି ଭାବେ ପୂର୍ବତନ କାଉନସିଲର ପ୍ରଦୀପ ମହାଣା, ସମ୍ମାନିତ ଅତିଥି ଦୁର୍ଯ୍ୟୋଧନ ରାଉତ, ରତନ ଲଲ ଅଗ୍ରୱାଲ, ଏଏସଆଇ ସୁଧୀର ଜେନା, ସୂର୍ଯ୍ୟ ନାରାୟଣ ସାହୁ, ମହେନ୍ଦ୍ର ନାଏକ, ସୁବାଷ ସେଠୀ, ସନ୍ତୋଷ ମେହେର ମଞ୍ଚାସୀନ ଥିଲେ। ଉଦଯାପନୀ ଉତ୍ସବରେ ମୁଖ୍ୟ ଅତିଥିଭାବେ ବ୍ଲକ ଅଧ୍ୟକ୍ଷ ସରୋଜ କର୍ଣ୍ଣ, ସମ୍ମାନିତ ଅତିଥି ଉପାଧ୍ୟକ୍ଷ ଗଗନ ଅଗ୍ରୱାଲ, ପୂର୍ଣ୍ଣଚନ୍ଦ୍ର ବିଶାଳ, ଦୁର୍ଗା ପ୍ରସାଦ ଷଡଙ୍ଗୀ, ଆକାଶ ସାହୁ , ଦଶରଥ ସାହୁ ଯୋଗଦେଇ ବିଜେତା ଦଳ ଝାରସୁଗୁଡାକୁ ଟ୍ରଫି ସହ ୫ ହଜାର ଟଙ୍କା ଓ ଉପ ବିଜେତା ସୁନ୍ଦରଗଡ ଦଳକୁ ଟ୍ରଫି ସହ ୩ ହଜାର ଟଙ୍କା ଅତିଥିମାନେ ପ୍ରଦାନ କରିଥିଲେ। ବେଷ୍ଟ ଗୋଲ କିପର ସୁନ୍ଦରଗଡ ଦଳର ରଞ୍ଜିତା ପାତ୍ର ଓ ବେଷ୍ଟ ଡିଫେନ୍ସ ସୁନିତା କୁମୁରା, ବେଷ୍ଟ ପ୍ଲେୟାର ଅଫ ଦ ସିରିଜ ଝାରସୁଗୁଡା ଦଳର ଶ୍ରୁତି କଟାଙ୍ଗିଆ, ମ୍ୟାନ ଅଫ ଦ ମ୍ୟାଚ ଗୋଲ କିପର ସନମ ହାଁସଦାଙ୍କୁ ବିବେଚିତ କରାଯାଇଥିଲା।

## ଦୁର୍ଗାମାଧବ ମନ୍ଦିର ପ୍ରତିଷ୍ଠା ଉପଲକ୍ଷେ ନବାହ୍ନ ପାରାୟଣ

**ବୀରମହାରାଜପୁର,୩।୨(ଯୁଗଳ କିଶୋର ମିଶ୍ର)**

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ଉପକଣ୍ଠ ଭଙ୍ଗାମୁଣ୍ଡାଠାରେ ନବ ନିର୍ମିତ ଦୁର୍ଗାମାଧବ ମନ୍ଦିର ପ୍ରତିଷ୍ଠା ପାଇଁ ମଙ୍ଗଳବାର ସକାଳ ୯ଟାରେ ରାମାୟଣ ନବାହ ପାରାୟଣ ଆରମ୍ଭ ହୋଇଛି। ମଠ ମହନ୍ତ ହରେକୃଷ୍ଣ ଦାସଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ବ୍ୟାସ ଗାୟକଭାବେ ତରଣୀସେନ ତ୍ରିପାଠୀ ଓ ସାଥୀ ପରିବେଷଣ କରିଥିଲେ। ପ୍ରତିଷ୍ଠା କମିଟି ସଭାପତି ସାଫି ମେହେର, ସମ୍ପାଦକ ମହାଦେବ ନାଏକ, କମିଟି ସଦସ୍ୟ ଉଦ୍ଧବ ମେହେର କାର୍ଯ୍ୟ ପରିଚାଳନା କରୁଛନ୍ତି। ଆଚାର୍ଯ୍ୟ ଗୋପାଳ ପାଢ଼ୀ ଓ ଆଶୁତୋଷ ପୁରୋହିତ ଯଥାକ୍ରମେ ନାମ ମଣ୍ଡପ ଓ ଯଜ୍ଞ ମଣ୍ଡପ ପୂଜା କାର୍ଯ୍ୟ ନିର୍ବାହ କରୁଛନ୍ତି। ପ୍ରସନ୍ନ ମେହେର–ସୁଶୀଳା ମେହେର, ରଞ୍ଜନ ମେହେର–ବିଷ୍ଣୁପ୍ରିୟା ମେହେର, କିଶୋର ମେହେର–ରେବତୀ ମେହେର, ଶଙ୍କର ମେହେର–କବିତା ମେହେର, ତ୍ରିପୁରାରୀ ମଲ୍ଲିକ–ଗିରିଜା ମଲ୍ଲିକ, ଶତ୍ରୁଘନ ମେହେର–ସୁବାସିନୀ ମେହେର, ସଚିଦା ମେହେର–ରୀତା ମେହେର, ଶିବ ମେହେର–ଜାହ୍ନବୀ ମେହେର, ସଞ୍ଜିବ ସାହୁ–ମୁକ୍ତା ସାହୁ, ଜଗଦୀଶ ମେହେର–ରଇବାରୀ ମେହେର, ସନ୍ତୋଷ ବେହେରା–ପାର୍ଥବୀ ବେହେରା ପ୍ରମୁଖ ଦମ୍ପତି କର୍ତ୍ତାକର୍ତ୍ତୀ କାର୍ଯ୍ୟ କରୁଛନ୍ତି। ପ୍ରକାଶ ଥାଉକି ଚଳିତ ୩ ତାରିଖରୁ ୧୧ ତାରିଖ ପର୍ଯ୍ୟନ୍ତ ଏହି କାର୍ଯ୍ୟକ୍ରମ ଚାଲୁ ରହିବ ବୋଲି କମିଟି ସୂତ୍ରରୁ ପ୍ରକାଶ।

## ସନ୍ଥ ରବି ଦାସ ସମାଜ ସଂସ୍କାରକ ଥିଲେ


ଭାଜପା ପକ୍ଷରୁ ଆୟୋଜିତ ଜୟନ୍ତୀ ସଭାରେ ଉପସ୍ଥିତ ନେତୃବୃନ୍ଦ।

**ସୋନପୁର,୩।୨(ମୃତ୍ୟୁଞ୍ଜୟ ଶତପଥୀ)**

ସନ୍ଥ ରବି ଦାସ ଜଣେ ସମାଜ ସଂସ୍କାରକ ଥିଲେ। ଦଳିତ ପରିବାରରେ ଜନ୍ମ ଗ୍ରହଣ କରି ସମାଜରେ ସମାନତା ଆଣିବା ପାଇଁ ସେ ଚେଷ୍ଟା କରିଥିଲେ। ଛୁଆଁ ଅଛୁଆଁ ଭେଦଭାବକୁ ବିରୋଧ କରୁଥିଲେ। ସବୁ କର୍ମ ସମାନ, ଈଶ୍ୱର ପ୍ରାପ୍ତି ପାଇଁ ଭକ୍ତି ଭାବକୁ ସେ ଗୁରୁ ଦେଉଥିଲେ ବୋଲି ଭାଜପା ସୁବର୍ଣ୍ଣପୁର ଜିଲା ଅନୁସୂଚିତ ଜାତି ମୋର୍ଚ୍ଚା ପକ୍ଷରୁ ଆୟୋଜିତ ସନ୍ଥ ରବି ଦାସଜୀଙ୍କ ଜିଲାସ୍ତରୀୟ ଜୟନ୍ତୀ ଅବସରରେ ନେତୃବୃନ୍ଦ ମତପ୍ରକାଶ କରିଛନ୍ତି। ସୁବର୍ଣ୍ଣପୁର ଜିଲା ଭାଜପା କାର୍ଯ୍ୟାଳୟସ୍ଥିତ ଅଟଳ ବିହାରୀ ବାଜପେୟୀ ସଭାଗୃହଠାରେ ମଙ୍ଗଳବାର ଜୟନ୍ତୀ ଅନୁଷ୍ଠିତ ହୋଇଥିଲା। ଅନୁସୂଚିତ ଜାତି ମୋର୍ଚ୍ଚା ଜିଲା ସଭାପତି ସୁମନ୍ତ ଜଗଦଲା ଏଥିରେ ଅଧ୍ୟକ୍ଷତା କରିଥିଲେ। ଏସ୍‌ସି ମୋର୍ଚ୍ଚାର ଜିଲା ପ୍ରଭାରୀ ପ୍ରମୋଦ ଛତର ଏଥିରେ ଯୋଗଦେଇ ସନ୍ଥ ରବି ଦାସଙ୍କ ଜୀବନୀ ବିଷୟରେ ଆଲୋଚନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ମଞ୍ଚାସୀନ ଭାଜପା ଜିଲା ସଭାପତି ବେଣୁଧର ଦାଶ, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ତଥା ପୂର୍ବତନ ଜିଲା ପରିଷଦ ଅଧ୍ୟକ୍ଷା ଉଷା କୁମାରୀ, ପୂର୍ବତନ ଅନୁସୂଚିତ ଜାତି ମୋର୍ଚ୍ଚା ସଭାପତି ଓକିଲ ସେଠ, ଅନନ୍ତ ପାଣିଗ୍ରାହୀ, ବଳରାମ ସୁନା, ଚଉତରା ଦୀପ, ମହିଳା ମୋର୍ଚ୍ଚା ସଭାପତି ରଶ୍ମି ଷଡ଼ଙ୍ଗୀ, ଭାଜପା ଉପସଭାପତି ସୁପ୍ରଭା ସେଠ ପ୍ରମୁଖ ଯୋଗଦେଇ ସନ୍ଥ ରବି ଦାସଜୀଙ୍କ ଉଚ୍ଚ ଆଦର୍ଶ ଓ ମୂଲ୍ୟବୋଧ ଭିତ୍ତିକ ଜୀବନର ଗୁଣଗାନ କରିଥିଲେ। ଭାଜପା ଜିଲା ସାଧାରଣ ସମ୍ପାଦକ ପୂର୍ଣ୍ଣଚନ୍ଦ୍ର ବିଶି ସଭାକୁ ପରିଚାଳନା କରିଥିଲେ। ଜିଲା ପରିଷଦ ସଭ୍ୟ ପ୍ରମିଳା କଲତା ଧନ୍ୟବାଦ ଅର୍ପଣ କରିଥିଲେ। ଏଥିରେ ବହୁ ଦଳୀୟ କାର୍ଯ୍ୟକର୍ତ୍ତା ଯୋଗ ଦେଇଥିଲେ।

## ପୂର୍ବତନ ସରପଞ୍ଚଙ୍କ ପରଲୋକ

**ହରଭଙ୍ଗ,୩।୨(ନରେନ୍ଦ୍ର କୁମାର ସାହୁ):** ବୌଦ୍ଧ ବିଜେଡିର ବରିଷ୍ଠ ନେତା ଧଳପୁର ଗ୍ରାମପଞ୍ଚାୟତର ପୂର୍ବତନ ସରପଞ୍ଚ ବିଶ୍ୱାମିତ୍ର ମହାଙ୍କୁଡ(୭୦)ଙ୍କ ମଙ୍ଗଳବାର ପରଲୋକ ହୋଇଯାଇଛି । ଦେହ ଖରାପ ହେବାରୁ ତାଙ୍କୁ ଭୁବନେଶ୍ୱର ଡାକ୍ତରଖାନ ନିଆଯାଉଥିବା ବାଟରେ ମୃତ୍ୟୁ ଘଟିଥିଲା। ମୃତଦେହ ନିଜ ଗ୍ରାମକୁ ଆଣାଯିବା ସମୟରେ ପୁରୁଣାକଟକଠାରେ ବିଜୁ ଜନତାଦଳର ବୌଦ୍ଧ ଜିଲା ସଭାପତି ପୂର୍ବତନ ମନ୍ତ୍ରୀ ପ୍ରଦୀପ କୁମାର ଅମାତ, ବ୍ଲକ ସଭାପତି ପଙ୍କଜ ସାହୁ, ବରିଷ୍ଠ ନେତା ସୀତାରାମ ଅଗ୍ରୱାଲା, ରବିନାରାୟଣ ପ୍ରଧାନ ଜିଲା ଉପସଭାପତି ସୁବୋଧ ପ୍ରଧାନ ସାମାଜିକ ଗଣମାଧ୍ୟମ ସଂଯୋଜକ ଅବକାଶ ସାହୁ ପୁରୁଣାକଟକ ସରପଞ୍ଚ ଅଶୋକ ସେଠୀ କରଞ୍ଜକଟା ସରପଞ୍ଚ ନିହାର ଘୋଷ ପ୍ରମୁଖ ଶ୍ରଦ୍ଧାଞ୍ଜଳି ଜଣାଇଛନ୍ତି। ତାଙ୍କର ଶେଷକୃତ୍ୟ ଗାଁ ମଶାଣିରେ ହୋଇଥିଲା।

## କମଳପୁରକୁ ହରାଇ ଘଣ୍ଟପାଲି ସେମିରେ

**ଅମରପାଲି,୩।୨(ପୀତାମ୍ବର ସାହୁ)**

### ମାହେଶ୍ୱରୀ କ୍ରିକେଟ କପ୍

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକ ଅନ୍ତର୍ଗତ ବାଗବର ପଞ୍ଚାୟତର ନୂଆଗଡ ଗ୍ରାମରେ ମଙ୍ଗଳବାର ଷଷ୍ଠ ମା' ମାହେଶ୍ୱରୀ କ୍ରିକେଟ କପ୍ ଉଦ୍‌ଘାଟିତ ହୋଇଯାଇଛି। ଉଦ୍‌ଘାଟନୀ ଉତ୍ସବରେ ସ୍ଥାନୀୟ ସରପଞ୍ଚ ନିରୂପମା ବରାଡ଼ି ମୁଖ୍ୟ ଅତିଥି, କ୍ରୀଡାବିତ ବିପିନ ପଣ୍ଡା, ଚୈତନ୍ୟ ଝାଙ୍କର ଓ ସୁରାଜ ଦେହୁରୀ ସମ୍ମାନିତ ଅତିଥିଭାବେ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। ଉଦ୍‌ଘାଟନୀ ମ୍ୟାଚ କମଳପୁର ଓ ଷଣ୍ଢା ମଧ୍ୟରେ ହୋଇଥିଲା। ଷଣ୍ଢା ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୮ ଓଭରରେ ୬ଉଇକେଟ ହରାଇ ୮୧ ରନ କରିଥିଲା। ଜବାବରେ କମଳପୁର ଦଳ ଆବଶ୍ୟକ ୮୨ରନକୁ ୬ ଓଭରରେ ୨ଉଇକେଟ ହରାଇ ସଂଗ୍ରହ କରି ବିଜୟୀ ହୋଇଥିଲା। ଦ୍ୱିତୀୟ ମ୍ୟାଚ ଚନ୍ଦଲି ଓ ଘଣ୍ଟପାଲି ମଧ୍ୟରେ ହୋଇଥିଲା। ଏଥିରେ ଚନ୍ଦଲି ପ୍ରଥମେ ବ୍ୟାଟିଂ କରି ୭.୩ ଓଭରରେ ସମସ୍ତ ଉଇକେଟ ହରାଇ ୩୪ ରନ କରିଥିଲା। ଜବାବରେ ଘଣ୍ଟପାଲି ଦଳ ୭.୪ ଓଭରରେ ୮ ଉଇକେଟ ହରାଇ ଆବଶ୍ୟକ ୩୫ ରନ କରି ବିଜୟୀ ହୋଇଥିଲା। ତୃତୀୟ ମ୍ୟାଚ ପ୍ରଥମ ମ୍ୟାଚର ବିଜେତା କମଳପୁର ଓ ଦ୍ୱିତୀୟ ମ୍ୟାଚ ବିଜେତା ଘଣ୍ଟପାଲି ମଧ୍ୟରେ ହୋଇଥିଲା। କମଳପୁର ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୬ ଓଭରରେ ୪ ଉଇକେଟ ହରାଇ ୭୫ ରନ କରିଥିଲା। ଜବାବରେ ଘଣ୍ଟପାଲି ୫.୨ ଓଭରରେ କୌଣସି ଉଇକେଟ ନ ହରାଇ ଆବଶ୍ୟକ ୭୬ରନ ସଂଗ୍ରହ କରି ବିଜୟୀ ହୋଇ ସେମି ଫାଇନାଲରେ ପ୍ରବେଶ କରିଛି। ଅନୁଷ୍ଠିତ ପୁରସ୍କାର ବିତରଣ ଉତ୍ସବରେ ପ୍ରଥମ ମ୍ୟାଚ ପାଇଁ କମଳପୁରର ପ୍ରକାଶ ଲୁହା, ଦ୍ୱିତୀୟ ମ୍ୟାଚ ପାଇଁ ଘଣ୍ଟପାଲି ଦଳର ରୋଶନ ପ୍ରଧାନ ଓ ତୃତୀୟ ମ୍ୟାଚ ପାଇଁ ପିଙ୍କୁ ପ୍ରଧାନଙ୍କୁ ମ୍ୟାନ ଅଫ ଦି ମ୍ୟାଚ ଭାବେ ପୁରସ୍କୃତ କରାଯାଇଥିଲା। ମ୍ୟାଚଗୁଡିକରେ ଅରବିନ୍ଦ ଝାଙ୍କାର ଓ ମୁକେଶ ରଥ ଅମ୍ପାୟାର ରାଜାରାମ ମାହାର ସ୍କୋରିଂ ଏବଂ ବିକାଶ ପ୍ରଧାନ ଧାରା ବିବରଣୀ ପ୍ରଦାନ କରିଥିଲେ।


ଉଦ୍‌ଘାଟନୀ ଉତ୍ସବରେ ଉଭୟ ଦଳର ଖେଳାଳି ଓ ଅତିଥିମାନେ।

## ବୀରମହାରାଜପୁର ଧନୁଯାତ୍ରା କଂସ ବଧ ସହ ଉଦ୍‌ଯାପିତ

**ବୀରମହାରାଜପୁର,୩।୨(ଯୁଗଳ କିଶୋର ମିଶ୍ର)**

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ଧନୁଯାତ୍ରା ସୋମବାର ରାତିରେ କଂସବଧ ସହ ଉଦ୍‌ଯାପିତ ହୋଇଯାଇଛି। ଅନ୍ତିମ ରଜନୀରେ ପୁରାତନ ମନ୍ତ୍ରୀ ଅକ୍ରୁରକୁ କୃଷ୍ଣ ବଳରାମଙ୍କୁ ନେଇ ମଥୁରାରେ ପ୍ରବେଶ, କୁବୁଜା ଚାରଣ, ସୁବଳୟା ହସ୍ତୀ ନିଧନ ପରେ ଅନ୍ୟାନ୍ୟ ପାତ୍ର ମନ୍ତ୍ରୀଙ୍କୁ ନିଧନ କରିଥିଲେ କୃଷ୍ଣ ବଳରାମ। ଏହାପରେ କଂସ ନିଧନ ଲୀଳା ନାଟକ ନାଟକ ପରିବେଷଣ ହୋଇଥିଲା। ବୀରମହାରାଜପୁର ବିଜୁ ପଟ୍ଟନାୟକ ମିନିଷ୍ଟାଡିୟମରେ ଚାଲିଥିବା ଧନୁଯାତ୍ରା ମହୋତ୍ସବରେ କମିଟି ସଭାପତି କିଶୋର ହୋତା ଅଧ୍ୟକ୍ଷତା କରିଥିଲେ। ଅନୁଷ୍ଠିତ ସାଂସ୍କୃତିକ ସଭାରେ ଅତିଥିଭାବେ ବୟନିକା ସଭାପତି ପ୍ରକାଶ ମେହେର, ସୋନପୁର ଜେଲ ଅଧୀକ୍ଷକ ଅଞ୍ଜଳି ପଟେଲ, ବରିଷ୍ଠ ସାମ୍ବାଦିକ ଗୋରେଖନାଥ ସାହୁ, ଅଧ୍ୟାପକ ମିନା ମହାରଣା, ଆଇନଜୀବୀ ପ୍ରଦୀପ କୁମାର ମିଶ୍ର, ସଂସ୍କୃତିପ୍ରେମୀ ତଥା ବିଜେଡ଼ି ଜିଲା ସାଧାରଣ ସମ୍ପାଦକ ସତ୍ୟଞ୍ଜିବ ମିଶ୍ର, ସୁବର୍ଣ୍ଣପୁର ଜିଲା ନବନିର୍ମାଣ କୃଷକ ସଙ୍ଗଠନ ସଭାପତି ପ୍ରଦ୍ୟୁମ୍ନ ପାଢ଼ୀ, ନାଟ୍ୟଭିଷ୍ମ ଗଦାଧର ବାରିକ, ଆଇନଜୀବୀ ଶ୍ୟାମାପ୍ରସାଦ ମିଶ୍ର, ବଳଦେବ ବେଦବାଗ ସରକାରୀ ଓକିଲ ସତ୍ୟବ୍ରତ ମିଶ୍ର, ବାଗବର ସେବା ସମବାୟ ସମିତି ସଭାପତି ବିପିନ ବିହାରୀ ପଣ୍ଡା, ଭାଜପା ଜିଲା ଏସ୍‌ସି ମୋର୍ଚ୍ଚା ସଭାପତି ସୁମନ୍ତ ଜଗଦଲା, କୋସଲି ନେତା ରମଣୀ ଦନ୍ତା ଯୋଗଦଦେଇ ସାଂସ୍କୃତିକ ବାର୍ତ୍ତା ପ୍ରଦାନ କରିଥିଲେ। ଯୁଗଳ କିଶୋର ମିଶ୍ର ସଭା ସଂଯୋଜନା କରିଥିଲେ। ରାଜ ଦରବାରରେ ବିଭିନ୍ନ ଅନୁଷ୍ଠାନ ତରଫରୁ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ସାଂସ୍କୃତିକ କାର୍ଯ୍ୟକ୍ରମକୁ ସଂଯୋଜନା କରିଥିଲେ ଅଭିମନ୍ୟୁ ବରାଡ଼ି, ଅଧ୍ୟାପିକା ସନ୍ତୋଷିନୀ ନାଏକ, ତନ୍ମୟ ବାଳା ମିଶ୍ର। ମଞ୍ଚ ପରିଚାଳନାରେ ସହଯୋଗ କରିଥିଲେ ସାଂସ୍କୃତିକ କମିଟି ସମ୍ପାଦକ ଚିନ୍ମୟ ସାହୁ, ସୁରୁବାବୁ ପଧାନ ଓ ଅନ୍ୟାନ୍ୟ କର୍ମକର୍ତ୍ତା। ମଞ୍ଚରେ ବରିଷ୍ଠ କଳାକାର ଅଇଁଠୁ ସାହୁ, ମାହେଶ୍ୱରୀ ସେନାର କାର୍ଯ୍ୟକର୍ତ୍ତା, ବିଭିନ୍ନ ଗଣ ମାଧ୍ୟମ ପ୍ରତିନିଧି, ସମସ୍ତ କଳାକାର ଓ ବିଶିଷ୍ଟ ବ୍ୟକ୍ତି ବିଶେଷଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।


ଧନୁଯାତ୍ରାର ଅନ୍ତିମ ସନ୍ଧ୍ୟାରେ କୃଷ୍ଣ କଂସଙ୍କୁ ନିଧନ କରୁଛନ୍ତି।

## ସଂକ୍ଷେପରେ

### ଚୁଲି ନିଆଁରେ ପୋଡ଼ି ହୋଇ ବୃଦ୍ଧା ମୃତ

**କୁଆଁରମୁଣ୍ଡା,୩।୨(ମହେନ୍ଦ୍ର କୁମାର ସାହୁ):** ଚୁଲିରେ ରୋଷେଇ କରିବା ସମୟରେ ଅସାବଧାନତାବଶତଃ ଶାଢ଼ୀରେ ନିଆଁ ଲାଗିଯିବାରୁ ଜଣେ ବୃଦ୍ଧାଙ୍କ ମୃତ୍ୟୁ ଘଟିଛି। ମୃତା ହେଉଛନ୍ତି ରାଏବୋଗା ଥାନା ଅନ୍ତର୍ଗତ ଜୟଡେଗା ପଞ୍ଚାୟତ ପାନକିମୁଣ୍ଡା ଗ୍ରାମର ବାନ୍ଧନୀ ତିର୍କୀ (୬୧)। ଏନେଇ ରାଏବୋଗା ଥାନାରେ ଏକ ଅପମୃତ୍ୟୁ ମାମଲା(ନଂ.୩/୨୬) ରୁଜୁ ହୋଇଛି। ମଙ୍ଗଳବାର ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପରେ ପରିବାରବର୍ଗଙ୍କୁ ହସ୍ତାନ୍ତର କରିଛି। ପୋଲିସ ସୂଚନା ମୁତାବକ, ସୋମବାର ସକାଳେ ବାନ୍ଧନୀ ଚୁଲିରେ ରୋଷେଇ କରିଥିଲେ। ଅସାବଧାନତାବଶତଃ ଚୁଲି ନିଆଁ ତାଙ୍କ ଶାଢ଼ୀରେ ଲାଗିଯିବାରୁ ସେ ଗୁରୁତର ହୋଇ ପଡ଼ିଥିଲେ। ତାଙ୍କୁ ପରିବାର ଲୋକେ ପ୍ରଥମେ ବୀରମିତ୍ରପୁର ସରକାରୀ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଓ ସେଠାରୁ ରାଉରକେଲାର ଏକ ଘରୋଇ ହସ୍ପିଟାଲକୁ ନେଇଥିଲେ। ହେଲେ ସେଠାରେ ଚିକିତ୍ସାଧିନ ଅବସ୍ଥାରେ ତାଙ୍କର ସୋମବାର ମୃତ୍ୟୁ ଘଟିଥିଲା।

### ଶନି ମନ୍ଦିରର ପ୍ରାଣ ପ୍ରତିଷ୍ଠା ଉତ୍ସବ ସମ୍ପନ୍ନ

**ରାଉରକେଲା,୩।୨(ଦିନେଶ ମିଶ୍ର):** ଗୋପବନ୍ଧୁପାଲ୍ଲୀ ସ୍ଥିତ ଶନିମନ୍ଦିର ପରିସରରେ ଆୟୋଜିତ ହୋଇଥିବା ୩ ଦିନିଆ ଶନି ମନ୍ଦିର ପ୍ରାଣ ପ୍ରତିଷ୍ଠା ଉତ୍ସବ ସୋମବାର ସମ୍ପନ୍ନ ହୋଇଛି। ମନ୍ଦିର ପୂଜକ ଅଜୟ ଶର୍ମା ପ୍ରଥମ ଦିନରେ ଶନିଶ୍ଚରଙ୍କ ଶୋଡଷ ଉପଚାର ପୂଜା ଓ ହୋମଯଜ୍ଞ କରିଥିଲେ। ଦ୍ୱିତୀୟ ଦିବସରେ କଳସ ଶୋଭାଯାତ୍ରା ହୋଇଥିଲା। ଶୋଭାଯାତ୍ରାରେ ସ୍ଥାନୀୟ ଶ୍ରଦ୍ଧାଳୁଙ୍କ ସହ ଗାୟିତ୍ରୀ ପରିବାରର ବହୁ ମହିଳା ସାମିଲ ହୋଇଥିଲେ। ତୃତୀୟ ଦିବସରେ ଶନି ମନ୍ଦିରର ପ୍ରାଣ ପ୍ରତିଷ୍ଠା ସହ ନବଗ୍ରହ ପୂଜା, ହୋମଯଜ୍ଞ ପୂର୍ଣ୍ଣାହୁତି କରାଯାଇଥିଲା। ସୁରେଶ ପୂଜାରୀ, ନରେଶ ଅଗ୍ରୱାଲ, ଗୋପାଲ କିଷାନ, ସୁରେଶ ଚାନ୍ଦ, ରାମଚନ୍ଦ୍ର ସାହୁ, ବିଷ୍ଣୁପ୍ରିୟା ନାୟକ, ବିଶ୍ୱଜିତ ଧଳ, ରମେଶ ସାହୁ, ବିଜୟ ମିଶ୍ର, ଲିଲିମା ଯୋଶୀ, ଅମୃତ ବିହାରୀ, କିଶୋର ମିଞ୍ଜି ପ୍ରମୁଖ ସହଯୋଗ କରିଥିଲେ।

### ସାଇ ମନ୍ଦିରର ବାର୍ଷିକ ଉତ୍ସବ

**ରାଉରକେଲା,୩।୨(ଦିନେଶ ମିଶ୍ର):** ବାସନ୍ତୀ କଲୋନୀ ଦୁର୍ଗାପୁର ପାହାଡରେ ଥିବା ସାଇବାବାଙ୍କ ମନ୍ଦିରର ୧୫ତମ ବାର୍ଷିକ ଉତ୍ସବ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ସାଇ ଶ୍ରଦ୍ଧା ସେବା ଟ୍ରଷ୍ଟ ପକ୍ଷରୁ ଆୟୋଜିତ ଉତ୍ସବରେ ମନ୍ଦିର ମୁଖ୍ୟ ପୂଜକ କ୍ଷେତ୍ରବାସୀ କରଙ୍କ ତତ୍ତ୍ୱାବଧାନରେ ବାବାଙ୍କ ସକାଳ ଆଳତୀ, ସାଇଧୂପ, ଶୋଡଷ ଉପଚାର ପୂଜା ହୋଇଥିଲା। ପୂର୍ବାହ୍ନ ସାଢେ ୧୧ଟାରେ ସାଇବାବାଙ୍କୁ ପୁଷ୍ପାଞ୍ଜଳି ଦିଆଯାଇଥିଲା। ସନ୍ଧ୍ୟା ସମୟରେ ସାଇବାବଙ୍କୁ ଏକ ପାଲିଙ୍କିରେ ବାସନ୍ତୀ କଲୋନୀରେ ପରିକ୍ରମା କରାଯାଇଥିଲା। ସାଇ ଶ୍ରଦ୍ଧା ସେବା ଟ୍ରଷ୍ଟର କମଳାକାନ୍ତ ଦାସ, ବସନ୍ତ ଧଳ, କୁଳଦୀପ ଦାସ, ବିଶ୍ୱଜିତ ଦାସ, ଅଂଶୁମାନ ସ୍ୱାଇଁ, ମନୋଜ ଶ୍ରୀବାସ୍ତବ, ପୁଷ୍ପଲତା ଦାସ, ଜନନୀ ଧଳ, ଶ୍ରାବଣୀ ରଣା, ମିନୁ ମହାରଣା, କୁନୁ ବେହେରା ପ୍ରମୁଖ ସହଯୋଗ କରିଥିଲେ।

# ୧୯ ଆଇଟିଆଇ କଲେଜ ଛାତ୍ରୀଛାତ୍ର ସାମିଲ

### ଆଞ୍ଚଳିକ କ୍ରୀଡ଼ା ମହୋତ୍ସବ ଉଦ୍‌ଘାଟିତ

**ରାଉରକେଲା,୩।୨(ବିପ୍ଳବ ରଞ୍ଜନ ଦାଶ)**



ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି।

ରାଉରକେଲା ସରକାରୀ ଆଇଟିଆଇ ମହାବିଦ୍ୟାଳୟ ପକ୍ଷରୁ ମଙ୍ଗଳବାର ଆଞ୍ଚଳିକ ଆଇଟିଆଇ କ୍ରୀଡ଼ା ମହୋତ୍ସବ-୨୦୨୫ ଉଦ୍‌ଘାଟିତ ହୋଇଛି। ସରକାରୀ ଆଇଟିଆଇ କଲେଜ ଅଧ୍ୟକ୍ଷ ଉତ୍ତମ କୁମାର ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଉଦ୍‌ଘାଟନୀ ସମାରୋହରେ ରାଉରକେଲା ଏନ୍‌ଆଇଟି ରେଜିଷ୍ଟ୍ରାର ପ୍ରଫେସର ରୋହନ ଧିମାନ ମୁଖ୍ୟଅତିଥି, ଅନ୍ତର୍ଜାତୀୟ କରାଟେ ଚାମ୍ପିୟନ ତଥା ସୁନ୍ଦରଗଡ ପେଞ୍ଚକ ସେଲଟ ସମ୍ପାଦକ ଶରତ ଚନ୍ଦ୍ର ଦାଶ ସମ୍ମାନୀତ ଅତିଥି ଭାବେ ଯୋଗ ଦେଇଥିଲେ। କ୍ରୀଡ଼ା ଦ୍ୱାରା ଜିତିବା ହାରିବାର ସତ୍‌ଶିକ୍ଷା ମିଳିଥାଏ। ଶିକ୍ଷା ଦ୍ୱାରା ଅଜ୍ଞତା ଦୂର ହୋଇ ସମାଜରେ ମୁଣ୍ଡ ଟେକି ଚାଲିବାର ସତ୍‌ସାହସ ମିଳିଥାଏ। ଏଣୁ ଶିକ୍ଷା ସହିତ କ୍ରୀଡ଼ା କ୍ଷେତ୍ରରେ ମଧ୍ୟ ଛାତ୍ର ସମାଜ ଯତ୍ନଶୀଳ ହେବା ଜରୁରୀ। କ୍ରୀଡ଼ା ଶାରୀରିକ ଓ ମାନସିକ ସ୍ତରରେ ସଶକ୍ତ କରାଏ ଓ ଦକ୍ଷ କୌଶଳୀ ହେବାର ମାର୍ଗଦର୍ଶନ ଦିଏ। ଏଣୁ ଏସବୁ ଦକ୍ଷତା ଓ କୌଶଳ ହାସଲ ପାଇଁ କ୍ରୀଡ଼ାର ନିତାନ୍ତ ଆବଶ୍ୟକ ରହିଛି ବୋଲି ଅତିଥିମାନେ କହିଥିଲେ। କ୍ରୀଡ଼ା ସଂଯୋଜକ ଅନୀଲ କୁମାର ନାୟକଙ୍କ ଦ୍ୱାରା ଉଦ୍‌ଘାଟନୀ କାର୍ଯ୍ୟକ୍ରମ ପରିଚାଳିତ ହୋଇଥିଲା। ପାର୍ଥ ସାରଥୀ ମିଶ୍ର, କୁଲଦୀପ ଲାକ୍ରା, ରାଜେଶ ଦଣ୍ଡପାଟ ଓ ଡୋଲା ଗୁଡୁ ସହଯୋଗ କରିଥିଲେ। ଏହି କ୍ରୀଡ଼ା ମହୋତ୍ସବରେ ମୋଟ ୩୧ଟି ପ୍ରତିଯୋଗିତା ରଖାଯାଇଥିବା ବେଳେ ୧୮ଟି ସାଂସ୍କୃତିକ ପ୍ରତିଯୋଗିତା ରହିଛି। ଏଥିରେ ସୁନ୍ଦରଗଡ ଜିଲାର ୧୯ଟି ଆଇଟିଆଇ ମହାବିଦ୍ୟାଳୟର ଛାତ୍ରୀଛାତ୍ରମାନେ ଭାଗ ନେଇଛନ୍ତି। ଆସନ୍ତା ୬ତାରିଖରେ ଏହି ମହୋତ୍ସବ ଉଦ୍‌ଯାପନ ହେବା ସହ କୃତୀ ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରାଯିବା କାର୍ଯ୍ୟକ୍ରମ ରହିଛି।

# ଟ୍ରେନ୍‌ରେ ଚାପିହୋଇ ଶ୍ରମିକ ମୃତ

### ଡାଲମିଆ ସିମେଣ୍ଟରେ ଦୁର୍ଘଟଣା

**ରାଜଗାଙ୍ଗପୁର,୩।୨(ଅଶୋକ ପାଣି)**

ସୁନ୍ଦରଗଡ ଜିଲା ରାଜଗାଙ୍ଗପୁରରେ ଥିବା ଡାଲମିଆ ସିମେଣ୍ଟରେ ମଙ୍ଗଳବାର ଦୁର୍ଘଟଣା ଘଟି ଜଣେ କାର୍ଯ୍ୟରତ ଶ୍ରମିକଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ କୁରୁଣିଆ ପଞ୍ଚାୟତ ଭିଖାପଡାର ଚନ୍ଦ୍ର ମିଞ୍ଜ(୨୭)। କ୍ଷତିପୂରଣ ଦାବିରେ ପରିବାର ଲୋକେ, ଗ୍ରାମବାସୀ କମ୍ପାନୀର ମୁଖ୍ୟ ଗେଟ ନିକଟରେ ପହଞ୍ଚି ହୋହଲ୍ଲା କରିଥିଲେ। ଏହି ସମୟରେ ରାଜଗାଙ୍ଗପୁର ବିଧାୟକ ଡକ୍ଟର ସିଏସ ରାଜନ ଏକ୍କା, ବେନେଡିକ ତିର୍କୀ ତଥା ସରପଞ୍ଚ ଓ ସମିତିସଭ୍ୟ ଗେଟ ନିକଟରେ ଉପସ୍ଥିତ ଥିଲେ। ଶାନ୍ତିଶୃଙ୍ଖଳା ପାଇଁ ପୋଲିସ ପ୍ରଶାସନ ମଧ୍ୟ ଉପସ୍ଥିତ ଥିଲେ। ଖବର ଲେଖା ହେବା ସୁଦ୍ଧା ହୋହଲ୍ଲା ଜାରି ରହିଛି। ଏନେଇ ପରିବାର ପକ୍ଷରୁ ଥାନାରେ କୌଣସି ଅଭିଯୋଗ ହୋଇନାହିଁ। ସୂଚନା ଅନୁଯାୟୀ, ମଙ୍ଗଳବାର ଅପରାହ୍ନ ପ୍ରାୟ ୧ଟାରେ କାରଖାନା ଭିତରେ ଥିବା ଟ୍ରେନ ଲାଇନରେ ଟ୍ରେନ ଷ୍ଟପରଭାବେ କାର୍ଯ୍ୟରତ ଚନ୍ଦ୍ର ଟ୍ରେନରେ ଚାପି ହୋଇଯାଇଥିଲେ। ତୁରନ୍ତ ତାଙ୍କୁ ରାଜଗାଙ୍ଗପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନିଆଯାଇଥିଲା। ସେଠାରେ ସ୍ୱାସ୍ଥ୍ୟାବସ୍ଥା ଗୁରୁତର ହେବାରୁ ତାଙ୍କୁ ଆରଜିଏଚ ନିଆଯାଇଥିଲା। ହେଲେ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଖବର ଲେଖାହେବା ସୁଦ୍ଧା ପରିବାର ସଦସ୍ୟ, କେତେଜଣ ନେତୃବୃନ୍ଦ ଓ କମ୍ପାନୀ କର୍ତ୍ତୃପକ୍ଷଙ୍କ ମଧ୍ୟରେ କ୍ଷତିପୂରଣ ନେଇ ଆଲୋଚନା ଜାରି ରହିଛି।

# ଆର୍ଦ୍ରଭୂମିର ସୁରକ୍ଷା ସଚେତନତା କାର୍ଯ୍ୟକ୍ରମ




କାର୍ଯ୍ୟକ୍ରମରେ ଉପସ୍ଥିତ ଶିକ୍ଷୟିତ୍ରୀଶିକ୍ଷକ ଓ ଛାତ୍ରୀଛାତ୍ର।

**କୁତ୍ରା,୩।୨(ଦେବାଶିଷ ସାହୁ)**

କୁତ୍ରା ବ୍ଲକ ଅନ୍ତର୍ଗତ ତୁନମୁରାଠାରେ ଅବସ୍ଥିତ ସର୍ଗୁ କିଶାନ ସରକାରୀ ଉଚ୍ଚ ବିଦ୍ୟାଳୟରେ ଆର୍ଦ୍ରଭୂମି ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟ ଇକୋ କ୍ଲବ ଦାୟିତ୍ୱରେ ଥିବା ଶିକ୍ଷୟିତ୍ରୀ ପ୍ରିୟଦର୍ଶିନୀ ପାଢ଼ୀଙ୍କ ନେତୃତ୍ୱରେ ବିଦ୍ୟାଳୟ ନିକଟସ୍ଥ ନଦୀର ସଂରକ୍ଷଣ ପାଇଁ ପଦକ୍ଷେପ ନେଇଥିଲେ। 'ଆଡପ୍ଟ ଏ ରିଭର' ନାମକ କାର୍ଯ୍ୟକ୍ରମ ଅନ୍ତର୍ଗତ ଏହି ଅଭିଯାନରେ ଛାତ୍ରୀଛାତ୍ରମାନେ ନଦୀର ଯତ୍ନ ଓ ସୁରକ୍ଷା ପାଇଁ ବ୍ରତୀ ହୋଇ ଏହାର ସଂରକ୍ଷଣ ଲାଗି କାର୍ଯ୍ୟ କରିଥିଲେ। ବର୍ତ୍ତମାନ ସମୟରେ ଗ୍ଲୋବାଲ ୱାର୍ମିଂ ଯୋଗୁ ନଦୀପଠା ତଥା ନିକଟବର୍ତ୍ତୀ ଅଞ୍ଚଳ ଆର୍ଦ୍ର ନ ରହି ଶୁଷ୍କ ରହୁଛି। ଫଳରେ ପରିବେଶ ଉପରେ କୁପ୍ରଭାବ ପଡୁଛି। ଏହି ଅବସରରେ ପ୍ରଧାନଶିକ୍ଷକ ଅମରେଶ କୁମାର ସାହୁ ଆର୍ଦ୍ରଭୂମି ସୁରକ୍ଷାର ଆବଶ୍ୟକତାକୁ ନେଇ ଛାତ୍ରୀଛାତ୍ରମାନଙ୍କୁ ସୂଚନା ଦେଇଥିଲେ। ଏହାସହ ସମସ୍ତେ ଆର୍ଦ୍ରଭୂମିର ସୁରକ୍ଷା ପାଇଁ କାର୍ଯ୍ୟ କରିବାକୁ ଆହ୍ୱାନ ଦେଇଥିଲେ। ଶେଷରେ ଛାତ୍ରୀଛାତ୍ର ଆର୍ଦ୍ରଭୂମିର ସୁରକ୍ଷା ପାଇଁ ଶପଥ ଗ୍ରହଣ କରିଥିଲେ। ଏହି କାର୍ଯ୍ୟକ୍ରମରେ ବିଦ୍ୟାଳୟର ହରେକୃଷ୍ଣ ସାହୁ, ରୋଶନ ମିଞ୍ଜ, କରିଶ୍ମା କେର୍‌କେଟା ପ୍ରମୁଖ ଶିକ୍ଷୟିତ୍ରୀ ଶିକ୍ଷକ ସହଯୋଗ କରିଥିଲେ।

### ହାତୀ ମୃତ୍ୟୁ ଘଟଣାରେ ଆଉ ୪ ଗିରଫ

#### ୨ ଗାଡ଼ି ସହ ବିଭିନ୍ନ ମାରଣାସ୍ତ୍ର ଜବତ

**ବାଲିଗୁଡ଼ା,୩।୨(ସଞ୍ଜୟ କୁମାର ପାଣିଗ୍ରାହୀ):** କନ୍ଧମାଳ ଜିଲା ବାଲିଗୁଡ଼ା ବନଖଣ୍ଡ ଅଧିନସ୍ଥ ବେଲଘର ବନାଞ୍ଚଳ ମୁଣ୍ଡୁଟି ଜଙ୍ଗଲରେ ହାତୀ ମୃତ୍ୟୁ ଘଟଣାରେ ମଙ୍ଗଳବାର ଆଉ ୪ ଜଣ ଶିକାରୀ ଗିରଫ ହୋଇଛନ୍ତି। ସେମାନେ ହେଲେ ସିକସନ ପାତ୍ର, ଥବିର ପାତ୍ର, ଅଲେଖ ନିଆଲ୍ ଓ ଦୁଷ୍ମନ୍ତ ପୋଢ଼ୋ। ଝିରିପାଣି ଓ କେସିଙ୍ଗା ଅଞ୍ଚଳର ଏହି ଶିକାରୀମାନଙ୍କୁ ବନ ବିଭାଗ ଘରୁ ଉଠାଇ ଆଣି ଗିରଫ କରିଛି। ସେମାନଙ୍କ ନିକଟରୁ ୩ଟି ଦେଶୀ ବନ୍ଧୁକ, ବର୍ଚ୍ଛା, ଧନୁ, ତୀର, ତାର ସମେତ ହରିଣ ଛାଲ, ଶମ୍ବର ସିଙ୍ଗ, ଦାନ୍ତ, ନଖ, ଚମଡ଼ା ଜବତ କରାଯାଇଛି। ଏଥିସହ ହାତୀ ମୃତଦେହ ବେଲଘର ଅଞ୍ଚଳରୁ ଆଣି କେସିଙ୍ଗା ନିକଟସ୍ଥ ତହଁସିର ଡ୍ୟାମ୍‌ରେ ପୋତିବା ପାଇଁ ବ୍ୟବହାର କରାଯାଇଥିବା ୨ଟି ୪୦୭ ଗାଡ଼ିକୁ ମଧ୍ୟ ଜବତ କରାଯାଇଛି। ଏ ନେଇ ନଂ. ୭୨/୨୬ ପ୍ରକାରେ ମକଦ୍ଦମା ରୁଜୁ ହୋଇଛି। ସୂଚନାଯୋଗ୍ୟ, ହାତୀ ମୃତ୍ୟୁ ଘଟଣାରେ ପ୍ରଥମେ ବେଲଘର ଡେପୁଟି ରେଞ୍ଜର ବିନୟ କୁମାର ବିଶିଙ୍କୁ ନିଲମ୍ବନ କରାଯିବା ପରେ ତାଙ୍କ ଡ୍ରାଇଭର ହୃଷିକେଶ ପଣ୍ଡାଙ୍କୁ ଗିରଫ କରି କୋର୍ଟ ଚାଲାଣ କରାଯାଇଥିଲା।

# ବାର୍ଷିକ ଅଧିବେଶନ, ନୂତନ କର୍ମକର୍ତ୍ତା ଚୟନ



ସଂଘର ନୂତନ କର୍ମକର୍ତ୍ତା।

### ଅବସରପ୍ରାପ୍ତ ବରିଷ୍ଠ ନାଗରିକ ସରକାରୀ କର୍ମଚାରୀ ସଂଘ

**ସୁନ୍ଦରଗଡ଼, ୩।୨(ଜୟ ନାରାୟଣ ମେଣ୍ଡୁଲି)**

ରେଭିନ୍ୟୁ କଲୋନିସ୍ଥିତ ଅବସରପ୍ରାପ୍ତ ବରିଷ୍ଠ ନାଗରିକ ସରକାରୀ କର୍ମଚାରୀ ସଂଘ ପରିସରରେ ମଙ୍ଗଳବାର ସଂଘର ବାର୍ଷିକ ଅଧିବେଶନ ଅନୁଷ୍ଠିତ ହୋଇଯାଇଛି। ସଂଘ ସଭାପତି ଦୁର୍ଗାମାଧବ ପଟେଲଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ସଂଘର ବାର୍ଷିକ ବିବରଣୀ ସମ୍ପାଦକ ରାଜକିଶୋର ମହାରଣାଙ୍କ ଦ୍ୱାରା ପ୍ରଦାନ କରାଯାଇଥିଲା। ସଂଘର ଦିବଂଗତ ସଭ୍ୟ ସ୍ୱର୍ଗତ ତ୍ରୈଲୋକନାଥ ନାଏକ, କ୍ଷମାଶୀଳ ନାଏକ, ଦଶରଥ ନାଏକ, ଲିଙ୍ଗରାଜ ନାଏକ, ଭ୍ରମରମଣି ପଟେଲ, କିଶୋର ମୋହନ ପୁରୋହିତ ଓ ବିନୋଦ ବିହାରୀ ଦାସଙ୍କ ସ୍ମୃତିଚାରଣ କରାଯାଇ ନୀରବ ପ୍ରାର୍ଥନା କରାଯାଇଥିଲା। ୨୦୨୬-୨୮ ବର୍ଷ ପାଇଁ ଏକ ୧୭ ଜଣିଆ ନୂତନ କାର୍ଯ୍ୟକାରିଣୀ ସମିତିକୁ ସଂଘ ଦ୍ୱାରା ଅନୁମୋଦନ କରାଯାଇ ଦାୟିତ୍ୱ ହସ୍ତାନ୍ତର କରାଯାଇଛି। ଡ. ଚିରବ୍ରତ ଦତ୍ତ, ଗୁଣନିଧି ମହାନ୍ତି, ବିଭୁଧେନ୍ଦ୍ର ଠାକୁର, ମନୋଜ କୁମାର ପୁରୋହିତ, ସନ୍ତୋଷ କୁମାର ପାଲ୍ ଓ ଜିତେନ୍ଦ୍ର ନାଏକଙ୍କୁ ଯଥାକ୍ରମେ ସଭାପତି, କାର୍ଯ୍ୟକାରୀ ସଭାପତି, ଉପସଭାପତି, ସମ୍ପାଦକ, ସହସମ୍ପାଦକ ଓ କୋଷାଧ୍ୟକ୍ଷ ଭାବରେ ମନୋନୀତ କରାଯାଇଛି। ଏତଦ୍‌ବ୍ୟତୀତ ଚନ୍ଦ୍ରମଣି ମିଶ୍ର, ବିମଳ ବୋଷ, ଲଳିତ ମୋହନ ଦାସ, ତାରାଚାନ୍ଦ ପଟେଲ, ମାୟାଧର ଚିନ୍ନାରା, ନବୀନ କୁମାର ପଟେଲ, ଅଶ୍ୱିନୀ କୁମାର ମିଶ୍ର, ଉଦିତ କୁମାର ନାଏକ ଓ ସୁଷମା ପଟେଲ, ଜୀବେଶ୍ୱରୀ ପଟେଲ ଓ ସୁତପା ଚୌଧୁରୀଙ୍କୁ କାର୍ଯ୍ୟକାରିଣୀ ସଦସ୍ୟାସଦସ୍ୟ ଭାବେ ଚୟନ କରାଯାଇଛି। ଦୁର୍ଗାମାଧବ ପଟେଲ, ବିମଳେନ୍ଦୁ ରାୟ, ଈଶ୍ୱର ଚନ୍ଦ୍ର ନାଏକ, ରାଜକିଶୋର ମହାରଣା ଓ ଶାନ୍ତନୁ କୁମାର ମହାପାତ୍ର ପ୍ରମୁଖଙ୍କୁ ଉପଦେଷ୍ଟା ମଣ୍ଡଳୀର ସଦସ୍ୟ ରୂପେ ମନୋନୀତ କରାଯାଇଛି। ସଂଘର ଆଗାମୀ ବର୍ଷ ପାଇଁ କାର୍ଯ୍ୟସୂଚୀ ପ୍ରସ୍ତୁତ କରାଯାଇ ଅନୁମୋଦନ ପ୍ରସ୍ତାବ ଗୃହୀତ ହେଇଛି। ଶେଷରେ ସଂଘ ଉପସଭାପତି ଗୁଣନିଧି ମହାନ୍ତି ଧନ୍ୟବାଦ ପ୍ରଦାନ କରିଥିଲେ।

# ଭ୍ରାମ୍ୟମାଣ ବିଜ୍ଞାନ ପ୍ରଦର୍ଶନୀରେ ବିଜ୍ଞାନର ଅଦ୍ଭୁତ କୌଶଳ ଦେଖିଲେ ଛାତ୍ରୀଛାତ୍ର



କାର୍ଯ୍ୟକ୍ରମରେ ଉପସ୍ଥିତ ଛାତ୍ରୀଛାତ୍ର।

**ବାଲିଶଙ୍କରା,୩।୨(ହୃଦାନନ୍ଦ ବାରିକ)**

ବାଲିଶଙ୍କରା ସରକାରୀ ଉଚ୍ଚ ବିଦ୍ୟାଳୟ ପରିସରରେ ବିଜ୍ଞାନ ମୋବାଇଲ ଭ୍ୟାନ ପହଞ୍ଚି ଭ୍ରାମ୍ୟମାଣ ବିଜ୍ଞାନ ପ୍ରଦର୍ଶନୀ ହୋଇଯାଇଛି। ଗତ ୨ରୁ ୩ ଫେବୃଆରୀ ୨ଦିନ ଧରି ଚାଲିଥିବାବେଳେ ଛାତ୍ରୀଛାତ୍ରଙ୍କ ମଧ୍ୟରେ ପ୍ରବଳ ଉତ୍ସାହ ଦେଖିବାକୁ ମିଳିଥିଲା। ଭୁବନେଶ୍ୱର ଆଞ୍ଚଳିକ ବିଜ୍ଞାନ କେନ୍ଦ୍ର ପକ୍ଷରୁ ସାଇନ୍ସ କମ୍ୟୁନିକେଟର ସୁକାନ୍ତ କୁମାର ବେହେରା, ଟେକନିସିଆନ ସଞ୍ଜୟ ସାହୁ, ଡ୍ରାଇଭର ରଞ୍ଜିତ ସାହୁ ଆୟୋଜିତ କରିଥିଲେ। ଏହି କାର୍ଯ୍ୟକ୍ରମରେ ବାଲିଶଙ୍କରା ବ୍ଲକ ଅନ୍ତର୍ଗତ ସ୍ଥାନୀୟ ବିଦ୍ୟାଳୟର ଶତାଧିକ ଛାତ୍ରୀଛାତ୍ର ଭାଗ ନେଇ ବିଜ୍ଞାନର ଅଦ୍ଭୁତ କୌଶଳ ଦେଖିବାକୁ ପାଇଥିଲେ। ଏହି ଭ୍ରାମ୍ୟମାଣ ଭ୍ୟାନରେ ବିଦ୍ୟୁତ୍, ଚୁମ୍ବକୀୟ ଶକ୍ତି, ଆଲୋକ ଏବଂ ଶବ୍ଦର ବିଭିନ୍ନ କାର୍ଯ୍ୟକାରୀ ମଡେଲ ସ୍ଥାନ ପାଇଥିଲା। ଶେଷ ଦିବସରେ ବିଷୟ ଆଧାରିତ ଏକ କୁଇଜ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିବା ବେଳେ ପିଲାମାନଙ୍କୁ ମାନପତ୍ର ପ୍ରଦାନ କରାଯାଇଥିଲା।

### ବ୍ଲକସ୍ତରୀୟ ପ୍ରଶିକ୍ଷଣ ଶିବିର ଉଦ୍‌ଯାପିତ

**ରାଉରକେଲା,୩।୨(ଦିନେଶ ମିଶ୍ର):** ରାଉରକେଲା ସେକ୍ଟର-୨୦ସ୍ଥିତ ସରକାରୀ ଉଚ୍ଚ ବିଦ୍ୟାଳୟ ପରିସରରେ ଚାଲିଥିବା ପଞ୍ଚଦିବସୀୟ ପ୍ରଶିକ୍ଷଣ ଶିବିର ମଙ୍ଗଳବାର ଉଦ୍‌ଯାପିତ ହୋଇଯାଇଛି। ଉଦ୍‌ଯାପନୀ ଦିବସରେ ବିଶ୍ରା ବ୍ଲକ ଶିକ୍ଷାଧିକାରୀ ସୁପ୍ରଭାତ ବେହେରା ମୁଖ୍ୟ ଅତିଥି, ପ୍ରଧାନ ଶିକ୍ଷୟିତ୍ରୀ ମାଧୁରୀ କେରକେଟ୍ଟା ସମ୍ମାନିତ ଅତିଥି ଭାବେ ଯୋଗଦେଇ ଜାତୀୟ ଶିକ୍ଷାନୀତି ଉପରେ ଆଲୋଚନା କରିଥିଲେ। ଶିବିରରେ ସିଆର୍‌ସିସି ସିପ୍ରା ସାହୁ, ଗୋବିନ୍ଦ ଚନ୍ଦ୍ର ସେଠୀ, ଜନ ପ୍ରକାଶ ଲମ୍‌ଗା, ମନୋଜ କୁମାର ମିଶ୍ର ପ୍ରମୁଖ ପ୍ରଶିକ୍ଷଣ ପ୍ରଦାନ କରିଥିଲେ। ୬ଟି କ୍ଲଷ୍ଟରର ୧୦୦ ଜଣ ଶିକ୍ଷୟିତ୍ରୀ ଶିକ୍ଷକ ଅଂଶଗ୍ରହଣ କରିଥିଲେ।

# କଣ୍ଟାବାହାଲ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ

**ବାଲିଶଙ୍କରା,୩।୨(ହୃଦାନନ୍ଦ ବାରିକ)**

ବାଲିଶଙ୍କରା ବ୍ଲକ ଅନ୍ତର୍ଗତ କଣ୍ଟାବାହାଲ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ ଶନିବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟବକ୍ତା ଭାବେ ବାଲିଶଙ୍କରା ବ୍ଲକର ଶିକ୍ଷା ଅଧିକାରୀ ସରୋଜା ଲକ୍ଷ୍ମୀ ନାଏକ ଯୋଗଦେଇ ସମୟ ସାପେକ୍ଷରେ ନିଜ ଭବିଷ୍ୟତ ଗଠନ ସମ୍ପର୍କରେ କହିଥିଲେ। ମୁଖ୍ୟ ଅତିଥିଭାବେ ବନଡେଗା ଗ୍ରାମର ସରପଞ୍ଚ ଲକ୍ଷ୍ମୀପ୍ରିୟା ଲାକ୍ରା ଯୋଗଦେଇ ଶିକ୍ଷା ଭବିଷ୍ୟତ ଜୀବନ ଗଢ଼ିବାରେ ସହାୟକ ହୋଇଥାଏ ବୋଲି ଛାତ୍ରୀଛାତ୍ରଙ୍କୁ କହିଥିଲେ। ସମ୍ମାନିତ ଅତିଥିଭାବେ ଲୁଲକିଡିହି ରାମସେବକ ହାଇସ୍କୁଲର ପ୍ରଧାନଶିକ୍ଷକ କୁଞ୍ଜବିହାରୀ ପଟେଲ, ତିଲିଆ ଦେବେନ୍ଦ୍ରନାଥ ହାଇସ୍କୁଲର ପ୍ରଧାନଶିକ୍ଷକ ଜୟମୁକୁଟ ତିର୍କୀ, ଫଲସା ମିଶନ ୟୁପି ସ୍କୁଲର ପ୍ରଧାନଶିକ୍ଷକ ଅଜିତ କୁମାର ବାର୍ଲା, କଣ୍ଟାବାହାଲ ହାଇସ୍କୁଲ ସଭାପତି ଥୋମାସ କୁଜୁର, ମୁରକିଆ ଯୋଶେଫ୍ ଇଂଲିଶ ମିଡିୟମ ସ୍କୁଲର ଯୋଶଲିନ କିଣ୍ଡୋ ପ୍ରମୁଖ ଯୋଗଦେଇଥିଲେ। ଅଧ୍ୟାପକ ପ୍ରଶାନ୍ତ କୁମାର ମେହେର, ଅଧ୍ୟାପିକା ଜ୍ୟୋତ୍ସ୍ନାରାଣୀ ଦେହେରୀ ଓ କ୍ରୀଡ଼ା ଶିକ୍ଷକ ପ୍ରଦୀପ କୁମାର ଜେନା ମଞ୍ଚ ପରିଚାଳନା କରିଥିଲେ। ଭିନ୍ନ ଭିନ୍ନ ପ୍ରତିଯୋଗିତାରେ କୃତିତ୍ୱ ଅର୍ଜନ କରିଥିବା ଛାତ୍ରୀଛାତ୍ରଙ୍କୁ ମୁଖ୍ୟବକ୍ତା ଓ ସମ୍ମାନିତ ଅତିଥିଙ୍କ ଦ୍ୱାରା ପୁରସ୍କୃତ କରାଯାଇଥିଲା। ଏହି ଅବସରରେ ଛାତ୍ରୀଛାତ୍ରଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା।

# ଆର୍ଦ୍ରଭୂମି ସଂରକ୍ଷଣ ଦିବସ ପାଳିତ



ଛାତ୍ରୀଛାତ୍ରମାନେ ଶପଥ ନେଉଛନ୍ତି।

**କୁତ୍ରା,୩।୨(ଦେବାଶିଷ ସାହୁ)**

କୁତ୍ରା ବ୍ଲକ୍ ଅନ୍ତର୍ଗତ ଗଏରବାହାଲ ପଞ୍ଚାୟତ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ଗୀତାଞ୍ଜଳି ଦାସଙ୍କ ତତ୍ତ୍ୱାବଧାନରେ ଆର୍ଦ୍ରଭୂମି ସଂରକ୍ଷଣ ଦିବସ ମଙ୍ଗଳବାର ପାଳିତ ହୋଇଯାଇଛି। ଉକ୍ତ ଦିବସରେ ଛାତ୍ରୀଛାତ୍ରମାନେ ଏକ ଶୋଭାଯାତ୍ରାରେ ଗ୍ରାମ ପରିକ୍ରମା କରିଥିଲେ। ଆର୍ଦ୍ରଭୂମି ନେଇ ଶପଥପାଠ କରିବା ସହିତ ବିଭିନ୍ନ ସ୍ଲୋଗାନ୍ ଦେଇଥିଲେ। ଛାତ୍ରୀଛାତ୍ରମାନେ ବିଦ୍ୟାଳୟ ନିକଟ ପୁଷ୍କରିଣୀ ପରିଦର୍ଶନ କରିଥିଲେ। ଏହି ଅବସରରେ ଛାତ୍ରୀଛାତ୍ରଙ୍କ ମଧ୍ୟରେ ଚିତ୍ରାଙ୍କନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଶିକ୍ଷୟିତ୍ରୀ ଶିକ୍ଷକ ଆର୍ଦ୍ରଭୂମି ସଂରକ୍ଷଣର ଗୁରୁତ୍ୱ ସମ୍ପର୍କରେ ଅବଗତ କରାଇଥିଲେ। ଉକ୍ତ କାର୍ଯ୍ୟକ୍ରମରେ ଶିକ୍ଷୟିତ୍ରୀ ପୂଜାରାଣୀ ଦେବସା ଓ ଶିକ୍ଷକ ସୁମିତ୍ ଖାଲ୍‌ଖୋ ଯୋଗଦେଇଥିଲେ।

### ଆଜିଠାରୁ ଖଡ଼ିଆଳ ମହୋତ୍ସବ

**ଖଡ଼ିଆଳ,୩।୨ (ସୁଜିତ କୁମାର ପ୍ରଧାନ):** କଳା, ସଂସ୍କୃତି, ଐତିହ୍ୟ ଉଜ୍ଜୀବିତ ରଖିବା ଉଦ୍ଦେଶ୍ୟରେ ବୁଧବାରଠାରୁ ଆରମ୍ଭ ହେବ ଖଡ଼ିଆଳ ମହୋତ୍ସବ। ଖଡ଼ିଆଳ ସହରର ରାଜା ଏଟି ହାଇସ୍କୁଲ ପଡିଆରେ ୫ଦିନ ଧରି ମହୋତ୍ସବ ଅନୁଷ୍ଠିତ ହେବ। ଏଥିରେ ସ୍ଥାନୀୟ କଳାକାରଙ୍କ ସମେତ ରାଜ୍ୟ ଓ ରାଜ୍ୟ ବାହାରର ଲୋକକଳା ଦଳ ଅଂଶଗ୍ରହଣ କରିବେ। ୮ତାରିଖରେ ଷ୍ଟାର ନାଇଟରେ ବଲିଉଡ ଗାୟିକା ପଦ୍ମଶ୍ରୀ କୈଳାଶ ଖେର, ୬ରେ ଓଲିଉଡ ଗାୟିକା ଇରା ମହାନ୍ତି ସେମାନଙ୍କ କଳା ପରିବେଷଣ କରିବେ। ମହୋତ୍ସବ ପାଇଁ ସବୁପ୍ରକାର ସୁବିଧା ସାଙ୍ଗକୁ ବିଭିନ୍ନ ବିଭାଗ ଉପରେ ଗୁରୁତ୍ୱ ଦିଆଯାଇଥିବା ମହୋତ୍ସବ କମିଟି ସଭାପତି ତଥା ଖଡ଼ିଆଳ ବିଧାୟକ ଅଧିରାଜ ମୋହନ ପାଣିଗ୍ରାହୀ ଓ ସମ୍ପାଦକ ପୃଥିରାଜ ମହାନ୍ତି ସୂଚନା ଦେଇଛନ୍ତି।

# ଯତ୍ରା ସାଂସ୍କୃତିକ ଶୋଭାଯାତ୍ରା ଆୟୋଜନ ନେଇ ବୈଠକ

**ସୁନ୍ଦରଗଡ଼,୩।୨(ଜୟ ନାରାୟଣ ମେଣ୍ଡୁଲି)**



ବୈଠକରେ ଜିଲାପ୍ରଶାସନର ଅଧିକାରୀମାନେ।

ଫେବୃଆରୀ ୮ ରୁ ୧୨ ତାରିଖ ପର୍ଯ୍ୟନ୍ତ ସ୍ଥାନୀୟ ଯତ୍ରା ପଡ଼ିଆଠାରେ ଅନୁଷ୍ଠିତ ହେବ ଜିଲା ମହୋତ୍ସବ "ଯତ୍ରା -୨୦୨୬"। ପ୍ରତ୍ୟେକ ବର୍ଷ ଭଳି ଚଳିତ ବର୍ଷ ଯତ୍ରାର ପ୍ରଥମ ଦିବସରେ ସହର ମଧ୍ୟରେ ଏକ ସାଂସ୍କୃତିକ ଶୋଭାଯାତ୍ରା ମଧ୍ୟରେ ମଶାଲ ଶୋଭାଯାତ୍ରା ଆୟୋଜିତ ହେବ। ଏହି ସାଂସ୍କୃତିକ ଶୋଭାଯାତ୍ରା ଆୟୋଜନ ନେଇ ସ୍ଥାନୀୟ ସଦଭାବନା ଭବନଠାରେ ଏକ ବୈଠକ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ବୈଠକର ନିଷ୍ପତ୍ତି ଅନୁସାରେ ଫେବୃଆରୀ ୮ ତାରିଖ ସକାଳ ୭ଟାରେ ସମଲେଇ ମନ୍ଦିରଠାରେ ପୂଜାର୍ଚ୍ଚନା କରି ଏହି ବର୍ଣ୍ଣାଢ୍ୟ ଶୋଭାଯାତ୍ରା ଆରମ୍ଭ ହେବ। ଏହି ଶୋଭାଯାତ୍ରା ସମଲେଇ ମନ୍ଦିରରୁ ବାହାରି ଜଗନ୍ନାଥ ମନ୍ଦିର ଛକ, ବିଏସ ହାଇସ୍କୁଲ ଛକ, ପଞ୍ଚମୁଖି ହନୁମାନ ମନ୍ଦିର ଛକ, ରାଉରକେଲା ଛକ, ପୁରୁଣା ବସଷ୍ଟାଣ୍ଡ ଛକ, ଡିଆରଡିଏ ଛକ, ଅଟଳ ଛକ, ଟାଉନ ଥାନା ଛକ, ରଙ୍ଗାଡ଼ିପା ଛକ ଦେଇ ଯତରା ପଡ଼ିଆରେ ପହଞ୍ଚିବ। ଏହି ସମସ୍ତ ଛକ ଗୁଡିକରେ ସାଂସ୍କୃତିକ ଶୋଭାଯାତ୍ରାକୁ ବିଭିନ୍ନ ଅନୁଷ୍ଠାନ, ପୂଜା କମିଟି, ସଙ୍ଗଠନ ଦ୍ୱାରା ସ୍ୱାଗତ ସମ୍ବର୍ଦ୍ଧନା ପ୍ରଦାନ କରାଯିବ। ଏହି କାର୍ଯ୍ୟକ୍ରମରେ ସମସ୍ତ ବ୍ଲକରୁ ସାଂସ୍କୃତିକ ଦଳ ଏବଂ ଅନ୍ୟାନ୍ୟ ସାଂସ୍କୃତିକ ଦଳ ଗୁଡିକ ଯୋଗ ଦେବେ। ଏହି ଅବସରରେ ବହୁ ସଂଖ୍ୟାରେ ଯୋଗ ଦେବାକୁ ଏବଂ କାର୍ଯ୍ୟକ୍ରମକୁ ଶାନ୍ତିପୂର୍ଣ୍ଣ ଭାବେ ଆୟୋଜନ ନିମନ୍ତେ ଜିଲା ପ୍ରଶାସନ ପକ୍ଷରୁ ସମସ୍ତ କମିଟି, ସଙ୍ଗଠନ ତଥା ସମସ୍ତ ଜିଲା ବାସୀଙ୍କ ସହଯୋଗ କାମନା କରାଯାଇଥିଲା। ବୈଠକରେ ଅତିରିକ୍ତ ଜିଲାପାଳ ସୂରଜ ପଟ୍ଟନାୟକ, ସଦର ଉପଜିଲାପାଳ ତେଜସିନୀ ବେହେରା, ପିଏଆଇଟିଡିଏ ଧୀରେନ୍ଦ୍ର ସେଠୀ, ଭାରପ୍ରାପ୍ତ ଜିଲା ସଂସ୍କୃତି ଅଧିକାରୀ ନନ୍ଦିନୀ ମୁଣ୍ଡାରୀ, ବିଭିନ୍ନ ପୂଜା କମିଟି, ବିଭିନ୍ନ ସମାଜ, ବିଭିନ୍ନ ସଂଘ, ଅନୁଷ୍ଠାନର କର୍ମକର୍ତ୍ତାମାନେ ଉପସ୍ଥିତ ଥିଲେ।

# ଧାନକିଣା ନିୟମ ବଦଳାଇବାକୁ ଦାବି

ଝାରସୁଗୁଡ଼ା,୩।୨(ଆଶିଷ ରଞ୍ଜନ ଦାଶ)

ଝାରସୁଗୁଡ଼ା ଜିଲାରେ ଧାନବିକ୍ରି ନିମନ୍ତେ ବାକି ରହିଯାଇଥିବା ଚାଷୀଙ୍କ ପାଇଁ ଜିଲା ପ୍ରଶାସନ ପକ୍ଷରୁ ସୋମବାର ଏକ ନୂତନ ନିୟମ କରାଯାଇଥିଲା। ଏହି ନିୟମ ବଦଳାଇବା ସହ ଚାଷୀମାନେ ଯେପରି ଶୀଘ୍ର ଧାନ ବିକ୍ରି କରିପାରିବେ, ସେଥିପ୍ରତି ଜିଲା ପ୍ରଶାସନ ପଦକ୍ଷେପ ନେବା ପାଇଁ ମଙ୍ଗଳବାର ଅପରାହ୍ନରେ ଝାରସୁଗୁଡ଼ା ଜିଲା କୃଷକ ସଙ୍ଗଠନର କର୍ମକର୍ତ୍ତାମାନେ ଜିଲାପାଳଙ୍କୁ ଦାବିପତ୍ର ପ୍ରଦାନ କରିଛନ୍ତି। ଝାରସୁଗୁଡ଼ା ଜିଲା ଯୋଗାଣ ବିଭାଗ କାର୍ଯ୍ୟାଳୟରୁ ଚିଠି (ନମ୍ବର ୩୦୬/୨।୨।୨୦୨୬)ରେ ନୂଆ ନିୟମ ପାଳନ କରିବାକୁ କୁହାଯାଇଛି। ଜିଲା ପ୍ରଶାସନ ନିର୍ଦ୍ଦେଶ ଅନୁଯାୟୀ ପ୍ରତି ପଞ୍ଚାୟତସ୍ତରରେ କମିଟି ଗଠନ କରାଯିବ। ଏହି କମିଟି ସଦସ୍ୟ ଟୋକନ ପାଇଥିବା ତଥା ଧାନ ବିକ୍ରି କରି ନ ଥିବା ଚାଷୀଙ୍କ ଘରକୁ ଯିବେ। ସେଠାରେ ଧାନ ସହିତ ଚାଷୀଙ୍କ ଫଟୋ ଟ୍ୟାଗ୍ କଲା ପରେ


ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ କୃଷକ ସଙ୍ଗଠନର ସଦସ୍ୟ।

ଯାଇ ଚାଷୀ ଧାନ ବିକ୍ରି କରିପାରିବେ। ଯଦି ଧାନ ନ ଥିବ ଟୋକନ ଥିଲେ ମଧ୍ୟ ଚାଷୀ ବିକ୍ରି କରିପାରିବେ ନାହିଁ ବୋଲି ଚିଠିରେ ଉଲ୍ଲେଖ କରାଯାଇଛି। ଏହି ନିୟମ ବିରୋଧରେ ଝାରସୁଗୁଡ଼ା ଜିଲା କୃଷକ ସଙ୍ଗଠନର ଶତାଧିକ ଚାଷୀ ମଙ୍ଗଳବାର ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଏକତ୍ରିତ ହୋଇଥିଲେ। ସେମାନେ ଦାବିପତ୍ରରେ ଉଲ୍ଲେଖ କରିଛନ୍ତି, ସାଟେଲାଇଟ୍ ସର୍ଭେ ଏବଂ ରାଜସ୍ୱ, କୃଷି ଓ ଯୋଗାଣ ବିଭାଗର ମିଳିତ ଯାଞ୍ଚ ପ୍ରକ୍ରିୟା ପରେ ଚାଷୀମାନେ

## ଜିଲାପାଳଙ୍କୁ ଦାବିପତ୍ର

କେତେ ଧାନ ବିକ୍ରି କରିପାରିବେ, ସେନେଇ ଟୋକନ ରାଜ୍ୟ ଖାଦ୍ୟ ଏବଂ ଯୋଗାଣ ବିଭାଗରୁ ପ୍ରକାଶ ପାଇଛି। ତେଣୁ ଟୋକନ୍‌କୁ ଏଭଳି ଭାବେ ଅକାମୀ କରି ଦିଆଯାଇପାରିବ ନାହିଁ। ଏଥିସହ ଯେତେସଂଖ୍ୟକ ଚାଷୀ ଧାନ ବିକିବା ପାଇଁ ଅପେକ୍ଷାରେ ଅଛନ୍ତି, ତୁରନ୍ତ ସେମାନଙ୍କ ଧାନ କିଣାଯାଉ। ଏହି ସବୁ ଦାବି ସମ୍ପର୍କରେ ଜିଲାପାଳଙ୍କୁ ଅବଗତ କରାଯିବା ସହ ଏହାର ଏକକିତା ନକଲ ରାଜସ୍ୱ ମନ୍ତ୍ରୀ, ବରଗଡ଼ ଏମ୍‌ପି, ଝାରସୁଗୁଡ଼ା ବିଧାୟକଙ୍କୁ ଦିଆଯାଇଛି। ଦାବିପତ୍ର ପ୍ରଦାନବେଳେ ଜିଲା କୃଷକ ସଙ୍ଗଠନ ସଭାପତି ଦିଲୀପ ବଡ଼େଇ, ସମ୍ପାଦକ ହେମନ୍ତ ସାଗର କୁମୁରା, ଆବାହକ ବିରଞ୍ଚି ସାହୁ, ସୁରେନ୍ଦ୍ର ସାହୁ, ହେମନ୍ତ ସାହୁଙ୍କ ସମେତ ଶତାଧିକ କୃଷକ ଉପସ୍ଥିତ ଥିଲେ।

# ୫ ସ୍ମାର୍ଟ ଅଙ୍ଗନୱାଡି କେନ୍ଦ୍ର ଉଦ୍‌ଘାଟିତ


ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ଅତିଥି ଓ ଛାତ୍ରୀଛାତ୍ର।

ଝାରସୁଗୁଡ଼ା,୩।୨(ଆଶିଷ ରଞ୍ଜନ ଦାଶ)

ଭାରତୀୟ ଷ୍ଟେଟ୍‌ବ୍ୟାଙ୍କ ଓ ସର୍ବୋତ୍ତମ ସୋସିଆଲ ଅର୍ଗାନାଇଜେଶନର ମିଳିତ ସହଯୋଗରେ ଝାରସୁଗୁଡ଼ା ଜିଲାରେ ୫ଟି ସ୍ମାର୍ଟ ଅଙ୍ଗନୱାଡି କେନ୍ଦ୍ର ମଙ୍ଗଳବାର ଉଦ୍‌ଘାଟିତ ହୋଇଯାଇଛି। ଅତ୍ୟାଧୁନିକ ସ୍କୁଲଗୁଡ଼ିକ ପରି ଅଙ୍ଗନୱାଡି କେନ୍ଦ୍ରଗୁଡିକୁ ଅତ୍ୟାଧୁନିକ କରିବା ପାଇଁ ଏଭଳି ପଦକ୍ଷେପ ନିଆଯାଇଛି। ଭାରତୀୟ ଷ୍ଟେଟ୍‌ବ୍ୟାଙ୍କ ପକ୍ଷରୁ ଝାରସୁଗୁଡ଼ା ଜିଲାର ବିଭିନ୍ନ ବ୍ଲକ୍ ଅନ୍ତର୍ଗତ ଟାଙ୍ଗରପାଲି, ଅର୍ଡା, ଆମପଡ଼ା, ପାଇକପଡ଼ା ଓ ଧୁବେନବୁଡ଼ର ୫ଟି ଅଙ୍ଗନୱାଡି କେନ୍ଦ୍ରକୁ ଖେଳ ଉପକରଣ, ସ୍ମାର୍ଟ ଟିଭି, ଆକ୍ୱାଗାର୍ଡ, ପୁସ୍ତକ ଓ ପାଠ୍ୟ ଉପକରଣ ପ୍ରଦାନ କରାଯାଇଅଛି । ଏହି କାର୍ଯ୍ୟକ୍ରମରେ ଜିଲା ଶିଶୁ ଓ ମହିଳା କଲ୍ୟାଣ ଅଧିକାରୀ ଜୟନ୍ତୀ ଗଡ଼ତିଆ, ଭାରତୀୟ ଷ୍ଟେଟ୍‌ବ୍ୟାଙ୍କ ଆଞ୍ଚଳିକ ଶାଖାର ଆର୍ଥିକ ସାମିଲକରଣ ପ୍ରବନ୍ଧକ ପ୍ରଦୀପ କୁମାର ଲୁଗୁନ୍‌ଙ୍କ ସମେତ ବିଭିନ୍ନ ବ୍ଲକ୍‌ର ସିଡିପିଓ, ଅଙ୍ଗନୱାଡି ସୁପରଭାଇଜର ଯୋଗଦେଇଥିଲେ। ଆଗାମୀ ଦିନରେ ଆହୁରି ଅନେକ ଅଙ୍ଗନୱାଡି କେନ୍ଦ୍ରକୁ ସ୍ମାର୍ଟ କେନ୍ଦ୍ରରେ ରୂପାନ୍ତର କରିବା ପାଇଁ ଜନସାଧାରଣ ଅନୁରୋଧ କରିଛନ୍ତି। ଅନୁଷ୍ଠାନର ସମ୍ପାଦିକା ଶ୍ରାବଣୀ ରାୟ ଓ ପୁନମ ନାୟକ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ଜନ ପ୍ରତିନିଧିଙ୍କୁ ଦୁର୍ବ୍ୟବହାର ଅଭିଯୋଗ

ଲଇକେରା,୩।୨(ରଞ୍ଜନ କୁମାର ମେହେର)

ଝାରସୁଗୁଡ଼ା ଜିଲା ଲଇକେରା ବ୍ଲକ୍ ମୁଖ୍ୟାଳୟ ଦାୟିତ୍ୱରେ ଥିବା କନିଷ୍ଠଯନ୍ତ୍ରୀ ସାରିକା ସ୍ୱାଇଁ ବ୍ଲକ୍‌ର ସମସ୍ତ ଜନ ପ୍ରତିନିଧିଙ୍କୁ ଦୁର୍ବ୍ୟବହାର କରିଥିବା ଅଭିଯୋଗ ହୋଇଛି। ଲଇକେରା ବ୍ଲକ୍‌ରେ ନୂତନ ଭାବରେ କନିଷ୍ଠଯନ୍ତ୍ରୀ ସ୍ୱାଇଁ ଗତ ଜାନୁଆରୀ ୩୧ ତାରିଖରେ ଯୋଗଦେଇଛନ୍ତି। ଏହାପରେ ସେ ବ୍ଲକ୍‌ର ସମସ୍ତ ଜନ ପ୍ରତିନିଧିଙ୍କୁ ଦୁର୍ବ୍ୟବହାର କରିଥିବା ନେଇ ଜନ ପ୍ରତିନିଧିମାନେ ଜିଲାପାଳଙ୍କ ନିକଟରେ ଲିଖିତ ଅଭିଯୋଗ କରିଥିଲେ। ଏହାର ସତ୍ୟାସତ୍ୟ ଜାଣିବା ପାଇଁ ମଙ୍ଗଳବାର ଜିଲାପାଳ କୁଣାଲ ମୋତିରାମ ଚହ୍ୱାଣ ଉକ୍ତ ବ୍ଲକ୍‌ର ବୈଠକ ଗୃହରେ ପହଞ୍ଚିଥିଲେ। ସେଠାରେ ଜନ ପ୍ରତିନିଧିମାନେ ପୁଣିଥରେ ବିଡିଓ ଜର୍ଜ ଡୁଙ୍ଗ୍‌ଡୁଙ୍ଗ୍‌ଙ୍କ ସମେତ ଜନପ୍ରତିନିଧିଙ୍କଠାରୁ ଅଭିଯୋଗ ଶୁଣିଥିଲେ। ଜନ ପ୍ରତିନିଧିଙ୍କ କହିବାନୁଯାୟୀ, କନିଷ୍ଠଯନ୍ତ୍ରୀ ସ୍ୱାଇଁ ସମସ୍ତଙ୍କୁ ଦୁର୍ବ୍ୟବହାର କରୁଛନ୍ତି। ଯିଏ ଏକ ନିର୍ଦ୍ଦିଷ୍ଟ ଦଳରେ ଯୋଗଦେବ ତାଙ୍କର ବିଲ୍ ପଇଠ କରିବି ବୋଲି କହୁଛନ୍ତି। ପଞ୍ଚାୟତରେ ଲୋକଙ୍କ ଦ୍ୱାରା ନିର୍ବାଚିତ ଜନ ପ୍ରତିନିଧିଙ୍କ ପରାମର୍ଶ ଦରକାର ନାହିଁ। କେବଳ କନିଷ୍ଠଯନ୍ତ୍ରୀଙ୍କ ନିଷ୍ପତ୍ତି ଶିରୋଧାର୍ଯ୍ୟ ବୋଲି କହୁଛନ୍ତି ଓ ମନମୁଖି କାର୍ଯ୍ୟ ପଞ୍ଚାୟତ ତଥା ମୁଖ୍ୟାଳୟରେ କରୁଛନ୍ତି। ତେବେ ଏ ସମ୍ପର୍କିତ ଅଭିଯୋଗର ତର୍ଜମା କରି ଜିଲାପାଳ ଫେରିଯାଇଛନ୍ତି। ଏନେଇ ଆଗାମୀ ଦିଗରେ ଜିଲାପାଳ କ'ଣ ପଦକ୍ଷେପ ନେବେ ତାହାକୁ ସମସ୍ତେ ଅପେକ୍ଷା କରିଛନ୍ତି। ଏନେଇ ବିଡିଓ ଡୁଙ୍ଗ୍‌ଡୁଙ୍ଗ୍ ଏବଂ କନିଷ୍ଠଯନ୍ତ୍ରୀ ସ୍ୱାଇଁଙ୍କ ପ୍ରତିକ୍ରିୟା ମିଳିପାରିନାହିଁ।

# ବାର୍ଷିକ କ୍ରୀଡ଼ା ପ୍ରତିଯୋଗିତା

ଦେବଗଡ଼,୩।୨(ଶଶାଙ୍କ ଶେଖର ଝାଙ୍କର)

ଦେବଗଡ଼ ଜିଲା ବାରକୋଟ ବ୍ଲକ୍ ରମ୍ପେଇ ଗ୍ରାମପଞ୍ଚାୟତ ନିକଟସ୍ଥ ତିଳେଇମାଳ ଉଚ୍ଚ ପ୍ରାଥମିକ ବିଦ୍ୟାଳୟଠାରେ ବିଦ୍ୟାଳୟର ବାର୍ଷିକ କ୍ରୀଡା ପ୍ରତିଯୋଗିତା ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ପ୍ରଧାନ ଶିକ୍ଷକ କ୍ଷୀରୋଦ ବିହାରୀ ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ତିଳେଇମାଳ ସିଆର୍‌ସିସି ନିରଞ୍ଜନ କୁମାର ସାହୁ, ସମ୍ମାନିତ ଅତିଥି ଭାବେ ଖଜୁରୀବାହାଳ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଡମ୍ବରୁଧର ରାଉତ, ଖଜୁରୀବାହାଳ ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ଶକୁନ୍ତଳା କିଷାନ, ଖଜୁରୀବାହାଳ କଲୋନୀ ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଲଳିତ ମୋହନ ପ୍ରଧାନ ଯୋଗଦେଇ କ୍ରୀଡ଼ାର ଉପାଦେୟତା ଉପରେ ଆଲୋକପାତ କରିଥିଲେ। କ୍ରୀଡ଼ା ଶିକ୍ଷକ ଇନ୍ଦ୍ରଜିତ୍ ସାମଲଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ୨୦ଟି ଖେଳରେ ମୋଟ ୮୮ ଜଣ ଛାତ୍ରୀଛାତ୍ର ଅଂଶଗ୍ରହଣ କରିଥିଲେ। ଏହି ଅବସରରେ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ବରିଷ୍ଠ ଶିକ୍ଷକ ପୀତବାସ ସାହୁ କାର୍ଯ୍ୟକ୍ରମ ପରିଚାଳନା କରିଥିବାବେଳେ ଶିକ୍ଷକ ଡିଲେଶ୍ୱର ନାଏକ ଓ ଭେଷଜ କୁମାର ଭୋଜ ସହଯୋଗ କରିଥିଲେ। ଶିକ୍ଷୟିତ୍ରୀ କାଞ୍ଚନପ୍ରଭା ପ୍ରଧାନ ଧନ୍ୟବାଦ ଦେଇଥିଲେ।

# କ୍ରିକେଟ ଟୁର୍ନାମେଣ୍ଟ: ପ୍ରୋଗ୍ରେସିଭ କ୍ଲବ୍ ବିଜୟୀ


 କାର୍ଯ୍ୟକ୍ରମରେ ଅତିଥିଙ୍କ ଗହଣରେ ଖେଳାଳୀ।

ବ୍ରଜରାଜନଗର, ୩।୨(ବିଜୟ ବରାଡ଼)

ଝାରସୁଗୁଡ଼ା ଜିଲା ବ୍ରଜରାଜନଗରସ୍ଥିତ ଓପିଏମ୍ ଖେଳପଡିଆରେ ୫ମ ଜି ସାମୁଏଲ ରାଓ କ୍ରିକେଟ୍ ଟୁର୍ନାମେଣ୍ଟ ମଙ୍ଗଳବାର ଉଦ୍‌ଘାଟିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ବ୍ରଜରାଜନଗର ନଗରପାଳ ଗୋପାଳ ସିତାନୀ, ସମ୍ମାନିତ ଅତିଥି ଭାବେ ପୂର୍ବତନ କ୍ରିକେଟ୍ ଖେଳାଳି ଜି. ତୁଳସୀ ରାଓ, ଝାରସୁଗୁଡ଼ା କ୍ରିକେଟ୍ ଆସୋସିଏଶନ ସଭାପତି ପ୍ରଜ୍ୱଳ ପଟେଲ, ସମ୍ପାଦକ ମେହତାବ ଖାନ୍, କୋଷାଧ୍ୟକ୍ଷ ବସନ୍ତ ସାବୁ, ସାମାଜିକ କର୍ମୀ ଜ୍ୟୋତି ଲାଠ, ପୂର୍ବତନ ଖେଳାଳି ଗଣେଶ ମରେଇ, ବରିଷ୍ଠ ସାମ୍ବାଦିକ ଉପେନ ଚରଣ ସାହୁ, ଜି ସାମୁଏଲ ରାଓଙ୍କ ପୁଅ ଜି. ମୁକୁନ୍ଦ ରାଓ, କାଉନସିଲର ମହେଶ ମୁଲି ଯୋଗଦେଇଥିଲେ। ଉଦ୍‌ଘାଟନୀ ମ୍ୟାଚ୍ ଝାରସୁଗୁଡ଼ାର ପ୍ରୋଗ୍ରେସିଭ କ୍ଲବ୍ ଓ ସାଇନିଂ ଷ୍ଟାର ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ପ୍ରୋଗ୍ରେସିଭ କ୍ଲବ୍ ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୩୦ ଓଭରରେ ୭ ଉଇକେଟ୍ ହରାଇ ୨୨୭ ରନ୍ ସଂଗ୍ରହ କରିଥିଲା। ଏହାର ଜବାବରେ ସାଇନିଂ ଷ୍ଟାର ୨୨.୩ ବଲ୍‌ରେ ସମସ୍ତ ଉଇକେଟ୍ ହରାଇ ୧୧୬ ରନ୍ କରିଥିଲା। ଅମ୍ପାୟାର ପ୍ରଜ୍ୱଳ ପଟେଲ ଓ ବିଭୁତି ଭୂଷଣ ପାତ୍ର ମ୍ୟାଚ୍ ପରିଚାଳନା କରିଥିବାବେଳେ ଅନିଲ ବାବୁ ଖସେର ଧାରା ବିବରଣୀ ଦେଇଥିଲେ। ରବୀନ୍ଦ୍ର ସିଂହ, କିଷାନ ଅଗ୍ରୱାଲ, ରବୀନ ଷଡଙ୍ଗୀ, ଅନିରୁଦ୍ଧ କେୱଟ, ଅଶୋକ ପ୍ରଧାନ ଖେଳ ପରିଚାଳନା କରିଥିଲେ।

# ଏବିଭିପିର ପ୍ରତିଭା ପର୍ବ କାର୍ଯ୍ୟକ୍ରମ

ଝାରସୁଗୁଡ଼ା,୩।୨(ଆଶିଷ ରଞ୍ଜନ ଦାଶ)

ଝାରସୁଗୁଡ଼ା ଜିଲା ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦ(ଏବିଭିପି) ରାଷ୍ଟ୍ରୀୟ କଳା ମଞ୍ଚ ପକ୍ଷରୁ ଜିଲାସ୍ତରୀୟ ସାଂସ୍କୃତିକ କାର୍ଯ୍ୟକ୍ରମ 'ପ୍ରତିଭା ପର୍ବ' ମଙ୍ଗଳବାର ସରବାହାଲ ସରସ୍ୱତୀ ଶିଶୁମନ୍ଦିରଠାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଝାରସୁଗୁଡ଼ା ଜିଲାର ବିଭିନ୍ନ ଶିକ୍ଷାନୁଷ୍ଠାନରୁ ଶତାଧିକ ବିଦ୍ୟାର୍ଥୀ ଆସି ପ୍ରତିଭା ପ୍ରଦର୍ଶନ କରିଥିଲେ। ଏହି ଅବସରରେ ବକ୍ତୃତା, ସଙ୍ଗୀତ, ନୃତ୍ୟ, ଚିତ୍ରାଙ୍କନ, ରଙ୍ଗୋଲି ପ୍ରତିଯୋଗିତା ହୋଇଥିଲା। ଏହି କାର୍ଯ୍ୟକ୍ରମରେ ପ୍ରତିଭାବାନ ବିଦ୍ୟାର୍ଥୀଙ୍କୁ ଆଗକୁ ବଢ଼ିବା ପାଇଁ ଉତ୍ସାହିତ କରିବା, ସେମାନଙ୍କ ମଧ୍ୟରେ ଦେଶ ଭକ୍ତିର ଭାବନା ଜାଗ୍ରତ କରିବା ଉପରେ ଗୁରୁତ୍ୱାରୋପ କରାଯାଇଥିଲା। ଉଦ୍‌ଘାଟନ ସମାରୋହରେ ମୁଖ୍ୟ ଅତିଥି ଭାବେ ସି ଏ ଅଙ୍କିତ ଅଗ୍ରୱାଲ, ମୁଖ୍ୟବକ୍ତା ରାଷ୍ଟ୍ରୀୟ କଳାମଞ୍ଚର ରାଜ୍ୟ ସହସଂଯୋଜିକା ବିଦ୍ୟୋତୋମା ମାଝୀ, ବିଶିଷ୍ଟ ଅତିଥି ଭାବେ ସୁଜାତା ମିଶ୍ର, ବିଭାଗର ସଂଯୋଜକ ବାପୁନ ପଶାୟତ ଓ ଜିଲା ସଂଯୋଜକ ଚିନ୍ମୟ ବେହେରା ଯୋଗଦେଇଥିଲେ। ସେହିପରି ପୁରସ୍କାର ବିତରଣ ସମାରୋହରେ ମୁଖ୍ୟ ଅତିଥି ଭାବେ ରାଷ୍ଟ୍ରୀୟ ସ୍ୱୟଂ ସେବକ ସଂଘର ଝାରସୁଗୁଡ଼ା ନଗର ସଂଘଚାଳକ ସୁରେଶ ଗାନ୍ଧୀ, ମୁଖ୍ୟବକ୍ତା ଏବିଭିପିର ରାଷ୍ଟ୍ରୀୟ କାର୍ଯ୍ୟକାରିଣୀ ସଦସ୍ୟ ଜୀବନଜ୍ୟୋତି ରାଉତ, ବିଶିଷ୍ଟ ଅତିଥି ଭାବେ ଏବିଭିପି ଓଡ଼ିଶା ପଶ୍ଚିମ ପ୍ରାନ୍ତର ସହସମ୍ପାଦିକା ଚୁମୁକି ନାୟକ, ନଗର ସଭାପତି ଚୂଡ଼ାମଣି ମେହେର ଓ ନଗର ସମ୍ପାଦକ ପଙ୍କଜ ସାହୁ ଯୋଗଦେଇ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ଲକ୍ଷ୍ମୀନାରାୟଣ ମହାବିଦ୍ୟାଳୟ ଏବିଭିପି ଶାଖା ସମ୍ପାଦିକା ନନ୍ଦିନୀ ସିଂ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଏହି କାର୍ଯ୍ୟକ୍ରମରେ ଶୁଭମ ବେଶନ, ପ୍ରେମ ସାହା, ରଞ୍ଜନ ଯାଦବ, ବିକି ଗୁପ୍ତା, ପ୍ରେମସାଗର ଭୋଇ, ସତ୍ୟନାରାୟଣ ଦାସ, ସୁହନି ପ୍ରଜାପତି, ମୁସ୍କାନ ପ୍ରସାଦ ଉପସ୍ଥିତ ଥିଲେ।

# ତାଲିମ ଶିବିର ଉଦ୍‌ଘାଟିତ



କାର୍ଯ୍ୟକ୍ରମରେ ବିଇଓ ରାଜେନ୍ଦ୍ର ପ୍ରସାଦ ସାହୁ ଓ ଅନ୍ୟମାନେ।

ଲଖନପୁର,୩।୨(ଗୌତମ ସାହୁ)

ଝାରସୁଗୁଡ଼ା ଜିଲା ଭିଖମପାଲି ହାଇସ୍କୁଲ ପରିସରରେ ଲଖନପୁର ବ୍ଲକ୍ ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟ ପକ୍ଷରୁ ଶିକ୍ଷୟିତ୍ରୀ, ଶିକ୍ଷକଙ୍କ ପାଇଁ ୫ ଦିନିଆ ତାଲିମ ଶିବିର ମଙ୍ଗଳବାର ଉଦ୍‌ଘାଟିତ ହୋଇଯାଇଛି। ଏହାକୁ ଲଖନପୁର ବ୍ଲକ ଶିକ୍ଷା ଅଧିକାରୀ(ବିଇଓ) ରାଜେନ୍ଦ୍ର ପ୍ରସାଦ ସାହୁ ଉଦ୍‌ଘାଟନ କରିଥିଲେ। ଜାତୀୟ ଶିକ୍ଷାନୀତି-୨୦୨୦ ଅନୁଯାୟୀ, ୨୦୨୩ରେ ନୂଆ ପାଠ୍ୟ ପୁସ୍ତକ ତିଆରି କରାଯାଇଛି। ଏହି କ୍ରମରେ ଶିଶୁବାଟିକାରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ପ୍ରାୟ ୫୫ ଖଣ୍ଡ ନୂଆ ବହି ତିଆରି କରାଯାଇଛି, ଯାହାକି ଆନୁଶିକ୍ଷିକ, ତର୍କ ବିଷୟବସ୍ତୁ ନିଜେ ବୁଝିବା, ଦକ୍ଷତା ଆଧାରିତ ଜ୍ଞାନ ଆହରଣ କରିବା ଭଳି ଅନେକ ବ୍ୟବସ୍ଥା ନୂଆ ଶିକ୍ଷାନୀତିରେ ରହିଛି। ଓଡ଼ିଶାରେ ଏହାକୁ ରାଜ୍ୟ ସରକାର ଲାଗୁ କରିଛନ୍ତି। ଏହି କ୍ରମରେ ଲଖନପୁର ବ୍ଲକ୍ ଅଞ୍ଚଳର ୨୫୮ଟି ବିଦ୍ୟାଳୟର ୭୧୧ଜଣ ଶିକ୍ଷୟିତ୍ରୀ, ଶିକ୍ଷକଙ୍କୁ ପର୍ଯ୍ୟାୟକ୍ରମେ ୫ଟି କେନ୍ଦ୍ରରେ ତାଲିମ ଦେବା ପାଇଁ ବ୍ଲକ୍ ଶିକ୍ଷା ବିଭାଗ ପକ୍ଷରୁ ବ୍ୟବସ୍ଥା କରାଯାଇଛି। କନକତୋରା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ପରିସରରେ ପ୍ରଥମ ପର୍ଯ୍ୟାୟ ତାଲିମ କାର୍ଯ୍ୟକ୍ରମ ଶେଷ ହୋଇଥିବାବେଳେ ଦ୍ୱିତୀୟ ପର୍ଯ୍ୟାୟ କାର୍ଯ୍ୟକ୍ରମ ଭିଖମପାଲିରେ ଚାଲିଛି। ପ୍ରଥମ ପର୍ଯ୍ୟାୟରେ ୧୦୦ ଜଣ ତାଲିମ ନେଇଥିବାବେଳେ ଦ୍ୱିତୀୟ ପର୍ଯ୍ୟାୟରେ ୧୧୩ ଜଣ ତାଲିମ ନେଉଛନ୍ତି। ଆସନ୍ତା ଏପ୍ରିଲରୁ ନୂତନ ଶିକ୍ଷାନୀତି ଅନୁଯାୟୀ ଛାତ୍ରୀଛାତ୍ରଙ୍କୁ ଶିକ୍ଷା ପ୍ରଦାନ କରାଯିବ ବୋଲି ବ୍ଲକ ଶିକ୍ଷା ଅଧିକାରୀ ସାହୁ କହିଛନ୍ତି। ଠାକୁର ପଧାନ, ଶିବ କାଲୋ, ଅନିରୁଦ୍ଧ ଡନସନା, ବିଷ୍ଣୁ ପଧାନ ପ୍ରଶିକ୍ଷକ ଭାବେ ଯୋଗଦେଇଛନ୍ତି।

# ଲୋକଙ୍କ ଅଭିଯୋଗ ଶୁଣିଲେ ବିଧାୟକ

ଝାରସୁଗୁଡ଼ା,୩।୨(ଆଶିଷ ରଞ୍ଜନ ଦାଶ)

ଝାରସୁଗୁଡ଼ା ବିଧାୟକ ଟଙ୍କଧର ତ୍ରିପାଠୀ ମଙ୍ଗଳବାର ସ୍ଥାନୀୟ ବିଟିଏମ୍‌ସ୍ଥିତ ଭାଜପା କାର୍ଯ୍ୟାଳୟଠାରେ ଲୋକଙ୍କ ଅଭିଯୋଗର ଶୁଣାଣି କରିଥିଲେ। ଝାରସୁଗୁଡ଼ା ବ୍ଲକ୍ ଏବଂ ପୌରାଞ୍ଚଳ, ଲଇକେରା, କିର୍ମିରା, କୋଲାବିରା ବ୍ଲକ୍ ଅଞ୍ଚଳର ଶତାଧିକ ମହିଳା, ପୁରୁଷ ପହଞ୍ଚି ସେମାନଙ୍କ ସମସ୍ୟାର ସମାଧାନ ପାଇଁ ବିଧାୟକ ତ୍ରିପାଠୀଙ୍କୁ ଜଣାଇଥିଲେ। ଝାରସୁଗୁଡ଼ା ଜିଲାର ଚାଷୀଙ୍କ ଧାନ ବିକ୍ରି ପାଇଁ ହୋଇଥିବା


ବିଧାୟକ ଟଙ୍କଧର ତ୍ରିପାଠୀ ଲୋକଙ୍କ ଅଭିଯୋଗ ଶୁଣୁଛନ୍ତି।

କମିଟି ଗଠନକୁ ବାତିଲ କରାଯିବା ପାଇଁ ଜିଲା କୃଷକ ସଙ୍ଗଠନର କର୍ମକର୍ତ୍ତାମାନେ ବିଧାୟକଙ୍କୁ ଜଣାଇଥିଲେ। ସେହିପରି କେଲେଡ଼ାମାଲଠାରେ ଏକ କମ୍ୟୁନିଟି ହଲ୍ ନିର୍ମାଣ, ଓଏମ୍‌ପି ଓ ବଡ଼ମାଳ ଅଞ୍ଚଳରେ ରାସ୍ତା ନିର୍ମାଣ, ରେଡ୍‌କ୍ରସ୍‌ରୁ ସହାୟତା, ପ୍ରଧାନମନ୍ତ୍ରୀ ଆବାସ ଯୋଜନା ସାମିଲ କରିବା ଏବଂ ନୂତନ ଭତ୍ତା ସମ୍ବନ୍ଧୀୟ ଅଭିଯୋଗ ହୋଇଥିଲା। ବିଧାୟକ ତ୍ରିପାଠୀ କେତୋଟି ଅଭିଯୋଗର ସମାଧାନ ତୁରନ୍ତ କରିଥିବାବେଳେ ଆଉ କେତୋଟି ଅଭିଯୋଗ ଅତିଶୀଘ୍ର ସମାଧାନ କରାଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ।

# ଉନ୍ନୟନ କାର୍ଯ୍ୟର ସମୀକ୍ଷାକଲେ ଜିଲାପାଳ

ଲଇକେରା,୩।୨(ରଞ୍ଜନ କୁମାର ମେହେର)

ଝାରସୁଗୁଡ଼ା ଜିଲାପାଳ କୁଣାଲ ମୋତିରାମ ଚହ୍ୱାଣ ମଙ୍ଗଳବାର ଲଇକେରା ବ୍ଲକ୍ ଅଞ୍ଚଳ ଗସ୍ତକରି ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟର ତଦାରଖ ଏବଂ ସମୀକ୍ଷା କରିଛନ୍ତି। ଜିଲାପାଳ ପ୍ରଥମେ ଲଇକେରାସ୍ଥିତ ନୀଳକଣ୍ଠେଶ୍ୱର ମନ୍ଦିର ଗସ୍ତ କରିଥିଲେ। ପରେ ସେ କଲ୍ୟାଣ ମଣ୍ଡପ, ସାପ୍ତାହିକ ବଜାର, ଶ୍ମଶାନ, ଖୋଲା ବ୍ୟାୟାମଶାଳା, ଆଭ୍ୟନ୍ତରୀଣ ଖେଳପଡିଆର ଉନ୍ନତିମୂଳକ କାର୍ଯ୍ୟର ସମୀକ୍ଷା କରିଥିଲେ। ସମସ୍ତ କାର୍ଯ୍ୟ ନିର୍ଦ୍ଦିଷ୍ଟ ସମୟ ମଧ୍ୟରେ ସାରିବାକୁ ଲଇକେରା ବିଡିଓ ଜର୍ଜ ଡୁଙ୍ଗ୍‌ଡୁଙ୍ଗ୍‌ଙ୍କୁ ସେ ନିର୍ଦ୍ଦେଶ ଦେଇଛନ୍ତି। ସେହିପରି ଲଇକେରା ଅଞ୍ଚଳର ଛାତ୍ରୀଛାତ୍ରଙ୍କ ପାଇଁ ଗୋଟିଏ ଲାଇବ୍ରେରି ରୁମ୍ ଯଥାଶୀଘ୍ର ଖୋଲିବା ପାଇଁ ବିଡିଓଙ୍କୁ ଆଦେଶ ଦେଇଥିଲେ। ଏଥିସହ ଛୋଟପିଲା ଖେଳିବା ପାଇଁ ଲଇକେରା ଗ୍ରାମର ସାମାଜିକ କର୍ମୀଙ୍କ ଦ୍ୱାରା ଏକ ପାର୍କ ନିର୍ମାଣ ପାଇଁ ପ୍ରସ୍ତାବ ଦିଆଯାଇଥିଲା। ଏହି ସମୀକ୍ଷା କାର୍ଯ୍ୟକ୍ରମରେ ବିଡିଓ ଜର୍ଜ ଡୁଙ୍ଗ୍‌ଡୁଙ୍ଗ୍, ବ୍ଲକ୍ ଅଧ୍ୟକ୍ଷ ସଞ୍ଜୀତ ନାଏକ, ଏବିଡିଓ ପ୍ରମୋଦ ଦେହୁରୀ, ସରପଞ୍ଚ ପ୍ରିୟମ୍ବଦା ବେହେରା, କନିଷ୍ଠଯନ୍ତ୍ରୀ ସାରିକା ସ୍ୱାଇଁଙ୍କ ସମେତ ବ୍ଲକସ୍ତରୀୟ ଅଧିକାରୀ ଉପସ୍ଥିତ ଥିଲେ।


ଜିଲାପାଳ ଉନ୍ନୟନମୂଳକ କାର୍ଯ୍ୟର ତଦାରଖ କରୁଛନ୍ତି।

# ପର୍ଯ୍ୟଟନସ୍ଥଳକୁ ପ୍ଲାଷ୍ଟିକ୍‌ମୁକ୍ତ ପାଇଁ ସଚେତନତା

ଲଖନପୁର,୩।୨(ଗୌତମ ସାହୁ)

ଝାରସୁଗୁଡ଼ା ଜିଲା ଲଖନପୁର ବ୍ଲକ୍ ଅଞ୍ଚଳର ପ୍ରସିଦ୍ଧ ପର୍ଯ୍ୟଟନସ୍ଥଳ କୋଇଲି ଘୋଘର ପରିସରରେ ବେଲପାହାଡ଼ ବନାଞ୍ଚଳ ପକ୍ଷରୁ ପ୍ଲାଷ୍ଟିକମୁକ୍ତ ସଚେତନତା କାର୍ଯ୍ୟକ୍ରମ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ବେଲପାହାଡ଼ ବନାଞ୍ଚଳ ଅଧିକାରୀ ପ୍ରଦୀପ କୁମାର ନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବରେ ଝାରସୁଗୁଡ଼ା ବନ୍ୟପ୍ରାଣୀ ତତ୍ତ୍ୱାବଧାରକ ପ୍ରହ୍ଲାଦ ନାୟକ, ସମ୍ମାନିତ ଅତିଥି ଭାବେ ଲଖନପୁର ବ୍ଲକ୍ ଅଧ୍ୟକ୍ଷା ହୁତେଶ୍ୱରୀ ତିହିରିହା, ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡର ଅଧିକାରୀ ସମ୍ବିତ୍ ମୁଣ୍ଡା, ଝାରସୁଗୁଡ଼ା ତହସିଲଦାର ସଦାକର କୁମ୍ଭାର, ପରିବେଶ ସମିତି ସଦସ୍ୟ ତ୍ରିନାଥ ଗୋୟଲ, ବେଣୁଧର ଚୌଧୁରୀ, ଜିଲା ପରିବେଶ ସମିତି ସଦସ୍ୟ ଗୋବିନ୍ଦ



କାର୍ଯ୍ୟକ୍ରମରେ ଅତିଥି ଓ ଛାତ୍ରୀଛାତ୍ର।

ସାକୁନିଆ, ପରିବେଶବିତ୍ ହମିଦ୍ କୁମାର ମହାପାତ୍ର ଯୋଗଦେଇଥିଲେ। ଅନ୍ୟ ଅତିଥିମାନଙ୍କ ମଧ୍ୟରେ ସମରବଗା ସରପଞ୍ଚ ଲିଲିମା ବାରିକ, ଜାମଗାଁ ସରପଞ୍ଚ ଗୋପୀନାଥ ସାଏ, କଦମଡିହି ସରପଞ୍ଚ ତରୁଲତା ବାରିକ, କତରବଗା ସରପଞ୍ଚ ସୁମିତ୍ରା ଖମାରୀ ଉପସ୍ଥିତ ଥିଲେ। ଦୈନନ୍ଦିନ ଜୀବନରେ ପ୍ଲାଷ୍ଟିକ୍ ବ୍ୟବହାରକୁ କମାଇବା ଏବଂ କୋଇଲି ଘୋଘର ପର୍ଯ୍ୟଟନସ୍ଥଳକୁ ପ୍ଲାଷ୍ଟିକ୍‌ମୁକ୍ତ କରିବା ପାଇଁ ଅତିଥିମାନେ ମତବ୍ୟକ୍ତ କରିଥିଲେ। ଏଥିସହ ଅତିଥିମାନେ ଆଖପାଖ ଅଞ୍ଚଳର ବିଭିନ୍ନ ବିଦ୍ୟାଳୟର ଛାତ୍ରୀଛାତ୍ରଙ୍କୁ ଶପଥପାଠ କରାଇଥିଲେ। ଟିମ୍ ଲିଡର ଦିଲୀପ ପଧାନ ମଞ୍ଚ ପରିଚାଳନା କରିଥିଲେ। ଏହି ଅବସରରେ ପୂର୍ବରୁ ହୋଇଥିବା ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା।

# ୪ ବନ୍ଧୁକ, ୧୨୫ ଗୁଳି ଜବତ: ୨ ଗିରଫ

## ବନ ବିଭାଗର ଅପରେଶନ ଜୀବେଦୟା

ଛେଣ୍ଡିପଦା,୩।୨(ଅଜିତ ଧଳ)



ଜବତ ବନ୍ଧୁକ, ଗୁଳି ଆଦି ଶିକାର ସାମଗ୍ରୀ ସହ ଚଢ଼ାଉ କରିଥିବା ଟିମ୍।

ଅପରେଶନ ଜୀବେଦୟା ମିଶନରେ ବନବିଭାଗ ଓ ପୋଲିସକୁ ସଫଳତା ମିଳିଛି। ଅନୁଗୋଳ ଜିଲା ଜରପଡ଼ା ଓ ଛେଣ୍ଡିପଦା ବନାଞ୍ଚଳ ପକ୍ଷରୁ ବିଭିନ୍ନ ସ୍ଥାନରେ ଚଢ଼ାଉ କରାଯାଇ ଶିକାର ଉଦ୍ଦେଶ୍ୟରେ ରଖାଯାଇଥିବା ୪ ଦେଶୀ ବନ୍ଧୁକ, ୧୫ ଜୀବନ୍ତ ଗୁଳି, ୧୧୦ ସୀସାଗୁଳି, ବାରୁଦ, ଜିଆଇ ତାର ଫାଶ ଆଦି ଜବତ କରାଯିବା ସହ ୨ଜଣଙ୍କୁ ଗିରଫ କରାଯାଇଛି। ଗିରଫ ଅଭିଯୁକ୍ତ ଦ୍ୱୟ ହେଲେ ବାଗଡ଼ିଆ ଥାନା ପାତ୍ରପଡ଼ା ତଳମଣ୍ଡଳୀ ଗାଁର ବିକାଶ କୁମାର ଦାସ ଓ ତାଙ୍କ ସମ୍ପର୍କୀୟ ଜିତୁ ରାଏ। ସୂଚନା ଅନୁଯାୟୀ, ବିଶେଷ ସୂତ୍ରରୁ ଖବରପାଇ ଅନୁଗୋଳ ଏସିଏଫ୍ ସିଦ୍ଧାର୍ଥ ଜୈନ, ଜରପଡ଼ା ବନାଞ୍ଚଳ ଅଧିକାରୀ ମାଧବ ଚନ୍ଦ୍ର ନାୟକ ଓ ଜରପଡ଼ା ଥାନା ଅଧିକାରୀ ମନୋଜ କୁମାର ପ୍ରଧାନଙ୍କ ନେତୃତ୍ୱରେ ଏକ ଟିମ୍ ଓଗୀ ଗାଁରେ ଚଢ଼ାଉ କରିଥିଲା। ଚଢ଼ାଉ ବେଳେ ଶିକାରୀମାନେ ଫେରାର ହୋଇଯାଇଥିବା ବେଳେ ଓଗୀ ଗ୍ରାମର କିଶୋରୀ କୁମାର ସାହୁଙ୍କ ଘରେ ସର୍ଚ୍ଚ ୱାରେଣ୍ଟ ବଳରେ ଯାଞ୍ଚ କରାଯାଇଥିଲା। ଉକ୍ତ ଘର ଭିତରୁ ୨ଟି ବନ୍ଧୁକ, ୪ଟି ହରିଣ ଶିଙ୍ଗ, ୧୫ ଜୀବନ୍ତ ଗୁଳି, ବାରୁଦ, ଭୁଜାଲି ସହିତ ଶିକାର ପାଇଁ ବ୍ୟବହୃତ ଜିଆଇ ଫାଶ ଜବତ କରାଯାଇଥିଲା। ପୂର୍ବରୁ ମଧ ବନବିଭାଗ ପକ୍ଷରୁ ଚଢ଼ାଉ କରାଯାଇ ୭ଟି ହରିଣ ଶିଙ୍ଗ, ୪ଟି ବନ୍ଧୁକ, ଜୀବନ୍ତ ଗୁଳି, ବୋମା ଜବତ କରାଯାଇଥିଲା। ଏ ନେଇ ବନାଞ୍ଚଳ ପକ୍ଷରୁ ଗୋଟିଏ ମାମଲା ରୁଜୁ କରାଯାଇଥିବାବେଳେ ଜରପଡ଼ା ପୋଲିସ ଆର୍ମ ଆକ୍ଟରେ ଏକ ମାମଲା ରୁଜୁ କରି ଶିକାରୀମାନେ ବନ୍ଧୁକ ଓ ବାରୁଦ କେଉଁଠୁ ଆଣୁଛନ୍ତି ସେ ନେଇ ତଦନ୍ତ ଜାରି ରଖିଛି। ସେହିପରି ଛେଣ୍ଡିପଦା ବନାଞ୍ଚଳ ଅଧିକାରୀ ଶୁଭ୍ରା ଶୁଚିସ୍ମିତା ମହାପାତ୍ର ଜନ୍ତୁ ମାଂସ ରୋଷେଇ ହେଉଥିବା ଖବରପାଇ ବାଗଡ଼ିଆ ଥାନା ପାତ୍ରପଡ଼ା ତଳମଣ୍ଡଳୀ ଗାଁର ଚିତ୍ତରଞ୍ଜନ ଦାସଙ୍କ ଘରେ ଚଢ଼ାଉ କରିଥିଲେ। ଉକ୍ତ ଘର ଭିତରେ ରୋଷେଇ ଚାଲିଥିବା ୪ କିଲୋ ରନ୍ଧା ମାଂସ ସହ ଘରେ ଥିବା ୭ କିଲୋ କଞ୍ଚା ମାଂସ, ୨ଟି ଦେଶୀ ବନ୍ଧୁକ, ବନ୍ଧୁକ ପାଉଡ଼ର, ୧୧୦ ସୀସା ଗୁଳି, ଏକ ହାତ ତିଆରି ବୋମା ଓ ୧୮ ବଣ୍ଡଲ କେଳୁପତ୍ର ଜବତ କରାଯାଇଥିଲା। ଚିତ୍ତରଞ୍ଜନଙ୍କ ପୁଅ ବିକାଶ ଓ ସମ୍ପର୍କୀୟ ଜିତୁଙ୍କୁ ଗିରଫ କରାଯାଇଥିଲା। ଏ ନେଇ ଛେଣ୍ଡିପଦା ବନାଞ୍ଚଳରେ ୧୧ ସିଏଚ୍‌ରେ ଏକ ମାମଲା ରୁଜୁ କରାଯାଇ ତଦନ୍ତ କରାଯାଉଛି।

# ଗୁଣି ସନ୍ଦେହରେ ବୃଦ୍ଧଙ୍କୁ ହତ୍ୟା

## ଗିରଫ ଭୟରେ ଗ୍ରାମ ପୁରୁଷଶୂନ୍ୟ

ଅଥଗଡ଼,୩।୨(ରବୀନ୍ଦ୍ର ପଣ୍ଡା)

ଗୁଣି ସନ୍ଦେହରେ ଜଣେ ବୃଦ୍ଧଙ୍କୁ ବୀଭତ୍ସ ଭାବେ ହତ୍ୟା କରାଯାଇଛି। ଦୁର୍ବୃତ୍ତ ବୃଦ୍ଧଙ୍କ ମୁଣ୍ଡକୁ କାଟି ସାହାଯ୍ୟରେ ହାଣିବା ପରେ ପଥରରେ ଛେଚିହତ୍ୟା କରିଛନ୍ତି। ରାୟଗଡ଼ା ଜିଲା ଅଥଗଡ଼ ଥାନା ସରଧାପୁର ପଞ୍ଚାୟତ ଶୁଣ୍ଡିପଦର ଗ୍ରାମରେ ମଙ୍ଗଳବାର ଏଭଳି ହତ୍ୟାକାଣ୍ଡ ଘଟିଛି। ମୃତକ ହେଲେ ଚିରିମା ବାଗ (୮୧)। ମୃତକଙ୍କ ପରିବାର ଲୋକେ ଏ ନେଇ ଅଥଗଡ଼ ଥାନାରେ ଅଭିଯୋଗ କରିବା ପରେ ପୋଲିସ ଏକ ମାମଲା ରୁଜୁକରି ଘଟଣାର ତଦନ୍ତ କରୁଛି। ପୋଲିସ ତଦନ୍ତବେଳେ ଗିରଫ ଭୟରେ ଗାଁ ପୁରୁଷ ଶୂନ୍ୟ ହୋଇଯାଇଥିବା ବେଳେ ମହିଳା ମୁହଁ ଖୋଲୁ ନ ଥିବା ଦେଖିବାକୁ ମିଳିଛି। ପୂର୍ବରୁ ଗୁଣିଗାରେଡ଼ି ପାଇଁ ଗ୍ରାମରେ ବିବାଦ ହୋଇଥିବାରୁ ଗୁଣିକୁ ନେଇ ହତ୍ୟାକାଣ୍ଡ ହୋଇଥିବା ସନ୍ଦେହ କରାଯାଉଛି। ଘଟଣାସ୍ଥଳରେ ସାଇଣ୍ଟିଫିକ୍ ଟିମ ସନ୍ଧାନୀ କୁକୁର ସହ ପହଞ୍ଚି ତଦନ୍ତ କରୁଛି। ମୃତଦେହ ନିକଟରୁ ପୋଲିସ ଏକ ଟେଲାଇଟ, ଏକ କାଟି ଜବତ କରିଛି। ମୃତ ପରିବାର ଲୋକଙ୍କ କହିବା ଅନୁଯାୟୀ, ଚିରିମା ରବିବାର ସନ୍ଧ୍ୟାରୁ ରୁପାପଦର ଗ୍ରାମକୁ ଯାଇ ଆଉ ଫେରି ନ ଥିଲେ। ପରିବାର ଲୋକେ ବହୁ ଖୋଜାଖୋଜି କରିଥିଲେ ମଧ ତାଙ୍କ ପତ୍ତା ମିଳି ନ ଥିଲା। ମଙ୍ଗଳବାର ସକାଳୁ ଧାନ ବିଲ ନିକଟ ଏକ ନାଳରେ ତାଙ୍କ ମୃତଦେହ ପଡ଼ିଥିବା ଦେଖି ଅଥଗଡ଼ ପୋଲିସକୁ ଖବର ଦିଆଯାଇଥିଲା। ଅପରପକ୍ଷେ ଗତ ୬ ମାସ ପୂର୍ବରୁ ଗୁଣି ଗାରେଡ଼ି ସନ୍ଦେହ କରି ଚିରିମାଙ୍କ ସହ କେତେଜଣ ଲୋକଙ୍କ ପାଟିତୁଣ୍ଡ ହୋଇଥିଲା। ଗୁଣି ସନ୍ଦେହରେ ବୃଦ୍ଧଙ୍କୁ ହତ୍ୟା କରାଯାଇଥିବା ସନ୍ଦେହ କରାଯାଉଥିବା ବେଳେ ତଦନ୍ତ ପରେ ମୃତ୍ୟୁର ପ୍ରକୃତ କାରଣ ଜଣାପଡିବ ବୋଲି ଅଥଗଡ଼ ଆଇଆଇସି କଲ୍ପନା ବେହେରା କହିଛନ୍ତି। ଘଟଣାସ୍ଥଳରେ ମୁନିଗୁଡ଼ା ଆଇଆଇସି କେଶବ ଷଡ଼ଙ୍ଗୀ ମଧ ଯାଇ ତଦନ୍ତ କରିଛନ୍ତି।

# ବାଂଲାଦେଶୀ ସନ୍ଦେହରେ ମାନସିକ ବିକାରଗ୍ରସ୍ତ ଯୁବକଙ୍କୁ ମାଡ଼

ଚାନ୍ଦବାଲି,୩।୨(କିଷାନ ପାତ୍ର)

ଭଦ୍ରକ ଜିଲା ଚାନ୍ଦବାଲି ବ୍ଲକ ବାଂଶଡ଼ା ଥାନା ଅଧୀନ ହରିପୁର ଗ୍ରାମରେ ରବିବାର ରାତିରେ ବାଂଲାଦେଶୀ କିମ୍ବା ଚୋର ସନ୍ଦେହରେ ଜଣେ ମାନସିକ ବିକାରଗ୍ରସ୍ତ ଯୁବକଙ୍କୁ ଖୁଣ୍ଟରେ ବାନ୍ଧି ମାଡ଼ ମରାଯାଇଛି। ଆକ୍ରମଣର ଶିକାର ହୋଇଥିବା ଯୁବକ ହେଲେ ଚାନ୍ଦବାଲି ଥାନା ଅଧୀନ ଭୁଇଁବ୍ରିଡ଼ି ଅଞ୍ଚଳର ମାନସିକ ବିକାରଗ୍ରସ୍ତ ଭଗବାନ ସେଠୀ(୨୦)। ଏନେଇ ତାଙ୍କ ବାପା ଅମୂଲ୍ୟ ସେଠୀ ବାଂଶଡ଼ା ଥାନାରେ ଅଭିଯୋଗ କରିଛନ୍ତି। ଅମୂଲ୍ୟ ଅଭିଯୋଗରେ ବର୍ଣ୍ଣାଇଛନ୍ତି ଯେ, ହରିପୁର ଗ୍ରାମର କେତେଜଣ ଲୋକ ବାଂଲାଦେଶୀ ସନ୍ଦେହ କରି ଭଗବାନଙ୍କ ହାତଗୋଡ଼ ବାନ୍ଧି ଏକ ଖୁଣ୍ଟରେ ବାନ୍ଧି ପିଟିଥିଲେ। ଖବରପାଇ ବାଂଶଡ଼ା ପୋଲିସ ଘଟଣାସ୍ଥଳରେ ପହଞ୍ଚି ତାଙ୍କୁ ଉଦ୍ଧାର କରିଥିଲା। ତେବେ ଗୁରୁତର ଥିବା ଯୁବକଙ୍କୁ ପୋଲିସ ତୁରନ୍ତ ଚିକିତ୍ସା ବ୍ୟବସ୍ଥା ନ କରି କିମ୍ବା କୌଣସି ଆଇନଗତ କାର୍ଯ୍ୟାନୁଷ୍ଠାନ ନ ନେଇ ଅଧାବାଟରେ ଛାଡ଼ି ଦେଇଥିଲା। ପରଦିନ ଚାପ ପଡ଼ିବା ପରେ ପୋଲିସ ପୁଣିଥରେ ତିହିଡ଼ି ଅଞ୍ଚଳର ପୀରହାଟ ନିକଟରୁ ଭଗବାନଙ୍କୁ ଉଦ୍ଧାର କରି ପ୍ରଥମେ ଚାନ୍ଦବାଲି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲା। ପରେ ତାଙ୍କୁ ଭଦ୍ରକ ଜିଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଛି। ଚାନ୍ଦବାଲି ଏସଡିପିଓ ପ୍ରଭାସ ସାହୁଙ୍କ ହସ୍ତକ୍ଷେପ ପରେ ଏକ ମାମଲା ରୁଜୁ କରାଯାଇଛି। ତେବେ ଘଟଣାକୁ ଦୁଇଦିନ ବିତିଯାଇଥିଲେ ମଧ୍ୟ ଆକ୍ରମଣକାରୀଙ୍କ ବିରୋଧରେ କୌଣସି କାର୍ଯ୍ୟାନୁଷ୍ଠାନ ନିଆଯାଇ ନ ଥିବାରୁ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି। ଉକ୍ତ ଯୁବକ ଡାକ୍ତରଖାନାରେ ଚିକିତ୍ସାଧୀନ ଥିବାବେଳେ ଘଟଣାର ତଦନ୍ତ ଚାଲିଛି ବୋଲି ଏସଡିପିଓ ସାହୁ କହିଛନ୍ତି।

# ୧୦ ବାଂଲାଦେଶୀ ଅନୁପ୍ରବେଶକାରୀଙ୍କୁ ୨ ବର୍ଷ ଲେଖାଏଁ ଜେଲ

ଭୁବନେଶ୍ୱର,୩।୨(ତ୍ରିନାଥ ମହାନ୍ତି)

- ■ପ୍ରଥମ ଥର ଓଡ଼ିଶାରେ ବାଂଲା ଅନୁପ୍ରବେଶକାରୀଙ୍କ ବିରୋଧରେ ଦଣ୍ଡାଦେଶ
- ■ସ୍ୱଦେଶ ନ ଛାଡ଼ିବା ପାଇଁ ଅନୁରୋଧ କରିଥିଲେ ବାଂଲାଦେଶ ହାଇକମିଶନର

ପ୍ରଥମ ଥର ପାଇଁ ଓଡ଼ିଶାରେ ବାଂଲାଦେଶୀ ଅନୁପ୍ରବେଶକାରୀଙ୍କ ବିରୋଧରେ ଦଣ୍ଡ ଶୁଣାଇଛନ୍ତି କୋର୍ଟ। ମଙ୍ଗଳବାର ଭୁବନେଶ୍ୱର ଏସ୍‌ଡିଜେଏମ୍ କୋର୍ଟ ୧୦ ଜଣ ବାଂଲାଦେଶୀ ଅନୁପ୍ରବେଶକାରୀଙ୍କୁ ୨ବର୍ଷ ଲେଖାଏଁ ଜେଲ ଓ ୧୦ ହଜାର ଟଙ୍କା ଲେଖାଏଁ ଜରିମାନା ଦଣ୍ଡାଦେଶ ଦେଇଛନ୍ତି। ଏଥିସହ ଜରିମାନା ଅନାଦାୟ ଅଧିକ ୩ମାସ ଜେଲଦଣ୍ଡ ଭୋଗିବାକୁ ପଡ଼ିବ ବୋଲି ରାୟରେ ଉଲ୍ଲେଖ ରହିଛି। ଦଣ୍ଡାଦେଶ ପାଇଥିବା ଅଭିଯୁକ୍ତମାନେ ହେଲେ ଏମ୍‌ଡି ହାସିମ୍, ସଞ୍ଜୀବ ଖାନ, ଆଲାମ ସକିଲ, ଏମ୍‌ଡି ଆଜମ, ଅଲତାଫ, ସୋଆ ତାଲୁଙ୍କଦାର, କରିମ ବେଗମ, ମୋନିରା ବେଗମ, ସାହାନା ବେଗମ ଏବଂ ଜଣେ ନାବାଳକ। ୨୦୨୫ ମାର୍ଚ୍ଚ ୮ରେ ଭୁବନେଶ୍ୱର ରେଳଷ୍ଟେସନରୁ ଏହି ୧୦ ଅଭିଯୁକ୍ତଙ୍କୁ କ୍ରାଇମବ୍ରାଞ୍ଚ ଏସ୍‌ଟିଏଫ୍ ଗିରଫ କରିଥିଲା। ଗିରଫ ବାଂଲାଦେଶୀମାନଙ୍କୁ ସ୍ୱଦେଶ ନ ଛାଡ଼ିବା ପାଇଁ ବାଂଲାଦେଶ ହାଇକମିଶନର ଭୁବନେଶ୍ୱର କୋର୍ଟ ଏବଂ କ୍ରାଇମବ୍ରାଞ୍ଚକୁ ଲିଖିତ ଭାବେ ଅନୁରୋଧ ଜଣାଇଥିଲେ। ସୂଚନା ଅନୁଯାୟୀ, ସମ୍ପୃକ୍ତ ବାଂଲାଦେଶୀମାନେ ବେଆଇନ ଭାବେ ଭାରତକୁ ଆସି ଭୁବନେଶ୍ୱରରେ ରହୁଥିଲେ। ସେମାନେ ଏଠାରେ ଆପରାଧିକ କାର୍ଯ୍ୟକଳାପରେ ଲିପ୍ତ ରହୁଥିଲେ। ଏଠାରୁ ଲୁଟପାଟ, ଚୋରି, ହତ୍ୟା ଭଳି ଅପରାଧ ଘଟାଇ ବାଂଲାଦେଶକୁ ଫେରାର ହୋଇଯାଉଥିଲେ। କିଛିଦିନ ସେଠାରେ ରହିବା ପରେ ପୁଣି ଓଡ଼ିଶାକୁ ଫେରି ବିଭିନ୍ନ ଆପରାଧିକ କାର୍ଯ୍ୟରେ ସାମିଲ ହେଉଥିଲେ। ଭୁବନେଶ୍ୱର ରେଳଷ୍ଟେସନରେ ସନ୍ଦିଗ୍ଧ ଅବସ୍ଥାରେ ବୁଲୁଥିବାବେଳେ କ୍ରାଇମବ୍ରାଞ୍ଚ ଏସ୍‌ଟିଏଫ୍ ସେମାନଙ୍କୁ ଧରିଥିଲା। ଯାଞ୍ଚ କରାଯିବା ପରେ ସେମାନେ ନକଲି ଆଧାରକାର୍ଡ ମାଧ୍ୟମରେ ଓଡ଼ିଶା ଆସିଥିବା ସ୍ପଷ୍ଟ ହୋଇଥିଲା। ସେମାନଙ୍କ ନିକଟରୁ ବାଂଲାଦେଶୀ ଟଙ୍କା, ଭାରତୀୟ ଟଙ୍କା ଏବଂ ମୋବାଇଲ ଫୋନ୍ ଜବତ କରାଯାଇଥିଲା। ଫଳରେ ସେମାନଙ୍କୁ ଗିରଫ କରାଯାଇ କୋର୍ଟ ଚାଲାଣ କରାଯାଇଥିଲା। ଭୁବନେଶ୍ୱର ଏସ୍‌ଡିଜେଏମ୍ କୋର୍ଟରେ ଏହାର ଶୁଣାଣି ଜାରି ରହିଥିଲା। ୬ଜଣ ସାକ୍ଷୀ ଓ ବିଭିନ୍ନ ଦସ୍ତାବିଜ ଆଧାରରେ କୋର୍ଟ ମଙ୍ଗଳବାର ରାୟ ଶୁଣାଇଛନ୍ତି।

# ଭାଜପା ନେତା ଶିବରାମଙ୍କ ଘର ଉପରେ ଆକ୍ରମଣ, ୮ ଗିରଫ

## ଗାଁ ପରିଦର୍ଶନ କରି ଶାନ୍ତି ପ୍ରତିଷ୍ଠା ପାଇଁ ଏସ୍‌ପିଙ୍କ ନିବେଦନ

ମୋହନା,୩।୨(ମନ୍ମଥ ମିଶ୍ର)

ଗଜପତି ଜିଲା ମୋହନା ଥାନା ଅନ୍ତର୍ଗତ ଚାନ୍ଦିପୁଟ ଗ୍ରାମର ଭାଜପା ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଶିବରାମ ପୁଷ୍ଟାଙ୍କ ଘର ଉପରେ ସୋମବାର ସନ୍ଧ୍ୟାରେ ଆକ୍ରମଣ ହୋଇଛି। ପ୍ରାୟ ୫୦ରୁ ଊର୍ଦ୍ଧ୍ୱ ବ୍ୟକ୍ତି ଏପରି ସଂଘବଦ୍ଧ ଆକ୍ରମଣ କରିଛନ୍ତି। ଆକ୍ରମଣର ଦୃଶ୍ୟ ସିସିଟିଭି ଫୁଟେଜରେ କଏଦ ହୋଇଛି। ଏହି ଘଟଣାରେ ପୋଲିସ ୮ଜଣଙ୍କୁ ଗିରଫ କରି ମଙ୍ଗଳବାର ଅପରାହ୍ନରେ କୋର୍ଟଚାଲାଣ କରିଛି। ସେମାନେ ହେଲେ ଚାନ୍ଦିପୁଟ ଗାଁ ଖ୍ରୀଷ୍ଟିଆନ ସାହିର ପ୍ରମୋଦ ପଟ୍ଟନାୟକ, ସୁଜନ ମାଳି, ତପନ ମାଳି, ଅଜନ ପାଇକ, କୁଏଲ ଲିମା, ରାଜନ ପାଇକ, ଇମ୍ରାନୁଏଲ ନାୟକ ଓ ନୀଳମାଧବ ନାୟକ। ଏ ନେଇ ପୋଲିସ ଏକ ମାମଲା (ନଂ ୧୯/୨୬) ରୁଜୁ କରିଛି। ଏସ୍‌ଆର ବି.ନାଗମାୟା ରେଡ୍ଡୀ ଏହାର ତଦନ୍ତ କରୁଛନ୍ତି। ତେବେ କେଉଁ କାରଣରୁ ଏପରି ଘଟିଛି ତାହା ସ୍ପଷ୍ଟ ହୋଇନାହିଁ। ରାଜନୈତିକ ଶତ୍ରୁତା ନା ଆଉ କିଛି କାରଣ ରହିଛି ତାହା ତଦନ୍ତ ପରେ ଜଣାପଡ଼ିବ ବୋଲି ମୋହନା ଥାନା ଅଧିକାରୀ ବସନ୍ତ ସେଠୀ କହିଛନ୍ତି। ଅନ୍ୟପକ୍ଷରେ ଏହି ଘଟଣା ପରେ ମଙ୍ଗଳବାର ଗଜପତି ଏସ୍‌ପି ଯତୀନ୍ଦ୍ର କୁମାର ପଣ୍ଡା ଗାଁରେ ପହଞ୍ଚି ଶାନ୍ତିଶୃଙ୍ଖଳା ବଜାୟ ରଖିବା ପାଇଁ ଗ୍ରାମବାସୀଙ୍କୁ ଅନୁରୋଧ କରିଛନ୍ତି। ଗାଁରେ ଶାନ୍ତି ଫେରିବ ଓ ଦୋଷୀ ନିଶ୍ଚିତ ଦଣ୍ଡ ପାଇବେ ବୋଲି ଏସ୍‌ପି କହିଛନ୍ତି।

## Business

## ଭାରତ-ଆମେରିକା ବାଣିଜ୍ୟକ ଚୁକ୍ତି

# ଇଲେକ୍ଟ୍ରୋନିକ୍ସ ସେକ୍ଟର ପାଇଁ ଗେମ୍‌ଚେଞ୍ଜର

ଭୁବନେଶ୍ୱର,୩।୨(ଅନୁରାଧା ମହାରଣା)



ଭାରତ ଓ ଆମେରିକା ମଧ୍ୟରେ ଦୀର୍ଘଦିନ ଧରି ଅଟକି ରହିଥିବା ବ୍ୟବସାୟ ଚୁକ୍ତି ଉପରେ ମୋହର ଲାଗିଛି। ଏହି ଚୁକ୍ତିକୁ ଇଲେକ୍ଟ୍ରୋନିକ୍ସ ଉତ୍ପାଦନ କ୍ଷେତ୍ରରେ ଏକ ବଡ଼ ପରିବର୍ତ୍ତନକାରୀ ବା ଗେମଚେଞ୍ଜର ଭାବେ ବିଶେଷଜ୍ଞମାନେ ବର୍ଣ୍ଣନା କରୁଛନ୍ତି। ଉଭୟ ଦେଶ ମଧ୍ୟରେ ପ୍ରସ୍ତାବିତ ୫୦୦ ବିଲିୟନ ଡଲାରର ଦ୍ୱିପାକ୍ଷିକ ବାଣିଜ୍ୟରେ ଇଲେକ୍ଟ୍ରୋନିକ୍ସ ସେକ୍ଟରର ଅଂଶ ଆଗାମୀ ବର୍ଷଗୁଡ଼ିକରେ ୧୦୦ ବିଲିୟନ ଡଲାର ପର୍ଯ୍ୟନ୍ତ ପହଞ୍ଚିବା ସମ୍ଭାବନା ରହିଛି। ଅନେକ ମାସ ଧରି ଚାଲିଥିବା ଆଲୋଚନା ପରେ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଏହି ବ୍ୟବସାୟ ଚୁକ୍ତି ଉପରେ ଘୋଷଣା କରିଛନ୍ତି। ସେ କହିଛନ୍ତି, ଏହି ଚୁକ୍ତି ତୁରନ୍ତ ପ୍ରଭାବରେ ଲାଗୁହେବ ଏବଂ ଭାରତ ଉପରେ ଲଗାଯାଇଥିବା ମୋଟ ୫୦% ଟାରିଫକୁ ୧୮%କୁ ହ୍ରାସ କରାଯାଇଛି। ଏହି ନିଷ୍ପତ୍ତିରେ ଭାରତୀୟ ରପ୍ତାନିକାରୀମାନଙ୍କୁ ଆଶ୍ୱସ୍ତି ମିଳିଛି। ବିଶେଷକରି ଗତ ୨ ବର୍ଷ ଧରି ବର୍ଦ୍ଧିତ ଶୁଳ୍କ ଯୋଗୁ ପ୍ରତିଯୋଗିତାରେ ପଛରେ ରହିଥିବା ସେକ୍ଟରଗୁଡ଼ିକ ଉପକୃତ ହେବେ ବୋଲି ଆଶା କରାଯାଉଛି। ଶୁଳ୍କ ବୃଦ୍ଧି ଯୋଗୁ ଆମେରିକୀୟ ବଜାରରେ ଇଲେକ୍ଟ୍ରୋନିକ୍ସ ଉତ୍ପାଦ ଭଳି ବିଭିନ୍ନ ଭାରତୀୟ ଉତ୍ପାଦର ସ୍ଥିତି ଦୁର୍ବଳ ହୋଇଯାଇଥିଲା। ସୂଚନା ଥାଉକି, ଗତ କିଛି ବର୍ଷରେ ଭାରତର ଇଲେକ୍ଟ୍ରୋନିକ୍ସ ଉଦ୍ୟୋଗ କ୍ଷେତ୍ରରେ ଅଭିବୃଦ୍ଧି ହେବା ସହ ଏହା ସରକାରଙ୍କ 'ମେକ୍ ଇନ୍ ଇଣ୍ଡିଆ' ଓ 'ପିଏଲ୍‌ଆଇ ସ୍କିମ୍'ର ଏକ ମୁଖ୍ୟ ସ୍ତମ୍ଭ ହୋଇପଡ଼ିଛି। ସ୍ମାର୍ଟଫୋନ, କମ୍ପ୍ୟୁଟର ଇଲେକ୍ଟ୍ରୋନିକ୍ସ, ସେମିକଣ୍ଡକ୍ଟର ଆସେମ୍ବଲି ଓ କମ୍ପୋନେଣ୍ଟ ଉତ୍ପାଦନରେ ଭାରତର ଉପସ୍ଥିତି ନିରନ୍ତର ବୃଦ୍ଧି ପାଉଛି। ଆର୍ଥିକ ବର୍ଷ ୨୦୨୪-୨୫ରେ ଭାରତ ପ୍ରାୟ ୩.୨୭ ଲକ୍ଷ କୋଟି ଟଙ୍କା (ଆନୁମାନିକ ୩୮ ବିଲିୟନ ଡଲାର)ର ଇଲେକ୍ଟ୍ରୋନିକ୍ସ ରପ୍ତାନି କରିଛି। ଏଥିରେ ଆମେରିକା ଭାରତୀୟ ରପ୍ତାନିକାରୀଙ୍କ ପାଇଁ ସବୁଠାରୁ ବଡ଼ ବଜାର ରହିଛି। ଟାରିଫ ହ୍ରାସ ପରେ ଭାରତୀୟ କମ୍ପାନୀଗୁଡ଼ିକ ପାଇଁ ଆମେରିକାରେ ନିଜର ଅଂଶ ବଢ଼ାଇବା ଓ ସେଠାକାର ସପ୍ଲାଇଚେନ୍‌ର ଏକ ଗୁରୁତ୍ୱପୂର୍ଣ୍ଣ ଅଂଶ ହେବା ବହୁ ସହଜ ହୋଇପଡ଼ିବ ବୋଲି ଆଶା କରାଯାଉଛି। ଅନ୍ୟପଟେ କେନ୍ଦ୍ର ବଜେଟ ୨୦୨୬-୨୭ରେ ଘରୋଇ ଉତ୍ପାଦନ ଓ ନିବେଶକୁ ପ୍ରୋତ୍ସାହନ ଉପରେ ଗୁରୁତ୍ୱ ଦିଆଯାଇଛି। ଭାରତ ଯୁକ୍ତରାଜ୍ୟ, ୟୁରୋପୀୟ ସଂଘ ଓ ଅନ୍ୟାନ୍ୟ ଦେଶ ସହ ମଧ୍ୟ ମୁକ୍ତ ବାଣିଜ୍ୟ ଚୁକ୍ତିକୁ ଆଗକୁ ବଢ଼ାଉଛି। ଆମେରିକା ସହ ଏହି ଚୁକ୍ତି ଭାରତକୁ ବିଶ୍ୱବ୍ୟାପୀ ମୂଲ୍ୟ ଚେନ୍‌ରେ ଆହୁରି ଗଭୀର ଭାବେ ଯୋଡ଼ିବାରେ ସହାୟକ ହେବ। ବିଶେଷକରି ଇଲେକ୍ଟ୍ରୋନିକ୍ସ, ଟେକ୍ନୋଲୋଜି ଓ ସପ୍ଲାଇ ଚେନ୍ ରେଜିଲିଏନ୍ସ ଭଳି ରଣନୈତିକ କ୍ଷେତ୍ରରେ ଏହା ଉପଯୋଗୀ ହେବ।

# ବଢ଼ିଲା ସୁନା ଦର

ଭୁବନେଶ୍ୱର,୩।୨(ଅନୁରାଧା ମହାରଣା)

ଗତ କିଛି ଦିନ ଧରି ସୁନା ଓ ରୁପା ମୂଲ୍ୟ ହ୍ରାସ ପାଉଥିବାବେଳେ ମଙ୍ଗଳବାର ଏହି ଧାରାରେ ବଦଳିଛି। ଭୁବନେଶ୍ୱର ବଜାରରେ



୨୪ କ୍ୟାରେଟ ସୁନାଦର ସୋମବାର ୧,୫୩,୧୦୦ଟଙ୍କା ଥିବାବେଳେ ଏଥିରେ ୬୭୦୦ ଟଙ୍କା ବୃଦ୍ଧି ହୋଇ ମଙ୍ଗଳବାର ଏହା ୧,୫୩,୯୩୦ ଟଙ୍କା ହୋଇଛି। ୨୨ କ୍ୟାରେଟ୍ ସୁନାଦର ସୋମବାର ୧,୪୦,୪୦୦ ଟଙ୍କା ଥିବାବେଳେ ଏଥିରେ ୭୦୦୦ଟଙ୍କା ବୃଦ୍ଧି ହୋଇ ମଙ୍ଗଳବାର ୧,୪୧,୧୦୦ଟଙ୍କାରେ ପହଞ୍ଚିଛି। ୧୪ କ୍ୟାରେଟ ସୁନାଦର ସୋମବାର ୧,୧୪,୮୦୦ ଟଙ୍କା ଥିବାବେଳେ ମଙ୍ଗଳବାର ଏଥିରେ ୫୭୦ ଟଙ୍କା ବୃଦ୍ଧି ହୋଇ ଏହି ଦର ୧,୧୫,୫୫୦ ଟଙ୍କା ହୋଇଛି। ଅନ୍ୟପଟେ ରୁପା କିଲୋଗ୍ରାମ ପ୍ରତି ଦର ୩ ଲକ୍ଷ ଟଙ୍କା ରହିଛି।

# ରେଙ୍ଗାଲିରେ ଓଏଚ୍‌ପିସି ଇଣ୍ଟର ୟୁନିଟ୍ ବ୍ୟାଡ୍‌ମିଣ୍ଟନ ଟୁର୍ନାମେଣ୍ଟ



ଭୁବନେଶ୍ୱର,୩।୨(ଅନୁରାଧା ମହାରଣା)

ଓଡ଼ିଶା ହାଇଡ୍ରୋ ପାୱାର କର୍ପୋରେସନ ଲିମିଟେଡ୍ (ଓଏଚ୍‌ପିସି) ପକ୍ଷରୁ ନିକଟରେ ରେଙ୍ଗାଲି ଡ୍ୟାମ୍ ସାଇଟ, ରେଙ୍ଗାଲି ଜଳବିଦ୍ୟୁତ ପ୍ରକଳ୍ପ (ଆର୍‌ଏଚ୍‌ପି)ଠାରେ ଇଣ୍ଟର ୟୁନିଟ୍ ବ୍ୟାଡ୍‌ମିଣ୍ଟନ ଟୁର୍ନାମେଣ୍ଟ-୨୦୨୬ ଅନୁଷ୍ଠିତ ହୋଇଯାଇଛି। ଏହାର ଉଦ୍‌ଯାପନୀ ସମାରୋହରେ ବିଧାୟକ ଅଶୋକ ମହାନ୍ତି ମୁଖ୍ୟ ଅତିଥି ଭାବରେ ଯୋଗ ଦେଇଥିଲେ। ଏହାର ଉଦ୍‌ଘାଟନ ଭାବରେ ଓଏଚ୍‌ପିସିର ନିର୍ଦ୍ଦେଶକ(ମାନବ ସମ୍ବଳ) ସନ୍ଦୀପ ପଟ୍ଟନାୟକ ଯୋଗଦେଇଥିବାବେଳେ ସମ୍ମାନିତ ଅତିଥି ଭାବରେ ପାଲଲହଡ଼ା ଏସ୍‌ଡିପିଓ ଜିଜ୍ଞାସ ଚନ୍ଦ୍ର ସେଠୀ ଏବଂ ରେଙ୍ଗାଲି ତହସିଲଦାର ଟିଜ୍ଜିୟ ଦାସ ଯୋଗଦେଇଥିଲେ। ସ୍ୱାଗତ ଭାଷଣ ଦେଇ ଆର୍‌ଏଚ୍‌ପିର ବରିଷ୍ଠ ମହାପ୍ରବନ୍ଧକ (ବିଦ୍ୟୁତ୍) ଏବଂ ୟୁନିଟ୍ ମୁଖ୍ୟ ସରୋଜ କୁମାର ବେହେରା ଦଳଗତ କାର୍ଯ୍ୟ, ଫିଟ୍‌ନେସ ଏବଂ ସାଂଗଠନିକ ବନ୍ଧନକୁ ପ୍ରୋତ୍ସାହିତ କରିବାରେ କ୍ରୀଡ଼ାର ଗୁରୁତ୍ୱ ଉପରେ କହିଥିଲେ। ପୁରୁଷ ଡବଲ୍ସ ସାମାଜିକ ଗୁରୁଙ୍କି ଏବଂ ତାପସ କୁମାର ପାଲ ବିଜେତା ହୋଇଥିବାବେଳେ ଜଶୋବନ୍ତ ନାୟକ ଏବଂ ଜ୍ୟୋତିରଞ୍ଜନ ବେହେରା ଉପବିଜେତା ହୋଇଥିଲେ। ମହିଳା ଡବଲ୍ସରେ ମହିମା ସମାଦ ଏବଂ ସୁଶ୍ରୀ ସୁନୀତା ମୁଣ୍ଡା ବିଜେତା ହୋଇଥିବାବେଳେ ଜ୍ୟୋତି ଟୋପ୍ପୋ ଏବଂ ମୋନାଲିସା ଜାତ ଉପବିଜେତା ହୋଇଥିଲେ। ଆର୍‌ଏଚ୍‌ପିର ମହାପ୍ରବନ୍ଧକ (ବିଦ୍ୟୁତ) ଏବଂ ବୈଷୟିକ ୱିଙ୍ଗ ମୁଖ୍ୟ ସୁବ୍ରତ କୁମାର ଷଡ଼ଙ୍ଗୀ ଧନ୍ୟବାଦ ଦେଇଥିଲେ।

# ଭୁବନେଶ୍ୱରରେ 'ଷ୍ଟଲ୍‌ୱାର୍ଟ ଜିମ୍'ର ୨ୟ ଶାଖା




ଭୁବନେଶ୍ୱର,୩।୨(ଅନୁରାଧା ମହାରଣା)

ଚନ୍ଦ୍ରଶେଖରପୁର ଡିଷ୍ଟ୍ରିକ୍ଟ ସେଣ୍ଟରରେ ଅବସ୍ଥିତ ଷ୍ଟଲ୍‌ୱାର୍ଟ ଜିମ୍‌ର ଦ୍ୱିତୀୟ ଶାଖା ରବିବାର ଉଦ୍‌ଘାଟିତ ହୋଇଯାଇଛି। ଏହାକୁ ମୁଖ୍ୟ ଅତିଥି ଭାବେ ଉତ୍ତର ଭୁବନେଶ୍ୱର ବିଧାୟକ ସୁଶାନ୍ତ କୁମାର ରାଉତ, ବାଙ୍କୀର ପୂର୍ବତନ ବିଧାୟକ ଦେବାଶିଷ ପଟ୍ଟନାୟକ, ଅଭିନେତ୍ରୀ ଭୂମିକା ଦାସ, ସୁରଭି ପ୍ରିୟଦର୍ଶିନୀ ଆନୁଷ୍ଠାନିକ ଉଦ୍‌ଘାଟନ କରିଥିଲେ। ପ୍ରାୟ ୧୦,୦୦୦ ବର୍ଗଫୁଟ ପରିମିତ ଏହି ଅଞ୍ଚଳରେ ଜିମ୍‌ଟି ଜଗାଇ, ଯୁଦ୍ଧକଳା, ଜୀମ୍ବାର୍ଥ, ଜର୍ମାନୀ ଓ ଦକ୍ଷିଣ କୋରିଆର ପ୍ରସିଦ୍ଧ ବ୍ରାଣ୍ଡ ପାନାଟା, ହୋଇଷ୍ଟ, ସ୍ପୋର୍ଟସ ଆର୍ଟ, ଥୋର୍, ଗୁଆ, ଆକ୍ସେନ ଓ ଆଧୁନିକ ଦ୍ୱାରା ନିର୍ମିତ ଅତ୍ୟାଧୁନିକ ଖେଳାଳିମାନଙ୍କ ବିଶ୍ୱସ୍ତରୀୟ ମାନ ପସନ୍ଦର ଉପକରଣ ଉପଲବ୍ଧ ହେଉଛି। ଏଠାରେ ନିୟମିତ କାର୍ଡିଓ, ଷ୍ଟ୍ରେଙ୍ଗ ଟ୍ରେନିଂ ଓ କ୍ରସ୍‌ଫିଟ୍ ସହିତ ଫୁଙ୍କସନ୍ ଜୋଙ୍କ, କମ୍ବାଟିଙ୍ଗ ଆନାଲିସିସ୍, ଯୋଗ, ଜୁମ୍ବା ଓ ପିଲାଟିସ ଭଳି ବିଭିନ୍ନ ସୁବିଧା ଅଛି। ସ୍ୱାସ୍ଥ୍ୟ ପ୍ରଶିକ୍ଷକଙ୍କ ଦ୍ୱାରା ପରିଚାଳିତ ଏହି କେନ୍ଦ୍ରରେ ପୋଷଣ ବିଶେଷଜ୍ଞ, ଫିଜିଓଥେରାପିଷ୍ଟ ଓ ଇଞ୍ଜୁରି ମ୍ୟାନେଜମେଣ୍ଟ ଏକ୍ସପର୍ଟମାନେ ସହଯୋଗ କରୁଛନ୍ତି। ଶାରୀରିକ ଓ ମାନସିକ ସୁସ୍ଥତା ପାଇଁ ଜିମ୍‌ରେ ଆଇସବାଥ, ଷ୍ଟିମ୍‌ବାଥ ଓ ଫୁଲ୍‌ବଡି ମସାଜ ସୁବିଧା ମଧ୍ୟ ରହିଥିବା ମୁଖ୍ୟ ପୁଷ୍ଟପୋଷକ ପ୍ରୀତମ ଚୌଧୁରୀ, ପ୍ରକାଶ ସିଂ ଓ ଶିଶିର ସିଂ ପ୍ରମୁଖ କହିଛନ୍ତି।

# ଓଡ଼ିଶା ପାଇଁ ୩.୧୫ ଲକ୍ଷ କୋଟିର ଅଗ୍ରାଧିକାର କ୍ଷେତ୍ର ଋଣ ସମ୍ଭାବନା

ଭୁବନେଶ୍ୱର,୩।୨(ଅନୁରାଧା ମହାରଣା)




ଜାତୀୟ କୃଷି ଓ ଗ୍ରାମ୍ୟ ଉନ୍ନୟନ ବ୍ୟାଙ୍କ (ନାବାର୍ଡ) ପକ୍ଷରୁ ମଙ୍ଗଳବାର ରାଜ୍ୟ କ୍ରେଡିଟ ସେମିନାର ୨୦୨୬-୨୭ ଅନୁଷ୍ଠିତ ହୋଇଯାଇଛି। ୨୦୨୬-୨୭ ଆର୍ଥିକ ବର୍ଷରେ ଓଡ଼ିଶା ପାଇଁ ୩.୧୫ ଲକ୍ଷ କୋଟି ଟଙ୍କାର ଅଗ୍ରାଧିକାର କ୍ଷେତ୍ର ଋଣ ସମ୍ଭାବନା ରହିଛି ବୋଲି ଆକଳନ କରାଯାଇଛି। ସେଥି ମଧ୍ୟରୁ ଏମ୍‌ଏସ୍‌ଏମ୍‌ଇର ସର୍ବାଧିକ ଅଂଶ ୧.୫୨ ଲକ୍ଷ କୋଟି ଟଙ୍କା ଓ କୃଷି କ୍ଷେତ୍ରରେ ୧.୧୪ ଲକ୍ଷ କୋଟି ଟଙ୍କା ରହିଛି। ଅବଶିଷ୍ଟ ଅଂଶ ଗୃହ, ଶିକ୍ଷା, ଅକ୍ଷୟ ଶକ୍ତି, ସାମାଜିକ ଭିତ୍ତିଭୂମି, ରପ୍ତାନି ଋଣ ଆଦି କ୍ଷେତ୍ରରେ ରହିଛି। ସେମିନାରରେ ମୁଖ୍ୟ ଶାସନ ସଚିବ ଅନୁ ଗର୍ଗ ଅଧ୍ୟକ୍ଷତା କରିଥିବାବେଳେ ଅର୍ଥ ବିଭାଗ ପ୍ରମୁଖ ଶାସନ ସଚିବ ସଞ୍ଜୀବ କୁମାର ମିଶ୍ର ଉପସ୍ଥିତ ଥିଲେ। ଅନୁ ଗର୍ଗ କହିଥିଲେ, ୨୦୩୬ ସୁଦ୍ଧା ଏକ ବିକଶିତ ରାଜ୍ୟ ଏବଂ ୨୦୪୭ ସୁଦ୍ଧା ୧.୫ ଟ୍ରିଲିୟନ ଡଲାର ଅର୍ଥନୀତି ଲକ୍ଷ୍ୟ ହାସଲ ପାଇଁ ସମସ୍ତ ହିତାଧିକାରୀଙ୍କ ସମର୍ଥନ ଲୋଡ଼ା। ଓଡ଼ିଶାର ଭିଜନ ୨୦୩୬ ଆକାଂକ୍ଷା ପୂରଣ ପାଇଁ ରାଜ୍ୟ ସରକାର, ସରକାରୀ ଓ ବେସରକାରୀ କ୍ଷେତ୍ରର ଉଦ୍ୟମ ଆବଶ୍ୟକ। ଏମ୍‌ଏସ୍‌ଏମ୍‌ଇ କ୍ଷେତ୍ରରେ 'ମିଙ୍ଗ ମିଶନ'ର ଆହ୍ୱାନ ଉପରେ ଆଲୋକପାତ କରିଥିଲେ। କୃଷି ଭିତ୍ତିଭୂମି, ପଣ୍ୟାଗାର, ଆନୁଷଙ୍ଗିକ କୃଷି ଉଦ୍ୟୋଗ କ୍ଷେତ୍ର ଏବଂ ମହିଳା ନେତୃତ୍ୱାଧୀନ ଏସ୍‌ଏଚ୍‌ଜି ପାଇଁ ଋଣ ତ୍ୱରାନ୍ୱିତ କରିବା ପାଇଁ ବ୍ୟାଙ୍କ ଏବଂ ବିଭିନ୍ନ ବିଭାଗ ମଧ୍ୟରେ ସହଯୋଗ ପାଇଁ ସେ ପରାମର୍ଶ ଦେଇଛନ୍ତି। ଜନଜାତି ଏବଂ ଅବହେଳିତ ଅଞ୍ଚଳରେ ଋଣ ବୃଦ୍ଧି ଉପରେ ଗୁରୁତ୍ୱାରୋପ କରିଥିଲେ। ଆର୍‌ବିଆଇର ଆଞ୍ଚଳିକ ନିର୍ଦ୍ଦେଶକ ଡ. ଶାରଦା ପ୍ରସନ୍ନ ମହାନ୍ତି କହିଛନ୍ତି, ବ୍ୟାଙ୍କଗୁଡ଼ିକୁ ରାଜ୍ୟ ଫୋକସ ପେପରରେ ଧାର୍ଯ୍ୟ କରାଯାଇଥିବା ଆକଳନକୁ ଗ୍ରହଣ କରିବା ଉଚିତ୍। ଏସ୍‌ବିଆଇର ସିଜିଏମ୍ ଏ.ଡି. ରତ୍ନାଚେଲା, ପରାମର୍ଶ ଏବଂ ବଟମ-ଅପ୍ ଆଭିମୁଖ୍ୟ ମାଧ୍ୟମରେ ରାଜ୍ୟ ଫୋକସ ପେପର ପ୍ରସ୍ତୁତ କରିବାରେ ନାବାର୍ଡର ପ୍ରୟାସକୁ ସେ ପ୍ରଶଂସା କରିଥିଲେ। ଏସ୍‌ଏଲ୍‌ବିସିର ସଂଯୋଜକ ଗୌତମ ପାତ୍ର କହିଛନ୍ତି, ବ୍ୟାଙ୍କଗୁଡ଼ିକ ଜମା ଏବଂ ଋଣ ଅଭିବୃଦ୍ଧିରେ ପ୍ରଭାବଶାଳୀ ଅଗ୍ରଗତି କରିଛନ୍ତି। ଅସମାନ କ୍ରେଡିଟ ଡିପୋଜିଟ ଅନୁପାତ, ସ୍ୱଳ୍ପ ମିଆଦୀ ଋଣ ଏବଂ କେସିସି କଭରେଜରେ ବ୍ୟବଧାନ ସମେତ ଚ୍ୟାଲେଞ୍ଜ ରହିଛି। ନାବାର୍ଡର ମୁଖ୍ୟ ମହାପ୍ରବନ୍ଧକ ବିନୋଦ କୁମାର ଆର୍ଯ୍ୟ କହିଛନ୍ତି, ଓଡ଼ିଶାର ବିଶାଳ ଭୌଗୋଳିକ ସ୍ଥିତି, ଜଳବାୟୁ କୃଷି-ପରିବେଶ ଏବଂ ବିଗତ ଦଶନ୍ଧି ମଧ୍ୟରେ ଦୃଢ଼ ଅର୍ଥନୈତିକ ବିକାଶକୁ ଦୃଷ୍ଟିରେ ରଖି ଋଣ ଅଭିବୃଦ୍ଧିର ବ୍ୟାପକ ସମ୍ଭାବନା ରହିଛି।

# ଭୁବନେଶ୍ୱର ଏନ୍‌ଏଚ୍‌ରେ ବ୍ଲାକ୍ ସ୍ପଟ୍ ଚିହ୍ନଟ ପାଇଁ ରଣନୀତି

ଭୁବନେଶ୍ୱର,୩।୨(ଅନୁରାଧା ମହାରଣା)

ଭାରତୀୟ ଜାତୀୟ ରାଜପଥ ପ୍ରାଧିକରଣ (ଏନ୍‌ଏଚ୍‌ଏଆଇ) ପକ୍ଷରୁ ଭୁବନେଶ୍ୱରରେ ସଡ଼କ ସୁରକ୍ଷା ସମ୍ପର୍କିତ ଏକ ସ୍ୱତନ୍ତ୍ର ବୈଷୟିକ ଜ୍ଞାନକୌଶଳ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଯାଇଛି। ଏଥିରେ ରାଜପଥର ବିପଜ୍ଜନକ ସ୍ଥାନ (ବ୍ଲାକ୍ ସ୍ପଟ୍)ଗୁଡ଼ିକୁ ଚିହ୍ନଟକରିବା ଏବଂ ସେଗୁଡ଼ିକର ସମାଧାନ କରିବା ଉପରେ ଗୁରୁତ୍ୱ ଦିଆଯାଇଥିଲା। ଏହି କାର୍ଯ୍ୟକ୍ରମରେ ଏନ୍‌ଏଚ୍‌ଏଆଇର ଅଧିକାରୀ ଏବଂ ରାଜପଥ ନିର୍ମାଣ କରୁଥିବା ଠିକାଦାରମାନେ ଯୋଗଦେଇଥିଲେ। ଭାରତୀୟ ରାଜପଥଗୁଡ଼ିକରେ ଦୁର୍ଘଟଣାପ୍ରବଣ ଅଞ୍ଚଳ କିପରି କମାଯାଇପାରିବ, ସେଥିପାଇଁ କ୍ଷେତ୍ର ସ୍ତରରେ ପରୀକ୍ଷିତ ବିଭିନ୍ନ ବ୍ୟବହାରିକ ପଦ୍ଧତି ଉପରେ ଏଠାରେ ଆଲୋଚନା କରାଯାଇଥିଲା। ଜାତୀୟ ସଡ଼କ ସୁରକ୍ଷା ମାସ ଅବସରରେ କାଟାଲାଇନ୍ ଲିମିଟେଡ୍ ସହଯୋଗରେ ଏହି ଅଧିବେଶନଟି ଆୟୋଜନ ହୋଇଥିଲା। ସାରା ଭାରତରେ ପାଳନ କରାଯାଉଥିବା ଏହି ମାସ ପାଇଁ ସଡ଼କ ପରିବହନ ଏବଂ ରାଜପଥ ମନ୍ତ୍ରାଳୟ (ଏମ୍‌ଓଆର୍‌ଟିଏଚ୍)ର ମୁଖ୍ୟ ବିଷୟବସ୍ତୁ 'ସଡ଼କ ସୁରକ୍ଷା, ଜୀବନ ରକ୍ଷା' ରହିଛି। ଏହି କାର୍ଯ୍ୟକ୍ରମରେ ବହୁ ବରିଷ୍ଠ ସରକାରୀ ଅଧିକାରୀ ଯୋଗଦେଇଥିଲେ, ଯେଉଁଥିରେ ଭାରତୀୟ ଜାତୀୟ ରାଜପଥ ପ୍ରାଧିକରଣ (ଏନ୍‌ଏଚ୍‌ଏଆଇ)ର ଓଡ଼ିଶା ଆଞ୍ଚଳିକ ଅଧିକାରୀ ବୀରେନ୍ଦ୍ର ସିଂ ଏବଂ ଏନ୍‌ଏଚ୍‌ଏଆଇ ପ୍ରକଳ୍ପ ମ୍ୟାନେଜର (ଟେକ୍) ତଥା ଆଞ୍ଚଳିକ ସଡ଼କ ସୁରକ୍ଷା ଅଧିକାରୀ ଅବିନାଶ ବେହେରା ପ୍ରମୁଖ ଉପସ୍ଥିତ ଥିଲେ।

# କେନ୍ଦୁଝରେ: ୨୨ ମାସରେ ୧୪ ଟୀରନ୍ଦାଜ

କେନ୍ଦୁଝର,୩।୨
(ନରେଶ ଚନ୍ଦ୍ର ପଟ୍ଟନାୟକ)


ଓଡ଼ିଶା ଟାଟା ଆର୍ଚେରୀ ହାଇ ପରଫର୍ମାନ୍ସ ସେଣ୍ଟରରେ ପ୍ରଶିକ୍ଷାର୍ଥୀ ଅଭ୍ୟାସ କରୁଛନ୍ତି।

କେନ୍ଦୁଝର ଜିଲା ଶଙ୍କରପୁରସ୍ଥିତ ଓଡ଼ିଶା ଟାଟା ଆର୍ଚେରି ହାଇ ପରଫର୍ମାନ୍ସ ସେଣ୍ଟର(ଓଟିଏପିଏଚ୍ସି) ଏବେ ଦେଶର ଭବିଷ୍ୟତର ଧନୁର୍ଦ୍ଧରମାନଙ୍କ କ୍ରୀଡ଼ା ଭୂମି ସାଜିଛି। ଓଡ଼ିଶା ସରକାର ଏବଂ ଟାଟାଷ୍ଟିଲ୍‌ର ମିଳିତ ପ୍ରଚେଷ୍ଟାରେ ଏହି ସେଣ୍ଟରରୁ ମାତ୍ର ୨୨ ମାସରେ ୧୪ଜଣ ଜାତୀୟସ୍ତରର ଟୀରନ୍ଦାଜ ସୃଷ୍ଟି ହୋଇପାରିଛନ୍ତି। ୨୦୨୪ରେ ଆରମ୍ଭ ହୋଇଥିବା ଏହି କେନ୍ଦ୍ରରେ ପ୍ରାରମ୍ଭିକ ପର୍ଯ୍ୟାୟରେ ୨୪ଜଣ କ୍ୟାଡେଟ (୧୨ ବାଳକ ଓ ୧୨ ବାଳିକା)ଙ୍କୁ ନେଇ ବିଶ୍ୱସ୍ତରୀୟ ଭିତ୍ତିଭୂମି, ଆଧୁନିକ ଉପକରଣ ଏବଂ ବିଶେଷଜ୍ଞଙ୍କ ଦ୍ୱାରା ପ୍ରଶିକ୍ଷଣ କାର୍ଯ୍ୟ ଆରମ୍ଭ ହୋଇଥିଲା। ସମୟାନୁକ୍ରମେ ଏହା ଗ୍ରାମାଞ୍ଚଳ ଓ ଜନଜାତି ସମ୍ପ୍ରଦାୟରୁ ଆସୁଥିବା ପ୍ରତିଭାମାନଙ୍କୁ ଉଚ୍ଚକୋଟୀର ଆଥ୍‌ଲେଟ ଭାବେ ଗଢ଼ି ତୋଳିବାର ମାଧ୍ୟମ ପାଲଟିଛି। ଜାତୀୟସ୍ତରରେ ନିଜର ପରିଚୟ ସୃଷ୍ଟି କରିଥିବା ମାଲକାନଗିରି ଜିଲାର ଦୁର୍ଗମ ଗ୍ରାମର ଜଣେ ଚାଷୀଙ୍କ ପୁଅ ଅର୍ଜୁନ ଖରା(୨୨)୨୦୨୪ରେ ଓଟିଏପିଏଚ୍ସି ପାଇଁ ମନୋନୀତ ହୋଇଥିଲେ। ଆଜି ସେ ସିନିୟର ନ୍ୟାଶନାଲ ଆର୍ଚେରି ଚାମ୍ପିୟନଶିପ୍, ନ୍ୟାଶନାଲ ଗେମ୍ସ ଏବଂ ଏନ୍‌ଟିପିସି ନ୍ୟାଶନାଲ ଟୀରନ୍ଦାଜୀ ଟୁର୍ନାମେଣ୍ଟ ଭଳି ପ୍ରତିଯୋଗିତାରେ ଓଡ଼ିଶାରୁ ପ୍ରତିନିଧିତ୍ୱ କରୁଛନ୍ତି। ସେହିପରି ପିଲାଦିନରୁ ବାପା, ମା' ଏବଂ ଭାଇଙ୍କୁ ହରାଇଥିବା ଯାଜପୁର ଜିଲାର ସୀତା ହେମ୍ବ୍ରମ(୧୬) ସାନ ଭଉଣୀଙ୍କ ଉଜ୍ଜ୍ୱଳ ଭବିଷ୍ୟତ ପାଇଁ କେନ୍ଦୁଝର ସେଣ୍ଟରରେ ଟ୍ରାଏଲ ଦେଇ ମନୋନୀତ ହୋଇ ଥିଲେ। ୨୦୨୪ରୁ ଓଟିଏପିଏଚ୍ସି ସହ ଯୋଡ଼ିହେବା ପରେ ଧନୁର୍ବିଦ୍ୟା ତାଙ୍କୁ ଏକ ନୂଆ ପରିଚୟ ଦେଇଛି। ଗତ ଡିସେମ୍ବର ୨୭-୨୮ରେ କଟକଠାରେ ଅନୁଷ୍ଠିତ ଓଡ଼ିଶା ରାଜ୍ୟ ଆର୍ଚେରି ଟୁର୍ନାମେଣ୍ଟ-୨୦୨୫ରେ ଭଗବତ ବଲିୟାରସିଂହ ଏବଂ ମୋନାଲିସା ନାୟକ ୧୫ ବର୍ଷରୁ କମ୍ ବାଳକ ଓ ବାଳିକା ବର୍ଗରେ ସ୍ୱର୍ଣ୍ଣ ପଦକ ଜିତିଛନ୍ତି। ଏହି ଏକାଡେମୀର ସୁନିତା ନାୟକ(୧୬) ଓ ସାବିତ୍ରୀ ପାତ୍ର(୧୬) ଛତିଶଗଡ଼ ରାୟପୁରଠାରେ ଗତ ଡିସେମ୍ବରରେ ଅନୁଷ୍ଠିତ ୪୫ତମ ଏନ୍‌ଟିପିସି ଜୁନିୟର ନ୍ୟାଶନାଲ ଚାମ୍ପିୟନଶିପ୍‌ରେ ବ୍ରୋଞ୍ଜ ପଦକ ଜିତି ଓଡ଼ିଶା ପାଇଁ ଗୌରବ ଆଣିଛନ୍ତି। ଝାଡ଼ଖଣ୍ଡର ରାଞ୍ଚିରେ ଅନୁଷ୍ଠିତ ୬୯ତମ ଜାତୀୟ ସ୍କୁଲ ଗେମ୍ସ-୨୦୨୫-୨୬ରେ ଇଣ୍ଡିଭିଜୁଆଲ ଅଲିମ୍ପିକ ରାଉଣ୍ଡର ସୁନୀତା ନାୟକ ବ୍ରୋଞ୍ଜ ପଦକ ଜିତିଥିବା ବେଳେ ଟିମ୍ ଇଭେଣ୍ଟରେ ରୌପ୍ୟ ପଦକ ଜିତିଥିଲେ। ସେହିପରି ସାବିତ୍ରୀ ପାତ୍ର ଟିମ୍ ଇଭେଣ୍ଟରେ ରୌପ୍ୟ ପଦକ ଜିତିଛନ୍ତି। ବର୍ତ୍ତମାନ ଏହି କେନ୍ଦ୍ରରେ ୧୭ଜଣ କ୍ୟାଡେଟ ଅଛନ୍ତି, ଯେଉଁଥିରେ ଓଡ଼ିଶା ବାହାରୁ ୪ଜଣ ସାମିଲ ଅଛନ୍ତି। ଟାଟାଷ୍ଟିଲ୍‌ର ସ୍ପୋର୍ଟସ ଚିଫ୍ ମୁକୁଲ ବିନାୟକ ଚୌଧୁରୀ କହିଛନ୍ତି, ଏହି ସେଣ୍ଟର ତୃଣମୂଳସ୍ତରରୁ କ୍ରୀଡ଼ା ପ୍ରତିଭାଙ୍କୁ ଖୋଜି ଜାତୀୟସ୍ତରର ଶ୍ରେଷ୍ଠ ଖେଳାଳି ଭାବେ ଗଢ଼ି ତୋଳିବା ପାଇଁ ପ୍ରତିଶ୍ରୁତିବଦ୍ଧ। ଏକାଡେମୀର ପ୍ରଶିକ୍ଷକ ବିକାଶ ଉପାଧ୍ୟାୟ କହିଛନ୍ତି ଉନ୍ନତ ପ୍ରଶିକ୍ଷଣ ସହ କ୍ୟାଡେଟମାନଙ୍କ ପରିଶ୍ରମ ଓ ନିଷ୍ଠା ଯୋଗୁ ସେମାନେ ଅନେକ ପଦକ ଜିତିବାରେ ସଫଳ ହୋଇଛନ୍ତି।

# ୨୦ ହଜାର ଲାଞ୍ଚ ନେଇ ଧରାପଡ଼ିଲେ ବିଦ୍ୟୁତ୍ ବିଭାଗ କନିଷ୍ଠ ଯନ୍ତ୍ରୀ

ମାଲକାନଗିରି,୩।୨ (ଦୁର୍ଯ୍ୟୋଧନ ପାତ୍ର)

ବିଦ୍ୟୁତ୍ ସଂଯୋଗ ପାଇଁ ୨୦ ହଜାର ଟଙ୍କା ଲାଞ୍ଚ ନେବା ବେଳେ ଭିଜିଲାନ୍ସ ହାତରେ ଧରାପଡ଼ିଛନ୍ତି ଟିପିଏସ୍ଓଡିଏଲ୍


କନିଷ୍ଠ ଯନ୍ତ୍ରୀ ପ୍ରଦେଶ ପ୍ରସାଦ ନାୟକ

କନିଷ୍ଠ ଯନ୍ତ୍ରୀ ପ୍ରଦେଶ ପ୍ରସାଦ ନାୟକ। ମାଲକାନଗିରି ଜିଲା ସଦର ମହକୁମା ଟିପିଏସ୍ଓଡିଏଲ୍‌ରେ କାର୍ଯ୍ୟରତ କନିଷ୍ଠ ଯନ୍ତ୍ରୀ ନାୟକ ଏକ ଇଟା ତିଆରି କାରଖାନାକୁ ବିଦ୍ୟୁତ୍ ସଂଯୋଗ କରିବା ନିମନ୍ତେ ଭି.କିଶୋର ସ୍ୱାଇଁ ନାମକ ଜଣେ ବ୍ୟକ୍ତିଙ୍କଠାରୁ ୨୦ ହଜାର ଟଙ୍କା ଲାଞ୍ଚ ନେବାବେଳେ ଭିଜିଲାନ୍ସ ଅଧିକାରୀ ତାଙ୍କୁ କାବୁ କରିଛନ୍ତି। କୋରାପୁଟ ଭିଜିଲାନ୍ସ କେସ୍ ନଂ. ୧।୨୦୨୬, ୭ ପିସି (ସଂଶୋଧନ) ଆଇନ, ୨୦୧୮ରେ ମାମଲା ରୁଜୁ କରାଯାଇଛି। ଅଭିଯୁକ୍ତଙ୍କୁ ଜୟପୁର ଭିଜିଲାନ୍ସ କାର୍ଯ୍ୟାଳୟକୁ ନେଇ ପଚରାଉଚରା ଜାରି ରହିଥିବା ଭିଜିଲାନ୍ସ ବିଭାଗ ତରଫରୁ ସୂଚନା ଦିଆଯାଇଛି। ଭି.କିଶୋର ସ୍ୱାଇଁ ତାଙ୍କ ଇଟା ଫ୍ୟାକ୍ଟ୍ରିକୁ ବିଦ୍ୟୁତ୍ ସଂଯୋଗ ପାଇଁ ବାରମ୍ବାର କନିଷ୍ଠ ଯନ୍ତ୍ରୀଙ୍କ ପାଖକୁ ଯାଉଥିଲେ। ୨୦ ହଜାର ଟଙ୍କା ଦେଲେ ବିଦ୍ୟୁତ୍ ସଂଯୋଗ କରାଯିବ ବୋଲି ନାୟକ ତାଙ୍କୁ କହିଥିଲେ। ଫଳରେ ଭି. କିଶୋର ବାଧହୋଇ ଏ ସମ୍ବନ୍ଧରେ ଭିଜିଲାନ୍ସକୁ ଖବର ଦେଇଥିଲେ।ଯୋଜନା ମୁତାବକ ଭି. କିଶୋର କନିଷ୍ଠ ଯନ୍ତ୍ରୀଙ୍କୁ ୨୦ ହଜାର ଟଙ୍କା ଦେଉଥିବା ବେଳେ ଭିଜିଲାନ୍ସର ଏକ ଦଳ ତାଙ୍କୁ କାବୁକରିଥିଲେ।

# ମାଓବାଦୀ ପ୍ରଭୁଙ୍କ ଆତ୍ମସମର୍ପଣ

ରାଉରକେଲା,୩।୨(ସଙ୍ଗୀତା ଜେନା)


ଆତ୍ମସମର୍ପଣ କରିଥିବା ମାଓବାଦୀଙ୍କୁ ସମ୍ବର୍ଦ୍ଧନା ଦିଆଯାଉଛି।

ଓଡ଼ିଶା-ଝାଡ଼ଖଣ୍ଡ ସୀମାନ୍ତ ସାରଣ୍ଡା ଜଙ୍ଗଲରେ ସକ୍ରିୟ ହାର୍ଡକୋର୍ ମାଓବାଦୀ ଅମ୍ଳେନ୍ ହୋନହାଗା ଓରଫ୍ ପ୍ରଭୁ(୧୮) ମଙ୍ଗଳବାର ଅପରାହ୍ନ ୨ଟାରେ ରାଉରକେଲା ପୋଲିସ ନିକଟରେ ଆତ୍ମସମର୍ପଣ କରିଛନ୍ତି। ରାଉରକେଲା ପୋଲିସ ମୁଖ୍ୟାଳୟରେ ପଶ୍ଚିମାଞ୍ଚଳ ଡିଆଇଜି ବ୍ରିଜେଶ ରାୟ ଏବଂ ଏସ୍‌ପି ନିତେଶ ୱାଧୱାନୀଙ୍କ ଉପସ୍ଥିତିରେ ସେ ଆତ୍ମସମର୍ପଣ କରିଥିଲେ। ତାଙ୍କୁ ପୋଲିସ ପକ୍ଷରୁ ସମ୍ବର୍ଦ୍ଧନା ଦିଆଯିବା ସହ 'ବି' ବର୍ଗରେ ଆର୍ଥିକ ସହାୟତା ପ୍ରଦାନ କରାଯାଇଥିଲା। ଏହି ଅବସରରେ ଡିଆଇଜି ରାୟ ସୂଚନା ଦେଇ କହିଲେ, ପ୍ରଭୁ ଝାଡ଼ଖଣ୍ଡ ପଶ୍ଚିମ ସିଂହଭୂମ ଛୋଟାନାଗରା ହାଲାମୁଲି ଗ୍ରାମର ବାସିନ୍ଦା ଏବଂ ଦକ୍ଷିଣ ଛୋଟାନାଗରା ଡିଭିଜନର ଲୋକାଲ ଗୁରିଲା ସ୍କ୍ୱାଡ୍ ମେମ୍ବର (ଏଲ୍‌ଜିଏସ୍‌ଏମ୍) ଥିଲେ। ପ୍ରାୟ ୨ ବର୍ଷ ତଳେ ସେ ଏଥିରେ ଯୋଗଦାନ କରି ସୀମାନ୍ତ ଅଞ୍ଚଳରେ ସକ୍ରିୟ ଥିଲେ। ଗତ କିଛିଦିନ ତଳେ ଝାଡ଼ଖଣ୍ଡରେ ବଡ଼ଧରଣର ଅଭିଯାନରେ ମାଓବାଦୀଙ୍କୁ ନିପାତ କରାଯିବା ସହ ମାଓବାଦୀମାନେ ସମାଜର ମୁଖ୍ୟସ୍ରୋତରେ ସାମିଲ ହେବାକୁ ଆହ୍ୱାନ ଦିଆଯାଇଥିଲା। ଏଥିରେ ପ୍ରେରିତ ହୋଇ ପ୍ରଭୁ ଆତ୍ମସମର୍ପଣ ରାସ୍ତା ବାଛିଥିଲେ। ତାଙ୍କୁ ଶିକ୍ଷା, ସ୍ୱାସ୍ଥ୍ୟ, ରୋଜଗାର ପାଇଁ ଆବଶ୍ୟକ ସହାୟତା ବାବଦରେ ପ୍ରାୟ ୨ ଲକ୍ଷ ୬୫ ହଜାର ଟଙ୍କାର ରାଶି ପ୍ରଦାନ କରାଯିବ ବୋଲି ଡିଆଇଜି ରାୟ କହିଥିଲେ। ସେହିପରି ଏସ୍‌ପି ୱାଧୱାନୀ କହିଲେ, ପ୍ରଭୁ ସାରଣ୍ଡା ଜଙ୍ଗଲରେ ସଙ୍ଗଠନରେ ରାଶନ ସଂଗ୍ରହ ଓ ଅନ୍ୟ ଛୋଟ ବଡ଼ କାମର ତାଲିମ ନେଉଥିଲେ। ୨୦୨୪ରେ ବିର୍ସା ନାମକ ମାଓବାଦୀଙ୍କ ସଂସ୍ପର୍ଶରେ ଆସିବା ପରେ ସେ ସଙ୍ଗଠନରେ ସାମିଲ ହୋଇଥିଲେ। ଦେଶର ସବୁଠାରୁ ଓଡ଼ିଶାରେ ମାଓବାଦୀ ଆତ୍ମସମର୍ପଣ ନୀତି ସର୍ବଶ୍ରେଷ୍ଠ ଓ ସହଜସାଧ୍ୟ ରହିଛି। ପ୍ରଭୁ ମାଓବାଦୀଙ୍କ ନୀତିରେ ଅତିଷ୍ଠ ହୋଇପଡ଼ିଥିଲେ। ସେ ଅନ୍ୟ ସଦସ୍ୟଙ୍କଠାରୁ ମାନସିକ, ଶାରୀରିକ ନିର୍ଯ୍ୟାତନା ପାଉଥିଲେ। ଶେଷରେ ସେ ପୋଲିସ ନିକଟରେ ଆତ୍ମସମର୍ପଣ କରିବାକୁ ମନସ୍ଥ କରିଥିଲେ। ତାଙ୍କୁ ବିବାହ, ରୋଜଗାର ପାଇଁ ଷ୍ଟାଇପେଣ୍ଡ, ଖାଦ୍ୟ ସୁରକ୍ଷା କାର୍ଡ, ଆବାସ ଆଦି ପ୍ରଦାନ କରାଯିବ ବୋଲି ଏସ୍‌ପି ୱାଧୱାନୀ କହିଥିଲେ।

# ଏସ୍‌ଏଫ୍‌ଡିଆର କାର୍ଯ୍ୟଦକ୍ଷତା ପ୍ରଦର୍ଶିତ

ବାଲେଶ୍ୱର, ୩।୨(ବାଞ୍ଛାନିଧି ଦେ)

ବାଲେଶ୍ୱର ଚାନ୍ଦିପୁରସ୍ଥିତ ଆଇଟିଆରଠାରେ ମଙ୍ଗଳବାର ପୂର୍ବାହ୍ନ ୧୦ଟା ୪୫ରେ ଡିଆରଡିଓ ପକ୍ଷରୁ କଠିନ ଇନ୍ଧନଯୁକ୍ତ ରାମଜେଟ୍ ଜ୍ଞାନକୌଶଳ ସଲିଡ ଫୁଏଲ ଡକ୍ଟେଡ୍ ରାମଜେଟ୍ (ଏସ୍‌ଏଫ୍‌ଡିଆର) ଇଞ୍ଜିନର କାର୍ଯ୍ୟଦକ୍ଷତା ପ୍ରଦର୍ଶିତ ହୋଇଛି। ଏହାପରେ ଭାରତ ଶତ୍ରୁପକ୍ଷଠାରୁ ଅଧିକ ଦକ୍ଷତାସମ୍ପନ୍ନ ଦୂରଗାମୀ ଆକାଶରୁ ଆକାଶକୁ ନିକ୍ଷେପ ହେଉଥିବା କ୍ଷେପଣାସ୍ତ୍ର ବିକାଶ ନିମିତ୍ତ ଜ୍ଞାନକୌଶଳ ହାସଲକାରୀ ପ୍ରମୁଖ ଦେଶ ମଧ୍ୟରେ ସାମିଲ ହୋଇଯିବ ବୋଲି ଡିଆରଡିଓ ପକ୍ଷରୁ ଜାରି ପ୍ରେସ ବିଜ୍ଞପ୍ତିରେ କୁହାଯାଇଛି। ଏକ ନିର୍ଦ୍ଦିଷ୍ଟ ମାପକ ପହଞ୍ଚିବା ପର୍ଯ୍ୟନ୍ତ ପ୍ରାରମ୍ଭିକ ଭୂମିଗତ ବୁଷ୍ଟର ମୋଟର ମାଧ୍ୟମରେ ଗତି ଦିଆଯିବା ପରେ ଏସ୍‌ଏଫ୍‌ଡିଆର୍‌ର ନୋଜଲ ଲେସ୍ ବୁଷ୍ଟର, ସଲିଡ୍ ଫୁଏଲ ଡକ୍ଟେଡ୍ ରାମଜେଟ୍ ମୋଟର, ଫୁଏଲ ଫ୍ଲୋ କଣ୍ଟ୍ରୋଲର ଆଦି ସହଯୋଗୀ ଉପକରଣ ଆଶାନୁରୂପକ କାର୍ଯ୍ୟଦକ୍ଷତା ପ୍ରଦର୍ଶନ କରିଛି। ଆଇଟିଆର ଦ୍ୱାରା ବଙ୍ଗୋପସାଗର ଉପକୂଳରେ ନିୟୋଜିତ ସଂଖ୍ୟାଧିକ ନିରୀକ୍ଷଣ ଉପକରଣରୁ ମିଳିଥିବା ଫ୍ଲାଇଟ ଡାଟାର ବିଶ୍ଲେଷଣ ଅନୁସାରେ ଏସ୍‌ଏଫ୍‌ଡିଆର ଜ୍ଞାନକୌଶଳର ଦକ୍ଷତା ପ୍ରମାଣିତ ହୋଇଛି ।

# ବ୍ୟୋମକେଶ ଭଦ୍ରକ ଜିଲା ବିଜେଡି ସଭାପତି

ଭୁବନେଶ୍ୱର, ୩।୨(ସୁନିତ୍ ମିଶ୍ର)

- ଗଞ୍ଜାମ, ରାୟଗଡ଼ା ଓ ମୟୂରଭଞ୍ଜ-୨ ପାଇଁ କାର୍ଯ୍ୟକାରୀ ସଭାପତି ଚୟନ
- ଖୋର୍ଦ୍ଧା, ବାଲେଶ୍ୱର ସମସ୍ୟା ତୁଟାଇପାରୁନି ଦଳ

ପୂର୍ବତନ ବିଜୁ ଯୁବ ଜନତା ଦଳ ସଭାପତି ତଥା ଚାନ୍ଦବାଲି ବିଧାୟକ ବ୍ୟୋମକେଶ ରାୟଙ୍କୁ ମଙ୍ଗଳବାର ଦଳ ପକ୍ଷରୁ ନୂଆ ନିଯୁକ୍ତି ଦିଆଯାଇଛି। ବ୍ୟୋମକେଶଙ୍କୁ ଦଳ ପକ୍ଷରୁ ଭଦ୍ରକ ଜିଲା ସଭାପତି ଭାବେ ନୂଆ ଦାୟିତ୍ୱ ମିଳିଛି। ତାଙ୍କ ହାତରେ ଦଳର ଯୁବ ବ୍ୟାପାର ଦାୟିତ୍ୱ ମଧ୍ୟ ରହିଛି। ରାଜନୈତିକ ଦୃଷ୍ଟିକୋଣରୁ ଭଦ୍ରକକୁ ବିଜେଡି ଦଳ ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ଜିଲା ଭାବେ ବିବେଚନା କରାଯାଉଛି। ଯେହେତୁ ଭାଜପା ରାଜ୍ୟ ସଭାପତି ମନମୋହନ ସାମଲଙ୍କ ଜିଲା ଭଦ୍ରକ, ସେଥିଲାଗି ଏହା ରାଜନୈତିକ ଦୃଷ୍ଟିରୁ ବହୁ ଗୁରୁତ୍ୱପୂର୍ଣ୍ଣ ବୋଲି ବିବେଚନା କରାଯାଉଛି। ଚାନ୍ଦବାଲି ଆସନରୁ ମନମୋହନଙ୍କୁ ଗତ ସାଧାରଣ ନିର୍ବାଚନରେ ବ୍ୟୋମକେଶ ପରାଜିତ କରିଥିଲେ। ସେହି ଦୃଷ୍ଟିରୁ ବ୍ୟୋମକେଶଙ୍କୁ ଜିଲା ସଙ୍ଗଠନର ମୁଖ୍ୟ ଭାବେ ଦାୟିତ୍ୱ ଦିଆଯାଇଛି ବୋଲି ଚର୍ଚ୍ଚା ହେଉଛି।

ଅନ୍ୟପଟେ ଭଦ୍ରକ ଛଡ଼ା ଗଞ୍ଜାମ ସାଙ୍ଗଠନିକ ଜିଲାରେ ବିଜେଡି ପକ୍ଷରୁ ୨ ଜଣଙ୍କୁ କାର୍ଯ୍ୟକାରୀ ସଭାପତି ଭାବେ ଦାୟିତ୍ୱ ଦିଆଯାଇଛି। ପୂର୍ଣ୍ଣଚନ୍ଦ୍ର ସ୍ୱାଇଁ ଏବଂ ଭଗବାନ ଗଣ୍ଡାୟତଙ୍କୁ ଗଞ୍ଜାମ ଜିଲା କାର୍ଯ୍ୟକାରୀ ସଭାପତି ଦାୟିତ୍ୱ ନ୍ୟସ୍ତ କରାଯାଇଛି। ସେହିପରି ରାୟଗଡ଼ା ଜିଲା କାର୍ଯ୍ୟକାରୀ ସଭାପତି ଭାବେ ପି.ଗୋରୀ ଶଙ୍କରଙ୍କୁ ନୂଆ ନିଯୁକ୍ତି ମିଳିଛି। ମୟୂରଭଞ୍ଜ-୨ ସାଙ୍ଗଠନିକ ଜିଲାରେ ରାଇସେନ ମୁର୍ମୁଙ୍କୁ ଦଳ କାର୍ଯ୍ୟକାରୀ ସଭାପତି ଦାୟିତ୍ୱ ପ୍ରଦାନ କରିଛି। ଏନେଇ ଦଳର ସଭାପତି ନବୀନ ପଟ୍ଟନାୟକଙ୍କ ଦସ୍ତଖତରେ ମଙ୍ଗଳବାର ବିଜ୍ଞପ୍ତି ଜାରି କରାଯାଇଛି।

ବିଜେଡି ପକ୍ଷରୁ ବିଭିନ୍ନ ଜିଲାର ସାଙ୍ଗଠନିକ ନିଯୁକ୍ତି ଚାଲିଥିବା ବେଳେ ଖୋର୍ଦ୍ଧା ଏବଂ ବାଲେଶ୍ୱର ଜିଲାରେ ବିଜେଡି ସଭାପତି ଚୟନ ଏପର୍ଯ୍ୟନ୍ତ ଚୂଡ଼ାନ୍ତ କରାଯାଇନାହିଁ। ଏହି ଦୁଇ ଜିଲାର ସଭାପତି ଚୟନ ବିଷୟ ମଧ୍ୟ ରାଜ୍ୟ ରାଜନୀତିରେ ବେଶ୍ ଚର୍ଚ୍ଚାର ବିଷୟ ପାଲଟିଛି। ଖୋର୍ଦ୍ଧା ଜିଲାରେ ଦଳ କାହାକୁ ସଭାପତି କରିବ ସେନେଇ ଏପର୍ଯ୍ୟନ୍ତ ଚୟନ କରିପାରୁନାହିଁ। ଏହି ଜିଲା ଅଧୀନରେ ଆସୁଥିବା ବିଭିନ୍ନ ବିଧାନସଭା କ୍ଷେତ୍ରର ନେତାମାନେ ଦୁଇଟି ଗୋଷ୍ଠୀରେ ବିଭକ୍ତ ହୋଇଥିବା ଚର୍ଚ୍ଚା ହେଉଛି, ଯେଉଁଥିଲାଗି ଦଳ କାହାକୁ ଏଯାଏଁ ସଭାପତି କରିପାରି ନାହିଁ। ଅନ୍ୟପଟେ ବାଲେଶ୍ୱର ଜିଲାର ସଭାପତି ଦାୟିତ୍ୱ ନେବାକୁ ପୂର୍ବତନ ଏମ୍ପି ରବୀନ୍ଦ୍ର ଜେନା ଆଗ୍ରହୀ ଅଛନ୍ତି। ଦଳର ଶୀର୍ଷରୁ ତାଙ୍କୁ ଏହି ପଦ ଦେବାକୁ ରାଜି ନାହିଁ। ଅନ୍ୟପଟେ ଜିଲାର ବହୁ ନେତା ମଧ୍ୟ ତାଙ୍କୁ ବିରୋଧ କରୁଥିବା ଚର୍ଚ୍ଚା ହେଉଛି। ଏହାରି ଭିତରେ କିଛିଦିନ ହେଲା ରବୀନ୍ଦ୍ର ଜେନା ଭାଜପାରେ ମିଶିବା ଲାଗି ଚେଷ୍ଟା କରୁଥିବା ଶୁଣିବାକୁ ମିଳୁଛି। ହେଲେ ଭାଜପା କୁଆଡେ ଏଯାଏଁ ତାଙ୍କ ମିଶିବା ନେଇ ଗ୍ରୀନ୍ ସିଗ୍ନାଲ ଦେଉ ନ ଥିବା ଜିଲାରେ କୁହାକୁହି ହେଉଛନ୍ତି।

## ଆଜି ବିଶ୍ୱ କ୍ୟାନ୍ସର ଦିବସ



# ଅଭିନବ ଭାବରେ ଏକତ୍ର ହେବା

ବର୍ତ୍ତମାନ ଆମେ ସମ୍ମୁଖୀନ ହେଉଥିବା ସ୍ୱାସ୍ଥ୍ୟ ସମସ୍ୟାଗୁଡ଼ିକ ମଧ୍ୟରୁ କ୍ୟାନ୍ସର ବା କର୍କଟ ରୋଗ ଅନ୍ୟତମ। ପ୍ରାରମ୍ଭରୁ ଏହାର ଲକ୍ଷଣ ବିଷୟରେ ଅବଗତ ହୋଇପାରିଲେ ପ୍ରଥମ ଷ୍ଟେଜ୍‌ରୁ ହିଁ କେତେକ କ୍ୟାନ୍ସରରୁ ଆରୋଗ୍ୟ ମିଳିପାରୁଛି। ହେଲେ ଯଦି ବିଳମ୍ବରେ ଏହାର କାରଣ ଜଣାପଡେ ତେବେ ତାହା ଅକାଳ ମୃତ୍ୟୁକୁ ଡାକି ଆଣିଥାଏ। ତେଣୁ କ୍ୟାନ୍ସର ବିଷୟରେ ଅଧିକ ସଚେତନତା ସୃଷ୍ଟି କରିବା ଲାଗି ପ୍ରତିବର୍ଷ ଫେବୃଆରୀ ୪ ତାରିଖକୁ 'ବିଶ୍ୱ କ୍ୟାନ୍ସର ଦିବସ' ଭାବରେ ପାଳନ କରାଯାଇ ଆସୁଅଛି। ଏହି ଦିବସ ଅବସରରେ ଘୋଷିତ ଚଳିତ ବର୍ଷର ସ୍ଲୋଗାନ ହେଲା- 'ଅଭିନବ ଭାବରେ ଏକତ୍ର ହେବା'। ପ୍ରତିବର୍ଷ କ୍ୟାନ୍ସର ଦିବସରେ ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ବା ୱାର୍ଲ୍ଡ ହେଲ୍‌ଥ ଅର୍ଗାନାଇଜେଶନ ପକ୍ଷରୁ ଏହି ସ୍ଲୋଗାନ ଘୋଷଣା କରାଯାଇଥାଏ।

କଥାରେ ଅଛି- କ୍ୟାନ୍ସର ନୋ ଆନ୍ସର। କିନ୍ତୁ ଯଦି ଠିକ୍ ସମୟରେ ଏହାର କାରଣ ବିଷୟରେ ଅବଗତ ହେବା ଆଉ ତାହାର ଠିକ୍ ଉପାୟରେ ଚିକିତ୍ସା କରିବା ତେବେ ଏଥିରୁ ଆରୋଗ୍ୟ ଲାଭ କରିବାର ଯଥେଷ୍ଟ ସମ୍ଭାବନା ରହିଛି। ଏକ ଆକଳନରୁ ଜଣାପଡ଼ିଛି ଯେ, ବର୍ତ୍ତମାନ ଯୁବପିଢ଼ି ଏହାର ଅଧିକ ଶୀକାର ହେଉଛନ୍ତି। ତେବେ କ୍ୟାନ୍ସରର ଲକ୍ଷଣଗୁଡ଼ିକ କ'ଣ ? ଏହାର ପ୍ରମୁଖ ଲକ୍ଷଣ ହେଲା- ଶରୀରର କୌଣସି ସ୍ଥାନରେ ଆବୁ ପରି ଗୁଳି ହେବା, ହଠାତ୍ ଓଜନ କମିଯିବା, ଆଦୌ କିଛି କାମ ନ କରି ହାଲିଆ ଲାଗିବା, ଚର୍ମ ରଙ୍ଗରେ ପରିବର୍ତ୍ତନ ଦେଖାଦେବା ଏବଂ ଶ୍ୱାସକ୍ରିୟାରେ କଷ୍ଟ ଅନୁଭବ ହେବା ଏବଂ ଏହି ଅବସ୍ଥା ଲାଗି ରହିବା। ଏହାବ୍ୟତୀତ ନିଶାଦ୍ରବ୍ୟ ସେବନ କରୁଥିଲେ କ୍ୟାନ୍ସର ଆଶଙ୍କା ମଧ୍ୟ ରହିଛି। ବିଶେଷଭାବରେ ପାନ, ସିଗାରେଟ୍, ବିଡ଼ି, ତମାଖୁଜାତୀୟ ଦ୍ରବ୍ୟ ଖାଇବା ଅଭ୍ୟାସରେ ପଡିଯାଇଥିଲେ ଭବିଷ୍ୟତରେ ମୁଖଗହ୍ୱର କ୍ୟାନ୍ସର ଦେଖାଯିବାର ଯଥେଷ୍ଟ ଆଶଙ୍କା ରହିଛି। ତେବେ ଯଦି ଏସବୁ ଲକ୍ଷଣ ବିଷୟରେ ଅବଗତ ହେଲେ ତେବେ ବିଳମ୍ବ ନ କରି ଅଭିଜ୍ଞ କ୍ୟାନ୍ସର ଡାକ୍ତରଙ୍କ ନିକଟକୁ ଯାଇ ତାଙ୍କ ସହ ପରାମର୍ଶ କରି ଚିକିତ୍ସିତ ହୁଅନ୍ତୁ। ଯଦି ବିଳମ୍ବରେ ଏହାର କାରଣ ଜଣାପଡିଲା, ତେବେ ଚିକିତ୍ସା ପାଇଁ ପ୍ରଚୁର ଅର୍ଥ ଖର୍ଚ୍ଚ କରିବାକୁ ପଡିଥାଏ। ଅନେକ ସମୟରେ କ୍ୟାନ୍ସର ଆକ୍ରାନ୍ତ ବ୍ୟକ୍ତି ମୃତ୍ୟୁବରଣ କରିଥାଆନ୍ତି। ତେଣୁ ସବୁବେଳେ ଏକ ବ୍ୟବସ୍ଥିତ ଜୀବନଶୈଳୀ ଅନୁସରଣ କରିବା ସହ ନିଶାଦ୍ରବ୍ୟ ଠାରୁ ନିଜକୁ ଦୂରେଇ ରଖନ୍ତୁ। ଆଜିକାଲି କ୍ୟାନ୍ସରର ଚିକିତ୍ସା ପାଇଁ ବିଭିନ୍ନ ଅତ୍ୟାଧୁନିକ ପ୍ରଣାଳୀ ଅନୁସରଣ କରାଯାଉଛି। ତେଣୁ ଠିକ୍ ସମୟରେ ଏହାର ଲକ୍ଷଣ ବିଷୟରେ ଅବଗତ ହୋଇ ଚିକିତ୍ସା କରାଇ ନେବା ଦରକାର। ଏହାଦ୍ୱାରା ଆମେ କ୍ୟାନ୍ସରଜନିତ ମୃତ୍ୟୁହାରକୁ କେତେକାଂଶରେ ରୋକି ପାରିବା।


ଫର୍ମ ନଂ.୧୩
**ଋଣ ଅସୁଲି ପ୍ରାଧିକରଣ, କଟକ**
ସି-୭୧, ସେକ୍ଟର-୭, ସିଡ଼ିଏ, କଟକ, ଓଡ଼ିଶା
ଓ.ଏ. ନଂ.୫୦୧/୨୦୨୫

ବ୍ୟାଙ୍କ ଅଫ୍ ଇଣ୍ଡିଆ ................................ ଆବେଦନକାରୀ
ବନାମ
ମେସର୍ସ ବି.ସି ଏଣ୍ଟରପ୍ରାଇଜେସ୍ ଏବଂ ଅନ୍ୟମାନେ ...........ପ୍ରତିବାଦୀମାନେ

୧.ମେସର୍ସ ବି.ସି ଏଣ୍ଟରପ୍ରାଇଜେସ୍, ଏହାର ଏକମାତ୍ର ସତ୍ତ୍ୱାଧିକାରୀ ଶ୍ରୀ ଚିରଞ୍ଜନ ମିଶ୍ରଙ୍କ ମାଧ୍ୟମରେ ପ୍ରତିନିଧିତ୍ୱ କରାଯାଉଛି, ପ୍ଲଟ ନଂ.୩୫୩/୪୧୫୭, ଜୟଦେବ ବିହାର, ବିଷ୍ଣୁପ୍ରିୟା ଆପାର୍ଟମେଣ୍ଟ ନିକଟ, ଭୁବନେଶ୍ୱର - ୭୫୧୦୧୩, ଜିଲ୍ଲା: ଖୋର୍ଦ୍ଧା।
୨. ଶ୍ରୀ ଚିରଞ୍ଜନ ମିଶ୍ର, ପିତା: ଶ୍ରୀ କୃଷ୍ଣ ଚନ୍ଦ୍ର ମିଶ୍ର, ପ୍ଲଟ ନଂ.୩୫୩/୪୧୫୭, ଜୟଦେବ ବିହାର, ବିଷ୍ଣୁପ୍ରିୟା ଆପାର୍ଟମେଣ୍ଟ ନିକଟ, ଭୁବନେଶ୍ୱର - ୭୫୧୦୧୩, ଜିଲ୍ଲା: ଖୋର୍ଦ୍ଧା।
୩. ଶ୍ରୀମତୀ ଏ. ସରୋଜିନୀ, ସ୍ୱା: ଶ୍ରୀ ଚିରଞ୍ଜନ ମିଶ୍ର, ପ୍ଲଟ ନଂ.୩୫୩/୪୧୫୭, ଜୟଦେବ ବିହାର, ବିଷ୍ଣୁପ୍ରିୟା ଆପାର୍ଟମେଣ୍ଟ ନିକଟ, ଭୁବନେଶ୍ୱର - ୭୫୧୦୧୩, ଜିଲ୍ଲା: ଖୋର୍ଦ୍ଧା।

**ପ୍ରାର୍ଥନା କରାଯାଇଥିବା ସହାୟତା କାହିଁକି ମଞ୍ଜୁର କରାନଯିବ ତାହାର କାରଣ ଦର୍ଶାଇବା ନିମନ୍ତେ ଖବରକାଗଜ ପ୍ରକାଶନ ଦ୍ୱାରା ସମନ**

ଏହି ନୋଟିସ୍ ଦ୍ୱାରା ଜଣାଇଦିଆଯାଉଛି କି, ଆବେଦନକାରୀ ଓ.ଏ. ନଂ.୫୦୧/୨୦୨୫ ଦ୍ୱାରା ଟ.୨୦,୭୮,୭୩୦/- (କୋଡିଏ ଲକ୍ଷ ଅଠସ୍ତୋରି ହଜାର ସାତ ଶହ ତିରିସି ଟଙ୍କା ମାତ୍ର) ଋଣ ରାଶି ଓ ତତ୍ ସହିତ ଚଳିତ ଏବଂ ଭବିଷ୍ୟତ ସୁଧ, ଆଇନଗତ ଖର୍ଚ୍ଚ ଏବଂ ଅନ୍ୟାନ୍ୟ ଖର୍ଚ୍ଚ ଆଦାୟ ପାଇଁ ମାନ୍ୟବର ଋଣ ଅସୁଲି ପ୍ରାଧିକରଣ, କଟକଙ୍କ ଠାରେ ଏକ ମୋକଦ୍ଦମା ରୁଜୁ କରିଛନ୍ତି। ତେଣୁ ଏତଦ୍ୱାରା ଉପରଲିଖିତ ପ୍ରତିବାଦୀମାନଙ୍କୁ ନିର୍ଦ୍ଦେଶ ଦିଆଯାଉଅଛିକି, ସେମାନେ ଏହି ଖବରକାଗଜ ପ୍ରକାଶନ ତାରିଖର ୩୦ଦିନ ମଧ୍ୟରେ କିମ୍ବା ତା.୧୭.୦୪.୨୦୨୬ ପୂର୍ବାହ୍ନ ୧୦.୩୦ ଘଟିକା ସମୟରେ ଉପରୋକ୍ତ ଅଦାଲତରେ ବ୍ୟକ୍ତିଗତ ଭାବେ କିମ୍ବା ଓକିଲ କିମ୍ବା କ୍ଷମତାପ୍ରାପ୍ତ ପ୍ରତିନିଧିଙ୍କ ମାଧ୍ୟମରେ ଉପସ୍ଥିତ ହୋଇ ଆବେଦନକାରୀଙ୍କ ପ୍ରାର୍ଥନା କରାଯାଇଥିବା ସହାୟତା କାହିଁକି ମଞ୍ଜୁର କରାନଯିବ ତାହାର କାରଣ ଦର୍ଶାଇବା ନିମନ୍ତେ ତାଙ୍କର ପକ୍ଷ ରଖିପାରିବେ।
ଏହି ନୋଟିସ୍ ଦ୍ୱାରା ଅବଗତ କରାଇଦିଆଯାଉଅଛି ଯେ ଯଦି ଆପଣମାନେ ଏଥିରେ ଖିଲାପ କରନ୍ତି, ତେବେ ଆପଣମାନଙ୍କର ଅନୁପସ୍ଥିତିରେ ଦରଖାସ୍ତର ଶୁଣାଣି ଏବଂ ବିଚାର କରାଯିବ।
ଏହି ଟ୍ରିବ୍ୟୁନାଲ୍‌ର ମୋହର ସହ ମୋ ସ୍ୱାକ୍ଷର ଦିନାଙ୍କ ୨୧ ଜାନୁୟାରୀ ୨୦୨୬ରେ ଆଦିଷ୍ଟ।
ସ୍ୱା/-
ରେଜିଷ୍ଟ୍ରାର (ଭାରପ୍ରାପ୍ତ)



**OFFICE OF THE NOTIFIED AREA COUNCIL, BOUDHGARH**
e-mail: boudhgarhnac@yahoo.co.in, Ph. No.: 06841-222024
No. 315 | **EXPRESSION OF INTEREST** | Date: 31.1.26

No. 13001/15/2526: Boudhgarh NAC proposes to undertake **"Providing Consultancy Service for preparation of DPR for different projects"**. Proposals are invited to conduct the assignment and submit the deliverables from consulting registered architectural firms that have requisite experience in preparation of DPR for different infrastructure project.
The details of EOI may be accessed and the EOI can be downloaded from the website **www.nacboudhgarh.in** or in person on payment of the required paper cost.
The completed application as per the instructions in the EOI document, should reach the following address by Speed Post/Registered Post/Courier latest by **3.30 P.M. on dated 11.02.26**.
Boudhgarh NAC reserves the sole right to accept or reject any or all proposals without assigning any reason whatsoever.
Sd./- Executive Officer
NAC, Boudhgarh
OIPR-13001/13155/1/25-26/0015



**ପୌର ପରିଷଦ ହିଞ୍ଜିଳିକାଟୁ**
**HINJILICUT MUNICIPAL COUNCIL**
ହିଞ୍ଜିଳିକାଟୁ, ଜିଲ୍ଲା: ଗଞ୍ଜାମ, ପିନ୍ - ୭୬୧୧୦୨, ଦୂରଭାଷ: ୦୬୮୧୧-୨୮୦୦୨୫, ଟୋଲ୍ ଫ୍ରି: ୧୪୪୨୦
At: Hinjilicut, Dist.: Ganjam, PIN - 761102, Contact: 06811-280025, Toll Free No.: 14420
Email: hinjilicutmunicipality@gmail.com, hinjilimunicipality@gmail.com,
Facebook: Hinjilicut Municipality, Twitter: Hinjilicutmunicipality
Letter No. 558/Dev. | Date: 31.01.2026

**QUOTATION CALL NOTICE**

No. 13001/16/2526: Sealed quotations are invited from the Authorized Dealers/Agencies/Suppliers/Manufactures/for supply of following items for Hinjilicut Municipality.
The rate should be quoted against the item excluding taxes. The quotationers are essentially required to enclose their GST Clearance Certificate, PAN Card, Warranty/Guarantee Certificate. The quotationer shall be required to produce the original copy of the required document before the undersigned at the time of opening of quotation for verification.
The quotationer should submit EMD in shape of Cash/B.D./D.D./T.D.A. pledged in favour of Executive Officer, Hinjilicut Municipality as mentioned detailed below. The quotation paper will be available at the Cash Section from date: 03.02.2026, 10.00 A.M. to 10.02.2026, 05.00 P.M. in the Office hour except holidays. The quotation should receive on or before Dt.11.02.2026 at 5.00 P.M. on Tender Box and the same will be opened on Dt.16.02.2026 at 11 A.M. in presence of respective quotationers or their authorized representatives.
The authority reserves the right to accept, cancel or reject any or all offers without assigning any reason thereof.

| Sl. No. | Description of Items | Paper Cost | EMD |
|---|---|---|---|
| 1 | Supplying & fixing of openable UPVC doors and Windows with color frame of approved make with thick material laminated with glass of approved quality complete with frame, shutter and all fixture, fixing of execution of Aspirational toilet complex under Hinjilicut Municipality | Rs.4000/- | Rs.5000/- |

OIPR-13001/13105/1/25-26/0016 | Sd./- Executive Officer, Hinjilicut Municipality



**वरीय पुलिस अधीक्षक का कार्यालय पूर्वी सिंहभूम, जमशेदपुर**
**आवश्यक सूचना**



अज्ञात मृतक पुरूष
उम्र—करीब 35 वर्ष

सर्व साधारण को सूचित किया जाता है कि दिनांक—30.01.2026 को समय करीब 12:10 बजे सुन्दरनगर थानान्तर्गत कुदादा स्थित रेलवे ट्रैक (पोल सं0—257/20 से 258/01 के बीच) पर ट्रेन के चपेट में आने से एक अज्ञात पुरूष की मृत्यु हो गई है। शव के पहचान हेतु आसपास के स्थानीय लोगों से पुछताछ किया गया लेकिन अज्ञात पुरूष का शिनाख्त/पहचान नहीं हो पाया है। जिससे उनके परिजनों को सूचित नहीं किया जा सका है।

अज्ञात मृतक पुरूष का हुलिया निम्न प्रकार है:—उम्र—लगभग 35 पुरूष, कद—05 फीट 03 इंच, रंग—सॉवला/गेंहुआ, बाल—काला, पहचान चिन्ह—दाहिने ऑख पर कटा का निशान, पहनावा—घियाही रंग का हाफ शर्ट, हल्का आसमानी रंग का बनियान, काला रंग का पुराना फटा हुआ जैकेट, नीला रंग का फटा हुआ फुल पैन्ट तथा काले—भूरा रंग का मौजा।

अतः आप सभी जन साधारण से अनुरोध है कि यदि उपरोक्त हुलिये के संबंध में किसी प्रकार की जानकारी प्राप्त होती है तो इसकी सूचना वरीय पुलिस अधीक्षक के कार्यालय में निम्नांकित फोन नम्बर पर सूचित करें।
वरीय पुलिस अधीक्षक, पूर्वी सिंहभूम, जमशेदपुर : 0657—2431006
पुलिस अधीक्षक ग्रामीण, पूर्वी सिंहभूम, जमशेदपुर : 9470199228
पुलिस उपाधीक्षक, विधि—व्यवस्था : 9431706482
थाना प्रभारी, सुन्दरनगर : 9431706516
वरीय पुलिस अधीक्षक,
पूर्वी सिंहभूम, जमशेदपुर
PR 372246 (Police)25-26*D
POLICE HELPLINE (EMERGENCY DIAL)-112 | CHILD HELPLINE-1098
WOMEN HELPLINE-1091 | DOMESTIC ABUSE HELPLINE-181
CYBER CRIME HELPLINE-1930 | AMBULANCE SERVICE-108



**GOVERNMENT OF ODISHA**
**OFFICE OF THE CHIEF CONSTRUCTION ENGINEER, JEYPORE (R&B) CIRCLE, JEYPORE**
No. 34001/14/2526 e-mail ID: supenger_rbjyp@yahoo.co.in
**INVITATIONS FOR BIDS (IFB)**
**Bid Identification No. C.C.E.J.C. (R&B) - 14/2025-26**
No. 1475 | Date: 31.01.2026

1. Nature of the work : Road & Building Works
2. Total No. of Works : 07 (Seven) Nos.
3. Tender Cost : Rs.2.58 to 6.44 Crs.
4. Period of Completion : 04 (Four) to 11 (Eleven) Calendar Months each
5. Cost of Bid Document : Rs.10,000/-
6. Bid Security (EMD) : Rs.2.58 Lacs to 6.44 lacs as per column No. 06 of IFB.
7. Class of Contractor : "Special", "B" & "A" Class as per Cl. No. 05 of TCN & according to Financial eligibility.
8. Date & time of availability of bid document in the portal : From 12.00 hours of 10.02.2026 to 17.00 hours of 24.02.2026
9. Last date/time for receipt of bids in the portal : 17.00 hours of 24.02.2026
10. Opening date of Bid : 11.00 hours of 25.02.2026
11. Name and address of the Officer Inviting Bid : Chief Construction Engineer, Jeypore (R&B) Circle, Jeypore

Further details can be seen from the e-procurement portal **https://tendersodisha.gov.in**. Any addendum/corrigendum/cancellation of tender can also be seen in the said website only.
Sd./- Chief Construction Engineer
Jeypore (R&B) Circle, Jeypore
OIPR-34001/34108/1/25-26/0014



**ଦ.ପୂ. ରେଳପଥ – ଟେଣ୍ଡର**
ଭାରତର ରାଷ୍ଟ୍ରପତିଙ୍କ ପାଇଁ ଏବଂ ତରଫରୁ ଉପ ମୁଖ୍ୟ ଯନ୍ତ୍ରୀ/ସିଓଏନ/ଗାର୍ଡେନ୍ ରିଚ୍, କୋଲକାତା-୭୦୦୦୪୩, ଦକ୍ଷିଣ ପୂର୍ବ ରେଳପଥ ନିମ୍ନଲିଖିତ କାର୍ଯ୍ୟ ପାଇଁ ଇ-ଟେଣ୍ଡର ଆହ୍ୱାନ କରୁଛନ୍ତି । ନିମ୍ନଲିଖିତ ଟେଣ୍ଡର ୱେବ୍‌ସାଇଟ୍ **www.ireps.gov.in** ରେ ଅପଲୋଡ୍ ହୋଇଛି । ଟେଣ୍ଡରକୁ ଧାର୍ଯ୍ୟ ତାରିଖ ଦିନ ୧୨.୦୦ ଘଟିକାରେ ବନ୍ଦ କରିଦିଆଯିବ: ଇ-ଟେଣ୍ଡର ବିଜ୍ଞପ୍ତି ନଂ.- ୦୧-ଡିସିଇ-ସି-ଜିଆର୍‌ସି-୦୧-୨୦୨୬; କାର୍ଯ୍ୟର ସଂକ୍ଷିପ୍ତ ବର୍ଣ୍ଣନା: ଦକ୍ଷିଣ ପୂର୍ବ ରେଳପଥର ଡେପୁଟି ସିଇ/ସିଓଏନ୍/ଗାର୍ଡେନ୍ ରିଚ୍‌ଙ୍କ କ୍ଷେତ୍ରାଧିକାରରେ ବକ୍ରାନୟାବାଜ ଷ୍ଟେଶନଠାରେ ଅତିରିକ୍ତ ଲୁପ୍ ଲାଇନ୍ ସଂକ୍ରାନ୍ତରେ ଇଆଇ ବିଲ୍ଡିଂର ନିର୍ମାଣ ଓ ତତ୍ ସମ୍ବନ୍ଧୀୟ କାର୍ଯ୍ୟ । ଏଷ୍ଟିମେଟ୍ ନଂ. ୧୮୮୫ଡବ୍ଲ୍ୟୁ/୨୦୨୨; ଆନୁମାନିକ ମୂଲ୍ୟ: ₹୫,୧୮,୫୨,୫୩୩.୯୩; ବିଡ୍ ଅମାନତ: ₹୪,୦୯,୩୦୦.୦୦; ସମାପ୍ତି ଅବଧି: ୦୮ ମାସ; ସମାପ୍ତି ତାରିଖ: ୧୦।୦୩।୨୦୨୬; ଟେଣ୍ଡରଗୁଡ଼ିକର ପୂର୍ଣ୍ଣ ବିବରଣୀ/ ବର୍ଣ୍ଣନା/ ବିନିର୍ଦ୍ଦିଷ୍ଟତା ପାଇଁ ଏବଂ ଅନ୍‌ଲାଇନ୍‌ରେ ନିଜର ବିଡ୍ ଦାଖଲ କରିବା ପାଇଁ ଆଗ୍ରହୀ ଟେଣ୍ଡରଦାତାମାନେ ୱେବ୍‌ସାଇଟ୍ **www.ireps.gov.in** ପରିଦର୍ଶନ କରିପାରନ୍ତି । ଏହି କାର୍ଯ୍ୟଗୁଡ଼ିକ ପାଇଁ କୌଣସି ପରିସ୍ଥିତିରେ ମଧ୍ୟ ମାନୁଆଲ ଟେଣ୍ଡର ଗ୍ରହଣ କରାଯିବ ନାହିଁ । ବି.ଦ୍ର.: "ସମ୍ଭାବ୍ୟ ଟେଣ୍ଡରଦାତା ଅନ୍ୟ ସମସ୍ତ ଟେଣ୍ଡରରେ ଅଂଶଗ୍ରହଣ କରିବା ପାଇଁ ନିୟମିତ ଭାବେ **www.ireps.gov.in** ପରିଦର୍ଶନ କରିପାରନ୍ତି"। (PR-1137)



**GOVT OF ODISHA** | No. 25001/16/2526
**OFFICE OF THE SUPERINTENDING ENGINEER, RURAL WORKS DIVISION, NAYAGARH**
At/P.O.: Nabaghanpur, Dist.: Nayagarh, Ph.: 06753-252049, E-mail: nayagarhrw2006@yahoo.in
No.: Tender-Online-Nayagarh Divn.-13/2025-26 | Date:
**e-Procurement NOTICE**

1. Name of the Work : Road Works
2. Total No. of Projects : 07 (Seven) Nos. of Projects
3. Class of Contractor :
   a) Estimated cost above Rs.20.00 lakhs & upto Rs.3.00 Crore : **B Class** (of Odisha PWD) or relevant class of other licensing authorities
   b) Estimated cost upto Rs.40.00 lakhs : **C Class** (of Odisha PWD) or relevant class of other licensing authorities
   c) Estimated cost upto Rs.20.00 lakhs : **D Class** (of Odisha PWD) or relevant class of other licensing authorities
4. Estimated Cost put to tender : Rs.4.84 lakhs & Rs.45.47 lakhs
5. Time for Completion : 01 (One) Calendar Month
6. Other Details :

| Procurement Officer | Bid Identification No. | Availability of Tender Online for Bidding | | Date & Time of Opening of Tender |
|---|---|---|---|---|
| | | From | To | |
| 1 | 2 | 3 | 4 | 5 |
| Superintending Engineer, Rural Works Division, Nayagarh | No.: Tender Online - Divn. NAYAGARH - 13/2025-26 | 06.02.2026 at 10.00 A.M. | 16.02.2026 upto 5.30 P.M. | 17.02.2026 at 11.00 A.M. |

Further details can be seen from the website **www.tendersorissa.gov.in**.
OIPR-25001/25106/1/25-26/0016 | Sd./- Executive Engineer, Rural Works Division., Nayagarh



ଭାରତ ସରକାର
କର୍ପୋରେଟ୍ ବ୍ୟାପାର ମନ୍ତ୍ରଣାଳୟ
ତ୍ୱରିତ କର୍ପୋରେଟ୍ ସମାପନ ପ୍ରକ୍ରିୟାକରଣ କେନ୍ଦ୍ର (ସି-ପେସ୍), ଆଇ.ଆଇ.ସି.ଏ. ବିଲ୍ଡିଂ, ୭ମ ମହଲା, ପ୍ଲଟ୍ ପି-୬, ୭, ୮, ସେକ୍ଟର-୫, ଆଇ.ଏମ୍.ଟି. ମାନେସର, ଗୁଡ୍‌ଗାଓଁ, ହରିୟାଣା - ୧୨୨୦୫୦
ଇମେଲ୍: roc.cpace@mca.gov.in

सत्यमेव जयते

Government of India
Ministry of Corporate Affairs
Centre for Processing Accelerated Corporate Exit (C-PACE), IICA Building, 7th Floor, Plot P- 6, 7, 8, Sector-5, IMT Manesar, Gurgaon, Haryana - 122050
Email: roc.cpace@mca.gov.in

ଫର୍ମ ନଂ. ଏସ୍‌ଟିକେ-୬
**ସର୍ବସାଧାରଣ ବିଜ୍ଞପ୍ତି**
*[କମ୍ପାନୀ ଅଧିନିୟମ, ୨୦୧୩ର ଧାରା ୨୪୮ର ଉପ-ଧାରା (୨) ଏବଂ ଉପ-ଧାରା (୪) ତଥା କମ୍ପାନୀ (କମ୍ପାନୀ ରେଜିଷ୍ଟରରୁ କମ୍ପାନୀଗୁଡ଼ିକର ନାମ ହଟାଇବା) ନିୟମାବଳୀ, ୨୦୧୬ର ନିୟମ ୭ ଅନୁଯାୟୀ]*
ସର୍ବସାଧାରଣ ନୋଟିସ: ଆରଓସି/ସି-ପେସ୍/ଏସ୍‌ଟିକେ-୨/୨୪୮(୨)/୨୦୨୫-୨୬/୧୮୫୮ | ତାରିଖ: ୨୧।୦୧।୨୦୨୬

ସନ୍ଦର୍ଭ:
କମ୍ପାନୀ ଅଧିନିୟମ, ୨୦୧୩ର ଧାରା ୨୪୮ ଅଧୀନରେ ଓଡ଼ିଶା ରାଜ୍ୟରେ (୨)ଟି କମ୍ପାନୀର ନାମକୁ କାଟିବା ବା ହଟାଇବା ମାମଲାରେ:

| କ୍ର.ସଂ. | ୱାର୍କ ଆଇଟମ୍ | ସିଆଇଏନ୍ | କମ୍ପାନୀର ନାମ |
|---|---|---|---|
| ୧ | ଏସି୧୦୭୮୬୪୪ | ୟୁ୯୫୨୪୦ଓଡି୨୦୨୪ପିଟିସି୦୪୫୪୨୬ | ଟେକ୍ନୋସାଗର ଭାରତ ପ୍ରାଇଭେଟ୍ ଲିମିଟେଡ୍ |
| ୨ | ଏସି୧୨୨୨୩୦୪ | ୟୁ୮୬୯୦୦ଓଡି୨୦୨୪ପିଟିସି୦୪୫୦୩୮ | ଇନୋଭି ହେଲ୍‌ଥକେୟାର୍ ପ୍ରାଇଭେଟ୍ ଲିମିଟେଡ୍ |

୨. ଏତଦ୍ଦ୍ୱାରା ନୋଟିସ ଦିଆଯାଉଛି ଯେ କମ୍ପାନୀ ନିବନ୍ଧକ କମ୍ପାନୀ ଅଧିନିୟମ, ୨୦୧୩ର ଧାରା ୨୪୮(୨) ଅଧୀନରେ ଉପରଦର୍ଶିତ କମ୍ପାନୀଗୁଡ଼ିକଠାରୁ ନିମ୍ନଲିଖିତ କୌଣସି କାରଣ ପାଇଁ ଏହାର/ସେମାନଙ୍କର ନାମ(ଗୁଡ଼ିକ)କୁ କମ୍ପାନୀ ରେଜିଷ୍ଟରରୁ ହଟାଇବା ଲାଗି ଦରଖାସ୍ତ ପ୍ରାପ୍ତ କରିଛନ୍ତି । ସମ୍ପୃକ୍ତ କମ୍ପାନୀ(ଗୁଡ଼ିକ) ସେମାନଙ୍କର ନିଗମୀକରଣ ତାରିଖଠାରୁ ୧ ବର୍ଷ ମଧ୍ୟରେ ବ୍ୟବସାୟ ଆରମ୍ଭ କରିବାରେ ବିଫଳ ହୋଇଛନ୍ତି କିମ୍ବା ଠିକ୍ ଦୁଇଟି ପୂର୍ବବର୍ତ୍ତୀ ଆର୍ଥିକବର୍ଷରେ କୌଣସି ବ୍ୟବସାୟ କିମ୍ବା କାର୍ଯ୍ୟ ସଞ୍ଚାଳନ କରିନାହାନ୍ତି ଏବଂ ଏପରି ଅବଧିରେ କମ୍ପାନୀ ଅଧିନିୟମ, ୨୦୧୩ର ଧାରା ୪୫୫ ଅଧୀନରେ ଏକ ନିଷ୍କ୍ରିୟ କମ୍ପାନୀର ସ୍ଥିତି ହାସଲ କରିବା ପାଇଁ କୌଣସି ଆବେଦନ(ଗୁଡ଼ିକ) କରିନାହାନ୍ତି କିମ୍ବା କମ୍ପାନୀ(ଗୁଡ଼ିକ) ନିଷ୍କ୍ରିୟ କମ୍ପାନୀର ସ୍ଥିତି ହାସଲ କରିଛନ୍ତି/କମ୍ପାନୀର ନିଗମୀକରଣ ସମୟରେ ସେମାନେ ଘୋଷଣା କରିଥିବା ସବ୍‌ସ୍କ୍ରିପ୍ସନକୁ ମେମୋରାଣ୍ଡମ୍ ଅନୁଯାୟୀ ସବ୍‌ସ୍କ୍ରାଇବରମାନଙ୍କୁ ପୈଠ କରିନାହାନ୍ତି ଏବଂ ଧାରା ୧୦ଏ'ର ଉପଧାରା (୧) ଅଧୀନରେ ଏହାର ନିଗମୀକରଣର ଏକଶହ ଅଶୀ ଦିନ ମଧ୍ୟରେ ଏ ବାବଦରେ ଘୋଷଣା ଦାଖଲ କରାଯାଇନାହିଁ/ଧାରା ୧୨ର ଉପ-ଧାରା (୯) ଅଧୀନରେ ସଞ୍ଚାଳିତ ଭୌତିକ ଯାଞ୍ଚ ସମୟରେ ଏହା ସ୍ପଷ୍ଟ ହୋଇଛି ଯେ ସେମାନେ କୌଣସି ବ୍ୟବସାୟ/କାର୍ଯ୍ୟ ସଞ୍ଚାଳନ କରୁନାହାନ୍ତି, କିନ୍ତୁ ଏହା/ସେମାନେ କମ୍ପାନୀ ଭାବେ ଏହାର/ସେମାନଙ୍କର ପଞ୍ଜୀକରଣକୁ ଜାରି ରଖିବାକୁ ଚାହୁଁନାହାନ୍ତି ଏବଂ ସେଥିପାଇଁ କମ୍ପାନୀ ରେଜିଷ୍ଟରରୁ ଏହାର/ସେମାନଙ୍କର ନାମକୁ ହଟାଇବା/କାଟିବା ଲାଗି ଅନୁରୋଧ କରିଛନ୍ତି ।
୩. ତଦନୁଯାୟୀ, କମ୍ପାନୀ ନିବନ୍ଧକ ଉପରଦର୍ଶିତ କମ୍ପାନୀଗୁଡ଼ିକର ନାମକୁ କମ୍ପାନୀ ରେଜିଷ୍ଟରରୁ ହଟାଇବା କିମ୍ବା କାଟିବା ପାଇଁ ପ୍ରସ୍ତାବ ରଖିଛନ୍ତି ।
୪. କମ୍ପାନୀ ରେଜିଷ୍ଟରରୁ ଉକ୍ତ କମ୍ପାନୀଗୁଡ଼ିକର ନାମକୁ ହଟାଇବା କିମ୍ବା କାଟିବାର ପ୍ରସ୍ତାବ ବାବଦରେ ଯଦି କୌଣସି ବ୍ୟକ୍ତିଙ୍କର କିଛି ଆପତ୍ତି ଥାଏ, ତେବେ ସେ ଏହି ନୋଟିସ ପ୍ରକାଶିତ ହେବା ତାରିଖରୁ ୩୦ ଦିନ ମଧ୍ୟରେ ନିଜର ଆପତ୍ତିକୁ କାର୍ଯ୍ୟାଳୟ ଠିକଣାରେ ପଠାଇପାରନ୍ତି ।
ଇର୍କନ ତିର୍କୀ
ଉପ ନିବନ୍ଧକ
CBC 07123/11/0641/2526 | ତ୍ୱରିତ କର୍ପୋରେଟ୍ ସମାପନ ପ୍ରକ୍ରିୟାକରଣ କେନ୍ଦ୍ର

## ଜନ୍ମଦିନର ଶୁଭେଚ୍ଛା

ନାମ: ....................................
ବୟସ:....................................
ଜନ୍ମ ତାରିଖ: ...............................


ଗୁନ୍‌ଗୁନ୍
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ଆଜି ଭାରତ-ଆଫଗାନିସ୍ତାନ ସେମିଫାଇନାଲ ମ୍ୟାଚ୍

**ହରାରେ,୩।୨(ପି.ଟି.)**

### ୧୯ ବର୍ଷରୁ କମ୍ ବିଶ୍ୱକପ୍

ଚଳିତ ୧୯ ବର୍ଷରୁ କମ୍ ବିଶ୍ୱକପ୍‌ରେ ବୁଧବାର ଖେଳାଯିବାକୁ ଥିବା ଦ୍ୱିତୀୟ ସେମିଫାଇନାଲ ମ୍ୟାଚ୍‌ରେ ଭାରତ ଓ ଆଫଗାନିସ୍ତାନ ପରସ୍ପରକୁ ଭେଟିବାକୁ ଯାଉଛନ୍ତି। ଏପର୍ଯ୍ୟନ୍ତ ଟୁର୍ନାମେଣ୍ଟରେ ଅପରାଜିତ ଥିବା ଭାରତୀୟ ଦଳକୁ ଏହି ମ୍ୟାଚ୍ ଲାଗି ଫେଭରାଇଟ ବିବେଚନା କରାଯାଇଛି। ଭାରତ ଟୁର୍ନାମେଣ୍ଟ ଇତିହାସର ସବୁଠୁ ସଫଳ ଦଳ। ଭାରତ ୨୦୦୦, ୨୦୦୮, ୨୦୧୨, ୨୦୧୮ ଓ ୨୦୨୨ ସଂସ୍କରଣ ଚାମ୍ପିୟନ ହୋଇଥିବା ବେଳେ ଅଷ୍ଟ୍ରେଲିଆ ୪ଥର ଏହି ଟ୍ରଫି ହାତେଇଥିଲା। ଲିଗ୍ ପର୍ଯ୍ୟାୟରେ ସମସ୍ତ ମ୍ୟାଚ୍‌କୁ ସହଜରେ ଜିତିଥିବା ଭାରତୀୟ ଦଳ ପାକିସ୍ତାନ ବିପକ୍ଷ ସୁପର-୬ ମ୍ୟାଚ୍‌କୁ ୫୮ ରନ୍‌ରେ ଜିତି ସେମିଫାଇନାଲରେ ସ୍ଥାନ ପକ୍କା କରିଛି। ଆଫଗାନିସ୍ତାନ ମଧ୍ୟ ଟୁର୍ନାମେଣ୍ଟରେ ଭଲ କରିଛି। ଦଳ ଏପର୍ଯ୍ୟନ୍ତ ୫ରୁ ୪ ମ୍ୟାଚ୍ ଜିତିଛି ଓ କେବଳ ଶ୍ରୀଲଙ୍କାଠାରୁ ପରାସ୍ତ ହୋଇଛି। ଫର୍ମରେ ଥିବା ଅଭିଜ୍ଞାନ କୁଣ୍ଡୁ, ବୈଭବ ସୂର୍ଯ୍ୟବଂଶୀ, ବିହାନ ମାଲହୋତ୍ରାଙ୍କ ଭଳି ଖେଳାଳିଙ୍କଠାରୁ ଏହି ମ୍ୟାଚ୍‌ରେ ଭଲ ପ୍ରଦର୍ଶନ ଆଶା କରାଯାଉଛି। ଉଇକେଟ୍‌କିପର ବ୍ୟାଟର ଅଭିଜ୍ଞାନ କୁଣ୍ଡୁ ୫ ମ୍ୟାଚ୍‌ରେ ୧୯୯ ରନ୍ କରିଥିବା ବେଳେ ଓପନର ସୂର୍ଯ୍ୟବଂଶୀ ୧୯୬ ଓ ମିଡଲ ଅର୍ଡରରେ ବିହାନ ୧୭୨ ରନ୍ କରିଛନ୍ତି। ଅଧିନାୟକ ଆୟୁଷ ମାହାତ୍ରେ ଖରାପ ଫର୍ମ ଦେଇ ଗତି କରୁଛନ୍ତି। ସେ ଏପର୍ଯ୍ୟନ୍ତ ମାତ୍ର ୯୯ ରନ୍ କରିଛନ୍ତି। ବୋଲିଂ ବିଭାଗରେ ହେନିଲ ପଟେଲ ଓ ଆର୍‌ଏସ୍ ଅମ୍ବ୍ରିଶଙ୍କ ପ୍ରଦର୍ଶନ ଭଲ ରହିଛି। ଏହି ଦୁଇ ପେସର ୧୧ଟି ଲେଖାଏ ଉଇକେଟ ହାତେଇଛନ୍ତି।

# ଭାମ୍ବ୍ରିଙ୍କୁ କ୍ୟାରିୟରର ଶ୍ରେଷ୍ଠ ଡବଲ୍ସ ର୍‍ୟାଙ୍କିଙ୍ଗ୍

**ନୂଆଦିଲ୍ଲୀ,୩।୨**

ଭାରତୀୟ ଟେନିସ୍ ଖେଳାଳି ୟୁକି ଭାମ୍ବ୍ରି ମଙ୍ଗଳବାର ଏଟିପି ଡବଲ୍ସ ର୍‍ୟାଙ୍କିଙ୍ଗ୍ସରେ ୨୦ତମ ସ୍ଥାନକୁ ଉନ୍ନୀତ ହୋଇଛନ୍ତି। ଏହା ତାଙ୍କ କ୍ୟାରିୟରର ଶ୍ରେଷ୍ଠ ଡବଲ୍ସ ର୍‍ୟାଙ୍କିଙ୍ଗ୍। ଏହିଉପଲବ୍ଧିସହ ସେ ରୋହନ ବୋପାନ୍ନାଙ୍କ ପରେ ପ୍ରଥମ ଭାରତୀୟ ଖେଳାଳି ଭାବେ ପୁରୁଷ ଡବଲ୍ସ ଖେଳାଳି ରୂପେ ଟପ୍-୨୦ ମଧ୍ୟରେ ପ୍ରବେଶ କରିଛନ୍ତି। ପୂର୍ବରୁ ସେ ୨୨ତମ ସ୍ଥାନରେ ଥିଲେ। ୩୩ ବର୍ଷୀୟ ଭାମ୍ବ୍ରି ଚଳିତ ସିଜନରେ ଭଲ ଫର୍ମରେ ଅଛନ୍ତି। ସେ ଗତ ଅଷ୍ଟ୍ରେଲିଆନ୍ ଓପନ୍‌ରେ ସ୍ୱିଡେନ୍‌ର ଆଣ୍ଡ୍ରେ ଗୋରାନସନଙ୍କ ସହ ମିଶି ତୃତୀୟ ରାଉଣ୍ଡରେ ପହଞ୍ଚିଥିଲେ।

# ଦୀପକଙ୍କ ମାଉଣ୍ଟ କାଙ୍ଗ୍ରି ଆରୋହଣ


ମାଉଣ୍ଟ କାଙ୍ଗ୍ରି ଆରୋହଣ ଅବସରରେ ଦୀପକ ମହନ୍ତ।

**ଭୁବନେଶ୍ୱର, ୩।୨(ତପନ ସ୍ୱାଇଁ)**


ଯୁବ ପର୍ବତାରୋହୀ ଦୀପକ ମହନ୍ତ ଲଦାଖର ୬୦୭୦ ମିଟରବିଶିଷ୍ଟ ମାଉଣ୍ଟ ୟୁଟି କାଙ୍ଗ୍ରି ଆରୋହଣ କରିଛନ୍ତି। ତାଙ୍କ ଘର କେନ୍ଦୁଝର ଜିଲା କାଶିଆ ଗ୍ରାମରେ ଏବଂ ସେ ଆସା(ଆସୋସିଏଶନ ଫର୍ ଆଡ୍‌ଭେଞ୍ଚର ଆଣ୍ଡ ସୋସିଆଲ ଆକ୍ଟିଭିଟିଜ୍)ର ସଦସ୍ୟ। ଦୀପକ ପୂର୍ବରୁ ୨୦୨୫ରେ ହିମାଚଳ ପ୍ରଦେଶର ମାଉଣ୍ଟ ୟୁନାମ(୬୧୫୦ ମିଟର) ଏବଂ ୨୦୨୨ରେ ମାଉଣ୍ଟ ସେଥିଦର(୫୮୦୦ ମିଟର) ଆରୋହଣ କରିଥିଲେ। ବେସିକ୍ ଏବଂ ଆଡ୍‌ଭାନ୍ସ ମାଉଣ୍ଟେନରିଂ କୋର୍ସ ଶେଷ କରିବାପରେ ସେ ଭବିଷ୍ୟତରେ ଏଭରେଷ୍ଟ ଆରୋହଣ ଲକ୍ଷ୍ୟ ରଖିଛନ୍ତି। ମାଉଣ୍ଟ କାଙ୍ଗ୍ରି ଆରୋହଣ ପାଇଁ ଦୀପକଙ୍କୁ ରାଜ୍ୟ କ୍ରୀଡ଼ା ବିଭାଗର ଅତିରିକ୍ତ ସଚିବ ବିଜୟ କୁମାର ସ୍ୱାଇଁ ଗତ ସୋମବାର ସମ୍ବର୍ଦ୍ଧିତ କରିଛନ୍ତି। ଏହି ଅବସରରେ ଆସାର ସମ୍ପାଦକ ତଥା ଏଭରେଷ୍ଟ ଆରୋହୀ ଗଣେଶ ଚନ୍ଦ୍ର ଜେନା, କ୍ରୀଡ଼ା ବିଭାଗର ସିନିୟର ପ୍ରୋଗ୍ରାମ ଅଫିସର ହରେଶ୍ କୁମାର ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ। ଆସାର କାର୍ଯ୍ୟକାରୀ ସଭାପତି ଅଶୋକ ମହାନ୍ତି, ଉପସଭାପତି ଶକ୍ତିରଞ୍ଜନ ମହାନ୍ତି, ବିକ୍ରମ କିଶୋର ଦାସ, ବିଜୟ କୁମାର ସାସ୍‌ମଲ ଓ କ୍ଷୀରୋଦ କୁମାର ଷଣ୍ଢ ପ୍ରମୁଖ ଦୀପକଙ୍କୁ ଅଭିନନ୍ଦନ ଜଣାଇଛନ୍ତି। ପ୍ରକାଶଯୋଗ୍ୟ, ଏହି ଆରୋହଣ ଅବସରରେ ଦୀପକଙ୍କ ଅଙ୍ଗୁଳି ଗୁଡ଼ିକରେ କ୍ଷତ ସୃଷ୍ଟି ହୋଇଥିବା ଜଣାଯାଇଛି।

# ଏମ୍‌ସିସି ୭୩ ନିୟମ ପରିବର୍ତ୍ତନ କରିବ

**ଲଣ୍ଡନ, ୩।୨(ପି.ଟି.)**

କ୍ରିକେଟ ଆଇନରେ ୭୩ଟି ନିୟମରେ ପରିବର୍ତ୍ତନ କରାଯିବ। ଏକ ବହୁଦିବସୀୟ ମ୍ୟାଚ୍‌ର କୌଣସି ଦିବସର ଶେଷ ଓଭରରେ ଯଦି ଏକ ଉଇକେଟର ପତନ ଘଟେ ତେବେ ଏହି ଓଭରକୁ ଶେଷ କରିବା ବାଧ୍ୟତାମୂଳକ ତନ୍ମଧ୍ୟରେ ଅନ୍ୟତମ। କ୍ରିକେଟ ଆଇନର ପ୍ରଣେତା ମେରିଲବୋନ୍ କ୍ରିକେଟ କ୍ଲବ (ଏମ୍‌ସିସି) ତରଫରୁ ଏହା ଘୋଷଣା କରାଯାଇଛି। ନୂଆ ନିୟମ ଚଳିତବର୍ଷ ଅକ୍ଟୋବରରୁ କାର୍ଯ୍ୟକାରୀ ହେବ। ୨୦୨୨ ପରେ କ୍ରିକେଟ ଆଇନର ନୂଆ ସଂସ୍କରଣ କାର୍ଯ୍ୟକାରୀ କରାଯିବ। ବର୍ତ୍ତମାନ ବଲ୍‌ଗୁଡ଼ିକର ସାଇଜ୍-୧, ସାଇଜ୍-୨ ଏବଂ ସାଇଜ୍-୩ ରହିଛି। ପୁରୁଷ ବିଭାଗରେ ସାଧାରଣତଃ ପାରମ୍ପରିକ ସାଇଜ୍-୧ ବଲ୍ ବ୍ୟବହାର କରାଯାଇଆସୁଛି। ଏଥିରେ କୌଣସି ପରିବର୍ତ୍ତନ କରାଯାଇନାହିଁ। ସମଗ୍ର ବିଶ୍ୱରେ ବ୍ୟାଟ୍‌ର ମୂଲ୍ୟ ବୃଦ୍ଧିକୁ ହ୍ରାସ କରିବା ଉଦ୍ଦେଶ୍ୟରେ କେବଳ ଜୁନିୟର କ୍ରିକେଟ ବଦଳରେ ଓପନ୍ ଏଜ୍ କ୍ରିକେଟରେ ଲାମିନେଟେଡ ବ୍ୟବହାରକୁ ଏମ୍‌ସିସି ଆଇନସିଦ୍ଧ କରିଛି। ବୋଲର ରନ୍ ଅପ୍ ବେଳେ ଷ୍ଟମ୍ପ ଆଗରେ ଗ୍ଲୋଭ ରଖିବାକୁ ନେଇ ଉଇକେଟକିପର ଆଉ ଦଣ୍ଡିତ ହେବେନାହିଁ।

# ରାମେଶ୍ୱର-ବାପୁଜୀ କ୍ରିକେଟ କ୍ଲବ ଫାଇନାଲ



ଏମ୍.ଜି. ଗୋପାଳ ଓ ଅତୁଲ ସରୱର ପ୍ଲେୟର ଅଫ୍ ଦି ମ୍ୟାଚ୍ ପୁରସ୍କାର ଗ୍ରହଣ କରୁଛନ୍ତି।

**ଭୁବନେଶ୍ୱର, ୩।୨(ତପନ ସ୍ୱାଇଁ)**

ମୁନ୍‌ଲାଇଟ୍ ୟୁଥ୍ କ୍ଲବ୍ ଆନୁକୂଲ୍ୟରେ ବିଜେବି କଲେଜ ଗ୍ରାଉଣ୍ଡରେ ଚାଲିଥିବା ୯ମ ନବ ଦାଶ ଓ ୫ମ ପ୍ରଶାନ୍ତ ମହାପାତ୍ର ସ୍ମାରକୀ ଟି୨୦ କ୍ରିକେଟ ଟୁର୍ନାମେଣ୍ଟର ୨ଟିଯାକ ସେମିଫାଇନାଲ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ବିଜୟୀ ହୋଇଥିବା ରାମେଶ୍ୱର ସ୍ପୋର୍ଟ୍ସ ଓ ବାପୁଜୀ କ୍ରିକେଟ କ୍ଲବ୍ ମଧ୍ୟରେ ଫାଇନାଲ ବୁଧବାର ଅନୁଷ୍ଠିତ ହେବ। ପ୍ରଥମ ସେମିଫାଇନାଲରେ ରାମେଶ୍ୱର ୫୪ ରନ୍‌ରେ ସହିଦ ସ୍ପୋର୍ଟିଂକୁ ପରାସ୍ତ କରିଛି। ପ୍ରଥମେ ବ୍ୟାଟିଂ କରିଥିବା ରାମେଶ୍ୱର ୨୦ ଓଭରରେ ୯ ଉଇକେଟ ହରାଇ ୧୫୨ ରନ୍ କରିଥିଲା। ଦଳ ପକ୍ଷରୁ ଓପନର ଏମ୍‌ଜି ଗୋପାଳ ସର୍ବାଧିକ ୫୩ ରନ୍ କରିଥିଲେ। ବିପକ୍ଷ ଦଳର ପ୍ରିୟବ୍ରତ ବେଉରା ୪ଟି ଓ ସୁଶୀଲ କୁମାର ବାରିକ ୨ଟି ଉଇକେଟ ନେଇଥିଲେ। ୧୫୩ ରନ୍ ବିଜୟ ଲକ୍ଷ୍ୟରେ ସହିଦ ସ୍ପୋର୍ଟିଂ ୧୯.୫ ଓଭରରେ ୯୮ ରନ୍‌କରି ଅଲ୍‌ଆଉଟ୍ ହୋଇଯାଇଥିଲା। ବିଜୟୀ ଦଳର ଏମ୍.ଜି. ଗୋପାଳ ୪ଟି ଉଇକେଟ ନେଇଥିଲେ। ଅଲ୍‌ରାଉଣ୍ଡ ପ୍ରଦର୍ଶନ ପାଇଁ ଗୋପାଳ ପ୍ଲେୟର ଅଫ୍ ଦି ମ୍ୟାଚ୍ ବିବେଚିତ ହୋଇଥିଲେ।

ସେହିପରି ଦ୍ୱିତୀୟ ସେମିଫାଇନାଲରେ ବାପୁଜୀ କ୍ରିକେଟ କ୍ଲବ ୭୯ ରନ୍‌ରେ ବ୍ରହ୍ମପୁରର ଆଲ୍‌ଫାକୁ ହରାଇ ଦେଇଛି। ବାପୁଜୀ କ୍ଲବ ଅତୁଲ ସରୱରଙ୍କ ଅପରାଜିତ ଶତକ ବଳରେ ୨୦ ଓଭରରେ ୫ ଉଇକେଟ ହରାଇ ୧୯୯ ରନ୍ କରିଥିଲା। ଅତୁଲ ସରୱର ମାତ୍ର ୪୭ଟି ବଲ୍‌ର ସମ୍ମୁଖୀନ ହୋଇ ୪ ଚୌକା ଓ ୧୧ ଛକା ବଳରେ ୧୦୩ ରନ୍‌କରି ଅପରାଜିତ ରହିଥିଲେ। ଆର୍ଯ୍ୟଶ୍ରୀ ଭଞ୍ଜ ୩୫ ରନ୍‌ରେ ଅପରାଜିତ ରହିଥିଲେ। ଜବାବରେ ଆଲ୍‌ଫା ଦଳ ୧୭.୨ ଓଭରରେ ୧୨୦ ରନ୍‌କରି ସମସ୍ତ ଉଇକେଟ ହରାଇଥିଲା। ବିଜୟୀ ଦଳ ପକ୍ଷରୁ ଅତୁଲ ସରୱର ୪ଟି ଏବଂ ସୟଦ ଜାକି ଓ ରାକେଶ ପଟ୍ଟନାୟକ ୨ଟି ଲେଖାଏ ଉଇକେଟ ନେଇଥିଲେ। ଅତୁଲ ସରୱର ପ୍ଲେୟର ଅଫ୍ ଦି ମ୍ୟାଚ୍ ବିବେଚିତ ହୋଇଥିଲେ।


# Classified Everyday

**0674-2580101, 9692975378**


## REAL ESTATE
## SALE

Unused 3BHK Flats & 4BHK with servant quarter in heart of Cuttack City. Reserve parking and maximum facilities. Genuine direct buyers preferred. Call 9776226548. D-3271

ପୁରୀ ଶ୍ରୀମନ୍ଦିରଠାରୁ ମାତ୍ର 5 କିଲୋମିଟର ଦୂର ଶ୍ରୀସେତୁ ନିକଟ ମଙ୍ଗରାଜପୁର ଛକରେ 200ଫୁଟ ରାସ୍ତାରୁ ମାତ୍ର 100ମିଟର ଦୂରରେ ଇଲେକ୍ଟ୍ରି ସୁବିଧାଥାଇ ଅତିଶୀଘ୍ର ଘର କରିବାଯୋଗ୍ୟ ପ୍ଲଟ୍ ବର୍ଗଫୁଟକୁ ମାତ୍ର 2400/- ଟଙ୍କା। ଯୋଗାଯୋଗ: 9438109040/ 9438220432. D-3295

ଭୁବନେଶ୍ୱର ଉପକଣ୍ଠ ସୁନ୍ଦରପଦା Xavier University/ ଆଦିତ୍ୟ ବିର୍ଲା ସ୍କୁଲ ପାଖରେ ସରକାରୀ ରାସ୍ତାକୁ ଲାଗି ପାଚେରି ସହିତ Futureରେ ଘର କଲା ଭଳି ପ୍ଲଟ୍ ମିଳୁଛି। 9692439755, 7325891140. D-3023

ଭୁବନେଶ୍ୱର, ଉତ୍ତରାଛକ, ପିପିଲି ଟୋଲ୍ ଗେଟ୍ ପାଖରେ ଘରବାରି ପ୍ଲଟ୍ KEC ପାଖରେ ready to move 2/3BHK flat ବିକ୍ରି ହେବ। 8327785834 D-3178

ଭୁବନେଶ୍ୱର ବରମୁଣ୍ଡାରୁ 48km farmhouse land ପିଚୁରୋଡ୍‌କୁ ଲାଗି ଏକର ୨୮ଲକ୍ଷରେ ବିକ୍ରି ହେବ। 8144706560. D-3199

ଜମି ବିକ୍ରି- ଅନୁଗୁଳ ରେଳ ଷ୍ଟେଶନ ସାମ୍ନାରେ ପାଚେରି ଥାଇ ଦୁଇ ଗୁଣ୍ଠ ଘରବାରି ପ୍ଲଟ୍ (ନଂ. 742) ବିକ୍ରି ହେବାର ରହିଛି। ଯୋଗାଯୋଗ ନଂ.- 7327957039. D-3293


## CONSTRUCTION

Construct your home with Colour Tile Plaster, Electrical, PHD, Dor complete 1350/- 9827152441. D-3270




All types of physiotherapy and massage contact 9556924059/ 7656969134. D-3245

Kerala Ayurveda Massage therapy gents/ Ladies pain relief Bhubaneswar. 9337672475. D-3246

## LOST

ମୁଁ ରୁଦ୍ର କିଶୋର ପଧାନ, ପି.- ଏଜଗନ୍ନାଥ ପଧାନ, ଗ୍ରା.- ବାନିପାଲି, ଥାନା- ସଦର, ଜିଲ୍ଲା- ବଲାଙ୍ଗୀର। ମୋର ନାମରେ ମୌଜା- ବାନିପାଲି, ଖା. ନଂ.- 93/93, ପ୍ଲଟ୍ ନଂ.- 585/990, ଏରିଆ- ଏ. 0.09 ଡେସିମିଲ ଜାଗା ଅଛି। ଉକ୍ତ ପଟ୍ଟାର Sale Deed ଗତ ତା. ୨୦।୦୧।୨୦୨୬ ରିଖ ମୁଁ ବୁରୋମୁଣ୍ଡା ଛକରୁ ଘରକୁ ଫେରିବା ବାଟରେ କେଉଁଠି ହଜାଇ ଦେଇଛି। ବହୁତ ଖୋଜାଖୋଜି କରିବା ପରେ ମଧ୍ୟ ପାଇଲି ନାହିଁ। ଧ-୩୨୯୦

**Email ମାଧ୍ୟମରେ**
**କ୍ଲାସିଫାଏଡ଼କୁ ବିଜ୍ଞାପନ ପଠାଇବାର ଠିକଣା:-**
classifieddharitri@gmail.com

## AFFIDAVIT

By virtue of an affidavit sworn before the Notary Public, Bhubaneswar, dtd.- 20.5.2025, I, Aparna Mohanty, W/o. Arun Kumar Mohanty permanent resident of At: Qtr. No.- type-II-19/6 near Govt Boys, High School, Ashoka Nagar, Bhubaneswar- 751009 Dist.- Khordha declare that now I have changed my daughter's name from Sruti Priyadarshini Mohanty to Sruti Priyadarshini. Henceforth, she shall be known as Sruti Priyadarshini for all purpose.
Aparna Mohanty
D-3292

By virtue of an affidavit sworn before Notary Public, dated 2nd Feb. 2026, I, Phulmay, Address: At- Lelibadi, Village- Dondili, P.O.- Dondili, Dist.- Rayagada, Odisha, 765017 declare that I have changed my name from Pulame Pedenti to Phulmay. Henceforth, I shall be known as Phulmay for all purposes.
Phulmay
D-3291

ମୁଁ, ଡଲି ସାହୁ, ପିତା- ଉଦୟନାଥ ସାହୁ, ଗ୍ରାମ- ବଧି ମଙ୍ଗଳପୁର, ପିପିଲି, ଜିଲ୍ଲା- ପୁରୀ, ୭୫୨୧୦୪, ଓଡ଼ିଶା ବାସିନ୍ଦା ଅଟେ। ଏହି ସତ୍ୟପାଠ ନମ୍ବର ୧୩୩୦, ତାରିଖ ୨୯।୦୧।୨୦୨୬ ଦ୍ୱାରା ଘୋଷଣା କରୁଛି ଯେ ଏବେଠାରୁ ମୋ ବାପାଙ୍କୁ ଉଦ୍ୟନାଥ ସାହୁ ନାମରେ ଜଣାଯିବ। ଧ-୩୨୯୪

**ନିଜର ପ୍ରିୟଜନମାନଙ୍କୁ ଜନ୍ମଦିନର ଓ ବିବାହ ଶୁଭେଚ୍ଛା ଜଣାନ୍ତୁ କେବଳ ଟ୨୧୦/-ରେ। ରଙ୍ଗୀନ ଟ୪୨୦/-ରେ। (ଫଟୋ ସହ) ବି.ଦ୍ର.: ଶୁଭେଚ୍ଛା ୬ସେମି. (H) X ୪ସେମି. (W) ହେବା ଆବଶ୍ୟକ।**

By virtue of an affidavit sworn before the Executive Magistrate, Kodinga, dated 02.02.26, I, Kapildas Pujari, S/o. Dambarudhar Pujari residence of Vill./P.O.- Rajoda, P.S.- Kosagumuda, Dist.- Nabarangpur state that my name is wrongly mentioned as Kapildash Pujari on my SBI Ac. No. vide 36237574628 at SBI Mokia branch. On my Aadhaar No. xxxx xxxx 3065 my name is recorded Kapildas Pujari which is correct. Both Kapildash Pujari and Kapildas Pujari is one and same person.
D-3289

### ପାଠକଙ୍କ ପାଇଁ ସୂଚନା

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

**ଧରିତ୍ରୀ DHARITRI**
**Scan & Pay**
ଧରିତ୍ରୀ କ୍ଲାସିଫାଏଡ୍ ବିଜ୍ଞାପନ ବାବଦୀୟ ଦେୟକୁ ନିମ୍ନପ୍ରଦତ୍ତ QR Code ସ୍କାନ୍ କରି ଯେକୌଣସି UPI App ମାଧ୍ୟମରେ ସହଜରେ ପୈଠ କରନ୍ତୁ।
BHIM | UPI
ଦେୟ ପୈଠ ହେଲାପରେ ରସିଦ୍‌ର Screenshotକୁ classifieddharitri@gmail.com ରେ ଇମେଲ୍ କରନ୍ତୁ।

## LEGAL NOTICE

ମାନ୍ୟବର ଅତିରିକ୍ତ ଆୟୁକ୍ତଙ୍କ ରିଭିଜନ ଅଦାଲତ ନମ୍ବର- ୧
ଶ୍ରୀମତୀ କନକଚମ୍ପା ମେହେର, ଓ.ପ୍ର.ସେ. (ଏସ୍.ଏ.ଜି.)
ଚତୁର୍ଥ ମହଲା, ବିଭାଗୀୟ ମୁଖ୍ୟ କାର୍ଯ୍ୟାଳୟ, ଭୁବନେଶ୍ୱର, ଜିଲ୍ଲା- ଖୋର୍ଦ୍ଧା
ଓ.ଏସ୍.ଏସ୍. କେସ୍ ନଂ. ୪୩/୨୦୨୫
(ଦେୱାନୀ କାର୍ଯ୍ୟବିଧି ସଂହିତାର ଆଦେଶ ନମ୍ବର ୫ ଏବଂ ନିୟମ ନମ୍ବର ୨୦ ମୁତାବକ)
ତନୁଶ୍ରୀ ତ୍ରିପାଠୀ
...ବାଦୀ/ଦରଖାସ୍ତକାରୀ
ବନାମ
ସ୍ମାର୍ଟ ଲାଇଫଷ୍ଟାଇଲ ମୁଲଟିଟ୍ରେଡ୍ ପ୍ରାଇଭେଟ ଲିମିଟେଡ୍ ଓ ଅନ୍ୟମାନେ
....ପ୍ରତିବାଦୀ/ଅପରପକ୍ଷ
ପ୍ରାପ୍ତେଷୁଙ୍କ ନାମ ଓ ଠିକଣା:
ପ୍ରତିବାଦୀ ନଂ. ୧. ସ୍ମାର୍ଟ ଲାଇଫଷ୍ଟାଇଲ ମୁଲଟିଟ୍ରେଡ ପ୍ରାଇଭେଟ୍ ଲିମିଟେଡ୍, ପରିଚାଳନା ନିର୍ଦ୍ଦେଶକ ଶ୍ରୀ ଶିବ ଶଙ୍କର ଦାସ, ଅଫିସ ଠିକଣା: ବି-୧୯୦, ପ୍ରାଞ୍ଜନ ବିହାର, ପୋ- ବରମୁଣ୍ଡା, ବି.ଡି.ଏ କଂପ୍ଲେକ୍ସ, ଭୁବନେଶ୍ୱର, ଖୋର୍ଦ୍ଧା, ଓଡ଼ିଶା- ୭୫୧୦୦୩, ୨. ଯୋଗୀ ଖାଁ, ପିତା- ଇସ୍‌ଲାମ ଖାଁ, ଗ୍ରାମ- ବେଣାପଞ୍ଜରୀ, ପୋ- ଦିରୀମେଲଠା, ଜଟଣୀ, ଖୋର୍ଦ୍ଧା, ଓଡ଼ିଶା- ୭୫୨୦୫୦, ୫. ମହମ୍ମଦ ଲୋକମନ, ପିତା- ଲେଟ୍ ମହମ୍ମଦ ଏକରାମ, ଗ୍ରାମ- ବେଣାପଞ୍ଜରୀ, ପୋ- ଦିରୀମେଲଠା, ଜଟଣୀ, ଖୋର୍ଦ୍ଧା, ଓଡ଼ିଶା- ୭୫୨୦୫୦, ୬. ଜାହିର ମହମ୍ମଦ, ପିତା- ନୂର ମହମ୍ମଦ ବାଡ଼ିମାନ, ଗ୍ରାମ- ତରାବୋଇ, ପୋ- ତରାବୋଇ, ଜଟଣୀ, ଖୋର୍ଦ୍ଧା, ଓଡ଼ିଶା- ୭୫୨୦୫୦ ।
....ପ୍ରତିବାଦୀ/ଅପରପକ୍ଷ
ନୋଟିସ
ଏତଦ୍ୱାରା ସମସ୍ତ ପ୍ରତିବାଦୀଙ୍କ ଅବଗତି ନିମନ୍ତେ ସମ୍ବାଦପତ୍ର ଦ୍ୱାରା ଜଣାଇ ଦିଆଯାଉଅଛି ଯେ ଉପରୋକ୍ତ ମୋକଦ୍ଦମାରେ ବାଦୀ ନିମ୍ନୋକ୍ତ ଜମିର ହାଲ୍ ଜମିଜମାର ଚୂଡ଼ାନ୍ତ ପ୍ରକାଶନର ରେକର୍ଡ ରିଭିଜନ ନିମନ୍ତେ ମାନ୍ୟବର ଅତିରିକ୍ତ ଆୟୁକ୍ତଙ୍କ ରିଭିଜନ ଅଦାଲତ ନମ୍ବର- ୧ରେ ଦାଖଲ କରିଛନ୍ତି। ପ୍ରତିବାଦୀଙ୍କୁ ମୋକଦ୍ଦମାର ଶୁଣାଣି ନିମନ୍ତେ ପଞ୍ଜୀକୃତ ଡାକ ଦ୍ୱାରା ନୋଟିସ ଜାରି ହୋଇଥିଲା, କିନ୍ତୁ ଉକ୍ତ ନୋଟିସ ଜାରି ନ ହୋଇ ଫେରସ୍ତ ଆସିଅଛି। ଏଣୁ ଉପରଲିଖିତ ମୋକଦ୍ଦମାର ଶୁଣାଣି ମାନ୍ୟବର ଅତିରିକ୍ତ ଆୟୁକ୍ତଙ୍କ ରିଭିଜନ ଅଦାଲତ ନମ୍ବର-୧, ଚତୁର୍ଥ ମହଲା, ବିଭାଗୀୟ ମୁଖ୍ୟ କାର୍ଯ୍ୟାଳୟ, ଭୁବନେଶ୍ୱର ଇଜଲାସରେ ଆସନ୍ତା ତା୦୨।୦୩।୨୦୨୬ରିଖ ଦିବା ଘ୧୧.୩୦ମି. ଘଟିକା ସମୟରେ ଶୁଣାଣି କରାଯିବା ନିମନ୍ତେ ସ୍ଥିର କରାଯାଇଅଛି।
ଜମିର ବିବରଣୀ
ଜିଲ୍ଲା- ଖୋର୍ଦ୍ଧା, ତହସିଲ- ଜଟଣୀ, ଥାନା- ଜଟଣୀ, ଥାନା ନଂ.- ୨୪, ମୌଜା- ମଙ୍ଗରାଜପୁର, ସାବିକ ଖାତା ନଂ. ୧୨୪, ସାବିକ ପ୍ଲଟ୍ ନଂ. ୫୪୮, ରକବା- ଏ.୦.୧୨୪ ଡି ରୁ ଏ.୦.୦୨୨.୯୬ଡି, ସ୍ୱତ୍ୱ-ସ୍ଥିତିବାନ୍, କିସମ- ଶାରଦ ଦୁଇ ।
ଜିଲ୍ଲା- ଖୋର୍ଦ୍ଧା, ତହସିଲ- ଜଟଣୀ, ଥାନା- ଜଟଣୀ, ଥାନା ନଂ- ୨୪, ମୌଜା- ମଙ୍ଗରାଜପୁର, ହାଲ୍ ଖାତା ନଂ.- ୧୦୬, ହାଲ୍ ପ୍ଲଟ୍ ନଂ.- ୬୮୩, ରକବା- ଏ.୦.୩୪୦ଡି. ରୁ ଏ.୦.୦୨୨.୯୬ଡି., ସ୍ୱତ୍ୱ- ସ୍ଥିତିବାନ୍, କିସମ- ଶାରଦ ଦୁଇ।
ଏଣୁ ଉପରୋକ୍ତ ମୋକଦ୍ଦମାର ପ୍ରତିବାଦୀମାନେ ନିଜେ କିମ୍ବା ସେମାନଙ୍କର ଉତ୍ତରାଧିକାରୀମାନେ ତାଙ୍କରି କ୍ଷମତାପ୍ରାପ୍ତ ଓକିଲଙ୍କ ଜରିଆରେ ଉକ୍ତ ଧାର୍ଯ୍ୟ ତାରିଖ ଏବଂ ସମୟରେ ଉକ୍ତ ଇଜାଲସରେ ଉପସ୍ଥିତ ରହି ମୋକଦ୍ଦମାର ଶୁଣାଣିରେ ଅଂଶଗ୍ରହଣ କରିବେ, ଅନ୍ୟଥା ନିୟମ ଅନୁଯାୟୀ ଉକ୍ତ ମୋକଦ୍ଦମା ବିଚାର କରାଯିବ ।
ତା୨୦।୦୧।୨୦୨୬
ଭୁବନେଶ୍ୱର
ଅତିରିକ୍ତ ଆୟୁକ୍ତଙ୍କ ଆଦେଶ ଅନୁଯାୟୀ
ସ୍ୱା./- କୋର୍ଟ ଅଫିସର
ଧ-୩୨୮୮

## ମନେ ପଡ଼ନ୍ତି

### ଏକାଦଶାହ ଉପଲକ୍ଷେ


ଏବିଦୁଲତା ବଳିଆରସିଂହ
ଖୁଦୁପୁର, ଜଟଣୀ, ଖୋର୍ଦ୍ଧା
ଆବିର୍ଭାବ : ୨୨.୦୪.୧୯୪୭
ତିରୋଧାନ : ୨୫.୦୧.୨୦୨୬
ତୁମ ଅମର ଆତ୍ମାର ଶାନ୍ତି ଓ ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା।
-: ଶୋକସନ୍ତପ୍ତ :-
ଦୁର୍ଗା ମାଧବ ବଳିଆରସିଂହ ଓ ବନ୍ଧୁ ଏବଂ ପରିବାରବର୍ଗ
ଧ-୩୨୯୬

### ୧୨ ତମ ଶ୍ରାଦ୍ଧବାର୍ଷିକୀ


ଏ ପ୍ରଫେସର ଭାଗିରଥୀ ସେନାପତି
ପୂର୍ବତନ କୁଳପତି, ଓୟୁଏଟି
ଆବିର୍ଭାବ : ୦୫.୦୨.୧୯୪୨
ତିରୋଧାନ : ୧୭.୦୨.୨୦୧୪
(ଫାଲଗୁନ, କୃଷ୍ଣପକ୍ଷ ତୃତୀୟା ତିଥି)
ଗ୍ରାମ - ୪୨ମୌଜା, କଟକ
ଶାନ୍ତି ନିବାସ, ଜାଗମରା, ବରବାରି, ଭୁବନେଶ୍ୱର
ଆପଣଙ୍କ ଶ୍ରଦ୍ଧା ଓ ଆଶୀର୍ବାଦ ଆମ ହୃଦୟରେ ଚିରଦିନ ସ୍ମୃତି ହୋଇ ରହିଥାଉ । ଏହି ଶ୍ରାଦ୍ଧଦିବସରେ ଆପଣଙ୍କ ଆତ୍ମାର ସଦ୍‌ଗତି ପାଇଁ ଶ୍ରୀ ଶ୍ରୀଜଗନ୍ନାଥଙ୍କୁ ପ୍ରାର୍ଥନା ।
ପତ୍ନୀ - ଶାନ୍ତିଲତା ସେନାପତି, ବଡ଼ ପୁଅ - ବରେଣ୍ୟ, ପୁତ୍ରବଧୂ - ମୌସୁମୀ, ମଝିଆ ପୁଅ - ପ୍ରଦ୍ୟୁମ୍ନ, ପୁତ୍ରବଧୂ - ଲକ୍ଷ୍ମୀପ୍ରିୟା, କନିଷ୍ଠ ପୁଅ - ପ୍ରସନ୍ନ, ପୁତ୍ରବଧୂ - ଜ୍ୟୋତିର୍ମୟୀ, ଝିଅ - ଚିନ୍ମୟୀ, ଜ୍ୱାଇଁ - ଚିନ୍ମୟ, ନାତି - ଅମ୍ରିତ, ଅର୍ପିତ, ଅଣ୍ଟୁଲ, ସୌୟମ, ଶ୍ରେୟାନ, ନାତୁଣୀ - ଶ୍ରଦ୍ଧାସୁମନ ଏବଂ ଆତ୍ମୀୟସ୍ୱଜନ, ପରିବାରବର୍ଗ ସମେତ ବୈଜ୍ଞାନିକ ଡଃ. ଦେବ ପ୍ରସାଦ ମଲ୍ଲିକ, ଓୟୁଏଟି
ଧ-୧୪୧

## ଫୁଲ ଚାଷ



**ସେ**ରାକଲ କିସମର ଗେଣ୍ଡୁଫୁଲ ଚାଷ କରୁଥିଲେ ହେକ୍ଟର ପ୍ରତି ୨୦ ଗାଡ଼ି ଭଲ ଶଢ଼ା ଗୋବରଖତ ସହ ୧୫୦ କି.ଗ୍ରା. ଯବକ୍ଷାରଜାନ, ୧୫୦ କି.ଗ୍ରା. ଫସ୍‌ଫରସ୍ ଏବଂ ୧୫୦ କି.ଗ୍ରା. ପଟାସ୍ ଆବଶ୍ୟକ। ଲଗାଇବା ସମୟରେ ମୂଳସାର ହିସାବରେ ଅର୍ଦ୍ଧେକ ଯବକ୍ଷାରଜାନ ଏବଂ ସମସ୍ତ ପଟାସ୍ ଓ ଫସ୍‌ଫରସ୍ ଖତ ସହ ମାଟିରେ ପ୍ରୟୋଗ କରନ୍ତୁ । ମଲ୍ଲୀଫୁଲ ଚାଷ କରୁଥିଲେ ଗଛ ପ୍ରତି ୭୫ ଗ୍ରାମ୍ ଯବକ୍ଷାରଜାନ, ୭୫ ଗ୍ରାମ୍ ଫସ୍‌ଫରସ୍ ଏବଂ ୫୦ ଗ୍ରାମ୍ ପଟାସ୍ ସାର ପ୍ରୟୋଗ କରନ୍ତୁ । ଗୋଡ଼ିଫୁଲ, ସୂର୍ଯ୍ୟମୁଖୀ ଏବଂ ଜିନିଆ ଚାଷ କରିପାରିବେ । ଗୋଲାପ ଗଛରେ ଶୋଷକ ପୋକ ନିୟନ୍ତ୍ରଣ ପାଇଁ ୧ ଲିଟର ପାଣିରେ ୦.୩ ମି.ଲି. ହିସାବରେ ଇମିଡାକ୍ଲୋପ୍ରିଡ୍ କୀଟନାଶକ ମିଶାଇ ଗଛରେ ଭଲ ଭାବରେ ସିଞ୍ଚନ କରନ୍ତୁ । ପାଉଁଶିଆ ରୋଗ (ପାଉଡରି ମିଲ୍‌ଡିଉ) ଦେଖାଦେଲେ ୧ ଲିଟର ପାଣିରେ ୩ ଗ୍ରାମ୍ ହିସାବରେ ସଲ୍‌ଫର ସେଚିତ ଗୁଣ୍ଡ ପ୍ରୟୋଗ କରନ୍ତୁ ।

## ଭେଣ୍ଡିର ଉନ୍ନତ କିସମ



**ଭେଣ୍ଡି**ର ଉନ୍ନତ କିସମ ମଧ୍ୟରେ ରହିଛି ଆର୍କା ଅନାମିକା, ଆର୍କା ଅଭୟ, ଉତ୍କଳ ଗୌରବ ଏବଂ ପୁଷା-ଏ-୪। ୬୦ ସେ.ମି. x ୩୦ ସେ.ମି. ଦୂରତାରେ ଭେଣ୍ଡି ଗଛ ଲଗାନ୍ତୁ। ହେକ୍ଟର ପିଛା ୨୦ ଗାଡ଼ି ଭଲ ଶଢ଼ା ଗୋବରଖତ ସହ ୮୦ କି.ଗ୍ରା. ଯବକ୍ଷାରଜାନ, ୪୦ କି.ଗ୍ରା. ଫସ୍‌ଫରସ୍ ଓ ୪୦ କି.ଗ୍ରା. ପଟାସ୍ ସାର ପ୍ରୟୋଗ କରନ୍ତୁ। ଜମି ପ୍ରସ୍ତୁତ କରିବା ସମୟରେ ଅନୁମୋଦିତ ଯବକ୍ଷାରଜାନ ସାରର ଅର୍ଦ୍ଧେକ ଏବଂ ସମସ୍ତ ଫସ୍‌ଫରସ୍ ଏବଂ ପଟାସ୍ ସାର ମୂଳସାର ହିସାବରେ ସବୁତକ ଖତ ସହ ପ୍ରୟୋଗ କରନ୍ତୁ । ବିହନ ଲଗାଇବାର ୩ ସପ୍ତାହ ପରେ କୋଡ଼ାଖୁସା କରି ବଳକା ଅର୍ଦ୍ଧେକ ଯବକ୍ଷାରଜାନ ସାର ପ୍ରୟୋଗ କରନ୍ତୁ । ପ୍ରତି ୫-୬ ଦିନ ବ୍ୟବଧାନରେ ଭେଣ୍ଡି କିଆରିରେ ମାଟିର ବତର ଦେଖି ଜଳସେଚନ କରନ୍ତୁ । ପ୍ରତି ୨ ଦିନରେ ଥରେ ଫଳ ତୋଳିବା ଉଚିତ । ନଚେତ୍ ଗଛର ବୃଦ୍ଧି ଓ ଫଳ ଧାରଣ ଶକ୍ତି କମିଯାଇଥାଏ।

## ସବୁଜ ଗୋଖାଦ୍ୟ ଫସଲ



**ବ**ର୍ତ୍ତମାନ ସମୟରେ ମକା ଓ ବରଗୁଡ଼ିର ମିଶ୍ରିତ ଫସଲ ସବୁଜ ଗୋଖାଦ୍ୟ ଲାଗି ଉପଯୁକ୍ତ । ଶେଷଓଡ଼ ଚାଷରେ ଏକର ପ୍ରତି ୫ଗାଡ଼ି ଶଢ଼ା ଗୋବର ଖତ,୪୦କି.ଗ୍ରା. ଯବକ୍ଷାରଜାନ ,୪୦କି.ଗ୍ରା. ଫସ୍‌ଫରସ୍ ଓ ୪୦କି.ଗ୍ରା. ପଟାସ ସାର ପ୍ରୟୋଗ କରନ୍ତୁ। ଉଇ ଲାଗିବା ସମ୍ଭବନା ଥିଲେ ଶେଷ ଓଡ଼ ଚାଷରେ ଏକର ପ୍ରତି ୧୦କି.ଗ୍ରା. ଶତକଡ଼ା ୧.୫ଭାଗ କ୍ଲୋରୋପାଇରିଫସ୍ ଗୁଣ୍ଡ ପ୍ରୟୋଗକରି ଭଲଭାବେ ମିଶାଇ ଦିଅନ୍ତୁ। ମକାର ଉପଯୁକ୍ତ ବିହନ କିସମ ହେଲା ଆଫ୍ରିକାନ୍ ଟଲ୍ ଓ ବରଗୁଡ଼ିର ଇସି ୪୨୧୬। ମିଶ୍ରିତ ଫସଲ ପାଇଁ ଏକର ପିଛା ୪୦କି.ଗ୍ରା . ମକା ବିହନ ଓ ୨୦କି.ଗ୍ରା. ବରଗୁଡ଼ି ବିହନ ଦରକାର ହୋଇଥାଏ। ଜମି ପ୍ରସ୍ତୁତ ହେଲା ପରେ ସିଆର ପଛରେ ପ୍ରତି ୨ଧାଡି ମକା ପରେ ୨ଧାଡି ବରଗୁଡି ବୁଣନ୍ତୁ। ବୁଣିବା ପରେ ଜମିରେ ହାଲୁକା ଜଳସେଚନ କରନ୍ତୁ।

# ଡାଲୁଅ ଧାନ ରୋଇବା ପରେ ସାର ପ୍ରୟୋଗ



ଡାଲୁଅ ଧାନ ରୋଇବାର ୧୫-୨୦ ଦିନ ଜମିରେ ନଖବୁଡ଼ା ପାଣି ରଖି ୧୨୦ରୁ କମ୍ ଦିନିଆ ଧାନରେ ହେକ୍ଟର ପ୍ରତି ୩୦ କିଲୋଗ୍ରାମ୍ ଓ ୧୨୦ ଦିନରୁ ଅଧିକ ଦିନିଆ ତଥା ସଙ୍କର କିସମ ଧାନରେ ୪୦ କିଲୋଗ୍ରାମ୍ ଯବକ୍ଷାରଜାନ ସାର ପିଲସାର ହିସାବରେ ପ୍ରୟୋଗ କରନ୍ତୁ । ପିଲ ଅବସ୍ଥାରେ ୨.୫ ସେ.ମି. ପର୍ଯ୍ୟନ୍ତ ପାଣି ରଖନ୍ତୁ । କାଣ୍ଡବିନ୍ଧା ପୋକ ଦମନ ପାଇଁ ହେକ୍ଟର ପ୍ରତି ୧ ଲିଟର କ୍ଲୋର୍‌ପାଇରିଫସ୍ କିମ୍ବା ପ୍ରୋଫେନୋଫସ୍ ୫୦୦ ଲିଟର ପାଣିରେ ଗୋଳାଇ ପତ୍ର ସିଞ୍ଚନ କରନ୍ତୁ ।

**ମକା :** ମକା ଲଗାଇବାର ୨୧ ଦିନ ପରେ କୋଡ଼ାଖୁସା କରି ଗଛମୂଳରେ ମାଟିଦେବା ଦରକାର। ଫସଲ ବୁଣିବାର ୩୫ରୁ ୪୫ଦିନ ମଧ୍ୟରେ ଆଉ ଥରେ କୋଡ଼ାଖୁସା କରି ଘାସ ବାଛି ହେକ୍ଟର ପ୍ରତି ୩୦-୪୦ କି.ଗ୍ରା. ଯବକ୍ଷାରଜାନର ଗଛ ମୂଳରେ ଦେଇ ଦ୍ୱିତୀୟ ଥର ହୁଡ଼ା ଟେକି ଦିଅନ୍ତୁ ।

### ଏ ମାସର କୃଷି ସୂଚନା

**ତୈଳବୀଜ ଜାତୀୟ ଫସଲ ଚିନାବାଦମ**
ଏହି ଫସଲରେ ଫୁଲ ଆସିବା ପୂର୍ବରୁ କୋଡ଼ାଖୁସାକରି ହେକ୍ଟର ପିଛା ୨୫୦ କି.ଗ୍ରା. ଜିପ୍‌ସମ୍ ସାର ପ୍ରୟୋଗ କରନ୍ତୁ (ଯଦି ମୂଳସାର ରୂପେ ଦିଆଯାଇ ନ ଥାଏ) ବିହାରୀ ଶୁଁବାଳୁଆ ଲାଗିଲେ ସକାଳେ କାକର ଥିବାବେଳେ ହେକ୍ଟର ପ୍ରତି ୨୫ କି.ଗ୍ରା. ହିସାବରେ ୧.୫% କ୍ଲୋରୋପାଇରିଫସ୍ ଗୁଣ୍ଡ ପ୍ରୟୋଗ କରନ୍ତୁ କିମ୍ବା ୧ ଲିଟର ଲାମ୍‌ଡା ସାଇହାଲୋଥ୍ରିନ୍ ୨.୫ ଇ.ସି. ୫୦୦ ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ ।

**ଗହମ :** ଗହମ କାଣ୍ଡ ହଳଦିଆ ପଡ଼ି ଶୁଖି ମଥା ନଇଁଗଲେ ଅମଳ କରନ୍ତୁ ।

**ସୋରିଷ:** ଡେରିରେ ବୁଣାଯାଇଥିବା ସୋରିଷ ଅମଳ କରିଦିଅନ୍ତୁ ।

**ରାଶି :** ଖରାଦିନିଆ ରାଶିକୁ ଫେବୃଆରୀଠାରୁ ମାର୍ଚ୍ଚ ପ୍ରଥମ ସପ୍ତାହ ମଧ୍ୟରେ ବୁଣନ୍ତୁ । ହେକ୍ଟର ପ୍ରତି ୭.୫ କି.ଗ୍ରା. ବିହନ ଆବଶ୍ୟକ ହୋଇଥାଏ। ରାଶିର ଉନ୍ନତ ବିହନ କିସମଗୁଡ଼ିକ ହେଲା - ଅମ୍ରିତ୍ (୭୫ ଦିନ), ଉମା (୭୫ ରୁ ୮୦ ଦିନ), ନିର୍ମଳା (୮୦ ଦିନ), ପ୍ରାଚୀ (୭୫ ରୁ ୮୦ ଦିନ ) ଓ ଉଷା (୭୫ ରୁ ୮୦ ଦିନ)।

**ସୂର୍ଯ୍ୟମୁଖୀ :** ସୂର୍ଯ୍ୟମୁଖୀ ଗଛ ୩ ସପ୍ତାହ ହୋଇଥିଲେ କୋଡ଼ାଖୁସାକରି ହେକ୍ଟର ପ୍ରତି ୪୦ କି.ଗ୍ରା. ଯବକ୍ଷାରଜାନ ପ୍ରୟୋଗକରି ହୁଡ଼ା ଟେକନ୍ତୁ। ପତ୍ରକଟା ପୋକ ଦମନ ପାଇଁ ହେକ୍ଟର ପ୍ରତି ୧ ଲିଟର କ୍ଲୋରେପାଇରିଫସ୍ ଓ ଝିଣ୍ଟିକା ଦମନ ପାଇଁ ହେକ୍ଟର ପ୍ରତି ୨୫ କି.ଗ୍ରା. କ୍ଲୋରପାଇରିଫସ୍ (୧.୫%) ଗୁଣ୍ଡ ସିଞ୍ଚନ କରନ୍ତୁ ବା ଲାମ୍‌ଡା ସାଇହାଲୋଥ୍ରିନ୍ (୨.୫ ଇ.ସି.) ୧ ଲିଟର ୫୦୦ ଲିଟର ପାଣିରେ ପ୍ରୟୋଗ କରନ୍ତୁ। ଜମିରେ ଅତ୍ୟଧିକ ପାଣି ଜମିବାକୁ ଦିଅନ୍ତୁ ନାହିଁ ।

**ଆଖୁ :** ଆଖୁ ଫସଲ ୩୦ ଦିନର ହୋଇଥିଲେ ଜମିରୁ ଘାସବାଛି କୋଡ଼ାଖୁସା କରି ହେକ୍ଟର ପ୍ରତି ୧୨୫ କି.ଗ୍ରା. ଯବକ୍ଷାରଜାନ ପ୍ରୟୋଗକରି ହୁଡ଼ା ଟେକନ୍ତୁ ।

**ପନିପରିବା:** ପନିପରିବା ଫସଲରେ ଜଉପୋକ ଓ ଫଳବିନ୍ଧା ପୋକ ଦମନ ପାଇଁ ୧ ଲିଟର ପାଣିରେ ଯଥାକ୍ରମେ ୦.୨ ଗ୍ରାମ୍ କ୍ଲୋଥାୟାନିଡିନ୍ ଓ ୦.୩ ମି.ଲି. ଫ୍ଳୁବେଣ୍ଡିଆମାଇଡ୍ ମିଶାଇ ସିଞ୍ଚନ କରନ୍ତୁ ।

**ଆଳୁ :** ଆଳୁ ଗଛର କାଣ୍ଡ ଶୁଖି ଢଳି ପଡ଼ିଲେ ଆଳୁ ଅମଳ କରନ୍ତୁ । ଆଳୁ ପାକଳହେବା ପାଇଁ ଖୋଳିବା ପୂର୍ବରୁ କାଣ୍ଡଗୁଡ଼ିକୁ କାଟି ଦିଅନ୍ତୁ । ଖଣ୍ଡିଆ, ରୋଗାକ୍ରାନ୍ତ ଓ ସବୁଜ ଦିଶୁଥିବା ଆଳୁ ଗୁଡ଼ିକୁ ଅଲଗା ରଖନ୍ତୁ । ଅମଳ ପରେ ଆଳୁକୁ ୨-୩ ଦିନ ଛାଇରେ ଶୁଖାଇ ଦିଅନ୍ତୁ । ଶୀତଳ ଭଣ୍ଡାରକୁ ନେବା ପୂର୍ବରୁ ୩% ବୋରିକ୍ ଏସିଡ୍‌ରେ ୧୫ ମିନିଟ୍ ବୁଡ଼ାଇ ଶୁଖାଇ ଦିଅନ୍ତୁ।

**ପିଆଜ :** ପିଆଜ ପତ୍ରଗୁଡ଼ିକ ହଳଦିଆ ପଡ଼ିଲେ ପିଆଜ ପାକଳ ହୋଇଯାଇଥାଏ। ଏହି ସମୟରେ ଅମଳ କରନ୍ତୁ। ଅମଳର ୩/୪ ସପ୍ତାହ ପରେ ତାକୁ ସାଇତି ରଖନ୍ତୁ। ଏହାଦ୍ୱାରା ପିଆଜର ଜଳୀୟ ଅଂଶ ଅନେକାଂଶରେ କମିଯାଇଥାଏ ।

**ପୋଟଳ:** ପୋଟଳ ଚାଷରେ ଝାଉଁଳା ରୋଗ ଦେଖାଦେଲେ ହେକ୍ଟର ପ୍ରତି ୭୫୦ ଗ୍ରାମ୍ କାର୍ବେଣ୍ଡାଜିମ୍ ୫୦% ଡବ୍ଲ୍ୟୁପି ୫୦୦ ଲିଟର ପାଣିରେ କିମ୍ବା ମେଟାଲାକ୍‌ସିଲ୍ + ମାନ୍‌କୋଜେବ୍ (୧ କି.ଗ୍ରା.) ୫୦୦ ଲିଟର ପାଣିରେ ମିଶାଇ ଗଛ ମୂଳକୁ ଭିଜାଇବେ।

**ଖରାଦିନିଆ ପନିପରିବା**
ଖରାଦିନିଆ ପନିପରିବା ଯଥା - କଲରା, ଜହ୍ନି, ପୋଟଳ, କାକୁଡ଼ି, ବରଗୁଡ଼ି, ଗୁଆଁର, କଖାରୁ, ପୋଇ, ଖଡ଼ା ଇତ୍ୟାଦି ପାଇଁ ପଟାଳି ପ୍ରସ୍ତୁତ କରନ୍ତୁ । ତରଭୁଜ ଲଗାଇବା ଆରମ୍ଭ କରନ୍ତୁ। ଅନ୍ୟ ପନିପରିବା ଯଥା - ବିଲାତି ବାଇଗଣ, ବନ୍ଧାକୋବି, ମୂଳା ଓ ଗାଜରର ଠିକ୍ ଯତ୍ନ ନିଅନ୍ତୁ ।

**ଅଦା ଓ ହଳଦୀ :** ଅଦା ଓ ହଳଦୀ ଫସଲ ଅମଳ ପାଇଁ ଏହା ପ୍ରକୃଷ୍ଟ ସମୟ । ଜମିର ବତର ଦେଖି ଫସଲ ଅମଳ କରନ୍ତୁ ।

**ଗୋପାଳନ:** ଗୋରୁଙ୍କୁ ନଡ଼ା ଖାଇବାକୁ ଦେବା ପୂର୍ବରୁ ପ୍ରଥମେ ନଡ଼ାକୁ କାଟି ପାଣିରେ ୪ ଘଣ୍ଟା ବତୁରାଇ ଦିଅନ୍ତୁ । ପରେ ନଡ଼ାକୁ ପାଣି ଛଡ଼ାଇ ଶୁଖାଇ ଦିଅନ୍ତୁ। ଏହି ନଡ଼ାକୁ ଖାଇବାକୁ ଦେଲେ ନଡ଼ାରେ ଥିବା ଅକ୍‌ଜାଲିକ୍ ଅମ୍ଳ ପରିମାଣ କମିଥାଏ । ଦୁଧିଆଳୀ ଗାଈକୁ ପ୍ରତ୍ୟେକ ୨.୫ ଲିଟର ଦୁଗ୍ଧ ପାଇଁ ୧ କି.ଗ୍ରା. ସନ୍ତୁଳିତ ମିଶ୍ରିତ ଦାନା ଖାଇବାକୁ ଦିଅନ୍ତୁ । ପ୍ରତ୍ୟେକ ଦିନ ୩୦ ଗ୍ରାମ୍ ଖଣିଜ ଲବଣ ମିଶ୍ରଣ ଗାଈକୁ ଖାଇବାକୁ ଦିଅନ୍ତୁ। ଦାନା ଖର୍ଚ୍ଚ କମାଇବା ସହ ଗାଈମାନଙ୍କର ସ୍ୱାସ୍ଥ୍ୟାବସ୍ଥା ଭଲ ରହିବା ପାଇଁ ସବୁଜ ଗୋଖାଦ୍ୟ ଫସଲ ଚାଷ କରନ୍ତୁ ।

**ଛେଳି ପାଳନ:** ଛେଳିମାନଙ୍କୁ ଏଣ୍ଟରୋଟକ୍‌ସିମିଆ ରୋଗ ଏହି ମାସରେ ଦେଖାଯାଇଥାଏ । ଏହାର ପ୍ରତିକାର ପାଇଁ ଏଣ୍ଟରୋଟକ୍‌ସିମିଆ ଟିକା ଛେଳିଙ୍କୁ ଦିଅନ୍ତୁ ।

-କୃଷି ବୈଷୟିକ ସୂଚନା କେନ୍ଦ୍ର,
ସମ୍ପ୍ରସାରଣ ଶିକ୍ଷା ନିର୍ଦ୍ଦେଶାଳୟ,
ଓୟୁଏଟି, ଭୁବନେଶ୍ୱର

## ଅଧିକ ଅମଳକ୍ଷମ ଡାଲି ଜାତୀୟ ଫସଲ



**ଖ**ରାଦିନେ ଅଧିକ ଅମଳକ୍ଷମ ଡାଲି ଜାତୀୟ ଫସଲ ଯଥା- ମୁଗ କିସମ - ଆଇପିଏମ୍-୦୨-୧୪ (୬୫ ଦିନ), ଆଇପିଏମ୍-୦୨-୩ (୬୫ ଦିନ), ପିଡିଏମ୍-୧୧ (୬୫ ଦିନ), ପିଡିଏମ୍-୫୪ (୬୦ ରୁ ୬୫ ଦିନ), ଦୁର୍ଗା (୬୦ ରୁ ୬୫ ଦିନ), ସମ୍ରାଟ୍ (୬୫ ରୁ ୭୦ ଦିନ), କେ-୮୫୧ (୬୦ ରୁ ୬୫ ଦିନ) ଓ ବିରି କିସମ - ସାରଳା (୬୫ ରୁ ୭୦ ଦିନ), ପିୟୁ-୩୧ (୭୦ ଦିନ), ପିୟୁ-୩୦ (୬୫ ରୁ ୭୦ ଦିନ), ପିୟୁ-୩୫ (୬୫ ରୁ ୭୦ ଦିନ), ପିୟୁ-୧୯(୬୫ ରୁ ୭୦ ଦିନ) ବିହନ ସଂଗ୍ରହକରି ଜମିରେ ବୁଣନ୍ତୁ । ହେକ୍ଟର ପ୍ରତି ୨୫ କିଲୋଗ୍ରାମ୍ ବିହନ ଆବଶ୍ୟକ । ବିହନକୁ ବିଶୋଧନକରି ବୀଜାଣୁ କଲ୍‌ଚର (୫୦୦ ଗ୍ରାମ୍) ଉପଚାରକରି ଧାଡ଼ିରେ ବୁଣନ୍ତୁ ।

## ପୋଟଳରେ ଫୁଲଫଳ ଧରୁଥିଲେ...



**ପୋଟଳ** ଫୁଲଫଳ ଧରିବା ଅବସ୍ଥାକୁ ଆସିବା ବେଳକୁ ଜମିକୁ ଘାସୁଆ ରଖାଯିବା ଦରକାର। କାରଣ ଘାସ ଜମିର ଆର୍ଦ୍ରତା ବଜାୟ ରଖିବାରେ ସାହାଯ୍ୟ କରେ ଓ ମାଟି ଉପରେ ମାଡୁଥିବା ଲତାର ଫଳକୁ ନିରାପଦରେ ଧରି ରଖେ। ଏହାଦ୍ୱାରା ଫଳଗୁଡ଼ିକ ମାଟିର ସଂସ୍ପର୍ଶରେ ଆସି ନଷ୍ଟ ହୁଏ ନାହିଁ। ଡେରିରେ ଲଗାଯାଇଥିବା ପୋଟଳରେ ଫୁଲ ଆସିବା ପୂର୍ବରୁ କୋଡ଼ାଖୁସା କରି ଅନୁମୋଦିତ ପ୍ରଣାଳୀରେ ସାର ପ୍ରୟୋଗ କରି ଜଳସେଚନ କରନ୍ତୁ। ପୋଟଳରେ କବକଜନିତ ଝାଉଁଳା ରୋଗ ଲାଗିବା ଆଶଙ୍କା ରହିଛି। ଏହାର ଦମନ ପାଇଁ ପ୍ରତି ଲିଟର ପାଣିରେ ୧.୫ଗ୍ରାମ ହିସାବରେ କାର୍ବେଣ୍ଡାଜିମ୍ ମିଶାଇ ମୂଳ ମାଟି ଭିଜାଇ ରଖନ୍ତୁ।

## ଆଖୁ ହୁଡ଼ା ଭାଙ୍ଗିବା ସମୟରେ...



**ଆଖୁ** ଖୁଣ୍ଟାକୁ କାଟି ସାରିବା ପରେ ଚାଷକରି ହୁଡ଼ା ଭାଙ୍ଗିଦିଅନ୍ତୁ । ଏହା ଫଳରେ ପୁରୁଣା ଚେର ନଷ୍ଟହୋଇ ନୂଆ ଚେର ବାହାରି ଆଖୁକୁ ବଢ଼ିବାରେ ସାହାଯ୍ୟ କରିଥାଏ । ମାଟି ଅଧିକ ଶୁଖିଯାଇଥିଲେ ଜଳସେଚନ କରି ହୁଡ଼ା ଭାଙ୍ଗନ୍ତୁ । ହୁଡ଼ା ଭାଙ୍ଗିଲା ସମୟରେ ହେକ୍ଟର ପ୍ରତି ୧୦ ଟନ୍ ଗୋବର ଖତ, ୧୦୦ କି.ଗ୍ରା. ଯବକ୍ଷାରଜାନ, ୧୦୦ କି.ଗ୍ରା. ଫସ୍‌ଫରସ୍ ଓ ୩୦ କି.ଗ୍ରା. ପଟାସ୍ ସାର ପ୍ରୟୋଗ କରନ୍ତୁ । ଧାଡ଼ି ମଧ୍ୟରେ ଗଛକୁ ଗଛ ବ୍ୟବଧାନ ୪୫ ସେ.ମି.ରୁ ଅଧିକ ଥିଲେ ହୁଡ଼ା ଭାଙ୍ଗିବାର ୩୦ ଦିନ ମଧ୍ୟରେ ଖୁଞ୍ଚା ଦିଅନ୍ତୁ । ଏଥିପାଇଁ ଆଖୁ କାଟିବା ବେଳେ ଆଖୁ ଖଣ୍ଡକୁ ତଳି ପକାନ୍ତୁ କିମ୍ବା ପଲିଥିନ୍ ମୁଣିରେ ଚାରା ଉତାରନ୍ତୁ । ମୂଳି ଆଖୁକୁ ରୋଗମୁକ୍ତ କରିବା ପାଇଁ ଖୁଣ୍ଟା କାଟିବା ପରେ ହେକ୍ଟର ପ୍ରତି ଏକ କିଗ୍ରା କାର୍ବେଣ୍ଡାଜିମ୍ ବା ଥାୟୋଫାନେଟ୍ ମିଥାଇଲ୍ (୭୫୦ ଗ୍ରାମ୍) ୫୦୦ ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ । ଆଖୁ ଗଛକୁ ଏକ ଧାରୁଆ କତୁରିରେ ଭୂମି ପତ୍ତନ ସହ ସମାନକରି କାଟି ଦିଅନ୍ତୁ । ଏହାଦ୍ୱାରା ଆଖୁ ଅଧିକ ଅମଳ ହୁଏ ଓ ମୂଳିଆଖୁ ଫସଲ ପାଇଁ ଅଧିକ ଗଜା ବାହାରେ । ଜମିରୁ ଶୁଖିଲା ପତ୍ର ବାହାରକରି କ୍ଷେତକୁ ପରିଷ୍କାର କରନ୍ତୁ । ଆଖୁ ଫସଲରେ ଶର୍କରା ଅଂଶ ହାତ ବ୍ରିକ୍ସ ମିଟର ସାହାଯ୍ୟରେ ପରୀକ୍ଷା କରନ୍ତୁ । ବ୍ରିକ୍ସ ମୂଲ୍ୟାଙ୍କ ୧୮ ରୁ ଅଧିକ ହେଲେ ଆଖୁ କାଟିବା ଉଚିତ ।

## ହଳଦୀ ଲଗାଇବା ପୂର୍ବରୁ...



**ରୋ**ମା, ସୁରମା, ରଙ୍ଗ, ରଶ୍ମି ନାମକ ଚାରୋଟି ହଳଦୀ କିସମ ଆମ ରାଜ୍ୟ ପାଇଁ ଉପଯୁକ୍ତ। ୧ଏକର ଜମି ପାଇଁ ୮-୧୦କୁଇଣ୍ଟାଲ ହଳଦୀ ଦରକାର ହୁଏ। ଏହି ଖଣ୍ଡଗୁଡ଼ିକୁ ୨-୩ଟି ଆଖି ଥାଇ ୨୦ରୁ ୨୫ଗ୍ରାମ ଓଜନର ହଳଦୀ ମୁଣ୍ଡା ଓ ଏଥିରୁ ବାହାରିଥିବା ପ୍ରଥମ ପୁଆ ବିହନ ଆକାରରେ ଲଗାନ୍ତୁ। ଜମିକୁ ଗୁଣ୍ଡ ଚାଷକରି ଏକ ମିଟର ଓସାର, ୧୫ସେ.ମି ଉଚ୍ଚା ଓ ସୁବିଧା ଅନୁସାରେ ଲମ୍ବା ରଖି ପଟାଳିମାନ କରନ୍ତୁ। ଲଗାଇବା ପୂର୍ବରୁ ପ୍ରତି ୧୦ ଲିଟର ପାଣିରେ ୪୦ଗ୍ରାମ ମାଙ୍କୋଜେବ୍ ଗୁଣ୍ଡ,୧୦ଗ୍ରାମ୍ କାର୍ବେଣ୍ଡାଜିମ୍ ଗୁଣ୍ଡ ଓ ୫ ମିଲି ମାଲାଥିଅନ୍ ଗୋଳାଇ ଏଥିରେ ପ୍ରାୟ ୫୦କି.ଗ୍ରା ହଳଦୀକୁ ବିଶୋଧନ କରନ୍ତୁ। ଏହାପରେ ବିହନକୁ ଛାଇରେ ଶୁଖାନ୍ତୁ। ଶେଷ ଓଡ଼ ଚାଷ ବେଳେ ଏକର ପ୍ରତି ୧୦ଗାଡ଼ି (୫ଟନ୍) ଓ ହଳଦୀ ଲଗାହେବା ପରେ ସିଆର ଓ ପଟାଳିରେ ୧୦ଗାଡ଼ି ଗୋବର ଖତ ଦିଅନ୍ତୁ। ଏକର ପ୍ରତି ୨୪କି.ଗ୍ରା. ଯବକ୍ଷାରଜାନ,୧୨କି.ଗ୍ରା. ଫସ୍‌ଫରସ, ୩୬କି.ଗ୍ରା. ପଟାସ ୩ଥରରେ ଦିଅନ୍ତୁ। ପ୍ରଥମ ଥର ସମୁଦାୟ ସୁପର ଫସ୍‌ଫେଟ୍ ଓ ଅଧା ମ୍ୟୁରେଟ୍ ଅଫ୍ ପଟାସ ଦେଇ ହଳଦୀ ଲଗାନ୍ତୁ।

## କୁକୁଡ଼ା ପାଳନ



**ବାର୍ଡ** ଫ୍ଲୁ ରୋଗ ଦମନ ପାଇଁ ପ୍ରତିଷେଧକ ବ୍ୟବସ୍ଥା ଗ୍ରହଣ କରନ୍ତୁ। ଦିନରେ ବାୟୁମଣ୍ଡଳର ଉତ୍ତାପ ଅଧିକ ଥିବାରୁ ବ୍ରଏଲର କୁକୁଡ଼ା ଚିଆଁ ପାଳନ ପାଇଁ କମ୍ ଉତ୍ତାପ ଦିଅନ୍ତୁ (ଆବଶ୍ୟକ ୩୫୦ ସେଣ୍ଟିଗ୍ରେଡ୍)। କୁକୁଡ଼ା ଛୁଆମାନେ ଉତ୍ତାପ ଉତ୍ସ ତଳେ ରହିଲେ ଉତ୍ତାପ ବଢ଼ାନ୍ତୁ ଓ ଉତ୍ତାପ ଉତ୍ସଠାରୁ ଦୂରରେ ରହିଲେ ଉତ୍ତାପ କମ୍ କରିଦିଅନ୍ତୁ। ୭ ଦିନର କୁକୁଡ଼ା ଛୁଆମାନଙ୍କୁ ରାଣୀକ୍ଷେତ ରୋଗ ଓ ୧୫ ଦିନର ଛୁଆମାନଙ୍କୁ ଆଇବିଡି ରୋଗ ଟିକା ଦିଅନ୍ତୁ। ନିମ୍ନଲିଖିତ ଲକ୍ଷଣମାନ ଦେଖାଦେଲେ ବାର୍ଡଫ୍ଲୁ ରୋଗ ହେବା ସୂଚନା ମିଳିଥାଏ। କୁକୁଡ଼ା ଦୁର୍ବଳ ଦେଖାଯାଏ, ପର ଅସଜଡ଼ା ପରି ଲାଗେ, ଅଣ୍ଡାଦିଆ କୁକୁଡ଼ା ଅଣ୍ଡା ଦେବା କମ୍ କରିଦିଏ, ନାକରୁ ପତଳା ସିଘାଂଣି ବାହାରିବା ସହ ଛିଙ୍କ ତଥା ପତଳା ପାଣି ପରି ଝାଡ଼ା ହୁଏ, ପ୍ରାପ୍ତ ବୟସ୍କ କୁକୁଡ଼ାଙ୍କ ଚୂଳ, ୱାଟଲ୍ ଓ ଆଖି ଚାରିପାଖ ଫୁଲିଯାଏ, ଚୂଳ ନୀଳ ପଡ଼ିବା ସହି ରକ୍ତଛିଟା ଚିହ୍ନ ଦେଖାଦେଲେ କିମ୍ବା ମୁହଁ ବା ମୁଣ୍ଡ ଫୁଲିଯିବା ଆଦି ଉପସର୍ଗ ମାନ ଦେଖାଦେଲେ ତୁରନ୍ତ ନିକଟସ୍ଥ ପ୍ରାଣୀ ଚିକିତ୍ସକଙ୍କ ସହ ପରାମର୍ଶ କରନ୍ତୁ ।

# ସଘନ ମାଛଚାଷ



**ମା**ଛଚାଷ ପାଇଁ ପୋଖରୀ ଠିକ୍ ଭାବେ ପ୍ରସ୍ତୁତ ହେଲାପରେ ସଘନ ମାଛଚାଷ ପାଇଁ ବିଭିନ୍ନ ପ୍ରକାରର ଜାଆଁଳ ନିର୍ଦ୍ଦିଷ୍ଟ ପରିମାଣ ଓ ଅନୁପାତରେ ଛଡ଼ାଯାଏ। ଜାତିଆ ମାଛ ଯଥା- ରୋହି, ଭାକୁର, ମିରିକାଳି ଏବଂ ବିଦେଶୀମାଛ ରୂପାପେଟୀ (ସିଲ୍‌ଭର କାର୍ପ), ଜଳଖାଇ (ଗ୍ରାସ୍‌କାର୍ପ), ବିଲାତି ରୋହିକୁ ଏକା ସାଙ୍ଗରେ ଚାଷ କରାଯାଏ । କାରଣ ବିଭିନ୍ନ ପ୍ରକାରର ମାଛ ଜଳର ବିଭିନ୍ନ ସ୍ତରରୁ ବିଭିନ୍ନ ପ୍ରକାରର ଖାଦ୍ୟ ଆହରଣ କରିଥାନ୍ତି। ଭାକୁର ଓ ସିଲ୍‌ଭର କାର୍ପ ଜଳର ଉପର ସ୍ତରରୁ, ରୋହି ଓ ଗ୍ରାସ୍‌କାର୍ପ ମଝି ସ୍ତରରୁ ଏବଂ ମିରିକାଳି ଓ ବିଲାତି ରୋହି ଜଳର ତଳସ୍ତରରୁ ସେମାନଙ୍କ ଖାଦ୍ୟ ସଂଗ୍ରହ କରିଥାନ୍ତି । ଏହାଫଳରେ ସେମାନେ ପରସ୍ପରର କ୍ଷତି ନ କରି ପୋଖରୀର ସମସ୍ତ ସ୍ତର ଉପଯୋଗ କରି ସୂଚାରୁ ରୂପେ ବଢ଼ିଥାନ୍ତି । ଏଣୁ ପୋଖରୀରେ ମିଳୁଥିବା ଖାଦ୍ୟ ଓ ସ୍ଥାନର ପୂର୍ଣ୍ଣ ବିନିଯୋଗ ହୋଇଥାଏ। ଏହି ପ୍ରଣାଳୀରେ ହେଉଥିବା ମାଛ ଚାଷକୁ ସଘନ ମାଛଚାଷ କୁହାଯାଏ। କିନ୍ତୁ ଗୋଟିଏ ପ୍ରଜାତିର ମାଛ ଛାଡ଼ିଲେ କେବଳ ଗୋଟିଏ ନିର୍ଦ୍ଦିଷ୍ଟ ସ୍ତରର ଖାଦ୍ୟ ବ୍ୟବହାର ହେବ ଏବଂ ଅନ୍ୟ ଦୁଇ ସ୍ତରର ଖାଦ୍ୟ ବ୍ୟବହାର ହୋଇପାରିବ ନାହିଁ। ଫଳରେ ମାଛ ଉତ୍ପାଦନ କମିଯିବ। ତେଣୁ ସର୍ବଦା ସଘନ ପ୍ରଣାଳୀରେ ୩ ଟି, ୪ଟି କିମ୍ବା ଆବଶ୍ୟକତା ଅନୁସାରେ ସମସ୍ତ ୬ଟି ପ୍ରଜାତିର (୩ଟି ଜାତୀୟ ଏବଂ ୩ଟି ବିଦେଶୀ) ମାଛଚାଷ କଲେ ଅଧିକ ଉତ୍ପାଦନ ମିଳିପାରିବ। ସଘନ ମାଛଚାଷ ପାଇଁ ଏକ ଏକର ବିଶିଷ୍ଟ ପୋଖରୀରେ ପ୍ରାୟ ୪୦୦୦ ଗୋଟି ମିଶ୍ରିତ ଯାଆଁଳ (୨୧-୪୦ ମି.ମି.) କିମ୍ବା ୨୦୦୦ ଗୋଟି ମିଶ୍ରିତ ବଡ଼ ଯାଆଁଳ (୪୧-୬୦ ମି.ମି.) ଛଡ଼ାଯାଏ। କେବଳ ତିନୋଟି ପ୍ରଜାତିର ମାଛଚାଷ କରିବାକୁ ଚାହୁଁଥିଲେ ଭାକୁର ୩୦ ଭାଗ, ରୋହି ୪୦ ଭାଗ ଏବଂ ମିରିକାଳି ୩୦ ଭାଗ ହିସାବରେ ଏକର ପିଛା ୧୨୦୦ ଟି ଭାକୁର, ୧୬୦୦ଟି ରୋହି ଏବଂ ୧୨୦୦ଟି ମିରିକାଳି (୨୧ ରୁ ୪୦ ମି.ମି.) ଛାଡ଼ିବାକୁ ହେବ। ଚାରୋଟି ପ୍ରଜାତିର ମାଛଚାଷ କରିବା ପାଇଁ ହେଲେ ଭାକୁର ୩୦ ଭାଗ, ରୋହି ୪୦ ଭାଗ, ମିରିକାଳି ୨୦ ଭାଗ ଏବଂ ବିଲାତି ରୋହି ୧୦ ଭାଗ ହିସାବରେ ଏକର ପିଛା ଭାକୁର ୧୨୦୦ ଟି, ରୋହି ୧୬୦୦ ଟି, ମିରିକାଳି ୮୦୦ ଟି ଏବଂ ବିଲାତି ରୋହି ୪୦୦ ଟି (୨୧-୪୦ ମି.ମି.) ଛାଡ଼ିବାକୁ ହେବ। ଛଅ ପ୍ରକାରର ମାଛ ଚାଷ ପାଇଁ ସାଧାରଣତଃ ଏକର ପିଛା ୮୦୦ ଗୋଟି ଭାକୁର ଓ ୪୦୦ ଗୋଟି ସିଲ୍‌ଭର କାର୍ପ, ୧୨୦୦ ଗୋଟି ରୋହି ଓ ୪୦୦ ଗୋଟି ଗ୍ରାସ୍ କାର୍ପ ଓ ୮୦୦ ଗୋଟି ମିରିକାଳି ଓ ୪୦୦ ଗୋଟି ବିଲାତି ରୋହି ଛଡ଼ାଯାଇଥାଏ।

ଧରିତ୍ରୀ 52 Years
ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା ୧୨ Press Regd. No. R.N. 21326/74 Postal Regd. No. BN/42/24-26. ଭୁବନେଶ୍ୱର, ବୁଧବାର, ଫେବୃଆରୀ ୪/୨୦୨୬ Bhubaneswar, Wednesday, February 4/ 2026






ପଞ୍ଜାବରେ ଅନୁଷ୍ଠିତ ୭ମ ଜାତୀୟ ଦିବ୍ୟାଙ୍ଗ ତୀରନ୍ଦାଜୀ ଚାମ୍ପିୟନଶିପର ୫୦ ମିଟର ଦୂରତା ବର୍ଗରେ ରୌପ୍ୟ ଓ ୫୦ ମିଟର କମ୍ପାଉଣ୍ଡ ଅଲିମ୍ପିକ୍ ରାଉଣ୍ଡରେ ବ୍ରୋଞ୍ଜ ପଦକ ହାସଲ କରିଥିବା ଓଡ଼ିଶାର ଦିବ୍ୟାଙ୍ଗ ତୀରନ୍ଦାଜ ପାୟଲ ନାଗ ।

**ଜାତୀୟ ପାରା ତୀରନ୍ଦାଜୀ ଚାମ୍ପିୟନଶିପ୍**

## ପାୟଲଙ୍କୁ ରୌପ୍ୟ, ବ୍ରୋଞ୍ଜ ପଦକ

କଟକ,୩।୨(କୁମାରଶ୍ରୀ)

ସାହସ, ଦୃଢ଼ ଇଚ୍ଛାଶକ୍ତି ବଳରେ ଅସାଧାରଣ ପ୍ରଦର୍ଶନ କରି ୭ମ ଏନଟିପିସି ଜାତୀୟ ପାରା ତୀରନ୍ଦାଜୀ ଚାମ୍ପିୟନଶିପ୍‌ରେ ରାଜ୍ୟ ପାଇଁ ଗୌରବ ଆଣିଛନ୍ତି ବଲାଙ୍ଗୀରର ଝିଅ ପାୟଲ ନାଗ । ପଞ୍ଜାବର ପଟିଆଲାରେ ଆୟୋଜିତ ଏହି ଚାମ୍ପିୟନଶିପରେ ସେ କମ୍ପାଉଣ୍ଡ ରାଉଣ୍ଡର ର୍ୟାଙ୍କିଂ ଇଭେଣ୍ଟରେ ରୌପ୍ୟ ଏବଂ ବ୍ୟକ୍ତିଗତ ଅଲିମ୍ପିକ ଇଭେଣ୍ଟରେ ବ୍ରୋଞ୍ଜ ପଦକ ବିଜୟୀ ହୋଇଛନ୍ତି। ବିଦ୍ୟୁତ ଆଘାତରେ ଉଭୟ ହାତ ଏବଂ ଗୋଡ ହରାଇଥିବା ପାୟଲ ଏବେ ଜଣେ ଉଦୀୟମାନ ତୀରନ୍ଦାଜ ତାରକା ଭାବେ ଉଭା ହୋଇଛନ୍ତି। ଏହି ସଫଳତା ନେଇ ଓଡ଼ିଶା ତୀରନ୍ଦାଜ ସଂଘ ଏବଂ ରାଜ୍ୟ କ୍ରୀଡ଼ା ଓ ଯୁବ ସେବା ବିଭାଗ ପକ୍ଷର ପାୟଲଙ୍କୁ ଅଭିନନ୍ଦନ ଜଣାଯାଇଛି। ପ୍ରକାଶଯୋଗ୍ୟ, ଖ୍ୟାତନାମା ପ୍ରଶିକ୍ଷକ କୁଳଦୀପ ଭେଦୱାନଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ପାୟଲ ପ୍ରଶିକ୍ଷଣ ଗ୍ରହଣ କରୁଛନ୍ତି। କଠୋର ତାଲିମ ମାଧ୍ୟମରେ ତୀରନ୍ଦାଜୀର ଅନନ୍ୟ କଳାକୌଶଳ ସେ ହାସଲ କରିଛନ୍ତି।

# ଡବ୍ଲ୍ୟୁପିଏଲ୍: ଗୁଜରାଟର ଦୃଢ଼ ବ୍ୟାଟିଂ

ଭଦୋଦରା,୩।୨

ଚଳିତ ଓମେନ୍ସ ପ୍ରିମିୟର ଲିଗ୍ (ଡବ୍ଲ୍ୟୁପିଏଲ୍)ରେ ମଙ୍ଗଳବାର ଖେଳାଯାଇଥିବା ଏଲିମିନେଟର ମ୍ୟାଚ୍‌ରେ ଗୁଜରାଟ ଜାଏଣ୍ଟ୍ସ ଓ ଦିଲ୍ଲୀ କ୍ୟାପିଟାଲ୍ସ ପରସ୍ପରକୁ ଭେଟିଛନ୍ତି। ପ୍ରଥମେ ବ୍ୟାଟିଂ କରିଥିବା ଗୁଜରାଟ ବେଥ ମୁନିଙ୍କ ଅପରାଜିତ ଅର୍ଦ୍ଧଶତକୀୟ ପାଳି ବଳରେ ପ୍ରତିପକ୍ଷ ଦିଲ୍ଲୀ ସମ୍ମୁଖରେ ୧୬୯ ରନର ଟାର୍ଗେଟ ଧାର୍ଯ୍ୟ କରିଛି। ଜବାବରେ ଦିଲ୍ଲୀ ରିପୋର୍ଟ ଲେଖା ହେଲା ବେଳକୁ ୪ ଓଭରରେ ବିନା ଉଇକେଟ ହରାଇ ୪୩ ରନ କରିଛି।

ଆମନ୍ତ୍ରଣ ପାଇ ପ୍ରଥମେ ବ୍ୟାଟିଂ କରିଥିବା ଗୁଜରାଟ ପାଇଁ ଆରମ୍ଭରୁ ବେଥ ମୁନି ଗୋଟିଏ ପକ୍ଷରେ ଭଲ ବ୍ୟାଟିଂ କରୁଥିବା ବେଳେ ଅନ୍ୟ ପକ୍ଷରେ ଉଇକେଟ ପତନ ଜାରି ରହିଥିଲା। ଦଳର ନିର୍ଭର ଯୋଗ୍ୟ ସୋଫି ଡିଭାଇନ ୬, କନିକା ଆହୁଜା ୬, ଅନୁଷ୍କା ଶର୍ମା ୧୬ ରନ କରି ଆଉଟ୍ ହୋଇଥିବା ବେଳେ ଅଧିନାୟିକା ଆଶେଲ ଗାର୍ଡନର ଖାତା ଖୋଲିବାରେ ବିଫଳ ହୋଇଥିଲେ। ଫଳରେ ୯ ଓଭର ଶେଷ ସୁଦ୍ଧା ଦଳ ୪ ଉଇକେଟ ହରାଇ ୬୦ ରନ କରିଥିଲା। ଏଭଳି ପରିସ୍ଥିତିରେ ଜର୍ଜିଆ ୱାରେହାମ ଓ ମୁନି ପଞ୍ଚମ ଉଇକେଟରେ ଦ୍ରୁତ ୬୧ ରନ ଯୋଡ଼ିଥିଲେ। କ୍ରିଜ୍‌ରେ ସେଟ୍ ହୋଇସାରିଥିବା ଜର୍ଜିଆ ୨୫ ବଲରେ ୩୫ (୩ ଚୌକା ଓ ୧ ଛକା) ରନ କରି ପାଭିଲିଅନ ଫେରିଥିଲେ। ଶେଷ ଆଡ଼କୁ ମୁନିଙ୍କ ସହ କାଶଭି ଗୌତମ ମିଶି ସପ୍ତମ ଉଇକେଟରେ ୧୯ ବଲରେ ଦ୍ରୁତ ୩୮ ରନ କରି ଦଳକୁ ଏକ ଚ୍ୟାଲେଞ୍ଜିଂ ସ୍କୋର ପ୍ରଦାନ କରିଥିଲେ। କାଶଭି ୧୮ (୩ ଚୌକା) ରନ କରି ଆଉଟ୍ ହୋଇଥିବା ବେଳେ ମୁନି ୫୧ ବଲରେ ୬୨ ରନ (୬ ଚୌକା) କରି ଅପରାଜିତ ରହିଥିଲେ। ଫଳରେ ଗୁଜରାଟ ନିର୍ଦ୍ଧାରିତ ୨୦ ଓଭରରେ ୭ ଉଇକେଟ ହରାଇ ୧୬୮ ରନ କରିଛି। ଦିଲ୍ଲୀ ପାଇଁ ବୋଲିଂରେ ଚିନେଲ ହେନରୀ ୩, ନନ୍ଦିନୀ ଶର୍ମା ୨ ଓ ମିନୁ ମାନି ଗୋଟିଏ ଉଇକେଟ ନେଇଥିଲେ।



ଅର୍ଦ୍ଧଶତକୀୟ ଇନିଂସ ଅବସରରେ ବେଥ୍ ମୁନି ଓ ଜର୍ଜିଆ ୱାରେହାମ।

**ସଂକ୍ଷିପ୍ତ ସ୍କୋର**

ଗୁଜରାଟ ଜାଏଣ୍ଟ୍ସ: ୨୦ ଓଭରରେ ୧୬୮/୭ (ବେଥ ମୁନି–୬୨*, ଜର୍ଜିଆ ୱାରେହାମ–୩୫, ଚିନେଲ ହେନରୀ–୩/୩୫, ନନ୍ଦିନୀ ଶର୍ମା–୨/୪୪, ମିନୁ ମାନି–୧/୨୩)।

**ଏସିଆନ୍ ଇନ୍‌ଡୋର ଆଥ୍‌ଲେଟିକ୍ସ**

## କିଟ୍‌ରୁ ଭାଗନେବେ ୯ ଆଥ୍‌ଲେଟ

ଭୁବନେଶ୍ୱର, ୩।୨(ତପନ ସ୍ୱାଇଁ)

ଚାଇନାର ଟିଆନଜିନ୍‌ରେ ଚଳିତ ମାସ ୬ରୁ ୮ ପର୍ଯ୍ୟନ୍ତ ହେବାକୁଥିବା ୧୨ଶ ଏସିଆନ୍ ଇନ୍‌ଡୋର ଆଥ୍‌ଲେଟିକ୍ସ ଚାମ୍ପିୟନଶିପ୍‌ରେ କିଟ୍ ବିଶ୍ୱବିଦ୍ୟାଳୟର ୯ ଆଥ୍‌ଲେଟ ଅଂଶଗ୍ରହଣ କରିବେ। ଆଥ୍‌ଲେଟିକ୍ସ ଫେଡେରେଶନ ଅଫ୍ ଇଣ୍ଡିଆ(ଏଏଫ୍‌ଆଇ) ପକ୍ଷରୁ ଘୋଷିତ ୧୭ ଜଣିଆ ଆଥ୍‌ଲେଟ୍ ଦଳରେ ଏହି ୯ ଜଣ ସାମିଲ। କିଟ୍ ଆଥ୍‌ଲେଟଙ୍କ ମଧ୍ୟରେ ମଣିକାନ୍ତ ହୋବିଲଧର ପୁରୁଷ ୬୦ ମିଟର ରେସ୍, ତେଜାଶ ଶିର୍‌ସେ ପୁରୁଷ ୬୦ ମିଟର ହର୍ଡଲ୍ସ, ପ୍ରଭିନ ଚିଥ୍ରାଭେଲ ପୁରୁଷ ଲଙ୍ଗ୍‌ଜମ୍ପ୍, ସମରଦୀପ ସିଂ ଗିଲ୍ ପୁରୁଷ ଶଟ୍‌ପୁଟ, ତାଜିନ୍ଦରପାଲ ସିଂ ତୁର୍ ପୁରୁଷ ଶଟ୍‌ପୁଟ୍, ତେଜସ୍ୱିନ ଶଙ୍କର ପୁରୁଷ ହେପ୍ଟାଥଲନ୍, ମୌମିତା ମଣ୍ଡଳ ମହିଳା ୬୦ ମିଟର ହର୍ଡଲ୍ସ ଓ ଲଙ୍ଗ୍‌ଜମ୍ପ୍, ପ୍ରଜ୍ଞା ପ୍ରଶାନ୍ତି ମହିଳା ୬୦ ମିଟର ହର୍ଡଲ୍ସ ଏବଂ ଆନ୍‌ସି ସୋଜାନ ଏଡାପ୍ପିଲି ମହିଳା ଲଙ୍ଗ୍‌ଜମ୍ପ୍‌ରେ ଭାଗନେବେ। ଏହି ସମସ୍ତ ଆଥ୍‌ଲେଟଙ୍କୁ କିଟ୍ ଓ କିସ୍‌ର ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ ଶୁଭେଚ୍ଛା ଜଣାଇଛନ୍ତି।

# ପିସିବି ବିରୋଧରେ ପ୍ରସାରଣକାରୀ ସଂସ୍ଥା କୋର୍ଟଙ୍କ ଦ୍ୱାରସ୍ଥ ହୋଇପାରେ

ନୂଆଦିଲ୍ଲୀ/କରାଚୀ,୩।୨(ପି.ଟି.)

ଆସନ୍ତା ୧୫ ତାରିଖରେ ଭାରତ ବିପକ୍ଷ ଟି୨୦ ବିଶ୍ୱକପ୍ ମ୍ୟାଚ୍ ବର୍ଜନ କରିବାକୁ ନିଷ୍ପତ୍ତି ନେଇଥିବା ପାକିସ୍ତାନ କ୍ରିକେଟ ବୋର୍ଡ(ପିସିବି) ବିରୋଧରେ ପ୍ରସାରଣକାରୀ ସଂସ୍ଥା ଜିଓଷ୍ଟାର କୋର୍ଟଙ୍କ ଦ୍ୱାରସ୍ଥ ହୋଇପାରେ। ଏ ନେଇ ଅନ୍ତର୍ଜାତୀୟ କ୍ରିକେଟ ପରିଷଦ(ଆଇସିସି) ଚେତାବନୀ ଦେଇଛି। ସରକାରଙ୍କ ନିର୍ଦ୍ଦେଶକ୍ରମେ ପାକିସ୍ତାନ ଭାରତ ବିପକ୍ଷ

**ବିଶ୍ୱକପ୍ ମ୍ୟାଚ ବର୍ଜନ**

ମ୍ୟାଚ୍‌କୁ ବୟକଟ୍ କରିବାକୁ ନିଷ୍ପତ୍ତି ନେଇଛି। ହେଲେ ଏପର୍ଯ୍ୟନ୍ତ ମ୍ୟାଚ୍ ବର୍ଜନ ପଛର କାରଣ ପ୍ରକାଶ କରାଯାଇନାହିଁ।

ଏକ ରିପୋର୍ଟ ମୁତାବକ, ପାକିସ୍ତାନକୁ ମିଳୁଥିବା ବାର୍ଷିକ ରାଜସ୍ୱର ଅଂଶକୁ ସମ୍ପୂର୍ଣ୍ଣ ରୂପେ ଆଇସିସି କାଟ୍ କରିପାରେ, ଯାହାକି ପାଖାପାଖି ୩୫ ମିଲିଅନ ଆମେରିକୀୟ ଡଲାର। ଏହି ଅର୍ଥକୁ ପ୍ରସାରଣକାରୀ ସଂସ୍ଥାକୁ ଦିଆଯାଇପାରେ। ଯଦି ପାକିସ୍ତାନ ନିଜ ଜିଦ୍‌ରେ ଅଟଳ ରୁହେ ଓ ଭାରତ ବିପକ୍ଷରେ ଖେଳିବାକୁ ମନାକରେ, ତେବେ ପିସିବିକୁ ଆର୍ଥିକ ପ୍ରତିବନ୍ଧକ ସହ ପ୍ରସାରଣକାରୀ ସଂସ୍ଥା ସହ ଆଇନଗତ ଲଢ଼େଇ କରିବାକୁ ପଡ଼ିବ। କିନ୍ତୁ ଆଇସିସି ଡିସ୍‌ପ୍ୟୁଟ୍ ରିଜୋଲ୍ୟୁଶନ କମିଟି(ଡିଆର୍‌ସି )ରେ କରାଯାଇଥିବାର ଆବେଦନ ବିଫଳ ହେବ। ଆଇସିସିର ଡିଆର୍‌ସି ଏକ ଆନ୍ତଃ କମିଟି, ଯାହା ବୋର୍ଡ ଦ୍ୱାରା ନିଆଯାଇଥିବା ନିଷ୍ପତ୍ତିର ଶୁଣାଣି କରେନାହିଁ। ସରକାରଙ୍କ ନିର୍ଦ୍ଦେଶ ସତ୍ତ୍ୱେ ପିସିବିକୁ ସମସ୍ୟାର ସମ୍ମୁଖୀନ ହେବାକୁ ପଡ଼ିବ। ପ୍ରଥମତଃ, ସେମାନେ ନ୍ୟୁଟ୍ରାଲ ଭେନ୍ୟୁରେ ଖେଳୁଛନ୍ତି, ଯାହାକି ପାକିସ୍ତାନର ଇଚ୍ଛା ଥିଲା। ଦ୍ୱିତୀୟତଃ, ଭାରତ ସରକାର କୌଣସି ଦଳକୁ ପାକିସ୍ତାନରେ ଖେଳିବାକୁ ଅନୁମତି ଦେଉ ନ ଥିଲେ ମଧ୍ୟ ଏସିଆ କପ୍ କିମ୍ବା ଆଇସିସି ଇଭେଣ୍ଟରେ ପାକିସ୍ତାନ ବିପକ୍ଷରେ ଖେଳିବାକୁ ମନା କରିନାହିଁ। ଭାରତ ବିପକ୍ଷ ମ୍ୟାଚ୍ ବର୍ଜନ କରିବା ସମ୍ପର୍କରେ ପିସିବି ଏପର୍ଯ୍ୟନ୍ତ ଆଇସିସିକୁ ଲିଖିତ ଆକାରରେ ଜଣାଇନାହିଁ। ଆଇସିସି ପକ୍ଷରୁ ୪ ବର୍ଷ ମଧ୍ୟରେ ହେବାକୁଥିବା ସମସ୍ତ ଇଭେଣ୍ଟ ଲାଗି ପ୍ରସାରଣକାରୀ ସଂସ୍ଥା ସହ ଚୁକ୍ତି କରିଥିଲା। ଏହି ଚୁକ୍ତିରେ ଭାରତ ଓ ପାକିସ୍ତାନ ମ୍ୟାଚ୍ ସାମିଲ ଥିଲା।

## ଭାରତରେ ହେବ ଏସିଆନ ଅଲିମ୍ପିକ୍ କ୍ୱାଲିଫାଇଂ ଚାମ୍ପିୟନଶିପ୍

ନୂଆଦିଲ୍ଲୀ, ୩।୨(ପି.ଟି.)

ଆସନ୍ତା ବର୍ଷ ଦିଲ୍ଲୀରେ ହେବ ଏସିଆନ ରାଇଫଲ/ପିସ୍ତଲ ଚାମ୍ପିୟନଶିପ୍। ଏଥିରେ ଲସ୍‌ଏଞ୍ଜେଲ୍ସ ୨୦୨୮ ଅଲିମ୍ପିକ୍ସ ପାଇଁ ୮ କୋଟା ନିରୂପିତ ହେବ। ଦେଶର ଶୁଟିଂ କ୍ୟାଲେଣ୍ଡରରେ ଏହା ପ୍ରଥମ। ଏହା ବ୍ୟତୀତ ଆସନ୍ତାବର୍ଷ ଏପ୍ରିଲ ୨୧ରୁ ୩୦ ଦିଲ୍ଲୀରେ ହେବାକୁଥିବା ବିଶ୍ୱକପ୍ (ରାଇଫଲ/ପିସ୍ତଲ/ଶଟ୍‌ଗନ୍)ରେ ୧୨ଟି କୋଟା ହାସଲର ସୁଯୋଗ ରହିଛି। ଭାରତକୁ ଏସିଆନ୍ ଇଭେଣ୍ଟ ଆୟୋଜନର ଅଧିକାର ମିଳିଥିବା ବିଷୟ ନ୍ୟାଶନାଲ ରାଇଫଲ ଆସୋସିଏଶନ ଅଫ୍ ଇଣ୍ଡିଆ(ଏନ୍‌ଆର୍‌ଏଆଇ) ସଭାପତି କଳିକେଶ ସିଂଦେଓଙ୍କୁ ଏସିଆନ ଶୁଟିଂ କନ୍‌ଫେଡେରେଶନ ଏକ ଚିଠି ଜରିଆରେ ସ୍ପଷ୍ଟ କରିଦିଆଯାଇଛି। ତେବେ ଏସିଆନ କ୍ୱାଲିଫାୟର୍ସ କେବେ ହେବ ତାହା ଠିକଣା ସମୟରେ ଜଣାଇ ଦିଆଯିବ ବୋଲି ଏନ୍‌ଆର୍‌ଏଆଇ କହିଛି।

# ପ୍ରୀତିଶାଙ୍କୁ ଡବ୍ଲ୍ୟୁଆଇଏମ୍ ଟାଇଟଲ




ପ୍ରୀତିଶାଙ୍କୁ ଡବ୍ଲ୍ୟୁଆଇଏମ୍ ଟାଇଟଲ ପ୍ରମାଣପତ୍ର ପ୍ରଦାନ କରାଯାଉଛି।

ଭୁବନେଶ୍ୱର, ୩।୨(ତପନ ସ୍ୱାଇଁ)

ସମ୍ପ୍ରତି ଓଡ଼ିଶାରୁ ପ୍ରତିନିଧିତ୍ୱ କରୁଥିବା ଦିଲ୍ଲୀର ପ୍ରୀତିଶା ଗୁପ୍ତାଙ୍କୁ ମଙ୍ଗଳବାର ବିଧିବଦ୍ଧଭାବେ ମହିଳା ଅନ୍ତର୍ଜାତୀୟ ମାଷ୍ଟର (ଡବ୍ଲ୍ୟୁଆଇଏମ୍) ଟାଇଟଲ ପ୍ରମାଣପତ୍ର ପ୍ରଦାନ କରାଯାଇଛି। ମାତ୍ର ୧୪ ବର୍ଷ ବୟସରେ ଏହି ସଫଳତା ପାଇଥିବା ପ୍ରୀତିଶା ୨୦୨୫ ଜୁଲାଇରେ ଅନୁଷ୍ଠିତ ଟ୍ରୋଫେ ଡୋଲେ ପାସିନୋ ଗ୍ରାଣ୍ଡ ଓପନ ଟୁର୍ନାମେଣ୍ଟରେ ପ୍ରଥମ ଡବ୍ଲ୍ୟୁଆଇଏମ୍ ନର୍ମ ହାସଲ କରିଥିଲେ। ସର୍ବିୟାର ସେଣ୍ଟାରେ ଅନୁଷ୍ଠିତ ଗ୍ରାଣ୍ଡମାଷ୍ଟର୍ସ ମିକ୍ସ ୨୨ ଫାଣ୍ଟାଷ୍ଟିକୋ ପ୍ରତିଯୋଗିତାରେ ଦ୍ୱିତୀୟ ଏବଂ ଗ୍ରାଣ୍ଡମାଷ୍ଟର୍ସ ମିକ୍ସ ୧୩ ଫାଣ୍ଟାଷ୍ଟିକୋରେ ତୃତୀୟ ନର୍ମ ପାଇଥିଲେ। ଚେକ୍ ରିପବ୍ଲିକ୍‌ରେ ଅନୁଷ୍ଠିତ ଟେପଲିସ ଓପନ ଚେସ୍‌ରେ ୨୨୦୦ ଏଲୋ ରେଟିଂ ଅତିକ୍ରମ କରିଥିଲେ। ୨୦୨୫ ଅଗଷ୍ଟରେ ପ୍ରୀତିଶା ୧୪ ବର୍ଷରୁ କମ୍ ବାଳିକା ବର୍ଗରେ ବିଶ୍ୱର ନମ୍ବରୱାନ୍ ର୍ୟାଙ୍କପ୍ରାପ୍ତ ହୋଇଥିଲେ। ୨୦୨୬ ଫିଡେ ରେଟିଂ ତାଲିକା ଅନୁସାରେ ଏବେ ସେ ୧୫ ବର୍ଷରୁ କମ୍ ବର୍ଗରେ ନଂ.୧ ଅଛନ୍ତି। ୨୦୨୫ରେ ସେ ୧୬ ବର୍ଷରୁ କମ୍ ରାଜ୍ୟଗୋଷ୍ଠୀ ଚେସ୍ ଚାମ୍ପିୟନ ହୋଇଥିଲେ। ଡବ୍ଲ୍ୟୁଆଇଏମ୍ ନର୍ମ ହାସଲ କରିଥିବାରୁ ପ୍ରୀତିଶାଙ୍କୁ ଅଲ୍ ଓଡ଼ିଶା ଚେସ୍ ଆସୋସିଏଶନ ସମ୍ପାଦକ ଦେବବ୍ରତ ଭଞ୍ଜ ଅଭିନନ୍ଦନ ଜଣାଇଛନ୍ତି।

## ସାବାଲେଙ୍କା ନମ୍ବର ୱାନ୍ ରହିଲେ

ମେଲ୍‌ବୋର୍ନ, ୩।୨(ଏପି)

ଅଷ୍ଟ୍ରେଲିଆନ୍ ଓପନ୍ ଫାଇନାଲରେ ୨୪ଥର ଗ୍ରାଣ୍ଡସ୍ଲାମ ଚାମ୍ପିୟନ ନୋଭାକ୍ ଜୋକୋଭିଚ୍‌ଙ୍କ ବିପକ୍ଷରେ ବିଜୟ ହାସଲ କରିବା ପରେ କାର୍ଲୋସ ଅଲ୍‌କାରାଜ ସିଙ୍ଗଲ୍ସରେ ଏକ କ୍ୟାରିୟର ଗ୍ରାଣ୍ଡସ୍ଲାମ ପୂରା କରିଥିଲେ। ମାତ୍ର ମ୍ୟାଚ୍ ପରାଜୟ ସତ୍ତ୍ୱେ ଜୋକୋଭିଚ୍‌ଙ୍କୁ ଏକ ସାନ୍ତ୍ୱନା ମିଳିଛି। ୨୦୨୪ ଅଗଷ୍ଟ ପରେ ଏହି ୩୮ ବର୍ଷୀୟ ସର୍ବୀୟ ଟେନିସ୍ ଷ୍ଟାର ପ୍ରଥମଥର ଶ୍ରେଷ୍ଠ ୩ ମଧ୍ୟରେ ସ୍ଥାନ ପାଇଛନ୍ତି। ଅଲ୍‌କାରାଜ ପ୍ରଥମ ସ୍ଥାନ ବଜାୟ ରଖିଥିବା ବେଳେ ଜାନିକ ସିନର ଦ୍ୱିତୀୟ ସ୍ଥାନରେ ରହିଛନ୍ତି। ମେଲବୋର୍ନ ପାର୍କରେ ସେମିଫାଇନାଲରେ ସିନରଙ୍କୁ ପରାସ୍ତକରି ଜୋକୋଭିଚ୍ ଫାଇନାଲରେ ପ୍ରବେଶ କରିଥିଲେ। ଅନ୍ୟପକ୍ଷରେ ମହିଳା ସିଙ୍ଗଲ୍ସ ଫାଇନାଲରେ ଏଲିନା ରିବାକିନାଙ୍କଠାରୁ ଆରିନା ସାବାଲେଙ୍କା ପରାଜିତ ହୋଇଥିଲେ ସୁଦ୍ଧା ଡବ୍ଲ୍ୟୁଟିଏ ଟୁର୍‌ରେ ତାଙ୍କ ପ୍ରଥମ ସ୍ଥାନ ବଜାୟ ରଖିଛନ୍ତି। ରିବାକିନା ଦୁଇ ସ୍ଥାନ ପଦୋନ୍ନତି ସହ ୩ୟ ସ୍ଥାନ ଅଧିକାର କରିଥିବା ବେଳେ ଇଗା ସ୍ୱିଟେକ୍ ଦ୍ୱିତୀୟ ସ୍ଥାନରେ ଅଛନ୍ତି। ଡବ୍ଲ୍ୟୁଟିଏ ର୍ୟାଙ୍କିଙ୍ଗ୍‌ରେ ସ୍ୱିଟେକ୍‌ଙ୍କ ପଛକୁ ୩ଜଣ ଆମେରିକୀୟ ଅଛନ୍ତି। ସେମାନେ ହେଲେ ଆମାଣ୍ଡା ଆନିସିମୋଭା(୪ର୍ଥ), କୋକୋ ଗଫ୍(୫ମ) ଓ ଅଷ୍ଟ୍ରେଲିଆନ୍ ଓପନ୍ ସେମିଫାଇନାଲିଷ୍ଟ ଜେସିକା ପେଗୁଲା।


# ସେମିରେ ଭୁବନେଶ୍ୱର ସାଇ ଇଲେଭେନ

ଧାମନଗର, ୩।୨(ଦେବେନ୍ଦ୍ର ଆଦ୍ଦିଆ)

ଭଦ୍ରକ ଜିଲା ଧାମନଗର ବ୍ଲକ ଦେହୁଡ଼ି ଆନନ୍ଦପୁର ପଞ୍ଚାୟତସ୍ଥିତ ଜଗନ୍ନାଥ ହାଇସ୍କୁଲ ଖେଳପଡ଼ିଆରେ ଚାଲିଥିବା ସର୍ବଭାରତୀୟ ରାମଚନ୍ଦ୍ର ଦାଶ ମେମୋରିଆଲ କ୍ରିକେଟ ଟୁର୍ନାମେଣ୍ଟର ମଙ୍ଗଳବାର ଭୁବନେଶ୍ୱରର ସାଇ ଇଲେଭେନ ଓ କୋଲକାତା ଏଲ୍‌ଆର୍‌ଏସ୍ କ୍ଲବ୍ ମଧ୍ୟରେ ଦ୍ୱିତୀୟ

**ରାମଚନ୍ଦ୍ର ଦାଶ ମେମୋରିଆଲ କ୍ରିକେଟ ଟୁର୍ନାମେଣ୍ଟ**

କ୍ୱାର୍ଟର ମ୍ୟାଚ୍ ଅନୁଷ୍ଠିତ ହୋଇଯାଇଛି। ଏଥିରେ ସାଇ ଇଲେଭେନ ବିଜୟୀ ହୋଇ ସେମିଫାଇନାଲ ଖେଳିବାକୁ ବିବେଚିତ ହୋଇଛି। ସାଇ ଇଲେଭେନ ୨୫ ଓଭରରେ ୯ ଉଇକେଟ ହରାଇ ୨୩୯ ରନ୍ କରିଥିଲା। ଦଳ ପକ୍ଷରୁ ଆୟୁଷ କ୍ରିଷ୍ଟପର ୭୮, ସୂର୍ଯ୍ୟକାନ୍ତ ପ୍ରଧାନ ୫୯ ଓ ବିପ୍ଳବ ସାମନ୍ତରାୟ ୩୧ ରନ୍ କରିଥିଲେ। ପ୍ରତିପକ୍ଷ ବୋଲର ଯୋଗେଶ କୁମାର ୫ ଓଭରରେ ୬୦ ରନ୍ ଦେଇ ୩ ଉଇକେଟ ଏବଂ ଆଦିତ୍ୟ ଯାଦବ ୫ ଓଭରରେ ୩୫ ରନ୍ ଦେଇ ୨ ଉଇକେଟ ଅକ୍ତିଆର କରିଥିଲେ। ଏଲ୍‌ଆର୍‌ଏସ୍ ଟିମ୍ ୧୪.୫ ଓଭରରେ ୭୯ ରନ୍ କରି ଅଲ୍‌ଆଉଟ ହୋଇଯାଇଥିଲା। ଦଳ ପକ୍ଷରୁ ସକ୍ଷମ ଚୌଧୁରୀ ୧୮ ରନ ଓ ରାଜ ଭାରତୀ ୧୦ ରନ୍ କରିଥିଲେ। ପ୍ରତିପକ୍ଷ ବୋଲର ରାମଚନ୍ଦ୍ର ବେହେରା ୫ ଓଭର ବୋଲିଂ କରି ୨୨ ରନ୍ ଦେଇ ୪ ଉଇକେଟ ଏବଂ ରବୀନ୍ଦ୍ର ରାଉତ ୫ ଓଭରରେ ୨୭ ରନ୍ ଦେଇ ୩ ଉଇକେଟ ଅକ୍ତିଆର କରିଥିଲେ। ପ୍ଲେୟର ଅଫ୍ ଦି ମ୍ୟାଚ୍ ଭାବେ ସାଇ ଇଲେଭେନର ରାମଚନ୍ଦ୍ରଙ୍କୁ ଅବସରପ୍ରାପ୍ତ ଅଧ୍ୟାପକ ଗଦାଧର ସାହୁ ଓ ଅଧ୍ୟାପକ ହିମାଂଶୁ ଶେଖର ଦାଶ ପୁରସ୍କୃତ କରିଥିଲେ। ବିଶ୍ୱଜିତ ପତି ଓ ଜ୍ୟୋତିପ୍ରକାଶ ମଲ୍ଲିକ ମ୍ୟାଚ୍ ପରିଚାଳନା କରିଥିବା ବେଳେ ନୀହାର ରଞ୍ଜନ ବେହେରା ଓ ସୁଧାଂଶୁ ସାହୁ ସ୍କୋରର, ବଳରାମ ସାହୁ ଅନ୍‌ଲାଇନ ସ୍କୋରର ଥିଲେ। ଜ୍ଞାନରଞ୍ଜନ ଘଡ଼େଇ ଓ ଏସ୍‌କେ ଇମ୍ରାନ ଧାରା ବିବରଣୀ ପ୍ରଦାନ କରିଥିଲେ।



ପ୍ଲେୟର ଅଫ୍ ଦି ମ୍ୟାଚ୍ ରାମଚନ୍ଦ୍ର ବେହେରାଙ୍କୁ ପୁରସ୍କୃତ କରାଯାଉଛି।

# ଜିମ୍ନାଷ୍ଟିକ୍ସ ହାଇପରଫର୍ମାନ୍ସ ସେଣ୍ଟରର ସଫଳତା

ଭୁବନେଶ୍ୱର, ୩।୨ (ବିଜୟ ରଣା)

ଓଡ଼ିଶା ଏଏମ୍/ଏନ୍‌ଏସ୍ ଜିମ୍ନାଷ୍ଟିକ୍ସ ହାଇ ପରଫର୍ମାନ୍ସ ସେଣ୍ଟର ଓ ଗ୍ରାସ୍‌ରୁଟ୍ ସେଣ୍ଟର ଏବଂ ରାଉରକେଲା, ପୁରୀ ଓ ଜୟପୁରରେ ରହିଥିବା ଏହାର ଗ୍ରାସ୍‌ରୁଟ୍ ସେଣ୍ଟରଗୁଡ଼ିକର ଆଥଲେଟମାନେ ବିଭିନ୍ନ ପ୍ରତିଯୋଗିତାରେ ଅଂଶଗ୍ରହଣ କରି ୩୫ ସ୍ୱର୍ଣ୍ଣ, ୩୪ ରୌପ୍ୟ ଓ ୩୩ ବ୍ରୋଞ୍ଜ ସହ ମୋଟ ୧୦୨ ପଦକ ଜିତିବାରେ ସଫଳ ହୋଇଛନ୍ତି। ପୁରୀରେ ଅନୁଷ୍ଠିତ ୪୪ତମ ଓଡ଼ିଶା ରାଜ୍ୟ ଜିମ୍ନାଷ୍ଟିକ୍ସ ଚାମ୍ପିୟନଶିପ୍‌ରେ ଉଭୟ ପୁରୁଷ ଓ ମହିଳା ଆର୍ଟିଷ୍ଟିକ୍ ଜିମ୍ନାଷ୍ଟିକ୍ସର ବିଭିନ୍ନ ବୟସବର୍ଗ ଓ କାଟେଗୋରୀରେ ଅଂଶଗ୍ରହଣ କରିଥିଲେ। ନିକଟରେ ଲିସ୍‌ବନ୍‌ରେ ଅନୁଷ୍ଠିତ ଇଣ୍ଟରନ୍ୟାଶନାଲ କଣ୍ଟିନେଣ୍ଟାଲ କପ୍‌ରେ ଭୁବନେଶ୍ୱରସ୍ଥିତ ଓଡ଼ିଶା ଏଏମ୍/ଏନ୍‌ଏସ୍ ଜିମ୍ନାଷ୍ଟିକ୍ସ ହାଇ ପରଫର୍ମାନ୍ସ ସେଣ୍ଟର ଆଥଲେଟମାନେ ୨୦ ପଦକ ଜିତିବାରେ ସମର୍ଥ ହୋଇଛନ୍ତି। ରାଜ୍ୟର ଯୁବ ପ୍ରତିଭାଙ୍କ ସମେତ ଏଲିଟ୍ ଆଥଲେଟମାନଙ୍କ ଦକ୍ଷିଣ ବୃଦ୍ଧି କ୍ଷେତ୍ରରେ କେତେଦ ପରିମାଣରେ ପ୍ରତିବଦ୍ଧ ଏଥିରୁ ତାହା ସୂଚୀତ ହେଉଛି।



ପୁରସ୍କାର ସହ ଜିମ୍ନାଷ୍ଟିକ୍ସ ହାଇପରଫର୍ମାନ୍ସ ସେଣ୍ଟରର ଜିମ୍ନାଷ୍ଟମାନେ।

Printed and Published by Adyasha Satpathy on behalf of Navajat Printers & Media Pvt. Ltd.& Printed at Navajat Printers, B/4, Bareipali, Sambalpur, Editor - Tathagata Satpathy ସମ୍ପାଦକ–ତଥାଗତ ସତପଥୀ